

ଆଜିଠୁ
ସୁପର୍ ୮ ମୁକାବିଲା
▶ପୃଷ୍ଠା ୧୨ ଦେଖନ୍ତୁ...

• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ THE SAKALA

PRINTED AT BHUBANESWAR ▪ JEYPORE ▪ SAMBALPUR ▪ PANIKOILI

•VOLUME- 43 •ISSUE-236 •SATURDAY •21 FEBRUARY 2026 •PAGE-12 •₹ 7.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୨୩୬ •ଶନିବାର •୨୧ ଫେବୃଆରୀ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦


# ବିକାଶ ସ୍ୱପ୍ନ; ଋଣ ଭରସା

## ୩ ଲକ୍ଷ ୧୦ ହଜାର କୋଟିର ବଜେଟ ବାଢ଼ିଲେ ମୋହନ ସରକାର

▪ ଭୁବନେଶ୍ୱର, ୨୦।୨ (ସମିସ): ଆସନ୍ତା ୨୦୨୬-୨୭ ଆର୍ଥିକ ବର୍ଷ ଲାଗି ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥାପନ କରିଛନ୍ତି ୩ ଲକ୍ଷ ୧୦ ହଜାର କୋଟିର ବଜେଟ୍। ୨୦୨୫-୨୬ ଆର୍ଥିକ ବର୍ଷରେ ସରକାର ୨.୯ ଲକ୍ଷ କୋଟି ଟଙ୍କାର ବଜେଟ୍ ଉପସ୍ଥାପନ କରିଥିଲେ। ସେହି ତୁଳନାରେ ଆଗାମୀ ଆର୍ଥିକ ବର୍ଷର ବଜେଟ୍ ୬.୯ ପ୍ରତିଶତ ବୃଦ୍ଧି ପାଇଛି। ଆଗାମୀ ଆର୍ଥିକ ବର୍ଷରେ ରାଜ୍ୟ ସରକାର ଟିକସ ଓ ଅଣ ଟିକସରୁ ୧.୪୧ ଲକ୍ଷ କୋଟି ଆୟ ଲକ୍ଷ୍ୟ ରଖିଛନ୍ତି। ସେହିପରି କେନ୍ଦ୍ରୀୟ ଅଂଶ ଓ ଅନୁଦାନ ବାବଦରେ ଯଥାକ୍ରମେ ୪୦୦୩୯.୫୪ କୋଟି ଓ ୬୭୪୬୦.୪୬ କୋଟି ଆୟ ହେବ ବୋଲି ଆଶା କରିଛନ୍ତି।

ଅନ୍ୟପକ୍ଷରେ ଆବଶ୍ୟକତା ଭରଣା ପାଇଁ ଆଗାମୀ ଆର୍ଥିକ ବର୍ଷ ୪୭୮୦୦ କୋଟି ଟଙ୍କା ଋଣ କରିବେ ଓ ପ୍ରୋଭିଡେଣ୍ଟ ଫଣ୍ଡ ଓ ଅନ୍ୟାନ୍ୟ ସୂତ୍ରରୁ ୧୩୦୦୦ ଟଙ୍କା, ଋଣ ଆଦାୟରୁ ୭୦୦ ଟଙ୍କା ପାଇବେ ବୋଲି ବଜେଟ୍‌ରେ କୁହାଯାଇଛି। ଅପରପକ୍ଷରେ ସରକାର ପେନସନ, ଦରମା ଓ ଅନ୍ୟାନ୍ୟ ରାଜସ୍ୱ ବ୍ୟୟବାବଦରେ ୧୯୧୩୦୦ କୋଟି ଟଙ୍କା ଖର୍ଚ୍ଚ କରିବେ। କ୍ୟାପିଟାଲ ସେକ୍ଟରରେ ୭୨୧୦୦ କୋଟି ବ୍ୟୟକରିବେ ଓ ପୂର୍ବ ଋଣର ସୁଧ ବାବଦରେ ୮୨୦୦ କୋଟି ଟଙ୍କା ପରିଶୋଧ କରିବେ। ଏହାବ୍ୟତୀତ ପୁରୁଣା ଋଣରୁ ୨୨ ୦୦୦ କୋଟି ପରିଶୋଧ କରିବେ। ଅନ୍ୟପକ୍ଷରେ ବିପର୍ଯ୍ୟୟ ପରିଚାଳନା ବାବଦରେ ୫୩୭୫ କୋଟି ଓ ଅନ୍ୟାନ୍ୟ ସ୍ଥାନାନ୍ତରଣ ବାବଦରେ ୧୦୬୨୫ କୋଟି ବ୍ୟୟ କରିବେ।

ଦୀର୍ଘ ୨ ଘଣ୍ଟାର ଅଭିଭାଷଣରେ ମୁଖ୍ୟମନ୍ତ୍ରୀ ଚଳିତ ବଜେଟ୍‌ରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ପାଇଁ ୪୨,୪୯୨ କୋଟି ଟଙ୍କା ବରାଦ କରିଛନ୍ତି। ଧାନ କିଣା ବାବଦରେ ୬ ହଜାର ୮୮ କୋଟି ଟଙ୍କା ବ୍ୟବସ୍ଥା ରଖିଛନ୍ତି। ପୁନଶ୍ଚ ଯୋଗାଣ ବିଭାଗ ଅଧୀନରେ ୫ ହଜାର କୋଟି ଟଙ୍କାର ଏକ ଆବର୍ତ୍ତନ ପାଣ୍ଠି ଗଠନ ପାଇଁ ବଜେଟରେ ପ୍ରସ୍ତାବ ରହିଛି ଏବଂ ୩ ବର୍ଷ ମଧ୍ୟରେ ୧୧ ଲକ୍ଷ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଗୋଦାମ ଗୃହ ନିର୍ମାଣ ଲକ୍ଷ୍ୟ ରଖାଯାଇଛି। ସୁଭଦ୍ରା ଯୋଜନା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ହାତ ଖୋଲିଦେଇଛନ୍ତି। ଏହି ଯୋଜନାରେ ୧ କୋଟିରୁ ଅଧିକ ମହିଳାଙ୍କୁ ଉପକୃତ କରାଇବା ପାଇଁ ରାଜ୍ୟ ସରକାର ୨୦୨୬-୨୭ ପାଇଁ ୧୦ ହଜାର ୧୪୫ କୋଟି ଟଙ୍କା ବରାଦ କରିଛନ୍ତି। ଅନୁରୂପ ଭାବରେ 'ସୁଭଦ୍ରା ଶକ୍ତି ସମ୍ବାଦ' ନାମରେ ଏକ ନୂତନ ଯୋଜନା ପ୍ରଣୟନ ସହ ଏହା ଅଧୀନରେ ସୁଭଦ୍ରା ୱେଲ୍‌ନେସ୍ ସେଣ୍ଟର ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ହୋଇଛି। ଏହାବ୍ୟତୀତ ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ନାମରେ ଏକ ନୂତନ ଯୋଜନା ପ୍ରଣୟନ ପାଇଁ ପ୍ରସ୍ତାବ ରଖିଛନ୍ତି। ଏହି ଯୋଜନାରେ ଦୁର୍ବଳ ବର୍ଗର ପରିବାରରେ ଜନ୍ମ ହୋଇଥିବା ଝିଅଙ୍କ ନାମରେ ୨୦ ହଜାର ଟଙ୍କାର ଏକ ସଞ୍ଚୟ ଉପକରଣ ସୃଷ୍ଟି କରାଯିବ। ସ୍ନାତକ ଶିକ୍ଷା ଶେଷ ପରେ ଏହି ଯୋଜନାରେ ତାଙ୍କୁ ୧ଲକ୍ଷ ୧ ହଜାର ଟଙ୍କା ପ୍ରଦାନ କରାଯିବ।

ଗ୍ରାମାଞ୍ଚଳର ଉନ୍ନତି ପାଇଁ ବିଭିନ୍ନ ପ୍ରକଳ୍ପ ଓ ଯୋଜନା ପାଇଁ ୪୪ ହଜାର ୩୦୯ କୋଟି ଟଙ୍କାର ବ୍ୟାପକ ନିବେଶ ଲାଗି ମୁଖ୍ୟମନ୍ତ୍ରୀ ବଜେଟ୍‌ରେ ବ୍ୟବସ୍ଥା କରିଛନ୍ତି। ବିକଶିତ ଗାଁ ବିକଶିତ ଓଡ଼ିଶା ପାଇଁ ୨୦୦୦ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। କେନ୍ଦ୍ର ସରକାର ମନରେଗା ଆଇନ୍ ବଦଳରେ ▶ପୃଷ୍ଠା-୭



**କାର୍ଯ୍ୟକ୍ରମ ବ୍ୟୟ ୧.୮୦ ଲକ୍ଷ କୋଟି; ଋଣ ଓ ଅନୁଦାନ ଭରସାରେ ଯୋଜନା**

**୩ ବର୍ଷରେ ନିର୍ମାଣ ହେବ ୧୧ ଲକ୍ଷ ଟନ୍ କ୍ଷମତା ବିଶିଷ୍ଟ ଗୋଦାମ ଗୃହ**

**କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ ଓ ଝାରସୁଗୁଡ଼ାରେ ନୂତନ ବିଶ୍ୱବିଦ୍ୟାଳୟ**

**'ସୁଭଦ୍ରା' ପାଇଁ ୧୦୦୦୦ କୋଟି, ଗ୍ରାମାଞ୍ଚଳର ଉନ୍ନତି ପାଇଁ ୪୪୩୦୯ କୋଟି**

**୬ ଲକ୍ଷ ନୂତନ ହିତାଧିକାରୀଙ୍କୁ ଭତ୍ତା, ଗରିବ ଝିଅଙ୍କ ପାଇଁ 'କନ୍ୟା ସୁମଙ୍ଗଳ'**







### ନବୀନଙ୍କ ତୀକ୍ଷ୍ଣ କଟାକ୍ଷ

# ରୋଷେଇ ଘର ଖାଲି; ଖାଦ୍ୟ ତାଲିକା ଲମ୍ବା

▪ ଭୁବନେଶ୍ୱର, ୨୦।୨ (ସମିସ): ରାଜ୍ୟ ସରକାରଙ୍କ ବଜେଟ୍‌କୁ ଅତି ସଂକ୍ଷେପରେ ତୀକ୍ଷ୍ଣ କଟାକ୍ଷ କରିଛନ୍ତି ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ବଜେଟ ସମ୍ପର୍କରେ ପ୍ରତିକ୍ରିୟା ରଖି ନବୀନ କହିଛନ୍ତି ଯେ ରୋଷଘର ଶୂନ୍ୟ, ମାତ୍ର ଖାଦ୍ୟ ତାଲିକା ଲମ୍ବା। ସାଧାରଣତଃ ଲୋକେ ବ୍ୟଞ୍ଜନ ପ୍ରସ୍ତୁତି ସମୟରେ ରୋଷଘରେ ଥିବା ସାମଗ୍ରୀକୁ ନେଇ ବ୍ୟଞ୍ଜନ ସୂଚୀ ପ୍ରସ୍ତୁତ କରିଥାଆନ୍ତି। ମାତ୍ର ଯେଉଁଠି ରୋଷଘର ଖାଲି, ରୋଷଘରେ ବ୍ୟଞ୍ଜନ ସାମଗ୍ରୀ ନାହିଁ, ସେଠାରେ ଲମ୍ବା ଖାଦ୍ୟ ସୂଚୀର ଅର୍ଥ କ'ଣ ବୋଲି ପରୋକ୍ଷରେ ନବୀନ କହିଛନ୍ତି।

ଆଉ ଏକ ବଜେଟ୍ ଉପସ୍ଥାପନ କରିବା ପାଇଁ ଓଡ଼ିଶା ବିଜେପି ସରକାରଙ୍କୁ ଅଭିନନ୍ଦନ ଜଣାଇ ନବୀନ କହିଛନ୍ତି ଯେ ଡ଼ବଲ ଇଞ୍ଜିନ୍ ସରକାର ଓଡ଼ିଶାର ଜନସାଧାରଣଙ୍କ ହାତରେ ଜହ୍ନ ଦେବାର ପ୍ରତିଶ୍ରୁତି ଦେଇ ଏବେ ଓଲଟା ଦିଗରେ ନେଉଛନ୍ତି। ରାଜ୍ୟ ଏକ ନୂଆ ଯୁଗ ଦିଶାରେ ଗତି କରୁଛି, ଯେଉଁଠି ଜନ୍ମ ହେଉହେଉ ଓଡ଼ିଶାର ପ୍ରତ୍ୟେକ ଶିଶୁଙ୍କ ମୁଣ୍ଡରେ ୩୦ ହଜାର ଟଙ୍କାର ଋଣ ବୋଝ ପଡ଼ିବ। ଯେତେବେଳେ ବିଜେଡି ସରକାର ଦାୟିତ୍ୱ ଗ୍ରହଣ କଲେ, ସେତେବେଳେ ଋଣ ପରିଶୋଧ ପରେ ଲୋକଙ୍କ କଲ୍ୟାଣ ଓ ବିକାଶ ପ୍ରକଳ୍ପ ପାଇଁ କମ୍ ପାଣ୍ଠି ବଳକା ରହୁଥିଲା। ବର୍ଷ ବର୍ଷର ସୁଚିନ୍ତିତ ଯୋଜନା ଓ ସୁସଙ୍ଗତ ବିତ୍ତୀୟ ପରିଚାଳନା ଦ୍ୱାରା ଆମେ ▶ପୃଷ୍ଠା-୭



**ଜହ୍ନର ପ୍ରତିଶ୍ରୁତି ଦେଇ ଅନ୍ଧାର ଯୁଗକୁ ନେଉଛନ୍ତି ରାଜ୍ୟ ସରକାର**

**ପ୍ରତ୍ୟେକ ନବଜାତ ଶିଶୁ ମୁଣ୍ଡରେ ପଡ଼ିବ ୩୦ ହଜାର ଟଙ୍କାର ଋଣ**

**ରାଜ୍ୟ ଉପରେ ବଢ଼ିବ ଆର୍ଥିକ ଚାପ, ପଥଭ୍ରଷ୍ଟ ହେବ ଜନକଲ୍ୟାଣ**

# ବୃତ୍ତି ଟିକସ ପ୍ରତ୍ୟାହୃତ

## ଏପ୍ରିଲ ପହିଲାରୁ ହେବ ଲାଗୁ

▪ ଭୁବନେଶ୍ୱର, ୨୦।୨ (ସମିସ): ଚଳିତଥର ବଜେଟ୍‌ରେ ରାଜ୍ୟ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ବୃତ୍ତି ଟିକସ (ପ୍ରଫେସନାଲ ଟ୍ୟାକ୍ସ)କୁ ସଂପୂର୍ଣ୍ଣ ପ୍ରତ୍ୟାହାର କରିଛନ୍ତି। ଫଳରେ ବୃତ୍ତିଧାରୀମାନଙ୍କୁ ବର୍ଷକୁ ଦେଉଥିବା ୨୫୦୦ ଟଙ୍କାର ଟିକସ ଆଉ ଦେବାକୁ ପଡ଼ିବ ନାହିଁ। ବୃତ୍ତି ଟିକସ ଉଚ୍ଛେଦ ପ୍ରସ୍ତାବ ଆସନ୍ତା ଏପ୍ରିଲ ପହିଲାରୁ କାର୍ଯ୍ୟକାରୀ ହେବ। ଏହି ପ୍ରସ୍ତାବ କାର୍ଯ୍ୟକାରୀ ହେବା ଦ୍ୱାରା ରାଜ୍ୟ ସରକାର ବାର୍ଷିକ ପ୍ରାୟ ୩୨୦ କୋଟି ଟଙ୍କାର ରାଜସ୍ୱ ହରାଇବେ। ଏଠାରେ ସୂଚନାଯୋଗ୍ୟ, ପ୍ରାକ୍-ବଜେଟ୍ ବୈଠକରେ ଅର୍ଥନୀତି କ୍ଷେତ୍ରର ବିଶେଷଜ୍ଞ ଏବଂ ବିଭିନ୍ନ ସଂଗଠନଗୁଡ଼ିକ ବୃତ୍ତି ଟିକସ ହଟାଇବାକୁ ଦାବି କରିଥିଲେ। ସେମାନେ ଯୁକ୍ତି କରିଥିଲେ ଯେ ସମାନ କରଦାତା ଦୁଇ ଥର କର ଭାରର ପରିସ୍ଥିତି ସମ୍ମୁଖୀନ ହେଉଛନ୍ତି। ଯେହେତୁ ବୃତ୍ତି ଉପରେ ଟିକସ ଅସୁଲ ଏକ ଟିକସ, ତାହା କରଦାତାଙ୍କଠାରୁ ଅସୁଲ କରାଯାଉଛି। ଏହାସହ ସେହି କରଦାତାଙ୍କଠାରୁ ଆୟକର ପୃଥକ୍ ଭାବେ ଆଦାୟ କରାଯାଉଛି। ତେଣୁ ଏହାକୁ ବିଚାରକୁ ନେଇ ରାଜ୍ୟ ସରକାର ବଜେଟ୍‌ରେ ବୃତ୍ତି ଟିକସକୁ ହଟାଇ ଦେଇଛନ୍ତି।

# କୃଷି ବ୍ୟୟବରାଦ ମାତ୍ର ୬୮ ଲକ୍ଷ ବୃଦ୍ଧି

▪ ଭୁବନେଶ୍ୱର, ୨୦।୨ (ସମିସ): ରାଜ୍ୟରେ ଧାନକିଣା ଓ କୃଷକଙ୍କ ବିଭିନ୍ନ ସମସ୍ୟାକୁ ନେଇ ରାଜ୍ୟବ୍ୟାପୀ ପ୍ରତିବାଦ ଜାରି ରହିଛି। ମଣ୍ଡିରେ ମାଳମାଳ ସମସ୍ୟା, ଚାଷୀଙ୍କ ଧାନ କିଣିବାକୁ ନେଇ ସରକାରଙ୍କ ଅସ୍ପଷ୍ଟ ନୀତିକୁ ନେଇ ସରକାରଙ୍କୁ ସାଧାରଣରେ ସମାଲୋଚନା କରାଯାଉଛି। ଏହି ପ୍ରସଙ୍ଗକୁ ନେଇ ଚାଷୀ ସଂଗଠନ ଓଡ଼ିଶା ବନ୍ଦ ଡ଼ାକରା ଦେଇଛି। ବିଧାନସଭାରେ ଏହି ପ୍ରସଙ୍ଗ ପ୍ରତିଧ୍ୱନିତ ହୋଇଛି ଓ ଗଲା ୩ ଦିନ ଧରି ବିରୋଧୀ ଗୃହ ଚଳାଇ ଦେଉନାହାନ୍ତି। ଏହି ସମୟରେ ଶୁକ୍ରବାର ବିଧାନସଭାରେ ଉପସ୍ଥାପିତ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପାଇଁ ବଜେଟ୍ ବରାଦ ସାଧାରଣ ଲୋକ ଓ ରାଜ୍ୟର ଅର୍ଥନୀତିଜ୍ଞଙ୍କୁ ବିସ୍ମିତ କରିଛି। କୃଷି ବିଭାଗ ରାଜ୍ୟର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ବିଭାଗ। ସେଥିପାଇଁ ପୂର୍ବ ବିଜେଡି ସରକାର ସମୟରେ ସ୍ୱତନ୍ତ୍ର କୃଷି ବଜେଟ୍ ଆଗତ ହେଉଥିଲା। ମାତ୍ର ସରକାର ବଦଳିବା ସହ କୃଷକଙ୍କ ପ୍ରତି ସରକାରଙ୍କ ଆଭିମୁଖ୍ୟ ବି ବଦଳି ଯାଇଥିବା ଅଭିଯୋଗ ହୋଇଛି। ବର୍ଷକ ମଧ୍ୟରେ ବଜେଟ ବରାଦ ୨୦ ହଜାର କୋଟି ଟଙ୍କା ବୃଦ୍ଧି କରିଥିବା ବେଳେ କୃଷି ବିଭାଗ ବ୍ୟୟ ଅଟକଳ ମାତ୍ର ୬୮ ଲକ୍ଷ ଟଙ୍କା ଅଧିକ କରାଯିବା ସାଧାରଣରେ ଆଲୋଚନାର ପ୍ରସଙ୍ଗ ହୋଇଛି।

ସୂଚନାଯୋଗ୍ୟ ଯେ ୨୦୨୫-୨୬ ଆର୍ଥିକ ବର୍ଷରେ ରାଜ୍ୟ ସରକାର କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପାଇଁ ବଜେଟରେ ୧୪୭୦୦.୭୧ କୋଟି ଟଙ୍କାର ବ୍ୟବସ୍ଥା କରିଥିଲେ। ତେବେ ୨୦୨୬-୨୭ ▶ପୃଷ୍ଠା-୭

**ପ୍ରଥମଥର ୧୦ ହଜାର କୋଟି ଟପିଲା ଅବକାରୀ ରାଜସ୍ୱ ଆଦାୟ ଲକ୍ଷ୍ୟ**

**ଚଳିତ ବର୍ଷଠାରୁ ପ୍ରାୟ ୧୧୦୦ କୋଟି ଅଧିକ ଟିକସ ଆଦାୟ ଯୋଜନା**

## ୧୬ ନୂଆ କାର୍ଯ୍ୟକ୍ରମ

ଭିବି ଜି ରାମ ଜି ॥ ସମୃଦ୍ଧ ଅଙ୍ଗନବାଡି ଯୋଜନା ॥ ମଡେଲ ମଣ୍ଡି ॥ ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା ॥ ମୁଖ୍ୟମନ୍ତ୍ରୀ ସ୍ମାର୍ଟ ସିଟି ମିଶନ ॥ ୱାର୍ଲଡ ଗ୍ରେନ ଷ୍ଟୋରେଜ ପ୍ଲାନ ॥ ରେଆର ଆର୍ଥ କରିଡର ॥ ଷ୍ଟେଟ ଇନ୍‌ଷ୍ଟିଟ ଅଫ ଟ୍ରାନ୍ସଫର୍‌ମେଟିଭ ଇନିସିଏଟିଭ ॥ ବିଚ୍ଛିନ୍ନଅଞ୍ଚଳକୁ ଯୋଗାଯୋଗ ॥ ଜଗନ୍ନାଥ ଇଣ୍ଟରପ୍ରିଟେସନ ସେଣ୍ଟର ॥ ୱାର୍ଲଡ ଟୁରିଜିମ ସେଣ୍ଟର (ପୁରୀ) ॥ ଷ୍ଟେଟ ଏଆଇ ମିଶନ ॥ ଟୁରିଜିମ ଲାଣ୍ଡ ବ୍ୟାଙ୍କ ସ୍କିମ ॥ ଡାଲଖାଇ ॥ ମୁଖ୍ୟମନ୍ତ୍ରୀ ଅର୍ଥ ପରାମର୍ଶଦାତା ପରିଷଦ ॥ ଫିଟ୍ ଓଡ଼ିଶା ମିଶନ

### ପଶ୍ଚିମବଙ୍ଗ ଏସ୍ଆଇଆର୍‌କୁ ନେଇ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

# ନ୍ୟାୟିକ ଅଧିକାରୀ ନିଯୁକ୍ତି କରିବେ କଲକତା ହାଇକୋର୍ଟ

▪ ନୂଆଦିଲ୍ଲୀ, ୨୦।୨ (ଏଜେନ୍ସି): ସ୍ପେସିଆଲ ଇଣ୍ଟେନସିଭ ରିଭିଜନ (ଏସଆଇଆର)କୁ ପଶ୍ଚିମବଙ୍ଗ ଏବଂ ନିର୍ବାଚନ କମିଶନ (ଇସି)ଙ୍କ ମଧ୍ୟରେ ବିବାଦ ଜାରି ରହିଛି। ସୁପ୍ରିମକୋର୍ଟରେ ଉଭୟ ପକ୍ଷଙ୍କ ମଧ୍ୟରେ କଥା କଟାକଟି ଜାରି ରହିଛି। ରାଜ୍ୟ ସରକାର ଏବଂ ଇସି ପରସ୍ପର ଉପରେ ଦୋଷ ଲଦି ଚାଲିଛନ୍ତି। ଏପରି ସ୍ଥଳେ ସର୍ବୋଚ୍ଚ ନ୍ୟାୟାଳୟ ଶୁକ୍ରବାର ଅସାଧାରଣ ନିର୍ଦ୍ଦେଶ ଜାରି କରିଛନ୍ତି। ଏସ୍ଆଇଆର ପ୍ରକ୍ରିୟାରେ ସହଯୋଗ କରିବା ପାଇଁ କଲକତା ହାଇକୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନ୍ୟାୟିକ ଅଧିକାରୀ ନିଯୁକ୍ତି କରିବା ପାଇଁ ମୁଖ୍ୟ ବିଚାରପତି ସୁଜୟ ପାଲଙ୍କୁ କହିଛନ୍ତି। ଏଥିପାଇଁ ବର୍ତ୍ତମାନର ଏବଂ ପୂର୍ବତନ ଜିଲ୍ଲା ଜଜ୍ ମୁତୟନ ହେବେ। ଏମାନେ ଏସଆଇଆର ଦାବି ଏବଂ ଅଭିଯୋଗର ସମାଧାନ କରିବେ। ସେହିପରି ରାଜ୍ୟର ମୁଖ୍ୟ ସଚିବ, ଡିଜିପି ଏବଂ ▶ପୃଷ୍ଠା-୭



**ମୁଖ୍ୟ ସଚିବ, ଡିଜିପି ଓ ଇସି ଅଧିକାରୀଙ୍କ ବୈଠକ ଡାକିବେ ହାଇକୋର୍ଟ**

**ସରକାର ଓ ଇସିଙ୍କ ମଧ୍ୟରେ ବିଶ୍ୱସନୀୟତା ନାହିଁ**

**ଅସହଯୋଗ ପାଇଁ ରାଜ୍ୟ ସରକାରଙ୍କୁ ଭର୍ତ୍ସନା କଲେ ସିଜେଆଇ**

# ଟ୍ରମ୍ପଙ୍କୁ ଝଟ୍‌କା: ଟାରିଫ୍ ରଦ୍ଦ କଲେ ଆମେରିକା ସୁପ୍ରିମକୋର୍ଟ

## ରାଷ୍ଟ୍ରପତିଙ୍କର ନାହିଁ ଟାରିଫ୍ ଲଗାଇବାର କ୍ଷମତା

▪ ୱାଶିଂଟନ, ୨୦।୨ (ଏଜେନ୍ସି): ମନଇଚ୍ଛା ଶୁଳ୍କ ଲଗାଇ ବିଶ୍ୱରେ ଅସ୍ଥିରତା ସୃଷ୍ଟି କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ 'ସୁପ୍ରିମ' ପ୍ରହାର ବାଜିଛି। ବିଶ୍ୱବ୍ୟାପୀ ଟ୍ରମ୍ପ ଲଗାଇଥିବା ଶୁଳ୍କ ତଥା ଟାରିଫକୁ ଶୁକ୍ରବାର ଆମେରିକାର ସର୍ବୋଚ୍ଚ ଅଦାଲତ ରଦ୍ଦ କରିଦେଇଛନ୍ତି। ଅନ୍ୟ ଦେଶ ଉପରେ ଲଗା ଯାଇଥିବା ଏହି ଶୁଳ୍କକୁ ବେଆଇନ ଦର୍ଶାଇବା ସହିତ ଶୁଳ୍କ ଲଗାଇବାର କୌଣସି ଅଧିକାର ରାଷ୍ଟ୍ରପତିଙ୍କର ନାହିଁ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ତେବେ ଶୁଳ୍କ ଲଗା ଯାଇଥିବା ସବୁ ଦେଶ ସହ ଆମେରିକା ଯୁଦ୍ଧରେ ଲିପ୍ତ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏହି ଶୁଳ୍କର ପରିସର, ସମୟ ଏବଂ ପରିମାଣର ମଧ୍ୟ କୌଣସି ସୀମା ନାହିଁ। କଂଗ୍ରେସ କ୍ଷମତା ଦେବା ପରେ ଯାଇ ସତର୍କତାର ସହ ଏଭଳି ଶୁଳ୍କ ଲଗାଇବାର ଥିଲା; ମାତ୍ର ରାଷ୍ଟ୍ରପତି ଲଗାଇଥିବା ଶୁଳ୍କରେ ଏଭଳି କିଛି କରାଯାଇ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଅନ୍ୟପଟେ ଶୁଳ୍କ ଉପରେ ସୁପ୍ରିମକୋର୍ଟ ଦେଇଥିବା ରାୟକୁ ରାଷ୍ଟ୍ରପତି ଟ୍ରମ୍ପ ସମାଲୋଚନା କରିଛନ୍ତି। ଏହା ଉପରେ ଅସନ୍ତୋଷ ପ୍ରକାଶ କରି ମୋ ପାଖରେ 'ବ୍ୟାକଅପ୍ ପ୍ଲାନ' ତଥା ଅନ୍ୟ ଯୋଜନା ଅଛି ବୋଲି ଟ୍ରମ୍ପ କହିଛନ୍ତି।

ଜରୁରୀକାଳୀନ ସାମ୍ବିଧାନିକ କ୍ଷମତାର ବ୍ୟବହାର କରି ଟ୍ରମ୍ପ ଏହି ଶୁଳ୍କ ଲଗାଇ ଥିଲେ। ଏହି କ୍ଷମତା କେବଳ ଜରୁରୀ ସ୍ଥିତି ସମୟରେ ବ୍ୟବହାର କରିବା ପାଇଁ ଉଦ୍ଦିଷ୍ଟ ଥିଲା। ଏହି ପରିପ୍ରେକ୍ଷୀରେ ଶୁଳ୍କ ଉପରେ ସୁପ୍ରିମକୋର୍ଟଙ୍କ ଆସନ୍ନ ରାୟକୁ ନେଇ ଟ୍ରମ୍ପ ମଧ୍ୟ ଭୟଭୀତ ଥିଲେ। ଯଦି ମାମଲା ହାରିଯାଏ, ତେବେ ଦେଶ ବର୍ବାଦ ହୋଇଯିବ କହି ଟ୍ରମ୍ପ ସୁପ୍ରିମକୋର୍ଟଙ୍କ ଉପରେ ଚାପ ପ୍ରୟୋଗ କରିବାକୁ ପ୍ରୟାସ କରିଥିଲେ। କିନ୍ତୁ କୋର୍ଟଙ୍କ ଏହି ନିଷ୍ପତ୍ତି ରାଷ୍ଟ୍ରପତିଙ୍କ ଆର୍ଥିକ ନୀତି ପାଇଁ ଶକ୍ତ ଚାପୁଡ଼ା ସଦୃଶ ହୋଇଛି।

ସୂଚନାଯୋଗ୍ୟ ଯେ ଗତ ବର୍ଷ ଏପ୍ରିଲରେ ଟ୍ରମ୍ପ ରାଷ୍ଟ୍ରୀୟ ସୁରକ୍ଷାକୁ ଆଧାର କରି ବିଶ୍ୱର ଅନେକ ଦେଶରୁ ଆମେରିକାକୁ ଆସୁଥିବା ସାମଗ୍ରୀ ଉପରେ ଶୁଳ୍କ ଲଗାଇଥିଲେ। ମାତ୍ର ଟ୍ରମ୍ପ ଏହି ଶୁଳ୍କ ପାଇଁ ବ୍ୟବହାର କରିଥିବା ନିୟମକୁ ନେଇ ବିବାଦ ଆରମ୍ଭ ହୋଇଥିଲା। ସେ ଇଣ୍ଟରନ୍ୟାସନାଲ ଏମର୍ଜେନ୍ସି ଇକୋନମିକ୍ ପାୱାର୍ସ ଆକ୍ଟ (ଆଇଇଇପିଏ) ବ୍ୟବହାର କରି ଶୁଳ୍କ ଲଗାଇ ଥିଲେ। ଏହି ଆଇନ ୧୯୭୭ର। ଦେଶ ପ୍ରତି ଗମ୍ଭୀର ବିପଦ କିମ୍ବା ଯୁଦ୍ଧ ଭଳି ସ୍ଥିତି, ବିଦେଶୀ ଶତ୍ରୁ ଦ୍ୱାରା ବଡ଼ ଆର୍ଥିକ ବିପଦ ଦେଖାଗଲେ, ଅନ୍ତର୍ଜାତୀୟ ସଙ୍କଟ ସମୟରେ ଏହାକୁ ବ୍ୟବହାର କରାଯାଇଥାଏ। ▶ପୃଷ୍ଠା-୭

**ଟାରିଫ୍ ଲଗାଇବା ପୂର୍ବରୁ ନିଆଯାଇନି କଂଗ୍ରେସର ଅନୁମତି**

**ଭାରତ ଉପରେ ଲଗାଯାଇଥିବା ୧୮ ପ୍ରତିଶତ ଶୁଳ୍କ ରଦ୍ଦ**

**ରାୟକୁ ଟ୍ରମ୍ପଙ୍କ ସମାଲୋଚନା: 'ବ୍ୟାକଅପ୍ ପ୍ଲାନ' ଅଛି**



## ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଯାପିତ



ବିଷମ କଟକ, ୨୦।୨(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକର ସ୍ଥାନୀୟ ମା' ମାର୍କମା ଯୁକ୍ତ +୩ ମହାବିଦ୍ୟାଳୟରେ ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । ମା' ମାର୍କମା ଯୁକ୍ତ +୩ ମହାବିଦ୍ୟାଳୟ ପରିସରରେ ଗତ ୧୧ ତାରିଖରୁ ଏହି ଆତ୍ମରକ୍ଷା କୌଶଳ ତାଲିମ ଶିବିର ଆରମ୍ଭ ହୋଇ ୨୦ ତାରିଖ ପର୍ଯ୍ୟନ୍ତ ୧୦ ଦିନ ବ୍ୟାପି ଚାଲିଥିଲା । କାର୍ଯ୍ୟକ୍ରମରେ ବିଷମ କଟକ ଥାନା ଅଧିକାରୀ ସମର୍ପିତା ସ୍ୱାଇଁ ଯୋଗ ଦେଇ ସାରା ଦେଶରେ ନାରୀ ନିର୍ଯାତନା ବୃଦ୍ଧି ପାଉଛି । ତେଣୁ ନାରୀ ମାନଙ୍କୁ ନିଜ ସୁରକ୍ଷା ନିଜେ କରିବାର କୌଶଳ ଶିକ୍ଷା ଦେବା ନିତ୍ୟାନ୍ତ ଜରୁରି । ତେଣୁ ସାମ୍ପ୍ରତିକ ପରିସ୍ଥିତିରେ ଛାତ୍ରୀମାନଙ୍କ ଆତ୍ମରକ୍ଷା କୌଶଳ ଶିକ୍ଷା ଗ୍ରହଣ କରିବା ନିତ୍ୟାନ୍ତ ଆବଶ୍ୟକତା ରହିଛି । ଏହି କୌଶଳ ସଦୁପଯୋଗ କରିବା ପାଇଁ ଛାତ୍ରୀମାନଙ୍କୁ ଉତ୍ସାହିତ କରାଯାଇଥିଲା । କାର୍ଯ୍ୟକ୍ରମରେ ମାଷ୍ଟର ଟ୍ରେନର ଭାବେ ଚାନ୍ଦିନି ପାତ୍ର ମହାବିଦ୍ୟାଳୟର ୧୧୭ଜଣ ଛାତ୍ରୀଙ୍କୁ ତାଲିମ ପ୍ରଦାନ କରିଛନ୍ତି । ତାଲିମ ପାଇଥିବା ଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥି ମାନପତ୍ର ପ୍ରଦାନ କରିଛନ୍ତି । ଏ ଅବସରରେ ମହାବିଦ୍ୟାଳୟ ଅଧକ୍ଷ ଡ.ଅଶ୍ୱିନି କୁମାର ପଣ୍ଡା, ଅଧ୍ୟାପକ ସଂଜୟ ତ୍ରିପାଠୀ, ପ୍ରିତିରଂଜନ ବାରିକ, ଅଧ୍ୟାପିକା ତୃପ୍ତିମୟୀ ଦଣ୍ଡସେନା ପ୍ରମୁଖ ମଞ୍ଚାସୀନ ଥିଲେ । ଅଧ୍ୟାପିକା ଦୀପ୍ତିରଣୀ ମିଶ୍ର କାର୍ଯ୍ୟକ୍ରମଟିକୁ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# ନଦୀ କଡ଼ ପଥର ପ୍ୟାକିଂ ଭୁଶୁଡୁଛି, ଚିନ୍ତାରେ ସହରବାସୀ

ରାୟଗଡ଼ା,୨୦।୨(ସମିସ): ରାୟଗଡ଼ା ଜିଲ୍ଲାର ଚିରସ୍ରୋତା ନାଗାବଳୀ ନଦୀ ତଟରେ ଥିବା ରାୟଗଡ଼ା ସହରର ସ୍ଥିତି କଣ ରହିଛି ବୋଲି ଚାଲିଥିବା ବିଧାନସଭାରେ ଫେବୃଆରୀ ୧୯ ତାରିଖ ତାରକା ପ୍ରଶ୍ନ ସଂଖ୍ୟା ୪୫ରେ ଜଳସଂପଦ ମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝିଙ୍କୁ ପ୍ରଶ୍ନ କରିଥିଲେ ରାୟଗଡ଼ାବିଧାୟକ କାଡ୍ରକା ଆପଲାସ୍ୱାମୀ । ରାୟଗଡ଼ା ସହରର ଉପକଣ୍ଠରେ ହାତୀ ପଥର ନିକଟରେ ନାଗାବଳୀ ନଦୀ ଗତିପଥ ବଦଳାଇବା ପରେ କୂଳରେ ଥିବା ରାୟଗଡ଼ା ସହରର ସ୍ଥିତି କଣ ରହିଛି ,କୂଳରେ ଗଢିଉଠିଥିବା ସହରର ତଳ ମାଟି ସ୍ଥିତି କେବେ ଅନୁଧ୍ୟାନ କରାଯାଇଛି କି, ସହର ଭିତର ମାଟି ତଳେ ନଦୀ ଜଳ ପ୍ରବାହିତ ହେଉନାହି ତ, ନଦୀ ତଳର ମାଟି ତଳେ କୋରଡ ହୋଇ ନାହିଁ ତ ବୋଲି ପ୍ରଶ୍ନ ବିଧାୟକ ରଖିଥିଲେ । ଯଦି ଏହାର କୌଣସି ସର୍ଭେ କରାଯାଇଛି, ତେବେ ଏ ସଂପର୍କୀତ ତଥ୍ୟ ପ୍ରଦାନ କରିବା ଏବଂ ଯଦି କରାଯାଇନାହିଁ ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ସର୍ଭେ ନେଇ କୌଣସି ଯୋଜନା କରିଛନ୍ତି କି ବୋଲି ପ୍ରଶ୍ନ କରିଛନ୍ତି । ଯାହାର ଉତ୍ତରରେ ଜଳସମ୍ପଦ ମନ୍ତ୍ରୀ ଶ୍ରୀ ମାଝି ହାତୀ ପଥର ନିକଟରେ ନଦୀ ଗତିପଥ ପରିବର୍ତ୍ତନ କରିବା ପରେ କୂଳସଂଲଗ୍ନ ରାୟଗଡ଼ା ସହରର କେତେକ ସ୍ଥାନରେ କୂଳ କ୍ଷୟ ହେବାର ଦୃଷ୍ଟିଗୋଚର ହୋଇଥିବା ଉତ୍ତରରେ



ପ୍ରକାଶ କରିଛନ୍ତି । ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି କୋଣ୍ଡାତୁମ୍ବିଗୁଡା, ତୁମ୍ବିଗୁଡା, ଜେକେପୁର, କୋତାପେଟା, ମାଲିଗାଁ ଓ ମାରିଗୁଡା ଠାରେ ବନ୍ୟା ନିୟନ୍ତ୍ରଣ ଓ କୂଳ ସୁରକ୍ଷା ସମ୍ବନ୍ଧୀୟ ପ୍ରତିରୋଧକ କାର୍ଯ୍ୟ ଯଥା ପଥର ପାକିଂ ଏବଂ ପଥର ଡପିଙ୍ଗ କାର୍ଯ୍ୟ ସଂପାଦିତ ହୋଇଥିବା ବେଳେ ରାୟଗଡ଼ା ନିକଟରେ ନାଗାବଳୀ ନଦୀର ଅସୁରକ୍ଷିତ ପ୍ୟାଚ ପାଇଁ ମାରିଗୁଡା ନିକଟସ୍ଥ ନାଗାବଳୀ ନଦୀର ବାମ କୂଳରେ ବନ୍ୟା ସୁରକ୍ଷା କାର୍ଯ୍ୟ (ରିଟେନିଙ୍ଗ ୱାଲ) ନିମନ୍ତେ ୬୭୭ ଲକ୍ଷ ଟଙ୍କାରେ ୪୬୫ମିଟରର କାର୍ଯ୍ୟ ଚାଲିଥିବା, କୋଣ୍ଡାତୁମ୍ବିଗୁଡା ଠାରେ ଡାହାଣ ପାଶ୍ୱର୍ରେ ବନ୍ୟା ସୁରକ୍ଷା କାର୍ଯ୍ୟ (ଡଫିଂ) ନିମନ୍ତେ ୪୨.୨୯ ଲକ୍ଷ ବ୍ୟୟରେ ୧୫୦ ମିଟର ଏବଂ ତୁମ୍ବିଗୁଡା ଠାରେ ନଦୀ କୂଳରେ ୪୯.୬୮ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୧୬୦ମିଟରର ଡଫିଂ କାର୍ଯ୍ୟ ଚାଲୁଥିବା ଉତ୍ତର ରଖିଛନ୍ତି ଜଳସଂପଦ ମନ୍ତ୍ରୀ ଶ୍ରୀ ମାଝି । ତେବେ ନାଗାବଳୀ ନଦୀର କରାଳ ରୂପ ତଥା ପ୍ରଖର ସ୍ରୋତରେ ନିକଟରେ କଲ୍ୟାଣସିଙ୍ଗପୁର ବ୍ଲକରେ ନଦୀ ତଟବର୍ତ୍ତୀ ଅଞ୍ଚଳରେ ପଥର ପ୍ୟାକିଂ ଓ ଡଫିଂ କାର୍ଯ୍ୟ ଅତି ନିମ୍ନମାନର ହୋଇଥିବାରୁ ତାହା ଛଅ ମାସ ନ ବିତୁଣୁ ଭୁଶୁଡ଼ି ପଡିଛି । ତଥାପି ଏ ନେଇ ଜଳସଂପଦ ବିଭାଗ ଦ୍ୱାରା ପରିଚାଳିତ ବିଭାଗ କୌଣସି ପଦକ୍ଷେପ ନେଉ ନ ଥିବାରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି । ରାୟଗଡା ସଦର ବ୍ଲକ ଅନ୍ତର୍ଗତ ନାଗାବଳି ନଦୀ ତଟର ସାନ ଓ ବଡ଼ ରାଇସିଂ, ଗୁରୁରାଜଗୁଡା ଭଳି ଗାଁ ଗୁଡିକୁ ବନ୍ୟା ନିୟନ୍ତ୍ରଣ ସୁରକ୍ଷା ପଥର ପ୍ୟାକିଙ୍ଗ କାର୍ଯ୍ୟ ମଧ ଭୁଶୁଡି ପଡି ନଦୀ ଗର୍ଭରେ ମିଶି ସାରି ଥିବା ବେଳେ କଲ୍ୟାଣସିଙ୍ଗପୁର ସହରର ଗୌଡ଼ ସାହି ଠାରୁ ମେଡିକଲ ଛକ ବୁଲାଣି ଓ ମାଳିତୀ ସାହି ଠାରୁ କଣ୍ଡା ସାହି ପଛପଟ ନିକଟସ୍ଥ ନାଗାବଳୀ ନଦୀ କୂଳରେ ଜଳସଂପଦ ବିଭାଗ ପକ୍ଷରୁ ପ୍ରାୟ ୬କୋଟି ଟଙ୍କାରୁ ଅଧିକ ବ୍ୟୟରେ ପଥର ପେକିଙ୍ଗ କାର୍ଯ୍ୟ ଗତ ବର୍ଷ କରାଯାଇଥିବା ବେଳେ ଏହି କାର୍ଯ୍ୟ ଅତି ନିମ୍ନମାନର ହେଉଥିବା ନେଇ ଉକ୍ତ ସମୟରେ ଗ୍ରାମବାସୀମାନେ ଅଭିଯୋଗ କରିଥିଲେ । ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ପଥର ପ୍ୟାକିଂ ନାଗାବଳୀ ନଦୀର ପ୍ରଖର ସ୍ରୋତରେ ଭାସି ଯାଉଥିବା ବେଳେ ନାଗାବଳୀ ନଦୀର ପ୍ରଖର ସ୍ରୋତରେ ନଦୀ କୂଳବର୍ତ୍ତୀ ମାରିଗୁଡା ଏବଂ ଅଂଟାରୀଗୁଡା ସମେତ ରାୟଗଡ଼ା ସହରକୁ ଏହା ଆଗାମୀ ଭବିଷ୍ୟତରେ ବିପଦକୁ ଟାଣି ଆଣୁଥିବା ଏକ ସଙ୍କେତ ଦେଲାଣି ବୋଲି ବୁଦ୍ଧିଜୀବି ମହଲରେ ଚର୍ଚ୍ଚା ହେଉଛି ।

## ହୋଟେଲ ମାଲିକ ଅମର ସାହୁଙ୍କ ପରଲୋକ



ଜୟପୁର,୨୦।୨(ସମିସ): ଅବିଭକ୍ତ କୋରାପୁଟ ଜିଲ୍ଲା ତଥ ଜୟପୁର ସହରର ପ୍ରତିଷ୍ଠିତ ହୋଟେଲ ମାଲିକ ଅମର ସାହୁଙ୍କର ଆଜି ବିଶାଖପାଟଣା ସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ୭୯ ବର୍ଷ ବୟସରେ ପରଲୋକ ହୋଇଯାଇଛି । ଆଜି ପୂର୍ବାହ୍ନ ସାଢେ ଗୋଟାଏ ସମୟରେ ବିଶାଖପାଟଣା ଘରୋଇ ଚିକିତ୍ସାଳୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କୁ ଜୟପୁର ଅଣାଯାଇ ରାତିରେ ଅନ୍ତେଷ୍ଟିକ୍ରିୟା କରାଯିବ ବୋଲି ସୂଚନା ମିଳିଛି । ଗତ କିଛି ଦିନ ପୂର୍ବରୁ ଜୟପୁରର ଏକ ଗାଧୁଆ ଗୃହରେ ସେ ଖସି ପଡିଯାଇଥିଲେ । ଫଳରେ ମୁଣ୍ଡରେ ଆଘାତ ଲାଗିଥିଲା । ତାଙ୍କୁ ତୁରନ୍ତ ବିଶାଖପାଟଣା ଏକ ଘରୋଇ ଚିକିତ୍ସାଳୟକୁ ନିଆଯାଇ ଚିକିତ୍ସା କରାଯାଇଥିଲା । ମୁଖ କର୍କଟ ରୋଗରେ ଶୀକାର ହୋଇଥିଲେ ସୁଦ୍ଧା ସେଥିରୁ ସୁସ୍ଥ ହୋଇଥିଲେ । କିନ୍ତୁ ହଠାତ୍ ଏହିପରି ପଡିଯିବା ଯୋଗୁଁ ତାଙ୍କ ଅବସ୍ଥା ଗୁରୁତର ହୋଇଯାଇଥିଲା । ମୁଖ୍ୟତଃ ବିହାର ରାଜ୍ୟର ବାସିନ୍ଦା ହୋଇଥିଲେ ସୁଦ୍ଧା ଦୀର୍ଘ ୪୫ ବର୍ଷରୁ ଅଧିକ ସମୟ ହେଲା ସେ ଜୟପୁର ସହରରେ ରହି ଆସୁଥିଲେ । ପୁରାତନ ହୋଟେଲ ଅପସରାର ମାଲିକ ଏବଂ ଜଣେ ମିଷ୍ଟଭାଷୀ, ପରୋପକାରୀ ଭାବେ ତାଙ୍କର ପରିଚିତ ରହିଥିଲା । ତାଙ୍କର ମୃତ୍ୟୁ ଶଯ୍ୟା ନିକଟରେ ପତ୍ନୀ ପଦ୍ମା ସାହୁ, ପୁଅ ବିବେକ, ପୁତ୍ରବଧୁ ଏବଂ ପରିବାର ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ । ତାଙ୍କ ବିୟୋଗରେ ଜୟପୁର ସହର ସମେତ କୋରାପୁଟ ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି ।

# ଗୋଟିଏ ରାତିରେ ୩ ଦୁର୍ଘଟଣା, ୬ ଗୁରୁତର

କଲ୍ୟାଣସିଂହପୁର,୨୦।୨(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକରେ ପୃଥକ ପୃଥକ ତିନୋଟି ସ୍ଥାନରେ ଦୁର୍ଘଟଣାରେ ୬ ଗୁରୁତର ହୋଇ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି । କଲ୍ୟାଣସିଂହପୁର ବ୍ଲକରେ ଦେବଗିରି ଯାତ୍ରା ଦେଖି ଫେରୁଥିବା ବେଳେ ଉକ୍ତ ଦୁର୍ଘଟଣା ହୋଇଥିବା ଜଣାପଡିଛି । ରାତ୍ର ୮ଟା ସମୟରେ ଅଲଣ୍ଡା ଗ୍ରାମର ଶାଙ୍କାରାଓ କାଡ୍ରାକା (୪୫) ପିଲାଙ୍କୁ ଟିୟୁସନରୁ ଘରକୁ ନେବା ପାଇ ଆସି ରାସ୍ତା ପାଶ୍ୱର୍ରେ ବାଇକ୍ ରଖି ବସିରହିଥିବା ବେଳେ କାର୍ଯ୍ୟ



ସାରି ଘରକୁ ଆସୁଥିବା ଏଙ୍କେନା ବେନିଆ ବାଇକ୍‌କୁ ଧକ୍କା ଦେବାରୁ ଶଙ୍କାରାଓଙ୍କ ଗୋଡ଼ ଛିଣ୍ଡି ଯାଇଥିଲା । ସେହିପରି ରାତ୍ର ପ୍ରାୟ ୧୧ଟା ୩୦ ସମୟରେ ଯାତ୍ରା ଦେଖି ଏକ ବାଇକ୍‌ରେ ଦୁଇଜଣ ଶିପୁନ କଣ୍ଡାଗରୀ (୧୭) ଓ ହେମନ୍ତ କଣ୍ଡାଗରୀ (୧୮) ଯାଉଥିବା ବେଳେ ଭାରସାମ୍ୟ ହରାଇ ଶିରିପୁର ବିଦ୍ୟାଳୟ ନିକଟ ବୁଲାଣିରେ କାଟି ନ ପରି ସିଧା ଏକ ଝୋଲାରେ ପଡି ଗୁରୁତର ହୋଇଥିଲେ । ସେହିପରି ପାହାନ୍ତିଆ ୩ଟା ସମୟରେ କଲ୍ୟାଣସିଂହପୁର ଠାରୁ କିଛି ଦୂରରେ ଏକ ବୋଲେର ଓଡି ୦୨ଏ କେ ୭୯୫୩ ସହ ବାଇକ ଧକ୍କା ଦେବାରୁ ଦୁଇ ଜଣ ଶ୍ରୀଧର କାଶୀ (୧୭)ଓ ନୀଳକଣ୍ଠ କାଶୀ (୧୮) ବାଳକର ଗୋଡ଼ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ଏହି ମାନଙ୍କୁ କଲ୍ୟାଣ ସିଂହପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ଏ ମାନଙ୍କୁ ଡକ୍ଟର ସମ୍ୟରଞ୍ଜନ ମିଶ୍ର ପ୍ରାଥମିକ ଚିକିତ୍ସା କରି ରାୟଗଡା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିଲେ । ଅବସ୍ଥା ଗୁରୁତର ହୋଇଥିବାରୁ ବ୍ରହ୍ମପୁର ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଦେଇଥିବା ସୂଚନା ମିଳିଛି । ଏହାକୁ ନେଇ ପୁଲିସ ପକ୍ଷରୁ ପୃଥକ ପୃଥକ ମାମଲା ରୁଜୁ କରାଯାଇଥିବା ସୂଚନା ମିଳିଛି ।

## ମହୁମାଛି ଆକ୍ରମଣରେ ୨୦ ଆହତ

କୋରୁକୋଣ୍ଡା,୨୦।୨(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ସଦରରେ ଆଜି ମାଉଳି ମା'ଙ୍କ ଯାତ୍ରାର ପ୍ରଥମ ଦିନ । ମା'ଙ୍କୁ ବରଣ କରିବା ନିମନ୍ତେ ସବୁ ବର୍ଷ ପରି ଆଜି ମନ୍ଦିର ପୂଜକ ତ୍ରିନାଥ ରଞ୍ଜିତିଙ୍କ ସମେତ ପ୍ରାୟ ୨୦ରୁ ଅଧିକ ଭକ୍ତ ଏବଂ ମାଲକାନଗିରିର ସଦର, କୋରୁକୋଣ୍ଡା ଥାନା ଅଧିକାରୀ ଆର ବିଜୟ କୁମାରଙ୍କ ସମେତ ତିନିରୁ ଅଧିକ ଥାନା କର୍ମଚାରୀ ପାହାଡ ଶିଖରକୁ ମା'ଙ୍କୁ ବରଣ ନିମନ୍ତେ ଯାଇଥଲେ । ପୂଜା ସାରି ଫେରିବା ସମୟରେ ରାସ୍ତାରେ ମହୁମାଛି ଆକ୍ରମଣରେ ଥାନା ଅଧିକାରୀଙ୍କ ସମେତ ପୂଜାରୀ



ଏବଂ ଗ୍ରାମବାସୀଙ୍କୁ ଆକ୍ରମଣ କରିଥିଲେ । ମହୁମାଛି ଆକ୍ରମଣରେ ଆହତ ସମସ୍ତଙ୍କୁ କୋରୁକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା ।

**● ମାତୃଭାଷା ଓଡ଼ିଆ ବଦଳରେ ହିନ୍ଦୀ ଆସିଲା**

# ପରୀକ୍ଷା ଦେଇ ପାରିଲେନି ଦୁଇ ଛାତ୍ରଛାତ୍ରୀ

ନନ୍ଦପୁର,୨୦।୨ (ସମିସ): ଯୁକ୍ତ ଦୁଇ ମାଧମିକ ଶିକ୍ଷା ପରିଷଦର ବାର୍ଷିକ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ଶୁକ୍ରବାର ଦ୍ୱିତୀୟ ଦିନ ପରୀକ୍ଷା ମାତୃଭାଷା ଓଡ଼ିଆ ବିଷୟ ରହିଥିଲା । ପାଡୁଆ ରାଧାକୃଷ୍ଣ ଉଚ୍ଚ




ମାଧ୍ୟମିକ ବିଦ୍ୟାଳୟର ଦ୍ୱିତୀୟ ବର୍ଷ ବାର୍ଷିକ ପରୀକ୍ଷାର ମାତୃଭାଷା ପରୀକ୍ଷା ଶୁକ୍ରବାର ଅନୁଷ୍ଠିତ ହେବାକୁ ଥିବା ବେଳେ ଦୁଇ ଛାତ୍ର ନିରାଶ ହୋଇ ଘରକୁ ଫେରିଥିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି । ସୂଚିତ ଯେ ପାଡୁଆ ରାଧାକୃଷ୍ଣ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷ କଳା ବିଭାଗର ଦୁଇ ପରୀକ୍ଷାର୍ଥୀ ଯଥା ସୁଭଦ୍ରା କିର୍ଶାନୀ ଓ ସାମୁଏଲ୍ ପାଙ୍ଗି ଆଜି ପରୀକ୍ଷା ଦେବାଲାଗି ନନ୍ଦପୁର ସିନ୍ଧେଦେଭି କନିଷ୍ଠ ମହାବିଦ୍ୟାଳୟ ପରୀକ୍ଷା କେନ୍ଦ୍ରକୁ ଆସିଥିଲେ । କିନ୍ତୁ ଆଜି ସେମାନଙ୍କ ନାମ ନଥିବା ନେଇ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବାକୁ ଦିଆଯାଇ ନଥିଲା । ଆସନ୍ତା ୨୩ ତାରିଖ ସୋମବାର ଦିନ ହିନ୍ଦୀ ପରୀକ୍ଷାରେ ସେମାନଙ୍କ ନାମ ରହିଥିବା କଲେଜ କର୍ତ୍ତୃପକ୍ଷ କହିଥିଲେ । ଏ ନେଇ ପାଡୁଆ ରାଧାକୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଅର୍ଜୁନ ଚିଞ୍ଚିଆ ପରୀକ୍ଷାର୍ଥୀ ପରୀକ୍ଷା ଆବେଦନ କରିବା ସମୟରେ ଭୁଲ କରିଥାଇ ପାରନ୍ତି ବୋଲି ଯୁକ୍ତି ରଖିଥିଲେ । ହେଲେ ସଂପୃକ୍ତ ପରୀକ୍ଷାର୍ଥୀ ଦୁହେଁ କିଛି ଅଲଗା ମତ ରଖିଛନ୍ତି । ସେମାନଙ୍କ କହିବା ଅନୁସାରେ ଆଡମିଟ କାର୍ଡ ବିତରଣ ସମୟରେ ଏହି ତ୍ରୁଟି ବିଷୟରେ କଲେଜ ଅଧକ୍ଷଙ୍କୁ ଅବଗତ କରାଇଥିଲେ ହେଁ ଆଶ୍ୱାସନା ଛଡ଼ା କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ । ଏବେ ପ୍ରଶ୍ନ ଉଠୁଛି ପରୀକ୍ଷାର୍ଥୀ ପରୀକ୍ଷା ଦେବେ କେମିତି? ହିନ୍ଦୀ ଯାହା ତାଙ୍କ ମାତୃଭାଷା ନାହିଁ ଓ କେବେ ସେ ବିଷୟବସ୍ତୁର ବହି ପଢ଼ିନାହାନ୍ତି ସେ ବିଷୟରେ ପରୀକ୍ଷା ଦେବେ କେମିତି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଫର୍ମ ଦାଖଲ ସମୟରେ ଯଦି କାହା ଦ୍ୱାରା ଭୁଲ ହୋଇଥାଏ, ପରବର୍ତ୍ତୀ ସମୟରେ ସୁଧାର କରାଗଲା ନାହିଁ କେମିତି ବୋଲି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଚଳିତ ୨୩ ତାରିଖରେ ଉଭୟ ଛାତ୍ରଛାତ୍ରୀଙ୍କ ମାତୃଭାଷା ହିନ୍ଦୀ ଭାଷାରେ ପରୀକ୍ଷା ରହିଥିବା ବେଳେ ପ୍ରଶ୍ନ ପତ୍ରର ଉତ୍ତର କଣ ଲେଖିବେ ସେ ନେଇ ଅବାକ୍ ହୋଇ ପଡିଛନ୍ତି ଦୁଇ ପରୀକ୍ଷାର୍ଥୀ ।

**● ଟାୱାର ଥାଇ ନେଟ୍‌ୱର୍କ ନାହିଁ**

# ଜିଓ ଓ ବିଏସ୍‌ଏନ୍‌ଏଲ୍ ଉପଭୋକ୍ତା ହନ୍ତସନ୍ତ

ଚନ୍ଦ୍ରପୁର,୨୦।୨(ସମିସ): ରାୟଗଡ଼ା ଜିଲ୍ଲା ଠାରୁ ୧୨୦ କି.ମି ଦୂରରେ ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକ୍ ଅବସ୍ଥିତ । ଏହି ବ୍ଲକ୍‌ରେ ଲୋକ ସଂଖ୍ୟା ୫୦,୦୦୦ରୁ ଅଧିକ ଥିଲେ ମଧ୍ୟ ନେଟୱର୍କ ପାଇଁ ଲୋକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଶେଷ କରି ୪ଟି ହାଇସ୍କୁଲ ଏବଂ କଲେଜ ଥିଲେ ମଧ କୌଣସି ଅନୁଷ୍ଠାନରେ ୱାଇଫାଇ କାର୍ଯ୍ୟ କରୁନାହିଁ । ସମସ୍ତ ଅଫିସ କାମରେ ବାଧା ସୃଷ୍ଟି ହେଉଛି । ସରକାରଙ୍କୁ କେତେ ଗୁହାରି କଲେ ମଧ କେହି ଶୁଣିବାକୁ ନାରାଜ । ସେହିଭଳି ବ୍ଲକ୍ ମୁଖ୍ୟାଳୟ ହୋଇ ଥିଲେ ମଧ୍ୟ କୌଣସି ଏଟିଏମ୍‌ର ସୁବିଧା ନାହିଁ । ଟଙ୍କା ଉଠାଣ ନିମନ୍ତେ ୨୦କିମି ଦୂର ହନୁମନ୍ତପୁର ଗାଁକୁ ଯିବା ପାଇଁ ପଡୁଛି । ଭାରତ ସ୍ୱାଧୀନତା ହେବାର ଦୀର୍ଘ ୭୬ ବର୍ଷ ହେଲେ ମଧ ବ୍ଲକ୍ ହେଡକ୍ୱାର୍ଟର ଦୀପ ତଳେ ଅନ୍ଧାର । ଏହି ବ୍ଲକ୍‌ରେ ଅଧିକାଂଶ ଜାତି ଓ ଜନଜାତି ଲୋକ ବସବାସ କରୁଛନ୍ତି । ହେଲେ ନୂଆ ସରକାର ଆସିବା ପରେ ଜନସାଧାରଣଙ୍କ



ମନରେ ଆଶା ଥିଲା କି ନୂତନ ବ୍ୟାଙ୍କ୍ ଏବଂ ଟାୱାରର ସୁବିଧା କରାଯିବ । ତେବେ ବର୍ଷାଧିକ ସମୟ ବିତି ଥିବା ବେଳେ ଅଞ୍ଚଳବାସୀଙ୍କ ଯେଉଁ ଆଶା ଥିଲା ତାହା ମଉଳି ଯାଉଛି । ସ୍ଥାନୀୟ ସାଂସଦ ଓ ବିଧାୟକ ତଥା ଜିଲ୍ଲା ପ୍ରଶାସନ ପାଖରେ ବହୁବାର ବ୍ଲକ ବାସିନ୍ଦା ନେଟୱର୍କ ସମସ୍ୟାର ସମାଧାନ ପାଇଁ ଦାବି କରୁଥିଲେ ମଧ୍ୟ ତାହା ପୂରଣ ହୋଇ ପାରୁ ନ ଥିବାରୁ ଆଗକୁ ଜନ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି ।

## ବିକ୍ରେତା ମାନଙ୍କ ପାଇଁ ତାଲିମ ଶିବିର

କୋରାପୁଟ,୨୦।୨(ସମିସ): ସ୍ଥାନୀୟ ସଦ୍‌ଭାବନା ସଭାଗୃହ ଠାରେ ରାମ୍ପ ଯୋଜନା ଅଧୀନରେ ବିକ୍ରେତା ମାନଙ୍କ ପାଇଁ ଏକ ତାଲିମ ଶିବିର ଆୟୋଜିତ ହୋଇଯାଇଛି । କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିକ୍ରେତା ମାନଙ୍କ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ଦେଇଥିଲେ । ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଗୁଡ଼ିକର କ୍ଷମତା ବୃଦ୍ଧି, ଉତ୍ପାଦନ ଗୁଣବତ୍ତା ଏବଂ ବଜାର ସଂଯୋଗୀକରଣ ଉପରେ ରପ୍ତାନୀ, ପ୍ରୋତ୍ସାହନ ଏବଂ ବିପଣନ ନିର୍ଦ୍ଦେଶକ ସଂଜୟ କୁମାର ମିଶ୍ର ଯୋଗଦେଇ ଆଲୋକପାତ କରିଥିଲେ । ସୁନାବେଡା ହିନ୍ଦୁସ୍ଥାନ ଏରୋନଟିକସ ଲିମିଟେଡ ଦ୍ୱାରା ବିକ୍ରେତା ମାନଙ୍କର ଯନ୍ତ୍ରାଂଶ କ୍ରୟ କରିବେ ବୋଲି ସେ କହିଛନ୍ତି । ଏହି ଶିବିରରେ ହାଲ ଡିଜିଏମ ଶୁଭେନ୍ଦୁ ଶେଖର ଦାସ ଓ ଡିଆଇସି ଜିଏମ ଚିନ୍ମୟ ପରିଡ଼ା,ଏ ଲଡିଏମ ଦେବେନ୍ଦ୍ର କୁମାର ତ୍ରିପାଠୀ ଉପସ୍ଥିତ ଥିଲେ । କୋରାପୁଟ ଜିଲ୍ଲାର ବିଭିନ୍ନ ସହରର ବିକ୍ରେତା ମାନଙ୍କ ସହ ବିଭାଗୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ ।

## ନିର୍ମାଣ ଆରମ୍ଭକୁ ପାଞ୍ଚ ବର୍ଷ ବିତିଲା

# ମେଗା ପାଣି ଟାଙ୍କି ନିର୍ମାଣ କାର୍ଯ୍ୟ ଅସମ୍ପୂର୍ଣ୍ଣ

ବୈପାରୀଗୁଡ଼ା,୨୦।୨(ସମିସ): ସରୁନି ମେଗା ପାଣି ଟାଙ୍କି ନିର୍ମାଣ । ଆଗକୁ ଆସୁଛି ଗ୍ରୀଷ୍ମଋତୁ । ଏବେଠୁ ଶୁଖିବାକୁ ଆରମ୍ଭ ହେଲାଣି ଜଳାଶୟ । ସେପଟେ ମନ୍ଥର ଗତିରେ ଚାଲିଛି ମେଗା ପାନୀୟ ଜଳ ପ୍ରକଳ୍ପର ଟାଙ୍କି ନିର୍ମାଣ କାର୍ଯ୍ୟ । ଗାଁ ଗାଁରେ କେବେ ପହଞ୍ଚିବ ବିଶୁଦ୍ଧ ପାଣି । ସେ ନେଇ ଚିନ୍ତାରେ ବୈପାରୀଗୁଡା ବ୍ଲକ ଦଶମନ୍ତପୁର ପଞ୍ଚାୟତବାସୀ । ଦଶମନ୍ତପୁର ପଞ୍ଚାୟତରେ ମୋଟ ୧୪ ୱାର୍ଡ ଥିବା ବେଳେ ୩୮ଟି ଗାଁ ରହିଛି । ପ୍ରାୟ ଦଶ ହଜାରରୁ ଅଧିକ ଲୋକେ ବସବାସ କରନ୍ତି । ହେଲେ ଏହି ପଞ୍ଚାୟତବାସୀଙ୍କୁ ପାଇପ ପାଣି ଯୋଗାଇ ଦେବା ପାଇଁ ମେଗା ପକ୍ଷରୁ ଟାଙ୍କି ନିର୍ମାଣ ତ ହେଉଛି, କିନ୍ତୁ ପାଞ୍ଚ ବର୍ଷ ବିତିଲା ଟାଙ୍କି ନିର୍ମାଣ କାମ ସରୁନି । ବିଭାଗୀୟ ଅଧିକାରୀଙ୍କ ଅବହେଳା କିମ୍ବା



ଠିକା ସଂସ୍ଥାର ମନମୁଖୀ କାର୍ଯ୍ୟ ଯୋଗୁଁ ମେଗା ପାନୀୟ ଜଳ ପ୍ରକଳ୍ପ ଗୁଡ଼ିକ କଚ୍ଛପ ଗତିରେ ଚାଲିଛି । ବିଶେଷ କରି ପଞ୍ଚାୟତର ଗିରୀଲପୁଟ, ଗାଡ଼ପୁଟ, ଜାମଯୋଡି, ତୋଟାଗୁଡା ଭଳି ଅନେକ ଗାଁରେ ପାଣି ସମସ୍ୟା ରହିଛି । ମେଗା ପାଣି ପାଇଲେ ସମସ୍ୟା ସମାଧାନ ହେବ । କିନ୍ତୁ କାମ ସରୁନି, ଯାହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ସରପଞ୍ଚ ଏବଂ ଗ୍ରାମବାସୀ । ସୂଚନା ଥାଉକି, ବୈପାରୀଗୁଡା ବ୍ଲକ ବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ଲମତାପୁଟ ରାସ୍ତା ପେଟାଘାଟି ନିକଟରେ ଆରମ୍ଭ ହେଲା ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ । ଏହି କାର୍ଯ୍ୟ ଏକ ଘରୋଇ ଠିକା କମ୍ପାନୀ ଦ୍ୱାରା ଗତ ୨୦୨୧ ମସିହାରୁ ଆରମ୍ଭ ହୋଇଥିବା ବେଳେ ସେପ୍ଟେମ୍ବର ୨୦୨୩ ସୁଦ୍ଧା ନିର୍ମାଣ କାର୍ଯ୍ୟ ସରିବା ସହ ଜଳ ଯୋଗାଣ ହେବାର ଥିଲା । ଏଥିରେ ୧୮ଟି ପଞ୍ଚାୟତର ୨୮ ହଜାର ୨୫୦ ପରିବାର ଉପକୃତ ହେବେ । ଏଥିପାଇଁ ୧୬୪ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା । ନିର୍ମାଣ କାର୍ଯ୍ୟ ଆରମ୍ଭକୁ ପାଞ୍ଚ ବର୍ଷ ବିତିଲା । ଇତି ମଧ୍ୟରେ ବ୍ଲକରେ ୧୬ଟି ଟ୍ୟାଙ୍କି ନିର୍ମାଣ କାମ ଶେଷ ହୋଇଥିବା ବେଳେ ହଳଦୀକୁଣ୍ଡ ଏବଂ ଦଶମନ୍ତପୁର ପାଣି ଟ୍ୟାଙ୍କି ଏ ପର୍ଯ୍ୟନ୍ତ କାମ ସରିନି । ଅନ୍ୟ ପଞ୍ଚାୟତ ପାଇଁ ପାଣି ଯାଞ୍ଚ କାମ ଆରମ୍ଭ ହୋଇଯାଇଛି । କିନ୍ତୁ ଦଶମନ୍ତପୁର ପଞ୍ଚାୟତବାସୀ କେବେ ପାଣି ପାଇବେ ତାହାକୁ ନେଇ ଚିନ୍ତାରେ ଅଛନ୍ତି । ଯଦି ଗ୍ରୀଷ୍ମ ଆରମ୍ଭ ପୂର୍ବରୁ ପାଇପ୍ ପାଣି ନ ମିଳିଲେ ଅଗାମୀ ଦିନରେ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି ସରପଞ୍ଚ ଆର ରୋହିତ କୁମାର ଏବଂ ଗ୍ରାମବାସୀ ।

### ଚେତାବନୀ ଦେଲେ ଦଶମନ୍ତପୁର ସରପଞ୍ଚ

# କେନ୍ଦୁପତ୍ର ଶ୍ରମିକଙ୍କ ଧାରଣା



ଏମଭି ୭୯, ୨୦।୨ (ସମିସ): ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଆହ୍ୱାନରେ ଏମ୍‌ଭି ୭୯ ଅଞ୍ଚଳରେ କାର୍ଯ୍ୟରତ କେନ୍ଦୁପତ୍ର ତୋଳାଳୀ, ସିଜିନାଲ କର୍ମଚାରୀ ଓ ବନ୍ଧେଇ ଶ୍ରମିକମାନେ ବିଭିନ୍ନ ଦାବି ପୂରଣ ଦାବିରେ ଆଜି ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି । ଶ୍ରମିକମାନଙ୍କ ଅଭିଯୋଗ ଅନୁସାରେ, ପୂର୍ବରୁ ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ଦିଆଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସ୍ପଷ୍ଟ ପଦକ୍ଷେପ ଗ୍ରହଣ ହୋଇନାହିଁ । ଏହାକୁ ପ୍ରତିବାଦ କରି ସେମାନେ ଗଣଧାରଣା ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ମୁଖ୍ୟ ଦାବୀମାନଙ୍କ ମଧ୍ୟରେ କେନ୍ଦୁପତ୍ର କେରି ଓ ବଣ୍ଡଲ ପ୍ରତି ଦର ବୃଦ୍ଧି, ସିଜିନାଲ କର୍ମଚାରୀଙ୍କ ମାସିକ ମଜୁରୀ ବୃଦ୍ଧି, ବୋନସ ହାର ବୃଦ୍ଧି, ମୃତ୍ୟୁକାଳୀନ ସହାୟତା ୪ ଲକ୍ଷ ଟଙ୍କାକୁ ବୃଦ୍ଧି, ରୋଗାକ୍ରାନ୍ତ ସମୟରେ ଛୁଟି ବ୍ୟବସ୍ଥା, ଖାଲି ପଦ ପୂରଣ ଓ ସାମାଜିକ ନିରାପତ୍ତା ପାଇଁ ବଜେଟରେ ୨୦୦ କୋଟି ଟଙ୍କା ବ୍ୟବସ୍ଥା ଭଳି ଦାବୀ ସମ୍ମିଳିତ ଅଛି । ସେହିପରି, କେନ୍ଦୁପତ୍ର ଫଡି ଉଚ୍ଛେଦ ବନ୍ଦ, ପ୍ରସ୍ତାବିତ କିଛି ଡିଭିଜନରେ ପରୋକ୍ଷ ଘରୋଇକରଣ ବନ୍ଦ ଓ କଲ୍ୟାଣ ଟ୍ରଷ୍ଟ ବୋର୍ଡର ବୈଠକ ଶୀଘ୍ର ଆହ୍ୱାନ କରିବାକୁ ସଂଘ ଦାବି କରିଛି । ଧାରଣାସ୍ଥଳରେ ସଂଘର ପକ୍ଷରୁ କୁହାଯାଇଛି ଯେ, ଯଦି ଶୀଘ୍ର ଦାବି ପୂରଣ ନହେବ ଆଗାମୀଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ । ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ସର୍ବସାଧାରଣ ପ୍ରତିକ୍ରିୟା ମିଳିନାହିଁ ।

ସକାଳ
THE SAKALA



# ତନେଇପାଳ ମେଗା ଲିଫ୍ଟ ପ୍ରକଳ୍ପରେ ଶ୍ରମିକ ମୃତ୍ୟୁ



## ଜଣେ ଆହତ; କ୍ଷତିପୂରଣ ଦାବିରେ ଉତ୍ତେଜନା

ଆନନ୍ଦପୁର, ୨୦।୨ (ସମିସ): ଆନନ୍ଦପୁର ବ୍ଲକ ଅନ୍ତର୍ଗତ ତନେଇପାଳଠାରେ ପାର୍ବତୀ ଗିରି ମେଗା ଲିଫ୍ଟପଏଣ୍ଟରେ କାର୍ଯ୍ୟରତ ଶ୍ରମିକ ଅତ୍ୟନ୍ତ ଅସୁରକ୍ଷିତ ଭାବେ କାର୍ଯ୍ୟ କରୁଥିଲେ ମଧ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନଜର ପଡୁ ନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଶୁକ୍ରବାର ଏହି ପ୍ରକଳ୍ପରେ ନିୟୋଜିତ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଆଉ ଜଣେ ଆହତ ହୋଇଥିବା ବେଳେ ଏନେଇ ପରିବାର ଲୋକଙ୍କୁ କ୍ଷତିପୂରଣ ସହାୟତା ଦାବି ସହ ଉତ୍ତେଜନା ପ୍ରକାଶ ପାଇଛି। ମୃତ ଶ୍ରମିକ ହେଉଛନ୍ତି ସନ୍ତୋଷପୁର ଗାଁର ସୁଦର୍ଶନ ନାୟକ। ପ୍ରକଳ୍ପରେ ସୁରକ୍ଷା ବ୍ୟବସ୍ଥା ନଥିବା ବେଳେ ୧୫ ଫୁଟ୍ ଗଭୀର ଗାତରେ ପାଇପ୍ ଲାଇନ୍ ଖଞ୍ଜା କାମ ଚାଲିଥିବା ସମୟରେ ମାଟି ଅତଡ଼ା ଖସିଥିଲା। ଏଥିରେ ସୁଦର୍ଶନଙ୍କ ମୃତ୍ୟୁ ହୋଇଥିଲା। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଦିନ ପ୍ରାୟ ଦୁଇଟା ସମୟରେ ଏଭଳି ଘଟଣାକୁ ନେଇ ଠିକାସଂସ୍ଥାକୁ ଦାୟୀ କରିଛନ୍ତି ସେଠାରେ କାର୍ଯ୍ୟରତ ଶ୍ରମିକ ଓ ପରିବାର ଲୋକେ। ବିନା ସୁରକ୍ଷାରେ ଶ୍ରମିକ ମାନେ ବିରାଟକାୟ ଗର୍ତ୍ତରେ ପଶି ନିଜ ଜୀବନକୁ ବିପଦରେ ପକାଇ ପାଇପ ଲାଇନ୍ ଖଞ୍ଜା କାମ କରୁଥିଲେ। ଶ୍ରମିକଙ୍କ ସୁରକ୍ଷା ପ୍ରତି ପଦକ୍ଷେପ ନିଆଯାଇ ନଥିଲା। କାର୍ଯ୍ୟସ୍ଥଳୀଠାରେ ମାଟି ଅତଡ଼ା ପ୍ରତିରୋଧକ ଉପକରଣ ମହଜୁଦ ରହିଛି, ହେଲେ ସେଗୁଡିକ କାମରେ ଲଗାଯାଉନାହିଁ। ଏପରିକି ଶ୍ରମିକ କାମ କରିବା ସମୟରେ ସେଠାରେ ସାଇଡ୍ ସୁପରଭାଇଜର ଓ ସୁରକ୍ଷା ଅଧିକାରୀ ରହୁ ନଥିବା ଏହି ଦୁର୍ଘଟଣାର କାରଣ ହୋଇଛି ଯାହାର ପରିଣାମ ସ୍ୱରୂପ ଆଜି ଏଭଳି ଅଘଟଣ ଘଟି ଏକ ଅମୂଲ୍ୟ ଜୀବନ ଚାଲିଯାଇଥିବା ଅଭିଯୋଗ ହୋଇଛି। କମ୍ପାନୀର ଏଭଳି ଖାମଖିଆଲି ମନୋଭାବ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରମିକଙ୍କ ପକ୍ଷରୁ କୁନା ନାୟକ ଓ ମୃତ ଶ୍ରମିକଙ୍କ ବାପା ସୁଶାନ୍ତ ନାୟକ ଦାବି କରିଛନ୍ତି। ଶ୍ରମ ବିଭାଗ ପକ୍ଷରୁ ଏହାର ତଦନ୍ତ କରିବାକୁ ବିଜେପି ନେତା ସନ୍ତୋଷ ଜେନା ଦାବି ଜଣାଇଛନ୍ତି।

# ପ୍ରସ୍ତାବିତ ଷ୍ଟିଲ୍‌ପ୍ଲାଣ୍ଟ ପାଇଁ ରେଙ୍ଗାଳବେଡ଼ା ଗ୍ରାମସଭା



> ଏକର ପ୍ରତି ୫୦ରୁ ୭୫ କୋଟି ଦାବି
> ପ୍ରଶାସନ ନିକଟରେ ୩୪ ସର୍ତ୍ତ

ତୁରୁମୁଙ୍ଗା, ୨୦।୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ତହସିଲଅଧୀନ ଚେମଣା ଓ ଯମୁନାପଶି ପଞ୍ଚାୟତ ଅଧୀନରେ ଜେଏସଡବ୍ଲ୍ୟୁ ଓ ପୋସ୍କୋ ପକ୍ଷରୁ ମିଳିତ ଭାବରେ ହେବାକୁ ଥିବା ପ୍ରସ୍ତାବିତ ମେଗା ଷ୍ଟିଲପ୍ଲାଣ୍ଟ ପାଇଁ ଶୁକ୍ରବାର ଚେମଣା ପଞ୍ଚାୟତ ରେଙ୍ଗାଳବେଡ଼ା ଗ୍ରାମର ଶାଳ ପଡ଼ିଆରେ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଚେମଣା ସରପଞ୍ଚ ହେମଲତା ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଗ୍ରାମସଭାରେ ଅତିରିକ୍ତ ଜିଲ୍ଲାପାଳ ତଥା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ରବୀନ୍ଦ୍ର ପ୍ରଧାନ, ପାଟଣା ବିଡିଓ ମାନସ ଦଣ୍ଡପାଟ, ତହସିଲଦାର ଅଶ୍ୱିନୀ ନାୟକ, ସମିତିସଭ୍ୟ ମନୋଜ ମହାନ୍ତ, ଇଡକୋର ଜମି ଅଧିଗ୍ରହଣ ଅଧିକାରୀ ଜୟକୃଷ୍ଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମସଭାରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଉପସ୍ଥିତ ଥିବା ବେଳେ ଗ୍ରାମବାସୀ ପକ୍ଷରୁ ୬ ଜଣ ଗ୍ରାମବାସୀ ପ୍ରଶାସନ ନିକଟରେ ୩୪ଟି ସମ୍ବଳିତ ଦାବି ଓ ସର୍ତ୍ତ ରଖି ମତାମତ ଦେଇଥିଲେ। ୪୯ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ଜମିର ମୂଲ୍ୟ ଏକର ପ୍ରତି ୭୫ କୋଟି ଦାବି ରଖିଥିବା ବେଳେ ଅନ୍ୟ ଜମିଗୁଡ଼ିକୁ ଏକର ପ୍ରତି ୫୦ କୋଟି ଟଙ୍କା ଦାବି କରିଥିଲେ ଗ୍ରାମବାସୀ। ରେଙ୍ଗାଳବେଡ଼ା ମୌଜାର ୪୦ଟି ଖାତାର ୩୮.୭୨ ଏକର ଘରୋଇ ଜମି ଅଧିଗ୍ରହଣ ପାଇଁ ଗ୍ରାମସଭା କରାଯିବା ସହ ଗ୍ରାମସଭା ସଫଳ ହୋଇଥିବା ଅତିରିକ୍ତ ଜିଲ୍ଲାପାଳ କହିଛନ୍ତି। ସୂଚନାଯୋଗ୍ୟ ଯେ ପାଟଣା ବ୍ଲକ ରେ ଜେଏସ୍‌ଡବ୍ଲୁ ଏବଂ ପୋସ୍କୋ କମ୍ପାନୀର ମିଳିତ ସହଯୋଗରେ ୪୦ ହଜାର କୋଟି ଟଙ୍କା ନିବେଶରେ ବାର୍ଷିକ ୫ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ମେଗା ଇସ୍ପାତ କାରଖାନା ପ୍ରତିଷ୍ଠା କରାଯିବା ପାଇଁ ପ୍ରସ୍ତାବ ରହିଛି। ଏଥିପାଇଁ ପାଟଣା ବ୍ଲକ ଚେମଣା ପଞ୍ଚାୟତର ୮ଟି ଗ୍ରାମ ଏବଂ ଯମୁନାପଶି ପଞ୍ଚାୟତର ୪ଟି ଗ୍ରାମ ଏପରି ସମୁଦାୟ ୧୨ଟି ଗ୍ରାମରେ ୨ ହଜାର ୪ଶହ ୬୬ ଏକର ଜମି ଅଧିଗ୍ରହଣ କରାଯିବ। ଏଥିରୁ ୧୪୯୦ ଏକର ଘରୋଇ ଜମି ରହିଛି।

# ବିଦ୍ୟାଳୟ ଶ୍ରେଣୀଗୃହ ପାଇଁ ଶିଳାନ୍ୟାସ



କେନ୍ଦୁଝର, ୨୦।୨(ସମିସ): ହରିଚନ୍ଦନପୁର ବ୍ଲକ୍ ବ୍ରଜମୋହନପୁରସ୍ଥିତ ମାନବିକ ବିଦ୍ୟାଭବନରେ ଡ. ଏସ୍‌କେ ଦାଶ ହାଇସ୍କୁଲର ନୂତନ ଶ୍ରେଣୀଗୃହ ପାଇଁ ଗୁରୁବାର ଶିଳାନ୍ୟାସ ହୋଇଛି। କଳିଙ୍ଗ ହସପିଟାଲ ଅଧ୍ୟକ୍ଷ ଡ. ଶୀତକଣ୍ଠ ଦାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ କଳିଙ୍ଗ ହସପିଟାଲ ସିଇଓ ଡ. ସନ୍ତୋଷ ଦୋରା, ମେଡ଼ିକାଲ ଅଧୀକ୍ଷକ ଡ. ମଦନମୋହନ ଦତ୍ତ, ଅପରେସନ ହେଡ୍ ନରେନ୍ଦ୍ର ଶତପଥୀ, ଅର୍ଥ ବିଭାଗ ମୁଖ୍ୟ ନୃସିଂହ ସ୍ୱାଇଁ, ମାର୍କେଟିଂ ମୁଖ୍ୟ ମୃତ୍ୟୁଞ୍ଜୟ ମିଶ୍ର, ମାନବ ସମ୍ବଳ ବିଭାଗର ମୁଖ୍ୟ ଏଲିନା ଭୂୟାଁ, ମାର୍କେଟିଂ ବିଭାଗର ବିନୟନନ୍ଦ ଦାଶ, ଏସ୍ ଅପରାଜିତା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଅଭୟ ମହାନ୍ତ ଅତିଥି ପରିଚୟ ଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷା କନକଲତା ନାୟକ ଧନ୍ୟବାଦ ଦେଇଥିଲେ। ବିଜୟ ସାହୁ, ଦୁର୍ଯ୍ୟୋଧନ ମହାନ୍ତ, ରଶ୍ମିରେଖା ସାହୁ, ପ୍ରଜ୍ଞା ପ୍ରିୟଦର୍ଶିନୀ ସାହୁ ପ୍ରମୁଖ ଶିକ୍ଷକଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବାଲୁଙ୍କେଶ୍ୱର ପୀଠରେ ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ



ଆନନ୍ଦପୁର, ୨୦।୨ (ସମିସ):

ବାତୋ ଶ୍ରୀବାଲୁଙ୍କେଶ୍ୱର ମହାଦେବଙ୍କ ପୀଠରେ ସାଂସ୍କୃତିକ ମହୋତ୍ସବ ଉଦଯାପିତ ହୋଇଯାଇଛି। ରୁଦ୍ରାଭିଷେକରେ ଆରମ୍ଭ ହୋଇଥିବା ଏହି ଦିବ୍ୟ କାର୍ଯ୍ୟକ୍ରମରେ ପ୍ରମୋଦ ବରାଳ, ବିଷ୍ଣୁଚରଣ ସାମଲ, ରବି ଭାଇଙ୍କ ନେତୃତ୍ୱରେ ଗାୟତ୍ରୀ ମହାଯଜ୍ଞ, ସନ୍ଧ୍ୟାରେ ମଦନ ପାଣି ଓ ମନୋରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ସା ନି,ଧା ପା, ଭଜନ ଗ୍ରୁପ, ଆନନ୍ଦପୁର ଦ୍ୱାରା ଭକ୍ତି ସଂଗୀତ ସମାରୋହ ବାବାଜୀ ମନମୋହନ ଦାସ ମହାରାଜ, ଗୋପାଳ ନନ୍ଦଙ୍କ ଦ୍ୱାରା ଗୀତାଯଜ୍ଞ, ଭୁବନେଶ୍ୱର ମହିଳା ସଙ୍କୀର୍ତ୍ତନମଣ୍ଡଳୀ ଦ୍ୱାରା ନାମ ସଙ୍କୀର୍ତ୍ତନ, ସନ୍ଧ୍ୟାରେ ଅଧ୍ୟାପକ ସନ୍ତୋଷ ସାହୁଙ୍କ ଦ୍ୱାରା ଆଧ୍ୟାତ୍ମିକ ପ୍ରବଚନ, ବାସୁଦେବ ବେହେରା, ଭରତଚନ୍ଦ୍ର ନାଥ, ବିଚିତ୍ରାନନ୍ଦ କରଙ୍କ ଦ୍ୱାରା ଚାରଣୀୟ ସତସଙ୍ଗ, ସନ୍ଧ୍ୟାରେ ଆଧ୍ୟାତ୍ମିକ ପ୍ରବଚନ, ସନ୍ଧ୍ୟାରେ କ୍ରିଷ୍ଣା ଗ୍ରୁପ ଦ୍ୱାରା ଡ୍ୟାନ୍‌ସ କାର୍ଯ୍ୟକ୍ରମ, ଗୀତ ସମ୍ରାଟ, ମେଲୋଡି କାର୍ଯ୍ୟକ୍ରମ ବାଲୁଙ୍କେଶ୍ୱର ଟ୍ରଷ୍ଟ ଓ ଆଞ୍ଚଳିକ ବାଲୁଙ୍କେଶ୍ୱର ସାଂସ୍କୃତିକ ପରିଷଦ, ବାତୋର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ମୁଖ୍ୟଅତିଥି ଏବଂ ଯଦୁନାଥ ମଲ୍ଲିକ, ଗୋପୀନାଥ ସ୍ୱାଇଁ, ବିଭାସଚନ୍ଦ୍ର ନାୟକ, ସରପଞ୍ଚ ଝରଣା ଜେନା, ସମିତିସଭ୍ୟ ତରଣୀସେନ ବରାଳ, ସୁରେନ୍ଦ୍ର ଜେନା, ଚନ୍ଦ୍ରମଣି ମାଝୀ, ଶ୍ରୀଧର ମହନ୍ତ, ବଲ୍ଲଭ ସାହୁ, କୃଷ୍ଣ ପରିଡ଼ା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କଞ୍ଜଲୋଚନା ପଣ୍ଡା ଗାୟତ୍ରୀ ପତାକା ଉତ୍ତୋଳନ କରିଥିଲେ। ସମସ୍ତ ଗ୍ରାମବାସୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

## ଧକୋଠା



ଆନନ୍ଦପୁର, ୨୦।୨ (ସମିସ): ଆନନ୍ଦପୁର ବ୍ଲକ ଧକୋଠା ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୧୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଆନନ୍ଦପୁର ଶିକ୍ଷାଧିକାରୀ ହରିହର ଦଳେଇ, ମୁଖ୍ୟବକ୍ତା ଭାବେ ରମାକାନ୍ତ ନାୟକ, ଅବସରପ୍ରାପ୍ତ ଅଧ୍ୟକ୍ଷ ଆନନ୍ଦପୁର ମହାବିଦ୍ୟାଳୟ ବିଶିଷ୍ଟ ଅତିଥି ଭାବେ ଆନନ୍ଦପୁର ଅତିରିକ୍ତ ଶିକ୍ଷାଧିକାରୀ ହେମେନ୍ଦ୍ରନାଥ ମହାନ୍ତି ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଅର୍ଥଶାସ୍ତ୍ର ଅଧ୍ୟାପକ ଶିବଚରଣ ବେହେରା ସଭାପତିତ୍ୱ କରିଥିଲେ। ପ୍ରଧାନଶିକ୍ଷକ ନିରଞ୍ଜନ ସାହୁ ଧନ୍ୟବାଦଇେଥିଲେ। ପ୍ରଦୀପପଳେଇ, ଦୀପିକା ମହା. ସୁଚିତ୍ରା ଦାସ ଲୋପାମୁଦ୍ରା ସାହୁ, ରାନୀପ୍ରିୟଦର୍ଶିନୀକୁଅାଁରଙ୍କତତ୍ତ୍ୱାବଧାନରେବିଭିନ୍ନସାଂସ୍କୃତିକକାର୍ଯ୍ୟକ୍ରମହୋଇଥିଲା।

## କଣ୍ଟିପାଳ ବିରିଡ଼ିଆ



ସେହିପରି କଣ୍ଟିପାଳ ପଞ୍ଚାୟତର ବିରିଡିଆସ୍ଥିତ ଏସ୍‌ଏନ୍ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ନବମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଶିକ୍ଷାକେନ୍ଦ୍ରର ସଭାପତି ମଳୟ ସାହୁ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଆନନ୍ଦପୁର ପୂର୍ବତନ ପୌରାଧ୍ୟକ୍ଷ ରାମଚନ୍ଦ୍ର ସାହୁ, ମୁଖ୍ୟବକ୍ତା ଭାବେ ଆନନ୍ଦପୁର ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ହେମେନ୍ଦ୍ରନାଥ ମହାନ୍ତି, ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ଟୁକୁନା ମହାନ୍ତ, ଅବସରପ୍ରାପ୍ତ ଶିକ୍ଷାଧିକାରୀ ଶରତଚନ୍ଦ୍ର ରାଉତ, ଓଡ଼ିଶା ଶିକ୍ଷା ପରିଷଦ ସଂଯୋଜକ ସୁଦର୍ଶନ ପ୍ରଧାନ ଓ ଦାମୋଦର ସାହୁ ଯୋଗଦେଇଥିଲେ। ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀମାନେ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ବେହେରା। ମେଧାବୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ମାତୃ ସମ୍ମିଳନୀରେ ଭାଗ ନେଇ କୃତିତ୍ୱ ହାସଲ କରିଥିବା ୨୦ ଅଭିଭାବକ ଅଭିଭବିକାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶିକ୍ଷା କେନ୍ଦ୍ରର ସମସ୍ତ ଗୁରୁଜୀଗୁରୁମା ଏବଂ ପରିଚାଳନା କମିଟି ସଦସ୍ୟସଦସ୍ୟା ସହଯୋଗ କରିଥିଲେ।

# ତକ୍ଷଶୀଳା ଇଣ୍ଟରନ୍ୟାସ୍‌ନାଲରେ ଉଡ଼ାଣ ପ୍ରଶିକ୍ଷଣ



ଆନନ୍ଦପୁର, ୨୦।୨ (ସମିସ): କିଟ୍ସ୍ ପକ୍ଷରୁ କେଶଦୁରାପାଳଠାରେ ଥିବା ତକ୍ଷଶୀଳା ଇଣ୍ଟରନ୍ୟାସନାଲ ସ୍କୁଲରେ ଛାତ୍ରଛାତ୍ରଙ୍କୁ ଉଡାଜାହାଜ ଓ ରକେଟ ଉଡ଼ାଣ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ବର୍ତ୍ତମାନ ଯୁଗରେ ସମସ୍ତେ ବିଜ୍ଞାନକୁ ଗୁରୁତ୍ୱ ଦେଉଥିବା ବେଳେ ସ୍କୁଲରେ ଛାତ୍ରଛାତ୍ରୀଙ୍କୁ କିଟ୍ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ଏନେଇ ବିଜ୍ଞାନ ଅଭିମୁଖୀ କରାଯାଉଛି। କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ୫ସୂତ୍ରୀ ସାମାଜିକ କାର୍ଯ୍ୟକ୍ରମ କରୁଥିବା ସମସ୍ତଙ୍କ ପାଇଁ ଶିକ୍ଷା, ଆର୍ଟ ଅଫ ଗିଭିଂ, କନ୍ୟା କିରଣ, ନନ୍‌ହୀ ପରୀ, ନୂଆ ମନ୍ ନୂଆ ସ୍ୱପ୍ନ ଚଳାଇଥିବା ବେଳେ ଏଥି ଅନ୍ତର୍ଗତ ସ୍କୁଲରେ ଛାତ୍ରଛାତ୍ରୀଙ୍କୁ ଉଡାଜାହାଜ ଓ ରକେଟ ତିଆରି ଓ ଚାଳନା ସମ୍ପର୍କରେ ଅତ୍ୟାଧୁନିକ୍ ଜ୍ଞାନକୌଶଳ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ପ୍ରଶିକ୍ଷକ ଭାବେ ସ୍କୁଲ୍ ଅଫ ଆରୋସ୍ପେସ ଇଞ୍ଜିନିୟରିଂ ପ୍ରଫେସର ପଙ୍କଜ ଚୌଧୁରୀ ଏବଂ ପ୍ରଫେସର ଦେବବ୍ରତ ସାହୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀମାନେ ପ୍ରଶିକ୍ଷଣ ପରେ ୧୦ଟି ଟିମ୍‌ରେ ବିଭକ୍ତ ହୋଇ ସେମାନଙ୍କ ମଧ୍ୟରେ ଉଡ଼ାଜାହାଜ ଓ ରକେଟ ତିଆରି ଓ ଚାଳନାର ପ୍ରତିଯୋଗିତାରେ ସାମିଲ ହୋଇଥିଲେ। ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ କିଟ୍ ପକ୍ଷରୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅତିଥି ଭାବେ ସାମ୍ବାଦିକ ରତିକାନ୍ତ ସାହୁ, ଭାରତ ମିଶ୍ର, ଅବିନାଶ ଶତପଥୀ, ରାଜେନ୍ଦ୍ର ପ୍ରସାଦ ଦାସ ପ୍ରମୁଖ ଯୋଗ ଦେଇଥିବା ବେଳେ ତକ୍ଷଶୀଳା ଇଣ୍ଟରନ୍ୟାସନାଲ ସ୍କୁଲର ନିର୍ଦ୍ଦେଶକ ଆକାଶ ରଥ କିଟ୍‌ର ସମସ୍ତ ପ୍ରକାର ସଯୋଗ ପାଇଁ ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ଅଙ୍ଗଦାନ କରି ଚିରଞ୍ଜୀବି ହୋଇଗଲେ ଶୁଭମ୍

ହାଟଡ଼ିହୀ,୨୦।୨(ସମିସ): କେନ୍ଦୁଝର ଜିଲ୍ଲା ସୋସୋ ଥାନା ଅଧୀନ ଜମ୍ବୀରା ଗ୍ରାମ ୯ ନଂ ୱାର୍ଡ଼ର ଉପେନ୍ଦ୍ର ଆୟଚଙ୍କ ପୁଅ ଶୁଭମ୍ (ମୁନା, ୧୨ ବର୍ଷ) ଅଣା ଗ୍ରାମ ମାମୁ ଘର ଲୋକଙ୍କ ସହିତ ଗତ ଶନିବାର ପୁରୀ ବୁଲିବାକୁ ଯାଇଥିବା ବେଳେ ରାତ୍ର ପ୍ରାୟ ସାଢେ ୨ଟା ବେଳେ ପୁରୀ ଲାଇଟ୍ ହାଉସ୍ ପାଖରେ ଛିଡ଼ା ହୋଇଥଲେ। ଏକ ଗାଡ଼ି ଶୁଭମକୁ ଜୋରରେ ଧକ୍କା ଦେଇଥିଲା। ଦୁର୍ଘଟଣାରେ ଶୁଭମ୍ ଗୁରୁତର ଥିବାରୁ ପରିବାର ଲୋକେ ତାଙ୍କୁ ଭୁବନେଶ୍ୱରସ୍ଥିତ କିମ୍ସ ହସ୍ପିଟାଲକୁ ନେଇ ହାଇଆଲର୍ଟ ଚିକିତ୍ସା କରାଇଥିଲେ ସୁଦ୍ଧା ଗୁରୁବାର ବିଳମ୍ବିତ ରାତିରେ ତାଙ୍କର ଦେହାନ୍ତ ଘଟିଥିଲା। ଶୁଭମଙ୍କ ଶରୀରର ପ୍ରତିଟି ମୂଲ୍ୟବାନ୍ ଅଙ୍ଗଗୁଡ଼ିକୁ ଦାନ କରିଦେବାକୁ ତାଙ୍କ ବାପା ଉପେନ୍ଦ୍ର ଓ ମାଆ ମିତାରାଣୀ କହିଥିଲେ। ଶୁଭମଙ୍କ ପରିବାର ଓ ମାମୁ ଘର ପକ୍ଷରୁ ସମ୍ମତିକ୍ରମେ ତାଙ୍କ ଶରୀରର



ଅଙ୍ଗଦାନ କରାଯାଇଛି। ଆମ୍ବୁଲାନ୍ସ ଯୋଗେ ଆସିଥିବା ଶୁଭମଙ୍କ ମରଶରୀରକୁ ଆଜି ଅପରାହ୍ନ ପ୍ରାୟ ୫ଟା ସମୟରେ ଗ୍ରାମବାସୀଙ୍କ ପକ୍ଷରୁ ଛେନାପଦି ଛକଠାରୁ ଏକ ବିରାଟ ପଟୁଆରାରେ ବାଇକ୍ ଶୋଭାଯାତ୍ରା କରି ନିଜ ଗାଁ ଜମ୍ବିରାକୁ ଅଣାଯାଇଥିଲା। ପ୍ରଶାସନିକ ବ୍ୟବସ୍ଥା ଅନୁସାରେ ପୁଲିସ ପ୍ରଶାସନଙ୍କ ଉପସ୍ଥିତରେ ଶୁଭମଙ୍କ ପାଇଁ 'ଗାର୍ଡ ଅଫ୍ ଅନର' ସମ୍ମାନ ଦିଆଯାଇଛି। ତାଙ୍କ ବିୟୋଗରେ ବାପା, ମାଆ, ପରିବାର, ପଡୋଶୀ ଦୁଃଖରେ ଭାଙ୍ଗି ପଡ଼ିଥିବା ବେଳେ ସମ୍ପୂର୍ଣ୍ଣ ଗ୍ରାମବାସୀଙ୍କ ସମେତ ଆଖପାଖ ଲୋକେ ଶୋକ ପ୍ରକାଶ କରିଛନ୍ତି। ଜମ୍ବିରା ଗ୍ରାମବାସୀଙ୍କ ଆଖିରୁ ଆଖିଏ ଲୁହ ଝରି ପଡୁଥିବା ବେଳେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# କଇଁସିଆରୀ ଗ୍ରାମରେ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର



ଆନନ୍ଦପୁର, ୨୦।୨ (ସମିସ): ପଦ୍ମିନୀ କେୟାର ହସ୍ପିଟାଲ ପକ୍ଷରୁ ଘସିପୁରା ବ୍ଲକ ଅନ୍ତର୍ଗତ କଇଁସିଆରୀ ଗ୍ରାମରେ ଦିନିକିଆ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ପଦ୍ମିନୀ କେୟାର ହସ୍ପିଟାଲର ମେଡ଼ିସିନ, ଶିଶୁରୋଗ, ଅସ୍ଥିଶଲ୍ୟ, ଫିଜିଓଥେରାପି ଏବଂ ସ୍ତ୍ରୀ ରୋଗ ଭଳି ଅନେକ ବିଭାଗର ଅଭିଜ୍ଞ ଡାକ୍ତର ଉପସ୍ଥିତ ରହି ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ଟିମ୍‌ରେ ଡାକ୍ତର ଶୁଭମ୍ ପ୍ରିତମ୍ ସାହୁ, ଡାକ୍ତର ସୋମେଶ୍ ରଂଜନ, ଡାକ୍ତର ସରୋଜ କୁମାର, ଡାକ୍ତର ପ୍ରିୟଦର୍ଶୀ ବାରିକ, ଡାକ୍ତର ରୀତିକାରାଣୀ ଖୁଣ୍ଟିଆ ସମେତ ମହିଳା ଏବଂ ପୁରୁଷ ସ୍ୱାସ୍ଥ୍ୟକର୍ମୀ, ସହାୟକମାନେ ଯୋଗ ଦେଇଥିଲେ। ସକାଳ ୯ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଦୁଇ ଶହରୁ ଅଧିକ ରୋଗୀଙ୍କୁ ଚିକିତ୍ସା ସେବା ପ୍ରଦାନ କରିବା ସହ ବିନାମୂଲ୍ୟରେ ଔଷଧ ବିତରଣ କରିଥିଲେ। କଇଁସିଆରୀ ପତିତପାବନ ଟ୍ରଷ୍ଟର ଆବାହକ ଶରତ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ପଦ୍ମିନୀ କେୟାର ହସ୍ପିଟାଲର ପ୍ରତିନିଧି ଚିରଞ୍ଜୀବି ନାୟକ, ଚନ୍ଦ୍ରଶେଖର ନନ୍ଦ, ସୌମ୍ୟରଂଜନ ଲେଙ୍କା ସମେତ ପତିତପାବନ ଟ୍ରଷ୍ଟର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ। ସ୍ୱାସ୍ଥ୍ୟ ଶିବିରକୁ ରୋଗୀ ଯିବାଆସିବା ନିମନ୍ତେ ପତିତପାବନ ଟ୍ରଷ୍ଟ ପକ୍ଷରୁ ସ୍ୱତନ୍ତ୍ର ଭାବେ ଗାଡ଼ିର ବ୍ୟବସ୍ଥା ସହ ରୋଗୀ ଏବଂ ଶିବିରାର୍ଥୀଙ୍କ ପାଇଁ ଭୋଜନ ବ୍ୟବସ୍ଥା କରାଯାଇଥିଲା। ଏହି ଅବସରରେ ୫୦ରୁ ଅଧିକ ଗରିବ ତଥା ଅସହାୟ ଲୋକଙ୍କୁ ପତିତପାବନ ଟ୍ରଷ୍ଟ ପକ୍ଷରୁ ନୂତନ ବସ୍ତ୍ର ପ୍ରଦାନ କରାଯାଇଛି।

# ପ୍ରଶାସନିକ ଦକ୍ଷତା ବୃଦ୍ଧି ପାଇଁ କୃତ୍ରିମ ବୁଦ୍ଧିମତ୍ତା



କେନ୍ଦୁଝର, ୨୦।୨(ସମିସ): ସରକାରୀ କାର୍ଯ୍ୟଧାରାକୁ ଅଧିକ ସ୍ୱଚ୍ଛ, ଦ୍ରୁତ ଏବଂ ପ୍ରଭାବଶାଳୀ କରିବା ଲକ୍ଷ୍ୟରେ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲ୍‌ଠାରେ ଦିନିକିଆ କ୍ଷମତା ବିକାଶ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। "ପରିଚାଳନାଗତ ଉତ୍କର୍ଷତା ପାଇଁ ଏଆଇ ଉପକରଣ' ଶୀର୍ଷକ ଏହି କର୍ମଶାଳା ଓଡ଼ିଶା ସରକାରଙ୍କ ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଏବଂ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ୍ ସେଣ୍ଟରର ମିଳିତ ସହଯୋଗରେ ଆୟୋଜିତ ହୋଇଥିଲା। ଦୈନନ୍ଦିନ ପ୍ରଶାସନିକ କାର୍ଯ୍ୟରେ କୃତ୍ରିମ ବୁଦ୍ଧିମତା ବା ଏଆଇ ବ୍ୟବହାର କରି କିଭଳି କାର୍ଯ୍ୟଦକ୍ଷତା ବଢ଼ାଯାଇପାରିବ, ସେନେଇ ବିଶେଷଜ୍ଞମାନେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବିଶେଷ କରି ତଥ୍ୟ ବିଶ୍ଳେଷଣ, ଚିଠିପତ୍ର ପ୍ରସ୍ତୁତି ଏବଂ ସରକାରୀ ଯୋଜନାର ସଫଳ ରୂପାୟନ ପାଇଁ ଡିଜିଟାଲ୍ ମାଧ୍ୟମର ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଥିଲା। ସୋସିଆଲ ମିଡିଆ ଓ ଜନସମ୍ପର୍କ ତଥା ସୋସିଆଲ ମିଡିଆ ପରିଚାଳନା ପାଇଁ ଏହାର ବ୍ୟବହାର ଓ ପ୍ରୟୋଗ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଟୁଲ୍ ମାଧ୍ୟମରେ କିଭଳି ସହଜରେ ଆକର୍ଷଣୀୟ କ୍ୟାପ୍ସନ ଲେଖାଯାଇପାରିବ, ଗ୍ରାଫିକ୍ସ ଡିଜାଇନ୍ କରାଯାଇପାରିବ ଏବଂ ଏକାସାଙ୍ଗରେ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟଫର୍ମରେ ସରକାରୀ ସୂଚନା ପ୍ରସାରିତ ହୋଇପାରିବ, ସେଥିପାଇଁ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ ଏବଂ ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ।

## କର୍କଟ ରୋଗରେ ଛଟପଟ ବାପା

# ବଞ୍ଚାଇବାକୁ ରୋଗୀଣା ପୁଅର ସଂଘର୍ଷ



ଆନନ୍ଦପୁର,୨୦।୨(ସମିସ): କର୍କଟ ରୋଗରେ ବାପାଙ୍କ ଅସ୍ତ୍ରୋପଚାର ହୋଇଥିବା ବେଳେ ପୁଅ ମଳକଣ୍ଟକ ରୋଗରେ ଅସ୍ତ୍ରୋପଚାର ପରେ ଜୀବନ-ମରଣ ସହ ସଂଘର୍ଷ କରୁଛନ୍ତି। ଅର୍ଥ ଅଭାବରୁ ପରବର୍ତ୍ତୀ ଚିକିତ୍ସା ହୋଇପାରୁନାହିଁ। ଏଣେ ବାପାଙ୍କୁ ବଞ୍ଚାଇବାକୁ ନିଜେ ପୁଅ ଦୁର୍ଦ୍ଦଶାଗ୍ରସ୍ତ ହୋଇପଡ଼ିଛନ୍ତି। ସରକାରୀ ସହାୟତା ସେମାନଙ୍କ ପାଇଁ ଜରୁରୀ ହୋଇ ପଡ଼ିଛି। ସରକାରଙ୍କ ସ୍ୱାସ୍ଥ୍ୟ ସହାୟତା ରାଶି ଅପରେସନରେ ସରିଯାଇଛି। ସୁନା ଗହଣା ବିକି ବାପ ପୁଅଙ୍କ ମେଡିକାଲ ଖର୍ଚ୍ଚ କଲୁ, ସାହି-ପଡ଼ିଶା ବନ୍ଧୁ-ବାନ୍ଧବ ଯଥା ସମ୍ଭବ ସାହାଯ୍ୟ କରିଛନ୍ତି, ଏହି କୁଡ଼ିଆ ଘର ଛଡ଼ା ଆମ ପାଖରେ ଆଉ କିଛି ସମ୍ବଳ ନାହିଁ, ମୋ ବାପାଙ୍କୁ ବଞ୍ଚାଇବୁ କିପରି ବୋଲି କହିଛନ୍ତି ପୁଅ। ଏଭଳି ଏକ ଦୁଃଖ ଭରା ଚିତ୍ର ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ କପୁଣ୍ଡି ଗ୍ରାମରେ। ବାପା ମୁଖ କର୍କଟ ରୋଗରେ ପୀଡ଼ିତ ହୋଇ ଅପରେସନ ହୋଇଛନ୍ତି। ଆଉ ଗୋଟେ ଅପରେସନ ହେବା ପାଇଁ ସେ ଏବେ ଶଯ୍ୟାଶାୟୀ। ଗୋଟିଏ ପୁଅ ବଳରାମ ଜେନା ଏକ ମେଡ଼ିସିନ ଷ୍ଟୋରରେ କାମକରି ଯାହା ରୋଜଗାର କରନ୍ତି ସେଥିରେ ଘର ଚଳେ କିନ୍ତୁ ସେ ବି ୩ମାସ ହେବ ଅପରେସନ ହୋଇ ଘରେ ଅସୁସ୍ଥ ଅବସ୍ଥାରେ ପଡିରହିଛନ୍ତି। ଏଭଳି ପରିସ୍ଥିତିରେ ଉଭୟ ମା ଓ ପୁଅ ସ୍ଥାନୀୟ ପ୍ରଶାସନକୁ ସହାୟତା ପାଇଁ ନିବେଦନ କରିଛନ୍ତି।

# କଟକ ସିଟି



**ନୂଆପଡ଼ା ପ୍ରେସ୍ କଲୋନୀ ହତ୍ୟାକାଣ୍ଡର ପର୍ଦ୍ଦାଫାସ**

# ମୁଖ୍ୟ ଅଭିଯୁକ୍ତ ସମେତ ୫ ଗିରଫ

କଟକ, ୨୦।୨(ସମିସ)



ନୂଆପଡ଼ା ପ୍ରେସ୍ କଲୋନୀରେ ହୋଇଥିବା ହତ୍ୟାକାଣ୍ଡ ଘଟଣାର ମୁଖ୍ୟ ଅଭିଯୁକ୍ତ ନାଣ୍ଟୁ ନୁହେଁ ବରଂ ତା' ସହଯୋଗୀ ହୁକୁ ବୋଲି ପୁଲିସ ସ୍ପଷ୍ଟ କରିଛି। ଅଭିଯୁକ୍ତ ନାଣ୍ଟୁ'ର ବନ୍ଧୁକରୁ ମୁଖ୍ୟ ଅଭିଯୁକ୍ତ ହୁକୁ ସୌମ୍ୟରଞ୍ଜନ ଜେନା ଓରଫ ରିଙ୍କୁଙ୍କ ଉପରକୁ ଜିରୋ-ପଏଣ୍ଟରୁ ଗୁଳି ମାରିଥିବା ଜଣାପଡ଼ିଛି। ଗତକାଲି ବିଳମ୍ବିତ ରାତ୍ରିରେ ଭୁବନେଶ୍ୱର ଉପକଣ୍ଠ ଘାଟିକିଆରେ ଆତ୍ମଗୋପନ କରିଥିବା ଖପୁରିଆ ଅଞ୍ଚଳର ଅଭିଜିତ ମହାନ୍ତି ଓରଫ୍ ନାଣ୍ଟୁ(୨୫)କୁ ଗିରଫ କରାଯିବା ପରେ ସମ୍ପୂର୍ଣ୍ଣ ଘଟଣା ସାମ୍ନାକୁ ଆସିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ୪ଜଣ ଅଭିଯୁକ୍ତଙ୍କୁ ଆଜି ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ମଧୁପାଟଣାର ଉତ୍କଳ କେଶରୀ ପଶାୟତ ଓରଫ୍ ହୁକୁ(୩୦), ଚୌଦ୍ୱାର ଅଞ୍ଚଳର ପ୍ରିୟବ୍ରତ ତ୍ରିପାଠୀ ଓରଫ୍ ପୋଡ଼ା(୨୫), ନୂଆପଡ଼ା ଅଞ୍ଚଳର ହିମାଂଶୁ ଶେଖର ନାୟକ ଓରଫ୍ ବାଉଁ(୩୦)ଏବଂ ନୂଆପଡ଼ା ଅଞ୍ଚଳର ରୁଦ୍ରପ୍ରସାଦ ଚାନ୍ଦ ଓରଫ୍ ଓମ୍(୨୨)।

ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓ କହିଛନ୍ତି ଯେ ନାଣ୍ଟୁ ନାଁରେ ଭୁବନେଶ୍ୱରର ବିଭିନ୍ନ ଥାନାରେ ପୂର୍ବରୁ ଏକାଧିକ ମାମଲା ରହିଛି। ତାକୁ ପୁଲିସ୍ ଖୋଜୁଥିବା ବେଳେ ସେ ଫେରାର ହୋଇଯାଇଥିଲା। ନୂଆପଡ଼ା ଅଞ୍ଚଳରେ ଥିବା ତା' ନିଜ ଘରେ ସେ ଲୁଚି ବିଭିନ୍ନ ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ଥିଲା। ସେ ମୋବାଇଲ୍ ବ୍ୟବହାର କରୁ ନଥିଲା। ସେ ଅଭିଯୁକ୍ତ ହୁକୁ, ପୋଡ଼ା, ବାଉଁ, ଓମ୍ ଏବଂ ରିଙ୍କୁ ସହିତ ମିଳାମିଶା କରୁଥିଲା। ଘଟଣା ଦିନ ରିଙ୍କୁ ଓ ଗିରଫ ଅଭିଯୁକ୍ତମାନେ ମଦ୍ୟପାନ କରିବା ଉଦ୍ଦେଶ୍ୟରେ ଏକାଠି ହୋଇଥିଲେ। ଅଭିଜିତ୍ ମହାନ୍ତି ଓରଫ ନାଣ୍ଟୁ ନିଜର ଗୁଳି ଭର୍ତ୍ତି ହୋଇଥିବା ବନ୍ଧୁକଟିକୁ ଆଣିଥିଲା। ହୁକୁ ସେଇଟିକୁ ଧରି ବାହାରେ ଲୋକଙ୍କୁ ଚକ୍‌ମା ଦେଖାଇ ବୁଲି ଆସିବ ବୋଲି କହିଥିଲା। ଏହାପରେ ବାଉଁ ଓ ହୁକୁ ବନ୍ଧୁକ ଧରି ବାହାରୁ ବୁଲାବୁଲି କରି ଫେରିଥିଲେ। ଏହି ୨ ଜଣ ଫେରିବା ପରେ ରିଙ୍କୁ ଓ ଓମ୍ ସେମାନଙ୍କୁ ଥଟ୍ଟାମଜାରେ କହିଥିଲେ ଯେ ବନ୍ଧୁକଟିକୁ ଧରି ଖାଲି ବୁଲୁଛ ନା ଗୁଳି ଚଳାଇବାକୁ ବି ସାହସ ରଖିଛ? ଏହାପରେ ରିଙ୍କୁଙ୍କୁ ହୁକୁ କହିଥିଲା ଯେ ତୁ କ'ଣ ହସୁଛୁ? ତୋତେ ଏତେ ବୟସ ହେଲାଣି, ତୁ କାହିଁକି ବାହା ହେଉନାହୁଁ? ରିଙ୍କୁଙ୍କୁ ଅପମାନିତ



କଲା ଭଳି ହୁକୁ ଏଭଳି ତାଚ୍ଛଲ୍ୟ କରି କହିଥିଲା। ଏହା ଶୁଣି ରିଙ୍କୁ ମଧ୍ୟ ପାଲଟା ଜବାବ ଦେଇଥିଲେ। ସେ ଅଭିଯୁକ୍ତ ହୁକୁକୁ କହିଥିଲେ ଯେ ତୁମେମାନେ ବାପା ପଇସାରେ ବାହା ହୋଇ ଚଳୁଛ। ଏହାପରେ ଉଭୟଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗୋଟିଏ ପକ୍ଷରେ ରିଙ୍କୁ ଥିବା ବେଳେ ଅନ୍ୟ ପକ୍ଷରେ ୫ ଅଭିଯୁକ୍ତ ରହି ଯୁକ୍ତିତର୍କ ଓ କଥା କଟାକଟି କରିଥିଲେ। ଏହି ସମୟରେ ଓମ୍ ଓ ବାଉଁ ପ୍ରମୁଖ ହୁକୁଙ୍କୁ ଉସ୍‌କାଇ ଥିଲେ ଯେ ଦମ୍ ଅଛି ଯଦି ଗୁଳି କର। ସେତେବେଳେ ସମସ୍ତେ ନିଶାରେ ଥିଲେ ଏବଂ ଏହି ଉତ୍ତେଜନା ଭିତରେ ହୁକୁ ଜିରୋ-ପଏଣ୍ଟରୁ ରିଙ୍କୁ ଛାତିକୁ ଗୁଳି କରି ଦେଇଥିଲା। ଗୁଳି ତାଙ୍କ ଛାତିରେ ବାଜିଥିଲା।

ତଦନ୍ତରୁ ଆହୁରି ଜଣାପଡ଼ିଛି ଯେ ରିଙ୍କୁ ଛାତିରେ

- **ଅଭିଯୁକ୍ତ ନାଣ୍ଟୁ ବନ୍ଧୁକରୁ ହୁକୁ ମାରିଥିଲା ଗୁଳି: ଡିସିପି**
- **ଭୁବନେଶ୍ୱର ଉପକଣ୍ଠରୁ ନାଣ୍ଟୁକୁ ଧରିଲା ସ୍ପେସାଲ୍ ସ୍କ୍ୱାଡ୍**
- **ବନ୍ଧୁକ, ଅଫୁଟା ଗୁଳି, ୨ଟି ସ୍କୁଟି ଓ ଗୋଟିଏ କାର୍ ଜବତ**

ଗୁଳି ବାଜିଲା ପରେ ଅଭିଯୁକ୍ତମାନେ ସଙ୍ଗେ ସଙ୍ଗେ ତାଙ୍କୁ ଡାକ୍ତରଖାନା ନେଇ ନଥିଲେ। ଏଭଳି ପରିସ୍ଥିତିରେ କ'ଣ କରାଯିବ? ସେ ବିଷୟରେ ସେମାନେ ଆଲୋଚନା କରିଥିଲେ। ସେହି ସମୟରେ ପୂର୍ବରୁ ସେଠାରେ ନଥିବା ପୋଡ଼ା ପହଞ୍ଚିଥିଲା। ଆଉ ସେତେବେଳ ପର୍ଯ୍ୟନ୍ତ ରିଙ୍କୁ କଥାବାର୍ତ୍ତା କରୁଥିଲେ। ଅଭିଯୁକ୍ତମାନେ ଭାବିଥିଲେ ଯେ ସେମାନେ ରିଙ୍କୁଙ୍କୁ ଡାକ୍ତରଖାନା ନେଇ ଚିକିତ୍ସା କରାଇବେ। ଏତିକି ବେଳେ ନାଣ୍ଟୁକୁ ହୁକୁ ଏକ ପ୍ରସ୍ତାବ ଦେଇଥିଲା। ନିଜ ମୁଣ୍ଡ ଉପରକୁ ଦୋଷ ନେବାକୁ ସେ ନାଣ୍ଟୁକୁ କହିଥିଲା। ଏଥିପାଇଁ ହୁକୁ ତାଙ୍କୁ ଟଙ୍କା ଦେବ ଏବଂ ତାର ଜାମିନ୍ ଓ ଅନ୍ୟାନ୍ୟ ଆଇନଗତ ସାହାଯ୍ୟ କରିବ ବୋଲି କହିଥିଲା। ଏସବୁ ନିଷ୍ପତ୍ତି କରିବା ପରେ ବାଉଁ ଓ ନାଣ୍ଟୁ ଏକ ସ୍କୁଟିରେ ରିଙ୍କୁଙ୍କୁ ଡାକ୍ତରଖାନା ନେଇଥିଲେ। ସେଠାରେ ଆଡ୍‌ମିଟ୍ କରିଲା ପରେ ସେମାନେ ଜାଣିଲେ ଯେ ରିଙ୍କୁଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ନାଣ୍ଟୁ ଓ ଓମ୍ ଫେରି ଯାଇଥିଲେ ଏବଂ ପୋଡ଼ା ସହିତ ବସି ପରବର୍ତ୍ତୀ ପଦକ୍ଷେପ କଣ କରାଯିବ, ସେଥିନେଇ ଆଲୋଚନା କରିଥିଲେ। ସେମାନେ କ୍ରାଇମସ୍ପଟ୍‌ରେ ପ୍ରମାଣ ମଧ୍ୟ ନଷ୍ଟ କରିଥିଲେ। ପୋଡ଼ା ଓ ନାଣ୍ଟୁ ହତ୍ୟାରେ ବ୍ୟବହୃତ ବନ୍ଧୁକକୁ କଦମପଦାରେ ଲୁଚାଇଥିଲେ। ବନ୍ଧୁକ ଓ ଗୁଳିକୁ ଅଲଗା ଅଲଗା ସ୍ଥାନରେ ରଖିଥିଲେ। ତା'ପରେ ପୋଡ଼ା ନିଜ କାରରେ ନାଣ୍ଟୁକୁ ନେଇ ଭୁବନେଶ୍ୱରର ଘାଟିକିଆ ଅଞ୍ଚଳରେ ଛାଡ଼ିଥିଲା। ନାଣ୍ଟୁକୁ ଧରିବା ପର୍ଯ୍ୟନ୍ତ ଅନ୍ୟ ଅଭିଯୁକ୍ତମାନେ କହୁଥିଲେ ଯେ ସେ ହିଁ ଗୁଳି କରିଛି। ପୁଲିସ ଗତକାଲି ପର୍ଯ୍ୟନ୍ତ ନିଶ୍ଚିତ ଥିଲା ଯେ ନାଣ୍ଟୁ ହିଁ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ। ଆଜି ପୁଲିସ ନାଣ୍ଟୁଙ୍କୁ ଧରି ଜେରା କରିବା ପରେ ସତ କଥା ସାମ୍ନାକୁ ଆସିଥିଲା। ବନ୍ଧୁକ ଆଣିକି ଦେବା, ବନ୍ଧୁକର ବ୍ୟବହାର କରିବା, ପ୍ରମାଣ ନଷ୍ଟ କରିବା, ଅଭିଯୁକ୍ତକୁ ଫେରାର କରାଇବାରେ ସହଯୋଗ କରିବା ଆଦି ଅଭିଯୋଗରେ ଏହି ୫ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ବୋଲି କଟକ ଡିସିପି ଶ୍ରୀ ଦ୍ୟାନ୍‌ଦେଓ କହିଛନ୍ତି। ନାଣ୍ଟୁ ଭଳି ପୋଡ଼ା ମଧ୍ୟ ପୂର୍ବରୁ ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ଥିଲା। ସେ ପୂର୍ବରୁ ଜେଲ୍ ଯାଇଥିଲା। ଏହି ଘଟଣାରେ ୨ଟି ସ୍କୁଟି ଏବଂ ଗୋଟିଏ କାର ଜବତ କରାଯାଇଛି। ଏହାସହିତ ବନ୍ଧୁକ, ଗୁଳି ଓ ମୋବାଇଲ ଫୋନ ମଧ୍ୟ ପୁଲିସ ଜବତ କରିଛି। ଆବଶ୍ୟକ ପଡ଼ିଲେ ସମସ୍ତଙ୍କୁ ରିମାଣ୍ଡରେ ଅଣାଯିବ ଓ ଘଟଣାସ୍ଥଳରେ ସିନ୍ ରିକ୍ରେଏସନ କରାଯିବ ବୋଲି ଡିସିପି ଶ୍ରୀ ଦ୍ୟାନଦେଓ ସୂଚନା ଦେଇଛନ୍ତି।

## ୫ ହଜାର ଟଙ୍କା ଲାଞ୍ଚ ନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ଗିରଫ



**କଟକ/ଟାଙ୍ଗୀ, ୨୦।୨(ସମିସ):** କଟକ ଜିଲ୍ଲା ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ଭଟିମୁଣ୍ଡା ପଞ୍ଚାୟତର ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ଭରତ ଭୂଷଣ ମିଶ୍ରଙ୍କୁ ଭିଜିଲାନ୍ସ ଆଜି ଗିରଫ କରିଛି। ପଞ୍ଚାୟତର ଜଣେ ପାଇପ ମେକାନିକଙ୍କ ବକେୟା ଦରମା ପ୍ରଦାନ ଏବଂ ଚାକିରି ଅବଧି ବୃଦ୍ଧି ପାଇଁ ୫ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଭିଜିଲାନ୍ସ ହାବୁଡରେ ଧରାପଡ଼ିଥିଲେ ଅଭିଯୁକ୍ତ। ଗିରଫଦାରୀ ପରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଶ୍ରୀ ମିଶ୍ରଙ୍କ ସହ ଜଡ଼ିତ ବିଭିନ୍ନ ସ୍ଥାନରେ ଏକକାଳୀନ ଚଢ଼ଉ କରାଯାଇଛି। ସିଡିଏ ସେକ୍ଟର-୧୧ ସ୍ଥିତ ତାଙ୍କ ଭଡ଼ା ଘର, ଆଠଗଡ଼ ଖୁଣ୍ଟକଟାସ୍ଥିତ ତାଙ୍କ ପୈତୃକ ଗ୍ରାମ ଓ ଭଟିମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟରେ ଭିଜିଲାନ୍ସ ଟିମ ଚଢଉ କରିଛି। ଏ ସମ୍ପର୍କରେ କଟକ ଭିଜିଲାନ୍ସ ଥାନାରେ ଦୁର୍ନୀତି ନିବାରଣ (ସଂଶୋଧନ) ଅଧିନିୟମର ଧାରା ୭ ଅନ୍ତର୍ଗତ ଏକ ମାମଲା ରୁଜୁ କରାଯାଇଛି। ଶ୍ରୀ ମିଶ୍ରଙ୍କ ବିରୋଧରେ ପୂର୍ବରୁ ମଧ୍ୟ ଦୁର୍ନୀତି ଅଭିଯୋଗ ରହିଛି। ୨୦୧୬ ମସିହାରେ ନରସିଂହପୁର ବ୍ଲକରେ ପିଇଓ ଭାବେ କାର୍ଯ୍ୟ କରୁଥିବା ସମୟରେ, ହରିଶ୍ଚନ୍ଦ୍ର ସହାୟତା ଯୋଜନାରେ ପଞ୍ଚାୟତର ଆକାଉଣ୍ଟ ନମ୍ବରରେ ହେରଫେର କରି ୨.୫୬ ଲକ୍ଷ ଟଙ୍କା ଆତ୍ମସାତ କରିଥିବା ଅଭିଯୋଗରେ ଲାଲବାଗ ପୁଲିସ ଥାନାରେ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା।

**ଏସ୍‌ସିବି ମେଡିକାଲରୁ ମୋବାଇଲ ଚୋରି**

## ୨ ଚୋର ଗିରଫ; ୧୧ ମୋବାଇଲ୍ ଜବତ

**କଟକ, ୨୦।୨(ସମିସ):** କଟକର ମଙ୍ଗଳାବାଗ ଥାନା ପୁଲିସକୁ ମିଳିଛି ଏକ ବଡ଼ ସଫଳତା। ଏସସିବି ମେଡିକାଲ କ୍ୟାମ୍ପସ ମଧ୍ୟରୁ ମୋବାଇଲ୍ ଲୁଟ୍ କରୁଥିବା ଦୁଇଜଣ ପେସାଦାର ଚୋରଙ୍କୁ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଯୋବ୍ରା ନୂଆସାହି ଅଞ୍ଚଳର ଚିତ୍ରସେନ ମହାପାତ୍ର (୩୪) ଏବଂ ନୂଆପଡ଼ା ବାଲିସାହିର ପୀତାମ୍ବର ସାହୁ ଓରଫ ପିଣ୍ଟୁନା (୪୦)। ସୂଚନା



ଅନୁଯାୟୀ, ଗତ ୧୯ ତାରିଖ ଦିନ ପୁରୀ ଜିଲ୍ଲା ଗୋପ ଅଞ୍ଚଳର ନୟନା ସ୍ୱାଇଁ ଏସସିବିର ସ୍ପେଶାଲ ଆଉଟଡୋର ବିଶ୍ରାମ ଗୃହରେ ନିଜ ମୋବାଇଲ୍ ଚାର୍ଜରେ ବସାଇ ଶୋଇପଡ଼ିଥିବା ବେଳେ ତାହା ଚୋରି ହୋଇଯାଇଥିଲା। ଏନେଇ ନୟନା ମଙ୍ଗଳାବାଗ ଥାନାରେ ଏକ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ଶୁକ୍ରବାର ଭୋର ସମୟରେ ରାଣୀହାଟ କେନାଲ ରୋଡ୍ ନିକଟରୁ ଏହି ଦୁଇ ଅଭିଯୁକ୍ତଙ୍କୁ କାବୁ କରିଥିଲା। ସେମାନଙ୍କ ନିକଟରୁ ନୟନାଙ୍କ ଓପୋ ମୋବାଇଲ୍ ସମେତ ବିଭିନ୍ନ ବ୍ରାଣ୍ଡର ଆଉ ୧୦ଟି ଚୋରା ମୋବାଇଲ୍, ଅର୍ଥାତ୍ ମୋଟ ୧୧ଟି ମୋବାଇଲ୍ ଜବତ କରାଯାଇଛି। ଅଭିଯୁକ୍ତମାନଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିବା ବେଳେ ଏହି ଚୋରି ପଛରେ କୌଣସି ବଡ଼ ଗ୍ୟାଙ୍ଗର ହାତ ଅଛି କି ନାହିଁ ସେ ନେଇ ପୁଲିସ ତଦନ୍ତ ଜାରି ରଖିଛି।

## ଦୋକାନରୁ ଚୋରି

**କଟକ, ୨୦।୨(ସମିସ):** କୃଷକ ବଜାର ନିକଟରେ ଜଣେ ପାନ ଦୋକାନର କ୍ୟାବିନ୍ ତାଡ଼ି ଦୁର୍ବୃତ୍ତମାନେ ଜିନିଷପତ୍ର ଚୋରି କରି ନେଇଛନ୍ତି। ଗତକାଲି ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ପାନ ଦୋକାନ ନିକଟରେ ଭୋଜିଭାତ କରୁଥିଲେ। ପାଖରେ ଥିବା ପାନ ଦୋକାନର ପଛପଟ ଝରକାକୁ ତାଡ଼ି ଦୋକାନ ଭିତରେ ପଶି ପ୍ରାୟ୧୫ହଜାର ଟଙ୍କାର ମିକ୍ସଚର, ବିସ୍କୁଟ୍, ଗୁଟ୍‌ଖା ଓ ସିଗାରେଟ୍ ଚୋରି କରି ନେଇଥିବା ଜଣାପଡ଼ିଛି। ଦୋକାନ ମାଲିକ ପ୍ରଭଞ୍ଜନ ସାହୁ ଏ ସମ୍ପର୍କରେ ବିଡ଼ାନାସୀ ଥାନାରେ ଏତଲା ଦେଇଥିବା ବେଳେ ପୁଲିସ ସ୍ଥାନୀୟ ଅଞ୍ଚଳର ସିସି କ୍ୟାମେରା ଫୁଟେଜ୍ ଜବତ କରି ତଦନ୍ତ ଚଳାଇଥିବା ଜଣାପଡ଼ିଛି।

**'ଆପଣ କେମିତି ଅଛନ୍ତି?' କାର୍ଯ୍ୟକ୍ରମ**

## ପୂର୍ବତନ ଡିଜି ବିଦ୍ୟାଭୂଷଣଙ୍କୁ ଭେଟିଲେ ମେୟର



**କଟକ, ୨୦।୨(ସମିସ):** କଟକ ମହାନଗର ନିଗମର ମେୟର ସୁବାସ ସିଂହ ଆଜି 'ଆପଣ କେମିତି ଅଛନ୍ତି ?' କାର୍ଯ୍ୟକ୍ରମ ଅଧୀନରେ ଓଡ଼ିଶାର ପୂର୍ବତନ ଡିଜି ବିଦ୍ୟାଭୂଷଣ ମହାନ୍ତିଙ୍କୁ ତାଙ୍କ ବାସଭବନରେ ସାକ୍ଷାତ କରିଛନ୍ତି। ସିଏମସି ୱାର୍ଡ ନମ୍ବର ୪ ସ୍ଥିତ ଶ୍ରୀ ମହାନ୍ତିଙ୍କ ବାସଭବନରେ ପହଞ୍ଚି ମେୟର ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଓ ପରିବାର ବିଷୟରେ ପଚାରି ବୁଝିବା ସହ କିଛି ସମୟ ଅତିବାହିତ କରିଥିଲେ। ଏହି ଆନ୍ତରିକ ସାକ୍ଷାତକାର ସମୟରେ ଶ୍ରୀ ମହାନ୍ତି ମଧ୍ୟ ନିଜ ଚାକିରୀ ଜୀବନର ଅନେକ ପୁରୁଣା ସ୍ମୃତି ବାଣ୍ଟିଥିଲେ। ସୂଚନାଯୋଗ୍ୟ ଯେ, ୧୯୭୨ ବ୍ୟାଚ୍‌ର ଭାରତୀୟ ପୁଲିସ ସେବା ଅଧିକାରୀ ଶ୍ରୀ ମହାନ୍ତି ଓଡ଼ିଶା କ୍ୟାଡରରେ ନିଜର ଚାକିରୀ ଜୀବନ ଆରମ୍ଭ କରିଥିଲେ। ନିଜର ଦୀର୍ଘ ୪୦ ବର୍ଷର କାର୍ଯ୍ୟକାଳ ମଧ୍ୟରେ ସେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହି ନିଷ୍ଠାର ସହ କାର୍ଯ୍ୟ କରିଛନ୍ତି। ବିଶେଷ କରି ୨୦୦୯ ମସିହାରେ ସେ ଓଡ଼ିଶା ହୋମଗାର୍ଡ ଡିଜି ଭାବେ ଦାୟିତ୍ୱ ତୁଲାଇଥିଲେ ଏବଂ ୨୦୧୨ ମସିହାରେ ଅବସର ଗ୍ରହଣ କରିଥିଲେ। ଏହି ସାକ୍ଷାତକାର ସମୟରେ ମେୟରଙ୍କ ସହ ଡେପୁଟି ମେୟର ସୁଶ୍ରୀ ଦମୟନ୍ତୀ ମାଝୀ, ସ୍ଥାନୀୟ କର୍ପୋରେଟର ପ୍ରିୟମ୍ବଦା ମହାନ୍ତି, ଜଗନ୍ନାଥ ସ୍ୱାଇଁ ଏବଂ ଶ୍ରୀ ମହାନ୍ତିଙ୍କ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ।

## ମଙ୍ଗଳାବାଗରୁ ଦେବରାଜ ନିଖୋଜ



**କଟକ, ୨୦।୨(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ତଥା ଓଡ଼ଗାଁ ଏନ୍‌ଏସି ଅନ୍ତର୍ଗତ ଶ୍ରୀ ରଘୁନାଥଜୀଉ ମନ୍ଦିରର ପଶ୍ଚିମଦ୍ୱାର ଅଧିକାରୀ ଦେବରାଜ ଡାକୁଆ ଚିକିତ୍ସା ନିମନ୍ତେ ଏସସିବି ମେଡିକାଲ ଆସିଥିବା ବେଳେ କେଉଁଆଡ଼େ ନିଖୋଜ ହୋଇଯାଇଥିବା ନେଇ ଝିଅ ଲିଜା ଡାକୁଆ ମଙ୍ଗଳାବାଗ ଥାନାରେ ଅଭିଯୋଗ କରିଛନ୍ତି। ଘଟଣାକ୍ରମରେ ଦେବରାଜ ଓଡ଼ଗାଁ ଗଣେଶ ବଜାର ନିକଟରେ ପଡ଼ି ଯାଇଥିଲେ। ଅଧିକ ଚିକିତ୍ସାର ଆବଶ୍ୟକତା ପଡ଼ିବାରୁ ତାଙ୍କୁ କଟକ ବଡମେଡିକାଲକୁ ଅଣାଯାଇଥିଲା। ଔଷଧ ଆଣି ଆଶ୍ରୟସ୍ଥଳୀରେ ରାତ୍ରିଯାପନ କରିଥିଲେ। ପରେ ଫେବୃଆରୀ ୧୩ ତାରିଖ ବିଳମ୍ବିତ ରାତ୍ରିରେ ଦେବରାଜ ସେଠାରୁ ଉଠି କେଉଁଆଡ଼େ ପଳାଇ ଯାଇଥିଲେ। ତାଙ୍କ ପରିବାର କଟକ ମଙ୍ଗଳାବାଗ ଥାନାରେ ଏନେଇ ଅଭିଯୋଗ କରିଥିଲେ। ୮ ଦିନ ବିତିଯାଇଥିଲେ ମଧ୍ୟ ତାଙ୍କର କୌଣସି ଖୋଜଖବର ମିଳିପାରି ନ ଥିବା ପରିବାର ଲୋକେ ଜଣାଇଛନ୍ତି। ସେ ପୂର୍ବରୁ ଦୀର୍ଘଦିନ ଧରି ଓଡ଼ଗାଁ କୋପରେଟିଭ୍ ବ୍ୟାଙ୍କରେ ୪ର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ।

## ମାର୍ଚ୍ଚ ୧୪ରେ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ

**କଟକ, ୨୦।୨(ସମିସ):** କଟକ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଏବଂ ସମସ୍ତ ତାଲୁକ୍ ଆଇନ ସେବା କମିଟି ପକ୍ଷରୁ ଆସନ୍ତା ମାର୍ଚ୍ଚ ୧୪ ତାରିଖ ଶନିବାର ଦିନ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହେବାକୁ ଥିବା ଏହି ଅଦାଲତରେ ବିଭିନ୍ନ ବିଚାରାଧୀନ ମକଦ୍ଦମାର ସହଜ ଓ ସ୍ଥାୟୀ ସମାଧାନ ପାଇଁ ବ୍ୟବସ୍ଥା କରାଯାଇଛି। ବିଶେଷ କରି ଟ୍ରାଫିକ୍ ଚାଲାଣ, ମୋଟରଯାନ ଦୁର୍ଘଟଣା ଜନିତ କ୍ଷତିପୂରଣ, ପାରିବାରିକ ବିବାଦ, ଚେକ୍ ବାଉନ୍ସ, ଜମି ଅଧିଗ୍ରହଣ ଏବଂ ବିଭିନ୍ନ ଦେୱାନୀ ଓ ଫୌଜଦାରୀ ମାମଲାଗୁଡ଼ିକର ଆପୋଷ ସହମତି ଭିତ୍ତିରେ ସମାଧାନ କରାଯିବ। ଲୋକ ଅଦାଲତର ସୁବିଧା ସମ୍ପର୍କରେ ସୂଚନା ଦିଆଯାଇଛି ଯେ, ଏଠାରେ ମକଦ୍ଦମାର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େ ନାହିଁ। ଏହି ଅଦାଲତର ରାୟ ଚୂଡ଼ାନ୍ତ ଏବଂ ଆଇନଗତ ଭାବେ ବୈଧ ଅଟେ। ମକଦ୍ଦମାର ଶୀଘ୍ର ସମାଧାନ କରି କୋର୍ଟ କଚେରୀର ଦୀର୍ଘ ପ୍ରକ୍ରିୟାରୁ ମୁକ୍ତି ପାଇବା ପାଇଁ ଏହି ସୁଯୋଗର ଲାଭ ଉଠାଇବାକୁ ସାଧାରଣ ଜନତାଙ୍କୁ ଅନୁରୋଧ କରାଯାଇଛି।

## ୧୬ ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀର ନବମୀ ବୈଠକ



**କଟକ, ୨୦।୨(ସମିସ):** କଟକର ଐତିହାସିକ ୧୬ ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀର ଆଗାମୀ ଦୋଳଯାତ୍ରା ପ୍ରସ୍ତୁତି ନିମନ୍ତେ ପାରମ୍ପରିକ 'ନବମୀ ବୈଠକ' ମଣିସାହୁ ଛକସ୍ଥିତ ଶ୍ରୀ ଶ୍ରୀ ମଦନମୋହନ ଜୀଉ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ସର୍ବାଧିକାରୀ ରାକେଶ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ସର୍ବପ୍ରଥମେ ବାସୁଲି ସାହି ମହନ୍ତ ସ୍ୱର୍ଗତ ପ୍ରସନ୍ନ ତ୍ରିପାଠୀଙ୍କ ବିୟୋଗରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ଦୋଳଯାତ୍ରାର ବିଭିନ୍ନ ନୀତିକାନ୍ତି ଓ ମେଳଣ କାର୍ଯ୍ୟସୂଚୀ ସର୍ବସମ୍ମତି କ୍ରମେ ସ୍ଥିର ହୋଇଛି। ପାରମ୍ପରିକ ନିଷ୍ପତ୍ତି ଅନୁଯାୟୀ, ଏକାଦଶୀ ଦିନ ସମସ୍ତ ଠାକୁର ବାସୁଳି ସାହିରେ ଏକତ୍ରିତ ହେବେ ଏବଂ ବଢ଼େଇ ସାହି ବାସ୍ତରୀ ମଠ ପୀଠ ଛୁଇଁ ମେଲାଣି ନେବେ। ଦ୍ୱାଦଶୀ ତିଥିରେ ନୂଆପାଟଣା ରାଧାମୋହନଙ୍କ ଚନ୍ଦନ ପଡ଼ିଆରେ ମେଳଣ ଅନୁଷ୍ଠିତ ହେବ। ସେହିପରି ତ୍ରୟୋଦଶୀରେ ମଣିସାହୁ ଛକ ମଦନମୋହନ ଜୀଉ ମନ୍ଦିର ପ୍ରାଙ୍ଗଣରେ ଏବଂ ଚତୁର୍ଦ୍ଦଶୀ ତିଥିରେ ବଣିଆ ସାହିସ୍ଥିତ ଶ୍ରୀ ଶ୍ରୀ ମଦନମୋହନ ସମିତି ପେଣ୍ଡାଲରେ ଭବ୍ୟ ମେଳଣ ହେବ ବୋଲି ସ୍ଥିର କରାଯାଇଛି। ଏହି ବୈଠକରେ ଧୀରେନ୍ଦ୍ର ପୃଷ୍ଟି, ରମାକାନ୍ତ ଦାସ, ମୋହନ ମହାରଣା, ସୁଦାମ ମହାରଣାଙ୍କ ସମେତ ୧୬ ଦିଗଭାଗର ଅନେକ ବରିଷ୍ଠ ସଭ୍ୟ ଓ କର୍ମକର୍ତ୍ତା ଉପସ୍ଥିତ ରହି ଦୋଳ ପର୍ବକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବାକୁ ଆଲୋଚନା କରିଥିଲେ। ଶେଷରେ ସର୍ବକଟୁଆଳ ବାନାମ୍ବର ସାହୁ ସମସ୍ତଙ୍କୁ ଫୁଲ ଓ ଫଗୁ ଅର୍ପଣ କରି ଧନ୍ୟବାଦ ଦେଇଥିଲେ।

**ସ୍ଥିର ହେଲା ଦୋଳଯାତ୍ରା ଓ ମେଳଣ କାର୍ଯ୍ୟସୂଚୀ**

## ଟ୍ରାକ୍ଟର ଧକ୍କାରେ ଶ୍ରମିକ ଗୁରୁତର

**କଟକ, ୨୦।୨(ସମିସ):** ଫେଜ୍-୨ ଥାନା ଅନ୍ତର୍ଗତ ନରାଜ ଆଇବି ରାସ୍ତାରେ ଆଜି ସନ୍ଧ୍ୟାରେ ଏକ ଦୁର୍ଘଟଣା ଘଟିଛି। ଜଣେ ଶ୍ରମିକ ନିଜ କାମ ଶେଷ କରି ସିଡିଏ ସେକ୍ଟର-୧୧ରୁ ନିଜ ଘରକୁ ଫେରୁଥିବା ବେଳେ ତାଙ୍କୁ ଏକ ବାଲି ବୋଝେଇ ଟ୍ରାକ୍ଟର ଧକ୍କା ଦେଇଥିଲା। ସେ ରାସ୍ତା କଡ଼କୁ ଛିଟ୍‌କି ପଡ଼ିଥିବା ବେଳେ ବେହୋସ ହୋଇଯାଇଥିଲା। ଶ୍ରମିକଙ୍କ ଘର ନରାଜ ଅଞ୍ଚଳରେ ହୋଇଥିବା ବେଳେ ତାଙ୍କ ନାଁ ଅଶୋକ ବେହେରା(୩୮)। ସ୍ଥାନୀୟ ଲୋକ ତୁରନ୍ତ ପୁଲିସକୁ ଖବର ଦେବା ସହିତ ଅଶୋକଙ୍କୁ ଏସସିବି ପଠାଇଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ରହିଥିବା ଜଣପଡ଼ିଛି। ଅନ୍ୟପଟେ ଦୁର୍ଘଟଣା ଘଟାଇ ଟ୍ରାକ୍ଟର ନେଇ ଡ୍ରାଇଭରଜଣକ ଫେରାର୍ ହୋଇଯାଇଥିବା ଜଣାପଡ଼ିଛି।

## ବିଶ୍ୱ ସାମାଜିକ ନ୍ୟାୟ ଦିବସରେ ସଚେତନତା ଶିବିର

**କଟକ, ୨୦।୨(ସମିସ):** ବିଶ୍ୱ ସାମାଜିକ ନ୍ୟାୟ ଦିବସ ଅବସରରେ ଆଜି କଟକ ନେତାଜୀ ସଂସ୍କୃତି ଭବନଠାରେ ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ଏକ ଜିଲ୍ଲାସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଏଥିରେ ଯୋଗଦେଇ ବରିଷ୍ଠ ନାଗରିକଙ୍କ ଆଇନଗତ ଅଧିକାର ଓ ସାମ୍ବିଧାନିକ ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ବରିଷ୍ଠ ନାଗରିକମାନଙ୍କୁ ସମସ୍ତ ସରକାରୀ ସୁବିଧା ଓ ସୁରକ୍ଷା ଯୋଗାଇଦେବା ଜିଲ୍ଲା ପ୍ରଶାସନର ମୁଖ୍ୟ ଲକ୍ଷ୍ୟ। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇ ବରିଷ୍ଠ ନାଗରିକଙ୍କୁ ସେମାନଙ୍କ ସ୍ୱାସ୍ଥ୍ୟ, ସୁରକ୍ଷା ଓ ଆର୍ଥିକ ନିବେଶ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଥିଲେ। ପୁଲିସ ଇନସ୍ପେକ୍ଟର ଦେବୀ ପ୍ରକାଶ ସାହୁ ବିଶେଷ କରି ସାଇବର ଅପରାଧ ଓ ଓଟିପି ଠକେଇରୁ ବର୍ତ୍ତିବା ପାଇଁ ସତର୍କ ରହିବାକୁ କହିଥିଲେ। ସେହିପରି ବ୍ୟାଙ୍କ ଓ ଡାକ ବିଭାଗର ଅଧିକାରୀମାନେ କୌଣସି ବେସରକାରୀ ସଂସ୍ଥାରେ ପ୍ରଲୋଭିତ ନ ହୋଇ କେବଳ ଡାକଘର ଓ ବ୍ୟାଙ୍କ ଭଳି ନିର୍ଭରଯୋଗ୍ୟ ପ୍ରତିଷ୍ଠାନରେ ଅର୍ଥ ସଞ୍ଚୟ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀମାନେ ବରିଷ୍ଠ ନାଗରିକଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ଯୋଜନା ବିଷୟରେ ଅବଗତ କରାଇଥିଲେ। ଶିବିରରେ ଉପସ୍ଥିତ ସମସ୍ତ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ସେମାନଙ୍କୁ ଟର୍ଚ୍ଚ ଓ ଟୋପି ବଣ୍ଟନ କରାଯାଇଥିଲା। ଏହି ଶିବିର ଆୟୋଜନ ଦ୍ୱାରା ବରିଷ୍ଠ ନାଗରିକମାନେ ବେଶ୍ ଉପକୃତ ହୋଇଥିବା ପରିଲକ୍ଷିତ ହୋଇଥିଲା।



**ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ**

# ବାଲି ଗାଡ଼ିକୁ ୪୦ ହଜାର ଜରିମାନା ନିର୍ଦ୍ଦେଶ

କଟକ, ୨୦।୨(ସମିସ)

କଟକ ଜିଲ୍ଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଖରାପ ଅବସ୍ଥାରେ ଥିବା ଟ୍ରାଫିକ୍ ପୋଷ୍ଟ ଗୁଡିକର ନବୀକରଣ ଓ ଟ୍ରାଫିକ୍ ନିକଟରେ ସ୍ଥାୟୀ ଶୌଚାଳୟ ନିର୍ମାଣ କରିବାକୁ ବୈଠକରେ ଆଲୋଚନା କରାଯାଇଥିଲା। ବାଲିଘାଟ ନିକଟରେ ଅତ୍ୟଧିକ ବାଲି ବୋଝେଇ ଗାଡି ଗୁଡିକ ୪୦ହଜାର ଟଙ୍କାର ଜରିମାନା କରିବାକୁ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ପ୍ରାରମ୍ଭରେ ଆଞ୍ଚଳିକ ପରିବହନ ଅଧିକାରୀ ବିଶ୍ୱଜିତ ଦାଶ କାର୍ଯ୍ୟସୂଚୀ ଅନୁଯାୟୀ ବୈଠକ ପରିଚାଳନା କରିଥିଲେ। ଇତିମଧ୍ୟରେ ମଙ୍ଗୁଳିଠାରେ ଦୁର୍ଘଟଣା ଏଡ଼ାଇବାକୁ ରାସ୍ତାରେ କ୍ରାସ୍ ବ୍ୟାରିଅରର ଉଚ୍ଚତା ବୃଦ୍ଧି କରିବା ସହ କଣ୍ଟା ଜାତୀୟ ଫୁଲ ଗଛ ଲଗାଇବାକୁ ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। କଟକ ନେତାଜୀ ବସ୍‌ଷ୍ଟାଣ୍ଡ ନିକଟରେ 'ବସ ରଖିବା ନିଷେଧ' ବୋର୍ଡ ଲଗାଇବା ଏବଂ ନୂତନ ପାର୍କିଂ ସ୍ଥାନ ଚିହ୍ନଟ କରିବା ନେଇ ଆରକ୍ଷୀ ଅଧୀକ୍ଷକ ଟ୍ରାଫିକ୍ ଓ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ କୁହାଯାଇଛି। ଆବଶ୍ୟକ ସ୍ଥାନରେ ଜେବ୍ରା କ୍ରସିଂ ରଙ୍ଗ କରିବା ଓ ଅନଧିକୃତ ହମ୍ପସ, ରମ୍ବଲର୍ସ

**ସଡ଼କ ସୁରକ୍ଷା ପାଇଁ ଜିଲ୍ଲା ପ୍ରଶାସନର କଠୋର ଆଭିମୁଖ୍ୟ**

**ଟ୍ରାଫିକ୍ ପୋଷ୍ଟର ନବୀକରଣ ସହ ନିର୍ମାଣ ହେବ ଶୌଚାଳୟ**

**ମଦ୍ୟପ ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ**



ଅପସାରଣ କରାଯିବ। ରାସ୍ତା ଅବରୋଧ କରୁଥିବା ବ୍ୟବସାୟୀଙ୍କୁ ଅପସାରଣ କରି ଦୁର୍ଘଟଣାକୁ ଆହୁରି ହ୍ରାସ କରାଯାଇପାରିବ ବୋଲି ମତ ପ୍ରକାଶ ପାଇଥିଲା। ଅମାନିଆ ଗାଡିଚାଳକ, ମଦ୍ୟପାନ କରି ଗାଡି ଚଳାଉଥିବା ଚାଳକମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାରପ୍ରାପ୍ତ ପୁଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରକାଶଥାଉ କି, ପୂର୍ବବର୍ଷ ଅପେକ୍ଷା ଚଳିତ ବର୍ଷ ସଡକ ଦୁର୍ଘଟଣା ଅପେକ୍ଷାକୃତ ଭାବେ ହ୍ରାସ ପାଇଛି। ସେହିପରି ନିୟମ ଭଙ୍ଗକାରୀ ଚାଳକଙ୍କର ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ପୂର୍ବବର୍ଷ ଜାନୁୟାରୀରେ ୨୭୯ ଥିବାବେଳେ ଚଳିତବର୍ଷ ୪୦୦କୁ ବୃଦ୍ଧିପାଇଛି। ଏଥିସହ ଚଳିତବର୍ଷ ଜାନୁୟାରୀ ମାସରେ ୫ ଲକ୍ଷ ୯୦ ହଜାର ଟଙ୍କାର ଜରିମାନା ଆଦାୟ କରାଯାଇଛି। ବୈଠକରେ କଟକ ଜିଲ୍ଲା ବସ ମାଲିକ ସଂଘ ଏବଂ ଟ୍ରକ ମାଲିକ ସଂଘର କର୍ମକର୍ତ୍ତା ମତ ରଖିଥିଲେ। ଅତିରିକ୍ତ ଉପଆୟୁକ୍ତ ପୁଲିସ କମିଶନରେଟ୍ ଅମରେନ୍ଦ୍ର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଉନ୍ନୟନ ଡଃ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ସହକାରୀ ଆୟୁକ୍ତ ଟ୍ରାଫିକ ଜୟନ୍ତ କୁମାର ଦୋରା ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ଖରସ୍ରୋତାର ଶାଖା ପଣ୍ଡୁଆ ଓ ଚିଙ୍ଗୁଡ଼ିଆ ସେତୁ

# ୫ ନଂ ଜାତୀୟ ଜଳପଥ ପାଇଁ ଅଟକିଛି କାମ





**ଯାଜପୁର, ୨୦।୨(ସମିସ)**

ଯାଜପୁର ଜିଲ୍ଲାର ସମଗ୍ର ବରୀ ଅଞ୍ଚଳକୁ ଧୋୟା ଅଞ୍ଚଳ ଭାବେ ପରିଚୟ ମିଳିଛି। ବରୀ ବ୍ଲକର ଚାରିପଟେ ଏକାଧିକ ନଦୀ ରହିଛି। ସେଥିପାଇଁ ପ୍ରତ୍ୟେକ ବର୍ଷ ଏହି ଅଞ୍ଚଳକୁ ବନ୍ୟା ପ୍ରଭାବିତ କରେ। ଖରସ୍ରୋତା, ବ୍ରାହ୍ମଣୀ ଏବଂ ଏମାନଙ୍କର ଶାଖା ନଦୀ ଓ ନାଳ ଦ୍ୱାରା ସମଗ୍ର ବରୀ ଅଞ୍ଚଳ ପ୍ରଭାବିତ ହୁଏ। ପ୍ରତିବର୍ଷ କୃଷି କ୍ଷେତ୍ର ଠାରୁ ଆରମ୍ଭ କରି ଅନେକ ଜୀବନ ଓ ଜୀବିକା ପ୍ରଭାବିତ ହୁଏ। ବିଗତ ବିଜୁ ଜନତା ଦଳ ସରକାର ସମୟରେ ଗମନାଗମନକୁ ଗତିଶୀଳ କରିବା ପାଇଁ ଅନେକ ବିଜୁ ସେତୁ କରାଯାଇଥିଲା। ଅନେକ ସେତୁ ନିର୍ମାଣ କରିବା ପାଇଁ ବ୍ୟୟମଞ୍ଜୁର କରାଯାଇ କାମ ଆରମ୍ଭ ହୋଇଥିଲା। କିନ୍ତୁ ଖରସ୍ରୋତା ନଦୀରେ ୫ ନଂ. ଜଳପଥ ହେବା ନେଇ ୨୦୧୫ ମସିହାରେ ଘୋଷଣା ହେବା ପରେ ଅନେକ ପ୍ରକଳ୍ପ କାର୍ଯ୍ୟ ବନ୍ଦ ହୋଇପଡ଼ିଛି।

ବରୀ ବ୍ଲକର ଖରସ୍ରୋତା ନଦୀର ଶାଖା ଚିଙ୍ଗୁଡିଆ ନାଳରେ ନିର୍ମାଣ ହେଉଥିବା ସେତୁ ୨୦୧୫ରୁ ଅଟକି ରହିଛି। ଏହି ସେତୁ ନିର୍ମାଣ ହେଲେ ବରୀ ଓ ବିଞ୍ଝାରପୁର ବ୍ଲକକୁ ସଂଯୋଗ କରିବ। କିନ୍ତୁ ଉଭୟ ବ୍ଲକର ହଜାର ହଜାର ଅଧିବାସୀ ଏହି ପୋଲ ହେବା ଆଶାରେ ଗତ ୧୦ ବର୍ଷ ଧରି ଚାହିଁ ରହିଛନ୍ତି। ପ୍ରଶାସନ ଓ ସରକାରଙ୍କ ବିଭିନ୍ନ କଟକଣା ଭିତରେ ଏହି ପ୍ରକଳ୍ପ ଝୁଲି ରହିଛି। ଫଳରେ ବର୍ଷା ହେଲେ ଉଭୟ ବ୍ଲକର ଲୋକେ ବିପଦ ସଙ୍କୁଳ ଭାବେ ଡଙ୍ଗାରେ ପାରି ହେଉଛନ୍ତି। ଗୋଟିଏ ପଟେ ଜଳପଥ ପ୍ରକଳ୍ପ ଆଗେଇ ନଥିବା ବେଳେ ଅନ୍ୟପଟେ ଏହି ପ୍ରକଳ୍ପ କାମ ଅଧାପନ୍ତରିଆ ହୋଇପଡ଼ି ରହିଛି। ଫଳରେ ଉଭୟ ସେତୁ ପାଇଁ ରହିଥିବା ଅର୍ଥ ମଧ୍ୟ ଫେରିବାକୁ ବସିଲାଣି। ବାରମ୍ବାର ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳବାସୀ ରାଜ୍ୟ ସରକାର ଏବଂ ଜଳପଥ ବିଭାଗକୁ ଅବଗତ କରିବା ପରେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଗ୍ରାମ୍ୟ ଉନ୍ନୟନ ବିଭାଗ କରାଯିବାକୁ ଥିବା ଉଭୟ ସେତୁ ପାଇଁ ଜଳପଥ ବିଭାଗର ଏନଓସି ଆବଶ୍ୟକ। କିନ୍ତୁ ଜଳପଥ ବିଭାଗ ପକ୍ଷରୁ କୌଣସି ଏନ୍‌ଓସି ଦିଆଯାଉନଥିବାରୁ ଏହି ପ୍ରକଳ୍ପ କାମ ଆଗେଇ ପାରୁନାହିଁ। ଉକ୍ତ ନଦୀରେ ଜଳପଥ ନିର୍ମାଣ ହେଲେ ପୂର୍ବରୁ ଡିଜାଇନ ହୋଇଥିବା ସେତୁ ରହିବା ସମ୍ଭବ ନୁହେଁ ଏଥିପାଇଁ ଏହାର ଡିଜାଇନକୁ ପରିବର୍ତ୍ତନ କରାଯିବ। ନିକଟରେ ବରୀ ଅଞ୍ଚଳର ସ୍ୱେଚ୍ଛାସେବୀ ବିବେକାନନ୍ଦ ନାଥଙ୍କ ନେତୃତ୍ୱରେ ସ୍ଥାନୀୟ ଅଞ୍ଚଳବାସୀ ଜଳପଥ ବିଭାଗୀୟ ଅଧିକାରୀଙ୍କୁ ଭେଟି ସେମାନଙ୍କ ଦାବିପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ ଉଭୟ ସ୍ଥାନରେ ସେତୁ ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ନିବେଦନ କରିଥିଲେ। ନ ହେଲେ ଆଗାମୀ ଦିନରେ ଜଳପଥ ବିଭାଗ ସମ୍ମୁଖରେ ଗ୍ରାମବାସୀଙ୍କ ପକ୍ଷରୁ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଥିଲା। ଉକ୍ତ ଅଭିଯୋଗ ପାଇବା ପରେ ଆଜି ଜଳପଥ ବିଭାଗର ନିର୍ଦ୍ଦେଶକ ଅନିଲ କୁମାର ଘଟଣାସ୍ଥଳ ପରିଦର୍ଶନ କରି ଫେରିଯାଇଛନ୍ତି। ଉଭୟ ପଣ୍ଡୁଆ ନାଳ ଏବଂ ଚିଙ୍ଗୁଡିଆ ସେତୁ କାର୍ଯ୍ୟ ହେବା ପାଇଁ ପଦକ୍ଷେପ ନେବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହିତ ଖୁବଶିଘ୍ର ଏହି ଅଞ୍ଚଳକୁ ବିଭାଗୀର ଏକ ହାଇଲେଭଲ ଟିମ ପରିଦର୍ଶନରେ ଆସିବେ ବୋଲି ଜଣାପଡ଼ିଛି। ଜଳପଥ ବିଭାଗୀୟ ଅଧିକାରୀଙ୍କ ଏଭଳି ପରିଦର୍ଶନ କରିବା ଫଳରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ସେତୁ ହେବା ନେଇ ଆଶା ସଞ୍ଚାର ହୋଇଛି। ବର୍ଷ ବର୍ଷ ଧରି ସେତୁ ପାଇଁ ହଇରାଣ ହରକତ ହେଉଥିବା ଲୋକଙ୍କର ସମସ୍ୟା ସମାଧାନ ହେବ ବୋଲି ଆଶା କରାଯାଉଛି।

## ବିଦ୍ୟାଳୟ ଶ୍ରେଣୀ ଗୃହ ପାଇଁ ଶିଳାନ୍ୟାସ



**କେନ୍ଦୁଝର/ହରିଚନ୍ଦନପୁର, ୨୦।୨ (ସମିସ):** କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ବ୍ରଜମୋହନପୁରସ୍ଥିତ ମାନବିକ ବିଦ୍ୟାଭବନ ପରିସରରେ ଡ. ଏସ୍‌କେ ଦାଶ ହାଇସ୍କୁଲର ନୂତନ ଶ୍ରେଣୀ ଗୃହ ପାଇଁ ଗୁରୁବାର ଶିଳାନ୍ୟାସ ହୋଇଛି। କଳିଙ୍ଗ ହସପିଟାଲ ଅଧ୍ୟକ୍ଷ ଡ. ଶୀତ କଣ୍ଠ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ କରିଥିଲେ। ଏଥିରେ କଳିଙ୍ଗ ହସପିଟାଲ ସିଇଓ ଡ. ସନ୍ତୋଷ କୁମାର ଦୋରା, ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡ. ମଦନମୋହନ ଦତ୍ତ, ଅପରେସନ ହେଡ୍ ନରେନ୍ଦ୍ର ଶତପଥୀ, ଅର୍ଥ ବିଭାଗ ମୁଖ୍ୟ ନୃସିଂହ ସ୍ୱାଇଁ, ମାର୍କେଟିଂ ମୁଖ୍ୟ ମୃତ୍ୟୁଞ୍ଜୟ ମିଶ୍ର, ମାନବ ସମ୍ବଳ ବିଭାଗର ମୁଖ୍ୟ ଏଲିନା ଭୂୟାଁ, ମାର୍କେଟିଂ ବିଭାଗର ବିନୟ ନନ୍ଦ ଦାଶ, ଏସ୍ ଅପରାଜିତା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରେ ଅନୁଷ୍ଠାନର ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଅଭୟ ମହାନ୍ତ ଅତିଥି ପରିଚୟ ଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷା କନକଲତା ନାୟକ ଧନ୍ୟବାଦ ଦେଇଥିଲେ। ବିଜୟ ସାହୁ, ଦୁର୍ଯ୍ୟୋଧନ ମହାନ୍ତ, ରଶ୍ମିରେଖା ସାହୁ, ପ୍ରଜ୍ଞା ପ୍ରିୟଦର୍ଶିନୀ ସାହୁ ପ୍ରମୁଖ ଶିକ୍ଷକ, ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୧ରେ ସାହିତ୍ୟ ଦର୍ପଣର ବାର୍ଷିକ ଉତ୍ସବ

**ଧର୍ମଶାଳା, ୨୦।୨(ସମିସ):** ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଆସନ୍ତା ମାର୍ଚ୍ଚ ୧ ତାରିଖରେ ଜାରକା ଧର୍ମଶାଳା ଷ୍ଟାଡିୟମ ପରିସରରେ ସାହିତ୍ୟ ଦର୍ପଣର ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ। ଏହି ଉତ୍ସବରେ ଯାଜପୁର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା ଉଦ୍‌ଘାଟକ, ବିଶିଷ୍ଟ କବି ଅଭୟ ନାୟକ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଭାବେ ବିଶିଷ୍ଟ କବି ଧନଞ୍ଜୟ ସ୍ୱାଇଁ, ବିଶିଷ୍ଟ ସମାଜସେବୀ ମିନତୀ ସାହୁ ଯୋଗଦେବେ। ସେହିପରି ପୂର୍ବାହ୍ନରେ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ କବି ସୁଚେତା ମିଶ୍ରଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ କବିତା ପାଠ ଉତ୍ସବରେ ବିଶିଷ୍ଟ ଗାଳ୍ପିକ ପ୍ରକାଶ ମହାପାତ୍ର, ବିଶିଷ୍ଟ ସଂଳାପ ଲେଖକ ବିଜୟ ମଲ୍ଲ ଯୋଗଦେବେ। ଏହି ଅବସରରେ କବି ଡ. ସଂଘମିତ୍ରା ରାୟ ଗୁରୁଙ୍କୁ ମର୍ଯ୍ୟାଦା ଜନକ ସାହିତ୍ୟ ଦର୍ପଣ ପୁରସ୍କାର, କବି ରାଜୀବ ପାଣିଙ୍କୁ ସାହିତ୍ୟ ଦର୍ପଣ ସ୍ୱତନ୍ତ୍ର ସମ୍ମାନ, କବି ବୃନ୍ଦାବନ ଦାସ, ଡ. ସ୍ମୃତି ପଟ୍ଟନାୟକ, ଅଧ୍ୟାପକ ଗିରିଜା ଶଙ୍କର ସେଠୀ, ଟିଭି ଉପସ୍ଥାପକ ଅବିନାଶ ଷଡ଼ଙ୍ଗୀଙ୍କୁ ସାହିତ୍ୟ ଦର୍ପଣ ସମ୍ମାନ, କବି ପଲ୍ଲବୀ ଦାସଙ୍କୁ ଯୁବ ପ୍ରତିଭା ସମ୍ମାନ, ସଫଳ ଉଦ୍ୟୋଗୀ ଭାବେ ବ୍ରହ୍ମାନନ୍ଦ ସାହୁଙ୍କୁ ସମ୍ମାନିତ କରାଯିବ। କବିତା ଓ ବଂଶୀ ଗୀତର ଯୁଗଳ ବନ୍ଦି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୨୬ ଜଣ କବି ଯୋଗଦେଇ ସେମାନଙ୍କର ସ୍ୱରଚିତ କବିତା ପାଠ କରିବେ ବୋଲି ପତ୍ରିକାର ସମ୍ପାଦକ ବିମଳ ପତି ଜଣାଇଛନ୍ତି।

## ନବୀନ ଚନ୍ଦ୍ର ବିଦ୍ୟାପୀଠର ବାର୍ଷିକ ଉତ୍ସବ



**ବରୀ, ୨୦।୨(ସମିସ):** ନବୀନ ଚନ୍ଦ୍ର ସରକାରୀ ବିଦ୍ୟାପୀଠର ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ କୁମାର ବେହେରାଙ୍କ ସଭାପତିତ୍ୱ ଓ ମହେନ୍ଦ୍ର କୁମାର ଜେନାଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ଉତ୍ସବରେ ପୂର୍ବତନ ସିଆର୍‌ସିସି ମକରଧ୍ୱଜ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ କୁମାର ବେହେରା ସ୍ୱାଗତ ଅଭିଭାଷଣ ଓ ଉମାକାନ୍ତ ଷ୍ୟାନ୍ତି ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ବାଲିଆ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଦେବ ପ୍ରସାଦ ସାମଲ, ସମ୍ମାନିତ ଅତିଥି ଭାବେ ମହେଶ୍ୱର ମଲ୍ଲ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ପତି, ପୂର୍ବତନ ପ୍ରଧାନ ଶିକ୍ଷକ ବଳରାମ ପଣ୍ଡା, ଶିଶୁ ସାହିତ୍ୟିକ ଡ. ଅଜୟ କୁମାର ଜେନା, ସମିତି ସଭ୍ୟ ଶ୍ରୀଧର ସେଠୀ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅନୁପମା ଦ୍ୱିବେଦୀ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କ ଉତ୍ତମ ଚରିତ୍ର ଗଠନ କିପରି ହୋଇପାରିବ ସେ ସମ୍ପର୍କରେ ବକ୍ତବ୍ୟ ପ୍ରଧାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ବାବନ ଚନ୍ଦ୍ର ଜେନା, ସୁଦିପ୍ତ କୁମାର ଜେନା, ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଅନୁଷ୍ଠିତ ସଂକୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ଡ. ପ୍ରମୋଦ କୁମାର ଦାସଙ୍କ ନିର୍ଦ୍ଦେଶିତ ଓ ମନୋଜ କୁମାର ବେହେରାଙ୍କ ନାଟ୍ୟ ପରିଚାଳନାରେ 'କଳିଯୁଗର କୁଳାଙ୍ଗାର' ନାଟକ ପରିବେଷଣ ବେଶ ଚିତ୍ତାକର୍ଷକ ହୋଇଥିଲା। ବାର୍ଷିକ କ୍ରୀଡାର ପୁରସ୍କାର ମଧ୍ୟ ଅତିଥି ମାନେ ପ୍ରଦାନ କରିଥିଲେ।

## ରାସ୍ତା ପାର୍ଶ୍ୱ ଡ୍ରେନ୍ ନିର୍ମାଣରେ ଅନିୟମିତତା

**ଦଶରଥପୁର, ୨୦।୨(ସମିସ):** ଦଶରଥପୁର ବ୍ଲକ ଦଶରଥପୁର ପଞ୍ଚାୟତରେ ଗ୍ରାମ ରାସ୍ତା ଠାରୁ ଆରମ୍ଭ କରି ବର୍ଷା ଜଳ ନିଷ୍କାସନ ପାଇଁ ନିର୍ମାଣଧୀନ ପ୍ରକଳ୍ପ କାର୍ଯ୍ୟକୁ ନିମ୍ନମାନର କରାଯାଉଥିବା ନେଇ ସ୍ଥାନୀୟ ବାସିନ୍ଦା ଦଶରଥପୁର ବିଡିଓ ଆକାଶ ପଟ୍ଟନାୟକଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ଦଶରଥପୁର ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଦ୍ୱାରା ପଞ୍ଚାୟତ ଅଧୀନ କସ୍ତୁରବା କନ୍ୟାଶ୍ରମ ବିଦ୍ୟାଳୟ ସମ୍ମୁଖ ରାସ୍ତା ପାର୍ଶ୍ୱରେ ଅନାବଶ୍ୟକ ବର୍ଷା ଜଳ ନିଷ୍କାସନ ଉଦ୍ଦେଶ୍ୟରେ ଡ୍ରେନ ନିର୍ମାଣ କରିବାକୁ ସ୍ଥିର କରାଯାଇଥିଲା। ଡ୍ରେନ ନିର୍ମାଣ କାର୍ଯ୍ୟାଦେଶ ହାତେଇଥିବା ଠିକାଦାର ନିର୍ମାଣ କାର୍ଯ୍ୟରେ ଘୋର ଅନିୟମିତତା କରିଥିବା ଯୋଗୁଁ ମାତ୍ର କେଇ ଦିନ ପୂର୍ବେ ଅର୍ଦ୍ଧନିର୍ମିତ ଡ୍ରେନର ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଛି। ନିର୍ମାଣ କାର୍ଯ୍ୟ ସରିନଥିବା ବେଳେ କସ୍ତୁରବା କନ୍ୟାଶ୍ରମ ମୁଖ୍ୟ ଫାଟକ ସମ୍ମୁଖରେ ଶିକ୍ଷାନୁଷ୍ଠାନର ଅନ୍ତେବାସୀଙ୍କ ଯାତାୟାତ ପାଇଁ ଡ୍ରେନ୍ ଉପରେ ନିର୍ମିତ ସିମେଣ୍ଟ ସ୍ଲାବ ୧୫ଦିନ ହେବ ଭାଙ୍ଗି ଚୁରମାର ହୋଇଯାଇଥିବା ବେଳେ ସ୍ଲାବରେ ବ୍ୟବହୃତ ଲୁହା ରଡ଼ ପଦାକୁ ମୁଣ୍ଡ ଟେକି ଅନାଇ ରହିଛି। କନ୍ୟାଶ୍ରମ ଅନ୍ତେବାସୀଙ୍କ ଯାତାୟାତରେ ବାଧା ଉପୁଜିବା ଯୋଗୁଁ କନ୍ୟାଶ୍ରମ କର୍ତ୍ତୃପକ୍ଷ ମରାମତି କରିବା ନିମନ୍ତେ ବାରମ୍ବାର ଦାବି କରିବା ସତ୍ତ୍ୱେ ଡ୍ରେନ୍ ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାର ନଷ୍ଟ ହୋଇଯାଇଥିବା ସ୍ଲାବ ମରାମତି କରିବା ପରିବର୍ତ୍ତେ ନିଜ ତ୍ରୁଟି ଲୁଚାଇବାକୁ ଯାଇ ନଷ୍ଟ ହୋଇଯାଇଥିବା ସ୍ଲାବକୁ ଭଙ୍ଗା ଇଟା ଓ ବାଲିରେ ଢାଙ୍କି ଦାୟୀତ୍ୱ ସାରିଦେଇଛନ୍ତି। ଯାହାକୁ ନେଇ କନ୍ୟାଶ୍ରମ ଅନ୍ତେବାସୀ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଘୋର ଅସନ୍ତୋଷ ସୃଷ୍ଟି ହେବା ସହିତ ନିର୍ମାଣଧୀନ ଡ୍ରେନର ସ୍ଥାୟିତ୍ୱ ନେଇ ପ୍ରଶ୍ନ ଉଠାଇ ଡ୍ରେନ ନିର୍ମାଣରେ ସମ୍ପୃକ୍ତ ଠିକାଦାର ଓ ତଦାରଖ ଦାୟୀତ୍ୱରେ ଥିବା ଯନ୍ତ୍ରୀଙ୍କ ବିରୁଦ୍ଧରେ ଦଶରଥପୁର ବିଡିଓଙ୍କ ନିକଟରେ ଅଭିଯୋଗ କରି ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଏଥିରେ ବ୍ୟତିକ୍ରମ ହେଲେ ଗ୍ରାମବାସୀ ଜିଲ୍ଲାପାଳ ଏବଂ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିବେ ବୋଲି ଚେତାବନୀ ଦେଇଛନ୍ତି। ଅପରପକ୍ଷେ ଅଭିଯୋଗ ସମ୍ପର୍କରେ ଦଶରଥପୁର ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀ ଅମୀୟ ରାଉତଙ୍କୁ ଯୋଗାଯୋଗ କରିବାରେ ଉକ୍ତ ପ୍ରକଳ୍ପ ନିର୍ମାଣ ସମ୍ପର୍କରେ ତାଙ୍କ ନିକଟରେ କୌଣସି ସୂଚନା ନାହିଁ ବୋଲି କହିବା ସହିତ ବ୍ଲକ ପ୍ରଶାସନ ଆଢୁଆଳରେ ଯଦି କେହି ଉକ୍ତ ଡ୍ରେନ୍ ନିର୍ମାଣ କରିଥାଏ ସେଥିପାଇଁ ସେ ଉତ୍ତରଦାୟୀ ନୁହଁନ୍ତି ବୋଲି କହିଥିଲେ।



## ଆଇନସେବା ପ୍ରାଧିକରଣ ପକ୍ଷରୁ ସଚେତନତା ସଭା




**ଯାଜପୁର, ୨୦।୨(ସମିସ):** ଜିଲ୍ଲା ଦୌରାଜଜ୍ ତଥା ଆଇନ୍ ସେବା ପ୍ରାଧିକରଣ ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ଯାଜପୁର ବ୍ଲକ ସମ୍ମିଳନୀ କକ୍ଷ ଠାରେ ଆଇନ୍ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାଧିକରଣ ସଚିବ ତଥା ଅତିରିକ୍ତ ଦେୱାନୀ ବିଚାରପତି ନେହା ଅଗ୍ରୱାଲ୍ ଅଧ୍ୟକ୍ଷତା କରିଥିଲେ। ଏଥିରେ ଅତିଥି ଆଲୋଚକ ଭାବେ ସିଭିଲ୍ ଜଜ୍ ସୁନୀତା ବିଶ୍ୱାଳ, ଜେଏମ୍‌ଏଫ୍‌ସି ବିଣାପାଣୀ ତାଣ୍ଡି, ଆରଟିଓ ଯାଜପୁର ଧିରେନ୍ଦ୍ର ନାୟକ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପାର୍ବତୀ ସାହୁ, ସୁରକ୍ଷା ଅଧିକାରୀ ସୁନନ୍ଦା ଦାସ, ସିଡିପିଓ ଯାଜପୁର ବଜମ୍ ଆରା ବେଗମ୍, ଜିଲ୍ଲା ବିଜ୍ଞାନ ନିରୀକ୍ଷକ କୁମାରସେନ୍ ସେନାପତି ଓ ସ୍ଥାୟୀ ଲୋକ ଅଦାଲତ (ପିୟୁଏସ୍)ର ସଦସ୍ୟ ହୃଷିକେଶ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମକୁ ପ୍ରାଧିକରଣ ପ୍ରାକ୍ତନ ସଦସ୍ୟ ଡ. ରୁଦ୍ରନାରାୟଣ ପୃଷ୍ଟି ସଞ୍ଚାଳନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରାଧିକରଣ ଓ ବ୍ଲକର କର୍ମଚାରୀ ବୃନ୍ଦ ସହଯୋଗ କରିଥିଲେ।

## ମହାବୀର ଗୁରୁକୁଳ ଶିକ୍ଷାଶ୍ରମର ବାର୍ଷିକ ଉତ୍ସବ

**ଯାଜପୁର, ୨୦।୨(ସମିସ):** ଯାଜପୁର ବ୍ଲକ ଅନ୍ତର୍ଗତ ଖଇରାବାଦ (ମଙ୍ଗଳପୁର) ମହାବୀର ଗୁରୁକୁଳ ଶିକ୍ଷାଶ୍ରମର ଷୋଡଶତମ ବାର୍ଷିକ ଉତ୍ସବ ପ୍ରଧାନ ଆଚାର୍ଯ୍ୟା ହେମଲତା କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଯାଜପୁର ବିଧାୟିକା ସୁଜାତା ସାହୁ, ମୁଖ୍ୟବକ୍ତା ଭାବେ ଭାରତୀୟ ଶିକ୍ଷାବିକାଶ ସଂସ୍ଥାନର ଜିଲ୍ଲା ପ୍ରଭାରୀ ଆଲୋକପ୍ରଭା ମହାନ୍ତି, ସମ୍ମାନିତ ଅତିଥି ଭାବେ ବିନୋଦ ଚନ୍ଦ୍ର ନାୟକ, ବିଦ୍ୟାଳୟର ସମ୍ପାଦକ ରାଜେଶ କୁମାର ନାୟକ ପ୍ରମୁଖ ଯୋଗଦେଇ ଶିକ୍ଷା ଓ କ୍ରୀଡ଼ା ଶିଶୁର ଜୀବନ ଗଢ଼ିବାରେ ସହାୟକ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର କୃତି ପ୍ରତିଯୋଗୀମାନଙ୍କୁ




ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବାଂଶୋରୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଆଚାର୍ଯ୍ୟା ଦିପ୍ତୀରାଣୀ ବାନାର୍ଜି, ପୂର୍ଣ୍ଣିମା ପାଣି, ଦମୟନ୍ତୀ ମହାରଣା, ଉର୍ମିଳା ରଣା, ସୁଜାତା ବାଇ, ପୂଜା ଚନ୍ଦ, ସୁଭଦ୍ରା ଯେନା, ପୂଜାରାଣୀ ଯେନା, ପୂଜାରାଣୀ ସାହୁ, ଚିନ୍ମୟ ବେହେରା, ସୁବାଷ ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ବିସ୍ତୃତ କଳିଙ୍ଗନଗର ଶିଳ୍ପାଞ୍ଚଳରେ ସଙ୍କୁଚିତ ସଡ଼କ

# ଦୟନୀୟ ଅବସ୍ଥାରେ ବିଜୁପଟ୍ଟନାୟକ ମାର୍ଗ



**ଯଖପୁରା, ୧୮।୨(ସମିସ)**

କଳିଙ୍ଗନଗର ଶିଳ୍ପାଞ୍ଚଳଠାରେ ଯେତିକି ସଂଖ୍ୟାରେ ଶିଳ୍ପ ପ୍ରତିଷ୍ଠା ହେଉଛି ସେହି ସଂଖ୍ୟାରେ ସଡ଼କ ବ୍ୟବସ୍ଥା ହୋଇପାରିନାହିଁ। ଏସିଆ ମହାଦେଶରର ଶିଳ୍ପ ରାଜଧାନୀ ଭାବେ ପରିଚୟ ଲାଭ କରିଥିବା କଳିଙ୍ଗନଗର ଏବେ ସଡ଼କ କ୍ଷେତ୍ରରେ ବହୁ ଅସୁବିଧାର ସମ୍ମୁଖିନ ହେଉଛି। ସବୁଠୁ ଅଧିକ କ୍ଷୟକ୍ଷତି ହୋଇଥିବା ସଡ଼କଟି ସମସ୍ତ ଶିଳ୍ପାଞ୍ଚଳକୁ ସଂଯୋଗ କରୁଥିବା ବିଜୁ ପଟ୍ଟନାୟକ ମାର୍ଗ ହୋଇଥିବା ବେଳେ ଏହାର ରକ୍ଷଣା ବେକ୍ଷଣ ଦାୟିତ୍ୱ ଯେପରି କାହାର ନାହିଁ ବୋଲି ଜଣାଯାଏ। ଏହି ସଡ଼କଟି ଯାତାୟାତ ପାଇଁ ସମ୍ପୂର୍ଣ୍ଣ ଭାବେ ଅନୁପଯୋଗୀ ହୋଇପଡ଼ିଥିବା ବେଳେ ରାସ୍ତାକୁ ପ୍ରଶସ୍ତୀକରଣ ପାଇଁ ବର୍ଷ ବର୍ଷ ଧରି କେବଳ ସର୍ଭେ କରାଯାଉଥିବାର ଦେଖିବାକୁ ମିଳୁଛି। ରାସ୍ତା ପ୍ରଶସ୍ତୀକରଣ କ'ଣ ହେବ ଦିନକୁ ଦିନ ବିଜୁପଟ୍ଟନାୟକ ମାର୍ଗର ଦୁଇ ପାର୍ଶ୍ୱରେ ମୋଟା ଆକାରର ବାଲି ଗୋଡ଼ି ପଡ଼ିରହିଥିବା ରାସ୍ତା ଦିନକୁ ଦିନ ସଙ୍କୁଚିତ ହେବାରେ ଲାଗିଛି। ଏହି ସଡ଼କ ଭାଙ୍ଗି ତ୍ରୁଟି ଯାଇଥିବାବେଳେ ପୂର୍ତ୍ତ ବିଭାଗ ଏହାରି ଉପରେ ବାରମ୍ବାର ତାଳି ପକାଇ କେବଳ ସରକାରୀ ଅର୍ଥ ନଷ୍ଟ ହେଉଛି; ମାତ୍ର ରାସ୍ତାର ସ୍ଥାୟୀ ସମସ୍ୟାରୁ ମୁକ୍ତି ମିଳୁନାହିଁ। ଯେତେଥର ଏହା ଉପରେ ତାଳି ପଡୁଛି, ମାତ୍ର କିଛି ଦିନ ପରେ ଏହାର ଅବସ୍ଥା ଆହୁରି ଖରାପ ହେଉଛି। ବିଜୁପଟ୍ଟନାୟକ ମାର୍ଗର ଭିସା କାରଖାନା ନିକଟରେ ଥିବା ରେଳ ଫାଟକର ଉଭୟ ପାର୍ଶ୍ୱରେ ବିରାଟ ବିରାଟ ଗର୍ତ୍ତ ଦୈନନ୍ଦିନ ଜୀବନରେ ବହୁ ପ୍ରଭାବ ପକାଉଛି। ସାଧାରଣତଃ ଏହି ରାସ୍ତାଦେଇ ଯାତାୟାତ କରୁଥିବା ବେଳେ ଚାରିଚକିଆ ଓ ଦୁଇଚକିଆ ଯାନବାହାନ ଭୟଭୀତ ଅବସ୍ଥାରେ ଯାତାୟାତ କରୁଛନ୍ତି। ସେହିପରି ଶିଳ୍ପାଞ୍ଚଳର ମିଲିଟାରୀ ଛକ, ତେଲିବାହାଳୀ ଛକ, ରାବଣା ଗୋଲେଇ ଛକ, ମନୋହରପୁର ଛକ ଓ କଳିଙ୍ଗନଗର ପ୍ରବେଶ ପଥ ବଙ୍ଗଳା ଛକ ରାସ୍ତା ବିପର୍ଯ୍ୟୟ ହୋଇପଡ଼ିଛି। ରାସ୍ତା ନବୀକରଣ ନିହାତି ଆବଶ୍ୟକ ହୋଇପଡ଼ିଥିବା ବେଳେ ଏହାରି ଉପରେ ବାରମ୍ବାର ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ କେବଳ ତାଳି ପକାଯାଉଛି। ଯେବେଠୁ ଜେସିଡିଏଲ୍ ଠାରୁ ପୂର୍ତ୍ତ ବିଭାଗ ଅଧୀନକୁ ଚାଲିଯାଇଛି ସେବେଠୁ ରାସ୍ତକୁ ଦାୟିତ୍ୱ ବିହୀନ ଭାବରେ ରଖାଯାଇଛି। ଦୀର୍ଘ ଦିନ ପ୍ରତୀକ୍ଷା ପରେ ମଧ୍ୟ ସଡ଼କଟି ଉଚ୍ଚମାନର ହୋଇପାରିଲା ନାହିଁ; ଯାହାଫଳରେ ଅନେକ ସ୍ଥାନରେ ରାସ୍ତା ବାରମ୍ବାର ଦବିଯାଇ ବଡ଼ ବଡ଼ ଗର୍ତ୍ତ ହୋଇଯାଇଛି। କଳିଙ୍ଗନଗର ଶିଳ୍ପାଞ୍ଚଳ ସଡ଼କ ଭାବରେ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ସହାୟତା ହେଉଥିବା ବିଜୁପଟ୍ଟନାୟକ ମାର୍ଗ ରକ୍ଷଣାବେକ୍ଷଣ ପାଇଁ କୌଣସି ବ୍ୟବସ୍ଥା ନ କରାଯାଇ ଏହାରି ଉପରେ ବାରମ୍ବାର ତାଳି ପକାଇ ସାଧାରଣ ଲୋକଙ୍କୁ କ'ଣ ଜଣାଇବାକୁ ଚାହୁଁଛି ପୂର୍ତ୍ତ ବିଭାଗ କିଛି ଜଣାପଡୁନାହିଁ। ଧାତବ ଶିଳ୍ପର ରାଜଧାନୀ ଭାବେ କଳିଙ୍ଗନଗର ଶିଳ୍ପାଞ୍ଚଳ ଯେତିକି ଗୌରବ ଅର୍ଜନ ଓ ଶିଳ୍ପାଞ୍ଚଳର ଭିତ୍ତିଭୂମି ମଧ୍ୟ ସେତିକି ନିକୃଷ୍ଟ। ସେହି ଶିଳ୍ପାଞ୍ଚଳର ପ୍ରମୁଖ ସଡ଼କ ଯାହା ଅତି ନିମ୍ନମାନର ହୋଇ ପଡ଼ିରହିଛି। ଏହି ରାସ୍ତାରେ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଯାନବାହନ, ଶ୍ରମିକ ଓ ସାଧାରଣ ଲୋକ ବିପଦପୂର୍ଣ୍ଣ ଓ ଭୟଭୀତ ହୋଇ ଯାତାୟାତ କରିଥାନ୍ତି। ବିଜୁପଟ୍ଟନାୟକ ମାର୍ଗର ଦୁଇ ପାର୍ଶ୍ୱର ୫ଫୁଟ ଲେଖାଏଁ ରାସ୍ତାକୁ ବାଲି ଗୋଡ଼ି ଚଢ଼ିଯିବାରୁ ରାସ୍ତା ସଙ୍କୁଚିତ ହେବା ଫଳରେ ଯାତାୟାତରେ ବ୍ୟାହତ ଘଟୁଛି। ସାଧାରଣରେ ଆଲୋଚନ ହେଉଛି ଯେଉଁଠି ଶିଳ୍ପାଞ୍ଚଳ ବିସ୍ତୃତ ହେବାରେ ଲାଗିଛି ସେଠାରେ ସଡକ ପ୍ରସସ୍ଥ ହେବା ବଦଳରେ ଦିନକୁ ଦିନ ସଙ୍କୁଚିତ ହେବାରେ ଲାଗିଛି। ପୂର୍ବରୁ ରାସ୍ତାରେ ପଡ଼ିଥିବା ବାଲି ଗୋଡିକୁ ଜେସିଡିଏଲ ଦ୍ୱାରା ରୀତିମତ ସଫା କରାଯାଉଥିଲା; ମାତ୍ର ପୂର୍ତ୍ତ ବିଭାଗ ଅଧୀନକୁ ଆସିବା ଦିନଠାରୁ କୌଣସି ବ୍ୟବସ୍ଥା କରାଯାଉନାହିଁ। ବିଜୁପଟ୍ଟନାୟକ ମାର୍ଗକୁ ନିର୍ମାଣ, ମରାମତି ଓ ରକ୍ଷଣାବେକ୍ଷଣ ପାଇଁ କଳିଙ୍ଗନଗରରେ କାର୍ଯ୍ୟରତ ଭିନ୍ନ ଭିନ୍ନ ଶିଳ୍ପସଂସ୍ଥାକୁ ଦାୟିତ୍ୱ ଦିଆଗଲେ ରାସ୍ତା ଉନ୍ନତମାନର ଓ ଦୀର୍ଘ ସ୍ଥାୟୀ ହୋଇପାରିବ। କେବେ ଶିଳ୍ପାଞ୍ଚଳର ମେରୁଦଣ୍ଡ କୁହାଯାଉଥିବା ବିଜୁପଟ୍ଟନାୟକ ମାର୍ଗ ଦୁଇପାର୍ଶ୍ୱରୁ ବାଲି ଗୋଡ଼ି ସଫା କରାଯିବ ଓ ଏହାର ସ୍ଥାୟୀ ପୂର୍ଣ୍ଣ ନବୀକରଣ କରାଯିବ ଦେଖିବାକୁ ବାକି ରହିଲା।

ଅପରେସନ ସାଇବର୍ କବଚ

# ୮୬ ମ୍ୟୁଲ୍ ଆକାଉଣ୍ଟ ଠାବ; ଫେରାର ୩ ଅଭିଯୁକ୍ତ ଗିରଫ

**ରାଉରକେଲା, ୨୦।୨(ସମିସ)**

ରାଜ୍ୟରେ ସାଇବର ଠକେଇ ଓ ଏଥିରେ ସମ୍ପୃକ୍ତ ଅପରାଧୀଙ୍କୁ ଧରିବାକୁ ଆରମ୍ଭ ହୋଇଛି ଅପରେସନ ସାଇବର କବଚ। ଲୋକଙ୍କୁ ଫସାଇ ଯୋଜନାବଦ୍ଧ ଭାବେ ସେମାନଙ୍କ ସଞ୍ଚିତ ଅର୍ଥ ଲୁଟ୍ କରୁଥିବା ସଙ୍ଗଠିତ ଗ୍ୟାଙ୍ଗ ଏବଂ ଅଭିଯୁକ୍ତଙ୍କୁ ଗିରଫ କରାଯାଉଛି। ଏହି କ୍ରମରେ ରାଉରକେଲା ପୁଲିସ୍ ପୂର୍ବରୁ ୧୪ ଜଣଙ୍କୁ ଗିରଫ କରିଥିବା ବେଳେ ଫେରାର ଥିବା ୩ ଅପରାଧୀକୁ ଆଜି ଗିରଫ କରିଛି। ଫଳରେ ଗିରଫ ସଂଖ୍ୟା ୧୭ରେ ପହଞ୍ଚିଛି। ଅଭିଯୁକ୍ତମାନେ ହେଲେ ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ସେକ୍ଟର-୨୧ ନୟାବଜାର ଅଞ୍ଚଳର ରୋନକ ଦାସ (୨୨), ଟ୍ରଫିକ ଗେଟ୍ ଗଞ୍ଜାମ ବସ୍ତିର ରୋଶନ ରାୟ (୨୫) ଓ ମହତାବ ରୋଡ୍ ଅଞ୍ଚଳର ସାହାନବାଜ ଖାନ୍ ଓରଫ ପାନ (୨୯)। ବିଶେଷ କରି ପୁଲିସ ମ୍ୟୁଲ ଆକାଉଣ୍ଟ, ଏଟିଏମ୍ ଠକେଇ, ଚେକ୍ ବାଉନ୍ସ, ଅନ୍ୟାନ୍ୟ ଅର୍ଥନୈତିକ

**ପୂର୍ବରୁ ଗିରଫ ହୋଇଥିଲେ ୧୪**

ଅପରାଧ ମାମଲା ଗୁଡ଼ିକୁ ଗମ୍ଭୀରତାର ସହ ନେଇଛି। ରାଉରକେଲା ପୁଲିସ୍ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ସାଇବର ଅପରାଧ ସହ ସମ୍ପୃକ୍ତ ଥିବା ଅପରାଧୀମାନଙ୍କୁ ଧରିବାରେ ସକ୍ଷମ ହୋଇଛି। ପୁଲିସ୍ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ୮୬ଟି ମ୍ୟୁଲ ଆକାଉଣ୍ଟ ଜବତ କରାଯାଇଛି। ଉକ୍ତ ଆକାଉଣ୍ଟ ଗୁଡ଼ିକ ମାଧ୍ୟମରେ ସାରା ଭାରତରେ ୮ କୋଟି ୧୪ ଲକ୍ଷ ୯୮ ହଜାର ୭୬୭ ଟଙ୍କାର କାରବାର ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ରାଉରକେଲା ପୁଲିସ୍ ଜିଲ୍ଲା ଅନ୍ତର୍ଗତ ସେକ୍ଟର-୩ ଥାନା, ବିସ୍ରା ଥାନା, ଝିରପାଣି ଥାନା, ସେକ୍ଟର-୭ ଥାନା, ରଘୁନାଥପାଲି ଥାନା, ସେକ୍ଟର-୧୫ ଥାନା, ସାଇବର ଥାନା, ବନ୍ଧମୁଣ୍ଡା ଥାନାରେ ଗୋଟିଏ ଲେଖାଏଁ ସାଇବର ମାମଲା ରୁଜୁ ହୋଇଥିଲା। ସେହିପରି ସେକ୍ଟର-୧୯ ଥାନାରେ ଦୁଇଟି ମାମଲା ରୁଜୁ ହୋଇଥିଲା। ଏସବୁର ତଦନ୍ତ କରି ପୁଲିସ୍ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ରାଉରକେଲାରେ ବଢ଼ୁଥିବା ସାଇବର ଠକେଇ ଘଟଣା ପରେ ପୁଲିସ୍ ପକ୍ଷରୁ ସାଧାରଣ ଜନତାଙ୍କୁ ସତର୍କ କରାଯାଇଛି। ଅର୍ଥ ଲୋଭରେ କୌଣସି ପ୍ରଲୋଭନରେ ନ ପଡ଼ିବା, ଆର୍ଥିକ କାରବାର ସମ୍ପର୍କିତ ସୂଚନା ଅପରିଚିତଙ୍କୁ ହସ୍ତାନ୍ତର ନ କରିବା, ସାଇବର ଠକେଇର ଶିକାର ହେଲେ ତୁରନ୍ତ ପୁଲିସ୍‌ର ସହାୟତା ନେବାକୁ ପରାମର୍ଶ ଦିଆଯାଇଛି।

# ଜ୍ଞାନ ବିକାଶ କେନ୍ଦ୍ରର ସାହିତ୍ୟ ମହୋତ୍ସବ




**ରାଉରକେଲା, ୨୦।୨(ସମିସ):** ସ୍ଥାନୀୟ ଜେଲ ରୋଡ ସ୍ଥିତ ପଦ୍ମାବତୀ ମେମୋରିଆଲ ହଲ ପରିସରରେ ଶ୍ରୀଧର ସ୍ମୃତି ଜ୍ଞାନ ବିକାଶ କେନ୍ଦ୍ର ପକ୍ଷରୁ ଏକ ମନୋଜ୍ଞ ମାସିକ ସାହିତ୍ୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ଡ. ଉମାକାନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାହିତ୍ୟ ମହୋତ୍ସବରେ ମୁଖ୍ୟଅତିଥି ଭାବରେ କବି ବ୍ରଜେନ୍ଦ୍ର ଦାଶ, ମୁଖ୍ୟବକ୍ତା ଭାବେ ଡ. ନିଶିକାନ୍ତ ମିଶ୍ର, ସମ୍ମାନୀୟ ବକ୍ତା ଭାବେ ସମାଜସେବୀ ବିଚିତ୍ରା ନନ୍ଦ ସାହୁ, ଶିକ୍ଷାବିତ୍ ବିଜୟ ସାହୁ, ସଙ୍ଗୀତ ନିର୍ଦ୍ଦେଶକ ପୁଲିନ ରାଉତରାୟ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ତଥା ରେଲବାଇ ବୋର୍ଡର ଡିଆରୟୁସିସି ଅଧିକାରୀ ସୁବାସ ଚନ୍ଦ୍ର ଲେଙ୍କା ବିବରଣୀ ପାଠ କରିଥିଲେ। ଓଡ଼ିଆ ସ୍ୱାଭିମାନ ଓ କୁଳବୃଦ୍ଧ ମଧୁସୂଦନଙ୍କୁ ଓଡ଼ିଆ ଜାତିର ପିତା ତଥା ରାଷ୍ଟ୍ର ନାୟକ କହିଥିଲେ। ଶିକ୍ଷାବିତ୍ ବିଜୟ କୁମାର ସାହୁ ଓଡ଼ିଶାର ଜନଜୀବନରେ ଜଣେ ଜୀବନ୍ତ କିମ୍ବଦନ୍ତୀ ପୁରୁଷ ବୋଲି କହିଥିଲେ। କବି ପୁଲିନ ରାଉତରାୟ ଓଡ଼ିଶାର ଧର୍ମ, ସଂସ୍କୃତି, ପରମ୍ପରା, ଐତିହ୍ୟ, ସାହିତ୍ୟ, ରାଜନୀତି ଓ ଅର୍ଥନୀତିକୁ ମଧୁବାବୁ ବହୁବାର ପରିପୁଷ୍ଟ କରିଥିଲେ ବୋଲି କହିଥିଲେ। ଶିକ୍ଷାବିତ୍ ଡ. ନିଶିକାନ୍ତ ମିଶ୍ର ମଧୁବାବୁଙ୍କ ଓଡ଼ିଶାର ସାମଗ୍ରିକ ବିକାଶ ସମ୍ବନ୍ଧରେ ଆଲୋଚନା କରିଥିଲେ। କବି ବ୍ରଜେନ୍ଦ୍ର ଦାଶ ମଧୁବାବୁ ଜଣେ ଓଡ଼ିଶା ଇତିହାସରେ ବିରଳ ବ୍ୟକ୍ତିତ୍ୱ ଥିଲେ ବୋଲି କହିଥିଲେ। ଅନୁଷ୍ଠାନର ଉପାଧ୍ୟକ୍ଷ ଅନିଲ ଦାଶ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ପ୍ରାୟ ୩୦ ଜଣ କବି ଯୋଗ ଦେଇଥିଲେ। ଶେଷରେ ସମାଜସେବୀ ଅନୀଲ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଇଏଫ୍‌ଆଇର ପୂର୍ବତନ ରାଜ୍ୟ ସଭାପତି ସୁଶିଲ ଗିରିଙ୍କ ପରଲୋକ



**ରାଉରକେଲା, ୨୦।୨(ସମିସ):** ଅଲ୍ ଓଡ଼ିଶା ବ୍ୟାଙ୍କ ଏମ୍ପ୍ଲୋଇଜ ଫେଡେରେସନ (ବିଇଏଫ୍‌ଆଇ)ର ପୂର୍ବତନ ରାଜ୍ୟ ସଭାପତି ତଥା ବିଶିଷ୍ଟ ବ୍ୟାଙ୍କ କର୍ମଚାରୀ ନେତା ସୁଶିଲ ଗିରିଙ୍କ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସେ ୩ ଥର ସିପିଆଇଏମ୍ ରାଉରକେଲା ଆଞ୍ଚଳିକ କମିଟିର ସମ୍ପାଦକ ଓ ସୁନ୍ଦରଗଡ଼ ଜିଲ୍ଲା କମିଟିର ସମ୍ପାଦକ ମଣ୍ଡଳୀ ସଦସ୍ୟ ଭାବରେ ନେତୃତ୍ୱ ନେଇ କାର୍ଯ୍ୟ କରିଥିଲେ। ସେ ସୁନ୍ଦରଗଡ଼ ଜିଲ୍ଲା ଶ୍ରମିକ କର୍ମଚାରୀ ସମନ୍ୱୟ ସମିତିର ଆବାହକ ରହିବା ସହିତ ସିଆଇଟିୟୁ ସୁନ୍ଦରଗଡ଼ ଜିଲ୍ଲା କମିଟିର ଉପସଭାପତି ଦୀର୍ଘ ଦିନ ଧରି ରହିଥିଲେ। ସେ ଶେଷ ପର୍ଯ୍ୟନ୍ତ ସିପିଆଇଏମର ସଦସ୍ୟ ରହିଥିଲେ। ତାଙ୍କର ଅକାଳ ବିୟୋଗ ସିପିଆଇଏମ୍ ପାଇଁ କ୍ଷତି ନୁହେଁ, ସମଗ୍ର ରାଜ୍ୟର ଶ୍ରମିକ କର୍ମଚାରୀମାନଙ୍କ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ସିପିଆଇଏମ୍ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ତଥା ସିଆଇଟିୟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି ଶୋକ ପ୍ରକାଶ କରି କହିଛନ୍ତି। ରାଉରକେଲା ଆଞ୍ଚଳିକ କମିଟି ସମ୍ପାଦକ ରାଜ କିଶୋର ପ୍ରଧାନ, ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସିଆଇଟିୟୁ ରାଜ୍ୟ ଉପସଭାପତି ଜାହାଙ୍ଗୀର ଅଲ୍ଲୀ, ବିମାନ ମାଇତି, ରାଜ୍ୟ ସମ୍ପାଦକ ବସନ୍ତ ନାୟକ, ଶ୍ରୀମନ୍ତ ବେହେରା, ସୁରେନ୍ଦ୍ର ଦାଶ, ରାଉରକେଲା ଆଞ୍ଚଳିକ କମିଟି ନେତା ବିପି ମହାପାତ୍ର, ଅଜୟ ଶର୍ମା, ତାଜମୁନ ନେହାର, ଭାଗିରଥି ଟୁଡୁ, ବିଶ୍ୱଜିତ ମାଝୀ, ଯଯାତି କେଶରୀ ସାହୁ, ଚନ୍ଦ୍ରଭାନୁ ଦାସ, ଲକ୍ଷ୍ମୀଧର ନାୟକ, ସୁରେନ୍ଦ୍ର ମହାନ୍ତି, ଏନ୍‌ଏନ୍ ପାଣିଗ୍ରାହୀ, ପ୍ରଭାତ ମହାନ୍ତି, ଅରୁଣ ମହାରଣା, ପ୍ରଦୀପ ସେଠୀ, ଅଜିତ୍ ଏକ୍କା, ସୁଧାଂଶୁ ଜେନା, ଅନାଦି ସାହୁ, ଜଗବନ୍ଧୁ ପଶାୟତ, ସମ୍ବିତ ସ୍ୱାଇଁ ଓ ରଘୁନାଥପାଲି ଆଞ୍ଚଳିକ କମିଟି ସମ୍ପାଦକ ହୃଦୟାନନ୍ଦ ଯାଦବ, ଅରୁ ଦାସ, ବିନୟ ବେହୁରିଆ, ଅଶୋକ ଦାସ, ବିବି ଗିରି, ଉପେନ୍ଦ୍ର ତ୍ରିପାଠୀ ପ୍ରମୁଖ ଶାକ ପ୍ରକାଶ କରିଛନ୍ତି।

# ଆଇଜିଏଚ୍‌ରେ ଜଟିଳ ମେରୁଦଣ୍ଡର ସଫଳ ଅସ୍ତ୍ରୋପଚାର

**ରାଉରକେଲା, ୨୦।୨(ସମିସ):** ରାଉରକେଲା ଇସ୍ପାତ କାରଖାନାର (ଆରଏସପି) ଅଧିନସ୍ଥ ଇସ୍ପାତ ଜେନେରାଲ୍ ହସ୍ପିଟାଲ୍ (ଆଇଜିଏଚ)ର ବିଶେଷଜ୍ଞ ଡାକ୍ତରୀ ଦଳ ଦ୍ୱାରା ଏକ ସମନ୍ୱୟିତ ଏବଂ ଜଟିଳ ମେରୁଦଣ୍ଡ ଅସ୍ତ୍ରୋପଚାର ସଫଳ ହୋଇଛି। ଏହି ଅସ୍ତ୍ରୋପଚାର ପରେ ଜଣେ ୫୧ ବର୍ଷୀୟ ଆରଏସପି କର୍ମଚାରୀ ଚାଲିବାରେ



ପୁନଃସକ୍ଷମ ହେବା ସହ ନୂତନ ଜୀବନ ଲାଭ କରିଛନ୍ତି। ୨୦୨୫ ଡିସେମ୍ବର ମାସରୁ ଡି୮-ଡି୯ ସ୍ତରରେ ମେରୁଦଣ୍ଡ ଯକ୍ଷ୍ମା ପାଇଁ ଆଇଜିଏଚରେ ଚିକିତ୍ସିତ ହେଉଥିବା ହଟ୍ ଷ୍ଟ୍ରିପ୍ ମିଲ୍-୨ ବିଭାଗର ସିଏସ୍ ପ୍ରସାଦଙ୍କ ଠାରେ ଏକ ଗୁରୁତର ସ୍ୱାସ୍ଥ୍ୟଗତ ଜଟିଳତା ଦେଖାଦେଇଥିଲା। କିନ୍ତୁ ଆଇଜିଏଚରେ ନିପୁଣ ଚିକିତ୍ସା ସହ ଉନ୍ନତ ଶଲ୍ୟ ଅସ୍ତ୍ରୋପଚାର ପରେ ସେ ସୁସ୍ଥତା ଲାଭ କରିଛନ୍ତି। ଶ୍ରୀ ପ୍ରସାଦ ହଠାତ୍ ଠିଆ ହୋଇ ନ ପାରିବା ସହ ଉଭୟ ପାର୍ଶ୍ୱ ଅଙ୍ଗରେ ଗୁରୁତର ଦୁର୍ବଳତା ଅନୁଭବ କରିବା ପରେ ଗତ ଜାନୁଆରୀ ୧୭ ତାରିଖରେ ଆଇଜିଏଚରେ ଭର୍ତ୍ତି ହୋଇଥିଲେ। ଯାହା ମେରୁଦଣ୍ଡ ଯକ୍ଷ୍ମା ରୋଗର ଏକ ଗୁରୁତର ଜଟିଳ ଅବସ୍ଥା ଥିଲା। ଏପରି ଗମ୍ଭୀର ସ୍ୱାସ୍ଥ୍ୟ ସ୍ଥିତିର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସେହିଦିନ ରେଡିଓଲୋଜି ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ତାପସ କରଙ୍କ ସହାୟତାରେ ଏକ ଏମ୍ଆରଆଇ କରାଯାଇଥିଲା। ପରେ ସ୍କାନ୍‌ରେ ପ୍ରଭାବିତ ସ୍ଥାନରେ ପୂଜ ଜମା ହୋଇଥିବାର ଜଣାପଡ଼ିଥିଲା। ଯାହାର ତୁରନ୍ତ ଶଲ୍ୟଚିକିତ୍ସାର ଆବଶ୍ୟକ କରିଥିଲା। ମେରୁଦଣ୍ଡ ଉପକରଣ ସହିତ ଜରୁରୀକାଳୀନ ଅସ୍ତ୍ରୋପଚାର ଏବଂ ମେରୁଦଣ୍ଡ କେନାଲର ଡିକମ୍ପ୍ରେସନର ତୁରନ୍ତ ଯୋଜନା କରାଯାଇଥିଲା। ଏହି ଜଟିଳ ପ୍ରକ୍ରିୟାର ଅସ୍ତ୍ରୋପଚାର ବରିଷ୍ଠ ପରାମର୍ଶଦାତା ନ୍ୟୁରୋସର୍ଜନ ଡା. ମନୋଜ କୁମାର ଦେଓ ସଫଳତାର ସହ ସମ୍ପାଦନ କରିଥିଲେ। ଆନାସ୍ଥେସିଆର ଅତିରିକ୍ତ ସିଏମଓ ଡା. ସଞ୍ଜୁକ୍ତା ପାଣିଗ୍ରାହୀ ଏବଂ ସହକାରୀ ସିଏମଓ ଡା. ସି.କେ. କାସି ନିଶ୍ଚେତକ ସହାୟତା ପ୍ରଦାନ କରିଥିଲେ। ଏହି ଅସ୍ତ୍ରୋପଚାରରେ ସିଷ୍ଟର ଗୋଧୂଳି, ସିଷ୍ଟର ସୁନନ୍ଦା ଏବଂ ସିଷ୍ଟର ଅର୍ଚ୍ଚନା ସହାୟତା କରିଥିଲେ। ଅସ୍ତ୍ରୋପଚାର ପରେ ଶ୍ରୀ ପ୍ରସାଦଙ୍କ ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହୋଇଥିଲା। ଫିଜିଓଥେରାପିଷ୍ଟ ପ୍ରେମାନନ୍ଦ ସ୍ୱାଇଁ ଏବଂ ତାଙ୍କ ଦଳଙ୍କ ସଂରଚିତ ଫିଜିଓଥେରାପି ସହାୟତାରେ ତିନି ସପ୍ତାହ ମଧ୍ୟରେ ସେ ବାଡ଼ି ଧରି ଚାଲିପାରିଥିଲେ। ସିଷ୍ଟର ସ୍ୱପ୍ନା, ସିଷ୍ଟର ସବିତା, ସିଷ୍ଟର ଏକତା, ସିଷ୍ଟର ଅର୍ଚ୍ଚନା ଏବଂ ଅନ୍ୟ ନର୍ସିଂ କର୍ମଚାରୀଙ୍କ ଦ୍ୱାରା ଉତ୍ସର୍ଗୀକୃତ ଭାବେ ପରବର୍ତ୍ତୀ ଯତ୍ନ ପ୍ରଦାନ କରାଯାଇଥିଲା। ସେ ଏବେ ଧୀରେ ଧୀରେ ସୁସ୍ଥ ହେଉଛନ୍ତି ଏବଂ ଆଗାମୀ ଦୁଇରୁ ତିନି ସପ୍ତାହ ମଧ୍ୟରେ ତାଙ୍କର ଦୈନନ୍ଦିନ କାର୍ଯ୍ୟ ପୁଣିଥରେ ଆରମ୍ଭ କରିବେ ବୋଲି ଆଶା କରାଯାଉଛି।

ବଜେଟ୍ ପ୍ରତିକ୍ରିୟା

# ସୁନ୍ଦରଗଡ଼ ଓ ରାଉଲକେଲା ପୁଣି ଉପେକ୍ଷିତ

ଓଡ଼ିଶାର କୋଣ, ଅନୁକୋଣରେ ବିଭିନ୍ନ ଜିଲ୍ଲା, ସ୍ଥାନ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ, ଗମନାଗମନ, ଶିଳ୍ପ, ସଡ଼କ ଇତ୍ୟାଦି କ୍ଷେତ୍ରରେ ନିର୍ଦ୍ଦିଷ୍ଟ ବ୍ୟୟବରାଦ ତଥା ନୂତନ ଅନୁଷ୍ଠାନ ଘୋଷଣା ହୋଇଥିଲେ ମଧ୍ୟ ରାଉରକେଲା ଓ ସୁନ୍ଦରଗଡ଼ ପୂର୍ଣ୍ଣ ମାତ୍ରାରେ ଉପେକ୍ଷିତ ହୋଇଛି। ରାଉଲକେଲା ପ୍ରତି ବୈମାତୃକ ଭାବ ଓ ଆନ୍ତରିକତାର ଅଭାବ ଏଥିରୁ ପରିଲକ୍ଷିତ ହେଉଛି। ଚିରାଚରିତ ଭାବରେ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ବଜେଟ୍ ଉପସ୍ଥାପନ କରିଥିଲେ ମଧ୍ୟ ନୂତନ ଜ୍ଞାନକୌଶଳ, ନବସୃଜନ ଅର୍ଥନୀତି ପ୍ରତି ଅଧିକ ଧ୍ୟାନ ଦେଇ ସଂସ୍କାର ମୂଳକ ହୋଇଥିଲେ ସଙ୍ଘୀୟ ବ୍ୟବସ୍ଥାରେ ଅନ୍ୟ ରାଜ୍ୟ ସହ ପ୍ରତିଯୋଗିତାରେ ସମକକ୍ଷ ହୋଇ ନୂତନ ଅର୍ଥନୀତିର ଅଭିବୃଦ୍ଧିରେ ବିଶେଷ ସହାୟକ ହୋଇଥାନ୍ତା।

**-ନଳିନୀକାନ୍ତ ଧର, ଅର୍ଥ ବିଶେଷଜ୍ଞ, ରାଉରକେଲା**

# ଦଶମ ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



**ରାଉରକେଲା, ୨୦।୨(ସମିସ):** ସହର ସରକାରୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ଏକ ସଭା ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ସମ୍ମାନିତ ଅତିଥି ଭାବେ ବିଦ୍ୟାନଗର କ୍ଲଷ୍ଟରର ସିଆରସିସି ଦୀପ୍ତିମୟୀ ପରିଡ଼ା, ଆଭା ଅନ୍ୱେଷ ସଭାପତି ଆର୍ତ୍ତତ୍ରାଣ ଜେନା, ଏସଏମସି ପରିଚାଳନା କମିଟି ସଭାପତି ସରୋଜ ଜେନା ଯୋଗଦେଇ ଛାତ୍ରଛାତ୍ରୀମାନେ କଠିନ ପରିଶ୍ରମ କରି ପାଠ ପଢ଼ିଲେ ସଫଳତା ପାଇପାରିବେ ବୋଲି କହିଥିଲେ। ନବମ ଶ୍ରେଣୀ ଛାତ୍ରଛାତ୍ରୀମାନେ ସ୍ୱାଗତ ଭାଷଣ ଦେଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ସ୍ମୃତି ସ୍ୱରୂପ କଲମ ପ୍ରଦାନ କରିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରାଯାଇଥିଲା।

# କେବେ ଶୁଭିବ ଏଫ୍‌ଏମ୍ ରେଡ଼ିଓ ସ୍ୱର?

# ମନ୍ଥର ଗତିରେ ନବୀକରଣ କାର୍ଯ୍ୟ





**ବଣାଇଁ, ୨୦।୨(ସମିସ) :** ବଣାଇଁବାସୀ ଶୁଣିବେ ଏଫ୍‌ଏମ୍ ରେଡିଓ ସ୍ୱର। ଏନେଇ ଦୁଇ ବର୍ଷ ତଳେ ଏଫ୍‌ଏମ୍ ରେଡିଓ କେନ୍ଦ୍ର ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଥିଲା। କିନ୍ତୁ ଶିଳାନ୍ୟାସର ୨ ବର୍ଷ ପରେ ବି ତାହାର କାର୍ଯ୍ୟ ସରି ନଥିବା ବେଳେ କେବେ ବଣାଇଁବାସୀ ଏଫ୍‌ଏମ୍ ରେଡ଼ିଓର ସ୍ୱର ଶୁଣିବେ ତାହାକୁ ନେଇ ପ୍ରଶ୍ନ ଉଠିଛି। ସେପଟେ ଦୂରଦର୍ଶନ କେନ୍ଦ୍ର ଭାବେ ଥିବା ପୁରୁଣା ଘରକୁ ନବୀକରଣ କାର୍ଯ୍ୟ ଚାଲିଛି। ହେଲେ କାର୍ଯ୍ୟ ଏତେ ମନ୍ଥର ଗତିରେ ଚାଲିଛି ଯେ ସରିବାର ନାଁ ଧରୁ ନାହିଁ। ସୂଚନାଯୋଗ୍ୟ, ଆଜକୁ ଦୀର୍ଘ ୩୦ ବର୍ଷ ପୂର୍ବେ ଅଶି ଦଶକରୁ ବଣାଇଁରେ ସ୍ଥାପିତ ହୋଇଥିବା ଦୂରଦର୍ଶନ ରିଲେ କେନ୍ଦ୍ରଟି ଗତ ୨୦୨୦ ଡିସେମ୍ବର ୩୦ ତାରିଖଠାରୁ ସବୁଦିନ ପାଇଁ ବନ୍ଦ ହୋଇଯାଇଛି। ଟିଭି ରିଲେ କେନ୍ଦ୍ର ବନ୍ଦ କରାଯିବା ପରେ କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ବିଭାଗ ପକ୍ଷରୁ ବଣାଇଁରେ ଏଫ୍‌ଏମ୍ ରେଡ଼ିଓ କେନ୍ଦ୍ର ପ୍ରତିଷ୍ଠା ପାଇଁ ବିଭାଗ ପକ୍ଷରୁ ଘୋଷଣା କରାଯାଇଥିଲା। ପରବର୍ତ୍ତୀ ସମୟରେ ଏକ ତିନି ଜଣିଆ ପ୍ରତିନିଧି ଦଳ ବଣାଇଁ ଗସ୍ତରେ ଆସି ଭିତ୍ତିଭୂମି ବ୍ୟବସ୍ଥାକୁ ତଦାରଖ କରିଥିଲେ। ଏହାପରେ ବଣାଇଁରେ ଏଫ୍‌ଏମ୍ ରେଡ଼ିଓ କେନ୍ଦ୍ର ଖୋଲିବା ନେଇ ଆଶା ସଞ୍ଚାର ହୋଇଥିଲା। ପରବର୍ତ୍ତୀ ସମୟରେ ଜାନୁଆରୀ ୨୦୨୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଭାସି ମାଧ୍ୟମରେ ଏହି ରେଡ଼ିଓ ଷ୍ଟେସନର ଶିଳାନ୍ୟାସ କରିଥିଲେ। ଏହି ବେତାର କେନ୍ଦ୍ର ଖୋଲିଲେ ବଣାଇଁ ଉପଖଣ୍ଡର ଜନସାଧାରଣ ମନୋରଞ୍ଜନର ଖୋରାକ ପାଇବା ସହିତ ରେଡ଼ିଓ ଷ୍ଟେସନରୁ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଶୁଣିବାର ସୁଯୋଗ ପାଇ ପାରିବେ ବୋଲି ଆଶା କରିଥିବା ବେଳେ ଦିନ ଗଡ଼ି ଗଡ଼ି ଚାଲିଥିବାରୁ ବଣାଇଁ ଅଞ୍ଚଳରେ ଥିବା ରେଡ଼ିଓ ପ୍ରେମୀଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ତେଣୁ ସୂଚନା ଓ ପ୍ରସାରଣ ବିଭାଗୀୟ ଅଧିକାରୀ ତୁରନ୍ତ ଷ୍ଟେସନ କାର୍ଯ୍ୟକ୍ଷମ କରିବାକୁ ବଣାଇଁ ଅଞ୍ଚଳର ରେଡ଼ିଓ ପ୍ରେମୀମାନେ ଦାବି କରିଛନ୍ତି।

# କରାଟେ ଫେଡେରେସନ ବିଚାରକ ପରୀକ୍ଷାରେ ରାଜୀବ ଉତ୍ତୀର୍ଣ୍ଣ




**ରାଉରକେଲା, ୨୦।୨(ସମିସ):** ୱାର୍ଲଡ କରାଟେ ଫେଡେରେସନ (ଡବ୍ଲ୍ୟୁକେଏଫ) ପକ୍ଷରୁ ୟୁନାଇଟେଡ଼ ଆରବ ଏମିରାଟ୍ସର ଫୁଜେରାହଠାରେ ଚଳିତ ମାସ ୭ ରୁ ୧୫ରିଖ ପର୍ଯ୍ୟନ୍ତ କରାଟେ ପ୍ରତିଯୋଗିତାର ନୂତନ ନିୟମାବଳୀ ସେମିନାର, ବିଚାରକ ପରୀକ୍ଷା ଓ ବିଶ୍ୱ କରାଟେ ୱାନ ୟୁଥ ଲିଗ ଚାମ୍ପିଅନ୍‌ସିପ-୨୦୨୬ ଆୟୋଜିତ ହୋଇଯାଇଛି। ଚାମ୍ପିଅନସିପ ପାଇଁ ବିଶ୍ୱର ୯୩ ଦେଶରୁ ୨୨୩୬ କରାଟେ କ୍ରୀଡ଼ାବିତ ଓ ବିଚାରକ ପରୀକ୍ଷା ପାଇଁ ପ୍ରାୟ ୩୫୦ ଜଣ ଅଫିସିଆଲ ଏଥିରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ରାଜ୍ୟ କରାଟେ ଆସୋସିଏସନ(ଓସ୍କା)ର ସଭାପତି ହାଂଶୀ ଡ଼. ହରିପ୍ରସାଦ ପଟ୍ଟନାୟକ ଓ କରାଟେ ଇଣ୍ଡିଆ ଅର୍ଗାନାଇଜେସନ (କିଓ)ର ସଭାପତି ହାଂଶୀ ଭାରତ ଶର୍ମାଙ୍କ ଦ୍ୱାରା ମନୋନୀତ ହୋଇ ଓଡ଼ିଶାରୁ ଏକମାତ୍ର ଅଫିସିଆଲ ଭାବେ ରାଜୀବ କୁମାର ସିଂ ଭାରତକୁ ପ୍ରତିନିଧିତ୍ୱ କରି ନୂତନ ନିୟମାବଳୀ ସେମିନାରରେ ଅଂଶଗ୍ରହଣ କରି ଆୟୋଜିତ ଜର୍ଜ ପରୀକ୍ଷାରେ ସଫଳତାର ସହ ଉତୀର୍ଣ୍ଣ ହୋଇ ଓଡ଼ିଶାର ପ୍ରଥମ ଡବ୍ଲୁ.କେ.ଏଫ ଜର୍ଜ ହେବାର ଗୌରବ ଅର୍ଜନ କରିଛନ୍ତି। ବିଶ୍ୱ କରାଟେ ୱାନ ୟୁଥଲିଗ ଚାମ୍ପିୟନସିପରେ ପ୍ରଥମ ଓଡ଼ିଆ ଅଫିସିଆଲ ଭାବେ ସେ ଦାୟିତ୍ୱ ତୁଲାଇଥିଲେ। ରାଜୀବ ଆସନ୍ତା ଦିନମାନଙ୍କରେ ଓସ୍କା ଓ କିଓ ମାଧ୍ୟମରେ କରାଟେ କ୍ରୀଡାର ପ୍ରଚାର ପ୍ରସାର ପାଇଁ କାମ କରିବେ ବୋଲି ମତ ପ୍ରକାଶ କରିଛନ୍ତି। ଏହି ସଫଳତା ପାଇଁ କିଓ ର ସଭାପତି ହାଂଶୀ ଭାରତ ଶର୍ମା, ଓସ୍କାର ସଭାପତି ହାଂଶୀ ଡ଼ ହରିପ୍ରସାଦ ପଟ୍ଟନାୟକ, ସମ୍ପାଦିକା ଡ଼ ଗୌରୀ ମହାନ୍ତି, ବିଧାୟକ ସାରଦା ପ୍ରସାଦ ନାୟକଙ୍କ ସହ କିଓ, ଓସ୍କା, ବାସନ୍ତୀ ସଂସ୍କୃତିକ ପରିଷଦ, ରାଉରକେଲା ସହର ସେବା ସମିତି ଆଦି ସଂଗଠନର ସଦସ୍ୟ ଓ କର୍ମକର୍ତ୍ତା, ଅନେକ କ୍ରୀଡା ପ୍ରେମୀ ରାଜୀବଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି। ଆଜି ରାଉରକେଲା ଫେରିବା ଅବସରରେ ଉତ୍କଳ କରାଟେ ସ୍କୁଲର ଶିକ୍ଷାର୍ଥୀ ଓ ଅଭିଭାବକମାନେ ରାଉରକେଲା ରେଳ ଷ୍ଟେସନରେ ରାଜୀବଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

# ରାସ୍ତା ତଳକୁ ଖସିଲା କାର୍

**ବଣାଇଁ, ୨୦।୨(ସମିସ):** ଗୁରୁଣ୍ଡିଆ ଥାନା କୁଚିଣ୍ଡା ନରେନ୍ଦ୍ର ରାସ୍ତାର ଗୁରୁଣ୍ଡିଆ ଘାଟି ରାସ୍ତାରେ ଏକ କାର ରାସ୍ତା ତଳକୁ ଖସି ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଏଥିରେ ଯାତ୍ରୀ ସମେତ ଚାଳକ ଅଳ୍ପକେ ରକ୍ଷା

**ଅଳ୍ପକେ ବର୍ତ୍ତିଲେ ଚାଳକ ଓ ଯାତ୍ରୀ**



ପାଇଛନ୍ତି। ସୂଚନାନୁସାରେ ଓଡି ୨୩ ଏଫ ୨୫୫୬ ନମ୍ବର ବିଶିଷ୍ଟ ଏକ ୱାଗନର କାରରେ ୩ ଜଣ ଯୁବକ ରାତି ୧୦ ଟାରେ ଝାରସୁଗୁଡାରୁ ବାହାରି କେନ୍ଦୁଝର ଅଭିମୁଖେ ଯାଉଥିବା ବେଳେ ରାତି ୨ଟା ସମୟରେ ଗୁରୁଣ୍ଡିଆ ଘାଟି ରାସ୍ତାରେ ଚାଳକଙ୍କ ଆଖି ଲାଗିଯିବାରୁ ବୁଲାଣିରେ ଗାଡିଟି ରାସ୍ତା ତଳକୁ ଖସି ଯାଇଥିଲା। ଗାଡିର ସମ୍ମୁଖ ଭାଗ ଭାଙ୍ଗି ରୁଜି ଯାଇଥିଲେ ମଧ୍ୟ ସମସ୍ତେ ସୁରକ୍ଷିତ ରହିଛନ୍ତି।

## ଆଇନ ମହାବିଦ୍ୟାଳୟରେ ସାମାଜିକ ନ୍ୟାୟ ଦିବସ

**ରାଉରକେଲା, ୨୦।୨(ସମିସ):** ରାଉରକେଲା ଆଇନ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଡ. ବିଭୁରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଲିଗାଲ ଏଡ୍ ୟୁନିଟ ଏବଂ ଆଇକ୍ୟୁଏ ୟୁନିଟର ମିଳିତ ଉଦ୍ୟମରେ ସାମାଜିକ ନ୍ୟାୟ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଉପାଧ୍ୟକ୍ଷ, ପ୍ରାଧ୍ୟାପକ, ପ୍ରାଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ। କଲେଜର ଛାତ୍ରଛାତ୍ରୀମାନେ ଭବାନୀପୁର ବସ୍ତିକୁ ଯାଇ ବସ୍ତିବାସିନ୍ଦାମାନଙ୍କୁ ସାମାଜିକ ନ୍ୟାୟ ସମ୍ବନ୍ଧରେ ସଚେତନ କରାଇଥିଲେ। ଏତଦ୍‌ବ୍ୟତୀତ ପିଲାମାନଙ୍କୁ ନ୍ୟାୟ ସମ୍ବନ୍ଧରେ ସଚେତନ କରାଇବା ପାଇଁ ମହାବିଦ୍ୟାଳୟ ତରଫରୁ ଏକ ନ୍ୟାୟ ସମ୍ବନ୍ଧିତ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା।

ନୂଆଗାଁ ବ୍ଲକ୍‌ରେ ଧାନର ଅଭାବୀ ବିକ୍ରି

# ୭ ଦିନ ହେଲା ଟ୍ରାକ୍ଟର ଉପରେ ପଡ଼ିରହିଛି ଧାନ

**ରାଉରକେଲା, ୨୦।୨(ସମିସ):** ସୁନ୍ଦରଗଡ଼ ଜିଲ୍ଲାର ନୂଆଗାଁ ବ୍ଲକରେ ଧାନର ଅଭାବୀ ବିକ୍ରି ଦେଖିବାକୁ ମିଳିଛି। ୭ ଦିନ ହେଲା ଟ୍ରାକ୍ଟର ଉପରେ ଧାନ ପଡ଼ି ରହିଥିବାରୁ ଚାଷୀ ନିରାଶ ହୋଇଛନ୍ତି। ସେପଟେ ସାଇଟ୍ ଖୋଲୁନି ବୋଲି କହି ଲ୍ୟାମ୍ପ୍ସ କର୍ତ୍ତୃପକ୍ଷ ହାତ ଟେକି ଦେଇଥିବା କହିଛନ୍ତି ଚାଷୀ। ସୂଚନାଯୋଗ୍ୟ, ଚଳିତବର୍ଷ ସୁନ୍ଦରଗଡ଼ ଜିଲ୍ଲାର ନୂଆଗାଁ ବ୍ଲକରେ ଶହ ଶହ ସଂଖ୍ୟାରେ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜିକରଣ କରିଥିଲେ। ଧାନ ବିକ୍ରି ପାଇଁ ଲ୍ୟାମ୍ପସକୁ ଯାଇଥିଲେ ମଧ୍ୟ ଲ୍ୟାମ୍ପ୍ସ କର୍ତ୍ତୃପକ୍ଷ ମନା କରି ଦେଇଥିଲେ। ଫଳରେ ଦୀର୍ଘ ସାତ ଦିନ ହେଲା ସୋରଡ଼ା, ହାତିବାରୀ ଓ ନୂଆଗାଁର ଶହ ଶହ ସଂଖ୍ୟାରେ ଚାଷୀ ଲ୍ୟାମ୍ପସକୁ ଧାନ ବିକ୍ରି କରି ନ ପାରି ନିରାଶ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ହାତିବାରୀ ଲ୍ୟାମ୍ପସ ଅଧୀନରେ ୨୪୫୧ ଜଣ ଚାଷୀ ଧାନ ବିକ୍ରିପାଇଁ ନିଜ ନାମ ପଞ୍ଜୀକରଣ କରିଥିବା ବେଳେ ମାତ୍ର ୧୪୦୯ ଜଣ ଚାଷୀ ଏପର୍ଯ୍ୟନ୍ତ ନିଜ ନିଜ ଟୋକନରେ ଧାନ ବିକ୍ରି କରିଛନ୍ତି।

**ସାଇଟ୍ ଖୋଲୁନି କହି ହାତ ଟେକିଦେଲେ ଲ୍ୟାମ୍ପ୍ସ କର୍ତ୍ତୃପକ୍ଷ**

ହାରିବାରୀ ଲ୍ୟାମ୍ପ୍ସ କର୍ତ୍ତୃପକ୍ଷ ୬୧ ହଜାର ୯୫୧ କୁଇଣ୍ଟାଲ ଧାନ କ୍ରୟ ପାଇଁ ଟାର୍ଗେଟ ରଖିଥିବା ବେଳେ ମୋଟ ୬୧ ହଜାର ୫୨୫ କୁଇଣ୍ଟାଲ ଧାନ କିଣିଛନ୍ତି। ଏବର୍ଷ ଆହୁରି ୧୦୪୨ ଜଣ ଚାଷୀ ବର୍ତ୍ତମାନ ସୁଦ୍ଧା ସେମାନଙ୍କ ଧାନ ବିକ୍ରିକରି ନାହାଁନ୍ତି।



ସେହିଭଳି ନୂଆଗାଁ ସଦର ଲ୍ୟାମ୍ପସରେ ଚଳିତ ବର୍ଷ ୧୪୧୮ ଜଣ ନିଜ ନିଜ ନାମ ପଞ୍ଜିକରଣ କରିଥିଲେ ହେଁ ୮୨୮ ଜଣ ଚାଷୀ ଏପର୍ଯ୍ୟନ୍ତ ୩୯ ହଜାର କୁଇଣ୍ଟାଲ ଧାନ ବିକ୍ରି କରିଥିବା ନୂଆଗାଁ ଲ୍ୟାମ୍ପସ କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି। ଉକ୍ତ ଲ୍ୟାମ୍ପ୍ସରେ ମଧ୍ୟ ଏପର୍ଯ୍ୟନ୍ତ ୫୯୦ ଜଣ ଚାଷୀ ନିଜ ନିଜ ଧାନ ବିକ୍ରିକରି ନ ପରି ଚିନ୍ତାରେ ବସିଛନ୍ତି। ଯାହାକୁ ନେଇ ଚାଷୀ ଅସନ୍ତୋଷ ପ୍ରକାଶ କରିବା ସହ ଆଗାମୀ ଦିନରେ ଏହାର ଉଚିତ ଜବାବ ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି।

# କେନ୍ଦୁପତ୍ର କର୍ମଚାରୀ ସଂଘର ଗଣଧାରଣା



ରିଆମାଳ,୨୦।୨(ସମିସ): ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଡ଼ାକରାରେ ଦେବଗଡ଼ ଜିଲ୍ଲା ରିଆମାଳ କେଏଲ୍ ରେଞ୍ଜ ଅଫିସ ସମ୍ମୁଖରେ ଆଜି ରିଆମାଳ ବ୍ଲକର ସମସ୍ତ ସିଜିନାଲ କେନ୍ଦୁପତ୍ର କର୍ମଚାରୀ ସଂଘର ସଦସ୍ୟ ଗଣଧାରଣାରେ ବସିଛନ୍ତି। କେନ୍ଦୁପତ୍ର କେରି ବୃଦ୍ଧି, ସିଜିନାର କର୍ମଚାରୀମାନଙ୍କ ମାସିକ ମଜୁରୀ ବୃଦ୍ଧି, ବନ୍ଧେଇ ଶ୍ରମିକମାନଙ୍କ ବଜେଟରେ ସାମାଜିକ ନିରାପତ୍ତା ପାଇଁ ୨୦୦ କୋଟି ଟଙ୍କାର ପ୍ରବଧାନ, ଫଡ଼ି ଉଚ୍ଛେଦ ବନ୍ଦ କରିବା, ଘରୋଇ କରଣ ବନ୍ଦ, କେଏଲ୍ ଡିବିରେ ସଂଘର ପ୍ରତିନିଧିଙ୍କୁ ମନୋନୀତ ଓ ସଂଶୋଧନ ପ୍ରସ୍ତୁତି ଆଦି ଦାବିରେ ରେଞ୍ଜ ଅଫିସ ସମ୍ମୁଖରେ ଗଣଧାରଣା ଦେଇଛନ୍ତି। ରିଆମାଳ ରେଞ୍ଜ ସମ୍ପାଦକ ଗନ୍ଧର୍ବ ପ୍ରଧାନଙ୍କ ନେତୃତ୍ୱରେ ରିଆମାଳ ସେକ୍ସନ ଘନଶ୍ୟାମ ପ୍ରଧାନ, ମାଝିମୁଣ୍ଡା ସେକ୍ସନ ଶଙ୍କର୍ଷଣ ପ୍ରଧାନ, କଣ୍ଟାବାହଲ ସେକ୍ସନ ତିର୍ଥବାସୀ ମାଝୀ, ଦେବେନ୍ଦ୍ର ବଣିଛୁଟ, ବିଭୂତି ଭୂଷଣ ପ୍ରଧାନ, ପ୍ରଦୀପ ସାହୁ, ବାବାଜି ସାହୁ, ଗଗନ ବିହାରୀ ସାହୁ, ଭକ୍ତବନ୍ଧୁ ପ୍ରଧାନ, ଅମୁଲ୍ୟ ମହାକୁଲ ସମେତ ୧୫୦ରୁ ଉର୍ଦ୍ଧ୍ୱ କର୍ମଚାରୀ ଉପସ୍ଥିତ ଥିଲେ। ଦୁଇ ଦିନ ଧରି ଗଣଧାରଣା ଜାରି ରହିବ ବୋଲି ଜଣାପଡ଼ିଛି।

## କୃଷକ ସଂଗଠନର ବୈଠକ

# ଧାନ କିଣାରେ ଅନିୟମିତତା ନେଇ ୨୩ରେ ରାସ୍ତାରୋକ

ଇବଥର୍ମାଲ,୨୦।୨(ସମିସ)

ଆଞ୍ଚଳିକ ମା'ସମଲେଇ କୃଷକ ସଙ୍ଗଠନ ଆହ୍ୱାନ କ୍ରମେ କୁମ୍ଭାରବନ୍ଧ ପଞ୍ଚାୟତ ଝାରମୁଣ୍ଡାଠାରେ ଅଞ୍ଚଳର ଚାଷୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କୃଷକ ସଙ୍ଗଠନର ବରିଷ୍ଠ

**ଚାଷୀଙ୍କ ବକେୟା ଧାନ କିଣିବା ସହ ଟୋକନ ନବୀକରଣ ଦାବି**



ସଦସ୍ୟ ଅମୂଲ୍ୟ କୁମାର ହୋତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଧାନ କିଣା ଅନିୟମିତତାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ସୀମାନ୍ତ ଛତିଶଗଡ଼ ରାଜ୍ୟରେ ଧାନ କିଣା ପ୍ରାୟତଃ ସରିଥିବା ବେଳେ ସୀମାକୁ ଲାଗିଥିବା ଝାରସୁଗୁଡ଼ା ଜିଲ୍ଲାରେ ଏପର୍ଯ୍ୟନ୍ତ ଚାଷୀଙ୍କ ଧାନ ବିକ୍ରି ହୋଇପାରି ନାହିଁ। ଚଳିତ ବର୍ଷର ଟାର୍ଗେଟ ଅନୁସାରେ ଆହୁରି ହଜାର ହଜାର କୁଇଣ୍ଟାଲ ଧାନ କିଣାରେ ଅନିୟମିତତା ଦେଖାଦେଇଛି। ଚାଷୀଙ୍କ ଧାନ କିଣା ନହେବା, ଧାନ କିଣାରେ ଅନିୟମିତତା, ଟାର୍ଗେଟ ନିର୍ଦ୍ଧାରଣ ସହିତ ଟୋକନ ଗୁଡିକ ଲାପସ୍ ହେବା, ଆସିଥିବା ଟୋକନ ବର୍ତ୍ତମାନ ସୋ ନକରିବା ଭଳି ସମସ୍ୟା ତିଲିଆ ସେବା ସମବାୟ ସମିତି ଅନ୍ତର୍ଗତ ତିଲିଆ, ରମ୍ପେଲା, କୁମ୍ଭାରବନ୍ଧ ତଥା ପିପିଲିକାନି ପ୍ରମୁଖ ଚାରୋଟି ପଞ୍ଚାୟତର ଚାଷୀମାନେ ଭୋଗୁଛନ୍ତି। ଏହି ସମସ୍ୟା ଉପରେ ଚାଷୀମାନେ ଆଲୋଚନା କରିବା ସହ ଅଭାବି ଟାର୍ଗେଟ ଓ ଟୋକନ ଅବ୍ୟବସ୍ଥାକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ଚାଷୀଙ୍କ ବକେୟା ଧାନ କିଣିବା ସହ ଟୋକନ ନବୀକରଣ ପାଇଁ ଚାଷୀମାନେ ଦାବି କରିଥିଲେ। ଆସନ୍ତା ୨୩ ତାରିଖ ଦିନ ସକାଳୁ ବନ୍ଧବାହାଲ ରେଙ୍ଗାଲି ମୁଖ୍ୟରାସ୍ତା ରମ୍ପେଲା ପଞ୍ଚାୟତ ଅନ୍ତର୍ଗତ ଢୁନଢୁନ ଛକ ଉପରେ ରାସ୍ତା ଅବରୋଧ କରିବାକୁ ପ୍ରସ୍ତାବ ଆଗତ କରାଯାଇଥିଲା। ପ୍ରସ୍ତାବଟି ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ଆଜିର ଆଲୋଚନାରେ ଅନ୍ୟମାନଙ୍କ ମଧ୍ୟରେ ଲିଙ୍ଗରାଜ ବଡ଼େଇ, ଶୁଭମ ତ୍ରିପାଠୀ, ରମାକାନ୍ତ ଠାକୁର, ପ୍ରେମଚାନ୍ଦ ଠାକୁର, ରମେଶ ବିଶ୍ୱାଳ, ଦାମୋଦର ବଡ଼େଇ, ଭୋଳାନାଥ ବଡ଼େଇ, ବଳରାମ ସା, ଅଜିତ ବେହେରା, ସୁଶିଲ କୁମାର ସାହୁ ପ୍ରମୁଖ ଭାଗ ନେଇଥିଲେ।

# ଅଜଣା ଗାଡ଼ି ଧକ୍କାରେ ନାବାଳକ ମୃତ

ଦେବଗଡ,୨୦।୨(ସମିସ): ଗତକାଲି ରାତ୍ରୀରେ ଦେବଗଡ ଥାନା କଲଣ୍ଡା ଗ୍ରାମପଞ୍ଚାୟତ ସଦର ମହକୁମାରେ କୌଣସି ଏକ ଅଜଣା ଗାଡି ଧକ୍କାରେ ଜଣେ ୧୩ ବର୍ଷର ନାବାଳକର ମୃତ୍ୟୁ ଘଟିଛି। ମୃତ ନାବାଳକ ଜଣକ କଲଣ୍ଡା ଗ୍ରାମର ଜଗା ଉଦାବରଙ୍କ ପୁତ୍ର ରାକେଶ ଉଦାବର(୧୩) ବୋଲି ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ଗତକାଲି ରାତିରେ ଘର ଠାରୁ ପ୍ରାୟ ୧୦୦ ମିଟର ଦୂରରେ ରାକେଶଙ୍କୁ କୌଣସି ଏକ ଅଜଣା ଗାଡି ଧକ୍କା ଦେଇ ଫେରାର ହୋଇଯାଇଥିଲା। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଦେବଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିବା ବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନାପାଇ ଦେବଗଡ ଥାନା ପୁଲିସ ରାକେଶଙ୍କ ମୃତଦେହ ଜବତ କରିବା ସହ ଆଜି ସକାଳେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା । ଏନେଇ ରାକେଶଙ୍କ ପରିବାର ଲୋକେ ଦେବଗଡ ଥାନାରେ ଅଭିଯୋଗ କରିଥିବା ବେଳେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଜିଲ୍ଲାସ୍ତରୀୟ ବିଶ୍ୱ ସାମାଜିକ ନ୍ୟାୟ ଦିବସ




ଝାରସୁଗୁଡ଼ା,୨୦।୨(ସମିସ): ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଶୁକ୍ରବାର ଜିଲ୍ଲାସ୍ତରୀୟ ବିଶ୍ୱ ସାମାଜିକ ନ୍ୟାୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପଞ୍ଚପଡ଼ାସ୍ଥିତ ବୃଦ୍ଧାଶ୍ରମରେ ପ୍ରାତଃ ସମୟରେ ଯୋଗ ଶିବିର ସହିତ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଏହାପରେ ସ୍ଥାନୀୟ ଜିଲ୍ଲା ଖଣିଜ ପାଣ୍ଠି ପ୍ରେକ୍ଷାଳୟରେ ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ଏକ ସଚେତନତା ଶିବିର ଆୟୋଜିତ ହୋଇଥିଲା। ଶିବିରରେ ବରିଷ୍ଠ ନାଗରିକମାନଙ୍କୁ ଅନଲାଇନ୍ ସରକାରୀ ସେବା, ଡିଜିଟାଲ୍ ଓ ଆର୍ଥିକ ସାକ୍ଷରତା, ସାଇବର ଠକାମିରୁ ସୁରକ୍ଷା, ଅଭିଯୋଗ ସମାଧାନ ପୋର୍ଟାଲ୍, ଭତ୍ତା ସେବା ଏବଂ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ସମ୍ପର୍କରେ ବିସ୍ତୃତ ଭାବେ ସଚେତନ କରାଯାଇଥିଲା। ଏହି ସମାରୋହରେ ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ବରିଷ୍ଠ ନାଗରିକଙ୍କ ସୁରକ୍ଷା ଓ ସାମାଜିକ ନ୍ୟାୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାପାଳ ବୟସ୍କ ନାଗରିକମାନେ ହେଉଛନ୍ତି ଆମ ସମାଜର ପ୍ରକୃତ ସ୍ତମ୍ଭ। ସେମାନଙ୍କୁ ଯଥୋଚିତ ସମ୍ମାନ ପ୍ରଦର୍ଶନ କରିବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ମନ୍ଦା ହାସଦା, ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ସୁରମା ପଣ୍ଡା, ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ତରଣୀ ବେହେରା, ମୁଖ୍ୟ ବ୍ୟାଙ୍କ ପରିଚାଳକ ସିରପାଣି ନାଏକ ଏବଂ ବରିଷ୍ଠ ନାଗରିକ ସଂଘର ସଭ୍ୟମାନେ ଉପସ୍ଥିତ ଥିଲେ। କନିଷ୍ଠ ସହାୟକ ପ୍ରଜ୍ଞା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁନିଲ କୁମାର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଆଦିତ୍ୟ ବାଦୀ, ସୁସ୍ମିତା ଭୋଇ, ପ୍ରଦ୍ୟୁମ୍ନ ପାଣିଗ୍ରାହୀଙ୍କ ସମେତ ବିଭିନ୍ନ ବିଭାଗୀୟ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

● ଟ୍ରକ୍ ଟର୍ମିନାଲ ସମ୍ପ୍ରସାରଣର ସ୍ଥିତି ସମୀକ୍ଷା କଲେ ଜିଲ୍ଲାପାଳ

# ଜବରଦଖଲ ଉଚ୍ଛେଦ ଓ ପରିତ୍ୟକ୍ତ ଗାଡ଼ି ହଟାଇବାକୁ ନିର୍ଦ୍ଦେଶ



ଝାରସୁଗୁଡ଼ା,୨୦।୨(ସମିସ): ଜିଲ୍ଲାରେ ପରିବହନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ବ୍ରଜରାଜନଗର ଗସ୍ତ କରି ପ୍ରସ୍ତାବିତ ଟ୍ରକ୍ ଟର୍ମିନାଲର ସମ୍ପ୍ରସାରଣ ପାଇଁ ଉଦ୍ଦିଷ୍ଟ ଜମିର ସ୍ଥିତି ଅନୁଧ୍ୟାନ କରିଛନ୍ତି। ପରିଦର୍ଶନ ସମୟରେ ଜିଲ୍ଲାପାଳ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଟର୍ମିନସ ପାଇଁ ଉଦ୍ଦିଷ୍ଟ ସରକାରୀ ଜମିରୁ ସମସ୍ତ ପ୍ରକାର ଜବରଦଖଲ ହଟାଇବା ପାଇଁ ଝାରସୁଗୁଡ଼ା ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ରାସ୍ତା କଡ଼ରେ କିମ୍ବା ପ୍ରସ୍ତାବିତ ସ୍ଥାନରେ ପଡ଼ି ରହିଥିବା ପରିତ୍ୟକ୍ତ ଯାନବାହନଗୁଡ଼ିକୁ ତୁରନ୍ତ ସେଠାରୁ ହଟାଇବା ପାଇଁ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମ୍ପୃକ୍ତ ଅଞ୍ଚଳର ଭିତ୍ତିଭୂମି ବିକାଶ ପାଇଁ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଏକ ବିସ୍ତୃତ ବ୍ୟୟ ଅଟକଳ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଟର୍ମିନାଲ୍ ପରିସରରେ ପରିବେଶ ସନ୍ତୁଳନ ରକ୍ଷା ପାଇଁ ବନଖଣ୍ଡ ଅଧିକାରୀଙ୍କୁ ବ୍ୟାପକ ବୃକ୍ଷରୋପଣ ଯୋଜନା ପ୍ରସ୍ତୁତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ଗସ୍ତ ସମୟରେ ସ୍ଥାନୀୟ ତହସିଲଦାର, ଆରଟିଓ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ପଦାଧିକାରୀମାନେ ଉପସ୍ଥିତ ରହି ପ୍ରକଳ୍ପର ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ।

# ଜଙ୍ଗଲ ଜମିରୁ ଜବରଦଖଲ ହଟାଇବାକୁ ଡିଏଫ୍‌ଓଙ୍କ ଚିଠି

ଝାରସୁଗୁଡା,୨୦।୨(ସମିସ): ବିଭିନ୍ନ କମ୍ପାନୀ ଝାରସୁଗୁଡା ଜିଲ୍ଲାରେ ଜଙ୍ଗଲ ଜମିକୁ ବେଆଇନ ଭାବେ ଜବରଦଖଲ କରି ରଖିଥିବା ନେଇ ଅନେକ ଅଭିଯୋଗ ହୋଇଆସୁଛି। ଏହାକୁ ନେଇ ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଳ ସମ୍ବଲପୁର ପିସିସିଏଫଙ୍କୁ ପତ୍ର ଲେଖି ଅବଗତ କରିବା ପରେ ଝାରସୁଗୁଡା ଓ ସମ୍ବଲପୁର ଜିଲ୍ଲାରେ କମ୍ପାନୀଦ୍ୱାରା ଜବରଦଖଲ ହୋଇଥିବା ଜଙ୍ଗଲ ଜମିରୁ ଜବରଦଖଲ ହଟାଇବା ପାଇଁ ବନବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏନେଇ ଝାରସୁଗୁଡା ଡିଏଫଓ ଜିଲ୍ଲାପାଳଙ୍କୁ ଏକ ପତ୍ର ଲେଖି ଜଙ୍ଗଲ ଅଧିନିୟମ ୨୦୨୩ ଆଇନର ପାଳନ କରିବା ସହ କମ୍ପାନୀମାନଙ୍କ କବଳରୁ ଜବରଦଖଲ ଜଙ୍ଗଲ ଜମିକୁ ମୁକ୍ତ କରିବା, ଜଙ୍ଗଲ ଓ ପରିବେଶର ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ଏହାସହ ଏକ ଯୁଗ୍ମ ତଦନ୍ତ କରି ଜଙ୍ଗଲ ଜମି ଅକ୍ତିଆର କରିଥିବା କମ୍ପାନୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପତ୍ରରେ ଉଲ୍ଲେଖ କରିଛନ୍ତି। ଏହାର ଏକକିତା ନକଲ ସିସିଏଫ ସମ୍ବଲପୁର, ଝାରସୁଗୁଡା ଜିଲ୍ଲାର ସମସ୍ତ ରେଞ୍ଜର ଓ ତହସିଲଦାରଙ୍କୁ ପ୍ରେରଣ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁରୋଧ କରିଥିବା ନେଇ ସୂଚନା ମିଳିଛି। ସୂଚନାନୁଯାୟୀ, ଝାରସୁଗୁଡା ଓ ସମ୍ବଲପୁର ଜିଲ୍ଲାରେ ଅନେକ ଗୁଡିଏ କମ୍ପାନୀ ଜଙ୍ଗଲ ଜମି ଦଖଲ କରିଥିବା ନେଇ ବିଧାୟକ ହରିପାଳ ଗତ ସପ୍ତାହରେ ଝାରସୁଗୁଡା ଓ ସମ୍ବଲପୁର ଗସ୍ତରେ ଆସିଥିବା ବିଧାନସଭା ଷ୍ଟାଣ୍ଡିଙ୍ଗ କମିଟିର ଚେୟାରମାନଙ୍କୁ ପତ୍ର ଦେଇଥିଲେ।

# ଖୁଡ଼ି ହତ୍ୟାକାରୀ ପୁତୁରାକୁ ଆଜୀବନ

ଦେବଗଡ଼,୨୦।୨(ସମିସ): ରିଆମାଳ ଥାନାଞ୍ଚଳରେ ଗତ ୨୦୨୦ ମସିହାରେ ସଂଗଠିତ ଖୁଡ଼ିକୁ ପୁତୁରା ହତ୍ୟା ମାମଲାର ବିଚାର କରି ଜିଲ୍ଲା ତଥା ଦୌରାଜଜ୍ ଦେବାଶିଷ ରାଉତ ରାୟ ପ୍ରକାଶ କରି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ପ୍ରଦାନ କରିଥିବା ଜଣାପଡିଛି। ସୂଚନାନୁଯାୟୀ, ଗତ ୨୦୨୦ ମସିହା ଫେବୃଆରୀ ୧୦ ତାରିଖ ଦିନ ମୃତ ମହିଳା ଫିଗୁଆ ସ୍ୱାଇଁ ନିଜ ପିଆଜ କିଆରିରୁ ପାଣି ଛାଡିବା ଯୋଗୁଁ ଅଭିଯୁକ୍ତ ପୁତୁରା ଲିଙ୍ଗରାଜ ସ୍ୱାଇଁଙ୍କ କୁଡ଼ିଆ ଘରେ ପାଣି ପଶି ଯାଇଥିଲା। ଏହି ଘଟଣାକୁ କେନ୍ଦ୍ରକରି ଅଭିଯୁକ୍ତ ଲିଙ୍ଗରାଜ ନିଜ ଖୁଡିକୁ ଏକ ଟାଙ୍ଗିଆ ସାହାର୍ଯ୍ୟରେ ନିର୍ମମ ଭାବେ ହତ୍ୟା କରିଥିଲା। ହତ୍ୟାକାଣ୍ଡ ସମୟରେ ଅଭିଯୁକ୍ତର ସ୍ତ୍ରୀ ଘଟଣା ସ୍ଥଳରେ ଉପସ୍ଥିତ ରହି ଅଭିଯୁକ୍ତକୁ ଉସ୍କାଇଥିବା ନେଇ ରିଆମାଳ ଥାନା କେଶ ନମ୍ବର ୨୪/୨୦୨୦ରେ ଦଫା ୩୦୨/୪୪୯/୫୦୬ରେ ମାମଲା ରୁଜୁ ହୋଇଥିଲା। ଏହି ମାମଲାକୁ ତତ୍କାଳୀନ ରିଆମାଳ ଥାନା ଅଧିକାରୀ ପ୍ରଦୀପ କେରକେଟ୍ଟା ତଦନ୍ତ କରି କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ଏହି ମାମଲାର ବିଚାର କରି

**ପୁତୁରା ବୋହୁ ନିର୍ଦ୍ଦୋଷରେ ଖଲାସ**

ସମସ୍ତ ଦସ୍ତାବିଜ ଓ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଅଭିଯୁକ୍ତ ଲିଙ୍ଗରାଜକୁ ଦଫା ୩୦୨ ଅନ୍ତର୍ଗତ ଅପରାଧ ପାଇଁ ଆଜୀବନ ସଶ୍ରମ କାରାଦଣ୍ଡ ସହ ପାଞ୍ଚ ହଜାର ଟଙ୍କା ଅର୍ଥ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜୋରିମାନା ଅନାଦେୟ ଅଧିକ ୬ ମାସ କାରାଦଣ୍ଡାଦେଶ ଦେଇଛନ୍ତି। ଏଥିସହ ଦଫା ୪୪୯ ଅନ୍ତର୍ଗତ ଅପରାଧ ପାଇଁ ପାଞ୍ଚ ବର୍ଷ ସଶ୍ରମ କାରାଦଣ୍ଡ ସହ ପାଞ୍ଚ ହଜାର ଜୋରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ଏହାର ଜରିମାନା ଅନାଦେୟ ସ୍ଥଳେ ଅଧିକ ତିନି ମାସ କାରାଦଣ୍ଡ ଓ ଦଫା ୫୦୬ ଅନ୍ତର୍ଗତ ଅପରାଧ ପାଇଁ ୨ ବର୍ଷ ସଶ୍ରମ କାରାଦଣ୍ଡ ସହ ପାଞ୍ଚ ହଜାର ଟଙ୍କା ଜୋରିମାନା ଦଣ୍ଡ ଦେଇଛନ୍ତି। ଜରିମାନା ଟଙ୍କା ଅନାଦେୟ ସ୍ଥଳେ ଅଧିକ ତିନିମାସ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଅଭିଯୁକ୍ତ ପୁତୁରା ବୋହୁ ରଶ୍ମିତା ସ୍ୱାଇଁଙ୍କୁ ଯଥେଷ୍ଟ ପ୍ରମାଣ ଅଭାବରୁ ଅଦାଲତ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଏହି ମାମଲା ସରକାରଙ୍କ ପକ୍ଷରୁ କ୍ୟାଡର ପବ୍ଲିକ ପ୍ରସିକ୍ୟୁଟର ଯୋଗେଶ୍ୱର ପାତ୍ର ପରିଚାଳନା କରୁଥିବା ବେଳେ ମାମଲାର ବିଚାର ପ୍ରକ୍ରିୟାକୁ ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟର ଉପ ନିର୍ଦ୍ଦେଶକ ପ୍ରକାଶ ଚନ୍ଦ୍ର ମହାନ୍ତି ଏବଂ ସହକାରୀ ନିର୍ଦ୍ଦେଶକ ନିରଞ୍ଜନ ନାୟକ ତଦାରଖ କରୁଥିବା ସୂଚନା ମିଳିଛି।

# ମଦ୍ୟପ ଟ୍ରକ୍ ଚାଳକ ଗିରଫ




ଦେବଗଡ,୨୦।୨(ସମିସ): ସଡକରେ ମୃତ୍ୟୁର ଖେଳ ଖେଳୁଥିଲା ମଦ୍ୟପ ଟ୍ରକ ଚାଳକ। ଏହାର ସୂଚନା ପାଇ ପୁଲିସ ଟ୍ରକ୍ ଜବତ କରିବା ସହିତ ମଦ୍ୟପ ଟ୍ରକ୍ ଚାଳକଙ୍କୁ ଅଟକ ରଖି ଏକ ମାମଲା ରୁଜୁ କରିଥିବା ଜଣାପଡିଛି। ଗତକାଲି ରାତିରେ ଦେବଗଡ ପଟୁ ବାରକୋଟ ଅଭିମୁଖେ ଓଆର-୧୯-ଇ-୦୦୩୨ ନମ୍ବର ଥିବା ଏକ ଟ୍ରକ ଦ୍ରୁତଗତିରେ ରାସ୍ତାର ଏପଟସେପଟ ହୋଇଯାଉଥିଲା। ଦେବଗଡ ନୂତନ ବସଷ୍ଟାଣ୍ଡ ଛକରେ ଥିବା ହମ୍ପସ୍‌ରେ ବ୍ରେକ ନଦେଇ ଦ୍ରୁତଗତିରେ ଯାଉଥିବା ବେଳେ ଦୁର୍ଘଟଣାରୁ ଏକ ବାଇକ୍ ଅଳ୍ପକେ ବର୍ତ୍ତି ଯାଇଥିଲା। ବାଇକ ଆରୋହୀ ଏନେଇ ଦେବଗଡ ଏବଂ ବାରକୋଟ ଥାନା ଅଧିକାରୀଙ୍କୁ ଫୋନ କରି ସୂଚନା ଦେଇଥିଲେ। ବାରକୋଟଠାରେ ପୋଲିସ ତୁରନ୍ତ ପାଟ୍ରୋଲିଂ ଆରମ୍ଭ କରିବା ସହିତ ଉକ୍ତ ଟ୍ରକକୁ ଅଟକାଇଥିଲା । ବ୍ରେଥ୍ ଏନାଲାଇଜର୍ ଯୋଗେ ଟ୍ରକ ଚାଳକଙ୍କ ଯାଞ୍ଚ କରିବାରୁ ୩୩୨ଏମ୍‌ଜି/୧୦୦ ଏମଏଲ ଆଲକୋହଲ ରହିଥିବା ଜଣାପଡିଥିଲା। ଫଳରେ ଉକ୍ତ ଟ୍ରକ୍ ଜବତ କରିବା ସହିତ ଟ୍ରକ୍ ଚାଳକଙ୍କ ବିରୋଧରେ ଏକ ମାମଲା ରୁଜୁ କରାଯାଇଛି। ଆଜି ତାଙ୍କୁ ନୋଟିସ ଦେଇ ଛଡାଯିବ ବୋଲି ପୁଲିସ ସୂତ୍ରରୁ ସୂଚନା ମିଳିଛି।

# ୨ ଉପଖଣ୍ଡ, ୩ ବ୍ଲକ୍ ଓ ୨ ଏନ୍‌ଏସି ପାଇଁ ଜିଲ୍ଲା କଂଗ୍ରେସର ଦାବି

ଦେବଗଡ,୨୦।୨(ସମିସ): ଦେବଗଡ ଜିଲ୍ଲାର ଆୟତନ ଅନୁପାତକୁ ଦୃଷ୍ଟିରେ ରଖି ବାରକୋଟ ଓ ରିଆମାଳ ବ୍ଲକକୁ ଉପଖଣ୍ଡର ମାନ୍ୟତା ପ୍ରଦାନ ସହିତ ତିନୋଟି ବ୍ଲକ ଓ ୨ଟି ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା ନିମନ୍ତେ ଦେବଗଡ ଜିଲା କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଆଜି ଦେବଗଡ ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମ ଦଳିତ ନେତା ଓ କର୍ମୀଙ୍କ ସହିତ ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ କବିନ୍ଦ୍ର କୁମାର ସାହୁଙ୍କୁ ଏ ମର୍ମରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି ସମୟରେ ଜିଲା କଂଗ୍ରେସ ସଭାପତି ଶ୍ରୀ ହେମ୍ବ୍ରମଙ୍କ ସହିତ ନଗର କଂଗ୍ରେସ ସଭାପତି ରେବତୀ ମୋହନ ପଟ୍ଟନାୟକ, କଂଗ୍ରେସ ଏସ୍‌ସି ସେଲ ସଭାପତି ରମେଶ ପାତ୍ର, ଆନନ୍ଦ କୁଲା, ସୁମନ୍ତ ସାହୁ ଓ ଇଲିୟାସ ତିର୍କୀ ପ୍ରମୁଖ ଉପସ୍ଥିତ ଥିଲେ।

## ବିକ୍ରେତା ବିକାଶ ବୈଠକ

# ଏମ୍‌ଏସ୍‌ଏମ୍‌ଇ ଠାରୁ ସାମଗ୍ରୀ କ୍ରୟ ବଢ଼ାଇବାକୁ ନିର୍ଦ୍ଦେଶ

ଝାରସୁଗୁଡ଼ା,୨୦।୨(ସମିସ)

ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଏକ ବିକ୍ରେତା ବିକାଶ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସମ୍ବଲପୁରର ଏମସିଏଲ୍, ବାନହରପାଲିର ଓପିଜିସି ଲିମିଟେଡ୍, ବେଦାନ୍ତ ଲିମିଟେଡ୍ ଭଳି ବୃହତ୍ତ ଶିଳ୍ପସଂସ୍ଥାର କ୍ରୟ ବିଭାଗ ମୁଖ୍ୟମାନଙ୍କ ସମେତ ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପ୍ରବନ୍ଧକ, ଜିଲ୍ଲା କ୍ଷୁଦ୍ର ଶିଳ୍ପ ସଂଘର ସଭାପତି, ଜିଲ୍ଲାର ଅନ୍ୟାନ୍ୟ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗୀମାନେ ଯୋଗଦେଇଥିଲେ। ଆଞ୍ଚଳିକ ଅର୍ଥନୈତିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ସ୍ଥାନୀୟ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକଠାରୁ ଅଧିକ ପରିମାଣରେ ସାମଗ୍ରୀ କ୍ରୟ କରିବାକୁ ଜିଲ୍ଲାପାଳ ବୃହତ୍ତ ଶିଳ୍ପ ସଂସ୍ଥାଗୁଡ଼ିକୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଆଲୋଚନା ସମୟରେ ବିଭିନ୍ନ ବୃହତ୍ତ ଶିଳ୍ପର କ୍ରୟ ବିଭାଗ ମୁଖ୍ୟମାନେ ସେମାନଙ୍କର ଆବଶ୍ୟକତା ଏବଂ ସେହି ସମସ୍ତ ସାମଗ୍ରୀର ଏକ ତାଲିକା ପ୍ରଦାନ କରିଥିଲେ, ଯାହା ସ୍ଥାନୀୟ ଏମ୍‌ଏସ୍‌ଏମ୍‌ଇଗୁଡିକ ଯୋଗାଇବେ। ସ୍ଥାନୀୟ ଉଦ୍ୟୋଗୀମାନେ ଯେପରି ବୃହତ୍ତ ଶିଳ୍ପର ଚାହିଦା ଓ ମାନ ଅନୁଯାୟୀ ସାମଗ୍ରୀ ପ୍ରସ୍ତୁତ କରି ସେମାନଙ୍କ ସହ ସଫଳ ବ୍ୟବସାୟିକ ସମ୍ପର୍କ ସ୍ଥାପନ କରିପାରିବେ, ସେଥିପାଇଁ ପ୍ରଶାସନ ପକ୍ଷରୁ ଏକ ସହାୟକ ବାତାବରଣ ସୃଷ୍ଟି କରାଯିବ। ବୃହତ୍ତ ଶିଳ୍ପ ଓ ସ୍ଥାନୀୟ ଉଦ୍ୟୋଗୀଙ୍କ ମଧ୍ୟରେ ଏହି ସମନ୍ୱୟ ଜିଲ୍ଲାର ଶିଳ୍ପ କ୍ଷେତ୍ରରେ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବାରେ ସହାୟକ ହେବ ସେଥିପ୍ରତି ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।



## ୯ ରେଞ୍ଜରେ କେନ୍ଦୁପତ୍ର କର୍ମଚାରୀଙ୍କ ଗଣବିକ୍ଷୋଭ

# ଦାବିପୂରଣ ନ ହେଲେ ୨୭ରେ ରାସ୍ତାରୋକ ଚେତାବନୀ



ଦେବଗଡ,୨୦।୨(ସମିସ): ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ଘୋଷିତ ଦୁଇଦିନିଆ ଗଣଧାରଣାର ପ୍ରଥମ ଦିବସରେ ଦେବଗଡ ଡିଭିଜନର ସମସ୍ତ ୯ଟି ରେଞ୍ଜରେ ଗଣବିକ୍ଷୋଭ ଓ ଧାରଣା ଅନୁଷ୍ଠିତ ହୋଇଯାଇଛି। ଦେବଗଡର ସମସ୍ତ ରେଞ୍ଜରେ ଶତାଧିକ ତୋଳାଳୀ ଓ ସିଜନାଲ୍ କର୍ମଚାରୀ ନିଜ ନିଜ ଦାବି ନେଇ ଧାରଣାରେ ସାମିଲ ହୋଇଥିଲେ। କେନ୍ଦୁପତ୍ର ତୋଳାଳୀଙ୍କ କେରି ପ୍ରତି ଦର ବୃଦ୍ଧି, ସିଜନାଲ୍ କର୍ମଚାରୀଙ୍କୁ ସର୍ବନିମ୍ନ ମଜୁରୀ ୨୦୨୪ ଅନୁପାତରେ ପ୍ରଦାନ, ବନ୍ଧେଇ ଶ୍ରମିକଙ୍କ ବଣ୍ଡଲ୍ ପ୍ରତି ଦର ବୃଦ୍ଧି, ବୋନସ୍ ଘୋଷଣା, ସାମାଜିକ ନିରାପତ୍ତା ପାଇଁ ୨୦୦ କୋଟି ଟଙ୍କା ବଜେଟ୍ ପ୍ରାବଧାନ ଓ ମୃତ୍ୟୁକାଳୀନ ସହାୟତାକୁ ୪ ଲକ୍ଷ ଟଙ୍କା କରିବା, ବୋନସ ପ୍ରଦାନ, କେଏଲ ଡିବିରେ ସଂଶୋଧନ, କେନ୍ଦୁପତ୍ର ସଂସ୍ଥାରେ ଘରୋଇକରଣ ବନ୍ଦ ଆଦି ଦାବି କରାଯାଇଛି। ଏଥିସହ କେନ୍ଦୁପତ୍ର ଫଡ଼ି ଉଚ୍ଛେଦ ଓ ପ୍ରସ୍ତାବିତ ଘରୋଇକରଣ ପ୍ରତିବାଦରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଥିଲା। ରାଜ୍ୟ ସଂଗଠନ ସମ୍ପାଦକ ସଞ୍ଜିତ ମହାନ୍ତି ଓ ମିଡ଼ିଆ ସଂଯୋଜକ ଦେବ ଜ୍ୟୋତି ପଟ୍ଟନାୟକ ସମସ୍ତ ରେଞ୍ଜ ଗସ୍ତ କରି ତୋଳାଳୀ ଓ କର୍ମଚାରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଶ୍ରୀ ମହାନ୍ତି ଦାବି ପୂରଣ ନହେଲେ ଆଗାମୀ ୨୭ ଫେବୃଆରୀରେ ଦେବଗଡ ସହ ତିଲେଇବଣି, ବାରକୋଟ, ରିଆମାଳ ସହ ରାଜ୍ୟତମାମ ରାସ୍ତା ରୋକ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଚେତାବନୀ ଶୁଣାଇଥିଲେ। ଆଜିର ଏହି ବିକ୍ଷୋଭରେ ରେଞ୍ଜ ସମ୍ପାଦକ ଭଗବାନ ପ୍ରଧାନ, ଅର୍ଜୁନ ପ୍ରଧାନ, ବିରେନ ଦେବ, ଦୁଃଖ ବନ୍ଧୁ ବେହେରା, ଅଲେଖ ମହାନନ୍ଦ, ଅରୁଣ ସାହୁ, ଗନ୍ଧର୍ବ ପ୍ରଧାନ, ଜ୍ଞାନ ଗଡ଼ନାୟକ ପ୍ରମୁଖଙ୍କ ନେତୃତ୍ୱରେ ସମସ୍ତ ରେଞ୍ଜରେ ଶତାଧିକ ତୋଳାଳୀ ଓ କର୍ମଚାରୀ ଧାରଣାରେ ସାମିଲ ହୋଇଥିଲେ।

## ସଂଗ୍ରାମୀଙ୍କୁ ମନେ ପକାଇଲା ଗାଁ ମାଟି

# ‘ଗୌରାଙ୍ଗ ଓ ଶଶୀଭୂଷଣ ଥିଲେ ବାଗଲପୁର ମାଟିର ମହକ’



ବିରିଡି,୨୦।୨(ସମିସ): ଜଗତସିଂହପୁର ଜିଲ୍ଲା ବିରିଡ଼ି ବ୍ଲକ ୨୨ମୌଜା ବାଗଲପୁର ସଂଗ୍ରାମ ମାଟିର ମହକ ଥିଲେ ସଂଗ୍ରାମୀ ଗୌରାଙ୍ଗ ଚରଣ ଦାସ ଓ ତାଙ୍କ ସୁପୁତ୍ର ସଂଗ୍ରାମୀ ଶଶୀଭୁଷଣ ଦାସ। ସେମାନେ ମହାତ୍ମା ଗାନ୍ଧୀଙ୍କ ପଟ୍ଟଶିଷ୍ୟ ଥିଲେ। ନବକୃଷ୍ଣ ଚୌଧୁରୀ, ମାଳତୀ ଦେବୀ, ରାଣଦେବୀ, ବିନୋଦ କାନୁନଗୋ, ରାଜକୃଷ୍ଣ ବୋଷ ଭଳି ଅନେକ ମୁକ୍ତିଯୋଦ୍ଧା ସଂଗ୍ରାମୀଙ୍କ ସହ ପାଦରେ ପାଦ ମିଶାଇ ଦେଶ ସ୍ୱାଧୀନ କରିବାର ସଂକଳ୍ପ ନେଇ ଉଭୟ ବାପାପୁଅ ଜେଲ ଯାଇଥିଲେ।

ସମାଜସେବୀ ଲିଙ୍ଗରାଜ ମଲ୍ଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଗୌରାଙ୍ଗ ଚରଣ ଦାସଙ୍କ ୫୪ତମ ଓ ଶଶୀଭୁଷଣ ଦାସଙ୍କ ୧୫ତମ ଶ୍ରାଦ୍ଧଉତ୍ସବରେ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେଇ ଏଭଳି ବକ୍ତବ୍ୟ ରଖିଛନ୍ତି। ପ୍ରାରମ୍ଭରେ ଗୌରାଙ୍ଗ ଚରଣ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରାଯିବା ସହ ଶ୍ୟାମସୁନ୍ଦର ପାଇକରାୟ ପତାକା ଉତ୍ତୋଳନ କରିଥିଲେ। ପରେ ମୁଖ୍ୟ ପୃଷ୍ଠପୋଷକ ପ୍ରଶାନ୍ତ ଦାସଙ୍କ ତତ୍ତ୍ୱାବଧାନରେ ଏବଂ ପୂଜ୍ୟପୂଜା ପରିଷଦର ସଭାପତି ନିକୁଞ୍ଜବିହାରୀ ଭଞ୍ଜ, ସମ୍ପାଦକ ବସନ୍ତ କୁମାର ବେହେରା, ତରୁଣ ଦାସ, ସଞ୍ଜୟ ଦାସ, ବାଉରୀବନ୍ଧୁ ପରିଡା, ସୁର୍ଯ୍ୟ ଶତପଥୀ, ଅଜୟ ପରିଡା, ଗୋପାଳ ଦାସ, ନିରଞ୍ଜନ ଦାସଙ୍କ ପରିଚାଳନାରେ ନିକୁଞ୍ଜ ବିହାରୀ ଭଞ୍ଜ ପ୍ରାରମ୍ଭିକ ସୂଚନା ପ୍ରଦାନ ପରିବା ପରେ ପ୍ରଶାନ୍ତ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ବରେଣ୍ୟ ଅତିଥି ଭାବେ ମାନବାଧିକାର କମିଶନଙ୍କ ବରିଷ୍ଠ ସଦସ୍ୟ ଅସୀମ ଅମିତାଭ ଦାସ, ସ୍ତମ୍ଭକାର ବିରୂପାକ୍ଷ ତ୍ରିପାଠୀ, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁଗୋ, ସ୍ୱାଧୀନତା ସଂଗ୍ରାମୀ କ୍ରିଷ୍ଣା ମହାନ୍ତି, କବିତା ଦାସ, ଉତ୍କଳ ରଞ୍ଜନ ମହାନ୍ତି, ପୂର୍ବତନ କଂଗ୍ରେସ ଜିଲ୍ଲା ପରିଷଦ ସଭାପତି ନଟବର ବାରିକ, ସୁନାଭଉଣୀ ପତ୍ରିକାର ସମ୍ପାଦିକା ବିଜୟଲକ୍ଷ୍ମୀ ମହାପାତ୍ର, ବାଗ୍ମୀ ଅରୁଣ କୁମାର ଦାସ, ଅତୁଲ ବିକ୍ରମ ପ୍ରଧାନ, ଦେବୀ ଚୌଧୁରୀ, କ୍ଷୀରୋଦ ମହାପାତ୍ର, ଖଗେଶ୍ୱର ସେଠୀ, ମହେନ୍ଦ୍ର ଆର୍ଶ୍ଚର୍ଯ୍ୟ, ସମାଜସେବୀ ଗୋବିନ୍ଦ ଓଝା, ବିଶ୍ୱଜିତ ମହାନ୍ତି, ବିଜେପି ନେତା ରାଜକିଶୋର ବେହେରା, ନାରୀନେତ୍ରୀ ସୁଜାତା ବାରିକ, ଚିତ୍ତରଞ୍ଜନ ମହାନ୍ତି, ଗୀତାଞ୍ଜଳି ସାହୁ, ଜିଲ୍ଲାପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାଶ, ପୂରଣ ସରପଞ୍ଚ ଯୁଧିଷ୍ଠିର ବେହେରା ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ତରୁଣ କୁମାର ଦାସ ଧନ୍ୟବାଦ ଦେଇଥିଲେ।

# ବିଶ୍ୱ ସାମାଜିକ ନ୍ୟାୟ ଦିବସ ପାଳିତ




ଜଗତସିଂହପୁର,୨୦।୨(ସମିସ): ଜଗତସିଂହପୁର ସହରର ଆଦିକବି ସାରଳା ଦାସ ସଂସ୍କୃତି ଭବନରେ ଜିଲ୍ଲାସ୍ତରୀୟ ବିଶ୍ୱ ସାମାଜିକ ନ୍ୟାୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ କହିଲେ ଯେ, ବରିଷ୍ଠ ନାଗରିକ ମାନେ ଆମ ପାଇଁ ଚିର ନମସ୍ୟ। ସେମାନଙ୍କର ସୁରକ୍ଷା ଓ କଲ୍ୟାଣ ଆମ ସମସ୍ତଙ୍କର ଦାୟିତ୍ୱ। ପିତାମାତା ଏବଂ ବରିଷ୍ଠ ନାଗରିକଙ୍କ ରକ୍ଷଣା ବେକ୍ଷଣ ଓ କଲ୍ୟାଣ ଆଇନ-୨୦୦୭ ସମ୍ପର୍କରେ ଆଲୋଚନା କରିବା ସହ ଆଇନ କାର୍ଯ୍ୟକାରୀ କରୁଥିବା ଅଧିକାରୀ ମାନଙ୍କୁ ସମ୍ବେଦନଶୀଳ ହେବାପାଇଁ ପରାମର୍ଶ ଦେଇଥିଲେ। ସଭାରେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ସଲିଲ ଘୋଷ ଏବଂ ଭଜହରି କର ଯୋଗଦେଇଥିଲେ। ଜିଲ୍ଲା ଇ-ଲ-ଶାସନ ପରିଚାଳକ ଅରବିନ୍ଦ ଆଚାର୍ଯ୍ୟ ଏବଂ ସାଇବର ଥାନା ଡିଏସ୍‌ପି ସବିତା ପରିଡ଼ା ସାଇବର ଠକେଇ ଓ ସଚେତନତା ବିଷୟରେ ବହୁ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ଅନ୍ୟ ସମ୍ମାନିତ ଅତିଥି ମାନଙ୍କ ମଧ୍ୟରେ ୟୁକୋ ବ୍ୟାଙ୍କ ମ୍ୟାନେଜର ରାଜଲକ୍ଷ୍ମୀ ମହାନ୍ତି, ବ୍ୟାଙ୍କରେ ବରିଷ୍ଠ ନାଗରିକଙ୍କ ସୁବିଧା ସଂପର୍କିତ ସଚେତନତା ବାର୍ତ୍ତା ଦେଇଥିବା ବେଳେ ସିଏଚସିର ଜିଲ୍ଲା ସଂଯୋଜକ ଦୀପକ ଦାସ ଆୟୁଷ୍ମାନ ଭାରତ ଓ ବୟୋବନ୍ଦନା ସ୍ୱାସ୍ଥ୍ୟ କାର୍ଡ ସମ୍ବନ୍ଧରେ ସୂଚନା ଦେଇଥିଲେ। ବରିଷ୍ଠ ନାଗରିକ ମହାମଞ୍ଚର ସଭାପତି ନିକୁଞ୍ଜ କିଶୋର ବେହେରା ବିଭିନ୍ନ ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମମତା ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଦିବସ ଉପଲକ୍ଷେ ଅନୁଷ୍ଠିତ ହୋଇଥିବା ବିଦ୍ୟାଳୟ ସ୍ତରୀୟ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସକାଳେ ଯୋଗ ଶିବିର, ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତରମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ୍ ସୁଭାଷ ଚନ୍ଦ୍ର ରାଉତ ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ବରିଷ୍ଠ ନାଗରିକ ମାନେ ଯୋଗ ଦେଇଥିଲେ।

# ପାରାଦୀପ ବନ୍ଦର ପକ୍ଷରୁ ମତ୍ସ୍ୟଜୀବୀଙ୍କ କର୍ମଶାଳା



ପାରାଦୀପ, ୨୦।୨ (ସମିସ): ଏମପିଇଡିଏ-ନେଟ୍‌ଫିସ ଓ ପାରାଦୀପ ପୋର୍ଟ ଅଥରିଟିଙ୍କ ମିଳିତ ପ୍ରୟାସରେ ଆଜି ପାରାଦୀପ ମାଛଧରା ବନ୍ଦରରେ ‘ମାଛଧରା ବୋଟ୍‌ରେ ସ୍କ୍ୱାର୍ ମେଶ୍ କୋଡଏଣ୍ଡ ଓ ଟର୍ଟଲ୍ ଏକ୍ସକ୍ଲୁଜର୍ ଡିଭାଇସ୍‌ର ଲାଭ’ ସମ୍ପର୍କିତ ଏକଦିନିଆ ସଚେତନତା କାର୍ଯ୍ୟଶାଳା ଆୟୋଜିତ ହୋଇଥିଲା। ଏହା ପାରାଦୀପ ପୋର୍ଟ ଅଥରିଟିର କର୍ପୋରେଟ୍ ସୋସିଆଲ୍ ରେସପନ୍ସିବିଲିଟି (ସିଏସ୍‌ଆର) ଉଦ୍ୟମ ଅଧୀନରେ ଆୟୋଜିତ ହୋଇଥିଲା। ଏହାର ଉଦ୍ଦେଶ୍ୟ ହେଲା ଦାୟିତ୍ୱଶୀଳ ମାଛଧରା ପ୍ରଚଳନାକୁ ପ୍ରୋତ୍ସାହନ, ସମୁଦ୍ରୀୟ ସମ୍ପଦର ସୁରକ୍ଷା ଓ ମତ୍ସ୍ୟଜୀବୀ ସୁସ୍ଥାୟୀ ଜୀବିକା ବିକାଶ। ଏଥିରେ ପାରାଦୀପ ପୋର୍ଟ ଅଥରିଟିର ଅଧ୍ୟକ୍ଷ ପିଏଲ ହରନାଦ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏମପିଇଡିଏ-ନେଟଫିସ ଅଧିକାରୀମାନେ ପାରମ୍ପରିକ ଡାୟମଣ୍ଡ ମେଶ୍ ସହିତ ତୁଳନାରେ ସ୍କ୍ୱାର୍ ମେଶ୍ କୋଡଏଣ୍ଡ ଲାଭ, କିଶୋର ମାଛ ସୁରକ୍ଷା ଓ ଧରା ମାଛର ଗୁଣମାନ ବୃଦ୍ଧି, ଟେଡର କାର୍ଯ୍ୟପ୍ରଣାଳୀ ଓ ସ୍ଥାପନ ପ୍ରକ୍ରିୟା ସଂପର୍କରେ ଆଲୋଚନା କରିଥିଲେ। ଏହି କର୍ମଶାଳାରେ ବହୁ ସଂଖ୍ୟକ ଟ୍ରଲର୍ ମାଲିକ, ବନ୍ଦର କର୍ମଚାରୀ, ମତ୍ସ୍ୟଜୀବୀ ସଂଘ ପ୍ରତିନିଧି ଓ ଅନ୍ୟାନ୍ୟ ହିତାଧିକାରୀମାନେ ଅଂଶ ଗ୍ରହଣ କରି ସୁସ୍ଥାୟୀ ମାଛଧରା ପ୍ରଚଳନା ଗ୍ରହଣ କରିବାକୁ ପ୍ରତିବଦ୍ଧତା ବ୍ୟକ୍ତ କରିଥିଲେ। ଏହି ପଦକ୍ଷେପ ଓଡିଶାରେ ଦାୟିତ୍ୱଶୀଳ ମତ୍ସ୍ୟ ପରିଚାଳନା, ସମୁଦ୍ର ପରିବେଶ ସୁରକ୍ଷା ଓ ମତ୍ସ୍ୟଜୀବୀ ସମୁଦାୟର ସାମାଜିକ-ଆର୍ଥିକ ଉନ୍ନତି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଉକ୍ତ କର୍ମଶାଳାରେ ଏମପିଇଡିଏର ଉପନିର୍ଦ୍ଦେଶକ ଆର୍ଚିମାନ ଲାହିରୀ, ଭୁବନେଶ୍ୱର ଓମ୍ଫାର ସଭାପତି ଶ୍ରୀକାନ୍ତ ପରିଡା, ଏସସିଓ ନେଟଫିସ ଓଡିଶା ଏସ୍‌କେ ମହାପାତ୍ର, ଓମ୍ଫାର ସାଧାରଣ ସମ୍ପାଦକ ଅରବିନ୍ଦ ସ୍ୱାଇଁ, ପାରାଦୀପ ମାଛଧରା ବନ୍ଦରର ଏଚ୍‌ଡିସି ଜଗନ୍ନାଥ ସ୍ୱାଇଁ ଓ ଓମ୍ଫା ଉପସଭାପତି ପ୍ରହ୍ଲାଦ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ହରେକୃଷ୍ଣ ସାମଲଙ୍କ ସ୍ମୃତିଚାରଣ ଓ ପୁସ୍ତକ ଉନ୍ମୋଚନ




କୁଜଙ୍ଗ,୨୦।୨(ସମିସ): ଚାରିଥରର ସରପଞ୍ଚ, କଳିଙ୍ଗ କର୍ଣ୍ଣଧାର ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତିର ପୂର୍ବତନ ସଦସ୍ୟ, କୈବର୍ତ୍ତ ତଥା ଚାଷୀ ନେତା, କୁଜଙ୍ଗର ଗଣ୍ଡକୀପୁର ପଞ୍ଚାୟତରେ ସ୍କୁଲ, ବ୍ୟାଙ୍କ ଓ ଡାକ୍ତରଖାନା ତିଆରି କରିବାରେ ପ୍ରମୁଖ ପୁରୋଧା ସାଜିଥିବା ହରେକୃଷ୍ଣ ସାମଲଙ୍କ ଦ୍ୱାଦଶାହ ଉପଲକ୍ଷେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ମଙ୍ଗରାଜପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ରବୀନ୍ଦ୍ର ମହାପାତ୍ର ଅଧ୍ୟକ୍ଷତା ଅନୁଷ୍ଠିତ ସ୍ମୃତିସଭାରେ ବାଗ୍ମୀ ତଥା ଅବସରପ୍ରାପ୍ତ ଶିକ୍ଷକ ପଣ୍ଡିତ ପ୍ରଭାକର ଭଞ୍ଜ ସଂଯୋଜନା କରିଥିଲେ। ଏଥିରେ ଜଗତସିଂହପୁର ସାଂସଦ ଡ. ବିଭୁ ପ୍ରସାଦ ତରାଇ ଓ ପୂର୍ବତନ ସାଂସଦ ଡା. କୁଳମଣି ସାମଲ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ, ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ପାରାଦୀପଗଡ଼ ପୂର୍ବତନ ସରପଞ୍ଚ ଦୁର୍ଗା ଚରଣ ସ୍ୱାଇଁ, ବିଧାୟକ ପ୍ରତିନିଧି ଦିଲୀପ ବେହେରା, ବିଜେପି ଜିଲ୍ଲା ଉପସଭାପତି ତପନ କୁମାର ତ୍ରିପାଠୀ, ବିଜୁ ଜନତା ଦଳର ପୂର୍ବତନ ରାଜ୍ୟ ସମ୍ପାଦକ ପ୍ରମୋଦ କିଶୋର ଜେନା, କୁଜଙ୍ଗ ବ୍ଲକ ପୂର୍ବତନ ଚେୟାରମ୍ୟାନ ସ୍ମୃତିରଞ୍ଜନ ବେହେରା, କୁଜଙ୍ଗ ଓକିଲ ସଂଘ ସଭାପତି ଏନ୍‌ଡି ଯାଦବ, ବିଜେପି କୁଜଙ୍ଗ ମଣ୍ଡଳ ସଭାପତି ରଞ୍ଜନ ବାରିକ, ବାବୁରାମ ଚୌଧୁରୀ, ଶ୍ରୀନିବାସ ଯୁଝାରସିଂ, ରାଜନ ବେହେରା, ଡା. ଶ୍ରୀଧର ବେହେରା, ସାହିତ୍ୟିକ ଜୀବନାନନ୍ଦ ଅଧିକାରୀ, ଡ. ଗଙ୍ଗାଧର ସାମନ୍ତରାୟ, ଶରତ ଚନ୍ଦ୍ର ବେହେରା, ଜିନ୍ମୟୀ ସାହାଣୀ, ସୁବାଷ ମହାପାତ୍ର, ଧନେଶ୍ୱର ସାମଲ, ପିତାମ୍ବର ମାଝୀ, ବିଜୟ ମାଝୀ, ବିଜୟ ଖଟେଇ, ନଗେନ୍ଦ୍ରନାଥ ସ୍ୱାଇଁ, ନରେଶ ଭଞ୍ଜ, ପ୍ରଦୀପ୍ତ ପରିଡ଼ା, ଶୁକଦେବ ସ୍ୱାଇଁ, ନବଘନ ସ୍ୱାଇଁ ପ୍ରମୁଖ ଶୋକ ବ୍ୟକ୍ତ କରିଥିଲେ। ପରେ କବି ଡ. ସୁରେଶ କୁମାର ପ୍ରଧାନଙ୍କ ସଂଯୋଜନାରେ ଏକ କବିତା ଆସର ଅନୁଷ୍ଠିତ ହୋଇଥିଲା। କବି ନବୀନ, ପ୍ରଧାନ, କଳ୍ପନା ସୂତାର, ରୁନିବାଳା ମଲ୍ଲିକ, ସରୋଜିନୀ ମିଶ୍ର, ମଥୁରାନନ୍ଦ ତରାଇ, ମାନଗୋବିନ୍ଦ ପ୍ରଧାନ, ନିରଞ୍ଜନ ରାଉତ, ଜୟନ୍ତୀ ଦାସ, ରବୀନ୍ଦ୍ର ନାୟକ ପ୍ରମୁଖ ଶୋକ କବିତା ପାଠ କରିଥିଲେ। ପରେ ଏକ ପୁସ୍ତକ ଉନ୍ମୋଚନ ହୋଇଥିଲା। ଡ. ସୁଧାଂଶୁ ଶେଖର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପୁରୀରୁ ଆସିଥିବା ପ୍ରବଚକ ଶିବ ବାବାଙ୍କ ଦଳ ତରଫରୁ ପ୍ରବଚନ ଓ ଭଜନ ପରିବେଷଣ କରାଯାଇଥିଲା।

# ରଘୁନାଥପୁର ବ୍ଲକ କଂଗ୍ରେସର ସମ୍ବର୍ଦ୍ଧନା ସଭା



ଜଗତସିଂହପୁର/ରଘୁନାଥପୁର,୨୦।୨(ସମିସ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ କଂଗ୍ରେସ ପକ୍ଷରୁ ଇଂ. ହିମାଂଶୁ ଭୂଷଣ ମଲ୍ଲିକ ଓ ଜିଲ୍ଲା କଂଗ୍ରେସ କମିଟି ସଭାପତି ଦେବ ପ୍ରସାଦ ନାୟକଙ୍କ ଉପସ୍ଥିତିରେ ଏକ ସମ୍ବର୍ଦ୍ଧନା ସଭା ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗନ୍ନାଥପୁର ପଞ୍ଚାୟତର ସୁଶାନ୍ତ କୁମାର ସାହୁ, ଧରାଧରପୁର ପଞ୍ଚାୟତର ଶିବ ସାହୁ, ରଘୁନାଥପୁର ପଞ୍ଚାୟତର ୱାର୍ଡମେମ୍ବର ଅଚ୍ୟୁତା ନନ୍ଦ ଦଳାଇ, ବିଦ୍ୟାଧରପୁର ପଞ୍ଚାୟତର ସୁବାସ କୁମାର ରାଟସିଂ, ଶିବ ପ୍ରସାଦ ଦାସ, ବଳରାମ ଭୋଇ, ଚନ୍ଦନ ଭୋଇ, ରଘୁନାଥପୁର ପଞ୍ଚାୟତର ଶମ୍ଭୁନାଥ ସେନାପତି, ପୂରଣ ଓଡ଼ପଡ଼ା ପଞ୍ଚାୟତର ସନ୍ତୋଷ ପାତ୍ର ପ୍ରମୁଖ କଂଗ୍ରେସରେ ଯୋଗଦେଇଥିଲେ। ଏହି ଅବସରରେ ନୂତନ ଦାୟିତ୍ୱ ନେଇଥିବା ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡା, ଜିଲ୍ଲା କଂଗ୍ରେସ ଉପସଭାପତି ପ୍ରଶାନ୍ତ ଦାସ, ଜିଲ୍ଲା କଂଗ୍ରେସ ମୁଖପାତ୍ର ସର୍ବେଶ୍ୱର ପଣ୍ଡା, ସମ୍ପାଦକ ମାନସ ଗୋଚ୍ଛାୟତ, କାର୍ଯ୍ୟକାରୀ ସଦସ୍ୟ କାଳନ୍ଦୀ ମହାନ୍ତି, ସମ୍ପାଦକ ମନୋରଞ୍ଜନ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତ୍ୟୁଷ ନାୟକ ସଭା ପରିଚାଳନା କରିଥିବା ବେଳେ ବସନ୍ତ ଦାଶ, ବସନ୍ତ ସ୍ୱାଇଁ, ଅଜୟ ସ୍ୱାଇଁ, ଜିତେନ୍ଦ୍ର ମଲ୍ଲିକ, ବିଭୁ ରଞ୍ଜନ ସ୍ୱାଇଁ, ସୁଧାଂଶୁ ବିଶ୍ୱାଳ, ସ୍ୱପ୍ନ ସରିତ ରାଟସିଂ, ଲକ୍ଷ୍ମୀକାନ୍ତ ନାୟକ, ପରିକ୍ଷିତ ନାୟକ, ସନ୍ତୋଷ ସ୍ୱାଇଁ, ସାରଦା ଜେନା, ବ୍ରଜ କିଶୋର ମଲ୍ଲିକ, ବିଷ୍ଣୁ ବିଶ୍ୱାଳ, ଅଜିତ ଓଝା, ହରେକୃଷ୍ଣ ଖଟୁଆ, ପ୍ୟାରେଶ ପାତ୍ର, କ୍ରିତରଞ୍ଜନ ରାୟ, ସନ୍ତୋଷ ପାତ୍ର ପ୍ରମୁଖ ଯୋଗଦାନ କରିଥିଲେ।

# ଜିଲ୍ଲା ଯୁବ କଂଗ୍ରେସର ସାଂଗଠନିକ ବୈଠକ



ଜଗତସିଂହପୁର,୨୦।୨(ସମିସ): ଜଗତସିଂହପୁର ଜିଲ୍ଲା ଯୁବ କଂଗ୍ରେସ ତରଫରୁ ଯୋଗଧାରୀ ସ୍ଥିତ ସର୍କିଟ ହାଉସଠାରେ ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ରାଜ୍ୟ ଛାତ୍ର କଂଗ୍ରେସ ଉପସଭାପତି ପ୍ରିତମ ପରିଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ଯୋଗ ଦେଇଥିଲେ। ଜିଲ୍ଲା କଂଗ୍ରେସ କମିଟି ସଭାପତି ଦେବ ପ୍ରସାଦ ନାୟକ, ଜିଲ୍ଲାର ଯୁବକ/ଯୁବତୀଙ୍କ ମୌଳିକ ସମସ୍ୟାକୁ ନେଇ ଲଢ଼େଇ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନଗର କଂଗ୍ରେସ ସଭାପତି ପ୍ରଶାନ୍ତ ମହାପାତ୍ର, ଅଖିଳ ଭାରତୀୟ ଯୁବ କଂଗ୍ରେସ ସଂଯୋଜକ ସତ୍ୟବ୍ରତ ଦାସ, ଜଗତସିଂହପୁର ବ୍ଲକ କଂଗ୍ରେସ ସଭାପତି ଜ୍ଞାନ ରଞ୍ଜନ ପୃଷ୍ଟି, କୁଜଙ୍ଗ ବ୍ଲକ କଂଗ୍ରେସର ପୂର୍ବତନ ସଭାପତି ନିହାର ରଞ୍ଜନ ଦାସ, ଜ୍ଞାନେନ୍ଦ୍ର ସ୍ୱାଇଁ, ପ୍ରତ୍ୟୁଷ ନାୟକ, ରାକେଶ ମହାନ୍ତି, ରାହୁଲ ଦାସ, ରାକେଶ ସ୍ୱାଇଁ, ବିଶ୍ୱଜିତ ସେଠୀ, ସୁଧାଂଶୁ ସ୍ୱାଇଁ, ଅଭିଷେକ ବଳ, ସ୍ୱପ୍ନସରିତ ରାଟସିଂହ, ଚିନ୍ମୟ ବିଶ୍ୱାଳ, ସୌଭାଗ୍ୟ ଦାସ, ସାଗର ଓଝା, ଆଲୋକ ବାରିକ, ଲକ୍ଷ୍ମୀଧର ସ୍ୱାଇଁ, ନାରାୟଣ ବେହେରା, ସୂର୍ଯ୍ୟ ନାରାୟଣ ବେହେରା, ସାରଦା ପ୍ରସନ୍ନ ସ୍ୱାଇଁ ପ୍ରମୁଖ ଏଥିରେ ଯୋଗଦେଇଥିଲେ।

# ‘ଗୀତା ଓ ଭାଗବତ ଆଦର୍ଶ ଗୃହସ୍ଥାଶ୍ରମ ଜୀବନ ପାଇଁ ବାଟ ଦେଖାଏ’



ଜଗତସିଂହପୁର,୨୦।୨(ସମିସ): ଜଗତସିଂହପୁର ଜିଲ୍ଲାର ବାଲିକୁଦା ମଣ୍ଡଳର ସାହାଡ଼ା ଗ୍ରାମରେ ଶ୍ରୀଶ୍ରୀ ଗୋପିନାଥଜିଉଙ୍କ ମନ୍ଦିରପ୍ରତିଷ୍ଠା ମହୋତ୍ସବର ଚତୁର୍ଥସନ୍ଧ୍ୟାରେ ସାଧୁସନ୍ଥ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ତଥା ଟ୍ରଷ୍ଟି ଡ. ଅଭୟ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ ପୁରୀ ରାଧାବଲ୍ଲଭ ମଠର ମହନ୍ତ ବାବା ରାମକୃଷ୍ଣ ଦାସ। ଉଦଘାଟନୀ ଭାଷଣ ଦେବା ଅବସରରେ ସେ କହିଲେ ଯେ ଦୈନିକ ଗୀତା-ଭାଗବତ ପାଠ ଜଣେ ସାଧାରଣ ମଣିଷକୁ ଆଦର୍ଶ ଗୃହସ୍ଥରେ ପରିଣତ କରେ। ଏହାର ପ୍ରଭାବରେ ସମାଜର ହୁଏ ଆଧ୍ୟାତ୍ମିକ ପରିବର୍ତ୍ତନ। ଧାରାବାହିକ ପ୍ରବକ୍ତା ଭାବେ ବାବା ସତ୍ୟାନନ୍ଦ ଦାସ ମହାରାଜ ଯୋଗଦେଇଥିଲେ। ଏହି ସାଧୁ-ସନ୍ଥ ସମ୍ମିଳନୀରେ କେଳୀମଠର ବାବା ସିଦ୍ଧେଶ୍ୱର ଦାସ, ପ୍ରଭୁସତ୍ୟ ଆଶ୍ରମର ବାବା ଗୋପାଳ ଦାସ, ପତିତପାବନ ଆଶ୍ରମର ବାବା ପ୍ରେମାନନ୍ଦ, ଅଣଖିଆ ମଠର ମହନ୍ତ ମଦନମୋହନ ଦାସ, ତିହୁଡି ମଠର ମହନ୍ତ ମନୋହର ଦାସ, ଭାବବିନୋଦିଆ ମଠର ବାବାଜୀ ରଘୁନାଥ ଦାସ, ବାବା ସୀତାରାମ ଦାସ ଓ ଶ୍ରୀଜଗନ୍ନାଥ ଭକ୍ତ ସମାଜର ସଭାପତି ବିଷ୍ଣୁ ସ୍ୱାଇଁ ଯୋଗ ଦେଇଥିଲେ। ସମସ୍ତ ସାଧୁସନ୍ଥମାନଙ୍କୁ ସ୍ୱାଗତ କରିଥିଲେ ଟ୍ରଷ୍ଟର ଅଧ୍ୟକ୍ଷ ଡ. ବଟ କିଶୋର ରାୟ। ଏଥିରେ ବାବା ରାମକୃଷ୍ଣ ଦାସଙ୍କ ଦ୍ୱାରା ଜଗତସିଂହପୁର ମ୍ୟୁନିସପାଲିଟି ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା, ଦିବାକର ପାତ୍ର, ସାମ୍ବାଦିକ ଶୁଭଙ୍କର ଜେନା ଓ ସରୋଜ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଉତ୍କଳ ସାମ୍ବାଦିକ ସଂଘର ସାଧାରଣ ପରିଷଦ ବୈଠକ

ଜଗତସିଂହପୁର/ରଘୁନାଥପୁର,୨୦।୨(ସମିସ): ଉତ୍କଳ ସାମ୍ବାଦିକ ସଂଘ ଜଗତସିଂହପୁର ଜିଲ୍ଲା ଶାଖାର ସାଧାରଣ ପରିଷଦ ବୈଠକ ରଘୁନାଥପୁର ବ୍ଲକ ଅନ୍ତର୍ଗତ ଧଳତଙ୍ଗଗଡ଼ ଜଙ୍ଗଲ ବିଟ୍‌ହାଉସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ମନୋଜ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଜିଲ୍ଲାର ପାରାଦୀପ ଓ ଜଗତସିଂହପୁର ସମେତ ସମସ୍ତ ବ୍ଲକରେ କାର୍ଯ୍ୟରତ ସାମ୍ବାଦିକ ମାନେ ଯୋଗଦେଇଥିଲେ। ସାମ୍ବାଦିକ ମାନଙ୍କର ସୁରକ୍ଷା, ପେନ୍‌ସନ ସହ ବିଭିନ୍ନ ସମସ୍ୟା ବାବଦରେ ଆଲୋଚନା ହୋଇଥିଲା। ଏହି ବୈଠକରେ ସାଧାରଣ ସମ୍ପାଦକ ମାନସ କୁମାର କାନୁନ୍‌ଗୋ, ରାଜ୍ୟ ସମ୍ପାଦକ ରାଧାକାନ୍ତ ମିଶ୍ର, ସଙ୍ଗଠନ ସମ୍ପାଦକ ଆମରଜ୍ୟୋତି ସାହୁ, କୋଷାଧ୍ୟକ୍ଷ ତାପସ ସ୍ୱାଇଁ, ଉପସଭାପତି ସୁଜନ କୁମାର ମୁଦୁଲି, ଶ୍ରୀବସ୍ତ ଲାଞ୍ଛନ ପାଢ଼ୀ, କାର୍ତ୍ତିକ ଚନ୍ଦ୍ରବେହେରା, ସହସମ୍ପାଦକ ଦେବ ଜ୍ୟୋତି ମହାନ୍ତି, ସୁରେଶ ନାୟକ ଓ ସିଦ୍ଧେଶ୍ୱର ସ୍ୱାଇଁ, କାର୍ଯ୍ୟକାରିଣୀ କମିଟି ସଦସ୍ୟ ଦୀପକ ମହାନ୍ତି, ବିଭୁତି ଭୂଷଣ ମଲ୍ଲ, ଅସ୍ମିତା ମହାନ୍ତି, ପ୍ରକାଶ ବାରିକ, ଚନ୍ଦ୍ରକାନ୍ତ ବାରିକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ସେହିପରି ଉପଦେଷ୍ଟା ରମାକାନ୍ତ ପରିଜା, ସତ୍ୟନନ୍ଦ ସାହୁ, ବରିଷ୍ଠ ସଦସ୍ୟ ବଲ୍ଲଭ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକରେ ନୂତନ ସଦସ୍ୟ ଭାବରେ ବିରୁପାକ୍ଷ ରାୟ, ପ୍ରଭାସ ଦାସ, ବିରଜା ପ୍ରସାଦ ସେଠୀ, ରଣଜିତ ମଲ୍ଲିକ, ସରୋଜ କୁମାର ଦାଶ ଓ ଶୁଭାଶିଷ ସ୍ୱାଇଁ ପ୍ରମୁଖ ସଂଘରେ ଯୋଗଦାନ କରିଥିଲେ। ସଦସ୍ୟ ସୁମନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରାଣୀ ବିଜ୍ଞାନ ବିଭାଗର ଆଲୋଚନାଚକ୍ର




ପାରାଦୀପ,୨୦।୨(ସମିସ): ପାରାଦୀପ ମହାବିଦ୍ୟାଳୟ ପ୍ରାଣୀବିଜ୍ଞାନ ବିଭାଗ ପକ୍ଷରୁ “କ୍ୟାମ୍ପସ୍ ଜୈବ ବିବିଧତା ମାଧ୍ୟମରେ ପ୍ରାକୃତିକ ଇତିହାସ ବୁଝିବା ଓ ନାଗରିକ ବିଜ୍ଞାନର ଏକ ପରିଚୟ’ ଶୀର୍ଷକ ଆଲୋଚନାଚକ୍ର ଆଜି ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭୁବନେଶ୍ୱରର ବରିଷ୍ଠ ବୈଜ୍ଞାନିକ ଡା. ଦେବୀ ପ୍ରିୟଦର୍ଶିନୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ପ୍ରାଣୀ ବିଜ୍ଞାନ ବିଷୟ ଉପରେ ଆଲୋକପାତ କରିଥିଲେ। ପ୍ରାଣୀ ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟା ତନୁଜା ପାଣି ଅତିଥି ପରିଚୟ ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପକ ସୁବ୍ରଥ ରଞ୍ଜନ ବିଭାଗର ବାର୍ଷିକ ବିବରଣୀ ପାଠ କରିଥିଲେ। ଏଥିରେ ବିଭାଗର ତୃତୀୟ ବର୍ଷର ଛାତ୍ରୀ ଲିପ୍ସା ମହାନ୍ତି ଓ ଦେବୀ ବିରଜା ଦାସ ନିଜ ନିଜର ପ୍ରକଳ୍ପ ଉପସ୍ଥାପନା କରିଥିଲେ। ମହାବିଦ୍ୟାଳୟର ବହୁ ଅଧ୍ୟାପକ ଓ ଅଧ୍ୟାପିକାମାନେ ଯୋଗଦାନ କରିଥିଲେ। ଶେଷରେ ବିଭାଗର ପ୍ରୟୋଗଶାଳା ସହାୟକ ସୁବ୍ରତ କୁମାର ଶର୍ମା ଧନ୍ୟବାଦ୍ ଅର୍ପଣ କରିଥିଲେ।

## ପାରାଦୀପରେ ପରିବହନ ଆଇନ୍ ଉଲ୍ଲଙ୍ଘନ

# ମାଲବୁହା ଗାଡ଼ିରେ ବୁହାହେଉଛନ୍ତି ଶ୍ରମିକ



ପାରାଦୀପ,୨୦।୨(ସମିସ): ପାରାଦୀପର ବିଭିନ୍ନ ଶିଳ୍ପସଂସ୍ଥାକୁ ଶ୍ରମିକମାନଙ୍କୁ ମାଲବୁହା ଗାଡ଼ିରେ ବୁହାଯାଉଛି। ଏହା ଦିନ ପ୍ରହରରେ ସର୍ବସାଧାରଣଙ୍କ ସମ୍ମୁଖରେ ହେଉଛି। ଏହି ଘଟଣା ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନର ଦୃଷ୍ଟିରେ ଥିଲେ ମଧ କେହିବାରଣ କରୁନାହାନ୍ତି। ଶିଳ୍ପ ସଂସ୍ଥାକୁ ଦୈନିକ କାମ କରିବାକୁ ଆସୁଥିବା ଏହି ଶ୍ରମିକମାନଙ୍କୁ ପିକ୍‌ଅପ୍ ଭ୍ୟାନ ବା ମାଲବୁହା ଗାଡିରେ ଅତି ବିପଦ୍‌ଜନକ ଭାବେ ଡାଲାରେ ଛିଡା କରି ପରିବହନ କରାଯାଉଛି। ଏହା ପୁଣି କାମ ନେଇଥିବା କଣ୍ଟ୍ରାକ୍ଟର ହିଁ କରୁଛି। ଏହାକୁ ସବୁ ଶିଳ୍ପ ସଂସ୍ଥା ଅଧିକାରୀମାନେ ଦେଖିଲେ ମଧ କୌଣସି ମୁହଁ ଖୋଲୁ ନଥିବା ଅଭିଯୋଗ ହୋଇଛି। ଯାହାକି ଶ୍ରମ ଓ ପରିବହନ ଆଇନ୍‌ର ଖୋଲା ଉଲ୍ଲଙ୍ଘନ ହେଉଥିବା ଦେଖିବାକୁ ମିଳିଛି। ବନ୍ଦର ତଥା ଶିଳ୍ପ ସହର ପାରାଦୀପ ସମେତ ପାରାଦୀପର ବିଭିନ୍ନ ଶିଳ୍ପସଂସ୍ଥାକୁ ଦୈନିକ ଶ୍ରମିକମାନେ ଯାତାୟାତ କରିଥାନ୍ତି। ଏହି ଶ୍ରମିକମାନଙ୍କୁ ନେବା ଆଣିବା କରିବା ପାଇଁ ଯାତ୍ରୀବାହୀ ଗାଡ଼ିର ଆବଶ୍ୟକତା ଥିବା ବେଳେ ଶ୍ରମିକମାନେ ଠିକାଦାରମାନେ ଲାଭଖୋର୍ ହୋଇ କମ ଖର୍ଚ୍ଚରେ ଶ୍ରମିକମାନଙ୍କୁ ମାଲବାହୀ ଗାଡ଼ି ଟ୍ରକ୍ ଓ ପିକ୍‌ଅପ୍ ଭ୍ୟାନ୍ ଭଳି ମାଲବାହି ଗାଡିର ଡାଲାରେ ବୋହି ଶିଳ୍ପ ସଂସ୍ଥାର ଫାଟକ ସାମ୍ନାରେ ଛାଡୁଛନ୍ତି ଏବଂ କାମ ସରିଲେ ସେଠାରୁ ପୁଣି ନେଇ ଆଣିଥିବା ସ୍ଥାନରେ ଛାଡୁଛନ୍ତି। ଏଭଳି ସ୍ଥିତିରେ ଯଦି କିଛି ଅଘଟଣ ଘଟେ; ତେବେ ଏଥିପାଇଁ କିଏ ଦାୟୀ ରହିବ ତାକୁ ନେଇ ପ୍ରଶ୍ନ ଉଠିଛି। ନାଁ କମ୍ପାନୀ କର୍ତ୍ତୃପକ୍ଷ ନାଁ ଗାଡି ମାଲିକ। ନାଁ ପ୍ରଶାସନ? ପ୍ରତିଦିନ ଏହି ଭଳି ଭାବେ ମାଲବାହୀ ଗାଡିରେ ଶ୍ରମିକମାନଙ୍କୁ ନେବା ଆଣିବା ଦେଖିବାକୁ ମିଳୁଛି। ମୂଲ୍ୟବାନ ଜୀବନ ରକ୍ଷା କରିବା ପାଇଁ ପରିବହନ ବିଭାଗ ଏହା ଉପରେ ରୋକ୍ ଲଗାଇବାକୁ ସାଧାରଣରେ ଦାବି ହେଉଛି।

# ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପୁରସ୍କୃତ



ଅମ୍ବାଭୋନା,୨୦।୨(ସମିସ): ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ମହିଳା ଆରୋଗ୍ୟ ସମିତି ଓ ଜନଆରୋଗ୍ୟ ସମିତି ସମ୍ମିଳନୀରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପୁରସ୍କୃତ ହୋଇଛି। ଆୟୁଷ୍ମାନ ଆରୋଗ୍ୟ ଶିବିର ପରିଚାଳନାରେ ଓ ଜନ ଆରୋଗ୍ୟ ସମିତି ବୈଠକ ପରିଚାଳନାରେ ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରି ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପୁରସ୍କୃତ ହୋଇଛି। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ବରଗଡ଼ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁଙ୍କ ଠାରୁ ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ପୀତବାସ ପ୍ରଧାନ ମାନପତ୍ର ଓ ଟ୍ରଫି ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ବିପିଏମ ମନୋରଞ୍ଜନ ପ୍ରଧାନ, ସ୍ୱାସ୍ଥ୍ୟ ପରିଦର୍ଶକ ଗୋବିନ୍ଦ ପ୍ରଧାନ,ବିଡ଼ିଏମ ମେଘନାଦ ପ୍ରଧାନ, ବିଏଏମ ଉମେଶ ପ୍ରଧାନ, ପିଏଚଇଓ ରିତାଞ୍ଜଳୀ ମିଶ୍ର, ଯକ୍ଷ୍ମା ସୁପରଭାଇଜର ଶଙ୍କର ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଅମ୍ବାଭୋନା ଗ୍ରାମ ର ଆଶା କର୍ମୀ ସୌଦାମିନୀ ନାଏକ ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରି ମୁଖ୍ୟ ଅତିଥିଙ୍କ ଠାରୁ ପୁରସ୍କୃତ ହୋଇଥିଲେ। ସୁସ୍ଥ ଗ୍ରାମ ଭାବେ ଲେଥେର ଉପକେନ୍ଦ୍ରର ଜରିମୁଳି ଗ୍ରାମକୁ ମୁଖ୍ୟଅତିଥି ସ୍ଥାନୀୟ ଆଶା କର୍ମୀ ରୁକ୍ମଣୀ ହଲେତ ଓ ଅଙ୍ଗନବାଡି କର୍ମୀ ମସ୍ୟକି ସେଠଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଶ୍ରେଷ୍ଠ ଜନଆରୋଗ୍ୟ ସମିତି ଭାବେ ଉତ୍ତମ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରକୁ ଅନ୍ୟତମ ଅତିଥି ଡ. ଯୋଶୀ ପୁରସ୍କୃତ କରିଥିଲେ। ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟପ୍ରକାଶ ନାଏକ ଓ ସ୍ଥାନୀୟ ସରପଞ୍ଚ ଶ୍ରୀଯୁକ୍ତ ହୀରାଧର ସାହୁ ମାନପତ୍ର ଓ ଟ୍ରଫି ଗ୍ରହଣ କରିଥିଲେ। ସେହିପରି ଜାତୀୟ ଗୁଣବତ୍ତା ପ୍ରମାଣନ ପାଇଁ ବାଞ୍ଜିପାଲି, କଣ୍ଡପଲା ଓ ଲେଥେର ଆୟୁଷ୍ମାନ ଆରୋଗ୍ୟ ମନ୍ଦିରକୁ ପୁରସ୍କୃତ କରାଯାଇଥିଲା। ମାନପତ୍ର ଗ୍ରହଣ କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ କର୍ମକର୍ତ୍ତାଙ୍କ ସହିତ ମହିଳା ସ୍ୱାସ୍ଥ୍ୟ କର୍ମୀ ଚିନ୍ମୟୀ ନାଏକ,ଜ୍ୟୋତିର୍ମୟୀ ସାହୁ,ପଲ୍ଲବୀ ସାହୁ,ସିଏଚ ଓ ହୃଦକାନ୍ତି ସୁନା, ଇନ୍ଦିରା ପ୍ରିୟଦର୍ଶିନୀ ସାମନ୍ତରାୟ ଓ ରେବତୀ ଚିତା ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ।

## ମିଲର୍ସ ମର୍ଜିରେ ଉଠୁଛି ଧାନ

# ଟୋକନ୍ ଅଛି, ଟ୍ୟାଗ୍ ନାହିଁ

ପଦ୍ମପୁର/ଦହିତା,୨୦।୨(ସମିସ)

ପଦ୍ମପୁର ଉପଖଣ୍ଡରେ ମଣ୍ଡି ଖୋଲିବାର ୩ ମାସ ବିତିଯାଇଛି ମାତ୍ର ଏବେ ବି ଚାଷୀ ମଣ୍ଡିରେ ଧାନ ପକାଇ ସେମାନଙ୍କ ଧାନ କେବେ ଉଠିବ ଚିନ୍ତାରେ ପଡିଛନ୍ତି। ଉପଖଣ୍ଡ ଯୋଗାଣ ଅଧିକାରୀ ସନ୍ତୋଷ

- ମଣ୍ଡିରେ ପଡିଛି ୧୧ଲକ୍ଷ ୮୭ ହଜାର ପ୍ୟାକେଟ ଧାନ
- ୨୮ ସୁଦ୍ଧା ଧାନ ନ ଉଠିଲେ ସରକାରୀ ଅଫିସରେ ଧାନ ପୁରାଇବେ ଚାଷୀ

କୁମାର ପ୍ରଧାନ କହିବା ଅନୁଯାୟୀ ପର୍ଯ୍ୟାପ୍ତ ଟ୍ୟାଗ୍ ବ୍ୟବସ୍ଥା ଚାଲିଛି ।୨/୪ଦିନ ଭିତରେ ବ୍ୟବସ୍ଥାର ସୁଧାର ଆସିବ ମିଲରସ୍‌ଙ୍କୁ ଧାନ ଉଠାଇବା ପାଇଁ ଟ୍ୟାଗ ଦିଆଯିବ। ଅପରପକ୍ଷରେ ଚାଷୀଙ୍କ ଧାନ ଖୋଲା ଆକାଶରେ ପଡିରହିଛି। ଯେଉଁ ମିଲର୍ସଙ୍କ ଟାର୍ଗେଟ ଅଛି ସେମାନେ ମନମୁତାବକ କଟ୍‌ନୀ କରି ଧାନ ଉଠାଉଥିବା ଅଭିଯୋଗ ହେଉଛି ।ଏ ସଂପର୍କରେ ସ୍ଥାନୀୟ ପ୍ରଶାସନ ଠାରୁ ଆରମ୍ଭ କରି ଯୋଗାଣ ବିଭାଗ ମଧ୍ୟ ହାତ ଟେକି ଦେଇଥିବା ଚାଷୀ ଅଭିଯୋଗ କରିଛନ୍ତି। ମାତ୍ର ଜିଲ୍ଲା ପ୍ରଶାସନ ଠାରୁ ଯୋଗାଣ ମନ୍ତ୍ରୀ ପର୍ଯ୍ୟନ୍ତ ଧାନ କିଣାବିକା ଠିକ୍ ଠାକ୍ ଚାଲିଥିବା କହୁଥିବା ବେଳେ ବାସ୍ତବରେ କିନ୍ତୁ ଏବେ ବି ଚାଷୀ ଧାନ ବିକ୍ରି କରିପାରୁ ନାହିଁ। ଗୋଟିଏ ପଟେ କଟ୍‌ନୀ ଛଟନୀ ପାଇଁ ଚାଷୀ ଅସନ୍ତୁଷ୍ଟ ରହୁଥିବା ବେଳେ ଅନେକ ଚାଷୀ ସେମାନଙ୍କ ଟୋକନ ଅବଧି ଶେଷ ହୋଇଗଲେ ସେମାନେ କରିବେ କଣ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି। ଚାଷୀଙ୍କ ଟୋକନ ତାରିଖ ଅତିକ୍ରମ କରିଥିବା ବେଳେ ସେମାନେ ପୁଣି ନିର୍ଦ୍ଧାରିତ ୧୫ ଦିନ ବୃଦ୍ଧି କରିଛନ୍ତି ମାତ୍ର ଏ ପର୍ଯ୍ୟନ୍ତ କିଛି ଚାଷୀଙ୍କ ଟୋକନ ଲାପ୍ସ ହୋଇଥିବା ଅଭିଯୋଗ ଆସିଛି। ସେହିପରି କେଉଁ ମଣ୍ଡିରେ କେତେ କୁଇଣ୍ଟାଲ ଧାନ କିଣାଯିବ ତାହା ଯୋଗାଣ ବିଭାଗ ସ୍ଥିର କରୁଛି। ଗୋଟିଏ ମଣ୍ଡିକୁ ଦିନକୁ ମାତ୍ର ୧୫୦ରୁ ୨୦୦କୁଇଣ୍ଟାଲ ଧାନ କିଣିବା ପାଇଁ ଟାର୍ଗେଟ ଦିଆ ହେଉଛି ଯାହାକି ଧାନ ବିକ୍ରିକୁ ମନ୍ଥର କରି ଦେବା ସହିତ କଟନୀ ଛଟନୀକୁ ପ୍ରୋତ୍ସାହନ କରୁଛି ।ପଦ୍ମପୁର ବ୍ଲକ୍ ଉପାନ୍ତ ମଣ୍ଡି ଦହିତା, ଦହିଗାଁ, ବୁଡେନ,ଜମଲା, କନସିଂହା ସମେତ ଉପଖଣ୍ଡର ପାଇକମାଲ, ଝାରବନ୍ଧ, ଗାଇସିଲେଟ ଅଞ୍ଚଳର ୯୩ଟି ମଣ୍ଡିରେ ଅଚଳାବସ୍ଥା ଦେଖାଯିବା ସହିତ ଧାନ ବିକ୍ରି ହେଉ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ଶୁକ୍ରବାର ଶୁଦ୍ଧା ପଦ୍ମପୁର ଉପଖଣ୍ଡ ୯୩ମଣ୍ଡି ରେ ୧୧ ଲକ୍ଷ ୮୭ ହଜାର ପ୍ୟାକେଟ ଧାନ ପଡି ରହିଥିବା ନିମନ୍ତ୍ରିତ ବଜାର କମିଟିର ସଂପାଦକ ରବି ନାରାୟଣ ପଣ୍ଡା ସୂଚନା ଦେଇଛନ୍ତି। ସେହିପରି ସର୍ବାଧିକ ପାଇକମାଲ ବ୍ଲକ୍‌ଝିଁଟିକି ମଣ୍ଡି ରେ ୫୯ ହଜାର ପେକେଟ, ପାଇକମାଲ ରେ ୪୩୦୦୦ପେକେଟ ଧାରୋଲରେ ୩୭୦୦୦, ଲଖମରା ରେ ୩୮ ହଜାର ,ଦହିଗାଁ ରେ ୨୯ ହଜାର ପ୍ୟାକେଟ ଧାନ ପଡି ରହିଛି। ଆଜି ପର୍ଯ୍ୟନ୍ତ ୬୧ହଜାର୪୮୪ ଜଣ ଚାଷୀ ୨୫ ଲକ୍ଷ ୪୨ହଜାର୪୦୯ କୁଇଣ୍ଟାଲ ଧାନ ବିକ୍ରି କରିଥିବା ନିୟନ୍ତ୍ରିତ ବଜାର କମିଟି ସଂପାଦକ ରବି ନାରାୟଣ ପଣ୍ଡା ସୂଚନା ଦେଇଛନ୍ତି। ରାଜବୋଡାସମ୍ବର କୃଷକ ସଙ୍ଗଠନର ଆଇନପରାମର୍ଶଦାତା ଅଜିତ ଶତପଥୀ କହିଛନ୍ତି ଯେ ଚଳିତ ବର୍ଷ ସବୁଠାରୁ ବଡ ବ୍ୟତିକ୍ରମ ହେଲା ଟୋକନ ସମସ୍ୟା ଓ କଟନୀ ସମସ୍ୟା। ଆଜି ପର୍ଯ୍ୟନ୍ତ ମଧ ଚାଷୀଙ୍କ ଟୋକନ ଆସି ନାହିଁ।ଯେଉଁ ଚାଷୀଙ୍କ ମଧ ଟୋକନ ଆସିଛି ଧାର୍ଯ୍ୟ ଜମି ପରିମାଣରୁ ବହୁତ କମ ଆସିଛି। ଅପରପକ୍ଷରେ ମିଲର୍ସଙ୍କୁ ପ୍ରଶାସନ କିମ୍ବା ସରକାର ତାଗିଦ କରିପାରୁ ନାହାନ୍ତି ,ତେଣୁ ଚାଷୀ ସେମାନଙ୍କ ଅମଳ ଧାନ ବାଧ ହୋଇ ଦଲାଲ ହାତରେ ଟେକି ଦେଉଛନ୍ତି। ଆଗାମୀ ୨୮ ଫେବୃଆରୀ ସୁଦ୍ଧା ଧାନ ନ ଉଠିଲେ ଅଞ୍ଚଳର ଚାଷୀ ସେମାନଙ୍କ ଧାନକୁ ସରକାରୀ କାର୍ଯ୍ୟାଳୟରେ ପୁରାଇବେ ବୋଲି ଧମକ ଦେଇଛନ୍ତି।



# ଅଞ୍ଚଳ ମହାବିଦ୍ୟାଳୟରେ 'ଶାନ୍ତି ଶିକ୍ଷା' ଶୀର୍ଷକ ବକ୍ତୃତାମାଳା




ପଦ୍ମପୁର,୨୦।୨(ସମିସ): ଅଞ୍ଚଳ ମହାବିଦ୍ୟାଳୟ ପଦ୍ମପୁର ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶଙ୍କ ପୌରୋହିତ୍ୟ ଓ ସ୍ୱାଗତ ଭାଷଣରେ ମହାବିଦ୍ୟାଳୟର ସ୍ନାତକୋତ୍ତର ଶିକ୍ଷା ବିଭାଗ ଏବଂ ଆଭ୍ୟନ୍ତରୀଣ ଗୁଣବତ୍ତା ନିଶ୍ଚିତତା ପ୍ରକୋଷ୍ଠର ମିଳିତ ଆନୁକୂଲ୍ୟରେ "ଶାନ୍ତି ଶିକ୍ଷା" ଶୀର୍ଷକ ଏକ ବିଶିଷ୍ଟ ଆଭାସୀ ବକ୍ତୃତାମାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ମିଜୋରାମ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ଲୋକନାଥ ମିଶ୍ର ଯୋଗଦେଇ ସାମ୍ପ୍ରତିକ ସମାଜରେ ଶାନ୍ତି ଶିକ୍ଷାର ଆବଶ୍ୟକତା ଓ ଏହାର ବିଭିନ୍ନ ଦିଗ ଉପରେ ଗଭୀର ଆଲୋକପାତ କରିଥିଲେ। ଅଧ୍ୟକ୍ଷ ପ୍ରଫେସର ଦାଶ ନିଜ ଭାଷଣରେ ଶିକ୍ଷାର୍ଥୀଙ୍କ ଜୀବନରେ ମାନବିକ ମୂଲ୍ୟବୋଧ ଓ ଶାନ୍ତିର ଗୁରୁତ୍ୱ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଡକ୍ଟର ତୁଷାରକାନ୍ତ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡକ୍ଟର ସସ୍ମିତା ମେହେର ସମଗ୍ର ଆଲୋଚନାଚକ୍ରକୁ ସୁଚାରୁରୂପେ ସଂଯୋଜନା କରିଥିଲେ ।କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ପ୍ରାନ୍ତରୁ ଶତାଧିକ ଶିକ୍ଷାବିତ୍,ଗବେଷକ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଶେଷରେ ଡକ୍ଟର ଭେଙ୍କଟେଶ ମେହେର ସମସ୍ତଙ୍କୁ ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ବଲପୁର ଉଚ୍ଚଶିକ୍ଷା ଆଞ୍ଚଳିକ ନିର୍ଦ୍ଦେଶକଙ୍କ ସଂସ୍କୃତ ମହାବିଦ୍ୟାଳୟ ପରିଦର୍ଶନ



ପଦ୍ମପୁର,୨୦।୨(ସମିସ): ରାଜବୋରାସମ୍ବର ବ୍ଲକ୍ ବରିକେଲସ୍ଥିତ ଲାଲାଜୀ ଗୋପାଳଜୀ ସଂସ୍କୃତ ମହାବିଦ୍ୟାଳୟକୁ ସମ୍ବଲପୁର ଉଚ୍ଚଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ଡ଼ ମୁରଲୀଧର ମାଝୀ ପରିଦର୍ଶନ ଆସିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ହରେକୃଷ୍ଣ ମିଶ୍ର ତାଙ୍କୁ ଅଭ୍ୟର୍ଥନା ଜ୍ଞାପନ କରି ଶ୍ରେଣୀ ପ୍ରକୋଷ୍ଠ ପରିଦର୍ଶନ କରାଇଥିଲେ। ପରିଦର୍ଶନ ସମୟରେ ଆଂଚଳିକ ନିର୍ଦ୍ଦେଶକ ଡ଼ ମାଝୀ ମହାବିଦ୍ୟାଳୟର ସୁବ୍ୟବସ୍ଥିତ ପାଠପଢା,ଛାତ୍ରଛାତ୍ରୀଙ୍କ ଶୃଙ୍ଖଳିତ ଉପସ୍ଥିତି ଓ କର୍ମଚାରୀଙ୍କ ନିୟମିତତା, ଇପାଠାଗାର ବ୍ୟବସ୍ଥା,ଜଳଯୋଗାଣ,ଶୌଚାଳୟ ପରିଚ୍ଛନ୍ନତା ଓ ମହାବିଦ୍ୟାଳୟର କାଗଜପତ୍ର ତଦାରଖ କରି ପ୍ରଶଂସା କରିଥିଲେ।।

# ବ୍ଲକ୍‌ସ୍ତରୀୟ ପ୍ରବୋଧନ ତାଲିମ ଶିବିର ଉଦ୍‌ଯାପିତ

ବରପାଲି,୨୦।୨(ସମିସ): ବରପାଲି ବ୍ଲକ୍‌ସ୍ତରୀୟ ପଞ୍ଚ ଦିବସୀୟ ପ୍ରବୋଧନ ତାଲିମ ଶିବିର ଲେଣ୍ଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ସମାପନ ହୋଇଯାଇଛି। ଆୟୋଜିତ ଶିବିରଟି ଚାରୋଟି ପଯ୍ୟାୟରେ ପରିଚାଳିତ ହୋଇଥିବା ବେଳେ ବ୍ଲକର ୩୯୧ଜଣ ଶିକ୍ଷକ,ଶିକ୍ଷୟିତ୍ରୀ ପାଞ୍ଚ ଦିନ ଲେଖାଏଁ ତାଲିମ ପ୍ରାପ୍ତ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ମୁକୁନ୍ଦ ମହାରା ଶିବିରକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ନୂତନ ପାଠ୍ୟକ୍ରମ ଆଧାରିତ ନୂତନ ପାଠ୍ୟ ପୁସ୍ତକର ବିଭିନ୍ନ ଦିଗ ଉପରେ ଆରପି ବିକାଶ ପଧାନ,ସୁଜିତ ପଟେଲ, ପୁରୁଷୋତ୍ତମ ସେନାପତି, ମିଥୁନ ସାହୁ ଏବଂ ଅଶୋକ ସାହୁ ପ୍ରଶିକ୍ଷାର୍ଥୀଙ୍କ ସହିତ ଆଲୋଚନା କରିଥିଲେ। ଜାତୀୟ ଶିକ୍ଷା ନୀତି ୨୦୨୦ର ବିଭିନ୍ନ ଦିଗ ତଥା ନୂତନ ପାଠ୍ୟ ପୁସ୍ତକରେ ଥିବା ବିଭିନ୍ନ ବିଷୟ ଉପରେ ଆଲୋଚନା କରାଯାଇଥିଲା। ପରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୁର୍ଯ୍ୟୋଧନ ସିଂହ ତାଲିମ ଶିବିରକୁ ଆସି ନୂତନ ପାଠ୍ୟକ୍ରମର ସଫଳ ରୂପାୟନ କରିବା ପାଇଁ ଗୁରୁତ୍ୱ ଦେଇଥିଲେ। ସମସ୍ତ ପ୍ରଶିକ୍ଷ୍ୟାର୍ଥୀଙ୍କୁ ତାଲିମ କାଯ୍ୟର ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା ।ଶେଷରେ ସମସ୍ତ ପଶିକ୍ଷ୍ୟାର୍ଥୀଙ୍କୁ ଧନ୍ୟବାଦ ଜଣାଇ ତାଲିମ ଶିବିରର ପରିସମାପ୍ତି ଘୋଷଣା କରାଗଲା।

# ବରିଷ୍ଠ ଆଇନଜୀବୀ ହାଡୁ ଦାଶଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି

ବରଗଡ,୨୦।୨(ସମିସ):ବରଗଡ ଜିଲ୍ଲା ଓକିଲ ସଂଘର ବରିଷ୍ଠ ସଦସ୍ୟ ହାଡୁ ଦାଶଙ୍କ ବିୟୋଗରେ ଜିଲ୍ଲା ଓକିଲ ସଂଘରେ ଗଭୀର ଶୋକ ପ୍ରକାଶ ପାଇଛି। ସ୍ୱର୍ଗତ ଦାଶଙ୍କ ସ୍ମୃତି ଉଦ୍ଦେଶ୍ୟରେ ଜିଲ୍ଲା ଓକିଲ ସଂଘ ସଭାପତି ଭୀଷ୍ମଦେବ ସରାଫଙ୍କ ସଭାପତିତ୍ୱରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା ।ପ୍ରଥମେ ଦିବଂଗତ ଦାଶଙ୍କ ଫଟୋଚିତ୍ରରେ ଓକିଲମାନେ ପୁଷ୍ପାଞ୍ଜଳୀ ଅର୍ପଣ ସହ ଧୂପ ଦୀପ ପ୍ରଦାନ କରିଥିଲେ। ସଭାରେ ଉପସ୍ଥିତ ଆଇନଜୀବି ମାନେ ସ୍ୱର୍ଗତ ଦାଶ ଙ୍କ ଅମାୟିକ ବ୍ୟବହାର , ନିଜର ମହକିଲ ପାଇଁ ଜୀବନର ଶେଷ ସମୟ ଯାଏ ନିରବଚ୍ଛିନ୍ନ ଲଢେଇରେ ସେ ଜଣେ ଆଗ ଧାଡ଼ିର ଓକିଲ ଥିଲେ ବୋଲି ବର୍ଣ୍ଣନା କରିବା ସହ ତାଙ୍କ ବିୟୋଗରେ ସମସ୍ତେ ମର୍ମାହତ ବୋଲି ଅଭିହିତ କରିଥିଲେ। ସଭାରେ ଓକିଲ ସଂଘର ଉପସଭାପତି ହେମନ୍ତ ପୁରୋହିତ, ସମ୍ପାଦକ ଲଲାଟେନ୍ଦୁ ବେହେରାଙ୍କ ସମେତ ବରିଷ୍ଠ ଆଇନଜୀବି ଶିରିଷ ବଲ୍ଲଭ ମିଶ୍ର,ନିଧୁବନ ବିହାରୀ ପ୍ରସାଦ ପଣ୍ଡା, ଶରଦ ପ୍ରଧାନ, ହାରଦିପ ସିଂ,ପ୍ରଦୀପ କୁମାର ମହାପାତ୍ର, ମେଘନାଦ ଭୋଇ ପ୍ରମୁଖଙ୍କ ସହ ସଂଘର ବହୁ ସଦସ୍ୟ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ରେଡ୍‌କ୍ରସ ପାଣ୍ଠିକୁ ଅର୍ଥରାଶି ପ୍ରଦାନ

ପଦ୍ମପୁର,୨୦।୨(ସମିସ): ପଞ୍ଚମ ପଦ୍ମପୁର ଲୋକ ମହୋତ୍ସବ ସମୟରେ ଜନସାଧାରଣଙ୍କ ଯାତାୟତର ଭିଡ଼ କୁ ଶୃଙ୍ଖଳିତ କରିବା ପାଇଁ ଟାଉନ୍ କ୍ଲବ ତରଫରୁ ଯାନବାହାନ ରଖିବା ପାଇଁ ପାର୍କିଂ ବ୍ୟବସ୍ଥା କରାଯାଇଥିଲା ଯାହାକି ୪୦ ହଜାର ଟଙ୍କା ସଂଗୃହୀତ ହୋଇଥିଲା। ସଂଗୃହିତ ପାର୍କିଂ ରାଶିକୁ ରେଡକ୍ରସ ପାଣ୍ଠିକୁ ଦାନ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା ତାକୁ ପ୍ରଦାନ କରାଯାଇଛି। ପଦ୍ମପୁର ଉପଜିଲ୍ଲାପାଳ ସ୍ନେହା ଅରଗୁଲାଙ୍କ ଉପସ୍ଥିତିରେ ରେଡକ୍ରସ ପାଣ୍ଠିକୁ ୪୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ଚେକ୍ ପ୍ରଦାନ ସମୟରେ ଟାଉନ କ୍ଲବ ସଭାପତି ପ୍ରିତେଶ ବହିଦାର, ଉପସଭାପତି ଅଶୋକ ମିଶ୍ର,ନରେଶ ସୁନ୍ଦର ସାହୁ,ଆଦିତ୍ୟ ରଥ,ହରି ସିଂ,ଅମିତ ଗର୍ଗ,ଅଖିଳ ପଟ୍ଟନାୟକ,ଦୀନେଶ ବାରିକ,ସୋମେଶ ଚନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ, ମହିଳା ଆରୋଗ୍ୟ ଓ ଜନଆରୋଗ୍ୟ ସମିତିର ସମ୍ମିଳନୀ



ବରଗଡ଼,୨୦।୨(ସମିସ): ବିଜୁପଟ୍ଟନାୟକ ଟାଉନହଲରେ ଜିଲ୍ଲାସ୍ତରୀୟ ଆଶା,ଗାଁ କଲ୍ୟାଣ ସମିତି ,ମହିଳା ଆରୋଗ୍ୟ ସମିତି ଓ ଜନଆରୋଗ୍ୟ ସମିତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଆଶାକର୍ମୀ ଗାଁ କଲ୍ୟାଣ ସମିତି, ମହିଳା ଆରୋଗ୍ୟ ସମିତି ଓ ଜନ ଆରୋଗ୍ୟ ସମିତିମାନଙ୍କର ଗ୍ରାମାଞ୍ଚଳରେ ନିରବଚ୍ଛିନ୍ନ ଭାବରେ ପ୍ରଜନନ, ମାତୃ, ନବଜାତ, ଶିଶୁ ଓ କିଶୋରୀ ସାମ୍ଯ, ସଂକ୍ରାମକ /ଅଣସଂକ୍ରାମକ ରୋଗ ଜାତୀୟ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ତଥା ପ୍ରାଥମିକ ସେବା ନିରନ୍ତର ଭାବେ ଯୋଗାଇଦେବା ଲାଗି ମୁଖ୍ୟ ଅତିଥି ପ୍ରଶଂସା କରିଥିଲେ। ଜାତୀୟ ମିଶନ୍ ତରଫରୁ ପ୍ରଣୟନ କରାଯାଇଥିବା ମାପଦଣ୍ଡ ଅନୁଯାୟୀ ଗତ ୨୪-୨୫ ଆର୍ଥିକ ବର୍ଷରେ ୧୨ ଗୋଟି ଗାଁ କଲ୍ୟାଣ ସମିତି ୧୪ ଜଣ ଆଶାକର୍ମୀ, ସହିତ ଉପକେନ୍ଦ୍ରସ୍ତରରେ ୧୦ଟି ଜନ ଆରୋଗ୍ୟ ସମିତି, ସହରାଞ୍ଚଳ ସ୍ତରରେ ୩୦ଟି ମହିଳା ଆରୋଗ୍ୟ ସମିତିଙ୍କୁ ସମ୍ମାନ ସେବା କ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦନ କରାଯାଇଥିଲା। ଜିଲ୍ଲା ସ୍ୱାସ୍ଥସମିତି ପକ୍ଷରୁ ବିଭିନ୍ନ ଗାଁ କଲ୍ୟାଣ ସମିତି ଆଶା ମହିଳା ଜନଆରୋଗ୍ୟ ସମିତି ସେହିପରି ଦୁଇ ଜଣ ଆଶାଙ୍କୁ ମଧ ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ସଭାରେ ଜିଲ୍ଲା ପ୍ରକଳ୍ପ ପ୍ରବନ୍ଧକ ବାର୍ଷିକ ବିବରଣୀ ପାଠ କରିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ ଅଧିକାରୀ ଡ଼.କୁବେର କୁମାର ମହାନ୍ତ, ଜିଲ୍ଲା ଯକ୍ଷ୍ମା ନିରାକରଣ ଅଧିକାରୀ, ଜିଲ୍ଲା ବିତ ପରିଚାଳକ ଅଧିକାରୀ ପ୍ରମୁଖ ନିଜର ଅଭିଭାଷଣ ଦେଇଥିଲେ। ପରେ ଶିଶୁକଳାକାର ଓ ଆଶା ଦିଦି ମାନଙ୍କଦ୍?ାରା ସାସ୍କୃତିକ କାର୍ଯ୍ୟାକ୍ରମ ଓ ଗୀତ ପରିବେଷଣ କରାଯାଇଥିଲା। "ଉକ୍ତ ସମ୍ମିଳନୀରେ ବରଗଡ଼ ଜିଲ୍ଲାର ସମସ୍ତ ବ୍ଲକସ୍ତରୀୟ, ଆଶା କର୍ମୀ, ଅଙ୍ଗନୱାଡିକର୍ମୀ, ଗାଁ କଲ୍ୟାଣ ସମିତିର ସଦସ୍ୟ, ସମସ୍ତ ବିଭିନ୍ନ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।"ପରିଶେଷରେ ଡାକ୍ତର ବିଶ୍ୱଜିତ ଯୋଶୀ ସମସ୍ତ ଅଧିକାରୀ ଓ ସମିତି କର୍ମ କର୍ତ୍ତା ମାନଙ୍କୁ ଧନ୍ୟବାଦ ଦେଇଥିଲେ।

# ସୁଭଦ୍ରା ଶକ୍ତି ମେଳାରେ ଋଣ ମେଳା



ବରଗଡ଼,୨୦।୨(ସମିସ): ବରଗଡ଼ର ସୁଭଦ୍ରା ଶକ୍ତି ମେଳାରେ ସ୍ୱୟଂ ସହାୟକ ଗୋଷ୍ଠୀ ବ୍ୟାଙ୍କ ଋଣ ମେଳା ଆୟୋଜିତ ହୋଇଥିଲା। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା ଉପସ୍ଥିତ ଥିବା ବେଳେ ଜିଲ୍ଲାର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଯୋଗ ଦେଇଥିଲେ। ୬୮୮ଟି ଗ୍ରୁପକୁ ୩୪.୬୦ କୋଟି ଏବଂ ୮୫ ଜଣଙ୍କୁ ୧ କୋଟି ୧ ଲକ୍ଷ ୪୫ ହଜାର ଟଙ୍କା ଋଣ ଦିଆଯାଇଥିଲା।

## ବାରପାହାଡ଼ ଜଙ୍ଗଲ, ଡେବ୍ରିଗଡ଼ ଅଭୟାରଣ୍ୟରେ ନିଆଁ

# ଗାଁ ମୁହାଁ ବନ୍ୟଜନ୍ତୁ

ଅମ୍ବାଭୋନା,୨୦।୨(ସମିସ)





ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ୍ ବାରପାହାଡ ଜଙ୍ଗଲ ଓ ଡେବ୍ରିଗଡ ଅଭୟାରଣ୍ୟ ଅଞ୍ଚଳରେ ହଠାତ୍ ଭୟଙ୍କର ନିଆ ଲାଗି ଚାରିଆଡ଼େ ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଲାଣି।କିନ୍ତୁ ଜଙ୍ଗଲ ବିଭାଗ ପାଖରେ ଖବର ନାହିଁ। ଜଙ୍ଗଲରେ ଅଗ୍ନିକାଣ୍ଡ ଘଟିବା ଫଳରେ ଆଖପାଖ ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଛି। ଖୁବ୍ ଜୋର୍ ରେ ପବନ ବହୁଛି ଓ ଶୁଖିଲା ପତ୍ର ଥିବାରୁ ନିଆଁ ଦ୍ରୁତ ଗତିରେ ବ୍ୟାପି ଯାଇଥିବା ସୂଚନା ମିଳିଛି। ଜଙ୍ଗଲ ଅଞ୍ଚଳରେ ନିଆଁ ବ୍ୟାପିବାରୁ ଔଷଧି ଗଛ,ଗୁଳ୍ମ ଓ ବିଭିନ୍ନ ପ୍ରଜାତିର ବୃକ୍ଷଲତା ଜଳି ବ୍ୟାପକ କ୍ଷତି ଘଟିଛି। ଆଜି ଦିନକ ମଧରେ ଶହ ଶହ ଗଛ ଜଳି ନଷ୍ଟ ହୋଇଥିବା ସୂଚନା ମିଳିଥିବା ବେଳେ ପରିବେଶ ପ୍ରେମୀମାନେ ଏହାକୁ ଗୁରୁତର ଚିନ୍ତାର ବିଷୟ ବୋଲି କହିଛନ୍ତି।ବିଶିଷ୍ଟ ପରିବେଶବିତ ତଥା ଡାକ୍ତର ରାମକୃଷ୍ଣ ପୁରୋହିତ ଗଭୀର ଉଦବେଗ ପ୍ରକାଶ କରିଛନ୍ତି। ନିଆଁର ଭୟରେ ବନ୍ୟଜନ୍ତୁ ଜଙ୍ଗଲ ଛାଡ଼ି ଗାଁ ଓ ରାସ୍ତା ମୁହାଁକୁ ଆସୁଥିବା ଦେଖାଯାଇଛି। ସ୍ଥାନୀୟଲୋକଙ୍କ ମଧ୍ୟରେ ଭୟଭୀତ ପରିସ୍ଥିତି ସୃଷ୍ଟି ହୋଇଥିବା ସହ ଯାତାୟାତରେ ବାଧା ସୃଷ୍ଟି ହୋଇଛି। ବିଶେଷ କରି ଡୁଙ୍ଗୁରୀ, ବେହେରା, କୁଶମୁଦା, ବାଂଜିପାଲି ସହ ଲଖନପୁର, ପରୁଆଭାଡି, ତିଲାଇମାଲ,ଖୋଲା,କୁରୁମକେଲ ଓ ଚକ୍ରାମାଳ ଅଞ୍ଚଳର ଜଙ୍ଗଲ ମଧ୍ୟ।ଗ୍ନିକାଣ୍ଡରେ ପ୍ରଭାବିତ ହୋଇଛି। ସନ୍ଧ୍ୟାରେ ବନ ବିଭାଗ ପକ୍ଷରୁ ନିଆଁ ନିର୍ବାପଣ ଯନ୍ତ୍ରପାତି ଓ କର୍ମଚାରୀଙ୍କ ସହଯୋଗରେ ନିଆଁକୁ ନିୟନ୍ତ୍ରଣ କରିବା ପ୍ରୟାସ ଖୁବ୍ ଶୀଘ୍ର ଆରମ୍ଭ ହୋଇ ଅମୂଲ୍ୟ ବୃକ୍ଷଲତାକୁ ନିଆ ଦାଉରୁ ରକ୍ଷା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ତଥାପି ଅନେକ ସ୍ଥାନରେ ଧୂଆଁ ଉଠୁଥିବା ଦେଖାଯାଇଥିବାରୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ହେବାକୁ ସମୟ ଲାଗିପାରେ ବୋଲି କୁହାଯାଉଛି। ଘଟଣାର ସଠିକ କାରଣ ସ୍ପଷ୍ଟ ହୋଇନ ଥିବାବେଳେ, ଅସାବଧାନତା କିମ୍ବା ଇଚ୍ଛାକୃତ ଭାବେ ନିଆଁ ଲଗାଇଥିବା ସନ୍ଦେହକୁ ଅସ୍ୱୀକାର କରାଯାଇନାହିଁ। ପ୍ରଶାସନ ପକ୍ଷରୁ ଲୋକମାନଙ୍କୁ ସତର୍କ ରହିବା ସହିତ ଜଙ୍ଗଲ ଅଞ୍ଚଳକୁ ଅନାବଶ୍ୟକ ଯାତାୟାତ ନ କରିବାକୁ ଅନୁରୋଧ କରାଯାଇଛି।ପରିବେଶ ସୁରକ୍ଷା ଓ ବନ୍ୟଜନ୍ତୁ ସୁରକ୍ଷା ପାଇଁ ସ୍ଥାନୀୟ ଲୋକଙ୍କ ସହଯୋଗ ଅତ୍ୟାବଶ୍ୟକ ବୋଲି ୱାଇଲ୍ଡ ଲାଇଭ ଡିଏଫଓ ଅଂଶୁ ପ୍ରଜ୍ଞା ଦାସ କହିଛନ୍ତି।

**ଲିଭାଇବା ପାଇ ଜଙ୍ଗଲ ବିଭାଗ ପକ୍ଷରୁ ଜୋରଦାର ପ୍ରୟାସ**

■ ସୋହେଲା କପ୍ କ୍ରିକେଟ ପ୍ରତିଯୋଗିତା

# ତୃତୀୟ ଦିବସ; ବରଗଡ଼ ଏବଂ ଏଏଫ୍‌ସିସି ବଲାଙ୍ଗିର ବିଜୟୀ



ସୋହେଲା,୨୦।୨(ସମିସ) ସୋହେଲା ଆଥେଲେଟିକ ଆସୋସିଏସନ ଦ୍ୱାରା ସ୍ଥାନୀୟ ମିନି ଷ୍ଟେଡିୟମରେ ଡ. ରଂଜନ ମହାପାତ୍ରଙ୍କ ସ୍ମୃତିରେ ଚାଲିଥିବା ସୋହେଲା କପ୍ କ୍ରିକେଟ ପ୍ରତିଯୋଗିତାର ଶୁକ୍ରବାର ତୃତୀୟ ଦିବସରେ ଦୁଇଟି ମ୍ୟାଚ ବରଗଡ଼ ବ୍ଲୁ ଡାଇମଣ୍ଡ ଏବଂ ଆୟୋଜକ ସୋହେଲା ଆଥେଲେଟିକ ଆସୋସିଏସନ ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା। ବରଗଡ଼ ବ୍ଲୁଡାଇମଣ୍ଡ ଦଳ ସୋହେଲାକୁ ୪୨ ରନରେ ପରାସ୍ତ କରିଥିଲା। ବରଗଡ଼ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୧୮୮ ରନ କରିଥିଲା ।ଜବାବରେ ସୋହେଲା ଦଳ ୧୪୬ ରନ କରି ୪୨ରନରେ ପରାସ୍ତ ହୋଇଥିଲେ। ମ୍ୟାଚ୍ ବରଗଡ଼ ଦଳର ସନ୍ଦେଶ ପୂଜାରୀ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ବଲାଙ୍ଗିରର ଦୁଇଟି ଏଏଫସିସି ବଲାଙ୍ଗିର ଏବଂ ୟଙ୍ଗ ଷ୍ଟୁଡେଣ୍ଟ ବଲାଙ୍ଗିର ମଧ୍ୟରେ ଖେଳା ଯାଇଥିଲା। ଏଏଫସିସି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୨୦୧ରନର ବିଶାଳ ଟାର୍ଗେଟ ରଖିଥିଲେ। ଏହାକୁ ପିଛକରି ୟଙ୍ଗ ଷ୍ଟୁଡେଣ୍ଟ ଦଳ ମାତ୍ର ୧୪୭ ରନ କରି ପରାସ୍ତ ହୋଇଥିଲେ ।ଏହି ମ୍ୟାଚରେ ବିଜୟୀ ଦଳ ପକ୍ଷରୁ ସିଦ୍ଧେଶ୍ୱର ବାଗ ୬ଟି ଉଇକେଟ ନେଇ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ। ମ୍ୟାଚ୍‌କୁ ଓସିଏ ଅମ୍ପାୟାର ପ୍ରଦୀପ ଦାସ ଏବଂ ଅନ୍ତର୍ଯ୍ୟାମୀ ପଧାନ, ହନୁ ଅଗ୍ରୱାଲ ପରିଚାଳନା କରିଥିଲେ। ମ୍ୟାଚ୍ ପ୍ରାରମ୍ଭରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଦୁର୍ଗା ପ୍ରସାଦ ସାହୁଙ୍କ ସହ ସୋହେଲା ମାରବାଡ଼ି ଯୁବା ମଞ୍ଚର ସଦସ୍ୟ ଏବଂ ଜୟ ଦୁର୍ଗା ଆସୋସିଏସନର ସଦସ୍ୟମାନେ ଅତିଥି ଭାବେ ଖେଳାଳିଙ୍କ ସହ ହାତମିଳାଇ ଉତ୍ସାହିତ କରିଥିଲେ। ସୋହେଲା ଆଥେଲେଟିକ ଆସୋସିଏସନ ସଭାପତି ସତ୍ୟନାରାୟନ ଦେବତା ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ।

# ସ୍ଥାୟୀ ନିଯୁକ୍ତି ଦାବିରେ ଡିୱାଇଓର ବିକ୍ଷୋଭ

ଅନୁଗୋଳ,୨୦।୨(ସମିସ): ଜିଲ୍ଲାର ବିଭିନ୍ନ ଖଣି ଓ ଶିଳ୍ପସଂସ୍ଥା ଦ୍ୱାରା କ୍ଷତିଗ୍ରସ୍ତ, ବିସ୍ଥାପିତ ପରିବାରର ବେକାର ଯୁବକ-ଯୁବତୀଙ୍କୁ ସ୍ଥାୟୀ ନିଯୁକ୍ତି ଓ ଥଇଥାନ ଦାବିରେ ଡିୱାଇଓ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସେହିପରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭାଗଗୁଡ଼ିକରେ ଖାଲି ପଡ଼ିଥିବା ସମସ୍ତ ପଦବୀ ଅବିଳମ୍ବେ ପୂରଣ କରିବା, ନୂଆ ନିଯୁକ୍ତି ସୃଷ୍ଟି, ସରକାରୀ ସଂସ୍ଥା ମାଧ୍ୟମରେ ନିଯୁକ୍ତି ପାଇଁ ପରୀକ୍ଷା ପରିଚାଳନା ଓ ପ୍ରଶ୍ନପତ୍ର ପ୍ରସ୍ତୁତି ସହ ପରୀକ୍ଷାରେ ସ୍ୱଚ୍ଛତା ଅବଲମ୍ବନ କରିବା, ବିଭିନ୍ନ ଆଳ ଦେଖାଇ ବାରମ୍ବାର ପରୀକ୍ଷା ବାତିଲ କରା ନ ଯିବା, ଠିକା ଭିତ୍ତିରେ ନିଯୁକ୍ତି ବନ୍ଦ କରି ସମସ୍ତ ପଦବୀରେ ସ୍ଥାୟୀ ନିଯୁକ୍ତି, ସାରା ଦେଶରେ ଗିଗ୍ ୱାର୍କରମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ଦେବା, ସର୍ବନିମ୍ନ ମଜୁରି ଏବଂ ସାମାଜିକ ସୁରକ୍ଷା ପ୍ରଦାନ, ନିଯୁକ୍ତି ଦେବା ପର୍ଯ୍ୟନ୍ତ ସମ୍ମାନଜନକ ଭାବେ ଜୀବନଧାରଣ ପାଇଁ ବେକାରୀ ଭତ୍ତା ପ୍ରଦାନ, ସରକାରୀ ଉଦ୍ୟୋଗଗୁଡ଼ିକୁ ଘରୋଇକରଣ ନ କରିବା, ଅଶ୍ଳୀଳତା, ନଗ୍ନତା ଓ ମଦ-ଡ୍ରଗ୍ସ ଆଦିର ପ୍ରସାର ବନ୍ଦ କରିବାକୁ ଦାବି କରାଯାଇଛି। ଏଆଇଡିୱାଇଓ ଅନୁଗୋଳ ଜିଲ୍ଲା କମିଟି ସମ୍ପାଦକ କୈଳାସ ସାହୁଙ୍କ ପରିଚାଳନାରେ ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ଯୁବ ବିକ୍ଷୋଭ ଅନୁଷ୍ଠିତ ହୋଇଛି। ବିକ୍ଷୋଭରେ ସଂଗଠନର ସର୍ବଭାରତୀୟ କମିଟି ସମ୍ପାଦକ ମଳୟ ପାଲ ଯୋଗଦେଇ ଦେଶରେ ନିଯୁକ୍ତି ଦେବା କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ନୀତିକୁ ସମାଲୋଚନା କରିବା ସହ ବେକାର ଶିକ୍ଷିତ ଯୁବକ-ଯୁବତୀଙ୍କ ଦୟନୀୟ ଅବସ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଭାପତି ମାନସ ପାଲ, ସମ୍ପାଦକ କେଦାରନାଥ ସାହୁ, ଜିଲ୍ଲା ସଭାପତି ନିରଞ୍ଜନ ନାୟକ, ଜ୍ୟୋତ୍ସ୍ନା ସାମଲ, ମଳୟ ବେହେରା, ଭରତ ନାଏକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୮ଦଫା ସମ୍ବଳିତ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ସଂଗଠକ କିଶୋର ବିଶ୍ୱାଳ, ଦୁଃଖବନ୍ଧୁ ବେହେରା, ପବିତ୍ର ମହାଖୁଡ଼, ଆଶିଷ ସାହୁ, ସୋରେନ ସାହୁ, ବିଜୟ କୁମାର ସାହୁ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।




## ନିତାଇ ଗୌର ଆଶ୍ରମରେ ୨୬ତମ ବାର୍ଷିକ ଉତ୍ସବ

କଣିହାଁ,୨୦।୨(ସମିସ): ଗହମସ୍ଥିତ ନିତାଇ ଗୌର ଆଶ୍ରମର ୨୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିପାଇଁ ୧୧ଦିନ ଧରି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ୭ଦିନ ଭଗବତ ସପ୍ତାହ ପାଳନ ହୋଇଥିଲା। ପ୍ରତିଦିନ ପୂଜାର୍ଚ୍ଚନା ସହ ବାବାଜୀ ଶ୍ୟାମାନନ୍ଦ ଦାସଙ୍କ ଦ୍ୱାରା ଅପରାହ୍ନରେ ଗୌରଗୋବିନ୍ଦ କଥାମୃତ ଓ ସନ୍ଧ୍ୟାରେ ଭଗବତ କଥାମୃତ ପରିବେଷଣ ହୋଇଥିଲା। ମଙ୍ଗଳବାର ବଡ଼ ବାବାଜୀଙ୍କ ଅଭିଷେକ ଓ ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ ହୋଇଥିଲା। ବୁଧବାର ନାମ ସଂକୀର୍ତ୍ତନ ଓ ଗୁରୁବାର ନଗରକୀର୍ତ୍ତନ ହୋଇଥିଲା। ଶ୍ରୀ ନିତାଇ ଗୌରାଙ୍ଗ ସେବାଟ୍ରଷ୍ଟ ତରଫରୁ ଆଶ୍ରମ ମୁଖ୍ୟ ବାବାଜୀ ପ୍ରଭୁପାଦ ଦାସଙ୍କ ତତ୍ତ୍ୱାବଧାନ ଓ ବାବାଜୀ ପ୍ରୀତମ ଦାସ, ଆଶ୍ରମର ଭକ୍ତବୃନ୍ଦଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।



## ବିଜନେସ ଆକାଉଣ୍ଟ ଖୋଲି ଠକେଇ ଅଭିଯୋଗରେ ଜଣେ ଗିରଫ

ଛେଣ୍ଡିପଦା,୨୦।୨(ସମିସ): ବିଜନେସ ଆକାଉଣ୍ଟ ଖୋଲି ଲୋକଙ୍କୁ ଠକେଇ ଅଭିଯୋଗରେ ଛେଣ୍ଡିପଦା ଥାନା ପୁଲିସ ମାମୁରିଆ ଗ୍ରାମର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ନ୍ୟୁଲ ଆକାଉଣ୍ଟ ଜରିଆରେ ଦେଶବ୍ୟାପୀ ସାଇବର ଠକେଇକୁ ନେଇ ଓଡ଼ିଶା ପୁଲିସ ପକ୍ଷରୁ ଛନଭିନ ଜାରି ରହିଛି। ଏ ନେଇ କ୍ରାଇମବ୍ରାଞ୍ଚର ଚିଠି ଅନୁଯାୟୀ ଛେଣ୍ଡିପଦା ପୁଲିସ ଏକ ଠକେଇ ଘଟଣାର ତଦନ୍ତ କରି ମାମୁରିଆ ପୁରୁଣାସାହିର ସିପୁନ ସାହୁ (୨୭)ଙ୍କୁ ଗିରଫ କରିଛି। ସିପୁନ ବିଜନେସ ଆକାଉଣ୍ଟ ଖୋଲି ୪ ଥରରେ ୬୨ ଲକ୍ଷ ଟଙ୍କା ଲୁଟ୍ କରିଥିବା ଜଣାପଡ଼ିଛି।

**୪ ଥରରେ ୬୨ ଲକ୍ଷ ଲୁଟ୍**

ସିପୁନ ଛେଣ୍ଡିପଦା ପଞ୍ଜାବ ଏଣ୍ଡ ସିନ୍ଧ ବ୍ୟାଙ୍କରେ ମା' ରୁଦ୍ରାଣୀ ମ୍ୟୁଜିକାଲ ଷ୍ଟୁଡିଓ ନାଁରେ ଏକ ବିଜନେସ ଆକାଉଣ୍ଟ ଖୋଲିଥିଲେ। ତାଙ୍କ ବ୍ୟାଙ୍କ ଖାତା ନମ୍ବର ୧୨୪୯୧୧୦୦୦୦୦୧୩୭ରେ ଇଣ୍ଟରନେଟ ବ୍ୟାଙ୍କିଙ୍ଗ, ଆର୍ଟିଜେସ ମାଧ୍ୟମରେ ଅନେକ ନିରୀହ ଲୋକଙ୍କୁ ବିଶ୍ୱାସ ଜନ୍ମେଇ ବିପୁଳ ପରିମାଣର ଅର୍ଥ ଆଦାୟ କରିଥିଲେ। ଉକ୍ତ ଆକାଉଣ୍ଟରେ ୨୦୨୫ ଜାନୁଆରୀ ୧, ୨, ୩ ଓ ୪ ତାରିଖରେ ୬୨ ଲକ୍ଷ ଟଙ୍କାର ଆର୍ଥିକ କାରବାର କରିଥିଲେ। ଏପରିକି ୨୦୨୫ ଜାନୁଆରୀ ୩ ତାରିଖରେ ୧୭ ଲକ୍ଷ ଟଙ୍କା ଆସିଥିବା ପୁଲିସ ଖୋଳତାଡ଼ ବେଳେ ଜାଣିବାକୁ ପାଇଥିଲା। ଏଭଳି ବେଆଇନ ଆର୍ଥିକ କାରବାର ନେଇ କଟକ କ୍ରାଇମବ୍ରାଞ୍ଚ ନଜରକୁ ଆସିଥିଲା। କ୍ରାଇମବାଞ୍ଚ ପକ୍ଷରୁ ଘଟଣାର ଖୋଳତାଡ଼ କରିବା ପାଇଁ ସ୍ଥାନୀୟ ପୁଲିସକୁ ଚିଠି କରାଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ବ୍ୟକ୍ତିମାନଙ୍କୁ ଧରିବା ପାଇଁ ପୁଲିସ ଉଦ୍ୟମ ଜାରି ରଖିଥିବା ଥାନା ଅଧିକାରୀ ବିଭୁଦତ୍ତ ରାଉତରାୟ କହିଛନ୍ତି।

● ହିଡ଼ିସିଙ୍ଗ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପାଇଁ ବଜେଟରେ ବ୍ୟୟବରାଦ

## ମୁଖ୍ୟମନ୍ତ୍ରୀଙ୍କୁ ଅନୁଗୋଳ ବିଧାୟକଙ୍କ କୃତଜ୍ଞତା



ଅନୁଗୋଳ,୨୦।୨(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ବିଧାନସଭାରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ୍ ଉପସ୍ଥାପନ କରିଛନ୍ତି। ଏହି ବଜେଟ୍‌ରେ ଅନୁଗୋଳ ବିଧାନସଭା କ୍ଷେତ୍ର ବନ୍ତଳା ଅଞ୍ଚଳର ଚାଷୀମାନଙ୍କ ଦୀର୍ଘଦିନର ଦାବି ଥିବା ହିଡ଼ିସିଂଙ୍ଗ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପାଇଁ ବ୍ୟୟବରାଦ କରାଯାଇଛି। ଏଥିପାଇଁ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣିଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ପୂର୍ବରୁ ଏହି ଜଳପ୍ରକଳ୍ପକୁ କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ ପରିବେଶ ମଞ୍ଜୁରୀ ମିଳିଥିବାବେଳେ ଏବେ ବଜେଟ୍‌ରେ ବ୍ୟବ ବରାଦ ପରେ ବନ୍ତଳା ତଥା ଆଖପାଖ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।

## କୋର୍ଟ ଭବନ ପାଇଁ ଜବରଦଖଲ ଉଚ୍ଛେଦ ଆରମ୍ଭ



କଣିହାଁ,୨୦।୨(ସମିସ): କଣିହାଁ ବ୍ଲକରେ ନୂତନ କୋର୍ଟ ଭବନ ନିର୍ମାଣ ପାଇଁ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଛି। ଏନ୍‌ଟିପିସି ଟାଉନ ଥାନା ଅନ୍ତର୍ଗତ ଭୀମକାଣ୍ଡ ମନ୍ଦିର ପାର୍ଶ୍ୱରେ ଏନଟିପିସି ଦ୍ୱାରା ନିର୍ମିତ ଅସୁରକ୍ଷିତ ମାର୍କେଟ କମ୍ପ୍ଲେକ୍ସ ପ୍ରାଙ୍ଗଣରେ ଦୀର୍ଘଦିନ ଧରି ଥିବା ଲେବର କଲୋନୀକୁ ଉଚ୍ଛେଦ କରାଯାଇଛି।

ନୂତନ କୋର୍ଟ ସ୍ଥାପନ ହେଲେ କଣିହାଁ ଓ ପାଶ୍ୱବର୍ତ୍ତୀ ଅଞ୍ଚଳବାସୀଙ୍କୁ ଆଉ କୋର୍ଟ କାମ ପାଇଁ ତାଳଚେର ଯିବାକୁ ପଡ଼ିବ ନାହିଁ। ଏହା ଦ୍ୱାରା ସମୟ ଓ ଅର୍ଥ ସଞ୍ଚୟ ସହ ନ୍ୟାୟ ସେବା ସ୍ଥାନୀୟ ସ୍ତରରେ ଉପଲବ୍ଧ ହେବ ବୋଲି ସାଧାରଣରେ ଆଶା ପ୍ରକାଶ ପାଇଛି। ଉଚ୍ଛେଦ କାର୍ଯ୍ୟ ସମୟରେ କଣିହାଁ ତାହସିଲଦାର ଚିନ୍ମୟ ଦାସ, ଅତିରିକ୍ତ ତାହସିଲଦାର ପୁଷ୍ପିତା ମଧୁମତୀ, ଏନଟିପିସି ଟାଉନ ଥାନା ଅଧିକାରିଣୀ ସଞ୍ଜୁକ୍ତା ଖିଲାର ଓ କଣିହାଁ ଆର୍‌ଆଇ ପୁଷ୍ପାଞ୍ଜଳି ବେହେରା ଉପସ୍ଥିତ ଥିଲେ। ତେବେ ଉଚ୍ଛେଦ ବେଳେ କିଛି ମଜୁରିଆ ଓ ଅସ୍ଥାୟୀ ବସବାସ କରୁଥିବା ପରିବାର ଥଇଥାନ ବିନା ହୀନସ୍ତା ହୋଇଥିବା ଅଭିଯୋଗ ମଧ୍ୟ ଉଠିଛି। ପୁନର୍ବାସ ବ୍ୟବସ୍ଥା ନ କରି ଉଚ୍ଛେଦ କରାଯାଇଥିବା ସ୍ଥାନୀୟ ମହଲରେ ଚର୍ଚ୍ଚା ଚାଲିଛି।

## ଏବିଭିପି ପକ୍ଷରୁ + ୨ ପରୀକ୍ଷାର୍ଥୀଙ୍କୁ ଶୁଭେଚ୍ଛା



କିଶୋରନଗର,୨୦।୨(ସମିସ): ଏବିଭିପି କିଶୋରନଗର ଶାଖା ତରଫରୁ ବଇଣ୍ଡା ଜନତା ମହାବିଦ୍ୟାଳୟରେ ଯୁକ୍ତଦୁଇ କଳା ବିଭାଗ ପରୀକ୍ଷାର୍ଥୀମାନଙ୍କୁ ଫୁଲଚନ୍ଦନ ଦେଇ ଶୁଭେଚ୍ଛା ଜ୍ଞାପନ କରାଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଶା ପୂର୍ବ ସିଡିଡି ସଂଯୋଜକ ଓ ଅନୁଗୋଳ ଜିଲ୍ଲା ସଂଯୋଜକ ଉମେଶ ବାଘ, ଆଠମଲ୍ଲିକ ନଗର ସହସମ୍ପାଦକ ପ୍ରୟତନ ବିଶ୍ୱାଳ, ପବନ ସାହୁ, ଶୀତଳ ମହାନ୍ତି, ସୋନାଲି ଦେହୁରୀ, ଶିବାନୀ ଦାସ, ରୂପଶ୍ରୀ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

## ୧୦ କେନ୍ଦ୍ରରେ ପରୀକ୍ଷା ଦେଲେ ୧୭୮୧ ଜଣ

କିଶୋରନଗର,୨୦।୨(ସମିସ): କିଶୋରନଗର ହାଇସ୍କୁଲ ନୋଡାଲ କେନ୍ଦ୍ର ଅଧୀନ ୧୦ କେନ୍ଦ୍ରରେ ୧୭୮୧ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। କିଶୋରନଗର ହାଇସ୍କୁଲରେ ୧୯୯, ରଣିଆକଟାରେ ୧୦୭, ପେଡ଼ିପଥର ହାଇସ୍କୁଲରେ ୧୭୫, ଅଙ୍ଗପଡ଼ା ହାଇସ୍କୁଲରେ ୧୬୭, ନାକଚି କେନ୍ଦ୍ରରେ ୧୯୩, ଫୁଲାମ୍ବାରେ ୧୮୫, ବାମୁର କେନ୍ଦ୍ରରେ ୧୮୫, ହଣ୍ଡପା କେନ୍ଦ୍ରରେ ୨୦୩, ଇଚ୍ଛାପୁର କେନ୍ଦ୍ରରେ ୧୪୫, ବଇଣ୍ଡା କିଶୋରଗଞ୍ଜ ହାଇସ୍କୁଲ କେନ୍ଦ୍ରରେ ୨୨୬ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଛନ୍ତି। କିଶୋରନଗର ହାଇସ୍କୁଲ ନୋଡାଲ ଅଫିସର ଅଶୋକ ପ୍ରଧାନଙ୍କ ତତ୍ତ୍ୱାବଧାନରେ ପରୀକ୍ଷା ପରିଚାଳିତ ହେଉଛି। କିଶୋରନଗର ତହସିଲଦାର ବିକ୍ରମ ନାୟକ ବିଭିନ୍ନ କେନ୍ଦ୍ର ପରିଦର୍ଶନ କରିଥିଲେ। ସୁରକ୍ଷା ଓ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କେନ୍ଦ୍ରଗୁଡ଼ିକରେ ପୁଲିସ ମୁତୟନ ରହିଛନ୍ତି।

## ୨୨ କେଜି ଗଞ୍ଜେଇ ଜବତ: ୨ ଗିରଫ



ଅନୁଗୋଳ,୨୦।୨(ସମିସ): ଅପରେସନ ପ୍ରହାରକୁ ବଡ଼ ସଫଳତା ମିଳିଛି। ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଜରପଡ଼ା ଥାନା ଆଇଆଇସି ରୀନା ସାହୁଙ୍କ ନେତୃତ୍ୱରେ ପୁଲିସ ଜରପଡ଼ା ରେଳ ଷ୍ଟେସନ ନିକଟ ଶିବ ମନ୍ଦିର ନିକଟରେ ସନ୍ଦେହଜନକ ଭାବେ ବୁଲୁଥିବା ଦୁଇ ଜଣଙ୍କୁ ଧରି ଛାନ୍‌ଭିନ କରିଥିଲା। ସେ ଦୁହେଁ ଗଞ୍ଜେଇ ଚାଲାଣ କରୁଥିବା ଜଣାପଡ଼ିଥିଲା। ସେମାନଙ୍କଠାରୁ ୨୨.୪୦ କେଜି ଗଞ୍ଜେଇ, ଦୁଇଟି ଫୋନ୍, ୨୨୫୦୦ ଟଙ୍କା, ଓଜନ ଯନ୍ତ୍ର ଆଦି ଜବତ କରାଯାଇଥିଲା। ସନ୍ଦିଗ୍ଧ ଦୁଇ ବ୍ୟକ୍ତି ହେଲେ ଦୁର୍ଗାପୁରର ଅକ୍ଷୟ ସାହୁ ଓ ଆଲୋକ ସାହୁ। ଉଭୟଙ୍କୁ ଗିରଫ କରାଯାଇଛି। ଚଢ଼ଉରେ ଇନ୍ସପେକ୍ଟର ମନୋଜ ପ୍ରଧାନ, ଏସଆଇ ଶମ୍ଭୁନାଥ ପଲେଇ ପ୍ରମୁଖ ସାମିଲ ହୋଇଥିଲେ।

## ଶ୍ରମିକ ନେତା ବ୍ରହ୍ମାଶଙ୍କର ମିଶ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା

ତାଳଚେର,୨୦।୨(ସମିସ): ତାଳଚେର ବୁଦ୍ଧିଜୀବୀ ଫୋରମ୍ ପକ୍ଷରୁ ଗୁରୁବାର ଅନୁଷ୍ଠାନର କାର୍ଯ୍ୟାଳୟରେ ଶ୍ରମିକ ନେତା ସ୍ୱର୍ଗତ ବ୍ରହ୍ମାଶଙ୍କର ମିଶ୍ରଙ୍କ ତୃତୀୟ ବାର୍ଷିକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ଏଥିରେ ଫୋରମ ସଭାପତି ଗିରିଜା ଶଙ୍କର ମିଶ୍ର ଅଧ୍ୟକ୍ଷତା କରି ସ୍ୱର୍ଗତ ମିଶ୍ରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ସ୍ୱର୍ଗତ ମିଶ୍ର କୋଇଲା ଖଣିରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କୁ ନ୍ୟାୟ ଓ ହକ୍ ପାଇଁ ଜୀବନବ୍ୟାପୀ ସଂଗ୍ରାମ ଜାରି ରଖିଥିବାରୁ ଆଜି ଶ୍ରମିକମାନଙ୍କ କଲ୍ୟାଣ ସମ୍ଭବ ହୋଇପାରିଛି। ସେ ଏକାଧାରରେ ଜଣେ କବି ସାହିତ୍ୟିକ, ଲେଖକ ତଥା ଜଣେ ସ୍ୱଷ୍ଟବାଦୀ ଶ୍ରମିକ ନେତା ଥିଲେ ବୋଲି ସଭାପତି ମିଶ୍ର କହିଥିଲେ।



କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଦେବୀ ମିଶ୍ର, ପ୍ରେସ କ୍ଲବ ସାଧାରଣ ସମ୍ପାଦକ ଡ. ରଶ୍ମିରଞ୍ଜନ ମିଶ୍ର, ଆଇନଜୀବୀ ନିର୍ମଳ ତ୍ରିପାଠୀ, ବିମ୍ବାଧର ନାୟକ, ଶିକ୍ଷାବିତ ବିଭୂତି ଭୂଷଣ ମିଶ୍ର, କାଉନସିଲର ଯୋଶବନ୍ତ ମିଶ୍ର, ସନ୍ତୋଷ ବେହେରା, ବାବୁନି ସ୍ୱାଇଁ, କଂଗ୍ରେସ ନେତା କେଶବ ଭୂତିଆ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରାଜକିଶୋର ସାହୁ, ଅନୁଷ୍ଠାନର ମିଡିଆ ସେଲ ସଂଯୋଜକ ତପନ କୁମାର ମହାରଣା, ସୌଭାଗ୍ୟ ମହାରଣା, ପ୍ରିୟମାଧବ ଦାସ, ସମାଜସେବୀ କ୍ଷୀରୋଦ ସାହୁ, ସାମ୍ବାଦିକ ତଥା ସ୍ୱର୍ଗତ ମିଶ୍ରଙ୍କ ପୁତ୍ର ବିରଜା ଶଙ୍କର ମିଶ୍ର, ଆଇ ଲର୍ଣ୍ଣ ଶିକ୍ଷାନୁଷ୍ଠାନ ପରିଚାଳକ ଚିତ୍ତରଞ୍ଜନ ପାଣି, ଶୀତିକାନ୍ତ ବାରିକ, ରବୀନ୍ଦ୍ର ମହାରଣା, ବୁବୁ ସାହୁ, ଶୀତଳକୃଷ୍ଣ ପଟ୍ଟନାୟକ, ଗିରିଆ ବାଇ, ସନ୍ତୋଷ ମହାପାତ୍ର, ସାଇପ୍ରିୟା ମହାରଣା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ଜିଲ୍ଲା ଗ୍ରାମାଞ୍ଚଳ ଫୁଟବଲ ଲିଗ୍

## ବାଗେଡ଼ିଆକୁ ହରାଇ ସେମିରେ ବଲଣ୍ଡା



ଅନୁଗୋଳ,୨୦।୨(ସମିସ): ପିଟିସି ପଡ଼ିଆରେ ଆୟୋଜିତ ଜିଲ୍ଲା ଗ୍ରାମାଞ୍ଚଳ ଫୁଟବଲ ଲିଗ୍‌ର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଶୁକ୍ରବାର ଅନୁଷ୍ଠିତ ହୋଇଛି। ବାଗେଡ଼ିଆକୁ ୧-୦ ଗୋଲରେ ପରାସ୍ତ କରି ବଲଣ୍ଡା କଳିଙ୍ଗ ଦଳ ସେମିଫାଇନାଲକୁ ଉନ୍ନୀତ ହୋଇଛି। ଦଳ ପକ୍ଷରୁ ଜଟିଆ ତିରିଆ ଗୋଟିଏ ଗୋଲ ସ୍କୋର କରିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ ଓ ସମାଜସେବୀ ତପନ ଦେବତା ଅତିଥି ରୂପେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମନୋରଞ୍ଜନ ପଟ୍ଟନାୟକ ଖେଳ ପରିଚାଳନା କରିଥିଲେ। ଆସୋସିଏସନ୍ ପକ୍ଷରୁ ରମେଶ ଚନ୍ଦ୍ର ସାହୁ, ପବନ ସାହୁ, ନିଲୁ ସାହୁ, ରୁଚିର ଦାସ, ବାପୁନ୍ ବେହେରା, ବସନ୍ତ ଦାସ ପ୍ରମୁଖ ସହଯୋଗ କରିଥିଲେ। ଶନିବାର ଆଠମଲ୍ଲିକ ଓ ନାଲକୋ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।

## ସ୍ୱାଧୀନତା ସଂଗ୍ରାମୀ ବିଚ୍ଛନ୍ଦ ଚରଣ ପ୍ରଧାନଙ୍କ ଜୟନ୍ତୀ ପାଳିତ



କଣିହାଁ,୨୦।୨(ସମିସ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ତାଳଚେର ପ୍ରଜାମଣ୍ଡଳ ଆନ୍ଦୋଳନର ଅନ୍ୟତମ ପୁରୋଧା ସ୍ୱର୍ଗତ ବିଚ୍ଛନ୍ଦ ଚରଣ ପ୍ରଧାନଙ୍କ ୧୦୯ତମ ଜୟନ୍ତୀ ଉତ୍ସବ ତାଳଚେର ସ୍ୱାଧୀନତା ସଂଗ୍ରାମୀ ମେମୋରିଆଲ ଟ୍ରଷ୍ଟ, କଣିହାଁ ଓ ସ୍ୱାଧୀନତା ସଂଗ୍ରାମୀ ଶ୍ରୀଯୁକ୍ତ ବିଚ୍ଛନ୍ଦ ଚରଣ ପ୍ରଧାନ ସ୍ମୃତି ସଂସଦ, କଣିହାଁ ମିଳିତ ଆନୁକୂଲ୍ୟରେ ଗୁରୁବାର ପୂର୍ବାହ୍ନରେ ପାଳିତ ହୋଇଛି। ଟ୍ରଷ୍ଟ ସଭାପତି ବିନାୟକ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପିଏମଶ୍ରୀ ପବିତ୍ର ମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ସିଦ୍ଧିପ୍ରସାଦ ସାହୁ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ନୃସିଂହ ଚରଣ ବରାଳ, ପ୍ରାକ୍ତନ କଣିହାଁ ବ୍ଲକ ଉପାଧ୍ୟକ୍ଷ ତ୍ରିପୁରାରୀ ପ୍ରଧାନ, ଶିକ୍ଷକ ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପ୍ରଧାନଙ୍କ ବହୁମୁଖୀ ପ୍ରତିଭା ଓ ସଂଗ୍ରାମୀ ଜୀବନ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ସଂଗ୍ରାମୀଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ସ୍ମରଣିକା 'ପ୍ରଣାମ ସଂଗ୍ରାମୀ' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଟ୍ରଷ୍ଟର ସାଧାରଣ ସମ୍ପାଦକ କ୍ଷୀରସିନ୍ଧୁ ସେଠୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ପ୍ରାକ୍ତନ କଣିହାଁ ସମିତି ସଭ୍ୟ ଦେବେନ୍ଦ୍ର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ସାମ୍ବାଦିକ କଷ୍ଟୁଚରଣ ସାମଲ, ଟୁନା ସାହୁ, ମହେଶ୍ୱର ନାଏକ, ବିଜେପି କଣିହାଁ ମଣ୍ଡଳ ସଭାପତି ସୁଶାନ୍ତ ସାମଲ, ପ୍ରେମାନନ୍ଦ ସାହୁ, ମନୋଜ କୁମାର ପ୍ରଧାନ, ନନ୍ଦକିଶୋର ପ୍ରଧାନ, ଆନନ୍ଦ ପ୍ରଧାନଙ୍କ ସମେତ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ରହି ମହାନ ସଂଗ୍ରାମୀଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

**ତାଳଚେର ପ୍ରଜାମଣ୍ଡଳ ଆନ୍ଦୋଳନର ପୁରୋଧାଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି**

## ବଜେଟ ପ୍ରତିକ୍ରିୟା



ଶୁକ୍ରବାର ବିଧାନସଭାରେ ପାରିତ ହୋଇଥିବା ବଜେଟ ସ୍ୱାଗତଯୋଗ୍ୟ। ଏଥିରେ ସବୁ ଶ୍ରେଣୀର ଲୋକଙ୍କ ସ୍ୱାର୍ଥକୁ ବିଚାରକୁ ନିଆଯାଇଛି। ବିଶେଷକରି ଗରିବ, ଖଟିଖିଆ, ଦିନମଜୁରିଆ ଉପକୃତ ହେବେ। ବଜେଟ୍‌ରେ ଅନୁଗୋଳ ବିଧାନସଭା କ୍ଷେତ୍ର ବନ୍ତଳା ଅଞ୍ଚଳର ଚାଷୀମାନଙ୍କ ଦୀର୍ଘଦିନର ଦାବି ଥିବା ହିଡିସିଂଙ୍ଗ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପାଇଁ ଅର୍ଥ ବରାଦ କରାଯାଇ ଥିବାରୁ ଅତ୍ୟନ୍ତ ଖୁସି।

ପ୍ରଦୀପ କୁମାର ଦେବତା,
ସରକାରୀ ଓକିଲ



ବଜେଟ୍‌ରେ ହିଡିସିଂଙ୍ଗ କ୍ଷୁଦ୍ର ଜଳପ୍ରକଳ୍ପ ପାଇଁ ଅର୍ଥ ବରାଦ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅନୁଗୋଳବାସୀଙ୍କ ପକ୍ଷରୁ କୃତଜ୍ଞତା ଜ୍ଞାପନ କରୁଛି। ମଧ୍ୟବିତ୍ତଙ୍କୁ ସୁହାଇଲା ଭଳି ବଜେଟ ହୋଇଛି। ଶିକ୍ଷାର ବିକାଶ ପାଇଁ ନୂତନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନିହାତି ସ୍ୱାଗତଯୋଗ୍ୟ।

ଅମରେଶ ସ୍ୱାଇଁ
ସଭାପତି, ଅନୁଗୋଳ ଜିଲ୍ଲା ଟ୍ରକ ମାଲିକ ସଙ୍ଘ



ବଜେଟରେ ପୁଞ୍ଜି ନିବେଶକୁ ଗୁରୁତ୍ୱ ଦିଆଯାଇଥିବା ସତ୍ତ୍ୱେ ଶ୍ରମିକ, ଦିନମଜୁରିଆ ଓ ଅସଙ୍ଗଠିତ କ୍ଷେତ୍ରର ଶ୍ରମିକଙ୍କ ପାଇଁ ସ୍ୱଷ୍ଟ ଓ ପ୍ରତ୍ୟକ୍ଷ ସହାୟତାର ଗଭୀର ଅଭାବ ପରିଲକ୍ଷିତ ହେଉଛି। ନୂଆ ଚାକିରି ସୃଷ୍ଟି, ନିୟମିତ ନିଯୁକ୍ତି, ମଜୁରି ବୃଦ୍ଧି ଏବଂ ସାମାଜିକ ସୁରକ୍ଷା ପାଇଁ ଆହୁରି ଦୃଢ଼ ପଦକ୍ଷେପ ନିଆଯିବା ଆବଶ୍ୟକ ଥିଲା। ଶ୍ରମିକଙ୍କ ଶ୍ରମ ଉପରେ ରାଜ୍ୟର ଉନ୍ନତି ନିର୍ଭର କରୁଥିବା ବେଳେ ଏହି ବଜେଟରେ ଶ୍ରମିକଙ୍କ ସ୍ୱାର୍ଥ ରକ୍ଷା ପାଇଁ କୌଣସି ବ୍ୟବସ୍ଥା କରାଯାଇନାହିଁ।

ବିଭବ ଜେନା, ଶ୍ରମିକ ନେତା
ନାଲକୋ ସିପିପି ଏନଏସସିୟୁ ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଂଗଠନ



ରାଜ୍ୟ ବଜେଟ ସନ୍ତୁଳିତ ହୋଇଛି। ସମାଜର ସବୁ ବର୍ଗର ଲୋକଙ୍କୁ ସହାୟ ହେଲା ଭଳି ବଜେଟ ହୋଇଛି। କିନ୍ତୁ ଛକାପଞ୍ଝା ରାଜନୀତିରେ କେତେଦୂର କାର୍ଯକାରୀ ହେବ ଦେଖିବାକୁ ବାକି ରହିଲା।

ରାମଚନ୍ଦ୍ର ସାହୁ
ପୂର୍ବତନ ରାଜ୍ୟ ସଭାପତି, ଓଡ଼ିଶା ସେଚାଞ୍ଚଳ ଉନ୍ନୟନ (କାଡ଼ା)



ଏହି ବଜେଟ ଦୀର୍ଘବର୍ଷ ଧରି ଅବହେଳାର ଶିକାର ହୋଇଥିବା ଓଡ଼ିଶାର ସ୍ୱାସ୍ଥ୍ୟସେବା, ଗମନାଗମନ ଓ ଯୋଗାଯୋଗ, ସାଂସ୍କୃତିକ ପର୍ଯ୍ୟଟନ କ୍ଷେତ୍ରର ବିକାଶରେ ବିଶେଷ ସହାୟକ ହେବ। ଆଗାମୀ ଦିନରେ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ସହ ବିଦେଶୀ ପୁଞ୍ଜି ନିବେଶକଙ୍କୁ ନିଶ୍ଚିତ ଆକୃଷ୍ଟ କରିବ।

ଅଧ୍ୟାପକ ବିଚିତ୍ରାନନ୍ଦ ନାୟକ
ଉପାଧ୍ୟକ୍ଷ, ସରସ୍ୱତୀ ବିଦ୍ୟା ମନ୍ଦିର, ନାଲକୋନଗର



ଏହା ଏକ ଲୋକାଭିମୁଖୀ ବଜେଟ। ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ, ଗ୍ରାମୀଣ ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି। କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ମଧ୍ୟ ଅଧିକ ବ୍ୟୟ ବରାଦ ହୋଇଛି। ଶ୍ରୀମନ୍ଦିର ପାଇଁ ସମର୍ପଣ ଅନ୍‌ଲାଇନ୍ ଡିଜିଟାଲ ହୁଣ୍ଡିର ବ୍ୟବସ୍ଥା କରାଯାଇଛି।

ସଞ୍ଜୟ କୁମାର ମହାପାତ୍ର,
ବରିଷ୍ଠ ଆଇନଜୀବୀ

# ୩ ମନ୍ଦିରରୁ ଚୋରି, ଜଣେ ଗିରଫ

ସମ୍ବଲପୁର,୨୦ା୨(ସମିସ):ତିନି ଦିନରେ ତିନୋଟି ମନ୍ଦିରରୁ ବିଗ୍ରହ ମୂର୍ତ୍ତି, ଘଣ୍ଟି ଆଦି ଚୋରି କରିଥିବା ଅଭିଯୋଗରେ ଟାଉନ ପୁଲିସ ଜଣକୁ ଗିରଫ କରିଛି । ସେ ହେଉଛି ସୁନ୍ଦରଗଡ଼



ଲେଫରିପଡ଼ା ଥାନା ଚିନୁପଡ଼ାର ରଜନୀକାନ୍ତ ଭଇଁସାଲ(୨୫) ଓରଫ ମୁନୁ । ଗତ ୧୭ ତାରିଖ ସନ୍ଧ୍ୟାରେ ଅଭିଯୁକ୍ତ ବାଲିବନ୍ଧା ସୋମନାଥ ବାବଙ୍କ ମନ୍ଦିରରୁ ଗଣେଶ ବିଗ୍ରହଙ୍କ ମୂର୍ତ୍ତି ଚୋରି କରି ନେଇ ଯାଇଥିଲା । ଏନେଇ ମନ୍ଦିର ପରିଚାଳନା ବୋର୍ଡ ପକ୍ଷରୁ ଥାନାରେ ଅଭିଯୋଗ ପରେ ପୁଲିସ ତଦନ୍ତ ଅଭିଯୁକ୍ତକୁ ଗିରଫ କରିଛି । ତଦନ୍ତ ବେଳେ ୧୬ ତାରିଖ ମୁଦିପଡ଼ା ଓ ୧୫ ତାରିଖ ଲିମସେରନ ଅଞ୍ଚଳର ମନ୍ଦିରରୁ ମଧ୍ୟ ଚୋରି କରିଥିବା ଖବର ପାଇଥିଲା । ପୁଲିସ ଅଭିଯୁକ୍ତ ନିକଟରୁ ମୂର୍ତ୍ତି ସହ ବଡ଼ ଘଣ୍ଟି ଗୋଟାଏ ଓ ଛୋଟ ଘଣ୍ଟି ୪ଟି ଜବତ କରିଛି । ଗିରଫ ପରେ କୋର୍ଟ ଚାଲାଣ କରିଛି ।

# ସାଇବର ଠକେଇ ମାମଲାରେ ୩ ଗିରଫ

ଝାରବନ୍ଧ,୨୦ା୨(ସମିସ): ଝାରବନ୍ଧ ପୁଲିସ ୩ ଜଣ ସାଇବର ଠକଙ୍କୁ ଗିରଫ କରିଛି । ,ମାନେ ହେଲେ କଳାହାଣ୍ଡି ଜିଲ୍ଲା ନର୍ଲା ଥାନା ମଦନପୁର ରାମପୁର (ବାଟେଲ) ଗ୍ରାମର ଆରତ ହରିଜନ (୨୯), ଗାଇସିଲଟ ବ୍ରାହ୍ମଣପଡ଼ାର ସାହିଲ ହୋତା (୨୫) ଓ ବରଗଡ଼ ସଦର ଥାନା ପିପିଲିପାଲିର ସମୀର ସାହୁ (୨୦) ।

ଆରତ ବରଗଡ଼ର ଏକ ସଫି ମଲ୍‌ରେ କାମ କରୁଥିବା ସମୟରେ ସାଇବର ଠକେଇ ଗ୍ୟାଙ୍ଗ ସହ ସହ ଜଡିତ ହୋଇଥିଲା । ସେ ଗୋଟିଏ ବ୍ୟାଙ୍କ ଆକାଉଣ୍ଟ ପିଛା ୧୦ ହଜାରରୁ ୨୦ ହଜାର



ଟଙ୍କା ଦେଇ ବିଭିନ୍ନ ଲୋକଙ୍କ ବ୍ୟାଙ୍କ ପାଶ୍ ବହି, ଏଟିଏମ କାର୍ଡ ଓ ଚେକ୍ ବହି ସଂଗ୍ରହ କରିଥିଲା । ଏହାକୁ ନିଜ ନିୟନ୍ତ୍ରଣରେ ରଖି ଅବୈଧ ଭାବେ ଲକ୍ଷାଧିକ ଟଙ୍କାର ଟ୍ରାଞ୍ଜାକ୍ସନ କରୁଥିଲା । ସମୀର ଏଥିରେ ସକ୍ରିୟ ଭୂମିକା ନେଇଥଲା । ସେମାନେ ବିଭିନ୍ନ ବ୍ୟକ୍ତିଙ୍କଠାରୁ ବ୍ୟାଙ୍କ ଆକାଉଣ୍ଟ ପାଶ୍ ବହି ଓ ଏଟିଏମ କାର୍ଡ ସଂଗ୍ରହ କରି ମୁଖ୍ୟ ଅଭିଯୁକ୍ତଙ୍କୁ ଯୋଗାଇ ଦେଉଥିଲେ । ଶେଷରେ ଥାନା ଅଧିକାରୀ ଶୁକ୍ରା ମାଢ଼ି, ଏଏସଆଇ ଗୟାରମ ଷଣ୍ଢ, କନେଷ୍ଟବଳ ଚିତ୍ତରଞ୍ଜନ ପଣ୍ଡା ଓ ହୋମଗାର୍ଡ ସୁମିତ ଭୋଇ ଏମାନଙ୍କୁ ଧରିଛନ୍ତି । ତଦନ୍ତ ସମୟରେ ଝାରବନ୍ଧ ବ୍ଲକର କୁମୀର ଓ ଦେୱାନପାଲି ଗ୍ରାମର ଦୁଇ ଛାତ୍ରଙ୍କ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ମୋଟ ୨୯,୨୯,୪୨୭ ଟଙ୍କାର ଅବୈଧ କାରବାର ହୋଇଥିବା ମଧ୍ୟ ପ୍ରକାଶ ପାଇଛି । ଏ ନେଇ ଝାରବନ୍ଧ ଥାନାରେ ମାମଲା ରୁଜୁ କରାଯାଇଥିଲା । ପୁଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି ୪ଟି ବ୍ୟାଙ୍କ ପାଶ୍ ବହି, ୧୧ଟି ଏଟିଏମ କାର୍ଡ, ୨ଟି ମୋବାଇଲ ଫୋନ ସହ ବ୍ୟାଙ୍କ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଛି ।

### ସମ୍ବଲପୁର ଡିଭିଜନର ସମସ୍ତ ୯ ରେଞ୍ଜରେ ବିକ୍ଷୋଭ

# ପତ୍ର ଦାମ ବୃଦ୍ଧି କରିବାକୁ କହି ଠକି ଦେଲେ ମୁଖ୍ୟମନ୍ତ୍ରୀ



ସମ୍ବଲପୁର,୨୦ା୨(ସମିସ):

ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ରାଜ୍ୟ ସଭାପତି ବିଜୟ କୁମାର ମହାନ୍ତିଙ୍କ ଆହ୍ୱାନରେ ଓଡ଼ିଶାର ୨୨ଟି ଜିଲ୍ଲାର ଶତାଧିକ ରେଞ୍ଜରେ ଦୁଇଦିନିଆ ଗଣଧାରଣା ଘୋଷଣା ହୋଇଛି । ଶୁକ୍ରବାର ସମ୍ବଲପୁର ଡିଭିଜନର ସମସ୍ତ ୯ଟି ରେଞ୍ଜରେ ଗଣବିକ୍ଷୋଭ ଓ ଧାରଣା କାର୍ଯ୍ୟକ୍ରମ ସଫଳ ଭାବେ ଅନୁଷ୍ଠିତ ହୋଇଛି । ଶତାଧିକ ତୋଳାଳି ଓ ସିଜନାଲ୍ କର୍ମଚାରୀ ନିଜ ନିଜ ଦାବି ନେଇ ଧାରଣାରେ ସାମିଲ ହୋଇଥିଲେ । କେନ୍ଦୁପତ୍ର ତୋଳାଳୀଙ୍କ କେରି ପ୍ରତି ଦର ବୃଦ୍ଧି, ସିଜନାଲ୍ କର୍ମଚାରୀଙ୍କୁ ସର୍ବନିମ୍ନ ମଜୁରୀ ୨୦୨୪ ଅନୁପାତରେ ପ୍ରଦାନ, ବନ୍ଧେଇ ଶ୍ରମିକଙ୍କ ବଣ୍ଡଲ୍ ପ୍ରତି ଦର ବୃଦ୍ଧି, ବୋନସ୍ ଘୋଷଣା, ସାମାଜିକ ନିରାପତ୍ତା ପାଇଁ ୨୦୦ କୋଟି ଟଙ୍କା ବଜେଟ୍ ପ୍ରାବଧାନ ଓ ମୃତ୍ୟୁକାଳୀନ ସହାୟତାକୁ ୪ ଲକ୍ଷ ଟଙ୍କା କରିବା, କେ ଏଲ ଡି ବିରେ ସଂଶୋଧନ, କେନ୍ଦୁପତ୍ର ସଂସ୍ଥାରେ ଘରୋଇ କରଣକୁ ବନ୍ଦ୍ ଆଦି ଦାବି ଉପରେ ସଂଘ ପକ୍ଷରୁ ଜୋର ଦିଆଯାଇଥିଲା । ଏହାସହ କେନ୍ଦୁପତ୍ର ଫଡ଼ି ଉଚ୍ଛେଦ ଓ ପ୍ରସ୍ତାବିତ ଘରୋଇକରଣ ପ୍ରତିବାଦରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଥିଲା । ଉପ ସଭାପତି ଗୋକୁଳ ମେହେର, ରାଜ୍ୟ ସଂଗଠନ ସମ୍ପାଦକ ସଞ୍ଜିତ ମହାନ୍ତି ଓ ମିଡିଆ ସଂଯୋଜକ ଦେବଜ୍ୟୋତି ପଟ୍ଟନାୟକ ସମସ୍ତ ରେଞ୍ଜ ଗସ୍ତ କରି ତୋଳାଳୀ ଓ କର୍ମଚାରୀଙ୍କୁ ଉଦବୋଧନ ଦେଇଥିଲେ । ଶ୍ରୀ ମହାନ୍ତି କହିଥିଲେ ଦାବୀ ପୂରଣ ନହେଲେ ଆଗାମୀ ୨୭ ଫେବୃଆରୀରେ ସମ୍ବଲପୁର ସହ ରାଜ୍ୟ ତମାମ ରାସ୍ତା ରୋକ ଆନ୍ଦୋଳନକୁ ତୀବ୍ର କରାଯିବ । ବିକ୍ଷୋଭରେ ରେଞ୍ଜ ସମ୍ପାଦକ ଦିଲେଶ୍ୱର ପ୍ରଧାନ, ସୁମନ ପ୍ରଧାନ, ଧନେଶ୍ୱର ଖୁଣ୍ଟଲା, ରଂଧିର ସାହୁ, କୃଷ୍ଣ ମିର୍ଦ୍ଧା, କୃଷ୍ଣ ବାଗ, ଟଙ୍କଧର ପ୍ରଧାନ, ଅନାଦି ମିର୍ଦ୍ଧା, ପ୍ରମୋଦ ବିଶ୍ୱାଳ, ପ୍ରଶାନ୍ତ ଦୀପ, କୃପା ଘୁଟା, ନାରାୟଣ ମହାପାତ୍ର,ହର ମୁହୁଲି ପ୍ରମୁଖଙ୍କ ନେତୃତ୍ୱରେ ସମସ୍ତ ରେଞ୍ଜରେ ଶତାଧିକ ତୋଳାଳି ଓ କର୍ମଚାରୀ ସାମିଲ ଥିଲେ ।

## ରେଢ଼ାଖୋଲ ଡିଭିଜନର ୯ ରେଞ୍ଜରେ ଧାରଣା

ରେଢ଼ାଖୋଲ,୨୦ା୨(ସମିସ): ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ଘୋଷିତ ଦୁଇଦିନିଆ ଗଣଧାରଣାର ପ୍ରଥମ ଦିନରେ ରେଢ଼ାଖୋଲ ଡିଭିଜନର ସମସ୍ତ ୯ଟି ରେଞ୍ଜରେ ଗଣ ବିକ୍ଷୋଭ ଓ ଧାରଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ରେଢ଼ାଖୋଲର ସମସ୍ତ ରେଞ୍ଜରେ ଶତାଧିକ ତୋଳାଳୀ ଓ ସିଜନାଲ୍ କର୍ମଚାରୀ ନିଜ ନିଜ ଦାବି ନେଇ ଧାରଣାରେ ସାମିଲ ହୋଇଥିଲେ । କେନ୍ଦୁପତ୍ର ତୋଳାଳିଙ୍କ କେରି ପ୍ରତି ଦର ବୃଦ୍ଧି, ସିଜନାଲ୍ କର୍ମଚାରୀଙ୍କୁ



ସର୍ବନିମ୍ନ ମଜୁରୀ ୨୦୨୪ ଅନୁପାତରେ ପ୍ରଦାନ, ବନ୍ଧେଇ ଶ୍ରମିକଙ୍କ ବଣ୍ଡଲ୍ ପ୍ରତି ଦର ବୃଦ୍ଧି, ବୋନସ୍ ଘୋଷଣା, ସାମାଜିକ ନିରାପତ୍ତା ପାଇଁ ୨୦୦ କୋଟି ଟଙ୍କା ବଜେଟ୍ ପ୍ରାବଧାନ ଓ ମୃତ୍ୟୁକାଳୀନ ସହାୟତାକୁ ୪ ଲକ୍ଷ ଟଙ୍କା କରିବା ଆଦି ଦାବୀ ଉପରେ ସଂଘ ପକ୍ଷରୁ ଜୋର ଦିଆଯାଇଥିଲା । ଏହାସହ କେନ୍ଦୁପତ୍ର ଫଡ଼ି ଉଚ୍ଛେଦ ଓ ପ୍ରସ୍ତାବିତ ଘରୋଇକରଣ ପ୍ରତିବାଦରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଥିଲା । ରାଜ୍ୟ ସଂଗଠନ ସମ୍ପାଦକ ସଞ୍ଜିତ ମହାନ୍ତି, ଡିଭିଜନ ସମ୍ପାଦକ କିଶୋର ପ୍ରଧାନ ଓ ଯୁଗ୍ମ ସମ୍ପାଦକ ଉଦିତ ତ୍ରିପାଠୀ, ମିଡ଼ିଆ ସଂଯୋଜକ ଦେବ ଜ୍ୟୋତି ପଟ୍ଟନାୟକ ସମସ୍ତ ରେଞ୍ଜ ଗସ୍ତ କରି ତୋଳାଳୀ ଓ କର୍ମଚାରୀଙ୍କୁ ଉଦବୋଧନ ଦେଇଥିଲେ । ଶ୍ରୀ ମହାନ୍ତି ଦାବୀ ପୂରଣ ନହେଲେ ଆଗାମୀ ୨୭ ଫେବୃଆରୀରେ ରେଢ଼ାଖୋଲ ସହ ରାଜ୍ୟ ତମାମ ରାସ୍ତା ରୋକ ଆନ୍ଦୋଳନକୁ ତୀବ୍ର କରାଯିବ, ଏଥିରେ ପ୍ରସ୍ତୁତି ନେବାକୁ ଆହ୍ୱାନ ଜଣାଇଥିଲେ । ଆଜିର ବିକ୍ଷୋଭରେ ରେଞ୍ଜ ସମ୍ପାଦକ ଅଖୋଜ ପ୍ରଧାନ, ଭିକାରି ପ୍ରଧାନ, ଜିତେନ୍ଦ୍ରିୟ ଷଣ୍ଢ, ନୀଳାଦ୍ରି ପ୍ରଧାନ, ଅରୁଣ ପ୍ରଧାନ, ପ୍ରମୋଦ ସାହୁ, ଟିକେଶ୍ୱର ଝାଙ୍କର ,ଦିଲୀପ ନନ୍ଦ, ଜଗବନ୍ଧୁ ଜେନା, ଦଇତାରୀ ମିର୍ଦ୍ଧା, ସତ୍ୟବାଦୀ ନାୟକ, ଶଶିଭୂଷଣ ପ୍ରଧାନ, ମକରଧ୍ୱଜ ପ୍ରଧାନ, ଯୁଧିଷ୍ଠିର ପ୍ରଧାନ, ପ୍ରଫୁଲ୍ଲ ସ୍ୱାଇଁ ପ୍ରମୁଖଙ୍କ ନେତୃତ୍ୱରେ ସମସ୍ତ ରେଞ୍ଜ ରେ ଶତାଧିକ ତୋଳାଳୀ ଓ କର୍ମଚାରୀଙ୍କୁ ନେଇ ଧାରଣା ଓ ବିକ୍ଷୋଭ ସମାବେଶ ହୋଇଥିଲା ।

# ରାସେଶ୍ୱରୀ ପାଣିଗ୍ରାହୀଙ୍କ ସ୍ମୃତିରେ ନାଗରିକ ସଭା

ସମ୍ବଲପୁର,୨୦ା୨(ସମିସ):ଡ. ରାସେଶ୍ୱରୀ ପାଣିଗ୍ରାହୀ ଥିଲେ ଦେବୀ ସ୍ୱରୂପା । ଉଭୟ ସମାଜ ସେବା ଓ ଧର୍ମକାର୍ଯ୍ୟର ଏକ ସୁନ୍ଦର ସମନ୍ୱୟ ତାଙ୍କ ବ୍ୟକ୍ତିତ୍ୱରେ ରହିଥିଲା । ପୃଷ୍ଟପୋଷକତା ସହ ଅଭିଭାବକତ୍ୱର ମହତ ଗୁଣନେଇ ସେ ସମାଜ ସେବାରେ ନିଜକୁ ଆଜୀବନ ନିୟୋଜିତ କରି ରଖିଥିଲେ ବୋଲି ଆଜି ଡ. ରାସେଶ୍ୱରୀ ପାଣିଗ୍ରାହୀ ସ୍ମୃତିରେ ଡ. ରାସେଶ୍ୱରୀ ପାଣିଗ୍ରାହୀ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ତପସ୍ୱିନୀ ଜିଲ୍ଲା ପ୍ରେକ୍ଷାଳୟ ଠାରେ ଆୟୋଜିତ ସଭାରେ ଆଲୋଚନା ହୋଇଥିଲା । ସଭାରେ ଟ୍ରଷ୍ଟ ସଭାପତି ପ୍ର. ଶଙ୍କର ପ୍ରସାଦ ପତିଙ୍କ ସମେତ ବରିଷ୍ଠ ଶିକ୍ଷାବିତ ଅରବିନ୍ଦ ମହାପାତ୍ର,ଟ୍ରଷ୍ଟର ବରିଷ୍ଠ ମହିଳା ସଦସ୍ୟା ଡ. ନିରୂପମା ବଡପଣ୍ଡା,ସଂସ୍କୃତିବିତ ଡ. ଶ୍ୟାମ ସୁନ୍ଦର ଧର ଓ ବରିଷ୍ଠ ସମାଜସେବୀ ପ୍ରଫୁଲ୍ଲ କୁମାର ହୋତାଙ୍କୁ ନେଇ ସଭାପତି ମଣ୍ଡଳୀ ଗଠିତ କରାଯାଇ ସଭାକାର୍ଯ୍ୟକୁ ଆଗେଇ ନିଆଯାଇଥିଲା । ଟ୍ରଷ୍ଟର ସଦସ୍ୟ ଶିବଶଙ୍କର ନନ୍ଦଙ୍କ ସଂଯୋଜନାରେ ହୋଇଥିବା ଏହି ସଭାରେ ହୀରାଖଣ୍ଡ ନାଗରିକ ପରିଷଦ,ସମ୍ବଲପୁର ବରିଷ୍ଠ ନାଗରିକ ସମାଜ,ଧନକଉଡା ବରିଷ୍ଠ ନାଗରିକ ସଂଘ,ଜଗନ୍ନାଥ ମନ୍ଦିର ବରିଷ୍ଠ ନାଗରିକ ସ ଂ ଘ , ନ ା ରୀ ସେ ବ ା ସଂଘ,ମାରୱାଡି ମହିଳା ସଂଘ,ସତ୍ୟସାଇ ସେବା ସଂଘ,ସମ୍ବଲ,ଉତ୍କଳ ପ୍ରାଦେଶିକ ମାରୱାଡି ସଂଘ,କୋଶଳ ବ୍ୟବସାୟୀ ସଂଘ,ଯୁବ ଉଦୟନ,ଭୀମ ଭୋଇ ସାହିତ୍ୟ ସଂସଦ,ସମ୍ବଲପୁର କଳା ପରିଷଦ,ପଣ୍ଡିତ ଲକ୍ଷ୍ମୀନାରାୟଣ ସାଂସ୍କୃତିକ ସମାଜ,ମାଁ ଲିମସରିଏନ ଯୁବକ ସଂଘ,ଇଣ୍ଡିଏନ ମେଡିକାଲ ଏସୋସିଏସନ ସମ୍ବଲପୁର,ଜିଲ୍ଲା ଓକିଲ ସଂଘ ଭଳି ସମ୍ବଲପୁରର ପଞ୍ଚଷଠିରୁ ଉର୍ଦ୍ଧ୍ୱ ଅନୁଷ୍ଠାନର କର୍ମକର୍ତ୍ତାମାନେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଜେ. ଗିରିଜା ଦେବୀ,ଡ. ଅଶୋକ କୁମାର ପଣ୍ଡା,ଡା ତନ୍ମୟ ପାଢ଼ୀ,ସୁରେଶ୍ୱର ମିଶ୍ର, ଡ. ଗୁଣସାଗର ଦାଶ,ସିଦ୍ଧାର୍ଥ ଦାଶ,ଜୟଦେବ ବଗର୍ତ୍ତି, ଡ. ଲୁରାବତୀ ନାୟକ, ଟ୍ରଷ୍ଟ ସମ୍ପାଦକ ସୁଧୀର ପୂଜାରୀ,କବିତା ପୁରୋହିତ,ରାମଦାସ ପଣ୍ଡା, ସୁଧୀର ପଣ୍ଡା ପ୍ରମୁଖ ସ୍ୱର୍ଗତ ଡା. ପାଣିଗ୍ରାହୀଙ୍କ ସ୍ମୃତିଚାରଣ କରିଥିଲେ । ଡ. ପାଣିଗ୍ରାହୀଙ୍କ ସ୍ମୃତିରକ୍ଷା ସକାଶେ ବୁଡାରଜା ଶାନ୍ତିନଗର ରାସ୍ତାକୁ ତାଙ୍କ ନାମରେ ନାମିତ କରିବା ସହ ତାଙ୍କ ନାମରେ ସମ୍ବଲପୁରରେ ଏକ ଅତ୍ୟାଧୁନିକ ମଲ୍‌ଟି ସ୍ପେସିଆଲିଟି ଡାକ୍ତରଖାନା ନିର୍ମାଣ ଲାଗି ସଭାରେ ମତ ପ୍ରକାଶ ପାଇଥିଲା । ସଭା ପୂର୍ବରୁ ଡ.ପାଣିଗ୍ରାହୀ ଏବଂ ନିକଟରେ ପରଲୋକ ଗମନ କରିଥିବା ବରିଷ୍ଠ ସାମ୍ବାଦିକ ଶିବ ପ୍ରସାଦ ମେହେରଙ୍କ ଆତ୍ମାର ସଦଗତି କାମନା କରି ନିରବ ପ୍ରାର୍ଥନା କରାଯାଇଥିଲା ।

## ରାସେଶ୍ୱରୀ ସେବାର ଏକ ମୂର୍ତ୍ତିମନ୍ତ ପ୍ରତିମୂର୍ତ୍ତି



ସମ୍ବଲପୁର,୨୦ା୨(ସମିସ): ସ୍ଥାନୀୟ ଚିତ୍ରଗୁପ୍ତ କଲ୍ୟାଣ ସଂଘରେ ଚକ୍ଷୁଦାନ ଓ ଭିନ୍ନକ୍ଷମ କଲ୍ୟାଣ ସଂସ୍ଥା ଜ୍ୟୋତି ତରଫରୁ ସଭାପତି ଡ଼ଃ ପରେଶ ଚନ୍ଦ୍ର ଦାନୀଙ୍କ ସଭାପତିତ୍ୱରେ ସ୍ୱର୍ଗତ ରାସେଶ୍ୱରୀ ପାଣିଗ୍ରାହୀଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଛି । ସ୍ୱର୍ଗତ ପାଣିଗ୍ରାହୀ ଏବଂ "ଜ୍ୟୋତି'ର ପୂର୍ବତନ ଉପସଭାପତି ସ୍ୱର୍ଗତ ଶିବପ୍ରସାଦ ମେହେରଙ୍କ ଆତ୍ମାର ସଦଗତି ଲାଗି ନୀରବ ପ୍ରାର୍ଥନା କରିଥିଲେ । ଡ. ରାସେଶ୍ୱରୀ ଜଣେ ବିରଳ ସ୍ୱଭାବର ବ୍ୟକ୍ତିତ୍ୱ ଥିଲେ ।ସେ "ସେବାର ଏକ ମୂର୍ତ୍ତିମନ୍ତ ପ୍ରତିମୂର୍ତ୍ତି" ଥିଲେ । ଏକାଧାରାରେ ଜଣେ ଡାକ୍ତର, ବିଧାୟିକା, ସମାଜସେବୀ, ଏବଂ ଭଗବାନ୍ ବିଶ୍ୱାସୀ ଜଗନ୍ନାଥ ପ୍ରେମୀ ତଥା ପରିବାର ପ୍ରେମୀ ମଧ୍ୟ ଥିଲେ । ଡାକ୍ତରୀ ସେବା କ୍ଷେତ୍ରରେ ତାଙ୍କ ହସ୍ତର ଯାଦୁଗରୀ ଚିକିତ୍ସାରେ ଲକ୍ଷ ଲକ୍ଷ ଲୋକଙ୍କର ପ୍ରିୟ ପାତ୍ର ହୋଇ ପାରିଥିଲେ । ତାଙ୍କୁ ଭୁବନେଶ୍ୱର ରେ ସମ୍ବଲପୁରର "ଆଇରନ୍ ଲେଡି "ବୋଲି କହୁଥିଲେ । ଏହି ସବୁ ମତ ଏହି ଶ୍ରଦ୍ଧାଞ୍ଜଳୀ ସଭାରେ ପ୍ରକାଶ ପାଇଥିଲା । ଶେଷରେ ସଂଯୋଜକ କଳ୍ପନା ମିଶ୍ର ସ୍ୱରଚିତ ଶ୍ରଦ୍ଧାଞ୍ଜଳୀ କବିତା ପାଠ କରିଥିଲେ ।

# ବେଆଇନ କଫ ସିରପ୍ କାରବାରରେ ୩ ଗିରଫ

- କାର୍‌ରୁ ଜବତ ୧୨ ଶହ ବୋତଲ



ସମ୍ବଲପୁର,୨୦ା୨(ସମିସ):କାର୍‌ରେ ଆସୁଥିଲା ବିପୁଳ ମାତ୍ରାରେ କଫସିରପ । ସମ୍ବଲପୁରର ବୁର୍ଲା ହୀରାକୁଦରେ ବେଆଇନ ଭାବେ କାରବାର ହୋଇଥାନ୍ତା । ଏଥିପାଇଁ ମାଫିଆମାନେ ସତର୍କତା ଭାବେ ଭୋରୁ କାର୍‌ରେ ନେଇ ସମ୍ବଲପୁର ଅଭିମୁଖେ ଆସୁଥିଲେ । ପୁଲିସ ଅବକାରୀ ବିଭାଗ ଯେପରି ଜାଣି ପାରିବ ନାହି ସେଥି ପାଇଁ ପଲିଥିନରେ ସମ୍ପୂର୍ଣ୍ଣ ଭାବେ ଘୋଡେଇ ଦିଆଯାଇଥିଲା । ହେଲେ ବୁର୍ଲା ପୁଲିସ ପାଟ୍ରୋଲିଂ ବେଳେ ଖବର ପାଇଁ ଅତର୍କିତ ଭାବେ ଚଢଉ କରି କାରକୁ ଯାଞ୍ଚ କରିଥିଲା । ୧୨ଶହ ବୋତଲ କଫସିରପ୍ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି ।



ସେମାନେ ହେଲେ ବୁର୍ଲା ଥାନା ୱାନଆର କୋଲନୀର ବିକ୍ରମ ପଞ୍ଚବିଭାର ଓରଫ ଭିକି(୩୨), ପାଣିଟାଙ୍କି ପଡ଼ାର ରାଜେଶ ପଟ୍ଟନାୟକ ଓରଫ ପାଣ୍ଡୁ(୩୪) ଓ ଧିପଡ଼ାର ଟିକିନା ସାହୁ(୩୬) । ସେମାନଙ୍କ ନିକଟରୁ ୩ ଶହ ବୋତଲ ଥିବା ୪ଟି ବ୍ୟାଗରୁ ୧୨ଶହ କଫ ସିରପ୍ ବୋତଲ, କାର୍ ନଂ-ଓଡି୨୮ ୪୨୭୮ ଓ ତିନୋଟି ମୋବାଇଲ ଫୋନ ଜବତ କରିଛି । ସୂଚନା ଅନୁସାରେ ଅଭିଯୁକ୍ତମାନେ କାରରେ କଟକ-ଭୁବନେଶ୍ୱରରୁ ବେଆଇନ ଭାବେ କଫ ସିରପ୍ ନେଇ ଆସୁଥିଲେ । ଗୁରୁବାର ଭୋର ସକାଳୁ ବୁର୍ଲା ପୁଲିସ ପାଟ୍ରୋଲିଂ ବେଳେ ଏ ସମ୍ପର୍କରେ ଖବର ପାଇଥିଲା । ପରେ ବୁର୍ଲା ଟାଉନରେ ଉକ୍ତଗାଡିକୁ ଅଟକାଇ ଯାଞ୍ଚ କରିଥିଲା । ଯାଞ୍ଚ ବେଳେ ଗାଡ଼ିରୁ ଉପରୋକ୍ତ ସାମଗ୍ରୀ ପାଇଥିଲା । ସମସ୍ତ ଅଭିଯୁକ୍ତକୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଅତିରିକ୍ତ ଏସ୍‌ପି ଅଜୟ କୁମାର ମିଶ୍ର ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ସମ୍ମିଳନୀରେ ବୁର୍ଲା ଥାନାଧୀକାରୀ ସୌମ୍ୟକାନ୍ତ ବଳିଆର ସିଂ ଉପସ୍ଥିତ ଥିଲେ ।

# ସୁଭଦ୍ରା ଶକ୍ତି ମେଳା ଉଦ୍‌ଯାପିତ




ସମ୍ବଲପୁର,୨୦ା୨(ସମିସ):ଅଇଁଠାପାଲିସ୍ଥିତ ବିର୍ସା ମୁଣ୍ଡା ମଇଦାନରେ ସାତ ଦିନ ବ୍ୟାପି ଅୟୋଜିତ ମହିଳା ସଶକ୍ତିକରଣର ଏବଂ ଉଦ୍ୟୋଗିତାର ମହୋତ୍ସବ ସୁଭଦ୍ରା ଶକ୍ତି ମେଳା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି ।। ମହୋତ୍ସବରେ ଓଡିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ପାଇଁ ସେମାନଙ୍କର ବିଭିନ୍ନ ଉତ୍ପାଦଗୁଡ଼ିକୁ ପ୍ରଦର୍ଶନ କରିବା ନିମନ୍ତେ ସାମିଲ ଥିଲେ । ହସ୍ତତନ୍ତ, ହସ୍ତଶିଳ୍ପ ଠାରୁ ଆରମ୍ଭ କରି ଜୈବିକ ଖାଦ୍ୟ, ମସଲା ଆଦି ଉଦ୍ୟୋଗିତାର ପ୍ରଦର୍ଶିତ ହୋଇଥିଲା । ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାକାର ମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ମେଳାରେ ପ୍ରାୟ ୧,୪୫,୪୪,୫୭୦ ଟଙ୍କାର ବ୍ୟବସାୟ ହୋଇଥିବା ସୂଚନା ମିଳିଛି । ସୁଭଦ୍ରା ଶକ୍ତି ମେଳା ୨୦୨୬ କେବଳ ବିକ୍ରୟ ଏବଂ ଅଂଶଗ୍ରହଣରେ ରେକର୍ଡ ସ୍ଥାପନ କରିନାହିଁ, ବରଂ ଭବିଷ୍ୟତ ମହିଳା-ନେତୃତ୍ୱାଧୀନ ଉଦ୍ୟୋଗଗୁଡ଼ିକ ପାଇଁ ରାସ୍ତା ପ୍ରଶସ୍ତ କରିଛି । ଏହି ଅବସରରେ ବିଭିନ୍ନ ବର୍ଗରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ସ୍ୱୟଂସହାୟକ ଗୋଷ୍ଠୀ (ଏସଏଚ୍‌ଜି)ମାନଙ୍କୁ ଚୟନ କରଯାଇ ପୁରସ୍କାର ପ୍ରଦାନ କରାଯାଇଛି । ବିକ୍ରୟ, ପ୍ୟାକେଜିଂ, ନବୀନ ଉତ୍ପାଦ ଓ ସାମଗ୍ରିକ କାର୍ଯ୍ୟଦକ୍ଷତା ଆଦି ମାନଦଣ୍ଡ ଆଧାରରେ ଚୟନ କରାଯାଇଥିବା ବୋଲି ଜିଲ୍ଲା ପରିଷଦ ପକ୍ଷରୁ ସୂଚନା ମିଳିଛି । ଫାର୍ମ ପ୍ରଡକ୍ଟ ବିକ୍ରୟରେ ଶ୍ରେଷ୍ଠ ବିକ୍ରେତା ନୟାଗଡ଼ର ମା' ମଙ୍ଗଳା ଏସଏଚ୍‌ଜି, ଯୁଯୁମରାର ମା'ପିତାବଳୀ ଏସଏଚ୍‌ଜି, କଟକର ବଡ଼ମ୍ବା ଏସଏଚ୍‌ଜି ଚୟନିତ ହୋଇଛନ୍ତି ।ନନ୍‌ଫାର୍ମ ବିକ୍ରୟରେ ଶ୍ରେଷ୍ଠ ବିକ୍ରେତା ନୟାଗଡ଼ର ବୁଢୀ ମା' ଏସଏଚ୍‌ଜି, କଟକର ଜୟ ସୀତାରାମ ଏସଏଚ୍‌ଜି ଓ ମୟୂରଭଞ୍ଜର ସାଇକୃପା ଏସଏଚ୍‌ଜି ପୁରସ୍କାର ପାଇଛନ୍ତି । ଶ୍ରେଷ୍ଠ ପ୍ୟାକେଜିଂ, ଲେବେଲିଂ ଓ ପ୍ରଦର୍ଶନ ବର୍ଗରେ ମୟୂରଭଞ୍ଜର ଜହ୍ନତାରା ଏସଏଚ୍‌ଜି, ମାନେଶ୍ୱରର ଲିମ୍ବସରେନ ଏସଏଚ୍‌ଜି, କଳାହାଣ୍ଡିର ମା' ସରସ୍ୱତୀ ପିଜି ପୁରସ୍କାର ପାଇଁ ଚୟନିତ ହୋଇଛନ୍ତି ।ଶ୍ରେଷ୍ଠ ଗ୍ରାହକ ବ୍ୟବହାର ଓ ପ୍ରଡକ୍ଟ ବର୍ଣ୍ଣନା ବର୍ଗରେ ଭୁବନେଶ୍ୱରର ଝାଡେଶ୍ୱରୀ ଏସଏଚ୍‌ଜି, ରେଙ୍ଗାଲିର ୱିମେନ୍ ଷ୍ଟାର ଏସଏଚ୍‌ଜି ଓ ଧନକଉଡାର ବିଟା ଏସଏଚ୍‌ଜି ଚୟନିତ ହୋଇଛନ୍ତି । ନୂତନ ଉତ୍ପାଦ ବର୍ଗରେ ମାନେଶ୍ୱରର ବିଶ୍ୱକର୍ମା ଏସଏଚ୍‌ଜି (ଟେରାକୋଟା),ଆଶା ଏସଏଚ୍‌ଜି (ଆର୍ଟିଫିସିଆଲ୍ ଜୁଏଲେରୀ)ଓ ଶିବ ଶକ୍ତି ଏସଏଚ୍‌ଜି (ସବାଇ ଘାସ ହ୍ୟାଣ୍ଡିକ୍ରାଫ୍ଟ) ଚୟନିତ ହୋଇଛନ୍ତି ।ଖୋର୍ଦ୍ଧା ଜିଲ୍ଲାର ଭୈରବୀ ଏସଏଚ୍‌ଜି ଶାଢୀରେ ହାତ ଦ୍ୱାରା ଚିତ୍ରାଙ୍କନ ଓ ବିଭିନ୍ନ ଉତ୍ପାଦ ପ୍ରଦର୍ଶନରେ ଉତ୍କୃଷ୍ଟତା ପାଇଁ ସାମଗ୍ରିକ ଶ୍ରେଷ୍ଠ ଘୋଷିତ ହୋଇଛି ।

### ସହର ବିକାଶ ମରଣକୁ ଆମନ୍ତ୍ରଣ

# କୌଣସି ନିର୍ମାଣ କାର୍ଯ୍ୟରେ ଲାଗୁନି ସତର୍କ ସୂଚନା

ସମ୍ବଲପୁର,୨୦ା୨(ସମିସ):

ସମ୍ବଲପୁର ସହରର ବିକାଶ କରାଯାଉଛି । ବିଭିନ୍ନ ସ୍ଥାନରେ ଅନେକ ନିର୍ମାଣ କାର୍ଯ୍ୟ ମଧ୍ୟ ଚାଲୁଛି । ଜବରଦଖଲ ହଟାଇ ସେଠାରେ ଡ୍ରେନ କାର୍ଯ୍ୟ ମଧ୍ୟ କରାଯାଉଛି । ହେଲେ ସବୁ ବିକାଶ କାମ ମରଣକୁ ଆମନ୍ତ୍ରଣ କରିବା ଭଳି ପରିଲିକ୍ଷିତ ହେଉଛି । କାରଣ କୌଣସି ବି ନିର୍ମାଣ ସ୍ଥାନରେ ସତର୍କ ସୂଚନା ଫଳକ

## ସୋମବାର ଡ୍ରେନରେ ପଡ଼ି ଜଣଙ୍କର ମୃତ୍ୟୁ

ଲାଗିନାହି । ଏହାର ପରିଣାମରେ ଗତକାଲି ଜଣ ଯୁବକଙ୍କ ମଧ୍ୟ ମୃତ୍ୟୁ ହୋଇଛି । ଏତେ ହେଲା ପରେ ମଧ୍ୟ ସମ୍ବଲପୁର ଜିଲ୍ଲା ପ୍ରଶାସନ, ସମ୍ବଲପୁର ମହାନଗର ନିଗମ, ପିଡବ୍ଲୁଡି, ପିଏଚଡି ବିଭାଗ ମୁଣ୍ଡରେ ଚେତା ପଶୁନି । ଯଦି କେଉଁଠାରେ ନିର୍ମାଣ କିମ୍ବା ମରାମତି କାର୍ଯ୍ୟ କରାଯାଏ, ତାହାଲେ ସେଠାରେ ସତର୍କ ସୂଚନା ଫଳକ ଲଗାଇବାର ନିୟମ ରହିଛି । ଯାହାକୁ ଲୋକ ଦେଖି ସତର୍କତା ଭାବେ ଯାତାୟତ କରିପାରିବେ । କିନ୍ତୁ ସମ୍ବଲପୁରରେ



ଏଥିରେ ବ୍ୟତିକ୍ରମ ଦେଖାଦେଇଛି । ସୋମବାର ଏନଏଚଏଆଇ ଅବହେଳା ଯୋଗୁଁ ଅଇଁଠାପାଲି ଥାନା ଅନଗୁଳିଆପଡ଼ାର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ଏନଏଚଏଆଇ ପକ୍ଷରୁ ଅଇଁଠାପାଲିରେ ଓଭରବ୍ରିଜ ନିର୍ମାଣ ହେଉଛି । ଏକାବେଳେ ଉଭୟ ପାର୍ଶ୍ୱରେ ଡ୍ରେନ ନିର୍ମାଣ ମଧ୍ୟ ହେଉଛି । ବିଭିନ୍ନ ସ୍ଥାନରେ ଡ୍ରେନ ଖୋଳାଯାଇ ଅନ୍ୟତ୍ର ସଂଯୋଗ କରାଯାଇଛି । କିଛି କିଛି ସ୍ଥାନରେ ଡ୍ରେନ ଉପର ସ୍ଲାବ ପଡିଥିବା ବେଳେ ଅନ୍ୟ କେତେକ ସ୍ଥାନରେ ଖୋଲା ପଡିଛି । ଗତ ସୋମବାର ଦିନ ଅନୁଗୁଳିଆପଡ଼ାର ଜଣେ ୩୫ ବର୍ଷିୟ ଯୁବକ ଡ୍ରେନ ଗାତରେ ପଡି ମୃତ୍ୟୁବରଣ କରିଥିଲେ । ସମ୍ବଲପୁରରେ ଏପରି ଘଟଣା କେବଳ ଏନଏଚଏଆଇ ଅବହେଳା ପାଇଁ ଘଟିନାହି । ସହରର ବରେଇପାଲି, ଅଇଁଠାପାଲି, ପାଞ୍ଚଗଛିଆ, ପେନସନପଡ଼ା, ଫାର୍ମରୋଡ, ବଡ଼ବଜାର, ସାକ୍ଷୀପଡ଼ା ଆଦି ଅଞ୍ଚଳରେ ଡ୍ରେନ କାର୍ଯ୍ୟ ହେଉଛି । ସମ୍ବଲପୁରରେ ଡ୍ରେନ ସମସ୍ୟାକୁ ଦୂର କରିବାକୁ ମହାନଗର ନିଗମ ପକ୍ଷରୁ ମାଷ୍ଟର ଡ୍ରେନପ୍ଲାନ କାର୍ଯ୍ୟକ୍ଷମ ହେଉଛି । ଏଥି ପାଇଁ ଜବରଦଖଲ ହଟାଇ ଡ୍ରେନ ନିର୍ମାଣ ହେଉଛି । ହେଲେ କେତେକ ସ୍ଥାନରେ ସତର୍କ ସୂଚନା ଲାଗିନଥିବା ପରିଲିକ୍ଷିତ ହେଉଛି । ପାଞ୍ଚଗଛିଆ ବିଦ୍ୟା ବିକାଶ ସ୍କୁଲ ପାଖରେ ଥିବା ସର୍ଭିସ ରୋଡରେ ଡ୍ରେନ କାର୍ଯ୍ୟ ଦୁଇ ମାସରୁ ଅଧିକ ସମୟ ହେଲାଣି ଚାଲୁଛି । ସ୍କୁଲରୁ ସର୍ଭିସ ରୋଡକୁ ସଂଯୋଗ କରୁଥିବା ପୁରୁଣା ରାସ୍ତାରେ ଡ୍ରେନ ହେଉଛି । ଯିବା ଆସିବା ପାଇଁ ପୂର୍ବ ରାସ୍ତାର ଆଗରୁ ଅସ୍ଥାୟୀ ରାସ୍ତା ହୋଇଛି । କିନ୍ତୁ ଡ୍ରେନ କାର୍ଯ୍ୟରେ ସତର୍କ ସୂଚନା ଲାଗିନାହି । ରାତିରେ କେହି ଉକ୍ତ ରାସ୍ତା ଦେଇ ଆସୁଥିଲେ ଟିକେ ଅସାବଧାନ ହେଲେ ନିର୍ମାଣଧୀନ ମୁକୁଳା ଡ୍ରେନରେ ପଡିବାର ସମ୍ଭବ ରହିଛି । ସେପଟେ ସହରର ବିଭିନ୍ନ ପଡ଼ାରେ ପିଏଚଡି ବିଭାଗ ପକ୍ଷରୁ ପିଇବା ପାଣି ପାଇପ ବିଛାଯାଉଛି । ସେଥି ପାଇଁ ମନ ଇଛା ଗାତ ମଧ୍ୟ ଖୋଳାଯାଉଛି । ଅଧିକାଂଶ ସ୍ଥାନରେ ସତର୍କ ସୂଚନା ଲାଗିନାହି । ଯଦି ବା କେଉଁଠି ଲାଗିଛି ତାହା ନଷ୍ଟ ହେବାକୁ ବସିଲାଣି । ସେଥିପ୍ରତି ବିଭାଗୀୟ ଅଧିକାରୀଙ୍କ ନିଘା ନାହି । ସହରର ବିକାଶ ପାଇଁ ସାଧରଣ ଲୋକଙ୍କ ଯେପରି କୌଣସି କ୍ଷତି ନେହଉ ସେଥି ପ୍ରତି ଜିଲ୍ଲା ପ୍ରଶାସନ ଧ୍ୟାନ ଦେବାକୁ ସାଧାରଣରେ ଦାବି ହୋଇଛି ।



# ମାଲମାଲ ବେନାମୀ ଆକାଉଣ୍ଟ ଠାବ; ୧୦ ଗିରଫ

ଭୁବନେଶ୍ୱର, ୨୦।୨(ସମିସ): ବେନାମୀ ଆକାଉଣ୍ଟ ଅପରେଟ୍ କରିବା ଅଭିଯୋଗରେ ସାଇବର ଥାନା ପୁଲିସ ୬ ଜଣଙ୍କୁ ଗିରଫ କରିଛି। ସିସି ଓ ଇଓପି ଥାନା ପୁଲିସ ଏକ ଗ୍ୟାଙ୍ଗ୍‌ର ୩ ଜଣଙ୍କୁ ଗିରଫ କରିଥିଲା ବେଳେ ଅନ୍ୟଏକ ଗ୍ୟାଙ୍ଗ୍‌ର ଆଉ ୩ ଜଣଙ୍କୁ ଗିରଫ କରିଛି। ଏହା ସହ ଅନ୍ୟ ଏକ ସାଇବର ଠକେଇ ଘଟଣାରେ ଲକ୍ଷ୍ମୀସାଗର ଥାନା ପୁଲିସ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ବେନାମୀ ଆକାଉଣ୍ଟ ଲିଙ୍କରେ ପୁଲିସ ମୋଟ୍ ୧୦ଜଣଙ୍କୁ ଗିରଫ କରିଛି ବୋଲି ସାମ୍ବାଦିକ ସମ୍ମିଳନୀରେ ପୁଲିସ କମିଶନର ଡଃ. ଏସ୍ ଦେବଦତ୍ତ ସିଂ କହିଛନ୍ତି। ଏହି ସମ୍ମିଳନୀରେ ଅତିରିକ୍ତ ପୁଲିସ୍ କମିସନର ନରସିଂହ ଭୋଳ, ଭୁବନେଶ୍ୱର ଡିସିପି ଜଗମୋହନ ମୀନା ଉପସ୍ଥିତ ଥିଲେ।



### ଚାଇନା ପ୍ଲାଟଫର୍ମରେ ଲୁଟୁଥିଲେ

ଚାଇନା ଉତ୍ପତ୍ତି ସନ୍ଦେହଜନକ କ୍ରିପ୍ଟୋକରେନ୍ସି ଟ୍ରେଡିଙ୍ଗ ପ୍ଲାଟଫର୍ମ ବାୟନାନ୍ସ ମାଧ୍ୟମରେ ବେନାମୀ ଆକାଉଣ୍ଟ ଚଳାଇ ବିଦେଶୀ ଠକଙ୍କ ସହ ମିଶି ଲକ୍ଷାଧିକ ଟଙ୍କା ଠକେଇ କରୁଥିବା ଏକ ଗ୍ୟାଙ୍ଗର ୩ ଜଣ ସଦସ୍ୟଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ, ଭିମପୁର ବାସିନ୍ଦା ସୁମିତ କୁମାର ପାଢ଼ୀ, ସେହିପରି ଗଜପତି ମୋହନାର ଚାନ୍ଦଗିରି ଗ୍ରାମର ବାସିନ୍ଦା ଅଜିତ କୁମାର ପ୍ରଧାନ, ଏୟାରପୋର୍ଟ ଥାନା ଅଧୀନ ଫରେଷ୍ଟ ପାର୍କର ବାସିନ୍ଦା ରାଜେଶ କୁମାର ନାୟକ। ଅଭିଯୁକ୍ତମାନଙ୍କ ଠାରୁ ପୁଲିସ୍ ୭ଟି ଫୋନ ସହ ବିଭିନ୍ନ ବ୍ୟାଙ୍କର ୪ଟି ପାସବୁକ୍, ବିଭିନ୍ନ ବ୍ୟାଙ୍କର ୧୦ଟି ଚେକ୍ ବୁକ୍ ସହ ବିଭିନ୍ନ ବ୍ୟାଙ୍କର ୨୧ଟି ଡେବିଟ୍ କାର୍ଡ, ବିଭିନ୍ନ ସର୍ଭିସ ପ୍ରୋଭାଇଡରର ୧୧ଟି ସିମ୍ କାର୍ଡ ଜବତ କରିଛି। ଗ୍ୟାଙ୍ଗ୍‌ର ମୁଖ୍ୟ ଅଭିଯୁକ୍ତ ସୁମିତ କୁମାର ପଢ଼ୀ ୨୦୨୨ରେ ବାୟନାନ୍ସ ପ୍ଲାଟଫର୍ମରେ କ୍ରିପ୍ଟୋକରେନ୍ସି ଟ୍ରେଡିଙ୍ଗ ଆକାଉଣ୍ଟ ଖୋଲିଥିଲେ। ଭେରିଫାଇଡ୍ ଆକାଉଣ୍ଟ ଖୋଲି ଫିଏଟ୍ କିମ୍ବା କ୍ରିପ୍ଟୋ କରେନ୍ସିରେ ଟଙ୍କା ଡିପୋଜିଟ୍ କରି ଟ୍ରେଡ୍ କରାଯାଏ। ଲାଭ ହେଲେ ତାହାକୁ ଫିଏଟ୍ ମନିରେ କନଭର୍ଟ କରି ବ୍ୟାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରାଯାଏ। ବିଦେଶରେ ବସି ଠକେଇ କରୁଥିବା ପ୍ରତାରକମାନେ ଏହି ଆକାଉଣ୍ଟଗୁଡ଼ିକୁ ମ୍ୟୁଲ୍ ଆକାଉଣ୍ଟ ଭାବେ ବ୍ୟବହାର କରି ଠକେଇର ଟଙ୍କା ଟ୍ରାନ୍ସଫର କରନ୍ତି। ସୁମିତଙ୍କ ଆକାଉଣ୍ଟ ୨୦୨୨-୨୦୨୩ରେ ଫ୍ରିଜ୍ ହୋଇଯାଇଥିଲା। କିନ୍ତୁ ସେ ନୂଆ ଆକାଉଣ୍ଟ ଖୋଲିବା ଜାରି ରଖିଥିଲେ। ତାଙ୍କ ଆକାଉଣ୍ଟ ଉତ୍ତରପ୍ରଦେଶ ଓ କେରଳ ଭଳି ରାଜ୍ୟରେ ଫ୍ରିଜ୍ ହୋଇଛି। ଫଳରେ ବହୁ ସଂଖ୍ୟକ ମାମଲା ମଧ୍ୟ ରୁଜୁ ହୋଇଛି। ଏପରିକି ସେ ଦୁବାଇରେ ଥିବା ଲୋକଙ୍କ ସହ ଯୋଗଯୋଗରେ ଥିଲେ।

### ଜଣଙ୍କ ଆକାଉଣ୍ଟ ଅପରେଟ୍ କରୁଥିଲେ ଅନ୍ୟଜଣେ

ଜଣଙ୍କ ନାମରେ ବ୍ୟାଙ୍କ ଆକାଉଣ୍ଟ ଥିଲା ବେଳେ ଅନ୍ୟ ଜଣଙ୍କ ମୋବାଇଲ୍ ନମ୍ବର ଦିଆଯାଉଛି। ଏହି ବ୍ୟାଙ୍କ ଆକାଉଣ୍ଟକୁ ତୃତୀୟ ବ୍ୟକ୍ତି ଅପରେଟ୍ କରୁଛି। ପ୍ରତ୍ୟେକଙ୍କୁ ମିଳୁଛି ମାସିକ କମିଶନ୍। ଏହି ଆକାଉଣ୍ଟ ଯୋଗେ ସାଇବର୍ ଅପରାଧୀ ଲକ୍ଷାଧିକ ଟଙ୍କା ଲୋକଙ୍କ ଠାରୁ ଠକି ନେଉଛନ୍ତି। ଯାହାକୁ ପୁଲିସ ଠାବ କରିଛି। ବାପୁଜୀ ନଗର ଫେଡ୍ରାଲ୍ ବ୍ୟାଙ୍କ୍‌ରେ ଖୋଲାଯିଥିବା ଏହି ବେନାମୀ ଆକାଉଣ୍ଟ୍‌ରେ ୨୨ଲକ୍ଷ ଟଙ୍କା ଠାବ ହୋଇଛି।

ତେଲେଙ୍ଗାନା ଏବଂ କେରଳରୁ ହୋଇଥିବା ଅଭିଯୋଗ ଆଧାରରେ କ୍ରାଇମ୍‌ବ୍ରାଞ୍ଚ ଏହି ଆକାଉଣ୍ଟକୁ ଠାବ କରିଛି। ସାଇବର୍ ଥାନା ପୁଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ବାପୁଜୀ ନଗର ଅଞ୍ଚଳର କାର୍ତ୍ତିକ ନାୟକ, ଝାରପଡ଼ା ଅଞ୍ଚଳର ଶେଖ୍ ଅମିର୍ ହୁସେନ୍, ଶିରିପୁର ଅଞ୍ଚଳର ଦେବାଶିଷ ପଟ୍ଟନାୟକ। ସେମାନଙ୍କ ଠାରୁ ୩ମୋବାଇଲ୍ ଫୋନ୍ ଏବଂ ଟେଲିଗ୍ରାମ୍‌ରେ ଚଳାଇଥିବା କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରାଯାଇଛି। ଦେବାଶିଷ୍ ତାଙ୍କ ସମ୍ପର୍କୀୟଙ୍କ ନାମରେ ମଧ୍ୟ କିଛି ବେନାମି ଆକାଉଣ୍ଟ ଖୋଲିଥିବା ନେଇ ପୁଲିସ ତଦନ୍ତ ଜାରି ରଖିଛି। ଦେବାଶିଷ୍ ୨୦୨୩ ମସିହାରେ ଟେଲିଗ୍ରାମ୍ ଯୋଗେ କଲିକତାର ସାଇବର ଅପରାଧୀଙ୍କ ଯୋଗାଯୋଗରେ ଆସିଥିଲା। ଏହାପର ଠାରୁ ସ୍ଥାନୀୟ ଲୋକଙ୍କୁ ପ୍ରବର୍ତାଇ ବେନାମୀ ଆକାଉଣ୍ଟ ଖୋଲି ପ୍ରତ୍ୟେକ ମାସରେ ୧୦ ହଜାରରୁ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କମାଉଥିଲା।

### ୪ ଜଣଙ୍କୁ ବାନ୍ଧିଲା ଲକ୍ଷ୍ମୀସାଗର ପୁଲିସ

ସେହିପରି ବେନାମୀ ଆକାଉଣ୍ଟ ଖୋଲି ଟଙ୍କା କମାଇବା ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୁଲିସ ୪ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଚନ୍ଦକା ଅଞ୍ଚଳର ମାୟଙ୍କ୍ କୁମାର୍, ରଞ୍ଜନ କୁମାର ସାହୁ, ନିଶିକାନ୍ତ କର, ମହମ୍ମଦ ସାଦିକ ରାଜା ଖାନ୍। ଏମାନଙ୍କ ଠାରୁ ୬ମୋବାଇଲ୍, ୨ ଦାମୀ କାର୍, ୩୭ ଡେବିଟ୍ କାର୍ଡ, ମ୍ୟାକ୍‌ବୁକ୍ ଏବଂ ଆପେଲ୍ ଫୋପନ୍ ଜଜବତ କରାଯାଇଛି।

ସୂଚନାଯୋଗ୍ୟ, ବେନାମୀ ଆକାଉଣ୍ଟ ବିରୋଧରେ ଓଡ଼ିଶା ପୁଲିସ ପକ୍ଷରୁ ସାଇବର କବଚ ନାମକ ଏକ ଅପରେସନ୍ ଆରମ୍ଭ ହୋଇଛି। ଯାହାକୁ କ୍ରାଇମ୍‌ବ୍ରାଞ୍ଚର ସିଆଇଡି ସିବି ପକ୍ଷରୁ ଅପରେଟ୍ କରାଯାଉଛି। ଫେବୃଆରୀ ୧୫ରୁ ଏହି ଅପରେସନ୍ ଆରମ୍ଭ ହୋଇଛି। ରାଜଧାନୀରେ କିଛି ଦୁର୍ବୃତ୍ତ ବିଭିନ୍ନ ବ୍ୟାଙ୍କ୍‌ରେ ବେନାମୀ ବ୍ୟାଙ୍କ୍ ଆକାଉଣ୍ଟ ଖୋଲି ଅର୍ଥନୈତିକ ଅପରାଧରେ ଲିପ୍ତ ରହୁଥିବା ପୁଲିସ ଜାଣିବାକୁ ପାଇଛି।

# ଓୟୋରେ ଇଞ୍ଜିନିୟରଙ୍କ ସନ୍ଦେହଜନକ ମୃତ୍ୟୁ



**ପରିବାର ଅଗୋଚରରେ ପ୍ରେମିକା ସହ ହୋଟେଲରେ ରହିଥିଲେ**

**ପ୍ରେମିକା ବିରୋଧରେ ହତ୍ୟା ଅଭିଯୋଗ ଆଣିଲେ ପରିବାରଲୋକ**

ଭୁବନେଶ୍ୱର, ୨୦।୨(ସମିସ): ଏୟାରପୋର୍ଟ ଥାନା ଅନ୍ତର୍ଗତ ପୋଖରୀପୁଟ ଅଞ୍ଚଳରେ ଥିବା ଏକ ଓୟୋ ହୋଟେଲରେ ଜଣେ ଇଞ୍ଜିନିୟରଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ, ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ଅଞ୍ଚଳର ବୁବୁନା ପ୍ରଧାନ (୨୮)। ପ୍ରେମିକା ବର୍ଷାଙ୍କ ସହ ସେ ଭୁବନେଶ୍ୱର ପୋଖରୀପୁଟସ୍ଥିତ ଏକ ଓୟୋ ହୋଟେଲରେ ରହିଥିଲେ। ସେଠାରେ ତାଙ୍କର ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି। ବର୍ଷାଙ୍କ କହିବା ଅନୁଯାୟୀ ବାବୁନା ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ହେଲେ କେଉଁ କାରଣରୁ ବାବୁନାଙ୍କ ମୃତ୍ୟୁ ଘଟିଛି, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ। କିନ୍ତୁ, ବାବୁନାଙ୍କ ପରିବାରଲୋକ ଏହାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ତାଙ୍କ ପୁଅକୁ ହତ୍ୟା କରାଯାଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ପୁଲିସ ଶବକୁ କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଏହାସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ବୁବୁନାଙ୍କ ପରିବାରଲୋକ ପୁରୁଣା ଭୁବନେଶ୍ୱରରେ ଦୀର୍ଘ ବର୍ଷ ହେବ ରହୁଛନ୍ତି। ରଙ୍ଗ କାମ କରି ବାପା ମାଟିଆ ପରିବାର ଚଳାଉଛନ୍ତି। ବୁବୁନା ଭୁବନେଶ୍ୱରର ଏକ ଘରୋଇ କଲେଜରେ ୬ବର୍ଷ ତଳେ ମେକାନିକାଲ ଇଞ୍ଜିନିୟରିଂରେ ବିଟେକ୍ ଶେଷ କରିଥିଲେ। ପରେ ସେ ସଫ୍ଟୱେୟାର କୋର୍ସ ମଧ୍ୟ କରି ଚାକିରି କରୁଥିଲେ। ତେବେ ୨ ମାସ ହେଲା ଚାକିରି କରିବାକୁ ବେଙ୍ଗାଲୁରୁ ଯାଇଥିଲେ। ପରିବାରଲୋକଙ୍କୁ ନ ଜଣାଇ ବାବୁନା ବେଙ୍ଗାଲୁରୁରୁ ଆସିଥିଲେ। ସେ ଓ ପ୍ରେମିକା ବର୍ଷା ଗତକାଲି ଗୁରୁବାର ପୋଖରୀପୁଟର ଡିଏଭି ପବ୍ଲିକ ସ୍କୁଲ ନିକଟରେ ଓୟୋ ହୋଟେଲରେ ରୁମ ନେଇ ରହିଥିଲେ। ରାତି ପ୍ରାୟ ୩ଟା ବେଳେ ବାବୁନାଙ୍କ ପରିବାରଲୋକଙ୍କୁ ଫୋନ୍ କରିଥିଲେ ବର୍ଷା। ବୁବୁନା ବେକରେ କପଡ଼ା ଗୁଡ଼ାଇ ଆତ୍ମହତ୍ୟା କରିଛନ୍ତି ବୋଲି ଜଣାଇଥିଲେ।

ବୁବୁନାଙ୍କ ମାଆ ଲଳିତା ପ୍ରଧାନ କହିଛନ୍ତି, ବର୍ଷା ମୋ ପୁଅକୁ ଛାଡ଼ି ବ୍ୟାଙ୍କରେ କାମ କରୁଥିବା ଅନ୍ୟ ଜଣଙ୍କୁ ଭଲ ପାଉଛି। ମୋ ପୁଅକୁ ରାତିରେ ଡାକିଥିଲା। ତାକୁ ସେମାନେ ମିଳିମିଶି ହତ୍ୟା କରିଛନ୍ତି। ବେଙ୍ଗାଲୁରୁରୁ ମୋ ପୁଅକୁ ଡକାଇ ଆଣି ମାରିଛନ୍ତି। ମୋ ପୁଅକୁ ବର୍ଷା ସହ ବାହା କରିବାକୁ ମୁଁ ରାଜି ଥିଲି। କିନ୍ତୁ ବର୍ଷା ମୋ' ପୁଅ ସହ ପ୍ରତାରଣା କରିଥିଲା। ବର୍ଷା ସହ ତା' ପ୍ରେମିକ ଓ ଅନ୍ୟମାନେ ମଧ୍ୟ ଥିଲେ। ଏହି ମାମଲାରେ ବର୍ଷା ଓ ତାଙ୍କ ସହ ଥିବା ଅନ୍ୟମାନଙ୍କୁ ଗିରଫ କରାଯାଉ ବୋଲି ସେ କହିଛନ୍ତି।

ପୁଲିସ ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ସହ ହୋଟେଲ ରେଜିଷ୍ଟର ଆଦି ଯାଞ୍ଚ କରି ଅଧିକ ତଦନ୍ତ ଚଳାଇଛି। ଏ ସମ୍ପର୍କରେ ଏୟାରପୋର୍ଟ ଥାନାଧିକାରୀ ରବୀନ୍ଦ୍ରନାଥ ମେହେର କହିଛନ୍ତି, ବୁବୁନାଙ୍କ ପରିବାର ସହ ପ୍ରେମିକା ପ୍ରାୟ ୪ ବର୍ଷ ଧରି ଯୋଗାଯୋଗରେ ଥିଲେ। ପ୍ରେମିକା ଓ ପରିବାର ଲୋକମାନେ ବୁବୁନାଙ୍କ ମୃତଦେହକୁ କ୍ୟାପିଟାଲ ହସ୍ପିଟାଲ ନେବା ପରେ ଆମେ ଖବର ପାଇଥିଲୁ। ଘଟଣାକୁ ନେଇ ଅଧିକ ତଦନ୍ତ ଜାରି ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ସେ କହିଛନ୍ତି।

## ମହାରାଷ୍ଟ୍ର ପୁଲିସ କବଜାରେ ସ୍ୱାଇଡ଼ର ସତୀଶ

ଭୁବନେଶ୍ୱର, ୨୦।୨(ସମିସ): ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ଚୋରି ଅଭିଯୋଗରେ ଗିରଫ ହୋଇ ନିର୍ଦ୍ଦୋଷରେ ଖଲାସ ହୋଇଥିବା ସ୍ୱାଇଡ଼ର ସତୀଶ ଏବେ ମହାରାଷ୍ଟ୍ର ପୁଲିସ କବଜାରେ। ପୁରୁଣା ମାମଲାରେ ମହାରାଷ୍ଟ୍ର ପୁଲିସ ତାଙ୍କୁ ଉଠାଇ ନେଇଛି। ତେବେ କେଉଁ କାରଣରୁ ତାଙ୍କୁ ଉଠାଇ ନେଇଛନ୍ତି ତାହା ସ୍ପଷ୍ଟ ହୋଇନାହିଁ। ବିଡମ୍ବନାର ବିଷୟ ନିରଞ୍ଜନଙ୍କ ଚୋରି ମାମଲାରେ ସେ ଜେଲ୍‌ରେ ଥିଲେ। ଝାରପଡ଼ାରୁ ମୁକୁଳିବା ମାତ୍ରେ ତାଙ୍କୁ ଅନ୍ୟ ରାଜ୍ୟର ପୁଲିସ ପୁଣି ଉଠାଇ ନେଲା।

## ଚୋରି ସାମଗ୍ରୀ ଜବତ; ଜଣେ ଗିରଫ

ଭୁବନେଶ୍ୱର, ୨୦।୨(ସମିସ): ଚୋରି ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୁଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ବୁଡୁ ଦାସ। ବୁଡୁଙ୍କ ଠାରୁ ଚୋରି ସାମଗ୍ରୀ ଜବତ କରାଯାଇଛି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ବିଚିତ୍ର ସ୍ୱାଇଁ ମଞ୍ଚେଶ୍ୱର ଠାରେ ଥିବା ଏଆରଏସ୍ଏସ୍ କମ୍ପାନୀର ଜଣେ କର୍ମଚାରୀ। ଅଭିଯୁକ୍ତ ବୁଡୁ ଅନ୍ଧାରର ସୁଯୋଗ ନେଇ ସମ୍ପୃକ୍ତ ଏଆରଏସ୍ଏସ୍ କମ୍ପାନୀ ପରିସର ମଧ୍ୟରେ ପ୍ରବେଶ କରିବା ସହ ଷ୍ଟୋର ରୁମ୍‌ରୁ ଦୁଇଟି ଡ୍ରିଲ ମେସିନ, ୧୫ ଖଣ୍ଡ ଲୁହା ଛଡ଼ ଏବଂ ୫୦ଟି ଆଙ୍ଗେଲ ଚୋରିକରି ସେଠାରୁ ଖସିଯିବା ଲାଗି ଉଦ୍ୟମ କରିଥିଲେ। ଠିକ ଏହି ସମୟରେ ବିଚିତ୍ର ସ୍ୱାଇଁ ଏବଂ ଅନ୍ୟ ଦୁଇ କର୍ମଚାରୀ କୌଶଳ କ୍ରମେ ଅଭିଯୁକ୍ତ ବୁଡୁଙ୍କୁ କାବୁ କରି ପୁଲିସ ଜିମା ଦେଇଥିଲେ। ପୁଲିସ ଅଭିଯୁକ୍ତ ବୁଡୁଙ୍କୁ ଗିରଫ କରିଥିଲା। ପୁଲିସ ଅଭିଯୁକ୍ତଙ୍କ ହେପାଜତରୁ ଚୋରା ଡ୍ରିଲ ମେସିନ ଦୁଇଟି, ୧୫ ଖଣ୍ଡ ଲୁହାଛଡ଼ ଏବଂ ୨୦ଟି ଲୁହା ଆଙ୍ଗେଲ ଜବତ କରିଥିଲେ। ସେ ଜଣେ ଅଭ୍ୟାସଗତ ଅପରାଧୀ ଏବଂ ତାଙ୍କ ନାମରେ ମଞ୍ଚେଶ୍ୱର ଥାନାରେ ପୂର୍ବରୁ ମଧ୍ୟ ତିନିଗୋଟି ଅପରାଧିକ ମାମଲା ରହିଛି।

## ଖଣ୍ଡା ଜବତ; ଜଣେ ଗିରଫ

ଭୁବନେଶ୍ୱର, ୨୦।୨(ସମିସ): ଇନ୍‌ଫୋସିଟି ଥାନା ଅଞ୍ଚଳରେ ଦିନ ଦ୍ୱିପହରେ ରାସ୍ତାରେ ଖଣ୍ଡା ଧରି ଷ୍ଟଣ୍ଟ କରି ଲୋକଙ୍କୁ ଆତଙ୍କିତ କରିବା ଅଭିଯୋଗରେ ଇନ୍‌ଫୋସିଟି ଥାନା ପୁଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ କଟକ ଜିଲ୍ଲା ତିଗିରିଆ ଅଞ୍ଚଳର ଲକ୍ଷ୍ମଣ ଦାସ। ତାଙ୍କ ପାଖରୁ ଏକ ଖଣ୍ଡା ଏବଂ ଅପରାଧରେ ବ୍ୟବହୃତ ବାଇକ୍ ଜବତ ହୋଇଛି। ତେବେ ସ୍ଥାନୀୟ ଅଞ୍ଚଳରେ ନିଜର ପତିଆରା ଜାହିର କରିବାକୁ ଏମାନେ ଏଭଳି କରିଥିବା ପୁଲିସ ପାଖରେ ସ୍ୱୀକାର କରିଛନ୍ତି।

## ହାଇୱା ଦୁର୍ଘଟଣା ପରେ ଉତ୍ତେଜନା

ହଂସପାଳ, ୨୦।୨(ସମିସ): ହଂସପାଳ ଅଭୟମୁଖି ରାସ୍ତା ବାଲିଅନ୍ତା ଥାନା ଅଧୀନ ମାଟିକୋଟ ନିକଟରେ ଏକ ହାଇୱା ଧକ୍କାରେ ବାଇକ ଚାଳକ ଗୁରୁତର ଆହତ। ଗୁରୁତର ଆହତଙ୍କ ପରିଚୟ ମିଳି ନ ଥିବା ବେଳେ ସ୍ଥାନୀୟ ଯୁବକ ମାନେ ଦୁର୍ଘଟଣା ଘଟାଇଥିବା ହାଇୱା କୁ ଅଟକାଇ ଥିଲେ। ଘଟଣାସ୍ଥଳରେ ଚାପ ଉତ୍ତେଜନା ସୃଷ୍ଟି ହୋଇଥିଲା। ରାସ୍ତାରେ ଯାତାୟାତ କରୁଥିବା ଯାନବାହାନ ଏକ ପ୍ରକାର ବନ୍ଦ ହୋଇଯାଇଥିଲା। ବାଲିଅନ୍ତା ଥାନା ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଆଗାମୀ ଦିନରେ ରାତି ୧୨ ପୂର୍ବରୁ ହାଇୱା ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ବାଲିଅନ୍ତା ଥାନା ଅଧିକାରୀ ଅନିଲ କୁମାର ପରିଡ଼ା। ଦୁର୍ଘଟଣାରେ ଗୁରୁତର ଯୁବକଙ୍କୁ ମେଡ଼ିକାଲକୁ ଚିକିତ୍ସା ପାଇଁ ପଠାଇବା ସହ ଦୁର୍ଘଟଣା ଘଟାଇଥିବା ହାଇୱା ଓ ପଲ୍ସର ବାଇକକୁ ଜବତ କରି ଥାନାକୁ ନେଇଥିଲେ। ପଛରେ ଆସୁଥିବା ଆଉ ଏକ ଦ୍ରୁତଗାମୀ ହାଇୱାକୁ ମଧ୍ୟ ଜବତ କରିଥିବା ଥାନା ପକ୍ଷରୁ ସୂଚନା ମିଳିଛି।

# ସମ୍ପର୍କୀୟଙ୍କ ଘରୁ ଚୋରି କରି ଗିରଫ

**ଚୋରି ଅଳଙ୍କାରକୁ ଫାଇନାନ୍ସ କମ୍ପାନୀରେ ବନ୍ଧକ**

ଭୁବନେଶ୍ୱର, ୨୦।୨ (ସମିସ): ସମ୍ପର୍କୀୟଙ୍କ ଘରୁ ଚୋରି ଅଭିଯୋଗରେ ଭରତପୁର ଥାନା ପୁଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଦୀପକ ପ୍ରଧାନ। ଚୋରି କରିବା ପରେ ସେ ସୁନା ଅଳଙ୍କାରକୁ ଫାଇନାନ୍ସ କମ୍ପାନୀରେ ବନ୍ଧକ ରଖି ଟଙ୍କା ଆଣିଥିବା ସ୍ୱୀକାର କରିଥିଲେ। ଅଭିଯୋଗକାରିଣୀ ବବିତା ପ୍ରଧାନଙ୍କ ଲିଖିତ ରିପୋର୍ଟ ଆଧାରରେ ଉପରୋକ୍ତ ମାମଲା ରୁଜୁ କରାଯାଇ ତଦନ୍ତ କରାଯିବା ସହ ଅଭିଯୁକ୍ତ ଦୀପକ ପ୍ରଧାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

ସୂଚନାଯୋଗ୍ୟ, ଅଭିଯୋଗକାରିଣୀଙ୍କ ଭଉଣୀର ପୁଅ ଦୀପକ ପ୍ରଧାନ ଏବଂ ତାଙ୍କ ଭାଇର ଝିଅ କାକିଲି ପ୍ରଧାନ ପତି-ପତ୍ନୀ। ନିକଟତମ ପରିବାର ସମ୍ପର୍କ ଥିବାରୁ ସେମାନେ ସାଧାରଣତଃ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ରଖିବା ପାଇଁ ଅଭିଯୋଗକାରିଣୀଙ୍କ ଘରକୁ ଆସୁଥିଲେ। ଅଭିଯୋଗକାରିଣୀ ମନ୍ଦିର ଯାଇଥିଲା ବେଳେ ଏହାର ସୁଯୋଗ ନେଇ ଦୀପକ ପ୍ରଧାନ ତାଙ୍କ ସ୍ତ୍ରୀ କାକିଲି ପ୍ରଧାନଙ୍କ ସହିତ ମିଶି ତାଙ୍କ ଘରର ଆଲମିରାରୁ ସୁନା ଅଳଙ୍କାର ଓ ନଗଦ ଟଙ୍କା ଚୋରି କରି ନେଇଯାଇଥିଲେ। ଚୋରି ହୋଇଥିବା ସାମଗ୍ରୀଗୁଡ଼ିକ ମଧ୍ୟରେ ୧୫ ଗ୍ରାମ ଓଜନର ଗୋଟିଏ ସୁନା ଚେନ୍, ୧୮ ଗ୍ରାମ ଓଜନର ଗୋଟିଏ ସୁନା ଚେନ୍, ଦୁଇଟି ମଙ୍ଗଳସୂତ୍ର, ଦୁଇ ଯୋଡ଼ା କାନଫୁଲ, ପାଞ୍ଚଟି ସୁନା ମୁଦି, ଏବଂ ୧୦, ୦୦୦ ଟଙ୍କା ନଗଦ ଅନ୍ତର୍ଭୁକ୍ତ। ଏହି ଚୋରି ଘଟଣା ପରେ ଉଭୟ ନିଜର ଘର ଛାଡି ଅନ୍ୟ ଆଡେ ଚାଲିଯାଇଥିଲେ। ପୁଲିସ ବରମୁଣ୍ଡା ଅଞ୍ଚଳରେ ଚଢାଉ କରି ଦୀପକ ପ୍ରଧାନଙ୍କୁ ଗିରଫ କରିଛି।




# ବଜେଟ୍: କିଛି ଆଶା, ବେଶି ନିରାଶା

ଭୁବନେଶ୍ୱର, ୨୦।୨(ସମିସ): ବଜେଟ୍ ଉପସ୍ଥାପିତ ହୋଇଥିବା ବେଳେ ଏହି ବଜେଟ୍‌କୁ ନେଇ କିଛି ଆଶା ଓ ନିରାଶା ଦେଖା ଦେଇଛି। କେଉଁଠି ଯୁବକମାନଙ୍କ ପାଇଁ କିଛି ରହିନଥିବା ବେଳେ ଆଉ କେଉଁଠି ଅନ୍ୟ ବିଭାଗକୁ ସରକାର ଏହି ବଜେଟ୍‌ରେ ଅଧିକ ପ୍ରାଧାନ୍ୟ ଦେଇଛନ୍ତି ବୋଲି କୁହାଯାଉଛି। ଯାହା କି ଅନେକ ଲୋକ ଏହି ବଜେଟ୍‌ରେ ଖୁସି ବ୍ୟକ୍ତ କରିଥିବା ବେଳେ ଆଉ କିଛି ଲୋକ ଦୁଃଖ ପ୍ରକାଶ କରିଛନ୍ତି।

### ଦୀପରେ ବଳିତା ନବୁଡିବା ସଦୃଶ



ରାଜ୍ୟ ବଜେଟରେ ସହରାଞ୍ଚଳ ଅବା ଭୁବନେଶ୍ୱର ପାଇଁ ସେପରି କିଛି ଆଖିଦୃଶିଆ କାର୍ଯ୍ୟକ୍ରମର ବ୍ୟବସ୍ଥା ନାହିଁ। ଯେଉଁ ସ୍ମାର୍ଟ ସହର ପାଇଁ ଶହେ କୋଟିର ବରାଦ କରାଯାଇଛି ତାହା ଯେପରି ଦୀପରେ ବଳିତା ନବୁଡିବା ସଦୃଶ। ବିଗତ ୧୦ ବର୍ଷରେ ଦେଶରେ ଶହେଟି ପ୍ରସ୍ତାବିତ ସ୍ମାର୍ଟ ସହରରେ ଦେଢ଼ ଲକ୍ଷ କୋଟି ଦଶ ବର୍ଷରେ ନିବେଶ ପରେ ମଧ୍ୟ ଗୋଟିଏ ସହର ସ୍ମାର୍ଟ ହୋଇପାରିନି। ସେହିପରି ଭୁବନେଶ୍ୱରରେ ୨୦୭୧ କୋଟି ସ୍ମାର୍ଟସିଟି ମିଶନରେ ନିବେଶ ହେବାପରେ ମଧ୍ୟ ଏହାର ଅବସ୍ଥା ସମସ୍ତଙ୍କୁ ଜଣା। ତେଣୁ ଆଗାମୀ ଦିନରେ ଓଡ଼ିଶାର ନଗର ଉନ୍ନତି ବହୁ ମାତ୍ରାରେ ନିର୍ଭରଶୀଳ ରହିବ ଷଷ୍ଠ ରାଜ୍ୟ ଏବଂ ତ୍ରୟୋଦଶ ଜାତୀୟ ଅର୍ଥ କମିଶନଙ୍କ ଅନୁଦାନ ଉପରେ ଏବଂ ନିଜସ୍ୱ ରାଜସ୍ୱ ଉପରେ।

-ପୀୟୂଷ ରଞ୍ଜନ ରାଉତ, ସହର ଯୋଜନା ବିଶେଷଜ୍ଞ

### ମଧ୍ୟବିତ୍ତଙ୍କ ପାଇଁ ସୁବିଧା ନାହିଁ



ଆଗତ ବଜେଟ୍‌ରେ ରାଜ୍ୟ ସରକାର ସାଧାରଣ ଜନତା ଓ ମଧ୍ୟବିତ୍ତଙ୍କ ପାଇଁ ସୁବିଧା କିଛି ରଖି ନାହାନ୍ତି। ରାଜ୍ୟରେ ବେସରକାରୀ କର୍ମଚାରୀ ମାନଙ୍କ ପାଇଁ ସ୍ୱାସ୍ଥ୍ୟ କ୍ଷେତ୍ରରେ କୌଣସି ସୁବିଧା ରଖିନାହାନ୍ତି। ଏହା ଅତ୍ୟନ୍ତ ଦୁଃଖଦାୟକ। ସବୁ କ୍ଷେତ୍ରରେ ସମସ୍ତଙ୍କୁ ଅଗ୍ରାଧିକାର ଦେବା ସରକାରଙ୍କର ଦାୟିତ୍ୱ ହେଲେ ଏହି ବଜେଟ୍‌ରେ ଜଣକୁ ସନ୍ତୋଷ ଦେଇ ଆଉ ଜଣକୁ ଅସନ୍ତୋଷ କରାଯାଇଛି।

-ବିଜୟ କୁମାର ଘଡ଼େଇ, ଏମ୍‌ବିଏ ଛାତ୍ର

### ଉଚ୍ଚଶିକ୍ଷା ପାଇଁ ଯୋଜନା ନାହିଁ



ରାଜ୍ୟ ସରକାରଙ୍କ ବଜେଟ୍‌ରେ ଉଚ୍ଚ ଶିକ୍ଷା କିମ୍ବା ଉଚ୍ଚ ଶିକ୍ଷିତଙ୍କ ପାଇଁ କୌଣସି ପ୍ରକାର ସୁଯୋଗ ନାହିଁ। ଏହା ଏକ ବିକଶିତ ଓଡ଼ିଶାର ବଜେଟ୍ ଭଳି ମନେ ହେଉନାହିଁ। ବିଶେଷକରି ରାଜ୍ୟରେ ଚାକିରିକୁ ନେଇ ଅନେକ ଛାତ୍ରଛାତ୍ରୀ ଚିନ୍ତାରେ ରହିଥିବା ବେଳେ ଏହି ବଜେଟ୍‌ରେ ଛାତ୍ରଛାତ୍ରୀଙ୍କ ପାଇଁ କିଛି ନାହିଁ। ଯଦି ନୂତନ କର୍ମନିଯୁକ୍ତି ସୃଷ୍ଟି ହେବା କ୍ଷେତ୍ରରେ କିଛି ନିବେଶ କରାଯାଇଥାନ୍ତି ତେବେ ଅନେକ ପିଲା ଉପକୃତ ହୋଇପାରିଥାନ୍ତେ।

-ଶ୍ରୀନିବାସ ବାରିକ, ବ୍ୟାଙ୍କ କର୍ମଚାରୀ

### ମାଗଣା ନାପକିନ୍ ବଣ୍ଟନ ପାଇଁ ବ୍ୟବସ୍ଥା ନାହିଁ



ବଜେଟ୍‌ରେ ମହିଳାଙ୍କୁ କିଛିଟା ପ୍ରାଧାନ୍ୟ ଦେଇଛନ୍ତି ସରକାର। ହେଲେ ମହିଳା କର୍ମଜୀବୀଙ୍କୁ ମାସିକ ଋତୁସ୍ରାବ ପାଇଁ ମାସରେ ଗୋଟିଏ ଦିନ ସରକାର ଛୁଟି ଦେବାକୁ ଘୋଷଣା କରିଥିଲେ। ହେଲେ ଏହା ଘୋଷଣାରେ ହିଁ ରହିଗଲା। ଏଥିପାଇଁ ସରକାର ପଦକ୍ଷେପ ନେବା ଆବଶ୍ୟକ। ତତ୍‌ସହିତ ରାଜ୍ୟରେ ଝିଅଙ୍କ ପ୍ରତି ଅତ୍ୟାଚାର ମଧ୍ୟ ବଢ଼ିଚାଲିଛି। ରୋଡ ରୋମିଓ ବାଟ ଘାଟରେ ହଇରାଣ କରୁଛନ୍ତି। ଏଥି ପ୍ରତି ସରକାର ପଦକ୍ଷେପ ନେବା ଆବଶ୍ୟକ। ମାସିକ ଋତୁସ୍ରାବ ପାଇଁ ଆବଶ୍ୟକ ନାପ୍‌କିନ୍ ସବୁ ଝିଅ କିଣିବାକୁ ସକ୍ଷମ ହେଉନାହାନ୍ତି। ସରକାର ପ୍ରତି ମାସରେ ଗରିବ ଶ୍ରେଣୀର ଝିଅମାନଙ୍କୁ ମାଗଣାରେ ନାପକିନ୍ ଯୋଗାଇବା ପାଇଁ ବଜେଟ୍ ଆବଣ୍ଟନରେ ପ୍ରାବଧାନ ରଖିଥିଲେ ଭଲ ହୋଇଥାନ୍ତା।

-ସୁଚିତ୍ରା ମହାନ୍ତି, କର୍ମଜୀବୀ

### ଆହୁରି ଲୋକାଭିମୁଖୀ ହୋଇପାରି ଥାଆନ୍ତା



ଏହି ବଜେଟରେ କୃଷି, ମହିଳା ସଶକ୍ତୀକରଣ ଏବଂ ଭିତ୍ତିଭୂମି ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ବଜେଟରେ ଅନେକ ଭଲ ଘୋଷଣା ହୋଇଥିଲେ ମଧ୍ୟ, ସାଧାରଣ ଲୋକ ଓ ଅର୍ଥନୀତିଜ୍ଞଙ୍କ ମତରେ କିଛି ଦିଗ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିଲେ ଏହା ଆହୁରି ଉନ୍ନତ ହୋଇପାରିଥାନ୍ତା। ବେକାରୀ ସମସ୍ୟା ଓ ସ୍ଥାୟୀ ନିଯୁକ୍ତି ସହ ଶିଳ୍ପ ପାଇଁ ଘୋଷଣା ହୋଇଛି ସତ, କିନ୍ତୁ ଓଡ଼ିଶାରେ ପଢୁଥିବା ପିଲାମାନେ କିପରି ରାଜ୍ୟ ବାହାରକୁ ନ ଯାଇ ଏଠାରେ ସ୍ଥାୟୀ ସରକାରୀ ଓ ବେସରକାରୀ ନିଯୁକ୍ତି ପାଇବେ, ସେଥିପାଇଁ ଏକ ସ୍ୱଷ୍ଟ 'ନିଯୁକ୍ତି କ୍ୟାଲେଣ୍ଡର' ଥିଲେ ସବୁ ଛାତ୍ରଛାତ୍ରୀ ଉପକୃତ ହୋଇଥାନ୍ତେ।

-ବି ଆର ରୋପାମୁଦ୍ରା, ସିଏମ୍‌ଏ ଛାତ୍ରୀ

### ଚାଷୀଙ୍କ ପାଇଁ ଏକ ଅଭିନବ ଉଦ୍ୟମ



କୃଷି ଓ କୃଷକ ସଶକ୍ତୀକରଣ ପାଇଁ ୧୪, ୭୦୦ କୋଟିର ବଜେଟ ନିଶ୍ଚୟ ଭାବେ ଚାଷୀଙ୍କ ପାଇଁ ଏକ ଅଭିନବ ଉଦ୍ୟମ। ଶ୍ରୀ ଅନ୍ନ ଅଭିଯାନ ପାଇଁ ୪୦୦ କୋଟି ଟଙ୍କା ଆଗତ କରିବା ସହ ପ୍ରଥମ ଥର ଜୈବିକ ଚାଷ ପାଇଁ ଅନେକ ଯୋଜନା: ସ୍ୱଦେଶୀ ବିହନର ସଂରକ୍ଷଣ, ଜଳବାୟୁ ଅନୁକୂଳ କୃଷି ପ୍ରୋତ୍ସାହନ, ବଳଭଦ୍ର ଜୈବିକ ଚାଷ ପାଇଁ ୨୮ କୋଟି ବ୍ୟୟବରାଦ ତା ସହ ଧାନ ଫସଲ ଉପରେ ଅତ୍ୟଧିକ ନିର୍ଭର ନ କରି ଡାଲି ଜାତୀୟ ଫସଲ ଓ ଫସଲ ବିବିଧିକରଣ ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦେଇଛନ୍ତି। ତେବେ ଗ୍ରାମୀଣସ୍ତରରେ ଏସବୁ ଉପରେ ଅଧିକ ସଚେତନତା ଓ ପୋତ୍ସାହନ ଦେଲେ କୃଷିର ବିକାଶ ହୋଇପାରିବ।

- ଡି ସ୍ୱାତୀ, ନିର୍ଦ୍ଦେଶିକା, ଶ୍ୟାମଳ ସୁବର୍ଣ୍ଣ ଆଗ୍ରୋ

### କାଗଜରେ ସୀମିତ ରହିବନି ତ ?



ଚଳିତ ବଜେଟ୍‌ରେ ଢାଞ୍ଚାଗତ ବିକାଶ, କୃଷି, ସ୍ୱାସ୍ଥ୍ୟ ଓ ଶିକ୍ଷାକୁ ଗୁରୁତ୍ୱ ଦିଆଯାଇଥିବା ଦେଖିବାକୁ ମିଳୁଛି। ରାସ୍ତା, ପାଣିଯୋଗାଣ, କୃଷକ ସହାୟତା ଓ ଯୁବ ରୋଜଗାର ନେଇ ବଡ଼ ଆବଣ୍ଟନ ଘୋଷଣା ହୋଇଛି। କିନ୍ତୁ ପ୍ରଶ୍ନ ହେଉଛି ଏ ହି ଘୋଷଣା କେବଳ କାଗଜରେ ସୀମିତ ରହିବ କି ଭୂମିସ୍ତରରେ ପ୍ରଭାବ ପକାଇବ? ଗ୍ରାମାଞ୍ଚଳରେ ଏପର୍ଯ୍ୟନ୍ତ ମୌଳିକ ସୁବିଧା ଅଭାବ ଦେଖାଯାଉଛି, କୃଷକମାନେ ସମୟମତେ ସହାୟତା ପାଉନାହାନ୍ତି, ଯୁବମାନେ ରୋଜଗାର ପାଇଁ ଅନ୍ୟ ରାଜ୍ୟକୁ ପ୍ରସ୍ଥାନ କରୁଛନ୍ତି। ୨୦୩୬ ସୁଦ୍ଧା ଓଡ଼ିଶାକୁ ୫୦୦ ବିଲିୟନ ଡଲାର ଅର୍ଥନୀତି କରିବାର ଲକ୍ଷ୍ୟ ଆକାଂକ୍ଷାମୟ, କିନ୍ତୁ ଏଥିପାଇଁ ସ୍ୱଷ୍ଟ କାର୍ଯ୍ୟପନ୍ଥା ଆବଶ୍ୟକ। କେବଳ ଢାଞ୍ଚା ନୁହେଁ, ଶିଳ୍ପ ବିକାଶ ଓ ସ୍ଥାୟୀ ରୋଜଗାର ସୃଷ୍ଟି ହିଁ ଆସଲ ପରିବର୍ତ୍ତନ ଆଣିପାରିବ। ବଜେଟର ସଫଳତା ଘୋଷଣାରେ ନୁହେଁ, କାର୍ଯ୍ୟାନୁଷ୍ଠାନରେ ଦେଖାଯିବ। ଲୋକମାନଙ୍କ ଆଶାଏଥର କଥା ନୁହେଁ, କାମ ଦେଖାଯାଉ।

-ସୂରଜ କୁମାର ବେହେରା, ଗଣମାଧ୍ୟମ ଓ ଗଣଯୋଗାଯୋଗ ବିଭାଗ ଛାତ୍ର

### ଉଠା ଦୋକାନୀଙ୍କ ପ୍ରତି ଧ୍ୟାନ ଦେବା ଆବଶ୍ୟକ



ଏହି ବଜେଟ୍‌ରେ ସରକାର ଛୋଟ ଛୋଟ ବ୍ୟବସାୟୀ ଓ ଉଠା ଦୋକାନୀଙ୍କ ପ୍ରତି ଧ୍ୟାନ ଦେବା ଆବଶ୍ୟକ ରହିଥିଲା। ଏହି ଛୋଟ ଛୋଟ ବ୍ୟବସାୟୀମାନେ ଅଗକୁ ଗଲେ ରାଜ୍ୟ ମଧ୍ୟ ଆଗକୁ ବଢ଼ିବ। ହେଲେ ସରକାର ବ୍ୟବସାୟୀଙ୍କୁ ସ୍ୱଳ୍ପ ଆକାରରେ ଆର୍ଥିକ ସହାୟତା ଯୋଗାଇ ଦେବା ବଜେଟ୍‌ରେ କୌଣସି ଘୋଷଣା ହୋଇନାହିଁ। ତଥାପି ବିକ୍ରି ବଟା ପାଇଁ ଅଧିକ ବଜାର ସୃଷ୍ଟି କରିବା ପାଇଁ ସରକାର ପଦକ୍ଷେପ ନେବା ଆବଶ୍ୟକ।

-ଶୁଭ୍ରନିବାଶ ବାରିକ, ବ୍ୟବସାୟୀ

### ବଜେଟ୍ ବହୁତ ମର୍ମାହତ କରିଛି



ଆଗତ ହୋଇଥିବା ରାଜ୍ୟ ବଜେଟ୍ ବହୁତ ମର୍ମାହତ କରିଛି। ବଜେଟର ଆକାର ବଢ଼ିଛି ସତ୍ କିନ୍ତୁ ବଜେଟରେ ସମସ୍ତଙ୍କୁ ସମାନ ଅଧିକାର ମିଳିନି। ରାଜ୍ୟ ବଜେଟ୍‌ରେ କେବଳ ଚାଷକୁ ବେଶୀ ଗୁରୁତ୍ୱ ଦେଇଛନ୍ତି ସରକାର। କିନ୍ତୁ ଶିକ୍ଷା ସ୍ୱାସ୍ଥ୍ୟ ଗମନାଗମନକୁ ସେହି ଅନୁସାରେ ଗୁରୁତ୍ୱ ଦେଇ ନାହାନ୍ତି। ଲୋକଙ୍କ ସରକାରଙ୍କ ବଜେଟ୍‌ରେ ଯୁବକମାନଙ୍କ ପାଇଁ କୌଣସି ସୁବିଧା ନାହିଁ କି କୌଣସି ସ୍ୱତନ୍ତ୍ର ଅନୁଦାନ ନାହିଁ। ଯାହା ଯୁବପିଢ଼ିଙ୍କୁ ନିରାଶ କରିବା ସହ ଆଗାମୀ ଦିନରେ ବେକାରୀ ସଂଖ୍ୟା ବୃଦ୍ଧି କରିବ।

-ଦେବରାଜ ଦାସ, ଯୁବ ସଂଗଠକ

## ଜିଲ୍ଲାସ୍ତରୀୟ ଗ୍ରୀଷ୍ମ ପ୍ରବାହ ପ୍ରସ୍ତୁତି ବୈଠକ

# ପାନୀୟଜଳ, ଚିକିତ୍ସା ଓ ସଚେତନତାକୁ ପ୍ରାଥମିକତା

କେନ୍ଦ୍ରାପଡ଼ା,୨୦।୨(ସମିସ):

ଆଗାମୀ ଗ୍ରୀଷ୍ମଋତୁରେ ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ (ହିଟ୍‌ୱେଭ୍) ପରିସ୍ଥିତିକୁ ସଫଳତାର ସହ ପରିଚାଳନା କରିବା ପାଇଁ ଶୁକ୍ରବାର ପୂର୍ବାହ୍ନରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ପ୍ରାକ୍-ପ୍ରସ୍ତୁତି ବୈଠକ

### ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲିବାକୁ ନିର୍ଦ୍ଦେଶ



ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ରଘୁରାମ ଆର ଆୟରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାର ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, ସମସ୍ତ ବିଡିଓ ଓ ସ୍ୱାସ୍ଥ୍ୟ, ପୁଲିସ ସହ ଲାଇନ ବିଭାଗର ଅଧିକାରୀ ଯୋଗଦେଇଥିଲେ। ଉକ୍ତ ବୈଠକରେ ଗ୍ରୀଷ୍ମ ପ୍ରବାହ ସମୟରେ ପାନୀୟଜଳ ସମସ୍ୟାକୁ ସର୍ବାଧିକ ଗୁରୁତ୍ୱ ଦେଇ ସମସ୍ତ ଅଞ୍ଚଳରେ ସୁବ୍ୟବସ୍ଥିତ ଜଳଛତ୍ର ସ୍ଥାପନ, ପଶୁପକ୍ଷୀଙ୍କ ପାଇଁ ପାନୀୟଜଳ ବ୍ୟବସ୍ଥା ଓ ସମସ୍ତ ଶିକ୍ଷାନୁଷ୍ଠାନରେ ପର୍ଯ୍ୟାପ୍ତ ପାଣି ଯୋଗାଣ ସୁନିଶ୍ଚିତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବିଶେଷକରି ଛାତ୍ରଛାତ୍ରୀ ନିୟମିତ ବ୍ୟବଧାନରେ ପାଣି ପିଇବା ପାଇଁ ସଚେତନ କରିବା ସହ ବିଦ୍ୟାଳୟରେ ସ୍ୱତନ୍ତ୍ର ପାଣି ବେଲ ବ୍ୟବସ୍ଥା କରିବାକୁ କୁହାଯାଇଥିଲା।

ସେହିପରି ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଂଶୁଘାତ ମୁକାବିଲା ପାଇଁ ଆବଶ୍ୟକ ଔଷଧ, ଓଆରଏସ ଓ ଆଶୁ ଚିକିତ୍ସା ବ୍ୟବସ୍ଥା ମଜବୁତ ରଖିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ମନୋରଞ୍ଜନ ରାଉତଙ୍କୁ ପରାମର୍ଶ ଦିଆଯାଇଥିଲା। ଜିଲ୍ଲାରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲିବା ସହ ସରକାରୀ ନିର୍ଦ୍ଦେଶାବଳୀ ଅନୁଯାୟୀ ଶ୍ରମିକଙ୍କ କାର୍ଯ୍ୟ ସମୟ ନିର୍ଦ୍ଧାରଣ କରିବାକୁ କୁହାଯାଇଥିଲା। ଏଥିସହ ଅଙ୍ଗନବାଡି କେନ୍ଦ୍ରରେ ପଙ୍ଖା ଓ ପାନୀୟଜଳ ସୁବିଧା ସୁନିଶ୍ଚିତ କରିବା, ସମସ୍ତ ଯାତ୍ରୀବାହୀ ବସରେ ପାନୀୟଜଳ ଓ ଓଆରଏସ ମହଜୁତ ରଖିବା ଓ ଗ୍ରାମ ସ୍ତରରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଚଲାଇବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ସରକାରୀ କାର୍ଯ୍ୟାଳୟର ପୁରୁଣା ପାଣି ଟାଙ୍କି ସଫେଇ କରି ସ୍ୱଚ୍ଛ ପାନୀୟଜଳ ଯୋଗାଣ ସୁନିଶ୍ଚିତ କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଥିଲା। ଗ୍ରୀଷ୍ମ ପ୍ରବାହ ସମୟରେ ଜନସାଧାରଣଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟ ସୁନିଶ୍ଚିତ କରିବା ପାଇଁ ସମସ୍ତ ବିଭାଗ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ।

## ସନ୍ଥ ହୃଦୟ ଚୈତନ୍ୟ ଦାସଙ୍କ ଶ୍ରାଦ୍ଧବାର୍ଷିକୀ

ପଟ୍ଟାମୁଣ୍ଡାଇ,୨୦।୨(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ସର୍ବପୁରାତନ ଆଧାତ୍ମିକ ପୀଠ ପଟ୍ଟାମୁଣ୍ଡାଇ ରାଧାରମଣ ମଠରେ ମଠର ଅନ୍ୟତମ ମହନ୍ତ ସନ୍ଥ ହୃଦୟଚୈତନ୍ୟ ଦାସଙ୍କ ୩୭ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ହୃଦୟ ଚୈତନ୍ୟଙ୍କ ପଟ୍ଟଶିଷ୍ୟ ତଥା ପଟ୍ଟାମୁଣ୍ଡାଇ ରାଧାରମଣ ମଠ ମହନ୍ତ ସ୍ୱାମୀ ଅସୀମାନନ୍ଦ ଦାସ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଭୁ ରାଧାରମଣ ଦେବ, ପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ଶ୍ରୀବଳଦେବ, ମା' ସୁଭଦ୍ରା, ଗୋପେଶ୍ୱର ମହାଦେବ ଓ ହନୁମାନଜୀଉଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀ ଭଜନ ଓ ନାମ ସଂକୀର୍ତ୍ତନ କରିଥିଲେ। ବିଭିନ୍ନ ସାଧୁସନ୍ଥଙ୍କ ପୂଜନ ଓ ସେବା କାର୍ଯ୍ୟ ସହ ବେଦଜ୍ଞ ବ୍ରାହ୍ମଣ ପଣ୍ଡିତଙ୍କ ପୂଜା ଓ ସେବା କାର୍ଯ୍ୟ କରାଯାଇଥିଲା। ଏହି ମହାର୍ଘ୍ୟ କାର୍ଯ୍ୟକ୍ରମରେ ବାବାଜୀ ରାଘବେନ୍ଦ୍ର ଦାସ, ବାବାଜୀ ପ୍ରଭୁ ଦାସ, ବାବାଜୀ ଅଜୟ ଦାସ, ବାବାଜୀ ପ୍ରେମାନନ୍ଦ ଦାସ, ବାବାଜୀ ନବୀନ ଦାସ ପ୍ରମୁଖ ବହୁ ସାଧୁସନ୍ଥ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଅମ୍ବୁଜ ଭୂଷଣ ନାୟକ, ମୃତ୍ୟୁଞ୍ଜୟ ସୂତାର, ରତ୍ନେଶ ସାହୁ, ରାଧାରମଣ ପ୍ରସାଦ ପ୍ରମୁଖ ପରିଚାଳନା କରିଥିଲେ।

## ଶିକ୍ଷକ ଅବଦୁଲ ମୋକିମଙ୍କ ପରଲୋକ

ପଞ୍ଚୁପାଣ୍ଡବ,୨୦।୨(ସମିସ): ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ବଜାର ଗ୍ରାମରେ ଥିବା ବାଜର ନୋଡାଲ ଉପ୍ରା ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅବଦୁଲ ମୋକିମ ଖାନ (୭୯)ଙ୍କ ପରଲୋକ ହୋଇଯାଇଛି। ଗତକାଲି ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ ଓ ତାଙ୍କ ମୃତ୍ୟୁ ଘଟିଥିଲା। ସେ ଭୁବନେଶ୍ୱରସ୍ଥ ଡୁମଡୁମାରେ ରହୁଥିଲେ। ସେଠାରେ ତାଙ୍କର କବର ଦିଆଯାଇଥିଲା। ମୋକିମ ସମାଜସେବୀ ଭାବେ ଜଣାଶୁଣା ଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗରୁଡ଼ ଚନ୍ଦ୍ର ସାହୁ, କୁଞ୍ଜବିହାରୀ ସାହୁ, ସମର କେଶରୀ ସାମଲ, ବଜାର ନୋଡାଲ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଲିଲିମା ସାମଲ, ସଦାନନ୍ଦପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶତ୍ରୁଘ୍ନ ମଲ୍ଲିକ ଶୋକ ପ୍ରକାଶ କରିଛନ୍ତି।

## ସମାଜସେବୀ ଦୁର୍ଗାଚରଣ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି

ଗରଦପୁର,୨୦।୨(ସମିସ): ଗରଦପୁର ବ୍ଲକ ଅନ୍ତର୍ଗତ ସାନଅଢ଼ଙ୍ଗା ପଞ୍ଚାୟତର ଅର୍ଜୁନପୁର ଗ୍ରାମର ସମାଜସେବୀ ଦୁର୍ଗାଚରଣ ସାହୁଙ୍କ ଦ୍ୱାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀ, ପରିବାର ସଦସ୍ୟ ଓ ବିଭିନ୍ନ କ୍ଷେତ୍ରର ବ୍ୟକ୍ତିବିଶେଷ ଏକତ୍ରିତ ହୋଇ ସ୍ୱର୍ଗତ ସାହୁଙ୍କ ଫଟୋଚିତ୍ରରେ ପୁଷ୍ପମାଳା ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।



ସ୍ୱର୍ଗତ ସାହୁ କୃଷି ବିଭାଗରେ ଦୀର୍ଘଦିନ ଚାକିରି କରି ଅବସର ଗ୍ରହଣ କରିବା ପରେ ସମାଜସେବାକୁ ଜୀବନର ମୂଳ ଲକ୍ଷ୍ୟ ଭାବେ ଗ୍ରହଣ କରିଥିଲେ। ଗ୍ରାମର ଉନ୍ନତି, ଧାର୍ମିକ ଓ ସାମାଜିକ କାର୍ଯ୍ୟରେ ସେ ସକ୍ରିୟ ଭାବେ ନିଜକୁ ସାମିଲ କରିଥିଲେ। ସେ ଜଣେ ପ୍ରତିଭାଶାଳୀ ସାହିତ୍ୟ ସ୍ରଷ୍ଟା ଭାବେ ମଧ୍ୟ ପରିଚିତ ଥିଲେ। "ଭଜନ କଳିକା' ନାମକ ଆଧାତ୍ମିକ ପୁସ୍ତକ ରଚନା କରି ଧାର୍ମିକ ସାହିତ୍ୟକୁ ସମୃଦ୍ଧ କରିଥିଲେ। ଆଧାତ୍ମିକ ଚେତନାର ପ୍ରସାର ପାଇଁ ସେ ଗ୍ରାମରେ ରାଧାକୃଷ୍ଣଙ୍କ ଏକ ମନ୍ଦିର ନିର୍ମାଣ କରିଥିଲେ। ଯାହା ଆଜି ଗ୍ରାମବାସୀଙ୍କ ପାଇଁ ଭକ୍ତି ଓ ଆସ୍ଥାର କେନ୍ଦ୍ରବିନ୍ଦୁ ହୋଇପାରିଛି। ଶ୍ରଦ୍ଧାଞ୍ଜଳି ସଭାରେ ସାନଅଢ଼ଙ୍ଗା ସରପଞ୍ଚ ଅଭୟ ମଲ୍ଲ, ସମିତିସଭ୍ୟା ସୌଦାମିନୀ ଆଚାର୍ଯ୍ୟ, ଯୁବ ନେତା ରାଜେନ୍ଦ୍ର ଆଚାର୍ଯ୍ୟ, ସାଂସଦଙ୍କ ପ୍ରତିନିଧି ବିଜୟ ନାୟକ, ସମାଜସେବୀ ନଗେନ ଦାସ ଓ ଆଇନଜୀବୀ ଲଳିତେନ୍ଦୁ ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସାହୁଙ୍କ ସ୍ମୃତିଚାରଣ କରିଥିଲେ।

## ସୁମନ୍ତ ସେଠୀ ବ୍ଲକ୍ କଂଗ୍ରେସର ଅନୁସୂଚିତ ଜାତି ସେଲ୍ ସଭାପତି



ଡେରାବିଶ,୨୦।୨(ସମିସ): କଂଗ୍ରେସ ସଂଗଠନକୁ ସୁଦୃଢ଼ କରିବା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ଡେରାବିଶ ବ୍ଲକ୍ କଂଗ୍ରେସର ଅନୁସୂଚିତ ଜାତି ବିଭାଗ ସେଲ୍ ସଭାପତି ଭାବେ ସୁମନ୍ତ କୁମାର ସେଠୀଙ୍କ ମନୋନୀତ କରାଯାଇଛି। ପ୍ରଦେଶ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗ ସେଲ୍ ଉପାଧ୍ୟକ୍ଷ କ୍ଷୀରୋଦ ପାତ୍ର ଜିଲ୍ଲା ସଭାପତି କାର୍ତ୍ତିକ ଚନ୍ଦ୍ର ମଲିକଙ୍କୁ ଚିଠି ମାଧ୍ୟମରେ ଏହା ଜଣାଇ ଦେଇଛନ୍ତି। ସୁମନ୍ତଙ୍କୁ ଏହି ଗୁରୁଦାୟିତ୍ୱ ଦିଆଯାଇଥବାରୁ ସେ ପିସିସି ସଭାପତି ଭକ୍ତଚରଣ ଦାସ ଓ ଅନୁସୂଚିତ ଜାତି ସେଲ୍‌ର ଉପାଧ୍ୟକ୍ଷ କ୍ଷୀରୋଦ ଚନ୍ଦ୍ର ପାତ୍ରଙ୍କ ସମେତ ଜିଲ୍ଲା ସଭାପତି କାର୍ତ୍ତିକ ଚନ୍ଦ୍ର ମଲିକ, ପାଟକୁରା କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋଙ୍କ ସମତେ ରାଜ୍ୟ ଓ ଜିଲ୍ଲାସ୍ତରୀୟ ସମସ୍ତ ନେତୃମଣ୍ଡଳଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଢୋଲ ଗ୍ରାମରେ ବିଶ୍ୱଶାନ୍ତି ମହାଯଜ୍ଞ

କେନ୍ଦ୍ରାପଡ଼ା,୨୦।୨(ସମିସ): କେନ୍ଦ୍ରାପଡ଼ା ବ୍ଲକ ଅଧୀନ ଢୋଲ ପଞ୍ଚାୟତର ଢୋଲ ଗ୍ରାମରେ ସପ୍ତଦିନ ବ୍ୟାପୀ ବିଶ୍ୱଶାନ୍ତି ମହାଯଜ୍ଞ ଭକ୍ତି ଓ ଆଧାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ମହାଯଜ୍ଞରେ ଆଖପାଖ ଅଞ୍ଚଳର ଭକ୍ତ ଓ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଗରାପୁର ଶିବାନନ୍ଦ ଆଶ୍ରମ ଅଧକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ମହାଯଜ୍ଞକୁ ଉଦଘାଟନ କରିଥିଲେ। ଏ ଅବସରରେ ସେ ଯଜ୍ଞର ଆଧାତ୍ମିକ ଓ ସାମାଜିକ ମହତ୍ତ୍ୱ ସମ୍ପର୍କରେ ଆଶୀର୍ବଚନ ପ୍ରଦାନ କରି କହିଥିଲେ, ଯଜ୍ଞ ଦ୍ୱାରା ପ୍ରକୃତିର ସମତୁଳନ ରକ୍ଷା ପାଇଥାଏ ଓ ବର୍ଷା ସମୟମତେ ହୋଇ ପୃଥିବୀ ଶସ୍ୟଶାମଳା ହୁଏ। ସେ ଆହୁରି କହିଥିଲେ, ଯଜ୍ଞ ସନାତନ ଧର୍ମର ଏକ ପବିତ୍ର ପାରମ୍ପରିକ କ୍ରିୟା ଅଟେ। ଯଦ୍ୱାରା ପଞ୍ଚଭୂତ ପବିତ୍ର ହୋଇଥାଏ ଓ ପୃଥିବୀରେ ଶାନ୍ତି ଓ ସମୃଦ୍ଧି ସ୍ଥାପିତ ହୋଇଥାଏ। ଯଜ୍ଞ ମାଧ୍ୟମରେ ଦେବଦେବୀ ସନ୍ତୁଷ୍ଟ ହୋଇ ମାନବ ସମାଜକୁ ଅନ୍ନ ଓ ସମୃଦ୍ଧିର ଆଶୀର୍ବାଦ ପ୍ରଦାନ କରିଥା'ନ୍ତି ବୋଲି ସେ ମତ ପ୍ରକାଶ କରିଥିଲେ। ଏହି ମହାଯଜ୍ଞରେ ଶିବପ୍ରସାଦ ଦାସ, ଶ୍ରୀଜଗନ ଦଇତାପତି, ପ୍ରମୋଦ ପୃଷ୍ଟି ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଓ ସାଧୁସନ୍ଥ ଯୋଗଦେଇ ଯଜ୍ଞର ମହତ୍ତ୍ୱ ଓ ଉପକାରିତା ସମ୍ପର୍କରେ ମତ ପ୍ରକାଶ କରିଥିଲେ।



### ଦୀନବନ୍ଧୁ ସାହୁ ଆଇନ କଲେଜରେ କ୍ୟାରିୟର କାଉନସେଲିଂ

## ଆଇନ ବୃତ୍ତିର ବ୍ୟାପକ ସୁଯୋଗ ଓ ଏଆଇର ଭୂମିକା ଉପରେ ଆଲୋଚନା



କେନ୍ଦ୍ରାପଡ଼ା,୨୦।୨(ସମିସ): ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟ ପରିସରରେ ଆଜି କ୍ୟାରିୟର ଇନ୍ ଲ ସମ୍ପର୍କିତ ଏକ କାଉସେଲିଂ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଭାବା ଆଣବିକ ଗବେଷଣା କେନ୍ଦ୍ରର ଅବସରପ୍ରାପ୍ତ ବୈଜ୍ଞାନିକ ଫକୀର ଚରଣ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଆଇନ ବୃତ୍ତିର ବିଭିନ୍ନ ଦିଗ ଉପରେ ମାର୍ଗଦର୍ଶନ କରିଥିଲେ। ସେ କହିଥିଲେ, ବର୍ତ୍ତମାନ ସମୟରେ ଆଇନ କେବଳ ଅଧିବକ୍ତା ପେଶାରେ ସୀମିତ ନୁହେଁ, ବରଂ ଏହାସହ ଜଡ଼ିତ ଅନେକ ସରକାରୀ ଓ ବେସରକାରୀ କ୍ଷେତ୍ରରେ ଚାକିରିର ବିଶାଳ ସୁଯୋଗ ରହିଛି। ବିଶେଷକରି ବାଙ୍ଗାଲୋର ଭଳି ଶିକ୍ଷା ଓ ପ୍ରଯୁକ୍ତି କେନ୍ଦ୍ରର ଅନୁଭବ ଉଦାହରଣ ଦେଇ ସେ ଛାତ୍ରଛାତ୍ରୀଙ୍କୁ ଆଇନ ଶିକ୍ଷା ସହିତ ନୂତନ ପ୍ରଯୁକ୍ତି, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସକୁ ଆପଣାଇବାକୁ ପରାମର୍ଶ ଦେଇଥିଲେ। ବ୍ୟକ୍ତିଗତ ପ୍ରଚେଷ୍ଟା, ଦକ୍ଷତା ବୃଦ୍ଧି ଓ ସଠିକ ମାର୍ଗଦର୍ଶନ ମାଧ୍ୟମରେ ଉଜ୍ଜ୍ୱଳ କ୍ୟାରିୟର ଗଢ଼ିବା ସମ୍ଭବ ବୋଲି ସେ ଉଲ୍ଲେଖ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରଛାତ୍ରୀ ଆଇନ ବୃତ୍ତି ସମ୍ପର୍କିତ ବିଭିନ୍ନ ପ୍ରଶ୍ନ ପଚାରିଥିଲେ ଓ ଶ୍ରୀ ପରିଡ଼ା ସେଗୁଡ଼ିକର ସନ୍ତୋଷଜନକ ଉତ୍ତର ଦେଇଥିଲେ। ସେ ଆହୁରି କହିଥିଲେ, ଆଗ୍ରହୀ ଓ ଆବଶ୍ୟକତାରେ ଥିବା ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତା ସହ ଆବଶ୍ୟକୀୟ ଉପକରଣ ଓ ତଥ୍ୟ ବିନାମୂଲ୍ୟରେ ପ୍ରଦାନ କରାଯିବ। ଶେଷରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ରବୀନ୍ଦ୍ର କୁମାର ବଳ କାର୍ଯ୍ୟକ୍ରମର ଉପସଂହାର କରିବା ସହ ଅତିଥିଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି କାଉନସେଲିଂ ସଭା ଛାତ୍ରଛାତ୍ରୀଙ୍କୁ ଆଇନ କ୍ଷେତ୍ରରେ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବା ପାଇଁ ନୂତନ ପ୍ରେରଣା ଯୋଗାଇଥିବା ମତ ପ୍ରକାଶ ପାଇଥିଲା।

## କାର୍ ଧକ୍କାରେ ୩ ବାଇକ୍ ଆରୋହୀ ଗୁରୁତର

ଡେରାବିଶ, ୨୦।୨(ସମିସ): କଟକ-ଚାନ୍ଦବାଲି ରାଜରାସ୍ତାର ଜଣ୍ଟିଲୋ ଛକ ନିକଟରେ ଆଜି ସନ୍ଧ୍ୟାରେ ଏକ ଅଜଣା କାର ଧକ୍କାରେ ୩ ଜଣ ବାଇକ୍ ଆରୋହୀ ଗୁରୁତର ହୋଇ କେନ୍ଦ୍ରାପଡ଼ା ମେଡ଼ିକାଲ୍‌ରେ ଚିକିତ୍ସିତ ହେଉଥିବା ଜଣାଯାଇଛି। ବାଇକ୍‌ରେ ପଟ୍ଟାମୁଣ୍ଡାଇ ଅଞ୍ଚଳର ୩ ଜଣ ଯୁବକ କେନ୍ଦ୍ରାପଡ଼ା ଯାଉଥିବାବେଳେ କଟକ ଅଭିମୁଖେ ଯାଉଥିବା ଏକ କାର୍ ଧକ୍କା ଦେଇ ଦ୍ରୁତଗତିରେ ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକ ଗୁରୁତର ୩ ଜଣଙ୍କୁ ଆମ୍ବୁଲାନ୍ସ ଯୋଗେ କେନ୍ଦ୍ରାପଡ଼ା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲେ।

### ● ୨୦ ଦିନ ଧରି ମଣ୍ଡିରେ ପଡ଼ିରହିଛି ଧାନ

## ଚାଷୀଙ୍କ ସମସ୍ୟାର ସମାଧାନ ପାଇଁ କଂଗ୍ରେସର ଦାବି

ପଞ୍ଚୁପାଣ୍ଡବ, ୨୦।୨(ସମିସ): ରଘୁଦେଇପୁର ପ୍ରାଥମିକ କୃଷି ସମବାୟ ସମିତି ଓ ନହଙ୍ଗ ଧାନମଣ୍ଡି ବୁଲି ଚାଷୀଙ୍କ ସମସ୍ୟା ବୁଝିଛନ୍ତି ପାଟକୁରା କଂଗ୍ରେସ ନେତା ରତିକାନ୍ତ କାନୁନଗୋ। ଶୀଘ୍ର ସମାଧାନ ନ କଲେ ଆନ୍ଦୋଳନ କରିବା ପାଇଁ ଚେତାବନୀ ଦେଇଛନ୍ତି କଂଗ୍ରେସ ନେତା। ଧାନ ମଣ୍ଡି ବୁଲି ଚାଷୀଙ୍କ ଧାନ ବିକ୍ରି ପ୍ରକ୍ରିୟା କେଉଁଭଳି ଭାବେ ଚାଲିଛି, ସେ ବୁଲି ଦେଖିଥିଲେ। ଚାଷୀଙ୍କ ପାଇଁ ବିଷୟରେ ପଚାରି ସମ୍ପାଦକଙ୍କ ସହ ସମ୍ପର୍କରେ ଶ୍ରୀ କାନୁନଗୋ ଏଥିସହ ଧାନ ବିକ୍ରିରେ ହେଉଥିବା ଅସୁବିଧା ବୁଝି ସମବାୟ ସମିତି ଆଲୋଚନା କରିଥିଲେ। ଏହି ଦୁଇ ସମିତିର ଚାଷୀଙ୍କ ଧାନ ମାସ ମାସ ଧରି ସରକାର ଟାର୍ଗେଟ ଦେଉନାହାନ୍ତି, ଧାନ କିଣାରେ କଟନୀ ଛଟନୀ ହେଉଥିବା, ମିଲ ମାଲିକ ସମବାୟ ସମିତି ସମ୍ପାଦକଙ୍କୁ ଝୋଟ ଅଖା ଦେଉନାହାନ୍ତି, କେଉଁଠାରେ ଧାନ ମଣ୍ଡିରୁ ନ ଉଠାଇ ଆଜି କାଲି କହି ସମୟ ଗଡ଼ାଇ ଚାଲିଛନ୍ତି। ମିଲର ଧାନ ନ ଉଠାଇବା ଯୋଗୁଁ ୨୦ରୁ ଅଧିକ ଦିନ ପଡି ରହି ଧାନ ନଷ୍ଟ ହେଉଛି। ଫଳରେ ଚାଷୀ ସମସ୍ତ ଦିଗରୁ ଶୋଷଣ ହୋଇ ହତାଶ ହେଉଥିବା ଶ୍ରୀ କାନୁନଗୋଙ୍କ ନିକଟରେ କହିଥିଲେ ସ୍ଥାନୀୟ ଅଞ୍ଚଳର ଚାଷୀ। ଏ ସମସ୍ତ ବିଷୟରେ ଶ୍ରୀ କାନୁନଗୋ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଯୋଗାଯୋଗ କରି ଚାଷୀଙ୍କ ସମସ୍ୟା ବିଷୟରେ ଜଣାଇବା ସହ ସମସ୍ତ ସମସ୍ୟାର ସମାଧାନ ଶୀଘ୍ର କରିବା ପାଇଁ କହିଥିଲେ। ଯଦି ଆଗକୁ ଏହି ସମସ୍ୟା ଲାଗିରହେ ତେବେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଚେତାବନୀ ଦେଇଥିଲେ। ଏ ଅବସରରେ ବ୍ଲକ କଂଗ୍ରେସ ସଭାପତି ରାଜୀବଲୋଚନ ମିଶ୍ରଙ୍କ ସହ ଅଞ୍ଚଳବାସୀ ଉପସ୍ଥିତ ଥିଲେ।



ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ

## ୨ ବାଇକ୍ ଧକ୍କା, ଜଣେ ମୃତ

କେନ୍ଦ୍ରାପଡ଼ା,୨୦।୨(ସମିସ): ୫୩ନଂ ଜାତୀୟ ରାଜପଥର ଦୁହୁରିଆ ନିକଟରେ ଦୁଇଟି ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଡେରାବିଶ ଥାନା ଅନ୍ତର୍ଗତ ନୂଆଗାଁ ଗ୍ରାମର ଯୋଗେନ୍ଦ୍ର ନାୟକଙ୍କ ସାନପୁଅ ଚିତ୍ତପ୍ରକାଶ ନାୟକ (୨୫)। ଆଜି ସକାଳ ପ୍ରାୟ ସାଢେ ୮ଟା ସମୟରେ ଚିତ୍ତପ୍ରକାଶ ବାଇକ ଯୋଗେ ଦୁହୁରିଆ-ପାଣ୍ଡିରୀ ରାସ୍ତାରୁ ୫୩ନଂ ଜାତୀୟ ରାଜପଥ ଉପରକୁ ଚଢୁଥିବାବେଳେ ଚଣ୍ଡିଖୋଲ ପାଶ୍ୱର୍ରୁ ଆସୁଥିବା ଅନ୍ୟଏକ ବାଇକ ସହ ଧକ୍କା ହୋଇଥିଲା। ସେ ଛିଟିକି ପଡ଼ି ଗୁରୁତର ଭାବେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ପହଞ୍ଚିବା ପରେ ଡାକ୍ତର ଚିତ୍ତପ୍ରକାଶଙ୍କୁ ମୃତ ଘୋଷଣା କରିଥିଲେ।

### ■ ମାଟ୍ରିକ ପରୀକ୍ଷା ସମୟରେ ଅପେରାକୁ ଅନୁମତି

## ପାଠପଢ଼ା ବ୍ୟାଘାତ ନେଇ ସାଧାରଣରେ ଅସନ୍ତୋଷ

ରାଜକନିକା,୨୦।୨(ସମିସ): ଏବେ ମାଟ୍ରିକ ପରୀକ୍ଷା ଚାଲିଥିବା ଦୁଇ ଦୁଇଟି ସ୍ଥାନରେ ଅପେରା ଚାଲିଛି। ଫଳରେ ମାଟ୍ରିକ୍ ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀଙ୍କ ପଢ଼ିବାରେ ବ୍ୟାଘାତ ସୃଷ୍ଟି କରୁଥିବାବେଳେ ଉଚ୍ଚ ସ୍ୱରରେ ମାଇକ ପ୍ରଚାର ମଧ୍ୟ ହଇଚଇ ହେଉଛି। ହେଇ ହେଇ ଆଇଲା ଲୋ, ଆଜି ଘାଣ୍ଟିବ, ଆଜି ବାହାରିବ ଅମୁକ ଅମୁକ... ଆଦି ରଡ଼ି ଶୁଣି ଜନଜୀବନ ଅସ୍ତବ୍ୟସ୍ତ ହେଉଛି। ଗାଁ ଗହଳିରେ ଉଚ୍ଚ ସ୍ୱରରେ ମାଇକ ଡାକି ବଜାଇ ହଙ୍ଗାମା କରୁଥିବାବେଳେ କୋମଳମତି ଛାତ୍ରଛାତ୍ରୀ ଏଥିପାଇଁ ଅଧିକ ପ୍ରଭାବିତ ହେଉଛନ୍ତି। ଯାତ୍ରା ଦେଖି ନ ପାରିବାର ମନସ୍ତାପ ସହ ନାଟକ, ରେକର୍ଡ ଡ୍ୟାନ୍ସ ଦେଖିବାକୁ ହାଇପାଇଁ ହେଉଥିବା ମାଟ୍ରିକ ପିଲାଙ୍କ ମନ ପାଠପଢାରେ ମନ ରହୁନି। ନିଜ ଗାଁରେ ବା ଗାଁ ପାଖରେ ହେଉଥିବା ଯାତ୍ରା ଦେଖି ନ ପାରି ମାନସିକ ଭାବେ ଦୁଃଖିତ ହେଉଥିବା ଛାତ୍ରଛାତ୍ରୀଙ୍କ ପାଇଁ ମାଟ୍ରିକ ପରୀକ୍ଷା ସମୟରେ କେମିତି ପ୍ରଶାସନ ଯାତ୍ରା ଅନୁମତି ଦେଉଛି, ତାହା ଅତ୍ୟନ୍ତ ସମ୍ବେଦନ ସାବ୍ୟସ୍ତ ହୋଇଛି।

ରାଜକନିକ ଅଞ୍ଚଳର କାଟଣା ଓ ବାଙ୍ଗରକୁଆଁରେ ଯାତ୍ରା ଅନୁଷ୍ଠାନ ଯାତ୍ରା ଜାରି ରଖିଛନ୍ତି। କାଟଣା ଅଞ୍ଚଳରେ ତାରାମଣୀ କପିଳେଶ୍ୱର ହାଇସ୍କୁଲ, ସମବାୟ ଆଦର୍ଶ ବାଳିକା ଉଚ୍ଚ ବିଦ୍ୟାଳୟ ଓ ଚାରିଦେଶ ଆଦର୍ଶ ବାଳିକା ବିଦ୍ୟାଳୟର ପ୍ରାୟ ୨ ଶହ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଉଥିବାବେଳେ ବାଙ୍ଗରକୁଆଁ, ଦେଉଳି, ସିକୁଡି, ଗୁଆଳିଗାଁ, ବରାଙ୍ଗ ଆଦି ଗାଁର ଶହେରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ତି। କ୍ୟାରିୟର ଗଢିବାର ଠିକ୍ ସମୟରେ ମାଟ୍ରିକ ପିଲାଙ୍କ ମାନସିକ ସ୍ଥିତିକୁ ପ୍ରଭାବିତ କରୁଥିବା ଏହି ଦୁଇ ଯାତ୍ରା ପରେ ମଧ୍ୟ ଆହୁରି ଅନେକ ଜାଗାରେ ଯାତ୍ରା ଆରମ୍ଭ ହେବ। ପିଲାଙ୍କୁ ଡିଜେ ସାଉଣ୍ଡ, ଯାତ୍ରା ପ୍ରଚାର ଆଦି ଅସ୍ତବ୍ୟସ୍ତ କରୁଥିବାବେଳେ ପ୍ରଶାସନ କେମିତି ଏହି ସମୟରେ ଯାତ୍ରାକୁ ଅନୁମତି ଦେଉଛନ୍ତି, ତାହାକୁ ନେଇ ଅଭିଭାବକ ପ୍ରଶ୍ନ ଉଠାଇଛନ୍ତି। ପ୍ରଶାସନ ମାଟ୍ରିକ ପରୀକ୍ଷା ସମୟରେ ଯାତ୍ରା ସହ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ରଖିବାକୁ ଅଭିଭାବକ ଅଶ୍ୱିନୀ ସାହୁ, ନୀଳାମ୍ବର ନାୟକ, ଅଶୋକ ପତି ପ୍ରମୁଖ ଦାବି କରିଛନ୍ତି।

## ଗହୀରମଥାରୁ ଟ୍ରଲର ଜବତ, ୮ ଜଣ ମତ୍ସ୍ୟଜୀବୀ ଗିରଫ

ରାଜନଗର,୨୦।୨(ସମିସ): ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ଏକକୁଳା ନିକଟରେ ବେଆଇନ ଭାବେ ମାଛ ଧରୁଥିବାବେଳେ ବନ ବିଭାଗର ପାଟ୍ରୋଲିଂ ଟିମ ମା' ଦେବୀ-୧୨ ନାମକ ଟ୍ରଲରକୁ ଜବତ କରିବା ସହ ଏଥିରେ ଥିବା ୮ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏସିଏଫ ମାନସ କୁମାର ଦାସଙ୍କ ନିର୍ଦ୍ଦେଶରେ ରେଞ୍ଜ ଅଫିସର କପିଳେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଫରେଷ୍ଟର ସଞ୍ଜୀବ କୁମାର ଦାଶ ଓ ବନ ବିଭାଗ କର୍ମଚାରୀ ଟ୍ରଲରକୁ ଜବତ କରିଥିଲେ। ଜବତ ଟ୍ରଲରରୁ ୧ଟି ଜିପିଏସ, ୨ଟି ଭିଏଚଏଫ, ୧ଟି ଫିସ୍ ଫାଇଣ୍ଡର, ୧୨ଟି ଟ୍ରଲିଂ ନେଟ ଓ ୩ କ୍ୱିଣ୍ଟାଲ ୮୦ କିଲୋଗ୍ରାମ ମାଛ ଜବତ କରିଛନ୍ତି। ଗିରଫ ମତ୍ସ୍ୟଜୀବୀ ବାପି ତରାଇ, ରାମଚନ୍ଦ୍ର ମଲ୍ଲିକ, ସଞ୍ଜୟ ବେହେରା, ପ୍ରହ୍ଲାଦ ପରିଡ଼ା, ରୋହିତ ମଲିକ, ମହେଶ୍ୱର ପରିଡା, ଆଦିକନ୍ଦ ମାଝୀ, ଶରତ ମଲିକ ପ୍ରମୁଖ ୮ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ନେଇ ବନ ବିଭାଗ ସୂଚନା ଦେଇଛି। ଗିରଫ ମତ୍ସ୍ୟଜୀବୀ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ବୋଲି ଜଣାପଡ଼ିଛି।



## ଅଭିରାମ ପରମହଂସ ଦେବଙ୍କ ସନାତନ ଧର୍ମ ସମ୍ମିଳନୀ ଆରମ୍ଭ

ରାଜନଗର, ୨୦।୨(ସମିସ): ରାଜନଗର ବ୍ଲକ ମହୁଲିଆ ପଞ୍ଚାୟତର ମହୁଲିଆଠାରେ ଆଜିଠାରୁ ସନାତନ ଧର୍ମ ସମ୍ମିଳନୀ ଓ ଭକ୍ତ ମିଳନ ଉତ୍ସବ ଆରମ୍ଭ ହୋଇଛି। ଶାନ୍ତି ଆନନ୍ଦାଶ୍ରମ, କରମଳାର ଭଗବଦ ଗୋଷ୍ଠୀ ଓ ମହୁଲିଆ ପଞ୍ଚାୟତବାସୀଙ୍କ ମିଳିତ ଆନୁକୂଲ୍ୟରେ ଏହି ସନାତନ ଧର୍ମ ସମ୍ମିଳନୀ ଆରମ୍ଭ ହୋଇଛି। ଏହି ସନାତନ ଧର୍ମ ସମ୍ମିଳନୀ ପାଇଁ ଆଜି ସକାଳ ୮ ଘଟିକାରେ ରାଜନଗର ତହସିଲ କଲୋନୀସ୍ଥ ଆଶ୍ରମରୁ ଶ୍ରୀଶ୍ରୀ ଠାକୁର ଅଭିରାମ ପରମହଂସ ଦେବଙ୍କୁ ଭବ୍ୟ ଓ ଦିବ୍ୟ ସଂକୀର୍ତ୍ତନ ଶୋଭାଯାତ୍ରାରେ ସମ୍ମିଳନୀ ମଣ୍ଡପ ଯାଏଁ ପାଛୋଟି ନିଆଯାଇଛି। ରାଜନଗର ଆଶ୍ରମରୁ ବାହାରିଥିବା ଠାକୁରଙ୍କ ଶୋଭାଯାତ୍ରା ରାଜନଗର ବଜାର ଓ ଗାଁ ପରିକ୍ରମା କରିଥିଲା। ପରେ ମହିଁଷାସୁର, କୁରୁଣ୍ଟି, ହାତିନା, ଡେରା ପଞ୍ଚାୟତ ପରିକ୍ରମା କରି ମହୁଲିଆ ପଞ୍ଚାୟତର ଗାଁ ପରିକ୍ରମା କରି ସମ୍ମିଳନୀ ସ୍ଥଳରେ ପହଞ୍ଚିଥିଲା।



ବାବାଜୀ ହରେକୃଷ୍ଣ ଦାସ ମହାରାଜ, ବାବାଜୀ ବନବିହାରୀ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଠାକୁରଙ୍କ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ବାଟ ସାରା ଠାକୁରଙ୍କୁ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା କରିଥିଲେ। ସମ୍ମିଳନୀ ସ୍ଥଳରେ ଶ୍ର ଶ୍ରୀ ଠାକୁରଙ୍କୁ ପ୍ରତିଷ୍ଠା କରାଯାଇ ପୂଜାର୍ଚ୍ଚନା କରାଯାଉଛି। ଶାନ୍ତି ଧାମ କରମଳାର ବାବାଜୀ ହରେକୃଷ୍ଣ ଦାସ ଏହି ଧର୍ମ ସମ୍ମିଳନୀକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି। ଉଦଘାଟନ ପରେ ସନ୍ଧ୍ୟାରେ ଠାକୁରଙ୍କ ଷୋଡ଼ଶ ଉପଚାର ପୂଜା ଓ ସନ୍ଧ୍ୟା ଆରତୀ କରାଯାଇଛି। ପ୍ରଥମ ଦିନ ସନ୍ଧ୍ୟାରେ ବାବାଜୀ ସଦାନନ୍ଦ ଦାସ ମହାରାଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଧର୍ମସଭାରେ ଧର୍ମାନନ୍ଦ ଦାସମହାରାଜ, ବାବାଜୀ ତ୍ରିଲୋଚନ ଦାସମହାରାଜ, ବାବାଜୀ ବନବିହାରୀ ଦାସମହାରାଜ ଯୋଗଦେଇ ଆଶୀର୍ବଚନ ପ୍ରଦାନ କରିବା କାର୍ଯ୍ୟକ୍ରମ ରହିଛି। ମହୁଲିଆ ପଞ୍ଚାୟତ ଭକ୍ତ ସମିତି ସଭାପତି ବିଶ୍ୱନାଥ ରାଉତ, ସମ୍ପାଦକ ବୈକୁଣ୍ଠ ନାଥ ଦାସ, ସରପଞ୍ଚ ମଞ୍ଜୁଳା ଦାସ, ସମିତି ସଭ୍ୟ ସଞ୍ଜୟ ସ୍ୱାଇଁ, ଗଙ୍ଗାଧର ଦାସ, ଶତ୍ରୁଘନ ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

### ଜିଲ୍ଲାସ୍ତରୀୟ ବିଶ୍ୱ ସାମାଜିକ ନ୍ୟାୟ ଦିବସ

# ବରିଷ୍ଠ ନାଗରିକଙ୍କ ସୁରକ୍ଷା, ସମ୍ମାନ ଓ ସଚେତନତା ଉପରେ ଗୁରୁତ୍ୱ

କେନ୍ଦ୍ରାପଡ଼ା,୨୦।୨(ସମିସ):



ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ବିଶ୍ୱ ସାମାଜିକ ନ୍ୟାୟ ଦିବସ ସ୍ଥାନୀୟ ଜିଲ୍ଲା ମିଶନ ଶକ୍ତି ଭବନ ସଭାଗୃହରେ ପାଳିତ ହୋଇଯାଇଛି। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକ ସମାଜର ମାର୍ଗଦର୍ଶକ ବୋଲି ଉଲ୍ଲେଖ କରିଥିଲେ। ସେମାନଙ୍କ ଧନ, ଜୀବନ ଓ ସୁରକ୍ଷା ପାଇଁ ସରକାର ବହୁବିଧ ଯୋଜନା ପ୍ରଣୟନ କରିଥିବା ସହ ପରିଚୟପତ୍ର ପ୍ରଦାନ ଓ ସାମାଜିକ ସୁରକ୍ଷା ସୁବିଧା ସୁନିଶ୍ଚିତ କରାଯାଉଥିବା ସୂଚନା ଦେଇଥିଲେ। ସମ୍ମାନିତ ଅତିଥିମାନେ ବରିଷ୍ଠ ନାଗରିକଙ୍କୁ ସାଇବର ଠକେଇ ଓ ଡିଜିଟାଲ ଠକେଇରୁ ସତର୍କ ରହିବା ପାଇଁ ସଚେତନ କରିବା ସହ ନିର୍ଯାତନାର ଶିକାର ହେଲେ କିପରି ମାଗଣାରେ ଆଇନର ସହାୟତା ନେଇପାରିବେ, ସେନେଇ ଆଲୋଚନା କରିଥିଲେ। ସମାଜ ଓ ସରକାରଙ୍କ ସହଯୋଗ ମିଳିଲେ, ବରିଷ୍ଠ ନାଗରିକ ସମ୍ମାନର ସହିତ ଜୀବନଯାପନ କରିପାରିବେ ବୋଲି ମତ ପ୍ରକାଶ ପାଇଥିଲା।

ଏ ଅବସରରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ ଓ ଯୋଗଗୁରୁ ସଞ୍ଜୟ ମଥାନଙ୍କ ଦ୍ୱାରା ବରିଷ୍ଠ ନାଗରିକଙ୍କୁ ଯୋଗ ଶିକ୍ଷା ପ୍ରଦାନ କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତରମାନେ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ୨୦୦ରୁ ଅଧିକ ବରିଷ୍ଠ ନାଗରିକ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସରକାରୀ ସୁବିଧା ଓ ସଚେତନତା ସମ୍ପର୍କରେ ଅବଗତ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମିଶନ ଶକ୍ତି, ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ଓ ବିଭିନ୍ନ ବ୍ଲକ, ପୌରସଂସ୍ଥା କର୍ମଚାରୀ ସହଯୋଗ କରିଥିଲେ। ଶେଷରେ ସଦର ମହକୁମା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ଶେଖର ବେହୁରା ଧନ୍ୟବାଦ ଦେଇଥିଲେ।








ଟେଣ୍ଡର ନିୟମରେ ତଞ୍ଚକତାର ପ୍ରତିବାଦ ସମେତ ୮ ଦଫା ଦାବିରେ ଓଡ଼ିଶା ଠିକାଦାର ମହାସଂଘ ମିଳିତ ମଞ୍ଚ ପକ୍ଷରୁ ଲୋୟର ପିଏମ୍‌ଜିରେ ବିକ୍ଷୋଭ

## ସୁଧୁରୁନି କ୍ୟାପିଟାଲ୍ ହସ୍ପିଟାଲ୍ ପାର୍କିଂ ସମସ୍ୟା

# ଗାଡ଼ି ରଖିବା, କାଢ଼ିବାରେ ବେଳ ଯାଉଛି

ଭୁବନେଶ୍ୱର, ୨୦।୨(ସମିସ): ପ୍ରତିଦିନ ଶହଶହ ଲୋକ ଚିକିତ୍ସା ପାଇଁ ଆସୁଥିବା ରାଜଧାନୀର ପ୍ରମୁଖ କ୍ୟାପିଟାଲ ହସ୍ପିଟାଲର ପାର୍କିଂ ବ୍ୟବସ୍ଥା ଲୋକଙ୍କୁ ନୟାନ୍ତ କରୁଛି। ଦୀର୍ଘଦିନ ଧରି ପାର୍କିଂ ସମସ୍ୟା ଭୋଗୁଛନ୍ତି ରୋଗୀ ଏବଂ ସେଠାକୁ ଆସୁଥିବା ତାଙ୍କ ସମ୍ପର୍କୀୟ। ଅବ୍ୟବସ୍ଥିତ ହୋଇ ରହିଥିବା ଏହି ପାର୍କିଂ ପରିସର ସମସ୍ୟା ଆଜି ନୂଆ ନୁହଁ, ବରଂ ଅନେକ ଦିନ ହେଲାଣି ସେହି ସମାନ ପରିସ୍ଥିତି।




ପ୍ରତିଦିନ ଲୋକ ଗାଡ଼ି କାଢ଼ିବା ଏବଂ ନେବା ବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯଦି ଆପଣ କ୍ୟାପିଟାଲ ହସ୍ପିଟାଲ ଆସୁଛନ୍ତି, ତେବେ ପାର୍କିଂ ପାଇଁ ମଧ୍ୟ ହାତରେ କିଛି ସମୟ ନେଇ ଆସନ୍ତୁ ବୋଲି ପରିସରରେ ପାର୍କିଂ କରୁଥିବା ଜଣେ ରୋଗୀଙ୍କ ସମ୍ପର୍କୀୟଙ୍କ ମୁହଁରୁ ଶୁଣିବାକୁ ମିଳିଥିଲା। କ୍ୟାପିଟାଲ ହସ୍ପିଟାଲ ପରିସରରେ ଗାଡ଼ି ରଖିବାକୁ ଦୁଇଟି ପାର୍କିଂସ୍ଥଳ ଥିବାବେଳେ ଗୋଟିଏରେ କେବଳ ସାଇକଲ ଓ ବାଇକ୍ ରହୁଛି। ଅନ୍ୟଟି ଉଭୟ ଦୁଇ ଚକିଆ ଓ ଚାରିଚକିଆ ଯାନ ପାଇଁ ଉଦ୍ଦିଷ୍ଟ। ହେଲେ ସେଥିମଧ୍ୟରୁ ଆହାର କେନ୍ଦ୍ର ନିକଟରେ ସବୁବେଳେ ଗାଡ଼ି ପାର୍କିଂ ଜାଗା ପୂରା ରହୁଛି। ଅନ୍ୟ ସ୍ଥାନରେ ଲୋକ ଗାଡ଼ି ରଖିବାକୁ ଠେଲାପେଲା। ଯଦିଓ ଜଣେ ଗାଡ଼ି ରଖିଛି, ତେବେ ଫେରିଲାବେଳେ ଗାଡ଼ି କାଢ଼ିବା ମୁସ୍କିଲ୍ ହୋଇଯାଉଛି। ଏଭଳି ପରିସ୍ଥିତିରେ ଲୋକ ନିଜ ନିଜ ଭିତରେ ଗାଡ଼ି ରଖିବାକୁ ଠେଲାପେଲା ହେଲା ଭଳି ପରିସ୍ଥିତି ଉପୁଜୁଛି। ଅଧିକାଂଶ ସମୟରେ ରୋଗୀଙ୍କୁ ନେଇ ଆସିଥିବା ତାଙ୍କ ପରିବାର ଲୋକ ପାର୍କିଂ ପାଇଁ ତାଙ୍କୁ ଠିଆ କରି ଆସିଲାବେଳକୁ ରୋଗୀଙ୍କୁ ସେ ପରିସ୍ଥିତିରେ ମଧ୍ୟ ଅପେକ୍ଷା କରିବାକୁ ପଡୁଛି। ପାର୍କିଂ ପାଇଁ ଯଦି ଏମିତି ସମୟ ଯିବ, ଚିକିତ୍ସା ପାଇଁ କେତେବେଳେ ଯିବୁ ବୋଲି ପରିସରରେ ଉପସ୍ଥିତ କିଛି ଲୋକ ମତ ଦେଇଛନ୍ତି। କେବଳ ସେତିକି ନୁହଁ ବରଂ ସେହି ପାର୍କି ପରିସର ମଧ୍ୟରେ ନାକରେ ରୁମାଲ ନଦେଇ ଯାଇ ହେଉନାହିଁ। କିଛି ସ୍ଥାନରେ ଅଳିଆ ଓ ପ୍ଲାଷ୍ଟିକ ଜରି ପଡ଼ିରହୁଛି। ଦୁର୍ଗନ୍ଧ ଯୋଗୁଁ ଲୋକ ଅସନ୍ତୋଷ ପ୍ରକାଶ କରୁଛନ୍ତି। ହେଲେ ଏଯାଏଁ ପାର୍କିଂ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯାଉଥିବା ନଜରକୁ ଆସୁନାହିଁ। ଏ ସମ୍ପର୍କରେ ହସ୍ପିଟାଲର କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରାଯାଇଥିଲେ ହେଁ ମତାମତ ନେବା ସମ୍ଭବ ହୋଇପାରି ନ ଥିଲା। ତେବେ ଅନ୍ୟଜଣେ ଅଧିକାରୀ ନିଜ ନାମ ଗୋପନ ରଖି କହିଛନ୍ତି ଯେ, ଏବେ କ୍ୟାପିଟାଲ୍ ହସ୍ପିଟାଲ ପିଜି ବିଭାଗ ବିଲ୍ଡିଂ ନିର୍ମାଣ କାମ ଚାଲିଛି। ସରିବା ପରେ ପାର୍କିଂ ବ୍ୟବସ୍ଥାରେ ସୁଧାର ଆସିବ ବୋଲି ସେ କହିଛନ୍ତି।

# ଝାରପଡ଼ା ଜେଲ୍‌ର ବିଚାରାଧୀନ କଏଦୀଙ୍କ ମୃତ୍ୟୁ

ଭୁବନେଶ୍ୱର, ୨୦।୨(ସମିସ): ଶୁକ୍ରବାର ଝାରପଡ଼ା ଜେଲରେ ରହୁଥିବା ବିଚାରଧୀନ କଏଦୀଙ୍କର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତ କଏଦୀ ହେଲେ ଢୁମୁଢୁମାର କାହ୍ନା ଦାସ(୨୮)। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଖଣ୍ଡଗିରି ଥାନାର ଏକ ଚୋରି ମାମଲାରେ ଗତ ଏପ୍ରିଲ ମାସରେ କାହ୍ନା ଗିରଫ ହୋଇ ଝାରପଡ଼ା ଜେଲକୁ ଆସିଥିଲେ। ହେଲେ ଜେଲରେ ତାଙ୍କୁ ଗତ ୧୦ ତାରିଖରୁ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ବିଗିଡ଼ିବାରେ ଲାଗିଥିଲା। ତାଙ୍କୁ ପ୍ରଥମେ ଜେଲ ମେଡ଼ିକାଲରେ ଚିକିତ୍ସା କରାଯାଇଥିବା ବେଳେ ସେଠାରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସୁଧୁରି ନ ଥିଲା। ଶେଷରେ ତାଙ୍କୁ ଗତ୧୪ ତାରିଖରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଗୁରୁତର ହେବାରୁ ଶୁକ୍ରବାର ତାଙ୍କୁ ଏମ୍ସରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଥିବା ବେଳେ ତାଙ୍କର ମୃତ୍ୟୁ ଘଟିଛି। କାହ୍ନାର ପରିବାର ଲୋକ ଜେଲ କର୍ତ୍ତୃପକ୍ଷଙ୍କ ଦୋଷ ଦେଇଛନ୍ତି। ଜେଲ ୱାର୍ଡରେ ମଶାରେ ଶୁଆଇଛନ୍ତି। ଯେଉଁଥି ପାଇଁ ତାଙ୍କୁ ମ୍ୟାଲେରୀଆ ଜ୍ୱର ହେବାରୁ ତାର ମୃତ୍ୟୁ ଘଟିଛି। ଏହାର ନିରପେକ୍ଷ ତଦନ୍ତ ହେଉ ବୋଲି ପରିବାର ଲୋକ ଅଭିଯୋଗ କରିଛନ୍ତି।

# ଏଏମ୍‌ଟିଜେଡି ସହ ନାରାୟଣ ସେବା ସଂସ୍ଥାର ୫ ବର୍ଷିଆ ଚୁକ୍ତି



ଭୁବନେଶ୍ୱର, ୨୦।୨(ସମିସ): ଆନ୍ଧ୍ରପ୍ରଦେଶ ସରକାରଙ୍କ ମେଡିକାଲ୍ ଟେକ୍ନୋଲୋଜି ପାର୍କ ଆନ୍ଧ୍ରପ୍ରଦେଶ ମେଡ଼ିଟେକ ଜୋନ ଲିମିଟେଡ଼ (ଏଏମଟିଜେଡ୍) ପକ୍ଷରୁ ଦିବ୍ୟାଙ୍ଗଙ୍କ ପୁନର୍ବାସନରେ କାର୍ଯ୍ୟରତ ନାରାୟଣ ସେବା ସଂସ୍ଥାନ (ଏନଏସଏସ) ମଧ୍ୟରେ ୫ ବର୍ଷିଆ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଦିବ୍ୟାଙ୍ଗମାନଙ୍କ ପାଇଁ ସ୍ୱଦେଶୀ ଓ ସୁଲଭ ମୂଲ୍ୟରେ ଉଚ୍ଚମାନର ପ୍ରୋସଥେଟିକ୍ ଓ ସହାୟକ ପ୍ରଯୁକ୍ତି ଉନ୍ନତି କରିବା ଏହି ସହଯୋଗର ପ୍ରମୁଖ ଲକ୍ଷ୍ୟ। ଉଭୟ ସଂସ୍ଥା ମିଶି ୨୦୩୦ ସୁଦ୍ଧା ଜାତୀୟ ସ୍ତରରେ ୧ ଲକ୍ଷ ଉଚ୍ଚମାନର କୃତ୍ରିମ ଅଙ୍ଗ ପ୍ରଦାନ କରିବାକୁ ଲକ୍ଷ୍ୟ ଧାରଣ କରିଛନ୍ତି। ୨୦୧୧ ଜନଗଣନା ଅନୁସାରେ ଦେଶରେ ୨.୬୮ କୋଟି ଦିବ୍ୟାଙ୍ଗ ରହିଥିବାବେଳେ, ତାଙ୍କ ମଧ୍ୟରୁ ଲକ୍ଷାଧିକ ଲୋକ ଚଳଚଳନ ସମସ୍ୟାରେ ପୀଡ଼ିତ। ଗ୍ରାମାଞ୍ଚଳରେ ବସବାସ କରୁଥିବା ଏହି ବର୍ଗ ପାଇଁ ସୁଲଭ ମୂଲ୍ୟରେ ଗୁଣାତ୍ମକ ସହାୟକ ଉପକରଣ ପହଞ୍ଚାଇବା ଏବେ ଅତ୍ୟାବଶ୍ୟକ ହୋଇପଡ଼ିଛି। ଏନଏସଏସର ନିର୍ଦ୍ଦେଶକ ପଲକ ଅଗ୍ରୱାଲ କହିଥିଲେ, ଏହି ସହଯୋଗ ଦେଶବ୍ୟାପୀ ଦିବ୍ୟାଙ୍ଗମାନଙ୍କ ସଶକ୍ତିକରଣରେ ନୂଆ ଦିଗ ଖୋଲିବ। ସ୍ୱଦେଶୀ ଉତ୍ପାଦନ ମାଧ୍ୟମରେ ଉନ୍ନତ ଓ ଦୀର୍ଘସ୍ଥାୟୀ ପ୍ରୋସଥେଟିକ୍‌କୁ ସୁଲଭ ମୂଲ୍ୟରେ ଉପଲବ୍ଧ କରାଯିବ।

# ଉଦ୍ୟମୀ ୨.୦: ଗ୍ରାମୀଣ ଓଡ଼ିଶାର ଉନ୍ନତି ପାଇଁ ସହଯୋଗ

## ଯୁବ ଉଦ୍ୟମୀଙ୍କୁ ସଶକ୍ତ କରିବାର ପ୍ରୟାସ

ଭୁବନେଶ୍ୱର, ୨୦।୨(ସମିସ): ଦକ୍ଷିଣ ଓଡ଼ିଶାର ଦୁର୍ଗମ ଆଦିବାସୀ ଗ୍ରାମଗୁଡ଼ିକରେ ଯୁବଗୋଷ୍ଠୀ କାମର ସନ୍ଧାନରେ ନିଜ ଘର ଛାଡ଼ି ଅନ୍ୟ ଅଞ୍ଚଳକୁ ଯାଉଛନ୍ତି। ଏହି ପରିସ୍ଥିତିକୁ ବଦଳାଇବା ପାଇଁ ଏକ ନୂତନ ପ୍ରୟାସ ଆରମ୍ଭ ହୋଇଛି। ଆଦିତ୍ୟ ବିର୍ଲା ଗ୍ରୁପ ଅଧୀନ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍‌ର ସହଯୋଗୀ ସଂସ୍ଥା ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ୍ ଲିମିଟେଡ୍ ବା ୟୁଏଆଇଏଲ୍‌ର ସମର୍ଥନରେ ଏବଂ ଏଣ୍ଟରପ୍ରେନରଶିପ୍ ଡିଭେଲପମେଣ୍ଟ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ବା ଇଡିଆଇଆଇ ଦ୍ୱାରା କାର୍ଯ୍ୟାନୁଷ୍ଠିତ 'ଉଦ୍ୟମୀ ୨.୦' ନାମକ ବିଶେଷ ପ୍ରକଳ୍ପ ଗ୍ରାମୀଣ ଯୁବମାନଙ୍କୁ ନିଜ ଗ୍ରାମରେ ଛୋଟ ବ୍ୟବସାୟ ଆରମ୍ଭ କରିବା ପାଇଁ ପ୍ରଶିକ୍ଷଣ ଓ ଆବଶ୍ୟକ ସହାୟତା ଯୋଗାଇ ଦେଉଛି। ଏହା ଦ୍ୱାରା ସେମାନେ ଆତ୍ମନିର୍ଭର ହେବା ସହିତ ଅନ୍ୟତ୍ର ପ୍ରବାସ କମିବାରେ ସାହାଯ୍ୟ ମିଳୁଛି। ଏହି ପ୍ରୟାସଟି ରାୟଗଡ଼ା ଜିଲ୍ଲାର କାଶୀପୁର ବ୍ଲକ ଏବଂ କଳାହାଣ୍ଡି ଜିଲ୍ଲାର ଥୁଆମୁଳ ରାମପୁର ବ୍ଲକ ରେ ୧୮୧ଟି ଗ୍ରାମ ରେ କାର୍ଯ୍ୟାନ୍ୱିତ ହେଉଛି। ଏହି ପ୍ରକଳ୍ପରେ କୃଷି ବ୍ୟତୀତ ଓ କୃଷି ସହଯୋଗୀ କ୍ଷେତ୍ରରେ ଏବଂ ଅଣକୃଷିଭିତ୍ତିକ ଉଦ୍ୟମ ଆରମ୍ଭ କରିବାକୁ ଉତ୍ସାହ ଦିଆଯାଉଛି। ବିଶେଷକରି ମହିଳାମାନେ, ଆଦିବାସୀ ସମୁଦାୟ ଏବଂ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗୋଷ୍ଠୀଙ୍କୁ ପ୍ରାଥମିକତା ଦିଆଯାଉଛି। ଏଥିରେ ବ୍ୟବସାୟ ଧାରଣା, ଉତ୍ପାଦନ ତିଆରି କରିବା ଓ କୌଶଳ ବିକାଶ ପ୍ରଶିକ୍ଷଣରୁ ଆରମ୍ଭ କରି ବ୍ୟବସାୟ ସ୍ଥାପନ, ଆଇନଗତ ନିବନ୍ଧନ, ଅର୍ଥ ସହାୟତା, ପରିଚୟ ସୃଷ୍ଟି ଏବଂ ବଜାର ସହ ଯୋଗାଯୋଗ ସ୍ଥାପନ ପର୍ଯ୍ୟନ୍ତ ସମସ୍ତ ସହାୟତା ଦିଆଯାଉଛି। ଉଦ୍ୟମୀ ୨.୦ ଅଧୀନରେ ମାଣ୍ଡିଆ ଆଧାରିତ କାଫେ ଓ ଅନଲାଇନ୍ ରାନ୍ଧଣା ସେବା କେନ୍ଦ୍ର, ଫ୍ଲାଇ ଆଶ ଇଟା ତିଆରି କାରଖାନା, କୃଷି ଉତ୍ପାଦ ପ୍ରସ୍ତୁତିକରଣ ଇଆଦି ରହିଛି।




# 'ଅନସୂୟା ମହାପାତ୍ର ସ୍ମୃତି ଲେଖିକା ପୁରସ୍କାର' ପାଇଁ ପୁସ୍ତକ ଆମନ୍ତ୍ରଣ

ଭୁବନେଶ୍ୱର, ୨୦।୨(ସମିସ): ଅନସୂୟା ମହାପାତ୍ର ସ୍ମୃତି ଲେଖିକା ପୁରସ୍କାର ନିମନ୍ତେ ଆଗ୍ରହୀ ଯୁବଲେଖିକାମାନଙ୍କ ପୁସ୍ତକ ଆମନ୍ତ୍ରଣ କରାଯାଇଛି। ଲେଖିକା କିମ୍ବା ପ୍ରକାଶକ କିମ୍ବା ପ୍ରସ୍ତାବକ ଏହି ପୁରସ୍କାର ପାଇଁ ପୁସ୍ତକ ପଠାଇପାରିବେ। ଲେଖିକାଙ୍କ ବୟସ ୩୦ରୁ ଅଧିକ ହୋଇ ନ ଥିବ ଏବଂ ସମ୍ପୃକ୍ତ ପୁସ୍ତକଟି ୨୦୨୩/ ୨୦୨୪/ ୨୦୨୫ ମସିହାରେ ପ୍ରକାଶ ପାଇଥିବ। ମନୋନୟନ ନିମନ୍ତେ ଲେଖିକାଙ୍କ ପୁସ୍ତକର ୨ଟି କପି ସହିତ ଲେଖିକାଙ୍କ ସମ୍ପୂର୍ଣ୍ଣ ଡାକ ଠିକଣା, ମୋବାଇଲ ନମ୍ବର ଏବଂ ଜନ୍ମ ତାରିଖ ପ୍ରମାଣପତ୍ର ଚଳିତ ମାସ ୨୮ ତାରିଖ ସୁଦ୍ଧା ସୂର୍ଯ୍ୟ ମିଶ୍ର, ଗାୟତ୍ରୀ ବିହାର, ସୁନ୍ଦରପଦା, ଭୁବନେଶ୍ୱର -୭୫୧୦୦୨ ଫୋନ୍ ନମ୍ବର- ୬୩୭୧୪୩୫୨୮ ଠିକଣାରେ ପହଞ୍ଚିବା ଆବଶ୍ୟକ। 'ଅନସୂୟା ମହାପାତ୍ର ସ୍ମୃତି ଲେଖିକା ପୁରସ୍କାର' ବାବଦରେ ବିଚାରକ ମଣ୍ଡଳୀ ଦ୍ୱାରା ଶ୍ରେଷ୍ଠ ବିବେଚିତ ପୁସ୍ତକର ଲେଖିକାଙ୍କୁ ଆସନ୍ତା ମାର୍ଚ୍ଚ ୧୩ ତାରିଖ ସନ୍ଧ୍ୟାରେ ଭୁବନେଶ୍ୱରରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ୨୧ ହଜାର ଟଙ୍କା ସହିତ ସମ୍ମାନିତ କରାଯିବ ବୋଲି ଆୟୋଜକ ଅନୁଷ୍ଠାନ ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ପକ୍ଷରୁ କାର୍ଯ୍ୟକାରୀ ସଭାପତି ରକ୍ଷକ ନାୟକ ସୂଚନା ଦେଇଛନ୍ତି।

# କୃଷକଙ୍କ ସହାୟତା ପାଇଁ କିସାନ ସାରଥି ୨.୦ର ଶୁଭାରମ୍ଭ

- ଓୟୁଏଟିରେ କୃଷି ବୈଜ୍ଞାନିକଙ୍କ ପାଇଁ ସ୍ୱତନ୍ତ୍ର କର୍ମଶାଳା




ଭୁବନେଶ୍ୱର, ୨୦।୨(ସମିସ): ଡିଜିଟାଲ ଜ୍ଞାନର ସଦୁପଯୋଗ ଦ୍ୱାରା କୃଷକମାନେ ସମୟୋପଯୋଗୀ ଓ ଗୁଣବତ୍ତାପୂର୍ଣ୍ଣ ପରାମର୍ଶ ପାଇପାରିବେ। ଯାହା କୃଷି ଉତ୍ପାଦନକୁ ଆହୁରି ସୁଦୃଢ଼ କରିବ ବୋଲି ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ କହିଛନ୍ତି। ଓୟୁଏଟି ଆଇସିଏଆର-ଏଟିଏଆରଆଇର ମିଳିତ ଅନୁକୂଲ୍ୟରେ ଆୟୋଜିତ କିସାନ ସାରଥି ୨.୦: କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକମାନଙ୍କୁ ସଚେତନ ଓ ଜାଗୃକତା ପାଇଁ କର୍ମଶାଳାରେ ଯୋଗ ଦେଇ କୁଳପତି ଏହା କହିଛନ୍ତି। ଏହି ଅବସରରେ ଚାଷୀଙ୍କ ହିତ ପାଇଁ ପ୍ରସ୍ତୁତ କରାଯାଇଥିବା କିସାନ ସାରଥି ୨.୦ ଶୀର୍ଷକ ଏକ ଭିଡିଓର ଓଡ଼ିଆ ରୂପାନ୍ତରଣକୁ କୁଳପତି ଉନ୍ମୋଚନ କରିଛନ୍ତି। ଏହି ଆପ ଜରିଆରେ ଚାଷୀମାନେ ନିଜ ଫୋନ ଯୋଗେ ଚାଷ ସମ୍ପର୍କିତ ସମସ୍ୟା ସିଧା ସଳଖ କୃଷି ବିଜ୍ଞାନୀମାନଙ୍କୁ ପ୍ରଶ୍ନ କରି ପାରିବେ ଓ ଉତ୍ତର ମଧ୍ୟ ପାଇପାରିବେ। ସେହିଭଳି ଆଗୁଆ ପାଣିପାଗ ଆକଳନ ମଧ୍ୟ ପାଇପାରିବେ ଓ ଏହା ସହ ସହଜ ଭାବେ ପ୍ରସ୍ତୁତ ଏହି ଆପରେ ଫଟୋ, ଭିଡ଼ିଓ ଓ ଅଡିଓ ମାଧ୍ୟମରେ ଚାଷୀ ସିଧା ସଳଖ କୃଷି ବିଶେଷଜ୍ଞଙ୍କ ସହ ଯୋଡି ହୋଇପାରିବେ। ଏଥିପାଇଁ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନେ ଚାଷୀଙ୍କୁ ସଚେତନ କରାଇବାକୁ କୁଳପତି ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ଆଇସିଏଆର ଉପମହାନିର୍ଦ୍ଦେଶକ ଡ଼. ରାଜବୀର ସିଂହ, ଆଇସିଏଆର ନୂଆଦିଲ୍ଲୀ (ଆଇସିଏଆର) ର ସହାୟକ ମହାନିର୍ଦ୍ଦେଶକ ଡ଼. ଅନିଲ ରାୟ ଯୋଗ ଦେଇଥିଲେ।

# 'ଜନଜାତି ବିଭବ', 'ସମୀକ୍ଷାୟନ' ଓ 'ଚିନ୍ତା ଓ ଚେତନା' ପାଠକାର୍ପଣ

ଭୁବନେଶ୍ୱର, ୨୦।୨(ସମିସ): ସୃଜନୀ ପରିବାର (ଚେନ୍ନାଇ) ଆନୁକୂଲ୍ୟରେ ଲୋହିଆ ଏକାଡେମୀ ସମ୍ମିଳନୀ ଗୃହରେ ପ୍ରବାସୀ ଓଡ଼ିଆଙ୍କ 'ସୃଜନୀ ସୃଜନିକା ସାରସ୍ୱତ ସମାବେଶ' ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାରସ୍ୱତ ସାଧିକା ଡ଼. ବାସନ୍ତୀ ମହାନ୍ତିଙ୍କ ପ୍ରବନ୍ଧ ସଙ୍କଳନ ତ୍ରୟ 'ଜନଜାତି ବିଭବ', 'ସମୀକ୍ଷାୟନ' ଓ 'ଚିନ୍ତା ଓ ଚେତନା' ପୁସ୍ତକ ପାଠକାର୍ପଣ କରାଯାଇଥିଲା। ଏହି ସମାବେଶରେ ଆନ୍ତର୍ଜାତିକ ମାତୃଭାଷା ପୁରସ୍କାର (ୟୁନେସ୍କୋ) ପ୍ରାପ୍ତ ପଦ୍ମଶ୍ରୀ ଡ଼କ୍ଟର ମହେନ୍ଦ୍ର କୁମାର ମିଶ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆଲୋଚନାଚକ୍ରରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (କୋରାପୁଟ) ର ପ୍ରାକ୍ତନ କୁଳପତି ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି, ପ୍ରାକ୍ତନ ଅଧ୍ୟକ୍ଷା-ଓଡ଼ିଶା ମହିଳା କମିଶନ ତଥା ସମାଜସେବୀ ଲୋପାମୁଦ୍ରା ମହାନ୍ତି, କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରାକ୍ତନ ଜିଲ୍ଲାପାଳ ଡ଼. ଧରଣୀଧର ନାଥ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଡ. ଶର୍ମିଷ୍ଠା ମହାପାତ୍ରଙ୍କ ସଂଯୋଜନା କରିଥିଲେ। ସଞ୍ଚାଳିତ ସଭା କାର୍ଯ୍ୟରେ ସୃଜନୀର ସମ୍ପାଦକ ଅଶୋକ ସାମନ୍ତ, କାର୍ଯ୍ୟକ୍ରମ ନିର୍ଦ୍ଦେଶକ ବିଘ୍ନେଶ୍ୱର ସାହୁ ଏବଂ ଗୌର ପ୍ରସାଦ ମହାପାତ୍ର ଆଦି ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହାୟତା କରିଥିଲେ।

# ଏକ ଶ୍ରମିକ, କୃଷକ ବିରୋଧୀ ବଜେଟ: ସିପିଆଇ (ଏମ୍)

ଭୁବନେଶ୍ୱର, ୨୦।୨(ସମିସ): ଓଡ଼ିଶା ବଜେଟରେ ରାଜ୍ୟର ଶ୍ରମଜୀବୀ ଏବଂ କୃଷିଜୀବୀ ଲୋକଙ୍କ ପାଇଁ ସହାୟତା ଅତି ନଗଣ୍ୟ ବୋଲି ସିପିଆଇ(ଏମ) ଓଡ଼ିଶା ରାଜ୍ୟ ସମ୍ପାଦକମଣ୍ଡଳୀ ମତ ବ୍ୟକ୍ତ କରିଛନ୍ତି। ସରକାର ଏହି ବଜେଟ୍‌କୁ 'ଗରିବମୁଖୀ'ଓ 'ସମାବେଶୀ' ବୋଲି ପ୍ରଚାର କରୁଥିଲେ ମଧ୍ୟ, ପ୍ରକୃତରେ ଏଥିରେ ଶ୍ରମିକ, କୃଷକ, ଯୁବ, ମହିଳା ଓ ପଛୁଆ ବର୍ଗର ମୂଳ ସମସ୍ୟାଗୁଡ଼ିକୁ ସମାଧାନ କରିବା ପାଇଁ କୌଣସି ପ୍ରାବଧାନ ନାହିଁ। ଏହି ବଜେଟ୍ ପୂର୍ବପରି ଏହାର କର୍ପୋରେଟ ସପକ୍ଷବାଦୀ ଓ ଲୋକ ବିରୋଧୀ ଆଭିମୁଖ୍ୟକୁ ଜାରି ରଖିଛି। ମୂଲ୍ୟବୃଦ୍ଧି ଓ ବେକାରୀ ସମସ୍ୟା ଉପରେ ପ୍ରଭାବୀ ପଦକ୍ଷେପ ନାହିଁ। ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ଓ ଯୁବମାନଙ୍କ ମଧ୍ୟରେ ବଢ଼ୁଥିବା ଉତ୍କଟ ବେକାରୀ ସମସ୍ୟାକୁ ରୋକିବା ପାଇଁ ବଜେଟ୍‌ରେ କୌଣସି ଠୋସ ପଦକ୍ଷେପ ଦେଖାଯାଉ ନାହିଁ ବୋଲି ସିପିଆଇ (ଏମ) କହିଛି। ବିଶାଳ ସଂଖ୍ୟାର ଭାଗଚାଷୀ ଓ କୃଷି ଶ୍ରମିକମାନେ ସର୍ବନିମ୍ନ ସୁବିଧା ପାଇବା ପାଇଁ କୌଣସି ଘୋଷଣା ହୋଇ ନାହିଁ। କର୍ପୋରେଟ୍-କୈନ୍ଦ୍ରିକ ବିକାଶ ମଡେଲ୍ ଜାରି ରହିଛି। ପ୍ରାକୃତିକ ସମ୍ପଦ ଓ ସରକାରୀ ସମ୍ପତ୍ତିକୁ ବଡ଼ କର୍ପୋରେଟ୍‌ଙ୍କ ହାତରେ ଟେକିଦେବା ନୀତି ବଳବତ୍ତର ରହିଛି। ସରକାରୀ ଉଦ୍ୟୋଗ ଗୁଡିକୁ ମଜବୁତ କରିବା ଉପରେ ଗୁରୁତ୍ୱ ଦିଆଯାଇନାହିଁ। ବସ୍ତି ବାସିନ୍ଦା, ଅସଂଗଠିତ ଶ୍ରମିକଙ୍କ ସାମାଜିକ ସୁରକ୍ଷା ବିସ୍ତାର, ନ୍ୟୁନତମ ମଜୁରୀ ଓ ଚାକିରି ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ବଜେଟ୍‌ରେ କୌଣସି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନାହିଁ। ବହୁ ସଂଖ୍ୟକ ଜଙ୍ଗଲ ଅଧିକାର ପଟ୍ଟା ଦାବି ଅପେକ୍ଷାରେ ଥିବା ସତ୍ତ୍ୱେ, ସେଗୁଡ଼ିକୁ ସମାଧାନ କରିବା ପାଇଁ ନିର୍ଦ୍ଦିଷ୍ଟ ଯୋଜନା ନାହିଁ ବୋଲି କହିବା ସହ ସିପିଆଇ (ଏମ୍) କିଛି ପଦକ୍ଷେପ ଦାବି କରିଛି। ସରକାରୀ ପୁଞ୍ଜି ବିନିଯୋଗ ବଢ଼ାଇ ନିଯୁକ୍ତି ଗ୍ୟାରେଣ୍ଟି ଓ ସହର ରୋଜଗାର ଯୋଜନା ଆରମ୍ଭ କରାଯାଉ। ଏମଏସପି ର ଆଇନଗତ ସୁନିଶ୍ଚିତ କରି ସାର୍ବଜନୀନ ଧାନ କ୍ରୟ କରାଯାଉ। ସରକାରୀ ସ୍ୱାସ୍ଥ୍ୟ ଓ ଶିକ୍ଷା ବ୍ୟବସ୍ଥାକୁ ମଜବୁତ କରାଯାଉ। ଜଙ୍ଗଲ ଅଧିକାର ଦାବିଗୁଡ଼ିକୁ ସମୟସୀମା ଭିତରେ ଚୁଡାନ୍ତ କରାଯାଉ। ସମସ୍ତ ଅସଂଗଠିତ ଶ୍ରମିକଙ୍କୁ ସାମାଜିକ ସୁରକ୍ଷା ଦିଆଯାଉ। ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ନିୟନ୍ତ୍ରଣ ପାଇଁ ବିଶେଷ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ସିପିଆଇ (ଏମ୍) ଦାବି କରିଛି।

# ହର୍ବାଲ ହୋଲି ଖେଳ ପାଇଁ ପ୍ରସ୍ତୁତି ପର୍ବ



ଭୁବନେଶ୍ୱର, ୨୦।୨(ସମିସ): ସବୁ ବର୍ଷ ପରି ଏଥର ମଧ୍ୟ ଭୁବନେଶ୍ୱରରେ ୧୫ତମ ହର୍ବାଲ ହୋଲି ପାଳନ କରିବା ହେବାକୁ ଯାଉଛି। ଲାଭିନ୍ସଉଡ୍ ଇଣ୍ଟରନ୍ୟାସନାଲ୍ ପ୍ରାଇଭେଟ୍ ଲିମିଟେଡ୍ ସହଯୋଗରେ ସ୍ୱପ୍ନା ପତି ଫାଉଣ୍ଡେସନ ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି। କେମିକାଲ୍ ମୁକ୍ତ ହୋଲି ଉତ୍ସବ ବିଷୟରେ ସଚେତନତା ପ୍ରସାର କରିବା ପାଇଁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ସେହି ପରିପ୍ରେକ୍ଷୀରେ କଳିଙ୍ଗ ରେଳ ସଂଗ୍ରହାଳୟ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ହୋଇଥିଲା। ସାମ୍ବାଦିକ ସମ୍ମିଳନୀରେ ଆୟୋଜିକା ସ୍ୱପ୍ନା ପତି, ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର, ପ୍ରିୟଙ୍କା, ଅଭିନେତା ଶୁଭାଶିଷ ଶର୍ମା, ଓଡିଶୀ ନୃତ୍ୟ ଗୁରୁ ଗୌରୀ ଶଙ୍କର ଦାସ, ପ୍ରଯୋଜକ ରାଜେଶ ମହାନ୍ତି, ରାକେଶ ମହାନ୍ତି, ସତ୍ୟଜିତ ମହାନ୍ତି, ହାସ୍ୟ ଅଭିନେତା ଡ. ଋଷି ପଟ୍ଟନାୟକ, ମିଡ଼ିଆ ପ୍ଲାନର କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ହର୍ବାଲ ହୋଲି ୨୦୧୧ ମସିହାରେ 'କେମିକାଲ୍ ରଙ୍ଗରୁ ଆପଣଙ୍କ ଚର୍ମକୁ ରକ୍ଷା କରନ୍ତୁ' ବାର୍ତ୍ତା ସହିତ ଆରମ୍ଭ ହୋଇଥିଲା।

ଏହି କାର୍ଯ୍ୟକ୍ରମ ଆସନ୍ତା ମାର୍ଚ୍ଚ ୨ରେ ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ହେବ। ଅଂଶଗ୍ରହଣକାରୀମାନେ ହଳଦୀ, ଚନ୍ଦନ, ମୁଲତାନି ମାଟି, ନିମ୍ବ ଏବଂ ବିଟ୍‌ରୁଟ୍ ପରି ପ୍ରାକୃତିକ ଉପାଦାନରୁ ନିର୍ମିତ ହର୍ବାଲ ରଙ୍ଗ ବ୍ୟବହାର କରି ହୋଲି ଖେଳିବେ। ଏହି ଉତ୍ସବରେ ଶେହଜାଦ୍ ଅଲ୍ଲୀ, ଶବାବ୍ ସାବ୍ରି, ଏଜାଜ୍ ଖାନ୍ ଏବଂ ଉର୍ଫି ଜାଭେଦ୍‌ଙ୍କ ସମେତ ଲୋକପ୍ରିୟ ବଲିଉଡ ଏବଂ ଓଲିଉଡ କଳାକାରଙ୍କ ଦ୍ୱାରା ଲାଇଭ୍ ପ୍ରଦର୍ଶନ ମଧ୍ୟ ରହିବ।

# ବୋଲଗଡ଼ ବିଡିଓଙ୍କ ଅଗଣତାନ୍ତ୍ରିକ କାର୍ଯ୍ୟକୁ ନିନ୍ଦା

## ପିଡି ଡିଆରଡିଏଙ୍କୁ ବିଜେଡି ପ୍ରତିନିଧିଙ୍କ ସ୍ମାରକପତ୍ର ପ୍ରଦାନ

ଭୁବନେଶ୍ୱର/ଖୋର୍ଦ୍ଧା, ୨୦।୨ (ସମିସ): ଖୋର୍ଦ୍ଧା ଜିଲ୍ଲାର ବୋଲଗଡ଼ ବିଡିଓ ସୁମନ ସୁଧା କୁଣ୍ଡୁଙ୍କ ଦ୍ୱାରା ଅଗଣତାନ୍ତ୍ରିକ କାର୍ଯ୍ୟ ଓ ଦଳୀୟ ଭିତ୍ତିରେ ପକ୍ଷପାତ ବ୍ୟବହାର, ପ୍ରଶାସନିକ ଅନିୟମିତାକୁ ତୀବ୍ର ଭାବେ ନିନ୍ଦା କରିଛି ବିଜୁ ଜନତା ଦଳ। ବୋଲଗଡ଼ ବ୍ଲକରେ ଘଟୁଥିବା ଘଟଣାକୁ ନେଇ ଦଳ ଗଭୀର ଚିନ୍ତା ପ୍ରକାଶ କରିବା ସହ ଏହା ପଞ୍ଚାୟତସ୍ତରରେ ଲୋକତାନ୍ତ୍ରିକ କାର୍ଯ୍ୟପ୍ରଣାଳୀ ପାଇଁ କ୍ଷତିକାରକ ବୋଲି ବିଜେଡି କହିଛି।

ଗତ ୮ ଦିନ ଧରି ବିଭିନ୍ନ ରାଜନୈତିକ ଦଳର ନିର୍ବାଚିତ ପ୍ରତିନିଧିମାନେ ବ୍ଲକ କାର୍ଯ୍ୟାଳୟ ସାମ୍ନାରେ ଶାନ୍ତିପୂର୍ଣ୍ଣ ଧାରଣାରେ ବସି ସାଧାରଣ ବିକାଶମୂଳକ ସମସ୍ୟାଗୁଡ଼ିକୁ ଉଠାଇ ଆସୁଛନ୍ତି। ଏଥିରେ କଲ୍ୟାଣକାରୀ ଯୋଜନାର ରୂପାୟନରେ ବିଳମ୍ବ, ଅସମ୍ପୂର୍ଣ୍ଣ ଅବସ୍ଥାରେ ଥିବା ଅଧାଗଢ଼ା କାମ ଓ ଗ୍ରାମୀଣ ଲାଭାର୍ଥୀମାନଙ୍କ ସମସ୍ୟା ସମ୍ମିଳିତ ଅଛି। ଏହି ଆନ୍ଦୋଳନ ସମ୍ପୂର୍ଣ୍ଣ ଭାବେ ଶାନ୍ତିପୂର୍ଣ୍ଣ ଓ ଗଣତାନ୍ତ୍ରିକ ଉପାୟରେ ଚାଲିଛି। ସେହିପରି ନିର୍ବାଚିତ ପ୍ରତିନିଧିମାନଙ୍କ ସହିତ ଗଠନମୂଳକ ଆଲୋଚନା କରିବା ପରିବର୍ତ୍ତେ, ବିଡିଓ ମୁକାବିଲା ମନୋଭାବ ନେଇ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ସେହିଭଳି ଧାରଣା ସମୟରେ ନିର୍ବାଚିତ ବ୍ଲକ ଚେୟାରମ୍ୟାନଙ୍କୁ ବ୍ଲକ କାର୍ଯ୍ୟାଳୟ ପରିସରକୁ ପ୍ରବେଶ କରିବାରୁ ବଞ୍ଚିତ କରାଯାଇଥିବା ଅଭିଯୋଗ ହୋଇଛି। ସେହିଭଳି ବ୍ଲକ ପ୍ରଶାସନରେ କଥିତ ଦଳପକ୍ଷପାତୀ କାର୍ଯ୍ୟପ୍ରଣାଳୀ ନେଇ ଦଳ ଗଭୀର ଚିନ୍ତା ପ୍ରକାଶ କରିଛି। ସରକାରୀ କର୍ମଚାରୀମାନେ ରାଜନୈତିକ ନିରପେକ୍ଷତା ରକ୍ଷା କରି ନିର୍ବାଚିତ ପ୍ରତିନିଧିମାନଙ୍କ ସହ ସମନ୍ୱୟରେ ଲୋକଙ୍କ କଲ୍ୟାଣ ଓ ବିକାଶ ପାଇଁ କାମ କରିବାକୁ ବାଧ୍ୟ ବୋଲି ଦଳ ଜୋର ଦେଇଛି। ଦଳର ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ. ଲେନିନ୍ ମହାନ୍ତି, ଡ. ପ୍ରିୟବ୍ରତ ମାଝୀ, ନାରାୟଣ ଜେନା ଏବଂ ରିତାଞ୍ଜଳି ପ୍ରଧାନଙ୍କ ସମେତ ବିଜେଡି ନେତାମାନଙ୍କ ଏକ ପ୍ରତିନିଧିମଣ୍ଡଳୀ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ପିଡିଡିଆରଡିଏଙ୍କ ମାଧ୍ୟମରେ ଏକ ସ୍ମାରକପତ୍ର ପ୍ରଦାନ କରିବା ସହିତ ଏହି ବିଷୟରେ ତୁରନ୍ତ ହସ୍ତକ୍ଷେପ କରିବାକୁ ଦାବି କରିଥିଲେ। ବିଜେଡି ବିଡିଓଙ୍କ ବିରୋଧରେ ଆସିଥିବା ଅଭିଯୋଗଗୁଡ଼ିକର ସ୍ୱଚ୍ଛ ଓ ସମୟସୀମାବଦ୍ଧ ତଦନ୍ତ, କଥିତ ଭାବେ ବ୍ଲକ ଚେୟାରମ୍ୟାନଙ୍କୁ ପ୍ରବେଶ ଅନୁମତି ନମିଳିବାର ପରିସ୍ଥିତିର ଅନୁଧ୍ୟାନ ଏବଂ ପ୍ରଶାସନିକ ନିରପେକ୍ଷତା ଓ ସାଧାରଣ ଲୋକଙ୍କ ଆତ୍ମବିଶ୍ୱାସ ପୁନରୁଦ୍ଧାର ପାଇଁ ଉଚିତ ପଦକ୍ଷେପ ନେବାକୁ ଦାବି କରିଛି।



### ଜିଲ୍ଲାରେ ପାନୀୟଜଳ ସମସ୍ୟା

# ସମାଧାନ ପାଇଁ ଭଞ୍ଜସେନାର ବିକ୍ଷୋଭ




ବାରିପଦା/ରାଇରଙ୍ଗପୁର, ୨୦।୨(ସମିସ): ମୟୂରଭଞ୍ଜ ଜିଲ୍ଲାରେ ଗ୍ରୀଷ୍ମ ପ୍ରାରମ୍ଭରୁ ପିଇବା ପାଣିର ସମସ୍ୟା ଦେଖାଦେଲାଣି। ପାନୀୟଜଳ ଅଭାବକୁ ଦୃଷ୍ଟିରେ ରଖି ଯୁବ ସଂଗଠନ ଭଞ୍ଜସେନା ପକ୍ଷରୁ ଶୁକ୍ରବାର ବାରିପଦା ଓ ରାଇରଙ୍ଗପୁରରେ ପୃଥକ ଭାବେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଭଞ୍ଜସେନା ସଂଗଠନର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଆହ୍ୱାନକ୍ରମେ ବାରିପଦାରେ ଜିଲ୍ଲା ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ ୱାଟକୋ ଓ ଆରଡବ୍ଲୁଏସଏସ ଅଫିସ୍ ସମ୍ମୁଖରେ ଧାରଣା ଦିଆଯାଇଥିବାବେଳେ ରାଇରଙ୍ଗପୁରରେ ବାମନଘାଟି ଉପଖଣ୍ଡ ସଭାପତି ସୁନ୍ଦରମୋହନ ଟୁଡୁଙ୍କ ନେତୃତ୍ୱରେ ଆରଡବ୍ଲୁଏସଏସ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଂଗଠନର ଅଧ୍ୟକ୍ଷ ସଞ୍ଜୀବ ରାଉତ, ରାକେଶ ମହାନ୍ତି ପ୍ରମୁଖ ନେତାଙ୍କ ସମେତ ଶତାଧିକ କର୍ମକର୍ତ୍ତା ଏଥିରେ ଯୋଗ ଦେଇଥିଲେ। ପରେ ଜିଲ୍ଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇ ଯଥାଶୀଘ୍ର ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଶତପ୍ରତିଶତ ପାନୀୟଜଳ ଯୋଗାଣ ନିଶ୍ଚିତ କରିବାକୁ ଦାବି କରାଯାଇଛି। ଆରଡବ୍ଲୁଏସଏସ ଓ ୱାଟକୋର ଅବହେଳାକୁ ନେଇ କ୍ଷୋଭ ପ୍ରକାଶ କରି ସଂଗଠନର ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି କହିଛନ୍ତି, ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ଅଫିସ୍‌ଗୁଡ଼ିକୁ ଅଚଳ କରାଯିବ। ଉକ୍ତ ଦାବିପତ୍ରରେ ଗ୍ରୀଷ୍ମକାଳୀନ ଉତ୍ତାପ ବୃଦ୍ଧି ଓ ଜଳସ୍ତର ହ୍ରାସ ଦ୍ୱାରା ସୃଷ୍ଟି ହେଉଥିବା ସମସ୍ୟାକୁ ଉଲ୍ଲେଖ କରାଯାଇ ବିଭାଗୀୟ କାର୍ଯ୍ୟରେ ତ୍ୱରାନ୍ୱିତ ଆଣିବାକୁ ନିବେଦନ କରାଯାଇଛି।

# ନିଶା ମୁକ୍ତ ଭାରତ ପାଇଁ ସଚେତନତା



ବେତନଟୀ, ୨୦।୨(ସମିସ): ଭାରତ ସରକାରଙ୍କ ଯୁବ ଓ କ୍ରୀଡ଼ା ବିଭାଗ ସହାୟତାରେ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ବେତନଟୀ ଆନୁକୂଲ୍ୟରେ ନିଶା ମୁକ୍ତ ଭାରତ ଗଠନ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ମୟୂରଭଞ୍ଜ ଜିଲ୍ଲାର ମୁଖ୍ୟ ସଞ୍ଚାଳିକା ବିକେ ସାବିତ୍ରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇ। ମୁଖ୍ୟଅତିଥି ଭାବେ ବେତନଟୀ ଜଳସେଚନ ବିଭାଗ ଏସଡିଓ ଲକ୍ଷ୍ମଣ ମାଝୀ, ମୁଖ୍ୟବକ୍ତା ଭାବେ ବେତନଟୀ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡକ୍ଟର ରମାକାନ୍ତ ସିଂହ, ଭାରତୀୟ ରେଡକ୍ରସ ସୋସାଇଟିର ଭାଇସ ପେଟ୍ରୋନ ଡକ୍ଟର ରମାକାନ୍ତ ମହାନ୍ତ ଯୋଗଦେଇ ନିଶା ଦ୍ରବ୍ୟ ସେବନର କୁପରିମାଣ ବିଷୟରେ ସଚେତନତା ସୃଷ୍ଟି କରିଥିଲେ। ନିଶା ନିବାରଣ ଶୋଭାଯାତ୍ରା ସଦଭାବନା ଭବନରୁ ବାହାରି ହୀରାଲାଲ ହାଇସ୍କୁଲ, ଆମ୍ବଯୋଡ଼ା, ଆଗୁଆଡ଼ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ଦୁର୍ଗାପୁର ହାଇସ୍କୁଲ, ରଙ୍ଗପାଣି ସରକାରୀ ହାଇସ୍କୁଲ, ଶାଳଗାଁ ଉଚ୍ଚବିଦ୍ୟାଳୟ ପରିକ୍ରମା କରି ନିଶାଦ୍ରବ୍ୟ ସେବନର ଅପକାରିତା ବିଷୟରେ ବିଶଦ ଭାବରେ ବୁଝାଇଥିଲେ। ପାଟଳିପୁରା ଗୀତା ପାଠଶାଳାର ସଞ୍ଚାଳିକା ବିକେ ମମତାଙ୍କର ନେତୃତ୍ୱରେ ଆଡଭୋକେଟ ବିକେ ସତ୍ୟବାନ, ବିକେ ନମିତା, ବିକେ ଦିବ୍ୟ, ବିକେ ରବି, ବିକେ ଛତିଶ ପ୍ରମୁଖ ବିଭିନ୍ନ ବିଦ୍ୟାଳୟ ଓ ଗ୍ରାମକୁ ଯାଇ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ବ୍ରହ୍ମାକୁମାରିଜ ସଂଗଠନର ଜିଲ୍ଲା ସହ ସଞ୍ଚାଳିକା ବିକେ ବନିତା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ନିଶାମୁକ୍ତ ଭାରତ ପ୍ରଚାର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ବିକେ ମମତା। ଡାକ୍ତର ବିକେ କୃପାସିନ୍ଧୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବାରିପଦାରେ ସାମଲ ଅଟୋ ଇଣ୍ଡିଆର ନୂଆ ଟାଟା ଟ୍ରକ୍ ସୋ'ରୁମ୍ ଉଦ୍‌ଘାଟିତ






ବାରିପଦା, ୨୦।୨(ସମିସ): ବାରିପଦା ସହରର ମଞ୍ଚାବନ୍ଧାଠାରେ ସାମଲ ଅଟୋ ଇଣ୍ଡିଆର ଆଧୁନିକ ସୋରୁମ ଓ ସର୍ଭିସ ସେଣ୍ଟର ଶୁକ୍ରବାର ଉଦଘାଟିତ ହୋଇଛି। ଏହା ଟାଟା ଟ୍ରକ ଗ୍ରାହକଙ୍କ ପାଇଁ ଗୋଟିଏ ସ୍ଥାନରେ ବିକ୍ରି, ଅସଲି ଯନ୍ତ୍ରାଂଶ, ମେଣ୍ଟେନାନ୍ସ ଓ ସମ୍ପୂର୍ଣ୍ଣ ଆଫ୍ଟର ସେଲ୍ସ ସର୍ଭିସ ସୁବିଧା ଯୋଗାଇଦେବ। ପୂର୍ବରୁ ବାରିପଦା ଓ ଆଖପାଖ ଅଞ୍ଚଳର ଟ୍ରକ ମାଲିକଙ୍କୁ ସର୍ଭିସ ପାଇଁ କେନ୍ଦୁଝର, ବାଲେଶ୍ୱର ଆଦି ସ୍ଥାନକୁ ଯିବାକୁ ପଡୁଥିଲା। ଯଦ୍ୱାରା ଗାଡ଼ି ଅଚଳ ରହି ବ୍ୟବସାୟିକ କ୍ଷତି ହେଉଥିଲା। ଏହି ସମସ୍ୟାର ସମାଧାନ ପାଇଁ ସାମଲ ଅଟୋ ଏହି ନୂଆ ସୁବିଧା ଖୋଲିଛି। ସାମଲ ଅଟୋ ଇଣ୍ଡିଆ ପରିଚାଳନା ନିର୍ଦ୍ଦେଶକ ଗଙ୍ଗାଧର ସାମଲ କହିଛନ୍ତି, ବିକ୍ରି ପରେ ଗ୍ରାହକଙ୍କ ସହ ଦୀର୍ଘମିଆଦି ସମ୍ପର୍କ ରକ୍ଷା କରି ଉତ୍କୃଷ୍ଟ ସେବା ଦେବା ହିଁ ମୁଖ୍ୟ ଲକ୍ଷ୍ୟ। ଏଠାରେ ପ୍ରଶିକ୍ଷିତ ଇଞ୍ଜିନିୟର ଓ ଟେକ୍ନିସିଆନ ନିଯୁକ୍ତ ହୋଇଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଟାଟା ମୋଟର୍ସର ଜୋନାଲ ମ୍ୟାନେଜର ରଣବୀର ସିଂ କନୱାର, ରିଜିଓନାଲ ମ୍ୟାନେଜର ପିୟୁଷ ମିତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସାମଲ ଅଟୋର ସିଇଓ ରାଜେଶ ମହାନ୍ତି କହିଛନ୍ତି, ଏହି ସୋରୁମ ଦ୍ୱାରା ସ୍ଥାନୀୟ ଗ୍ରାହକ ସମୟ ଓ ଅର୍ଥ ସଞ୍ଚୟ କରିପାରିବେ, ବ୍ୟବସାୟରେ ନୂଆ ସମ୍ଭାବନା ସୃଷ୍ଟି ହେବ। ଏହି ନୂଆ ସୁବିଧା ମୟୂରଭଞ୍ଜ ସମେତ ଆଖପାଖ ଜିଲ୍ଲାର ଟ୍ରକ ଗ୍ରାହକଙ୍କ ପାଇଁ ବଡ଼ ସହାୟକ ହେବ।

# ଅଠରବାଙ୍କ ଗ୍ରାମରେ ପାନୀୟଜଳ ସମସ୍ୟା



ଶରତ, ୨୦।୨(ସମିସ): ଦୁଃଖପୂର୍ଣ୍ଣ ଜୀବନ ଅତିବାହିତ କରୁଛନ୍ତି ଅଠରବାଙ୍କ ଗ୍ରାମର ବାସିନ୍ଦା। ଏହି ଗ୍ରାମରେ ବାସ କରନ୍ତି ୧୦ରୁ ଊର୍ଦ୍ଧ୍ୱ ଜନଜାତି ପରିବାର। ଏହି ଗ୍ରାମରେ ଆଜି ପର୍ଯ୍ୟନ୍ତ ଗୋଟିଏ ବି ନଳକୂପ ଖୋଳା ଯାଇପାରିନାହିଁ। ଏହି ଗ୍ରାମ କପ୍ତିପଦା ବ୍ଲକ ଅନ୍ତର୍ଗତ ମଝିଗୋଡିଆ ପଞ୍ଚାୟତର ଭେଜେଡିହା ରାଜସ୍ୱ ଗ୍ରାମରେ ଅବସ୍ଥିତ। ଉକ୍ତ ଗ୍ରାମରେ ପାନୀୟଜଳର କୌଣସି ବ୍ୟବସ୍ଥା ନ ଥିବାରୁ ଗ୍ରାମବାସୀ ଗ୍ରାମରେ ଥିବା ଗୋଟିଏ ପୁରୁଣା କୂଅରୁ ପାଣି ସଂଗ୍ରହ କରି ଉଭୟ ରୋଷେଇ ଓ ପାନୀୟ ଭାବେ ବ୍ୟବହାର କରନ୍ତି। ପ୍ରାକୃତିକ ପରିବେଶ ମଧ୍ୟରେ ବଢ଼ି ଆସିଥିବା ଏହି ଗ୍ରାମର ବାସିନ୍ଦା ଆଜି ବି ଶିକ୍ଷା, ସ୍ୱାସ୍ଥ୍ୟ ଓ ପାନୀୟ ଜଳ ଭଳି ମୌଳିକ ସୁବିଧାରୁ ବଞ୍ଚିତ ଅଛନ୍ତି। ପାନୀୟ ଜଳ ପାଇବା ଏମାନଙ୍କ ଭାଗ୍ୟରେ ନାହିଁ। ଗ୍ରାମରେ ନଳକୂପ ଖୋଳିବା ନିମନ୍ତେ କପ୍ତିପଦା ବ୍ଲକ ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମର ବେଲମଣି ତିୟୁ, ମମି ସିଂ, ଜିଙ୍ଗି ସିଂ ପୂର୍ତ୍ତି, ଶଙ୍କର ଡାଙ୍ଗିଲ, ସାନିକା ମୁଣ୍ଡା ପ୍ରମୁଖ ଦାବି କରିଛନ୍ତି।

# ସାରସକ୍ଷେତ୍ରରେ ବିଶ୍ୱଶାନ୍ତି ମହାଯଜ୍ଞ



ସାରସକଣା, ୨୦।୨(ସମିସ): ସାରସକ୍ଷେତ୍ର ସାରସକଣା ଶ୍ରୀଜଗନ୍ନାଥ ପୀଠର ସ୍ୱନକ୍ଷତ୍ର ଦିବସ ପାଳନ ଉପଲକ୍ଷେ ଚତୁର୍ବିଂଶତମ ବିଶ୍ୱଶାନ୍ତି ମହାଯଜ୍ଞ ଓ ନାମ ସଂକୀର୍ତ୍ତନ ଆରମ୍ଭ ହୋଇଛି। ଦେଉଳ ପୁରୋହିତ ମନୋଜ ଦାଶ, ଅକ୍ଷୟ କର ଓ ଦିବ୍ୟସୁନ୍ଦର କରଙ୍କ ତତ୍ତ୍ୱାବଧାନରେ ବେଦଜ୍ଞ ପଣ୍ଡିତ ଜନ୍ମେଜୟ ତ୍ରିପାଠୀ, ଦେବଜ୍ୟୋତି ପଣ୍ଡା, ଗଙ୍ଗାଧର ପଣ୍ଡା, ଅତନୁ କର, ଶଙ୍କର୍ଷଣ ପଣ୍ଡାଙ୍କ ଦ୍ୱାରା ଗତକାଲି ଅଙ୍କୁରାରୋପଣ ସମ୍ପନ୍ନ ହୋଇଥିଲା। ଆଜି ପୂର୍ବାହ୍ନରେ ଶତାଧିକ ଶ୍ରୀଜଗନ୍ନାଥ ଭକ୍ତ ନିକଟସ୍ଥ କୁରୁଲୀ ନଦୀରୁ କଳସରେ ପାଣି ଉତ୍ତୋଳନ କରି ଶୋଭାଯାତ୍ରାରେ ଆସି ଯଜ୍ଞ ମଣ୍ଡପରେ ପହଞ୍ଚିଥିଲେ। ପରେ ଶାସ୍ତ୍ରଜ୍ଞ ପଣ୍ଡିତ ଯଜ୍ଞକୁଣ୍ଡରେ ଯଜ୍ଞାଗ୍ନି ସ୍ଥାପନ କରି ବିଶ୍ୱଶାନ୍ତି ମହାଯଜ୍ଞର ଶୁଭାରମ୍ଭ କରିଥିଲେ। ମନ୍ଦିର ପରିଚାଳନା ଟ୍ରଷ୍ଟ ସମ୍ପାଦକ ଜଗନ୍ନାଥ ସାହୁଙ୍କ ତତ୍ତ୍ୱାବଧାନରେ କର୍ମକର୍ତ୍ତା, ସଭ୍ୟ/ସଭ୍ୟା, ସାରସକଣା ଜୟଦୁର୍ଗା ଯୁବକ ସଂଘ ସଦସ୍ୟ ଡଃ ଉପେନ୍ଦ୍ର ସାହୁ, ହିମାଂଶୁ ଶେଖର ସାହୁ, ଦୁର୍ଗାପ୍ରସାଦ ନନ୍ଦୀ, ଅନ୍ତର୍ଯ୍ୟାମୀ ସାହୁ, ପ୍ରଦୀପ ପାଳିତ, ପ୍ରଶାନ୍ତ ସାହୁ, ସୁବାସ ସାହୁ, ଅତୁଲ ଦାସ, ସୁନୀଲ ସାହୁ, ନବକିଶୋର ସେଠୀ, ପୁଲକ ସାହୁ, ସୁବ୍ରତ କୁମାର ଦତ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରୁଥିବା ବରିଷ୍ଠ ସଦସ୍ୟ ଯତୀନ ଚନ୍ଦ୍ର ସାହୁ ଓ ମନ୍ଦିର ପରିଚାଳନା ଟ୍ରଷ୍ଟ ସଭାପତି ପଦ୍ମନାଭ ସାହୁ ସୂଚନା ଦେଇଛନ୍ତି।

## ରଘୁନାଥପୁର ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ




ବାରିପଦା, ୨୦।୨(ସମିସ): ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୨୨ନଂ ୱାର୍ଡସ୍ଥ ରଘୁନାଥପୁର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ବସୁଧା' ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସୁବାସିନୀ ପାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବାରିପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବେନ୍ଦ୍ର ପ୍ରସାଦ ବଳ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତପସ୍ୱିନୀ ଦାଶ ଓ ବ୍ରଜମୋହନ ମୁର୍ମୁ, ଶିକ୍ଷକ ନେତା ପୂର୍ଣ୍ଣାନନ୍ଦ ଆଚାର୍ଯ୍ୟ, ପ୍ରଦୀପ ନାଥ, ସୁଶୀଲ ପଣ୍ଡା ଓ ଗୋପାଳ ଲେଙ୍କା ପ୍ରମୁଖ ଉପସ୍ଥିତ ରହି କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ନିମନ୍ତ୍ରିତ ଅତିଥି ଭାବେ ଶିକ୍ଷକ ସତ୍ୟ ବେହେରା, ନାରାୟଣ କିଙ୍କର ଦତ୍ତ, ଶ୍ରୀପଦ ମଞ୍ଜରୀ କର, କମଳଲୋଚନ ମହାକୁଡ଼, ପ୍ରଦୀପ ଦେ ଓ ସିଆରସିସି ବୃନ୍ଦ ଉପସ୍ଥିତ ଥିଲେ। ସଙ୍ଗୀତରେ ୱାଜିଦା ଫାତମିନ ଓ ପାର୍ବତୀ ମୁର୍ମୁ, ଚିତ୍ରାଙ୍କନରେ ଅମିତ ବେଶ୍ରା ଓ ପାର୍ବତୀ ମୁର୍ମୁ, ଗଣିତ ଦୌଡରେ ସୁରଭି ସିଂ ଓ ଆୟୁଷ କୁମାର ସିଂ, ଝୋଟି ପ୍ରତିଯୋଗିତାରେ ସୁରଭି ସିଂ ଓ କମଳ ସାହା ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିବାବେଳେ ଅନ୍ୟାନ୍ୟ ଖେଳାକୁଦ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଗୌତମ ଦାସ ମଞ୍ଚ ପରିଚାଳନା କରିଥିବାବେଳେ ବିଦ୍ୟାଳୟର ଶିକ୍ଷକ ସିଦ୍ଧେଶ୍ୱର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା ସହ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ଦେବଶୋଳରେ ଡ୍ରାଇଭରଙ୍କ ପାଇଁ ଚକ୍ଷୁ ପରୀକ୍ଷା ଶିବିର




ରାସଗୋବିନ୍ଦପୁର, ୨୦।୨(ସମିସ): ରାସଗୋବିନ୍ଦପୁର ବ୍ଲକ ଦେବଶୋଳ ଶୈବ ପୀଠରେ ମହାତ୍ମା ଗାନ୍ଧୀ ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ଡ୍ରାଇଭରଙ୍କ ମାଗଣା ଚକ୍ଷୁ ପରୀକ୍ଷା କରାଯାଇ ଚଷମା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅପଟୋମେଟ୍ରିଷ୍ଟ କିରଣ ନାଏକ, ଭାଗବତ ହରି, ଶାଖା ପରିଚାଳକ ରଞ୍ଜନ ନାୟକ ଦ୍ୱାରା ଡ୍ରାଇଭରଙ୍କ ଚକ୍ଷୁ ପରୀକ୍ଷା କରାଯାଇ ଚଷମା ପ୍ରଦାନ କରାଯାଇଥିଲା। ଏହି ଶିବିରରେ ୩୪ ଜଣ ଡ୍ରାଇଭରଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିବା ଜଣାପଡ଼ିଛି। ବହୁ ଡ୍ରାଇଭରଙ୍କ ଚକ୍ଷୁ ଜନିତ ସମସ୍ୟା ପାଇଁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିବାରୁ ଏଥିରୁ ବର୍ତ୍ତିବା ପାଇଁ ମହାତ୍ମା ଗାନ୍ଧୀ ଚକ୍ଷୁ ଚିକିତ୍ସାଳୟର ଏହି ପ୍ରୟାସ ଜାରି ରଖିଥିବା ପ୍ରୋଜେକ୍ଟ ଡାଇରେକଟର ଇଂ ପ୍ରତୀକ ପଟ୍ଟନାୟକ ପ୍ରକାଶ କରିଥିଲେ।

# ଏମ୍‌ଏଚ୍‌ଟି ଓ ଏମ୍‌ଏଚ୍‌ୟୁ କର୍ମଚାରୀଙ୍କ ନିଯୁକ୍ତି ସ୍ଥାୟୀକରଣ ଓ ଦରମା ଦାବି




ବାରିପଦା, ୨୦।୨(ସମିସ): ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନ୍‌ଏଚ୍‌ଏମ୍) ଅଧୀନରେ ମୋବାଇଲ୍ ହେଲ୍‌ଥ ଟିମ୍ (ଏମ୍‌ଏଚ୍‌ଟି) ଓ ମୋବାଇଲ୍ ହେଲ୍‌ଥ ୟୁନିଟ୍ (ଏମ୍‌ଏଚ୍‌ୟୁ)ରେ କାର୍ଯ୍ୟରତ ପାରାମେଡିକାଲ କର୍ମଚାରୀ (ଫାର୍ମାସିଷ୍ଟ, ନର୍ସିଂ ଅଫିସର ଓ ଏଏନ୍‌ଏମ୍) ସେମାନଙ୍କ ନିଯୁକ୍ତି ସ୍ଥାୟୀକରଣ ଓ ସମାନ କ୍ୟାଡରରେ ଦରମା ବୃଦ୍ଧି ପାଇଁ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. କିଶୋର କୁମାର ଆଚାର୍ଯ୍ୟଙ୍କୁ ପୃଥକ ଭାବେ ଦାବିପତ୍ର ପ୍ରଦାନ କରିଛନ୍ତି। ୧୨ରୁ ୨୦ ବର୍ଷ ଧରି ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ଯୋଗାଉଥିବା ଏହି କର୍ମଚାରୀ କୋଭିଡ୍ ମହାମାରୀ, ବନ୍ୟା ଆଦି ଜରୁରୀ ପରିସ୍ଥିତିରେ ସକ୍ରିୟ ଭୂମିକା ନିର୍ବାହ କରିଛନ୍ତି। ୨୦୧୯ର କ୍ୟାଡର ନିୟମ ଓ ଉଚ୍ଚ ନ୍ୟାୟାଳୟ ସୁପ୍ରିମ୍‌କୋର୍ଟଙ୍କ ବିଭିନ୍ନ ନିର୍ଦ୍ଦେଶ ସତ୍ତ୍ୱେ ସେମାନଙ୍କୁ ସ୍ଥାୟୀ ନିଯୁକ୍ତିରୁ ବଞ୍ଚିତ କରାଯାଇଛି। ଆୟୁଷ ଡାକ୍ତରଙ୍କ ଦରମା ବୃଦ୍ଧି ହୋଇଥିବାବେଳେ ସେମାନଙ୍କ ପ୍ରତି ଅବହେଳା କରାଯାଉଥିବା ଅଭିଯୋଗ କରିଛନ୍ତି। ଆଗାମୀ ୧୦ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନ ନେଲେ ସରକାରୀ କାର୍ଯ୍ୟରେ ଅସହଯୋଗ କରିବାକୁ ଚେତାବନୀ ଦେଇଛନ୍ତି। ଏହି ଦାବି ନ୍ୟାୟସଙ୍ଗତ ବୋଲି କର୍ମଚାରୀ କହିଛନ୍ତି। ସଂଘର ସଭାପତି ଅମରେଶ ତ୍ରିପାଠୀ ଓ ସାଧାରଣ ସମ୍ପାଦକ ରାକେଶ କୁମାର ବେହେରାଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ/ସଦସ୍ୟା କାର୍ଯ୍ୟକ୍ରମରେ ସାମିଲ ଥିଲେ।

# ଜଙ୍ଗଲ ନିଆଁ ସଚେତନତା କାର୍ଯ୍ୟକ୍ରମ

ବିଶୋଇ, ୨୦।୨ (ସମିସ): ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ରାଇରଙ୍ଗପୁର ବନଖଣ୍ଡସ୍ତରୀୟ ବନାଗ୍ନି ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ବିଶୋଇ ବନ୍ୟପ୍ରାଣୀ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଶୋଇ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ କ୍ଷୀରୋଦ ସିଂଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ ସୁବ୍ରତ ପାତ୍ର ଯୋଗଦେଇ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରି ପରିବେଶକୁ ସୁରକ୍ଷା ଦେବା ଆମ ସମସ୍ତଙ୍କର କର୍ତ୍ତବ୍ୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଏସିଏଫ ରଞ୍ଜନ ବେହେରା, ଭାରପ୍ରାପ୍ତ ଏସିଏଫ ତଥା ମଣଦା ବନାଞ୍ଚଳ ଅଧିକାରିଣୀ ଧରିତ୍ରୀ ମୁର୍ମୁ, ଖଡ଼ମବେଡ଼ା ସରପଞ୍ଚ ସୋମବାରୀ ସିଂ ପ୍ରମୁଖ ଯୋଗଦେଇ ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷା ସଚେତନତା ବାର୍ତ୍ତା ଦେଇଥିଲେ। ମାଷ୍ଟର ଟ୍ରେନର ଭାବେ ସୁବ୍ରତ ବିଶ୍ୱାଳ ଯୋଗଦେଇ ରାଇରଙ୍ଗପୁର ବନଖଣ୍ଡ ଅଧୀନ ବିଶୋଇ ବନ୍ୟପ୍ରାଣୀ, ମଣଦା, ବାଦାମପାହାଡ଼, ବହଳଦା ଓ ରାଇରଙ୍ଗପୁର ବନାଞ୍ଚଳରୁ ଆସିଥିବା ଗଜସାଥୀ, ପାରାଷ୍ଟାଫ ଓ ବନ ସୁରକ୍ଷା ସମିତି ସଦସ୍ୟଙ୍କୁ ବନାଗ୍ନିର ପ୍ରାକୃତିକ ଓ ମନୁଷ୍ୟକୃତ କାରଣ, ବନାଗ୍ନି ପ୍ରଭାବରେ ଉପୁଜୁଥିବା ମାନବିକ କ୍ଷତି, ଆର୍ଥିକ କ୍ଷତି, ପରିବେଶ କ୍ଷତି ସମ୍ବନ୍ଧରେ ବିସ୍ତୃତ ସୂଚନା ଦେଇଥିଲେ। ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା ସହିତ ବନ୍ୟଜନ୍ତୁକୁ କିପରି ସୁରକ୍ଷା କରିବା, ସେନେଇ ଭିଡିଓ ଗ୍ରାଫିଙ୍ଗ ଜରିଆରେ ତାଲିମ ପ୍ରଦାନ କରିଥିଲେ। ଶେଷରେ ଜଙ୍ଗଲକୁ ନିଜର ମାଫିଆ ଭାବି ଏହାର ସୁରକ୍ଷା ପାଇଁ କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ବନ କର୍ମଚାରୀ ଓ ଅତିଥି ଶପଥ ପାଠ ଗ୍ରହଣ କରିଥିଲେ। ଜଙ୍ଗଲରେ ନିଆଁ ଲାଗିଲେ କିପରି ବ୍ଲୋଆର ଉପକରଣ ସହାୟତାରେ ବନାଗ୍ନି ନିୟନ୍ତ୍ରଣ କରାଯିବ ସେନେଇ ମକଡ୍ରିଲ କରାଯାଇଥିଲା। ବିଶୋଇ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ କ୍ଷୀରୋଦ ସିଂ, ବହଳଦା ଓ ରାଇରଙ୍ଗପୁର ବନାଞ୍ଚଳ ଅଧିକାରୀ ଜ୍ୟାତିରଞ୍ଜନ ସେନାପତି, ବାଦାମପାହାଡ଼ ବନାଞ୍ଚଳ ଅଧିକାରୀ ଅଜିତ ମହାନ୍ତିଙ୍କ ତତ୍ତ୍ୱାବଧାନରେ ବନପାଳ ଯଶୋବନ୍ତ ମହାକୁଡ଼, ବନପାଳ ଶୋଭାଲକ୍ଷ୍ମୀ ପାତ୍ର, ବନପାଳ ଆଲୋକ ସେଠୀ, ବନପାଳ ପ୍ରଭାତ ମହାନ୍ତ, ବନପାଳ ପଙ୍କଜ ବେହେରା, ବନପାଳ ରଞ୍ଜିତା ମହାନ୍ତ, ବନପାଳ ମାନସ ମହାକୁଡ଼ଙ୍କ ସମେତ ରାଇରଙ୍ଗପୁର ବନଖଣ୍ଡର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




### ବୃଦ୍ଧାଙ୍କୁ ପଥରରେ ଛେଚି ହତ୍ୟା ଘଟଣା

# ଫେରାର ଅଭିଯୁକ୍ତ ମହାରାଷ୍ଟ୍ରରୁ ଗିରଫ

ରାଇରଙ୍ଗପୁର, ୨୦।୨(ସମିସ): ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବଣକାଟି ଗ୍ରାମରେ ବୃଦ୍ଧାଙ୍କୁ ପଥରରେ ଛେଚି ହତ୍ୟା ଘଟଣାରେ ଅଭିଯୁକ୍ତକୁ ଗିରଫ କରିବାରେ ପୁଲିସକୁ

## ପାରିବାରିକ କଳହରୁ ଭିଆଇଥିଲା ହତ୍ୟାକାଣ୍ଡ

ସଫଳତା ମିଳିଛି। ଫେରାର ଅଭିଯୁକ୍ତକୁ ମହାରାଷ୍ଟ୍ର ରାଜ୍ୟର ପୁଣେରୁ ଗିରଫ କରାଯାଇଛି। ଅଭିଯୁକ୍ତ ଜଣକ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବଣକାଟି ଗ୍ରାମରେ ଲୋକନାଥ ସି ଓରଫ ମୋଟୁ(୪୨)। ଏ ନେଇ ଏସଡିପିଓ ବୀରେନ୍ଦ୍ର କୁମାର ସେନାପତି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଚଳିତ ମାସ ୮ ତାରିଖ ବିଳମ୍ବିତ ରାତିରେ ବଣକାଟି ଗ୍ରାମର ପୂର୍ଣ୍ଣିମା ସିଂଙ୍କୁ ପଥରରେ



ଛେଚି ହତ୍ୟା କରାଯାଇଥିଲା। ପରଦିନ ସକାଳୁ ବୃଦ୍ଧାଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଘରୁ ଉଦ୍ଧାର ହୋଇଥିଲା। ଘଟଣାସ୍ଥଳରେ ପୁଲିସ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରି ମୃତଦେହ ଉଦ୍ଧାର କରି ତଦନ୍ତ ଜାରି ରଖିଥିଲା। ହତ୍ୟାକାଣ୍ଡ ନେଇ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ ହୋଇଥିଲା। ପାରିବାରିକ କଳହକୁ କେନ୍ଦ୍ର କରି ପଥରରେ ଛେଚି ହତ୍ୟା କରି ଅଭିଯୁକ୍ତ ଫେରାର ହୋଇଯାଇଥିଲା। ହତ୍ୟାକାରୀ ପୁଣେରେ ଥିବା ଖବର ପାଇ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଏସଆଇ ଆଲୋକ ସିଂ ନେତୃତ୍ୱରେ ଏକ ଟିମ ସ୍ଥାନୀୟ ପୁଲିସ ସହାୟତାରେ ଚଢ଼ଉ କରି ସୋମନାଥକୁ ଗିରଫ କରିଥିଲେ। ହତ୍ୟାକାଣ୍ଡ ଭିଆଇଥିବା ପଥରକୁ ଜଙ୍ଗଲରେ ପୋତି ଦେଇଥିବାବେଳେ ତାହାକୁ ପୁଲିସ ଜବତ କରିଛି। ଶୁକ୍ରବାର ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧିକାରିଣୀ ବବିତାରାଣୀ ପୁହାଣଙ୍କ ସମେତ ଅନ୍ୟ ଥାନା କର୍ମଚାରୀ ଉପସ୍ଥିତ ଥିଲେ।

# କିଶୋର ମଚ୍ଛଖଣ୍ଡ କଣ୍ଟାବାଞ୍ଜି ବିଜେଡି ନଗର ସଭାପତି

**କଣ୍ଟାବାଞ୍ଜି, ୨୦।୨(ସମିସ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ପାଇଁ ବିଜୁ ଜନତା ଦଳର ପଦାଧିକାରୀ ଘୋଷଣା କରାଯାଇଛି। ବିଜୁ ଜନତା ଦଳ ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ଏହି ଘୋଷଣା କରିଛନ୍ତି। କଣ୍ଟାବାଞ୍ଜି ବିଜ୍ଞାପିତ ଅଞ୍ଚଳ ପରିଷଦର ବିଜୁ ଜନତା ଦଳ ସଭାପତି ଭାବେ ଦକ୍ଷ ଯୁବନେତା କିଶୋର ମଚ୍ଛଖଣ୍ଡଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଶ୍ରୀ ମଚ୍ଛଖଣ୍ଡ



ଛାତ୍ର ଜୀବନରୁ ରାଜନୀତିରେ ପାଦ ଦେଇ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସଫଳ ହୋଇଛନ୍ତି। ଦୀର୍ଘ ଦିନ ବର୍ଷ ଧରି ସେ ବିଜୁ ଜନତା ଦଳରେ ସକ୍ରିୟ ରହିଛନ୍ତି। ପୂର୍ବରୁ ସେ ଦୁଇ ଥର ବିଜୁ ଯୁବ ଜନତା ଦଳର କଣ୍ଟାବାଞ୍ଜି ନଗର ସଭାପତି ଦାୟିତ୍ୱ ତୁଲାଇଥିଲେ। ୨୦୧୩ ମସିହାରୁ ୨୦୧୮ ମସିହା ପର୍ଯ୍ୟନ୍ତ କଣ୍ଟାବାଞ୍ଜି ବିଜ୍ଞାପିତ ଅଞ୍ଚଳ ପରିଷଦ ଉପ ନଗରପାଳ ଭାବେ ମଧ୍ୟ ଦାୟିତ୍ୱ ତୁଲାଇଛନ୍ତି। ତାଙ୍କ ସମୟରେ କଣ୍ଟାବାଞ୍ଜି ବିଜ୍ଞାପିତ ଅଞ୍ଚଳ ପରିଷଦର ଅନେକ ବିକାଶମୂଳକ କାର୍ଯ୍ୟ ହୋଇଛି; ଏହାଫଳରେ ସେ ଲୋକଙ୍କ ସେ ପ୍ରିୟପାତ୍ର ହୋଇପାରିଥିଲେ। ତେବେ ତାଙ୍କୁ ନଗର ସଭାପତି ଭାବେ ଘୋଷଣା କରିବା ପରେ ସେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ବିଜୁ ଜନତା ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକ, ବିଜୁ ଜନତା ଦଳର ରାଜ୍ୟ ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର, ପୂର୍ବତନ ବିଧାୟକ ତଥା ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ (ସଂଖ୍ୟା ଲଘୁ) ହାଜି ମହମ୍ମଦ ଆୟୁବ ଖାନ, ବିଜୁ ଜନତା ଦଳର ଜିଲ୍ଲା ସଭାପତି ସରୋଜ ମେହେରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଆଗାମୀ ଦିନରେ କଣ୍ଟାବାଞ୍ଜି ବିଜ୍ଞାପିତ ଅଞ୍ଚଳ ପରିଷଦରେ ଦଳର ସଂଗଠନ ତୃଣମୂଳ ସ୍ତରରେ ସୁଦୃଢ଼ ହେବ। ସେ ଦିଗରେ ସେ କାମ କରିବେ ବୋଲି ପ୍ରକାଶ କରିଛନ୍ତି।

# ଭୋକ ଆଗରେ ଭବିଷ୍ୟତ ତୁଚ୍ଛ

**ମାଟ୍ରିକ୍ ପରୀକ୍ଷା ଦେଲେନି ବହୁ ଛାତ୍ରଛାତ୍ରୀ**

**ତଥ୍ୟ ଲୁଚାଇବାକୁ ଶିକ୍ଷା ବିଭାଗର ଉଦ୍ୟମ**

**ବେଲପଡ଼ା ବ୍ଲକରେ ସର୍ବାଧିକ ୯୯ ଅନୁପସ୍ଥିତ**

**ତୁରେକେଲା, ଖପ୍ରାଖୋଲ, ମୁରିବାହାଲରେ ବି ସମାନ ଚିତ୍ର**

**ବଲାଙ୍ଗିର, ୨୦।୨(ସମିସ)**

ବଲାଙ୍ଗିର ଜିଲ୍ଲା ଶିକ୍ଷା ବିଭାଗ ଦାଦନ ଗଡ଼ର ମାଟ୍ରିକ ପରୀକ୍ଷାର୍ଥୀଙ୍କୁ ଅଟକାଇ ପାରିଲାନି। ପେଟ ଆଗରେ ଶିକ୍ଷା ସେମାନଙ୍କ ପାଇଁ ତୁଚ୍ଛ ହୋଇଛି। ଚଳିତ ମାଟ୍ରିକ ପରୀକ୍ଷାର ପ୍ରଥମ ଦିନରୁ ହିଁ ଏହା ସ୍ପଷ୍ଟ ହୋଇଛି। ଶିକ୍ଷା ବିଭାଗ ଯେତେ ଲୁଚାଇଲେ ବି ଲୁଚାଇ ପାରିଲାନି ଅସଲ ଚିତ୍ର। ଦାଦନ ପ୍ରବଣ ବ୍ଲକ ଅଞ୍ଚଳର ବହୁ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଥିବା ସତ୍ତ୍ୱେ ପରୀକ୍ଷା ଦେଇ ନାହାନ୍ତି। ତେବେ ଏହା କେବଳ ଚଳିତ ବର୍ଷର ଘଟଣା ନୁହଁ; ପ୍ରାୟ ସବୁ ବର୍ଷ ଏହିଭଳି ବହୁ ସଂଖ୍ୟାରେ ଦାଦନ ପ୍ରବଣ ବ୍ଲକର ପରୀକ୍ଷାର୍ଥୀ ପରୀକ୍ଷା ଦେଉ ନାହାନ୍ତି। ଅନ୍ୟପକ୍ଷେ ସମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ମଧ୍ୟ ରହିଛି; କିନ୍ତୁ ଫର୍ମ ପୂରଣ ସତ୍ତ୍ୱେ କାହିଁକି ପରୀକ୍ଷା ଦେବାକୁ ଆସିଲେ ନାହିଁ ତାହା ନିଶ୍ଚିତ ଭାବେ ତଦନ୍ତ ସାପେକ୍ଷ। ଫର୍ମ ପୂରଣ ସମୟରେ ସେମାନେ ଉପସ୍ଥିତ ଥିଲେ ନା ଶିକ୍ଷା ବିଭାଗ ନିଜ ଚେହେରା ଠିକ୍ କରିବା ପାଇଁ ଅନୁପସ୍ଥିତିରେ ବି ଫର୍ମ ପୂରଣ କରିଥିଲା ତାହା ସବୁଠାରୁ ବଡ ପ୍ରଶ୍ନ।

ବଲାଙ୍ଗିର ଜିଲ୍ଲାରେ ଦାଦନ ସମସ୍ୟା ଯୋଗୁଁ ପ୍ରତିବର୍ଷ ଶତାଧିକ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଉ ନ ଥିବା ଅଭିଯୋଗ ହୋଇଥାଏ। ପେଟ ପାଇଁ ଛାତ୍ରଛାତ୍ରୀ ବସ୍ତାନୀ ଛାଡି ପରିବାର ସହ ବାହାର ରାଜ୍ୟକୁ କାମ କରିବା ପାଇଁ ଯାଇଥାନ୍ତି। ତେବେ ସେହିଭଳି ଛାତ୍ରଛାତ୍ରୀଙ୍କୁ ଶିକ୍ଷା ବିଭାଗ ପକ୍ଷରୁ ପାଠ ଜାରି ରଖିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥାଏ; କିନ୍ତୁ ଆଜି ଯାଏଁ ଏହାକୁ ରୋକିବାରେ ବିଫଳ ହୋଇଛି ଶିକ୍ଷା ବିଭାଗ। ଚଳିତ ବର୍ଷ ମଧ୍ୟ ସମାନ ଚିତ୍ର ସାମ୍ନାକୁ ଆସିଛି। ଅବଶ୍ୟ ଶିକ୍ଷା ବିଭାଗ ଯେଉଁ ଚିତ୍ରକୁ ଲୁଚାଇବାକୁ ଚେଷ୍ଟା କରିଥିଲା ତାହାକୁ ଲୁଚାଇ ରଖିପାରିଲାନାହିଁ। ଗୁରୁବାର ମାଟ୍ରିକ ପରୀକ୍ଷାର ପ୍ରଥମ ଦିନରେ କେତେ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି ଓ କେଉଁ ବ୍ଲକରେ କେତେ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଥିଲେ ସେନେଇ କୌଣସି ପ୍ରକାର ତଥ୍ୟ ଶିକ୍ଷା ବିଭାଗ ଦେଇ ନ ଥିଲା। ଏପରିକି ଏ ନେଇ ଚୁପ୍ ରହିବାକୁ ବ୍ଲକ ଶିକ୍ଷା ଅଧିକାରୀମାନଙ୍କୁ ମଧ୍ୟ କୁଆଡେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ କଡା ନିର୍ଦ୍ଦେଶ ଦିଆଯାଇଛି। ତଥାପି ହସ୍ତଗତ ହୋଇଥିବା ସୂଚନା ଅନୁସାରେ ବଲାଙ୍ଗିର ଜିଲ୍ଲାର ଦାଦନ ପ୍ରବଣ ବ୍ଲକଗୁଡ଼ିକରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ପରୀକ୍ଷା ଦେଇ ନାହାନ୍ତି। ଦାଦନ ପ୍ରବଣ ବ୍ଲକ ବେଲପଡ଼ା ବ୍ଲକରେ ୧୯୦୦ ପରୀକ୍ଷାର୍ଥୀ ମଧ୍ୟରୁ ୧୮୦୧ ଜଣ ପରୀକ୍ଷା ଦେଇଥିବା ବେଳେ ସର୍ବାଧିକ ୯୯ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିଲେ। ସେହିପରି ତୁରେକେଲା ବ୍ଲକରେ ୧୬୮୧ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୫୮୬ ପରୀକ୍ଷା ଦେଇଥିବା ବେଳେ ୯୫ ଜଣ ଅନୁପସ୍ଥିତ ଥିଲେ। ଖପ୍ରାଖୋଲ ବ୍ଲକରେ ୧୬୩୦ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୫୪୯ ପରୀକ୍ଷା ଦେଇଥିବା ବେଳେ ୮୧ ଜଣ ଅନୁପସ୍ଥିତ ଥିଲେ। ମୁରିବାହାଲ ବ୍ଲକରେ ୧୬୬୯ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୬୧୫ ଜଣ ପରୀକ୍ଷା ଦେଇଥିବା ବେଳେ ୫୪ ଜଣ ଅନୁପସ୍ଥିତ ଥିଲେ। ଦେଓଗାଁ ବ୍ଲକରେ ୧୨୭୫ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୨୪୧ ଜଣ ପରୀକ୍ଷା ଦେଇଥିବା ବେଳେ ୩୪ ଜଣ ଅନୁପସ୍ଥିତ ଥଲେ। ଲୋଇସିଂହା ବ୍ଲକରେ ୯୬୬ ଜଣ ମଧ୍ୟରୁ ୯୪୫ ଉପସ୍ଥିତ ଥିଲାବେଳେ ୨୧ ଜଣ ଅନୁପସ୍ଥିତ ଥିଲେ। ଆଗଲପୁର ବ୍ଲକରେ ୧୪୯୦ ଜଣ ମଧ୍ୟରୁ ୧୪୭୫ ଉପସ୍ଥିତ ଥିବାବେଳେ ୧୫ ଜଣ ଅନୁପସ୍ଥିତ ଥିଲେ। ବଲାଙ୍ଗିର ପୌରାଞ୍ଚଳରେ ୧୦୫୦ ଜଣ ମଧ୍ୟରୁ ୧୦୩୯ ଜଣ ଉପସ୍ଥିତ ଥିବାବେଳେ ୧୧ ଜଣ ଅନୁପସ୍ଥିତ ଥିଲେ। ବଲାଙ୍ଗିର ସଦର ବ୍ଲକରେ ୧୩୦୯ ଜଣଙ୍କ ମଧ୍ୟରୁ ୧୨୮୧ ଜଣ ଉପସ୍ଥିତ ଥିବାବେଳେ ୨୮ ଜଣ ଅନୁପସ୍ଥିତ ରହିଥିଲେ। ଟିଟିଲାଗଡ଼ ବ୍ଲକରେ ୨୨୦୦ ପରୀକ୍ଷାର୍ଥୀ ମଧ୍ୟରୁ ୨୧୩୮ ଜଣ ପରୀକ୍ଷା ଦେଇଥିବା ବେଳେ ୬୨ ଜଣ ଅନୁପସ୍ଥିତ ରହିଥିଲେ। ପାଟଣାଗଡ଼ ବ୍ଲକରେ ୨୩୯୨ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୩୧୭ ଜଣ ପରୀକ୍ଷା ଦେଇଥିବା ବେଳେ ୭୫ ଜଣ ଅନୁପସ୍ଥିତ ଥିଲେ। ବଙ୍ଗୋମୁଣ୍ଡା ବ୍ଲକରେ ୧୩୦୯ ଜଣ ପରୀକ୍ଷାର୍ଥୀ ମଧ୍ୟରୁ ୧୨୫୨ ଜଣ ପରୀକ୍ଷା ଦେଇଥିବା ବେଳେ ୫୭ ଜଣ ଅନୁପସ୍ଥିତ ରହିଥିଲେ।

ଏ ନେଇ ବ୍ଲକ ଶିକ୍ଷା ଅଧିକାରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପଚାରିଲେ କୌଣସି ଉତ୍ତର ରଖୁନଥିବା ବେଳେ ଅନୁପସ୍ଥିତ ଥିବା ପରିକ୍ଷାର୍ଥୀଙ୍କ ସୂଚନାକୁ ଲୁଚାଇ ରଖିବାକୁ ଉଦ୍ୟମ କରାଯାଇଥିଲା। କିନ୍ତୁ କାହିଁକି ବୋଲି ପ୍ରଶ୍ନ ଉଠିଛି। ଯଦି ସୂଚନା ବାହାରକୁ ଆସେ ତେବେ ଦାଦନଗଡ଼ର ଶିକ୍ଷା ବ୍ୟବସ୍ଥା ଉପରେ ବଡ ପ୍ରଶ୍ନବାଚୀ ସୃଷ୍ଟି ହେବ ବୋଲି ହୁଏତ ଶିକ୍ଷା ବିଭାଗ ତଥା ଅଧିକାରୀଙ୍କ ମଧ୍ୟରେ ଭୟ ରହିଛି। ନା ନିଜ ଛବି ଠିକ୍ ରଖିବା ପାଇଁ ଫର୍ମ ପୂରଣ ସମୟରେ କିଛି ମିଥ୍ୟା ସୂଚନା ପ୍ରଦାନ କରାଯାଇଥିଲା; ଯାହାକୁ ଲୁଚାଇବାକୁ ଅନୁପସ୍ଥିତ ପରୀକ୍ଷାର୍ଥୀଙ୍କ ରିପୋର୍ଟକୁ ସାମ୍ନାକୁ ଆଣିବାକୁ ଶିକ୍ଷା ବିଭାଗ ଭୟ କରୁଛି ତାହା ମଧ୍ୟ ଆଉ ଏକ ପ୍ରଶ୍ନ। ଏବେ ବିଧାନସଭା ଚାଲିଥିବାରୁ ବିରୋଧୀ ଦଳ ପାଇଁ ସରକାରକୁ ଘେରିବା ପାଇଁ ଏହା ଅସ୍ତ୍ର ହୋଇପାରେ ଏଥିପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ଭୟ କରୁଛନ୍ତି ତାହା ମଧ୍ୟ ପ୍ରଶ୍ନ ସୃଷ୍ଟି କରିଛି। ତେବେ ଯେତେ ଲୁଚାଇଲେ ମଧ୍ୟ ଦାଦନ ପ୍ରବଣ ବ୍ଲକର ଅସଲ ଚିତ୍ର ଧରା ପଡ଼ିଛି।

# ବଙ୍ଗୀୟ ଦେହଜୀବୀଙ୍କ କବଜାରେ ବଲାଙ୍ଗିର

**ରାଜ୍ୟ ବାହାରୁ ଆସି କାରବାର ଚଳାଉଛନ୍ତି**

**ବଲାଙ୍ଗିର ସାଜିଛି ହବ୍, ଲିଙ୍କ୍‌ରେ ଅନେକ ହୋଟେଲ**

**ଟ୍ରେନରେ ଆସି ଟ୍ରେନରେ ଫେରୁଛନ୍ତି ବଙ୍ଗୀୟ ଯୁବତୀ**

**ସବୁ ଜାଣି ଅଜଣା ଅଭିନୟ କରୁଛି ପୁଲିସ ଓ ଆରପିଏଫ**

**ବଲାଙ୍ଗିର, ୨୦।୨(ସମିସ):** ବଲାଙ୍ଗିର ସହରରେ ଦିନକୁ ଦିନ ଦେହବେପାର ବଢ଼ିଚାଲିଛି। ସହରରେ ଥିବା କିଛି ନାମୀଦାମୀ ହୋଟେଲ, ଭଡାଘରେ ଏହି ବେଆଇନ କାରବାର ଚାଲିଛି। ଗ୍ରାହକଙ୍କ ଶୋଷ ମେଣ୍ଟାଉଛନ୍ତି ବଙ୍ଗୀୟ ଯୁବତୀ। କେବଳ ବଲାଙ୍ଗିର ସହର କାହିଁକି; ବଲାଙ୍ଗିର ଜିଲ୍ଲାର ବିଭିନ୍ନ ଛୋଟ ବଡ ସହରରେ ଏହି କାରବାର ଚାଲିଥିବା ଅଭିଯୋଗ ହୋଇଛି। ବିଶେଷ କରି ରେଳ ସଂଯୋଗ ଥିବା ଅଞ୍ଚଳରେ ଏହି କାରବାର ଅଧିକ ଚାଲିଛି। କଲିକତାରୁ ଯୁବତୀମାନେ ଆସି ଏହି କାରବାରରେ ନିୟୋଜିତ ରହୁଛନ୍ତି। ନିର୍ଦ୍ଦିଷ୍ଟ କିଛି ଲୋକ ଏହି କାରବାରର ଦଲାଲ ସାଜିଛନ୍ତି। କାଲି ଯେଉଁମାନେ ନିଜେ ବଙ୍ଗୀୟ ଯୁବତୀଙ୍କ ପାଖକୁ ଯାଇ ଶୋଷ ମେଣ୍ଟାଉଥିଲେ ଆଜି ସେମାନେ ଦଲାଲ ସାଜିଥିବା ଅଭିଯୋଗ ହୋଇଛି।

ବଲାଙ୍ଗିର ସହରର ସୁଦପଡ଼ାରେ ଦେହ ବେପାର ଚାଲିଥିବା ନେଇ ପୁଲିସ ଖବର ପାଇବା ପରେ ବୁଧବାର ଚଢାଉ କରିଥିଲା। ଏକ ଘରୁ ଏକାଧିକ ଯୁବତୀଙ୍କୁ ପୁଲିସ ଉଦ୍ଧାର କରିଥିଲା। ଏହି ଘଟଣାରେ ଘର ମାଲିକାଣୀ ସହ ଦଲାଲ ଓ ତିନି ଜଣ ଗ୍ରାହକଙ୍କୁ ପୁଲିସ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଥିଲା। ତେବେ ଦୀର୍ଘ ମାସ ପରେ ଦେହ କାରବାର ଉପରେ ପୁଲିସ ଚଡଉ କରିଥିବା ଜଣାପଡ଼ିଛି। କିନ୍ତୁ ଏହି କାରବାର ଗତ କିଛି ବର୍ଷ ହେଲା ବଲାଙ୍ଗିର ସହରର କିଛି ନିର୍ଦ୍ଦିଷ୍ଟ ଦାମୀ ହୋଟେଲ, ଭଡା ଘରରେ ଚାଲିଥିବା ସୂଚନା ରହିଛି। ରେଳ ଷ୍ଟେସନ ଅଞ୍ଚଳରେ ଥିବା କିଛି ଲଜରେ ମଧ୍ୟ ଏହି କାରବାର ଚାଲିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। କିଛି ବର୍ଷ ପୂର୍ବରୁ ଏହି ଅଞ୍ଚଳର ଏକ ଲଜରେ ପୁଲିସ ଚଢଉ କରି ଯୁବତୀ ଓ ଯୁବକଙ୍କୁ ଗିରଫ କରିଥିଲା। ଅବଶ୍ୟ ଏହି ମାମଲା ବିଷୟରେ ପୁଲିସ ସେହି ସମୟରେ କୌଣସି ସୂଚନା ଦେଇ ନ ଥିଲା ତଥାପି ଏହା ସାମ୍ନାକୁ ଆସିଥିଲା। ବିଶେଷ କରି ବଲାଙ୍ଗିରରେ ଏହି ବେଆଇନ ଦେହ ବ୍ୟବସାୟରେ ବଙ୍ଗୀୟ ଯୁବତୀମାନଙ୍କୁ ନିୟୋଜିତ କରାଯାଉଥିବା ସୂଚନା ରହିଛି। ହାୱଡାରୁ ସିଧାସଳଖ ବଲାଙ୍ଗିରକୁ ରେଳ ସଂଯୋଗ ଥିବାରୁ ଏହା ଦେହଜୀବୀଙ୍କୁ ସୁହାଇଛି। ସକାଳୁ ହାୱାଡରୁ ବାହାରି ଟ୍ରେନରେ ସଂଧାରେ ବଲାଙ୍ଗିରରେ ପହଞ୍ଚୁଛନ୍ତି। ପରେ ନିଜ ନିଜ ଦଲାଲଙ୍କ ସହ ବ୍ୟବସାୟରେ ଲାଗିପଡୁଛନ୍ତି। ସକାଳୁ ପୁଣି ଟ୍ରେନ ଧରି ହାୱଡା ଅଭିମୁଖେ ବାହାରିଯାଉଛନ୍ତି। ଦିନେ ଦୁଇଦିନ ରହି ନିଜ ବ୍ୟବସାୟ ଜମାଇବା ପରେ ପୁଣି ଚାଲିଯାଉଥିବାରୁ ପୁଲିସ ସେମାନଙ୍କୁ ଧରିବାରେ ବିଫଳ ହେଉଛି। ବିଭିନ୍ନ ସମୟରେ ଚଢଉ ପରେ ଉଦ୍ଧାର ହେଉଥିବା ସମ୍ପୃକ୍ତ ଦେହଜୀବୀଙ୍କୁ ଛାଡି ଦିଆଯାଉଛି। ଏଣୁ କିଛି ଦିନ ପରେ ପୁଣି ସେମାନେ ବଲାଙ୍ଗିର ଆସି ଏହି କାରବାର ଚଳାଉଥିବା ଅଭିଯୋଗ ହୋଇଛି। କେବଳ ବଲାଙ୍ଗିର ସହର କାହିଁକି; ଏହି ଟ୍ରେନରେ ଆସି ଏହି ଯୁବତୀମାନେ ଲୋଇସିଂହା, ସଇଁନ୍ତଲା, ଟିଟିଲାଗଡ଼ ଷ୍ଟେସନରେ ଓହ୍ଲାଇ ନିଜ ବ୍ୟବସାୟ ଜମାଉଥିବା ଅଭିଯୋଗ ହୋଇଛି। ତେବେ ଏହି ଯୁବତୀମାନେ ନିଜ ସମ୍ପର୍କରେ ଥିବା ଦଲାଲମାନଙ୍କ ଜରିଆରେ ବ୍ୟବସାୟ ଜମାଉଛନ୍ତି। ଏବେ ଏହି ଦଲାଲଙ୍କ ସଂଖ୍ୟା ମଧ୍ୟ କାହିଁରେ କେତେ। ଅନଲାଇନରେ ଗ୍ରାହକ ଠିକ କରି ସେମାନଙ୍କ ଅନୁସାରେ ଯୁବତୀମାନଙ୍କୁ ତାଙ୍କ ପାଖକୁ ପହଞ୍ଚାଇ ଦେଉଛନ୍ତି। ପୁଲିସ ଏହାର ଟେର ପାଉନାହିଁ। ଦଲାଲମାନଙ୍କ ସମ୍ପର୍କରେ ଥିବା କିଛି ହୋଟେଲରେ ଏହି ବ୍ୟବସାୟ ଚାଲୁଛି। ହୋଟେଲ ଗୁଡିକରେ ଚଢଉ କରିବାର କ୍ଷମତା ରହିଥିଲେ ମଧ୍ୟ ପୁଲିସ ଦକ୍ଷେପ ନେଉନି। ଏହାର ସୁଯୋଗ ନେଇ ଏହି କାରବାର ମନଇଚ୍ଛା ଚାଲିଛି।

# ନବୀନଙ୍କୁ ଭେଟିଲେ କାଉନସିଲର



**ବଲାଙ୍ଗିର, ୨୦।୨ (ସମିସ) :** ବଲାଙ୍ଗିର ପୌର ପରିଷଦର କାଉନସିଲରମାନେ ବିଜୁ ଜନତା ଦଳ ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହଦେଓଙ୍କ ଉପସ୍ଥିତିରେ ଭୁବନେଶ୍ୱର ନବୀନ ନିବାସଠାରେ ବଲାଙ୍ଗିର ପୌରାଧକ୍ଷା ଲିକା ସାହୁଙ୍କ ନେତୃତ୍ୱରେ ପୌରପରିଷଦର କାଉନସିଲରମାନେ ନବୀନଙ୍କୁ ସାକ୍ଷାତ କରିଥିଲେ। ଏହି ସାକ୍ଷାତକାର ସମୟରେ ଶ୍ରୀ ପଟ୍ଟନାୟକ ବଲାଙ୍ଗିରର ଜନସାଧାରଣଙ୍କ ସେବା ଉପରେ ଗୁରୁତ୍ୱ ଦେବାକୁ ସମସ୍ତ କାଉନସିଲରଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ଉତ୍ସାହ ଓ ଏକତା ଭାବ ନେଇ ଦଳୀୟ ସଂଗଠନକୁ ସୁଦୃଢ଼ କରିବା ସହ ଆଗକୁ ବଢ଼ିବାକୁ କହିଥିଲେ।

# ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

**କଣ୍ଟାବାଞ୍ଜି, ୨୦।୨(ସମିସ):** ବଲାଙ୍ଗୀର ଜିଲ୍ଲା ତୁରେକେଲା ଥାନା ମହୁଲବାହାଲି ଗାଁ ବୁଲାଣିରେ ଭୟଙ୍କର ଦୁର୍ଘଟଣା ଘଟିଛି। ଭାରସାମ୍ୟ ହରାଇ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜଣକର ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ବେଲପଡ଼ା ଥାନା ଡୁଙ୍ଗୁରିଗୁଡା ଗାଁର ବଳରାମ ଧରୁଆ ଓ ପ୍ରଶାନ୍ତ ଧରୁଆ ତୁରେକେଲା ଥାନା କନ୍ଦେଇ ଗାଁକୁ ଏକ ବିବାହ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଇଥିଲେ। ବାଇକ୍ ଯୋଗେ ସେମାନେ ଘରକୁ ଫେରୁଥିବା ବେଳେ ଅଘଟଣ ଘଟିଥିଲା। ମହୁଲବାହାଲି ଗାଁ ବୁଲାଣିରେ ବାଇକ୍‌ଟି ଭାରସାମ୍ୟ ହରାଇବା ଫଳରେ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇଥିଲା। ଏହାଫଳରେ ଘଟଣାସ୍ଥଳରେ ବାଇକ୍ ଚଳାକ ପ୍ରଶାନ୍ତଙ୍କ ମୃତ୍ୟୁ ଘଟିଥିଲା। ବଳରାମ ଗୁରୁତର ଅବସ୍ଥାରେ କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି।

# କଣ୍ଟାବାଞ୍ଜି ସରକାରୀ ନୋଡାଲ ସ୍କୁଲରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**କଣ୍ଟାବାଞ୍ଜି, ୨୦।୨(ସମିସ):** କଣ୍ଟାବାଞ୍ଜିସ୍ଥିତ ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆର୍‌ବିଏସକେ) ପକ୍ଷରୁ ଏକ ସ୍ୱାସ୍ଥ୍ୟ ସ୍କ୍ରିନିଂ ଓ ରକ୍ତହୀନତା ପରୀକ୍ଷା ଶିବିର ସମ୍ପନ୍ନ ହୋଇଛି। ତୁରେକେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଏମ୍.ଏଚ.ଟି-୧ ଟିମ୍ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଶିବିରରେ କଣ୍ଟାବାଞ୍ଜି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦିନେଶ ମହାନନ୍ଦ, ସହକାରୀ ଶିକ୍ଷକ ଜାନକୀ ରାମ ସାମବେଦମ୍ ଏବଂ ଶିକ୍ଷୟିତ୍ରୀ ପୂଜା ଜାଲ, ସୁନନ୍ଦା ପୁରୋହିତ, ଦୀପାଞ୍ଜଳି ଭୋଇ, କାନ୍ତିଲତା ବର୍ଗେ ଓ ମୁକ୍ତା ବେଜ୍ ପ୍ରମୁଖ ଉପସ୍ଥିତ ଥିଲେ। ଆର୍.ବି.ଏସ.କେ ଟିମ୍‌ର ଆୟୁଷ ମେଡିକାଲ ଅଫିସର ଡାକ୍ତର ଯଶୋବନ୍ତ କୁମାର ସେଠ୍ ଏବଂ ଡାକ୍ତର ପ୍ରଜ୍ଞା ପାରମିତା ପାଣିକା ପିଲାଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିବା ସହ ବିଭିନ୍ନ ରୋଗର ଲକ୍ଷଣ ଉପରେ ସ୍କ୍ରିନିଂ କରିଥିଲେ। ଫାର୍ମାସିଷ୍ଟ ତପନ ମେହେର ଔଷଧ ବଣ୍ଟନ କରିଥିବା ବେଳେ ଅଭିଷେକ କୁମାର ବୈଷୟିକ କାର୍ଯ୍ୟ ପରିଚାଳନା କରିଥିଲେ।

# ଗର୍ଜିଲେ କେନ୍ଦୁପତ୍ର କର୍ମଚାରୀ






**ଦେଓଗାଁ, ୨୦।୨(ସମିସ)**

ବଲାଙ୍ଗିର ଜିଲ୍ଲାର ବିଭିନ୍ନ ଜାଗାରେ ଶୁକ୍ରବାର କେନ୍ଦୁପତ୍ର କର୍ମଚାରୀ ସଂଘ ବିକ୍ଷୋଭ ପ୍ରଦର୍ଶନ କରି ଧାରଣା ଦେଇଛନ୍ତି। ନିଜ ସମସ୍ୟା ତଥା ଦାବି ନେଇ ସେମାନେ ଗର୍ଜିଛନ୍ତି। ଦାବି ପୂରଣ ନ ହେଲେ ଆନ୍ଦୋଳନ ତୀବ୍ର ହେବ ବୋଲି ଚେତାବନୀ ଦେଇଛନ୍ତି।

ଦେଓଗାଁ କେନ୍ଦୁପତ୍ର ଡିଭିଜନ କାର୍ଯ୍ୟାଳୟରେ

**ଦାବି ପୂରଣ ନ ହେଲେ ତୀବ୍ର ହେବ ଆନ୍ଦୋଳନ**

ଶୁକ୍ରବାର ପୂର୍ବାହ୍ନରେ ତୋଳାଳି, ବନ୍ଧେଇ ଶ୍ରମିକ, ସିଜିନାଲ କର୍ମଚାରୀ, ଆନୁସାଙ୍ଗିକ ଶ୍ରମିକମାନେ ଏକତ୍ରିତ ହୋଇ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ସଂଘ ସଭାପତି ରାଜୁ ମେହେରଙ୍କ ନେତୃତ୍ୱରେ ଶତାଧିକ କର୍ମଚାରୀ ଓ ଶ୍ରମିକମାନେ ବିଭିନ୍ନ ନାରାଦେଇ ଶୋଭାଯାତ୍ରାରେ ସ୍ଥାନୀୟ କେନ୍ଦୁପତ୍ର ଡିଭିଜନ କାର୍ଯ୍ୟାଳୟ ପରିସରକୁ ଆସି ଗଣଧାରଣା ଦେଇଥିଲେ। କାର୍ଯ୍ୟକ୍ରମରେ ସଇଁନ୍ତଲାର ପୂର୍ବତନ ହେଡ ଚେକର ରାଜକୁମାର ବିଶି, ସର୍କଲ ଚେକର ଡିଙ୍ଗର ଠାକୁର, ବରିଷ୍ଠ ନେତା ଉମାଶଙ୍କର ସିଂ, ଶୈଳେନ୍ଦ୍ର ସାହୁ, ହିତେଶ ଦଳାଇ, ମନୋଜ ବାରିକ, ବରିଷ୍ଠ କର୍ମଚାରୀ ବିଜୟ ସାହୁ ପ୍ରମୁଖ ଯୋଗଦେଇ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସରକାର ଅଣଦେଖା କରୁଥିବା ନେଇ ତୀବ୍ର ସମାଲୋଚନା କରିଥିଲେ। ତୋଳାଳିଙ୍କ କେନ୍ଦୁପତ୍ର କେରିପ୍ରତି ଦର ବୃଦ୍ଧି, ସିଜନାଲ କର୍ମଚାରୀଙ୍କ ସର୍ବନିମ୍ନ ମଜୁରୀ ବୃଦ୍ଧି, ବନ୍ଧେଇ ଶ୍ରମିକଙ୍କ ବଣ୍ଡଲ ପ୍ରତି ଦର ବୃଦ୍ଧି, କେନ୍ଦୁପତ୍ର



ଫଡି ଉଚ୍ଛେଦ ବନ୍ଦ, ଘରୋଇକରଣ ବନ୍ଦ, ପିସିସିଏଫଙ୍କ ଅଧ୍ୟକ୍ଷତାରେ ଗଠିତ ତୋଳାଳି, ସିଜିନାଲ ଓ ବନ୍ଧେଇ ଶ୍ରମିକଙ୍କ କଲ୍ୟାଣ ଟ୍ରଷ୍ଟବୋର୍ଡର ବୈଠକ, ବୋନସ ପ୍ରଦାନ ଶତକଡା ହିସାବରେ ଗତବର୍ଷଠାରୁ ଅଧିକ ବୃଦ୍ଧି କରିବା, ମୃତକଙ୍କ ପରିବାରକୁ ସହାୟତା ବାବଦକୁ ୨ଲକ୍ଷରୁ ବୃଦ୍ଧି କରି ୪ଲକ୍ଷ କରିବା, ସିଜିନାଲ କର୍ମଚାରୀ ରୋଗରେ ପଡ଼ିଲେ ଛୁଟି ମଞ୍ଜୁର କରିବା, ସିଜିନାଲ କର୍ମଚାରୀଙ୍କ ଖାଲିଥିବା ପଦବୀ ପୂରଣ କରିବା, ମୁନସୀ ଓ ଫଡିସାଥିଙ୍କ କାର୍ଯ୍ୟକାଳ ହ୍ରାସ ନ କରି ଧାର୍ଯ୍ୟ ସମୟ ଅନୁଯାୟୀ ମାସିକ ମଜୁରୀ ପ୍ରଦାନ, ଓଏଫଡିସିକୁ ପାଣ୍ଠି ଯୋଗାଇବା, ବଜେଟରେ କେନ୍ଦୁପତ୍ର ସଂସ୍ଥାର କାର୍ଯ୍ୟରତ ଶ୍ରମିକଙ୍କ ସାମାଜିକ ନିରାପତ୍ତା ସହାୟତା ପାଇଁ ୨ଶହକୋଟି ଟଙ୍କାର ବ୍ୟବସ୍ଥା କରିବା ଆଦି ଦାବି ପୂରଣ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ କେନ୍ଦୁପତ୍ର ଡିଭିଜନର ରେଞ୍ଜର ଧ୍ରୁବା ରଣାଙ୍କୁ ଏକ ଦାବିପତ୍ର ଦିଆଯାଇଛି।

**ଖପ୍ରାଖୋଲ:** ଖପ୍ରାଖୋଲ କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ରେଞ୍ଜର ଅରବିନ୍ଦ ପଣ୍ଡାଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଏହି ଧାରଣାରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ରାଜ୍ୟ ସମ୍ପାଦକ ଶିବାନନ୍ଦ ପରିଚ୍ଛା, ଖପ୍ରାଖୋଲ କେନ୍ଦୁପତ୍ର କର୍ମଚାରୀ ସଂଘର ସୁରେନ୍ଦ୍ର ବରିହା, ଗୋକୁଳ ଧରୁଆ, ଧ୍ରୁବ ଚାନ୍ଦ, ଲଳିତ ପଧାନ, ପୀତାମ୍ବର ସାହୁ, ଶେଷ ଦଣ୍ଡସେନା ପ୍ରମୁଖ କେନ୍ଦୁପତ୍ର କର୍ମଚାରୀ ଓ ତୋଳାଳି ଉପସ୍ଥିତ ଥିଲେ। ସେହି ପରି ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା କେନ୍ଦୁପତ୍ର କାର୍ଯ୍ୟାଳୟ ସମ୍ମୁଖରେ କେନ୍ଦୁପତ୍ର କର୍ମଚାରୀ ଓ ତୋଳାଳିମାନେ ଧାରଣା ଦେଇଥିଲେ। ରେଞ୍ଜର ଦୀନବନ୍ଧୁ ପଟେଲଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

**ବେଲପଡ଼ା:** ବେଲପଡ଼ାରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରେଞ୍ଜର ବ୍ରଜରାଜ ବିଶ୍ୱାଲଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଶିବାନନ୍ଦ ପରିଚ୍ଛାଙ୍କ ନେତୃତ୍ୱରେ କେନ୍ଦୁପତ୍ର କର୍ମଚାରୀ ସଂଘର ରାଜ୍ୟ ସମ୍ପାଦକ ଶିବାନନ୍ଦ ପରିଚ୍ଛା, ଗଣ୍ଡରମ ସୁନା, ଶାନ୍ତନୁ ସାହୁ, ବୃନ୍ଦାବନ ନିଆଲ, ରାଜ ଡଙ୍ଗା, ଜୀବବର୍ଦ୍ଧନ ମାଝୀ, ଶିବ ସାହୁ, ସଞ୍ଜୁ ରାମ ନାଗ, ଧନରାମ ଦୀପ, ନରୋତ୍ତମ ଭାଟି, ସର୍ଜନ ଗଡ଼ତିଆ, ଗୁପ୍ତେଶ୍ୱର ବେହେରା, ରୋହିତ ଧରୁଆ ପ୍ରମୁଖ ଉପସ୍ଥିତ ଥିଲେ।

# ଦାଦନ ସମସ୍ୟା ସମାଧାନ ପାଇଁ 'ଡାଲଖାଇ' ମଲମ

**ଟାସ୍କଫୋର୍ସ ପରେ 'ଡାଲଖାଇ'**

**ଆଶାରେ ରହିଗଲା ବିଡି କାରଖାନା**

**ଦେଓଗାଁ ଚିନିକଳ ପୁନରୁଦ୍ଧାର ଆଶା ବି ମଉଳିଲାଣି**

**ବଲାଙ୍ଗିର, ୨୦।୨(ସମିସ):** ଦାଦନ ପାଇଁ ରାଜ୍ୟ ସରକାରଙ୍କ ଡାଲଖାଇ ମଲମ। ଦାଦନ ସମସ୍ୟା ଦୂରୀକରଣ ପାଇଁ ରାଜ୍ୟ ସରକାର ଡାଲଖାଇ ନାମରେ ନୂଆ କାର୍ଯ୍ୟକ୍ରମ ଆରମ୍ଭ କରିବେ। ଶୁକ୍ରବାର ଏନେଇ ବଜେଟ ଉପସ୍ଥାପନ ବେଳେ ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ତେବେ ଏହା ବଲାଙ୍ଗିର ଜିଲ୍ଲା ପାଇଁ କେତେ ସହାୟକ ହେବ ତାହା ସବୁଠାରୁ ବଡ ପ୍ରଶ୍ନ। ଦାଦନ ସମସ୍ୟା ସମାଧାନ ପାଇଁ ରାଜ୍ୟରେ ବିଜେପି ସରକାର ଆସିବା ପରେ ଏକ ଟାସ୍କଫୋର୍ସ ଗଠନ କରାଯାଇଥିଲା। ଏହି ଦୁଇ ବର୍ଷରେ ତାହାର କିଛି ସଫଳତା ଦୃଶ୍ୟମାନ ହୋଇନି। ଏବେ ସରକାରଙ୍କ ଡାଲଖାଇ ମଲମ କେତେ ଉପକାରୀ ହେବ ତାହା ଦେଖିବା କଥା।

ଦାଦନ ପ୍ରବଣ ବଲାଙ୍ଗିର ଜିଲ୍ଲା। ଏଠି କାମ ନ ପାଇ ପେଟ ପାଟଣା ପାଇଁ ଲୋକେ ରାଜ୍ୟ ବାହାରକୁ କାମ କରିବାକୁ ଯାଇଥାନ୍ତି। ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକ ନିକଟସ୍ଥ ଆନ୍ଧ୍ର, ତାମିଲନାଡୁ, ଛତିଶଗଡ଼, କେରଳ ଯାଇ କାମ କରିଥାନ୍ତି। ଦାଦନ ଚାଲାଣ କରିବା ପାଇଁ ବଲାଙ୍ଗିର ଜିଲ୍ଲାରେ ଶହ ଶହ ଦଲାଲ ରହିଛନ୍ତି। ପ୍ରତିବର୍ଷ ବିଭିନ୍ନ ରାଜ୍ୟର ଇଟାଭାଟି ଓ ଅନ୍ୟ କମ୍ପାନୀର ଏଜେଣ୍ଟ ଓ ମାଲିକମାନେ ଆସି ମାନବ ଚାଲାଣ ପାଇଁ ଏହି ଦଲାଲଙ୍କୁ ଧରି ବଇନା ଦେଇଥାନ୍ତି। ପରେ ଶ୍ରମିକମାନେ ଘର ତାଲା ପକାଇ ରାଜ୍ୟ ବାହାରକୁ କାମ କରିବାକୁ ଯାଇଥାନ୍ତି। ଅନେକ ସମୟରେ ଏହି ଶ୍ରମିକମାନେ ବାହାର ରାଜ୍ୟରେ ନିର୍ଯାତିତ ହେବା ଘଟଣା ସାମ୍ନାକୁ ଆସିଥାଏ। ଜିଲ୍ଲାରୁ ଟଙ୍କା ରୋଜଗାର କରିବାକୁ ଯାଇଥିବା ଯୁବକଙ୍କ ମୃତଦହେ ଘରକୁ ଫେରିବାର ଦୃଶ୍ୟ ମଧ୍ୟ ଜିଲ୍ଲାରେ ଦେଖିବାକୁ ମିଳିଥାଏ। ଅନେକ ଶ୍ରମିକ ହାତ ଗୋଡ ହରାଇ ଭିନ୍ନକ୍ଷମ ହେବାର ମଧ୍ୟ ଉଦାହରଣ ରହିଛି; କିନ୍ତୁ ଦୁର୍ଭାଗ୍ୟଜନକ ବିଷୟ ହେଉଛି ଜିଲ୍ଲାରୁ କେତେ ଶ୍ରମିକ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଆନ୍ତି ତାହାର ବାସ୍ତବ ରିପୋର୍ଟ ଶ୍ରମ ବିଭାଗ ସରକାରଙ୍କୁ କେବେ ଦେଇ ନ ଥାଏ। ଏହାଫଳରେ ଶ୍ରମିକମାନେ କ୍ଷତିଗ୍ରସ୍ତ ହେବା ସହ ହଇରାଣ ହୋଇଥାନ୍ତି। ତେବେ ଏହା ଆଜି କି କାଲିର ସମସ୍ୟା ନୁହଁ। ଦୀର୍ଘବର୍ଷ ହେଲା ଏହି ସମସ୍ୟା ଲାଗି ରହିଛି। ଶିଳ୍ପବିହୀନ ତଥା ଶୁଷ୍କ ଜିଲ୍ଲା ହୋଇଥିବାରୁ କର୍ମସଂସ୍ଥାନର ବ୍ୟବସ୍ଥା ନାହିଁ। ଲୋକେ ବାଧ ହୋଇ ପରିବାର ଚଳାଇବା ପାଇଁ ଏଠି ଦାଦନ ସାଜିଥାନ୍ତି। ତେବେ ରାଜ୍ୟରେ ବିଜେପି ସରକାର ଗଠନ ହେବା ପରେ ଏହି ସମସ୍ୟା ସମାଧାନ ହେବ ବୋଲି ସରକାର ପ୍ରଥମେ କହିଥିଲେ। ଏହା ପରେ ସମାଧାନର ବାଟ ବାହାର କରିବା ପାଇଁ ରାଜ୍ୟ ସରକାର ଏକ ଟାସ୍କଫୋର୍ସ ଗଠନ କରିଥିଲେ; ଯାହାର ଅଧ୍ୟକ୍ଷ ପାଟଣାଗଡ଼ ବିଧାୟକ ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ନିଜେ ରହିଛନ୍ତି; କିନ୍ତୁ ଏହି ଦୁଇ ବର୍ଷ ଭିତରେ ଏହି ଟାସ୍କଫୋର୍ସର କାର୍ଯ୍ୟକଳାପ ଓ ନୀରବତାକୁ ନେଇ ବିରୋଧୀ ଅନେକ ସମୟରେ ପ୍ରଶ୍ନ ଉଠାଇଛନ୍ତି। ସେହିପରି ନୂତନ ସରକାର ଗଠନ ପରେ ବଲାଙ୍ଗିର ଜିଲ୍ଲା ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ ବଲାଙ୍ଗିର ଗସ୍ତରେ ଆସିଥିବା ବେଳେ ଦାଦନ ସମସ୍ୟା ସମାଧାନ ପାଇଁ ଜିଲ୍ଲାରେ ଏକ ବିଡି କାରଖାନା ପ୍ରତିଷ୍ଠା କରାଯିବ ବୋଲି କହିଥିଲେ; କିନ୍ତୁ ତାଙ୍କ ପ୍ରତିକ୍ରିୟାକୁ ୨ ବର୍ଷ ବିତିଯାଇଥିବା ବେଳେ ଏନେଇ କୌଣସି ଘୋଷଣା, ଆଲୋଚନା କିମ୍ବା ନିଷ୍ପତ୍ତି ମଧ୍ୟ ହୋଇନାହିଁ। ସେହିପରି ଦେଓଗାଁ ଚିନିକଳ ପୁନରୁଦ୍ଧାର କରିବାକୁ ସରକାର କହିଥିବା ବେଳେ କିଛି ଦିନ ଧରି ଏନେଇ ଆଲୋଚନା ଚାଲିଥିଲା; କିନ୍ତୁ ଆଜି ପର୍ଯ୍ୟନ୍ତ ସେ ନେଇ କିଛି ସ୍ପଷ୍ଟ ସୂଚନା ନାହିଁ। ଏହାରି ଭିତରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ବଜେଟ ଉପସ୍ଥାପନ ସମୟରେ ଦାଦନ ସମସ୍ୟା ବା ଡିଷ୍ଟ୍ରେସ ମାଇଗ୍ରେସନ ସମସ୍ୟା ସମାଧାନ ପାଇଁ ଡାଲଖାଇ ନାମକ ଏକ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଯାଉଥିବା କହିଛନ୍ତି। ଡାଲଖାଇ ଅର୍ଥାତ ପ୍ରତ୍ୟେକ ଲୋକଙ୍କୁ ଜୀବିକା ଅବସର, ଶିକ୍ଷା/ଜ୍ଞାନ, ସ୍ୱାସ୍ଥ୍ୟସେବା ଓ ଆବଶ୍ୟକ ଭିତ୍ତିଭୂମି ଅଧିକାର ପ୍ରଦାନ ଦିଗରେ ଏହା କାର୍ଯ୍ୟକାରୀ ହେବ। ତେବେ ରାଜ୍ୟ ସରକାରଙ୍କ ଏହି ମଲମ ବଲାଙ୍ଗିର ଜିଲ୍ଲାର ଦାଦନ ଘା'କୁ ଠିକ୍ କରିବାରେ ସହାୟକ ହେବ ନା ଘୋଷଣାରେ ହିଁ ଏହା ସୀମିତ ରହିବ ବୋଲି ଲୋକେ ପ୍ରଶ୍ନ କରିଛନ୍ତି।

# ଖଣ୍ଡାରେ ଆକ୍ରମଣ ମାମଲା ଆଉ ଜଣେ ଗିରଫ

ବ୍ରହ୍ମପୁର,୨୦ ।୨(ସମିସ): ପ୍ରହଲ୍ଲାଦନଗର ୪ର୍ଥ ଲାଇନର କେ. ଚରଣ କୁମାର ଓରଫ ଚିକିଲିଙ୍କୁ ଖଣ୍ଡାରେ ଆକ୍ରମଣ ମାମଲାରେ ବଡ଼ବଜାର ଥାନା ପୁଲିସ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେ ହେଲେ ଧାନମେରା ସାହିର ଜିତୁ ଦାସ । ପୂର୍ବରୁ ଏହି ମାମଲାରେ ଏକାଧିକ ଅଭିଯୁକ୍ତ ଗିରଫ ହୋଇସାରିଛନ୍ତି । ସୂଚନାପ୍ରକାରେ, ୨୦୨୫ ଅକ୍ଟୋବର ୨୦ ତାରିଖରେ ଚରଣ ନିଜ ସାହି ଛକରେ ବସିଥିବା ବେଳେ ଅଭିଯୁକ୍ତ ଜିତୁ ଦାସ ସମେତ ରଞ୍ଜନ ଦାସ, ଅଭିନାଶ ବେହେରା, ଅର୍ଯ୍ୟାନ ହାତୀ, କମଳ ହାତୀ, ଅଭିଜିତ ନାୟକ, କିଟୁ ନାୟକ ଓ ସୋନୁ ସାହୁ ସେଠାରେ ପହଞ୍ଚି ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଖଣ୍ଡାରେ ଆକ୍ରମଣ କରିଥିଲେ । ଆକ୍ରମଣରେ ଚରଣ ଗୁରୁତର ଆହତ ହୋଇ ତଳେ ପଡ଼ିଯିବା ପରେ ଅଭିଯୁକ୍ତ ଫେରାର ହୋଇଯାଇଥିଲେ । ଚିକିତ୍ସା ପରେ ଘଟଣାକୁ ନେଇ ଚରଣ ବଡ଼ବଜାର ଥାନାରେ ଅଭିଯୋଗ କରିଥିଲେ । ପୁଲିସ ଏସମ୍ପର୍କରେ ଏକ ମାମଲା ରୁଜୁ କରିଥିଲା ।

# ଗୋପାଳପୁରରେ ନୂତନ ଥାନା ଅଧିକାରୀ



ବ୍ରହ୍ମପୁର,୨୦।୨(ସମିସ): ଗୋପାଳପୁର ଥାନାରେ ଆଜି ନୂତନ ଥାନା ଅଧିକାରୀ ଭାବେ ସତ୍ୟ ରଞ୍ଜନ ଲେଙ୍କା ଦାୟିତ୍ୱ ଗ୍ରହଣ କରିଛନ୍ତି । ଶ୍ରୀ ଲେଙ୍କା ପୂର୍ବରୁ ବ୍ରହ୍ମପୁର ପୁଲିସ ମୁଖ୍ୟାଳୟରେ ଥିଲେ । ଆଜି ଦାୟିତ୍ୱ ନେବା ପରେ ସମସ୍ତ କର୍ମଚାରୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିବା ସହ ସାହାଯ୍ୟ ଓ ସହଯୋଗ କାମନା କରିଛନ୍ତି । ପୂର୍ବରୁ ଦାୟିତ୍ୱରେ ଥିବା ପ୍ରଶାନ୍ତ କୁମାର ମଲ୍ଲିକଙ୍କୁ ମହିଳା ବିରୋଧୀ ଅପରାଧ ପାଇଁ ତଦନ୍ତକାରୀ ୟୁନିଟ୍ (ଆଇୟୁସିଏଡବ୍ଲ୍ୟୁ) ରେ ନିଯୁକ୍ତି ଦିଆଯାଇଛି । ଗୋପାଳପୁର ଏକ ପର୍ଯ୍ୟଟନସ୍ଥଳି ହୋଇଥିବାରୁ ଗୋପାଳପୁରକୁ ଦେଶ ବିଦେଶରୁ ଆସୁଥିବା ପର୍ଯ୍ୟଟକଙ୍କୁ ସୁରକ୍ଷା ଦେବା ସହ ଅଂଚଳରେ ଶାନ୍ତି ଶୃଙ୍ଖଳା ଉପରେ ଗୁରୁତ୍ୱ ଦେବେ ବୋଲି ଶ୍ରୀ ଲେଙ୍କା କହିଛନ୍ତି । ଦାୟିତ୍ୱ ଗ୍ରହଣ ପରେ ଥାନା ସମସ୍ତ କର୍ମଚାରୀ ଶୁଭେଚ୍ଛା ଜଣାଇଛନ୍ତି ।

# ଦୋକାନ ତାଲା ଭାଙ୍ଗି ଚୋରି: ଫେରାର୍ ଅଭିଯୁକ୍ତ ଗିରଫ




ବ୍ରହ୍ମପୁର,୨୦ ।୨(ସମିସ): ଦୋକାନ ତାଲା ଭାଙ୍ଗି ଟଙ୍କା ସମେତ ଅନ୍ୟାନ୍ୟ ସାମଗ୍ରୀ ଚୋରି ମାମଲାରେ ସମ୍ପୃକ୍ତ ରହି ଫେରାର ଥିବା ଅଭିଯୁକ୍ତକୁ ଟାଉନ ଥାନା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଯୁବକ ଜଣକ ହେଲେ ଖାଜାସାହିର ଏସ୍ କେ ଆସିଫ୍ ଓରଫ ପଠାନ୍(୨୧) । ଅଭିଯୁକ୍ତଙ୍କ ଠାରୁ ବିଭିନ୍ନ ବ୍ରାଣ୍ଡର ୮୯ ସିଗାରେଟ୍ ପ୍ୟାକେଟ୍, ୫ ବିସ୍କୁଟ ପ୍ୟାକେଟ୍ ୨୪ ରେଡ୍‌ବୁଲ, ଗୋଟିଏ ମୋବାଇଲ, ନଗଦ ୧୪୫୦ ଟଙ୍କା ଓ ଘଟଣାରେ ବ୍ୟବହାର ହୋଇଥିବା ପଲସର ବାଇକକୁ ପୁଲିସ ଜବତ କରିଥିବା ଥାନା ଅଧିକାରୀ ରାମ ସୁବ୍ରମନ୍ୟମ୍ ପ୍ରଧାନ ସୂଚନା ଦେଇଛନ୍ତି ।

ସୂଚନାଯୋଗ୍ୟ ଯେ, ବ୍ରହ୍ମପୁର ଗାନ୍ଧୀନଗର ୫ମ ଲାଇନର ଲକ୍ଷ୍ମଣ ସାହୁଙ୍କ ଗାନ୍ଧୀନଗର ଛକରେ ଏକ ଦୋକାନ ରହିଛି । ଗତ ନଭେମ୍ବର ୩ ରାତିରେ ସେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ । ୪ ତାରିଖ ସକାଳୁ ଖୋଲିବାକୁ ଆସିଥିଲେ । ଦୋକାନର ତାଲା ଭଙ୍ଗି କେହି ଦୁର୍ବୃତ୍ତ ଥଣ୍ଡା ପାନୀୟ, ସିଗାରେଟ୍ ଏବଂ ଗୁଟଖା ସମେତ ନଗଦ ୧୨ହଜାର ଟଙ୍କା ଚୋରି କରିନେଇଥିବା ଜାଣିବାକୁ ପାଇଥିଲେ । ଏନେଇ ଲକ୍ଷ୍ମଣଙ୍କ ପୁଅ ଦଣ୍ଡପାଣି ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା । ସିସିଟିଭି ଯାଞ୍ଚ ବେଳେ ଶେଖ ସମୀର, ମହମ୍ମଦ ବଶିରୁଦ୍ଦିନ ଏବଂ ଏସକେ ଆସିଫ୍ ଆଦି ୩ ଅଭିଯୁକ୍ତଙ୍କୁ ପୁଲିସ ଚିହ୍ନଟ କରିଥିଲା । ନଭେମ୍ବର ୬ ତାରିଖରେ ଅଭିଯୁକ୍ତ ଶେଖ ସମୀର ଏବଂ ମହମ୍ମଦ ବଶିରୁଦ୍ଦିନଙ୍କୁ ଗିରଫ କରାଯାଇଥିଲା ଏବଂ ପଚରାଉଚରା ସମୟରେ ସେମାନେ ସ୍ୱୀକାର କରିଥିଲେ ଯେ, ସେମାନେ ଉଭୟେ ଏସକେ ଆସିଫଙ୍କ ସହିତ ଗାନ୍ଧୀନଗର ଛକରେ ଥିବା ପାନ ଦୋକାନରୁ ଚୋରି କରିଥିଲେ । ଚୋରି ସାମଗ୍ରୀ ଅଭିଯୁକ୍ତଙ୍କ ଠାରୁ ଉଦ୍ଧାର କରାଯାଇଛି । ଅଭିଯୁକ୍ତ ଏସ୍ କେ ଆସିଫ ଘଟଣା ପରେ ସ୍ଥାନୀୟ ଅଞ୍ଚଳରୁ ଫେରାର୍ ହୋଇଯାଇଥିଲା । ଆଜି ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ପୁଲିସ କହିଛି ।

# ମା' ହତ୍ୟାର ଏତଲା ଧରି ବୁଲୁଛି ପୁଅ

ବ୍ରହ୍ମପୁର,୨୦।୨(ସମିସ)

ଏମକେସିଜି ମେଡିକାଲର ସ୍ୱାସ୍ଥ୍ୟ ସହାୟିକା ରାଜଲକ୍ଷ୍ମୀ ସାହୁଙ୍କ ମୃତ୍ୟୁକୁ ନେଇ ସସପେନ୍ସ ଜାରି ରହିଛି । ଏଭଳି ସ୍ଥିତିରେ ମୃତକ ରାଜଲକ୍ଷ୍ମୀ ଓରଫ ପିଙ୍କିଙ୍କ ମୃତ୍ୟୁକୁ ସନ୍ଦେହ କରି ତାଙ୍କ ପୁଅଙ୍କ ଦ୍ୱାରା ଦିଆଯାଉଥିବା ଲିଖିତ ଅଭିଯୋଗକୁ ପୁଲିସ ଗ୍ରହଣ କରିନଥିବା ଅଭିଯୋଗ ହୋଇଛି । ଘଟଣା ଗତ ୧୭ତାରିଖ ବିଳମ୍ବିତ ରାତିରେ ହୋଇଥିବା ବେଳେ ପିଙ୍କିଙ୍କ ସତ୍କାର ପରେ ପୁରୀରୁ ଫେରି ତାଙ୍କ ପୁଅ ଯତୀନ ଘଟଣା ସମ୍ପର୍କରେ ଏତଲା

## ୩ ଥାନା ବୁଲିଲେଣି; କେହି ଏତଲା ନେଉନାହାନ୍ତି



ଦେବାକୁ ଚାହିଁଥିଲେ । ପ୍ରଥମେ ସେ ବ୍ରହ୍ମପୁର ଜିଆରପି, ବୈଦ୍ୟନାଥପୁର ଓ ପରେ ଗୋପାଳପୁର ଥାନାକୁ ବିଭିନ୍ନ ଥାନାର ଅଧିକାରୀଙ୍କ ପରାମର୍ଶକ୍ରମେ ଯାଇଥିଲେ । କିନ୍ତୁ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ କୌଣସି ଥାନାରେ ଏତଲା ଦାୟର ହୋଇପାରି ନ ଥିବା ଜଣାପଡ଼ିଛି । ଏତଲାକାରୀ ତଥା ମୃତ ପିଙ୍କିଙ୍କ ଦୁଇ ପୁଅ ମା'ଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରି ଏତଲା ଦାଏର କରିବାକୁ ବିଭିନ୍ନ ଥାନାକୁ ଯାଇଥିଲେ ହେଁ କେହି ତାହାକୁ ଗ୍ରହଣ କରିନଥିବା ଅଭିଯୋଗ ହୋଇଛି । ଘଟଣା ପରଠାରୁ ସନ୍ଦେହରେ ଥିବା ସମସ୍ତ ଅଭିଯୁକ୍ତ ଫେରାର ଥିବାବେଳେ ପୁଲିସ ଚୁପ ରହିବା ସନ୍ଦେହକୁ ଦୃଢ଼ୀଭୂତ କରିଛି । ସବୁଠାରୁ ନିରାଶ ହେବା ପରେ ପିଙ୍କିଙ୍କ ସନ୍ଦେହଜନକ ମୃତ୍ୟୁ ତଥା ହତ୍ୟା ସନ୍ଦେହ ଅଭିଯୋଗର ପ୍ରକୃତ ରହସ୍ୟ ଉନ୍ମୋଚନ କରିବାକୁ ହେଲେ ବ୍ରହ୍ମପୁର ପୁଲିସ ନୁହଁ ବରଂ ଏହାର ଉଚ୍ଚସ୍ତରୀୟ ତଥା ବିଚାରବିଭାଗୀୟ ତଦନ୍ତ ଜରୁରୀ ବୋଲି ମୃତ ପିଙ୍କିଙ୍କ ପରିବାରବର୍ଗ ଦାବି କରିଛନ୍ତି । ଏତଲା ରଖିବାକୁ ପୁଲିସ ଅଥବା ଜିଆର୍‌ପି କାହିଁକି ପଛଘୁଞ୍ଚା ଦେଉଛି ତାହା ତଦନ୍ତ ସାପେକ୍ଷ ।

# ଗେଟ୍‌ବଜାର ଓଭର୍‌ବ୍ରିଜ୍‌କୁ ନେଇ ଜନଶୁଣାଣି

ବ୍ରହ୍ମପୁର,୨୦ ।୨(ସମିସ): ସହରର ଗେଟ୍‌ବଜାର ଅଞ୍ଚଳରେ ପ୍ରସ୍ତାବିତ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଜାରି ରହିଥିବା ବେଳେ ଆବଶ୍ୟକ ଜମି ଅଧିଗ୍ରହଣ ନେଇ ସ୍ଥାନୀୟ କୋଠାରୀ ମନ୍ଦିର ପରିସରରେ ଏକ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ପ୍ରଶାସନ ପକ୍ଷରୁ ଆୟୋଜିତ ସଭାରେ ଆଲୋଚନା କରାଯାଇଥିଲା । ଗେଟ୍‌ବଜାର ଅଞ୍ଚଳରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ଗୁରୁତର ହେଉଛି । ଓଭରବ୍ରିଜ୍ ନିର୍ମାଣ ହେଲେ ଯାତାୟାତ ସୁବିଧା ସହ ଦୁର୍ଘଟଣା ହାର କମିବ ବୋଲି ପ୍ରଶାସନ ଆଶାବ୍ୟକ୍ତ କରିଛି । କିନ୍ତୁ ଏଥିପାଇଁ କିଛି ଜମି ଅଧିଗ୍ରହଣ ଆବଶ୍ୟକ ହେବାରୁ ପ୍ରଭାବିତ ପରିବାରମାନଙ୍କ ମଧ୍ୟରେ ଚିନ୍ତା ବଢ଼ିଛି । ସଭାରେ ଜମିମାଲିକ ଓ ବ୍ୟବସାୟୀମାନେ ନିଜ ମତାମତ ଓ ଅଭିଯୋଗ ରଖିଥିଲେ । କିଛି ବ୍ୟକ୍ତି ସେମାନଙ୍କ ଜମି ପ୍ରଦାନ କରିବାକୁ ଇଚ୍ଛୁକ ଥିଲେ । କିନ୍ତୁ ପୂର୍ବରୁ ସେମାନଙ୍କ ଅଳ୍ପ ଜମି ରହିଥିବା ବେଳେ ସେଥିମଧ୍ୟରୁ କିଛି ପରିମାଣର ଜମି ଅଧିଗ୍ରହଣ କରାଗଲେ, ଅବଶିଷ୍ଟ ଜମି ସେମାନଙ୍କ ନିମନ୍ତେ ଅଲୋଡ଼ା ହୋଇପଡ଼ୁଛି । ତେଣୁ ଏଭଳି କ୍ଷେତ୍ରରେ ବେଞ୍ଚମାର୍କ ମୂଲ୍ୟକୁ ବିଚାର ନକରି ଜମିର ୨୦ଗୁଣ ଟଙ୍କା ପ୍ରଦାନ କରିବାକୁ ଦାବି କରିଥିଲେ । ସଭାରେ ଜମି ଅଧିଗ୍ରହଣ ପ୍ରକ୍ରିୟା, କ୍ଷତିପୂରଣ ପ୍ରଦାନ ଓ ପୁନର୍ବାସ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା । ପ୍ରଭାବିତ ଲୋକମାନେ ଯଥାଯଥ କ୍ଷତିପୂରଣ ଓ ପୁନର୍ବାସ ବ୍ୟବସ୍ଥା ପାଇଁ ଦାବି କରିଥିଲେ । କେତେକ ବ୍ୟବସାୟୀ ନିଜ ବ୍ୟବସାୟ ହାନୀ ସମ୍ପର୍କରେ ମଧ୍ୟ ଚିନ୍ତା ପ୍ରକାଶ କରିଥିଲେ । ଅନ୍ୟପକ୍ଷରେ ସହରର ଉନ୍ନତି ଓ ଯାତାୟାତ ସୁବିଧା ଦୃଷ୍ଟିରୁ ଏହି ପ୍ରକଳ୍ପ ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ ସମସ୍ତ ଅଭିଯୋଗ ଓ ପ୍ରସ୍ତାବକୁ ବିଚାର କରାଯିବ ଓ ନିୟମାନୁସାରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି ।




ଜନଶୁଣାଣିରେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର ଓ କର୍ପୋରେଟର ପ୍ରଦୀପ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ । ଗେଟ୍‌ବଜାର ଛକରେ ରାସ୍ତା ଉପରେ ପୋଲ ନିର୍ମାଣ ନିମନ୍ତେ ୦.୩୯୫୦ ଏକର ଘରୋଇ ଜମି ଅଧିଗ୍ରହଣ ସମ୍ପର୍କରେ କର୍ପୋରେଟର ଆରତୀ ତନ୍ତୀ, ବ୍ରହ୍ମପୁର ତହସିଲଦାର ରାକେଶ କୁମାର ପରିଡ଼ା ଏବଂ ଓବିସିସିର ପ୍ରୋଜେକ୍ଟ ମ୍ୟାନେଜର ଆର. ଏଲ ସୁବୁଦ୍ଧି ପ୍ରମୁଖ ଜନଶୁଣାଣିରେ ଉପସ୍ଥିତ ଥିଲେ ।

# ବିକ୍ରମଙ୍କ ଏମ୍‌ଆର୍‌ଆଇ ଟେଷ୍ଟ, ଆଇସିୟୁରେ ମଳୟଙ୍କ ଚିକିତ୍ସା ଜାରି



ବ୍ରହ୍ମପୁର,୨୦ ।୨(ସମିସ) : ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ପୂର୍ବତନ ବିଧାୟକ ତଥା ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ବିକ୍ରମ ପଣ୍ଡାଙ୍କ ଏମକେସିଜି ମେଡ଼ିକାଲ ସର୍ଜରୀ ବିଭାଗରେ ଚିକିତ୍ସା ଜାରି ରହିଛି । ବିକ୍ରମଙ୍କ ଅଣ୍ଟାରେ ଭୀଷଣ ଯନ୍ତ୍ରଣା ହେବାରୁ ଡାକ୍ତରଙ୍କ ପରାମର୍ଶରେ ଶୁକ୍ରବାର ଏମ୍‌ଆରଆଇ କରାଯାଇଛି । କଡ଼ା ସୁରକ୍ଷାରେ ବିକ୍ରମ ପଣ୍ଡାଙ୍କୁ ପିଏମ୍‌ଏସ୍‌ଏମ୍‌ୱାଇ କୋଠାକୁ ଅଣାଯାଇ ଏମ୍‌ଆରଆଇ କରାଯାଇଥିଲା । ରିପୋର୍ଟ ଆଧାରରେ ତାଙ୍କର ଚିକିତ୍ସା କରାଯିବ ବୋଲି ଡ଼ାକ୍ତର କହିଛନ୍ତି । ସେହିପରି ତାଙ୍କ ଗଲବ୍ଲାଡର ଷ୍ଟୋନ୍ ଅପରେସନ ପାଇଁ ରକ୍ତର ବିଭିନ୍ନ ପରୀକ୍ଷା କରାଯାଇଛି । ଅନ୍ୟପକ୍ଷରେ ଅନ୍ୟତମ ଅଭିଯୁକ୍ତ ତଥା କର୍ପୋରେଟର ମଳୟ ବିଶୋୟୀଙ୍କ ମେଡ଼ିକାଲ ସେଣ୍ଟ୍ରାଲ ଆଇସିୟୁରେ ଚିକିତ୍ସା ଜାରୀ ରହିଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ରହିଛି । ମଳୟ ଛାତିରେ ଅସହ୍ୟ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ତୁରନ୍ତ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା । ଡାକ୍ତରଙ୍କ ପରାମର୍ଶ କ୍ରମେ ତାଙ୍କର ଗୁରୁବାର ଇକୋ ପରୀକ୍ଷା କରାଯାଇଥିଲା । ଶୁକ୍ରବାର ସର୍ଜରୀ ଓ ଅସ୍ଥିଶଲ୍ୟ ବିଭାଗର ଡ଼ାକ୍ତର ଆଇସିୟୁରେ ପହଞ୍ଚି ତାଙ୍କର ଚିକିତ୍ସା କରିଛନ୍ତି । ମଳୟଙ୍କ ଛାତିରେ ଇନ୍‌ଫେକ୍ସନ ଥିବାରୁ ସେ ଯନ୍ତ୍ରଣା ଅନୁଭବ କରୁଛନ୍ତି । ଏହାସହ ରକ୍ତ ସର୍କରା ବା ମଧୁମେହ ରୋଗରେ ସେ ପୀଡ଼ିତ ଥିବାବେଳେ ତାଙ୍କ ଗୋଡରେ ଥିବା ଘା' ଶୁଖିବାରେ ସମସ୍ୟା ହୋଇ ଗଭୀର କ୍ଷତ ହୋଇଛି । ଏଭଳି ଏକାଧିକ ରୋଗରେ ପୀଡ଼ିତ ଥିବା ମଳୟଙ୍କ ଆଇସିୟୁରେ ଚିକିତ୍ସା ଜାରି ରହିଥିବା ଏମ୍‌କେସିଜି ଅଧୀକ୍ଷକ ପ୍ରଫେସର ଡ଼ା. ଦୁର୍ଗାମାଧବ ଶତପଥି ସୂଚନା ଦେଇଛନ୍ତି ।

# କାହ୍ନା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସାମୂହିକ ବିବାହ





ବ୍ରହ୍ମପୁର,୨୦ ।୨(ସମିସ)

ସ୍ଥାନୀୟ ଗୀତା ଭବନ ପରିସରରେ କାହ୍ନା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଶୁକ୍ରବାର ସାମୂହିକ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଟ୍ରଷ୍ଟର ସଭାନେତ୍ରୀ ରଞ୍ଜନା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ସମ୍ମାନିତ ଅତିଥି ଭାବେ ମେୟର ସଂଘମିତ୍ର ଦଳେଇ, ପୂର୍ବତନ ବ୍ରହ୍ମପୁର ବିଧାୟକ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉଁଟନାୟକ ଓ ସମାଜସେବୀ ସୁଶାନ୍ତ ସାବତ ଯୋଗ ଦେଇଥିଲେ । ଏଥିରେ ୧୫ ଜଣ ନବଦମ୍ପତି ବେଦମନ୍ତ୍ର ଓ ପାରମ୍ପରିକ ରୀତିନୀତି ଅନୁସାରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ । ଟ୍ରଷ୍ଟ ପକ୍ଷରୁ ବିବାହ ସମ୍ବନ୍ଧୀୟ ସମସ୍ତ ବ୍ୟବସ୍ଥା, ବସ୍ତ୍ର, ଭୋଜନ ଓ ଆବଶ୍ୟକ ଗୃହ ସାମଗ୍ରୀ ପ୍ରଦାନ କରାଯାଇଥିଲା । ଅତିଥିମାନେ ନବଦମ୍ପତିଙ୍କୁ ଆଶୀର୍ବାଦ କରିଥିଲେ । ବିବାହରେ ଯୌତୁକ ପ୍ରଥା ଓ ଅତ୍ୟଧିକ ବିବାହ ଖର୍ଚ୍ଚ ଭାର ହ୍ରାସ କରିବା ପାଇଁ ସାମୁହିକ ବିବାହ ଏକ ସାର୍ଥକ ପଦକ୍ଷେପ । ଆଗାମୀ ଦିନରେ ମଧ୍ୟ ଏପରି ହିତକାରୀ କାର୍ଯ୍ୟକ୍ରମ ଜାରି ରହିବ ବୋଲି ଟ୍ରଷ୍ଟ ପକ୍ଷରୁ କୁହାଯାଇଛି । ଏଭଳି ପ୍ରୟାସକୁ ସ୍ଥାନୀୟ ଅଞ୍ଚଳରେ ସ୍ୱାଗତ କରାଯିବା ସହ ସମାଜର ବିଭିନ୍ନ ଶ୍ରେଣୀର ଲୋକେ ଟ୍ରଷ୍ଟର ଉଦ୍ୟମକୁ ପ୍ରଶଂସା କରିଛନ୍ତି । କାର୍ଯ୍ୟକ୍ରମକୁ ସଖୀ ଅନୁଷ୍ଠାନ ପକ୍ଷରୁ ସହଯୋଗ କରାଯାଇଥିବା ବେଳେ ଅନୁଷ୍ଠାନର ସଭାନେତ୍ରୀ ସୁଇଟି ସାହୁଙ୍କ ସମେତ ଉଭୟ ଅନୁଷ୍ଠାନ ବହୁ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ ।

# ବ୍ରହ୍ମପୁର ବଜାରରେ ମାରୁତି ସୁଜୁକିର 'ଇ-ଭିଟାରା'

ବ୍ରହ୍ମପୁର,୨୦ ।୨(ସମିସ) : ବ୍ରହ୍ମପୁର ଜାତୀୟରାଜପଥ ଗୋପାଳପୁର ଜଙ୍କସନରେ ଥିବା ନେକ୍ସା ଶୋ'ରୁମ୍‌ରେ ଶୁକ୍ରବାର ନୂତନ ଇଲେକ୍ଟ୍ରିକ କାର ଇ-ଭିଟାରା ଉନ୍ମୋଚିତ ହୋଇଛି । ମାରୁତି ସୁଜୁକି ପକ୍ଷରୁ ଭାରତର ପ୍ରଥମ ସ୍ଥାନୀୟ ନିର୍ମିତ ଗ୍ଲୋବାଲ ଇଲେକ୍ଟ୍ରିକ୍ ଏସୟୁଭି ଇ-ଭିଟାରା ବର୍ତ୍ତମାନ ବ୍ରହ୍ମପୁରରେ ଉପଲବ୍ଧ ହୋଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏଜିଏମ୍ ସଞ୍ଜିତ କୁମାର ମିଶ୍ର ଯୋଗ ଦେଇ ଉନ୍ମୋଚିତ କରିଥିଲେ । ଏହି ନୂତନ ଇ-ଭିଟାରା କାର ହାର୍ଟଟେକ୍-ଇ ପ୍ଲାଟଫର୍ମରେ ନିର୍ମିତ ହୋଇଥିବା ବେଳେ ଏଥିରେ ୪୯ କିଲୋୱାଟ ଏବଂ ୬୧କିଲୋୱାଟର ଦୁଇଟି ଲିଥିୟମ୍ ଆଇରନ୍ ଫସଫେଟ୍ ବ୍ୟାଟେରି ବିକଳ୍ପ ରହିଛି । ଏହାର ୬୧ କିଲୋୱାଟ ଭାରିଆଣ୍ଟ ଥରେ ଚାର୍ଜ ହେଲେ ୫୪୩ କିଲୋମିଟର ପର୍ଯ୍ୟନ୍ତ ରେଞ୍ଜ ପ୍ରଦାନ କରିବ ବୋଲି କମ୍ପାନୀ ଦାବି କରିଛି । ମାତ୍ର ୫୦ ମିନିଟ୍‌ରେ ବ୍ୟାଟେରୀକୁ ୮୦ପ୍ରତିଶତ ପର୍ଯ୍ୟନ୍ତ ଚାର୍ଜ କରିପାରିବା ଭଳି ଏହି ଗାଡ଼ିରେ ଫାଷ୍ଟ ଚାର୍ଜିଂ ସୁବିଧା ରହିଛି । ସୁରକ୍ଷା ଦୃଷ୍ଟିରୁ ଏହାକୁ ଭାରତ ଏନ୍‌ଏସିପି ପକ୍ଷରୁ ୫-ଷ୍ଟାର୍ ରେଟିଂ ମିଳିଥିବା ବେଳେ ଏଥିରେ ୭ଟି ଏୟାରବ୍ୟାଗ୍ ଓ ଲେଭଲ୍-୨ ଏଡିଏଏସ୍ ସୁଟ୍ ଭଳି ଅତ୍ୟାଧୁନିକ ସୁବିଧା ରହିଛି । ଉନ୍ମୋଚନ ଉତ୍ସବରେ ବ୍ରହ୍ମପୁର ନେକ୍ସା ଜିଏମ୍ ପ୍ରଶାନ୍ତ କୁମାର ବେହେରା, ଏସଏମ୍ ପ୍ରଦୀପ ରାୟ, ନରେନ୍ଦ୍ର କୁମାର ବେହେରାଙ୍କ ସମେତ ବହୁ ଗ୍ରାହକ ଏବଂ ଶୋ'ରୁମ କର୍ମଚାରୀ ଉପସ୍ଥିତ ଥିଲେ ।



## ସଫେଇ କର୍ମଚାରୀଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଉନି ରେଳ ବିଭାଗ

# ପ୍ଲାଟ୍‌ଫର୍ମ ଓ ରେଳଧାରଣା ସଫେଇ ବେଳେ ମିଳୁନି ସୁରକ୍ଷା କିଟ୍

ବ୍ରହ୍ମପୁର,୨୦ ।୨(ସମିସ)

ଦେଶର ପ୍ରମୁଖ ପରିବହନ ସଂସ୍ଥା ଭାବେ ଭାରତୀୟ ରେଳ ବିଭାଗ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ବିଭାଗ ପକ୍ଷରୁ ଯାତ୍ରୀ ସୁବିଧା ଓ ପରିଚ୍ଛନ୍ନତାକୁ ନେଇ ବହୁ ପଦକ୍ଷେପ ଗ୍ରହଣ କରାଯାଉଛି । କିନ୍ତୁ ଷ୍ଟେସନ ପରିସର, ପ୍ଲାଟଫର୍ମ ଓ ରେଳ ଧାରଣା ନିୟମିତ ସଫେଇ କରୁଥିବା ସଫେଇ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ପ୍ରତି ରେଳବିଭାଗ ପକ୍ଷରୁ ଘୋର ଅବହେଳା କରାଯାଉଥିବା ଦେଖାଯାଉଛି । ଘରୋଇ ଠିକାସଂସ୍ଥା ଦ୍ୱାରା ନିୟୋଜିତ ରହିଥିବା କର୍ମଚାରୀଙ୍କୁ ଆବଶ୍ୟକ ସୁରକ୍ଷା ସାମଗ୍ରୀ ଯୋଗାଇ ଦିଆଯାଉନାହିଁ । ଏଥିଯୋଗୁଁ ସଫେଇ କର୍ମଚାରୀଙ୍କ ପ୍ରତି ସଂକ୍ରମଣ ଓ ଦୁର୍ଘଟଣାର ଯଥେଷ୍ଟ ଆଶଙ୍କା ରହିଛି । ବ୍ରହ୍ମପୁର ରେଳ ଷ୍ଟେସନ ଦକ୍ଷିଣ ଓଡ଼ିଶାର ଏକ ପ୍ରମୁଖ ଷ୍ଟେସନ ହୋଇଥିବା ବେଳେ ଏହି ଷ୍ଟେସନ ଦେଇ ପ୍ରତିଦିନ ଶତାଧିକ ଟ୍ରେନ ଦେଶର ବିଭିନ୍ନ ରାଜ୍ୟକୁ ଯାତ୍ରା କରୁଥିବା ବେଳେ ହଜାର ହଜାର ଯାତ୍ରୀ ଯାତାୟାତ କରିଥାନ୍ତି । ପ୍ରତିଦିନ ବ୍ରହ୍ମପୁର ଷ୍ଟେସନ ପରିଚ୍ଛନ୍ନତାକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ଏକ ଘରୋଇ ସଂସ୍ଥାକୁ ଦାୟିତ୍ୱ ପ୍ରଦାନ କରାଯାଇଛି । ସଂସ୍ଥା ପକ୍ଷରୁ ଷ୍ଟେସନର ସଫେଇ ନମନ୍ତେ ବିଭିନ୍ନ ସିଫ୍ଟରେ ପ୍ରାୟ ୪୦ରୁ ଅଧିକ ସଫେଇ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି । ଉକ୍ତ କର୍ମଚାରୀ ଷ୍ଟେସନର ପ୍ଲାଟଫର୍ମ ଓ ରେଳ ଧାରଣା ସଫେଇ ସମୟରେ କର୍ମଚାରୀଙ୍କୁ ସଂସ୍ଥା






## କର୍ମଚାରୀଙ୍କ ପ୍ରତି ବଢୁଛି ସଂକ୍ରମଣ ଆଶଙ୍କା

ପକ୍ଷରୁ ମାସ୍କ, ଗ୍ଲୋଭସ, ଗମବୁଟ୍, ସ୍ୟାନିଟାଇଜର ଓ ପ୍ରୋଟେକ୍ଟିଭ୍ କିଟ୍ ନିୟମିତ ଭାବେ ଯୋଗାଣ ହେଉନଥିବା ଅଭିଯୋଗ ହୋଇଛି । ଫଳରେ କର୍ମଚାରୀ ନିଜ କାର୍ଯ୍ୟ ବିନା ସୁରକ୍ଷାରେ କରୁଥିବା ଦେଖାଯାଉଛି । ବିଶେଷକରି ରେଳ ଧାରଣାରେ ଜମା ହୋଇଥିବା ଆବର୍ଜନା ଓ ମଳମୂତ୍ର ସଫା କରିବା ବେଳେ ସେମାନେ ସିଧାସଳଖ ସଂସ୍ପର୍ଶରେ ଆସୁଥିବାରୁ ଚର୍ମ ରୋଗ, ଶ୍ୱାସ ନେବାରେ କଷ୍ଟ ଓ ଅନ୍ୟାନ୍ୟ ସଂକ୍ରାମକ ରୋଗର ଭୟ ରହୁଛି । କେତେକ ସ୍ଥାନରେ ରେଳ ଚଳାଚଳ ମଧ୍ୟରେ ସୁରକ୍ଷା ସତର୍କତା ବିନା ସଫେଇ କାମ ହେଉଥିବାରୁ ଦୁର୍ଘଟଣା ଆଶଙ୍କା ମଧ୍ୟ ରହିଛି । କାର୍ଯ୍ୟ ତଦାରଖ ନିମନ୍ତେ ରେଳ ବିଭାଗ ପକ୍ଷରୁ ଏକାଧିକ ଅଧିକାରୀଙ୍କୁ ନିଯୁକ୍ତ କରାଯାଇଛି । ନିୟମିତ ଉକ୍ତ ଅଧିକାରୀ ଷ୍ଟେସନ ପରିସର ବୁଲି ଦେଖୁଛନ୍ତି । କିନ୍ତୁ ବିନା ସୁରକ୍ଷାରେ ସଫେଇ କର୍ମଚାରୀ ପ୍ଲାଟଫର୍ମ ଓ ରେଳ ଧାରଣାରେ କାର୍ଯ୍ୟ କରୁଥିବା ସେମାନଙ୍କ ନଜରରେ ଆସୁନି, ନା' ଅଧିକାରୀ ଜାଣିଶୁଣି ନିରବ ରହୁଛନ୍ତି, ସେନେଇ ପ୍ରଶ୍ନ ହେଉଛି । ସଫେଇ କର୍ମଚାରୀ ଯାତ୍ରୀ ସୁବିଧା ପାଇଁ ନିଜ ଜୀବନ ବାଜି ଲଗାଇ କାମ କରୁଥିବା ସତ୍ତ୍ୱେ ସେମାନଙ୍କ ପାଇଁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ନ ଥିବା ଦୁଃଖଦ ବଷୟ ବୋଲି ବହୁ ଯାତ୍ରୀ କହିଛନ୍ତି । ସଫେଇ କର୍ମଚାରୀମାନେ ନିୟମିତ ସୁରକ୍ଷା କିଟ୍ ବଣ୍ଟନ ସହ ବିଭାଗ ପକ୍ଷରୁ ସେମାନଙ୍କ ସ୍ୱାସ୍ଥ୍ୟ ଯତ୍ନ ନେବାକୁ ଯାତ୍ରୀ ଦାବି କରିଛନ୍ତି । ଅନ୍ୟପକ୍ଷରେ କାର୍ଯ୍ୟରତ ସଫେଇ କର୍ମଚାରୀଙ୍କୁ ଆବଶ୍ୟକ ମୁତାବକ ସୁରକ୍ଷା ସାମଗ୍ରୀ ଯୋଗାଇ ଦିଆଯିବାକୁ ଠିକା ସଂସ୍ଥାକୁ କୁହାଯିବା ସହ ଆଗାମୀ ଦିନରେ କର୍ମଚାରୀ କିଭଳି ସୁରକ୍ଷା କିଟ ସହ ସଫେଇ କାର୍ଯ୍ୟ କରିବେ ସେ ନେଇ ଗୁରୁତ୍ୱ ଦିଆଯିବ ବୋଲି ବ୍ରହ୍ମପୁର ଷ୍ଟେସନ ଚିଫ୍ ହେଲଥ ଇନସପେକ୍ଟର ଡ଼.ବିଷ୍ଣୁ ପ୍ରସାଦ କହିଛନ୍ତି ।

**ରେଳବାଇ ବୈଠକରେ ବାଲେଶ୍ୱର ସଂସଦୀୟ କ୍ଷେତ୍ରର ସମୀକ୍ଷା**

# ଦାବି ଉପସ୍ଥାପନ କଲେ ସାଂସଦ ପ୍ରତାପ

ନୀଳଗିରି, ୨୦।୨ (ସମିସ)

କଲିକତାଠାରେ ସାଂସଦ ଶତ୍ରୁଘ୍ନ ସିହ୍ନାଙ୍କ ଅଧ୍ୟକ୍ଷତାରେ ଏବଂ ରେଳବିଭାଗର ସର୍ବୋଚ୍ଚ ଅଧିକାରୀଙ୍କ ଉପସ୍ଥିତିରେ ରେଲୱେ ବୋର୍ଡ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବାଲେଶ୍ୱର ସଂସଦୀୟ କ୍ଷେତ୍ର ସମ୍ବନ୍ଧୀୟ ବିଭିନ୍ନ ରେଲୱେ ଉନ୍ନୟନ କାର୍ଯ୍ୟର ସମୀକ୍ଷା ଓ ବିଭିନ୍ନ ଦାବି ଉତ୍ଥାପନ କରିଛନ୍ତି ବାଲେଶ୍ୱର ସାଂସଦ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ। ବିଶେଷ ଭାବେ ବାଲେଶ୍ୱର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ରେଳ ଢାଞ୍ଚା ଏବଂ ଯାତ୍ରୀ ସୁବିଧା ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ରେଲୱେ ବୋର୍ଡ଼ ବୈଠକରେ ଉପସ୍ଥାପନ କରାଯାଇଛି। ଏହି ସମସ୍ତ ବିଷୟରେ ସ୍ଥିତିଗତ ସୂଚନା ଓ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ମଧ୍ୟ ଦାବି କରିଥିଲେ। ବାଲେଶ୍ୱରରେ ନିର୍ମାଣ ହେଉଥିବା ମୁଖ୍ୟ ରେଳଷ୍ଟେସନ୍ ଭବନ ନିର୍ମାଣ କାର୍ଯ୍ୟର ବର୍ତ୍ତମାନ ସ୍ଥିତି ଓ କାର୍ଯ୍ୟକ୍ଷମ ସମୟସୀମା ସୂଚିତ କରିବାକୁ ଦାବି କରିଥିଲେ। ଏଥିସହ ଯାତ୍ରୀଙ୍କ ଚାହିଦାକୁ ଦୃଷ୍ଟିରେ ରଖି ବାଲେଶ୍ୱରରୁ ଆହମଦାବାଦ ଓ ମୁମ୍ବାଇ ପାଇଁ ସିଧାସଳଖ ଟ୍ରେନ୍ ସେବା, ଭୁବନେଶ୍ୱର–ବାଲେଶ୍ୱର ମାର୍ଗରେ ରାୟପୁର ଦେଇ ମୁମ୍ବାଇପାଇଁ ଏକ ଟ୍ରେନ୍ ଚଳାଚଳ, ପୁରୀରୁ ଭାୟା ବାଲେଶ୍ୱର ଦେଇ ଗୁଜରାଟପାଇଁ ଏକ ଟ୍ରେନ୍ ଚଳାଚଳ, ଇଷ୍ଟକୋଷ୍ଟ ଏକ୍ସପ୍ରେସ୍ ଟ୍ରେନ୍ ବସ୍ତା ଏବଂ ରୂପସା ଷ୍ଟେସନ୍‌ରେ ରହଣିପାଇଁ ସାଂସଦ ଶ୍ରୀ ଷଡ଼ଙ୍ଗୀ ଦାବି କରିଥିଲେ। ନୀଳଗିରି-ଗୋପୀନାଥପୁର ରେଲୱେ ଷ୍ଟେସନ ଅଧିନ ବଡୁଆଠାରେ ରେଳ ରହଣି ସହ ଯାତ୍ରୀ, ବ୍ୟବସାୟୀ ଓ ଉଚ୍ଚତର ଚିକିତ୍ସାପାଇଁ ଏହି ସେବାକୁ ଭୁବନେଶ୍ୱର ଓ ହାଓଡ଼ା ପର୍ଯ୍ୟନ୍ତ ବିସ୍ତାର କରିବାପାଇଁ ଦାବି କରିଥିଲେ। ନୂଆଗାଁ ମୟୂରଭଞ୍ଜ ରୋଡ଼ ରେଳଷ୍ଟେସନ୍‌ର ଉତ୍ତର ପାର୍ଶ୍ୱରୁ ଜଳକା ନଦୀ ପର୍ଯ୍ୟନ୍ତ ସ୍ଥାୟୀ କଂକ୍ରିଟ୍ ଡ୍ରେନେଜ୍, ଆପ୍ରୋଚ୍ ରୋଡ଼ର ବ୍ୟବସ୍ଥା, ଯାତ୍ରୀଙ୍କ ଚାହିଦା ଓ ଆଞ୍ଚଳିକ ଗୁରୁତ୍ୱକୁ ଦୃଷ୍ଟିରେ ରଖି ବାଲେଶ୍ୱର ଷ୍ଟେସନ୍‌ରେ ଦୁରନ୍ତ ଏକ୍ସପ୍ରେସ୍ ଟ୍ରେନ୍‌ର ରହଣି, ରେଳ ଖୁଣ୍ଟି ନଂ–୧୯୩/୯ (ଅପ୍) ଓ ୧୯୩/୧୨ (ଡାଉନ୍) ନିକଟରେ ପଦଚାରୀ ସବୱେ କାର୍ଯ୍ୟ ସମାପ୍ତିରେ ବିଳମ୍ବ, ଖନ୍ତାପଡା ୟାର୍ଡ଼ର କାର୍ଯ୍ୟ ସମ୍ପୂର୍ଣ୍ଣ, ବାଲେଶ୍ୱର ଷ୍ଟେସନରେ ଏସକାଲେଟର ତୁରନ୍ତ ସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ଦେବାଚ ସହ ବେତନଟୀ ଓ ଜଳେଶ୍ୱର ଷ୍ଟେସନର କାର୍ଯ୍ୟ ଶୀଘ୍ରସମାପ୍ତ କରିବା ପାଇଁ ଶ୍ରୀ ଷଡ଼ଙ୍ଗୀ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସଠିକ ସମୟରେ ଟ୍ରେନ ନଆସିବା ଏବଂ ବହୁ ସମୟରେ ଅତ୍ୟଧିକ ବିଳମ୍ବ କାରଣରୁ ଯାତ୍ରୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଏ ବିଷୟରେ ପଦକ୍ଷେପ ନେବାପାଇଁ ଦାବି କରାଯାଇଥିଲା। ସୋର ଷ୍ଟେସନଠାରେ ଏକ ଫ୍ଲାଏଓଭର ବ୍ରିଜ ନିର୍ମାଣ ପାଇଁ ଦାବି ରଖିଥିଲେ। ତେଣୁ ଏହାକୁ ଶୀଘ୍ର ଆରମ୍ଭ କରିବାପାଇଁ ନିର୍ଦ୍ଦେଶ ଦେଇଥିଲେ। ବାହାନଗା ଫ୍ଲାଏଓଭର ବ୍ରିଜ ନିର୍ମାଣ କାର୍ଯ୍ୟକୁ ଶୀଘ୍ର ସମ୍ପୂର୍ଣ୍ଣ କରିବାସହ ନୀଳଗିରି ରେଳଷ୍ଟେସନରେ ସଂରକ୍ଷଣ ଟିକେଟ କାଉଣ୍ଟର ଖୋଲିବା ଏବଂ ଟିକେଟ ଚେକିଂ ଓ ସୁରକ୍ଷାପାଇଁ ବ୍ୟବସ୍ଥା କରିବାକୁ ଦାବି କରିଥିଲେ।



**● ସୋର ତହସିଲଦାରଙ୍କ ବିରୋଧରେ ଭିଜିଲାନ୍ସ ମାମଲା**

# ଦଲାଲ ଦୟାନିଧି ଜେନାଙ୍କୁ ଗିରଫ କରାଯିବ: ଭିଜିଲାନ୍ସ ଏସ୍‌ପି

ବାଲେଶ୍ୱର,୨୦।୨(ସମିସ): ପଥର ବୋଝେଇ ଟ୍ରକ ଛାଡ଼ିବାକୁ ୪୦ ହଜାର ଟଙ୍କା ନେଉଥିବା ବେଳେ ବାଲେଶ୍ୱର ଜିଲ୍ଲା ସୋର ତହସିଲଦାର ଦୈତାରୀ ମଲ୍ଲିକଙ୍କୁ ଗିରଫ କରାଯିବା ନେଇ ରୁଜୁ ହୋଇଥିବା ମାମଲାରେ ସମ୍ପୃକ୍ତ ଦଲାଲ ତଥା ଅଟକ ଥିବା ସୋର ଟ୍ରକ ଆସୋସିଏସନର ଉପସଭାପତି ଦୟାନିଧି ଜେନାଙ୍କୁ ଗିରଫ କରାଯିବ ବୋଲି ଆଜି ଏସପି ଅରୁଣ କୁମାର ସ୍ୱାଇଁ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଗତ ୧୧ତାରିଖରେ ସୋର ତହସିଲଦାର ୫ଟି ପଥର ବୋଝେଇ ଗାଡ଼ିକୁ ଅଟକ ରଖିଥିଲେ। ସେଇଅନୁସାରେ ଟ୍ରକ ଆସୋସିଏସନର ମାଲିକମାନଙ୍କୁ ଖବର ଦେଇଥିଲେ। ଜବତ ହୋଇଥିବା ୫ଟି ଟ୍ରକର ମାଲିକ ସାଏବ ଖାନ କାଦ୍ରୀ ଘଟଣାସ୍ଥଳରେ ପହଞ୍ଚି ତହସିଲଦାରଙ୍କ ସହ ଆଲୋଚନା କରିଥିଲେ। ତହସିଲଦାର ଏକ ଲକ୍ଷ ଟଙ୍କା ଲାଞ୍ଚ ନଦେଲେ ଉକ୍ତ ଗାଡ଼ିଗୁଡିକୁ ଖଣି ବିଭାଗକୁ ହସ୍ତାନ୍ତର କରିଦେବେ ଏବଂ ଅଧିକ ଫାଇନ ଲାଗିବ ବୋଲି ଧମକ ଦେଇଥିଲେ। ଏନେଇ ସେ କିଛି ଅର୍ଥ ଦେବାକୁ କହିଥିଲେ। ତେବେ ମୂଲଚାଲ ପରେ ୪୦ହଜାର ଟଙ୍କାରେ ଛିଡ଼ିଥିଲା। ଏନେଇ ବାଲେଶ୍ୱର ଭିଜିଲାନସ ବିଭାଗଠାରେ ଅଭିଯୋଗ ପରେ ୫/୨୬ନମ୍ବରରେ ଏକ ମାମଲା ରୁଜୁ କରାଯାଇଥିଲା। ବାଲେଶ୍ୱର, ଭଦ୍ରକ ବିଭାଗର ମିଳିତରେ ଏକ ଟିମ ଗଠନ କରାଯାଇଥିଲା। ତେବେ ୧୯ ତାରିଖରେ ସେ ତାଙ୍କ କାର୍ଯ୍ୟାଳୟରେ ପହଞ୍ଚି ତହସିଲଦାରଙ୍କୁ ଟଙ୍କା ଦେଉଥିବା ବେଳେ ଭିଜିଲାନସ ବିଭାଗ ତାଙ୍କୁ ମାଡି ବସିଥିଲା। ଘଟଣାସ୍ଥଳରୁ ଦାୟା ଏବଂ ତହସିଲଦାରଙ୍କୁ ଭିଜିଲାନସ ବିଭାଗ ଆଣିଥିଲା। ଆଜି ତହସିଲଦାରଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ଅଟକ ଦୟାଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ଏସପି ସୂଚନା ଦେଇଛନ୍ତି। ଅନ୍ୟପଟେ ଭିଜିଲାନସ ବିଭାଗ ତାଙ୍କର ଆୟ ବହିର୍ଭୂତ ସମ୍ପତ୍ତି ଠୂଳ ଉପରେ ଚଢ଼ଉ ଜାରି ରଖିଛି। ବର୍ତ୍ତମାନ ସୁଦ୍ଧା ଗୋଟିଏ କାର ଥିବା ବେଳେ ଭୁବନେଶ୍ୱର ସୁନ୍ଦରପଦା ଅଞ୍ଚଳରେ ଏକ ଆପାର୍ଟମେଣ୍ଟ ରହିଥିବା ସୂଚନା ଦେଇଛନ୍ତି। ଏଦିଗରେ ଅଧିକ ତଦନ୍ତ ଜାରି ରହିଛି ବୋଲି କହିଛନ୍ତି।



# ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ବୈଠକ



ବାଲେଶ୍ୱର,୨୦।୨(ସମିସ): ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର ପ୍ରତିଷ୍ଠା ପାଇଁ ଦୀର୍ଘଦିନରୁ ଦାବି ହୋଇଆସୁଛି। ଏଥିପାଇଁ ଗଠିତ ଜିଲ୍ଲାସ୍ତରୀୟ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଡ କେଶବ ଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ସମ୍ପାଦକ ଅଭୟଚନ୍ଦ୍ର ମିଶ୍ର ଗତ ବୈଠକର ବିବରଣୀ ପାଠ କରିଥିବା ବେଳେ କୋଷାଧ୍ୟକ୍ଷ ଭାସ୍କରଚନ୍ଦ୍ର ପାଢ଼ୀ ଆୟବ୍ୟୟର ବିବରଣୀ ପ୍ରଦାନ କରିଥିଲେ। ପୂର୍ବ ନିଷ୍ପତ୍ତି ଅନୁଯାୟୀ ତୃତୀୟ ଜିଲ୍ଲା ସମ୍ମିଳନୀ ଆସନ୍ତା ମାସ ୧୫ ତାରିଖରେ ଅନୁଷ୍ଠିତ ହେବ। ଏହାକୁ ନେଇ ଆସନ୍ତା ମାସ ପ୍ରଥମ ସପ୍ତାହରେ ଏକ ସାଂଗଠନିକ ବୈଠକ ପଡୁଆଁପଦାସ୍ଥିତ ଉଠା ଜଳସେଚନ କର୍ମଚାରୀ ସଂଘର ସଭାଗୃହରେ ଅନୁଷ୍ଠିତ ହେବା ପାଇଁ ସ୍ଥିର ହୋଇଛି। ସେଥିରେ ରେମୁଣା, ଜଳେଶ୍ୱର, ସୋରୋ ଆଞ୍ଚଳିକ ସମିତି ଓ ଜିଲ୍ଲାର ସମସ୍ତ ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତାଙ୍କୁ ନିମନ୍ତ୍ରଣ କରାଯିବାକୁ ସ୍ଥିର ହୋଇଛି। ବାର୍ଷିକ ସମ୍ମିଳନୀର କାର୍ଯ୍ୟକ୍ରମର ଚୂଡ଼ାନ୍ତ ନିଷ୍ପତ୍ତି ଆଗାମୀ ବୈଠକରେ ସିଦ୍ଧାନ୍ତ କରାଯିବ। ସଭାପତି ବାଲେଶ୍ୱରର ସମସ୍ତ ବିଧାୟକଙ୍କ ସହିତ ଆଲୋଚନା ପରେ ମୁଖ୍ୟମନ୍ତ୍ରୀ, କୃଷିମନ୍ତ୍ରୀ, କୃଷି ସଚିବ ଓ ମୁଖ୍ୟସଚିବ ବିଧାନସଭା ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ସମୟରେ ସାକ୍ଷାତକରି ଆଲୋଚନା ହେବାର ସ୍ଥିର ହେଲା ବୋଲି କହିଛନ୍ତି। ଦାବି ଉପରେ ସରକାର ବିଚାର ନକଲେ ବିଧାନସଭା ଅଧିବେଶନ ଦ୍ୱିତୀୟ ପର୍ଯ୍ୟାୟରେ ବିଧାନସଭା ସମ୍ମୁଖରେ ଧାରଣା ଦିଆଯିବାର ପ୍ରସ୍ତାବ ବାର୍ଷିକ ସମ୍ମିଳନୀରେ ଚୂଡ଼ାନ୍ତ ହେବ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ନିରଞ୍ଜନ ପରିଡା, ଡ କ୍ଷିତୀଶ୍ୱର ଦାଶ, ଭୂପତି ପାତ୍ର, ହରନାରାୟଣ ମଦୁଆଳ, ଅକ୍ଷୟ ତ୍ରିପାଠୀ, ନିରଞ୍ଜନ ରାଉତ, ପ୍ରଫୁଲ୍ଲ କୁମାର ଦାସ, ପ୍ରକାଶିନୀ ମାଝୀ, ବିଜୟ କୁମାର ବେହେରା, ସଂଯୁକ୍ତା ବେହେରା, ଚନ୍ଦ୍ରଶେଖର ଦାସ, ସ୍ୱାଗତିକା ପରିଡା, ରବି କୁମାର ପାଣିଗ୍ରାହୀ, ସୀତାରାମ ପ୍ରଧାନ, ପୁରୁଷୋତ୍ତମ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସରସ୍ୱତୀ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଚୋରି ଭୟରେ ରାତି ଶୋଇପାରୁ ନାହାନ୍ତି ଲୋକ

ଖଇରା,୨୦।୨(ସମିସ): ଖଇରା ଥାନା ଅଧୀନରେ ଥିବା ପଞ୍ଚାୟତଗୁଡିକର ବାସିନ୍ଦାଙ୍କ ଚିନ୍ତା ଦିନକୁ ଦିନ ବଢିଚାଲିଛି। ଚୋରି ବଢିଚାଲିଥିବା ବେଳେ ଅପରାଧୀ ଧରା ନପଡ଼ିବା ଏବଂ ତା'ସହିତ ସମାନ ତାଳରେ ଥାନାରେ କର୍ମଚାରୀ ହ୍ରାସ ଖଇରାବାସୀଙ୍କ ଚିନ୍ତା ବଢ଼ାଇଚାଲିଛି। ଘରେ ତାଲା ଦେଇ କୁଆଡେ ଯିବାକୁ ଭୟ କରୁଥିବା ବେଳେ ଏଭଳି ଚିନ୍ତା ଖଇରାବାସୀଙ୍କ ନିଦ ହଜାଇ ଦେଇଛି। ଚିକିତ୍ସାପାଇଁ ରୋଗୀଙ୍କୁ ମେଡିକାଲ ଯାଉଥିବା ଆତ୍ମୀୟସ୍ୱଜନମାନେ ଚୋରି ଭୟ ଯୋଗୁ ଠିକରେ ଚିକିତ୍ସା କରାଇପାରୁନାହାଁନ୍ତି। ନିକଟରେ ମହତୀପୁର ଓ ଆମ୍ବଗଡିଆ ଗ୍ରାମର ୨ଟି ସ୍ୱର୍ଣ୍ଣକାତର ଘଟଣା ତଥା ଅନ୍ୟାନ୍ୟ ଛୋଟବଡ ଚୋରି ପୁଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଗତ ୨୦୨୫ରେ ଓ ୨୦୨୬ ମସିହାରେ ଅଦ୍ୟାବଧି ଚୋରି ହିସାବକୁ ନେଲେ ପାଖାପାଖି ୫୦ଟି ଚୋରି, ରାହାଜାନୀ, ଡକାୟତି ଓ ଛିନତାଇ ଭଳି ଘଟଣା ଘଟିଗଲାଣି। ଚୋରି ଘଟଣାକୁ ଲକ୍ଷ କଲେ ତାଲା ପଡିଥିବା ଘର ଓ ମନ୍ଦିରକୁ ଟାର୍ଗେଟ କରୁଥିବା ଦେଖିବାକୁ ମିଳୁଛି। ନିକଟରେ ଆମ୍ବଗଡିଆ ଗ୍ରାମର ବଂଶୀଧର ମାଝୀ ଚିକିତ୍ସା ପାଇଁ କଟକ ବଡମେଡିକାଲ ଯାଇଥିବା ବେଳେ ତାଙ୍କ ଘରୁ ନଗଦ ୧୦ଲକ୍ଷ ଟଙ୍କା ଓ ଅନ୍ୟୂନ ୧୦ଲକ୍ଷ ଟଙ୍କାର ଅଳଙ୍କାର ଚୋରି ହୋଇଯିବା, ମହତୀପୁର ଗ୍ରାମର ସ୍ୱର୍ଗତ ଗୌରାଙ୍ଗ ମୁଖୀ ଚିକିତ୍ସାପାଇଁ ବିଶାଖାପାଟଣା ଯାଇଥିବା ବେଳେ ତାଙ୍କ ଘରୁ ସମସ୍ତ ଅଳଙ୍କାର ଲୁଟ ହେବା, ଗାଁରେ ଚାଲିଥିବା ଯାତ୍ରା ଦେଖିବାକୁ ଯାଇ ନନ୍ଦୁର ପଞ୍ଚାୟତ ଭାଲୁକି ଗ୍ରାମର କମଳା ବେହେରା ଓ ଜଳଦା ପଞ୍ଚାୟତ ତୁଟୋ ଗ୍ରାମର ଭଗବାନ ବାରିକଙ୍କ ଘରୁ ଚୋରି ଭଳି ବହୁ ଘଟଣା ତଥା ଅସଂଖ୍ୟ ଦୋକାନ ଚୋରି ଘଟଣା ସାଧାରଣ ଲୋକଙ୍କ ନିଦ ଚୋରାଇ ନେଇଛି। ଚୋରି ବଢିଚାଲିଥିବା ବେଳେ ଏତେବଡ ଥାନାରେ ଆଇଆଇସିଙ୍କୁ ଛାଡିଦେଲେ ମାତ୍ର ୨ଜଣ ଏଏସଆଇଙ୍କୁ ସବୁକଥା ବୁଝିବା ମୁସ୍କିଲ ତାହା ନୁହେଁ। ଚୋରି ପାଇଁ ବାଟ ପରିଷ୍କାର କରୁଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ନୀଳଗିରି ଏସଡିପିଓ ପ୍ରମୋଦ ମଲ୍ଲିକଙ୍କୁ ଯୋଗାଯୋଗ କରିବାରେ ଷ୍ଟାଫ ବଢାଇବା ନେଇ ଏସପିଙ୍କ ସହ ଆଲୋଚନା କରାଯିବ ବୋଲି କହିଛନ୍ତି।




# ସାଇ ଗୌରାଙ୍ଗ ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

ନୀଳଗିରି, ୨୦।୨ (ସମିସ): ନୀଳଗିରି ଉପଖଣ୍ଡ ଅନ୍ତର୍ଗତ ବାଉଁଶବଣିଆ ଗ୍ରାମପଞ୍ଚାୟତ ଅଧୀନ ଦକ୍ଷିଣ କୁଅଁରପୁରସ୍ଥିତ ସାଇ ଗୌରାଙ୍ଗ ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମର ପ୍ରଥମ ପର୍ବକୁ ସଂସ୍କାର ୧୧ଟା ସମୟରେ ଅବସରପ୍ରାପ୍ତ ଶିକ୍ଷକ ବସନ୍ତ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଶ୍ୟାମସୁନ୍ଦରପୁର ସରପଞ୍ଚ ପୁରୁଷୋତ୍ତମ ସେଠୀ, ଉତ୍ସବର ଉଦଘାଟକ ବିଶିଷ୍ଟ ଗାନ୍ଧୀବାଦୀ ପ୍ରଚାରକ ସମାଜସେବୀ ସର୍ବେଶ୍ୱର ଦାଶ, ବିଦ୍ୟାଳୟର ସଂପାଦିକା ଜ୍ୟୋସ୍ନାରାଣୀ ବେହେରା, ଅବସରପ୍ରାପ୍ତ ଶିକ୍ଷକ ପ୍ରହଲ୍ଲାଦ ପାଣିଗ୍ରାହୀ, ବିଦ୍ୟାଳୟର ଭାଇସ୍ ପ୍ରିନ୍ସିପାଲ ଗୀତାଞ୍ଜଳି ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ନୀଳଗିରି ଗଡ଼ଜାତ ଓ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସହିଦଙ୍କର ଫଟୋ ପ୍ରଦର୍ଶନୀକୁ ମୁଖ୍ୟଅତିଥି ପୁରୁଷୋତ୍ତମ ସେଠୀ ଉଦଘାଟନ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳୀ ମଲିକ ଧନ୍ୟବାଦ ଦେଇଥିଲେ। ଅପରାହ୍ନ ୪ଟା ସମୟରେ ଦ୍ୱିତୀୟ ଅଧିବେଶନ ବିଦ୍ୟାଳୟର ସଭାପତି ତଥା ବାଉଁଶବଣିଆ ସରପଞ୍ଚ ନିରଞ୍ଜନ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜଏଣ୍ଟ କମିସନର, ବାଣିଜ୍ୟକର ଓଜିଏସଟି ଅକ୍ଷୟ କୁମାର ପଣ୍ଡା କହିଲେ, ଶ୍ରେଣୀର ପ୍ରଥମ ହେଉଥିବା ପିଲାଠାରୁ ଶେଷ ଧାଡ଼ିର ବସୁଥିବା ପିଲା ମଧ୍ୟ ଜଣେ ଭଲ ମଣିଷ ହୋଇପାରିବ ଯଦି ଉତ୍ତମ ସଂସ୍କାର ଗ୍ରହଣ କରିପାରିବ। ମୁଖ୍ୟବକ୍ତା ଯୁବକବି, ସାହିତ୍ୟିକ ଇଂ ସୁରେଶଚନ୍ଦ୍ର ବେହେରା ସାମ୍ବିଧାନିକତାର ବିଧି ବ୍ୟବସ୍ଥାର ମୂଲ୍ୟାୟନ ପୂର୍ବକ ଶିକ୍ଷାନୀତି ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ କହିଥିଲେ। ବରେଣ୍ୟ ଅତିଥି ସୁଜିତ ମହାନ୍ତି ବିଜ୍ଞାନର ଖସଡ଼ା ଭିତରେ ଛାତ୍ରଛାତ୍ରୀ ଅଭିଭାବକ ମାନଙ୍କର ଗୁରୁଦାୟିତ୍ୱବାଖ୍ୟା କରିଥିଲେ। ଅନ୍ୟତମ ଅତିଥି ବରିଷ୍ଠ ସାମ୍ବାଦିକ ଅତୁଲ ସ କର୍ତ୍ତବ୍ୟକୁ ପାଥେୟ କରି କାହାଣୀ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ। ବରେଣ୍ୟ ଅତିଥି ଅବସରପ୍ରାପ୍ତ ଶିକ୍ଷକ ପ୍ରତାପ ଚନ୍ଦ୍ର ଚୈଧୁରୀ, କବି ସୁନିଲ ମିଶ୍ର, ଶିକ୍ଷାବିତ ତଥା ସାଇ ଗୈରାଙ୍ଗ ଆଦର୍ଶ ବିଦ୍ୟାଳୟର ମାର୍ଗ ଦର୍ଶକ ଶନୈଶ୍ଚ ରଞ୍ଜନ ବେହେରା ବିଦ୍ୟାଳୟର ସମ୍ପର୍କରେ ସୂଚନା ଦେଇଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ବାସନ୍ତୀ ଲେଙ୍କା ବିଦ୍ୟାଳୟର ବାର୍ଷିକ ବିବରଣୀ ପଠନ କରିଥିଲେ। ସୁଜୟାଲକ୍ଷୀ ବେହେରା ଓ ଜ୍ୟୋତିପ୍ରକାଶ ମହାନ୍ତି ଉପସ୍ଥାପନ କରିଥିବା ବେଳେ ବିଦ୍ୟାଳୟର ଶିକ୍ଷୟିତ୍ରୀ ସ୍ୱପ୍ନାଲି ଦାସ ଓ ସବିତା ରାଉତ ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଆଜିର ସମ୍ଧ୍ୟାଶ୍ରୀ ମଞ୍ଚସ୍ଥ କରାଯାଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ମଞ୍ଚାସିନ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ମିନାକ୍ଷୀ କର, ମାନସୀ ସାହୁ, ମନ୍ଦାକିନୀ ସାହୁଙ୍କୁ ଗୈରାଙ୍ଗ ଚରଣ ଶ୍ରେଷ୍ଠ ଶିକ୍ଷୟିତ୍ରୀ ସମ୍ମାନ ପ୍ରଦାନ କରାଯାଇଥିଲା। ଶିକ୍ଷୟତ୍ରୀ ଗୀତାଞ୍ଜଳି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଶୁଭ୍ରମୟ ରାଉତ, ଶିକ୍ଷୟିତ୍ରୀ ଦମୟନ୍ତୀ ସେଠୀ, ପୁଷ୍ପାଞ୍ଜଳି ମଳିକ, ଲୋପାମୁଦ୍ରା ରାଉତ, ବାବୁଲା ସାର ଓ ବିଦ୍ୟାଧର ବେହେରା ସହଯୋଗ କରିଥିଲେ।



# ସ୍ୱାଧୀନତା ସଂଗ୍ରାମୀଙ୍କ ପତ୍ନୀ ବିୟୋଗ

ଭୋଗରାଇ/ଚନ୍ଦନେଶ୍ୱର, ୨୦।୨ (ସମିସ): ଭୋଗରାଇର ଭାରତୀୟ ମୁକ୍ତି ସଂଗ୍ରାମର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଶ୍ୟାମସୁନ୍ଦର ଜେନାଙ୍କ ଧର୍ମପତ୍ନୀ ଇଭାରାଣୀ ଜେନାଙ୍କ ୯୪ ବର୍ଷ ବୟସରେ ଦେହାନ୍ତ ହୋଇଛି। ବାର୍ଦ୍ଧକ୍ୟ କାରଣରୁ ଟୁଙ୍କୁରୀହାଜିରା ପଞ୍ଚାୟତ ଅଧୀନ ଫୁଲବଣୀ ଗାଁସ୍ଥିତ ବାସଭବନରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଏହି ଖବର ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ଅତ୍ୟନ୍ତ ସ୍ନେହୀ, ଧର୍ମପରାୟଣା ଏବଂ ପରୋପକାରୀ ମହିଳା ଥିଲେ। ମୃତ୍ୟୁ ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ଆତ୍ମୀୟ ସ୍ୱଜନ ତାଙ୍କର ଅନ୍ତିମ ଦର୍ଶନ କରିବା ସହିତ ମରଶରୀରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଜୁଆଇଁ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଗୟାରାମ ଜେନା, ପୁତୁରା ଅବସରପ୍ରାପ୍ତ ରେଳ କର୍ମଚାରୀ ପ୍ରଦୀପ କୁମାର ଜେନା, ଭଣଜା ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଅସିମ କୁମାର ଜେନା, ଡାକ୍ତର ଦେବବ୍ରତ ଜେନା, ଜିଲ୍ଲା ଯୋଗାଣ ଅଧିକାରୀ ଶତ୍ରୁଘ୍ନ ଦଳାଇ, ସମାଜସେବୀ ଅମ୍ବରିଶ ମହାନ୍ତି, ଅଶ୍ୱିନୀ ଜେନା, ଇଂ ଗୌତମ ଗୋପାଳ ଜେନା, ଇଂ ଗୋବିନ୍ଦ ଗୋସ୍ୱାମୀ ଜେନା, ଦୀପକ ଜେନା, ଶ୍ୟାମସୁନ୍ଦର ମାହାନା, ନାରାୟଣ ଭୂୟାଁ, ଭାନୁ ଚରଣ ଜେନା ପ୍ରମୁଖ ଅନ୍ତିମ ଦର୍ଶନ କରିଥିଲେ। ତାଙ୍କ ଶବାଧାରକୁ ଏକ ପଟୁଆରରେ ଗାଁ ପରିକ୍ରମା ପରେ ଗାଁ ମଶାଣିରେ ଅନ୍ତିମ ସଂସ୍କାର କରାଯାଇଥିଲା। ପୁଅ ଅଶୋକ, ତପନ, ଇଣ୍ଡିଆନ ବ୍ୟାଙ୍କର ଚିଫ ମେନେଜର ଚନ୍ଦନ, ନାତି ଯୁବ ଆଇନଜୀବୀ ଅରୁପ ଜେନା ପ୍ରମୁଖ ମୁଖାଗ୍ନି ଦେଇଥିଲେ।



# ୨୬ରେ ପହଞ୍ଚିବେ ପରିବେଶ ସଚେତନତା ଅଭିଯାତ୍ରୀ

ବାଲେଶ୍ୱର, ୨୦।୨(ସମିସ): ଖଣି, ପାଣି, ଜମି, ଜଙ୍ଗଲ, ପାହାଡ଼ ଓ ଲଘୁ ଖଣିଜ ସମ୍ପଦ ପ୍ରଭୃତି ବିକ୍ରି ଓ ଲୁଟ ହୋଇଚାଲିଛି। ଅନେକ ନଦୀ, ଝରଣାର ଜଳସ୍ରୋତ ବନ୍ଦ ହୋଇଗଲାଣି। ଜଙ୍ଗଲୀ ଜୀବଜନ୍ତୁ ଜନବସତି ମୁହାଁ ହେଉଛନ୍ତି। ଯହାଦ୍ୱାରା ପରିବେଶ ଓ ଜନଜୀବନ ବିପଦ ମଧ୍ୟକୁ ଠେଲି ହୋଇଯାଉଛି। ପ୍ରାକୃତିକ ବିପଦ ମାଡ଼ି ଆସୁଛି। ଏହାର ସୁରକ୍ଷା ପାଇଁ ବରିଷ୍ଠ ଓ ବିଶିଷ୍ଟ ପରିବେଶବିତ ତଥା ମେଗାସିସ ଆୱାଡର୍ ପ୍ରଫୁଲ୍ଲ ସାମନ୍ତରା ଓ ତାଙ୍କର ସାଥୀମାନେ ଆରମ୍ଭ କରିଥିବା ଜନ ସଚେତନତା ଯାତ୍ରା ଆସନ୍ତା ୨୬ ତାରିଖରେ ବାଲେଶ୍ୱରରେ ପହଞ୍ଚିବେ। ଏହି ଅଭିଯାତ୍ରୀ ଦଳକୁ ବାଲେଶ୍ୱର ସହରରେ ସମ୍ବର୍ଦ୍ଧନା ପାଇଁ ବାଲେଶ୍ୱର ସିଭିଲ ସୋସାଇଟିର ଏକ ଜରୁରୀ ବୈଠକ ଉଠାଜଳସେଚନ କର୍ମଚାରୀ ସଂଘ ଗୃହରେ ଅନୁଷ୍ଠିତ ହୋଇଯାଇଛି। ସିଭିଲ ସୋସାଇଟିର ଏହି ବୈଠକରେ ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ମନୋଜ ନାୟକ ଓ ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ ସମଗ୍ର ଓଡ଼ିଶା ପରିକ୍ରମାରେ ବାହାରିଥିବା ଅଭିଯାତ୍ରୀଙ୍କ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବୈଠକରେ ଉପସ୍ଥାପିତ କରିଥିଲେ। ଏଣୁ ଆସନ୍ତା ୨୬ ତାରିଖରେ ସ୍ଥାନୀୟ ବାଲେଶ୍ୱର କ୍ଲବ ସଭାଗୃହରେ ପ୍ରାକୃତିକ ପରିବେଶ ଓ ଜନଜୀବନର ସୁରକ୍ଷା ପାଇଁ ଜନ ସଚେତନତା ଯାତ୍ରା କରୁଥବା ଅଭିଯାତ୍ରୀମାନଙ୍କୁ ଏକ ସାଧାରଣ ସଭାରେ ଅଭ୍ୟର୍ଥନା ଦିଆଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ସଭାରେ ବିଭିନ୍ନ ସାମାଜିକ,ସାଂସ୍କୃତିକ, ଗଣସଂଗଠନ ଓ ବୁଦ୍ଧିଜୀବୀ ଯୋଗଦେବାକୁ ସୋସାଇଟି ପକ୍ଷରୁ ନିବେଦନ କରାଯାଇଛି। ବୈଠକରେ ଆଇନଜୀବୀ ସାହିରୁଲ ହକ, ଡ. କ୍ଷିତିଶ୍ୱର ଦାଶ, ପ୍ରତିମା ପଣ୍ଡା, ପ୍ରଫୁଲ୍ଲ କୁମାର ଦାସ, ଜ୍ଞାନାନନ୍ଦ ମିଶ୍ର, ବିଷ୍ଣୁପ୍ରସାଦ ମହାନ୍ତି, ସେଖ ସଫିକ ମହମ୍ମଦ, ଜ୍ୟୋସ୍ନା ସେନାପତି, ରୋଜି ପଟ୍ଟନାୟକ, ସରସ୍ୱତୀ ପଣ୍ଡା, ମମତା ଦାସ, ଭରତଚନ୍ଦ୍ର ସେଠୀ, ବିଜୟ କୁମାର ବେହେରା, ପୁରୁଷୋତ୍ତମ ବେହେରା, ବନ୍ଦନା ବିଶ୍ୱାସ, ହେମଲତା ଦାସ, ବାସନ୍ତୀ ମିଶ୍ର ଓ ଜତିନ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଶ୍ୟାମସୁନ୍ଦର ଜେନା ଧନ୍ୟବାଦ ଦେଇଥିଲେ।



**ବନ ବିଭାଗ ପକ୍ଷରୁ ସାଇକଲ ଶୋଭାଯାତ୍ରା**

# ଉଦୟପୁର ବେଳାଭୂମିକୁ ପ୍ଲାଷ୍ଟିକ୍‌ମୁକ୍ତ କରିବାକୁ ହେବ ଟାସ୍କଫୋର୍ସ

ଚନ୍ଦନେଶ୍ୱର,୨୦।୨ (ସମିସ)

ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ଉଦୟପୁର ବେଳାଭୂମିରେ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓ ଜଳେଶ୍ୱର ବନ୍ୟପ୍ରାଣୀ ବନାଞ୍ଚଳ ସହଯୋଗରେ ଶୁକ୍ରବାର ସକାଳେ ମନୋରମ ବେଳାଭୂମି ଉଦୟପୁରଠାରେ ବେଳାଭୂମିକୁ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ଏକ ସଚେତନତା ଓ ସାଇକଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଉଦୟପୁର ବନପାଳ ସଞ୍ଜୟ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ବେଳାଭୂମିରେ ପ୍ଲାଷ୍ଟିକମୁକ୍ତ ସଚେତନତା ଓ ସାଇକଲ ଶୋଭାଯାତ୍ରାରେ ଜଳେଶ୍ୱର ବନ୍ୟପ୍ରାଣୀ ବନାଞ୍ଚଳର ସହକାରୀ ବନ ସଂରକ୍ଷକ ଜୟଶ୍ରୀ ମୁର୍ମୁ ସଚେତନତା ସୃଷ୍ଟି କରିଥିଲେ। ବେଳାଭୂମିକୁ ପ୍ଲାଷ୍ଟିକର ବହୁଳ ବ୍ୟବହାର ଫଳରେ ମାଟି, ପାଣି ଓ ପବନ ପ୍ରଦୂଷିତ ହେଉଛି। ଖାଲି ସେତିକି ନୁହେଁ, ଜୀବଜନ୍ତୁମାନେ ବ୍ୟାପକ ପରିମାଣରେ ପ୍ରଭାବିତ ହେଉଛନ୍ତି। ତେଣୁ ସୁସ୍ଥ ପରିବେଶ ଗଠନ ପାଇଁ ପ୍ଲାଷ୍ଟିକ ବର୍ଜନ କରିବାପାଇଁ ଉପସ୍ଥିତ ଛାତ୍ରଛାତ୍ରୀ, ଜନସାଧାରଣ ଓ ପର୍ଯ୍ୟଟକଙ୍କୁ ସଚେତନ କରିବା ସହିତ ବେଳାଭୂମିକୁ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ଅବିଳମ୍ବେ ଏକ ଟାସ୍କଫୋର୍ସ ଗଠିତ ହେବ ବୋଲି ସେ ସୂଚନା ଦେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ସାହାବାଜିପୁର ଗ୍ରାମପଞ୍ଚାୟତର ସରପଞ୍ଚ ଅରୁଣ କୁମାର ଗିରି, ସମିତିସଭ୍ୟ ତରଣୀକାନ୍ତ ସେନାପତି, ବିଚିତ୍ରପୁର ପ୍ରକୃତି ନିବାସର ସଭାପତି ବଳରାମ ପାତ୍ର, ଶିକ୍ଷକ ନେତା ସୁଶାନ୍ତ ବେହେରା, ଉଦୟପୁର ଜଙ୍ଗଲ କମିଟିର ସଭାପତି କାହ୍ନୁ ଚରଣ ବେହେରା ଏବଂ ଏଫଏନଜିଓ ବିଏସଏସଏସର ଟିମ ଲିଡ଼ର ଚନ୍ଦ୍ରଶେଖର ପଣ୍ଡା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପ୍ରତିଟି ପ୍ଲାଷ୍ଟିକ ଜିନିଷ ବ୍ୟବହାର ଉପରେ ଆମେ ସମ୍ପୂର୍ଣ୍ଣ ନିର୍ଭରଶୀଳ ହୋଇଗଲୁଣି। ତେବେ ଏବେଠୁ ସଚେତନ ନହେଲେ ଏହାର କୁପ୍ରଭାବ ଆଗାମୀ ଦିନରେ ଭୋଗିବାକୁ ପଡିବ। ପ୍ଲାଷ୍ଟିକ ବ୍ୟବହାର ଭୟାବହତା ସମ୍ପର୍କରେ ସଚେତନ କରାଇଥିଲେ। ପରିବେଶ ସାଥୀ ସୁସ୍ମିତା ମହାନ୍ତି, ମାନସୀ ପଟ୍ଟାୟତ, ଗଙ୍ଗାମଣୀ ତରାଇ, ଶାନ୍ତିଲତା ଜେନା, ସନ୍ଧ୍ୟାରାଣୀ ଦଳାଇ, ଜ୍ୟୋସ୍ନାରାଣୀ ଜେନା, ଉମାରାଣୀ ଜେନା, କନକ ମହାନ୍ତି, ଜ୍ୟୋସ୍ନାରାଣୀ ପ୍ରଧାନ, ତନୁଜା ଦଳପତି, ମମତା ବେହେରା ଓ ଚନ୍ଦନେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ସାଇକେଲ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।



୨୦/୨/୨୦୨୬ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୪୧,୭୦୧/- ସୁନା:୦୯.୫୦୦ ଗ୍ରାମ୍ ରୁପା: ୪୫.୦୦୦ ଗ୍ରାମ୍



# ଆସିଲା ଖରା; ବାଲୁଖଣ୍ଡକୁ ବଢ଼ିଲା ନିଆଁ ଭୟ

**ପୁରୀ,୨୦।୨(ସମିସ):** ଆସିଲାଣି ଖରା। ଆଗକୁ ବଢ଼ିବ ରୌଦ୍ରତାପ। ତେବେ ବିଗତ କିଛିବର୍ଷକୁ ଦେଖିଲେ ଗ୍ରୀଷ୍ମ ଆରମ୍ଭରୁ ବନାଗ୍ନି ଚିନ୍ତା ବଢ଼ାଇଥାଏ। କୋଣାର୍କ-ବାଲୁଖଣ୍ଡ ଅଭୟାରଣ୍ୟ ପ୍ରତି ମଧ ପ୍ରତିବର୍ଷ ନିଆଁର ଭୟ ରହିଥାଏ। ସାମାନ୍ୟ ଅସାବଧାନତା ବଡ଼ ବିପଦ ଆଣିପାରେ। କାରଣ ଏହି ଅଭୟାରଣ୍ୟର କିଛି ନିର୍ଦ୍ଦିଷ୍ଟ ଅଞ୍ଚଳରେ ଜମୁଛି ଭୋଜି ଭାତର ଆସର। ଏପରି କି ଅବାଧରେ ଲୋକେ ଯା, ଆସ କରୁଛନ୍ତି। ବିଡ଼ି, ସିଗାରେଟ୍ ନିଆଁ ବି ଭୟଙ୍କର ଅଗ୍ନିକାଣ୍ଡକୁ ଆମନ୍ତ୍ରଣ କରିପାରେ। କିନ୍ତୁ ସମ୍ଭାବ୍ୟ ଆଶଙ୍କାକୁ ଟାଳିବା ପାଇଁ ବିଭାଗ ପକ୍ଷରୁ ସେମିତି କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ।

ପୁରୀ-କୋଣାର୍କ ମେରାଇନ୍ ଡ୍ରାଇଭ୍ ରୋଡ୍‌ରେ ଅବସ୍ଥିତି ବାଲୁଖଣ୍ଡ-କୋଣାର୍କ ଅଭୟାରଣ୍ୟ। ୪୦ କି.ମି. ଲମ୍ବ ୮୭ ବର୍ଗ କି.ମି. ଅଞ୍ଚଳରେ ପରିବ୍ୟାପ୍ତ ଏହି ଅଭୟାରଣ୍ୟର ପରିବେଶ ବେଶ୍ ମନମୁଗ୍ଧକର। ହେଲେ ୨୦୧୯ ମେ' ୩ ତାରିଖରେ ବଦଳି ଯାଇଥିଲା ଏହାର ଚିତ୍ର। ପୁରୀ ଜିଲ୍ଲାରେ ତାଣ୍ଡବ ରଚିଥିଲା ବାତ୍ୟା ଫନୀ। ବିଶେଷକରି ଫନୀ ବାଲୁଖଣ୍ଡ ଅଭୟାରଣ୍ୟରେ ମାଡ଼ ହେବା ପରେ ଏହାର ସବୁଜିମାକୁ ସମ୍ପୂର୍ଣ୍ଣ ଉଜାଡ଼ି ଦେଇଥିଲା। ଘଞ୍ଚ ଜଙ୍ଗଲକୁ ଏକପ୍ରକାର ଟାଙ୍ଗରା ଭୂଇଁ କରିଦେଇଥିଲା। ପ୍ରାୟ ୫ହଜାର ହେକ୍ଟର ଅଞ୍ଚଳରେ ଲକ୍ଷ ଲକ୍ଷ ଗଛ ଧରାଶାୟୀ ହୋଇପଡ଼ିଥିଲା। ପରବର୍ତ୍ତୀ ସମୟରେ ପୁଣି ବାଲୁଖଣ୍ଡର ସବୁଜିମା ଫେରାଇ ଆଣିବା ଲାଗି ସରକାରୀ ଏବଂ ବେସରକାରୀ ସ୍ତରରେ ଉଦ୍ୟମ ହୋଇଛି। କିଛି ନୂଆ ଗଛ ମଧ ଠିଆ ହେଲାଣି। ହେଲେ ଫନୀକୁ ୭ ବର୍ଷ ବିତିବାକୁ ବସିଥିବାବେଳେ ଏହାରି ମଧ୍ୟରେ ଅନେକଥର ବାଲୁଖଣ୍ଡରେ ନିଆଁ ଲାଗି ବହୁ



ସଂଖ୍ୟାରେ ଗଛ ଜଳିପୋଡ଼ି ନଷ୍ଟ ହୋଇଛି। ଆଗକୁ ଖରା ବଢ଼ିବ। ତେଣୁ ଯେଉଁସବୁ କାରଣ ପାଇଁ ବାଲୁଖଣ୍ଡରେ ଅଗ୍ନିକାଣ୍ଡ ଘଟୁଛି ସେଥିପ୍ରତି ବିଭାଗ ସତର୍କ ଏବଂ ସଜାଗ ହେବା ଦରକାର ବୋଲି ମତ ଦେଇଛନ୍ତି ପରିବେଶବିତ୍।

ବାଲୁଖଣ୍ଡରେ ନିଆଁ ଲାଗିବାର ଅନେକ କାରଣ ରହିଛି। ମୁଖ୍ୟ କାରଣ ମଧ୍ୟରେ ଅଭୟାରଣ୍ୟ ଭିତରକୁ ଅବାଧରେ ଲୋକେ ପ୍ରବେଶ କରୁଛନ୍ତି। ବିଡ଼ି, ସିଗାରେଟ୍ ଟାଣୁଥିବାବେଳେ ବଣଭୋଜି ବି ହେଉଛି। ନିଆଁକୁ ନେଇ ସାମାନ୍ୟ ଅସାବଧାନତା ହେଲେ ଅଭୟାରଣ୍ୟରେ ନିଆଁ ଲାଗିବା କିଛି ଅସମ୍ଭବ ନୁହେଁ। ପୁରୀରୁ କୋଣାର୍କ ପର୍ଯ୍ୟନ୍ତ ଏମିତି ଅନେକ ଜାଗା ରହିଛି। ସ୍ୱାମୀ ନାରାୟଣ ମନ୍ଦିର ସମ୍ମୁଖରେ ପର୍ଯ୍ୟଟକ ମନଇଚ୍ଛା ଜଙ୍ଗଲ ଭିତରକୁ ପ୍ରବେଶ କରୁଛନ୍ତି। ପ୍ରାୟ ୫୦୦ ମିଟର ପର୍ଯ୍ୟନ୍ତ ଭିତରକୁ ଯାଉଛନ୍ତି। ସେଠାରେ ପାନ, ବିଡ଼ି, ସିଗାରେଟ୍ ଟାଣୁଛନ୍ତି। ସେହିପରି ନୂଆନଇ, ରାମଚଣ୍ଡୀ,

- ଭୋଜିଭାତ ଉପରେ ଲଗାମ୍ ନାହିଁ
- ଜଙ୍ଗଲ ଭିତରକୁ ରହିଛି ଅବାଧ ପ୍ରବେଶ

ଚନ୍ଦ୍ରଭାଗାରେ ଭୋଜିଭାତର ଆସର ଜମୁଛି। ପୂର୍ବରୁ ଯେଉଁଳି ପିକ୍‌ନିକ୍ ଋତୁ ଥିଲା ଆଉ ସେଭଳି ନାହିଁ। ଏବେ ବର୍ଷତମାମ ପିକ୍‌ନିକ୍ ଋତୁ କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ। ରବିବାର ଏବଂ ବିଭିନ୍ନ ଛୁଟିଦିନରେ ନୂଆନଇ, ରାମଚଣ୍ଡୀ, ଚନ୍ଦ୍ରଭାଗାରେ ଭୋଜି କରାଯାଉଛି। ତେବେ ଅଧିକାଂଶ ଭୋଜିରେ କାଠ ଜାଳି ରୋଷେଇ କରିବାକୁ ଲୋକେ ପସନ୍ଦ କରୁଛନ୍ତି। ରୋଷେଇ ସରିବା ପରେ ଅନେକ ନିଆଁ ଲିଭାଇ ନ ଥା'ନ୍ତି। ଏମିତି ବି ହୋଇଛି ନିଆଁ ଭଲଭାବେ ଲିଭି ନ ଥିବାରୁ ପରେ ପବନରେ ଏହା ଜଳିଉଠି ଜଙ୍ଗଲ ପାଇଁ ବିପଦ ଆଣିଛି। କେବଳ ବଣଭୋଜି ବାଲୁଖଣ୍ଡ ପାଇଁ ବନାଗ୍ନି ବିପଦ ଆଣୁଛି ତା' ନୁହେଁ, କିଛିବର୍ଷ ହେବ ପ୍ରି ୱେଡିଂ ଶୁଟିଂ ବି ବାଲୁଖଣ୍ଡ ପାଇଁ ଅଗ୍ନିକାଣ୍ଡର ଭୟ ଆଣିଛି। ସାହୁଖଣ୍ଡିଠାରୁ ଚନ୍ଦ୍ରଭାଗା ପର୍ଯ୍ୟନ୍ତ ରାସ୍ତାର ବାମପାଶ୍ୱର୍ ଜଙ୍ଗଲରେ ବିବାହ ପୂର୍ବରୁ ପ୍ରି ୱେଡିଂ ଶୁଟିଂ କରାଯାଉଛି। ଏବେ ଅନ୍ୟାନ୍ୟ ଜାଗାରେ ବି ଏଭଳି କରାଗଲାଣି। କ୍ୟାମ୍ପ ଫାୟାର କରାଯାଇ ଫଟୋ, ଭିଡିଓ ଶୁଟିଂ କରୁଛନ୍ତି। ପୂର୍ବରୁ ମଧ ଏଥିପାଇଁ ନିଆଁ ଲାଗିଥିବାର ନଜିର ରହିଛି। ସବୁଠୁ ବଡ଼ କଥା ହେଉଛି ଯଦି ଜଙ୍ଗଲ ଭିତରେ କୌଣସି ଜାଗାରେ ନିଆଁ ଲାଗେ ତେବେ ତାକୁ ଆୟତ୍ତ କରିବା କଷ୍ଟକର ହୋଇପଡ଼ିବ। କାରଣ ଜଙ୍ଗଲ ଭିତରେ ସହଜରେ ପାଣି ମିଳୁ ନାହିଁ। ଅଧିକାଂଶ ଚୁଆ ଶୁଖିଲା ପଡୁଛି।

ଅନ୍ୟପକ୍ଷରେ ଜଙ୍ଗଲ ଭିତରେ ଯଦି କୌଣସି କାରଣ ପାଇଁ ଅଗ୍ନିକାଣ୍ଡ ଘଟେ ତେବେ ଅଗ୍ନିଶମ ବାହିନୀର ବଡ଼ ଗାଡ଼ି ପଶିବା ଏତେଟା ସହଜ ନୁହେଁ। ସେହିପରି ଜଙ୍ଗଲ ଭିତରେ ପର୍ଯ୍ୟାପ୍ତ ଚୁଆ ଏବଂ ପୋଖରୀ ନ ଥିବାବେଳେ ଗ୍ରାମ୍ୟ ଜଙ୍ଗଲ ତତ୍ତ୍ୱାବଧାରକଙ୍କୁ ତୁରନ୍ତ କିପରି ନିଆଁ ଆୟତ୍ତ କରିହେବ ସେ ନେଇ ସଠିକ୍ ତାଲିମ ଦିଆଯାଉ ନାହିଁ। ଆଗକୁ ଖରା ବଢ଼ିବ। ଅଭୟାରଣ୍ୟକୁ ନିଆଁ ମୁହଁରୁ ବଞ୍ଚାଇବା ପାଇଁ ବନ ବିଭାଗ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମର ଜନସାଧାରଣଙ୍କୁ ସଚେତନ କରିବା ସହ ପାଟ୍ରୋଲିଂ ମଧ କଡ଼ାକଡ଼ି ହେବା ଦରକାର।

## ୫୨ ଅମାନିଆ ବାଇକ୍ ଚାଳକଙ୍କୁ ଜରିମାନା

**ପୁରୀ,୨୦।୨(ସମିସ):** ପୁରୀ ପୁଲିସ ସିଟି ସବ୍‌ଡିଭିଜନ ପକ୍ଷରୁ ସଡ଼କ ସୁରକ୍ଷା ଓ ଯାତାୟାତ ନିୟମ କଡ଼ାକଡ଼ି ଭାବେ ପାଳନ ଉଦ୍ଦେଶ୍ୟରେ ଶୁକ୍ରବାର ଏକ ବିଶେଷ ଅଭିଯାନ କରାଯାଇଥିଲା। ସହରର ବିଭିନ୍ନ ମୁଖ୍ୟ ରାସ୍ତାରେ ଗାଡ଼ି ଯାଞ୍ଚ ହୋଇଥିଲା।



ବାଇକ୍‌ରେ ତିନିଜଣ ବସିବା ଏବଂ ଅତ୍ୟଧିକ ବେଗରେ ବାଇକ୍ ଚଳାଉଥିବା ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ ରହିଥିଲା। ମୋଟ୍ ୫୨ଟି ବାଇକ୍ ବିରୋଧରେ ଟ୍ରିପଲ୍ ରାଇଡିଂ, ଅତ୍ୟଧିକ ବେଗରେ ଚାଳନା ଓ ଅନ୍ୟାନ୍ୟ ଯାତାୟାତ ନିୟମ ଉଲ୍ଲଂଘନ ଅଭିଯୋଗରେ ଜରିମାନା କଟାଯାଇଥିଲା। କେତେକ ଚାଳକଙ୍କୁ ସଚେତନ କରାଯାଇ ଭବିଷ୍ୟତରେ ନିୟମ ମାନି ଗାଡ଼ି ଚଳାଇବାକୁ ପରାମର୍ଶ ଦିଆଯାଇଥିଲା। ଟ୍ରିପଲ୍ ରାଇଡିଂ ଓ ସ୍ପିଡ୍ ଡ୍ରାଇଭିଂ ଦୁର୍ଘଟଣାର ପ୍ରମୁଖ କାରଣ। ଏହା ନିଜ ଓ ଅନ୍ୟମାନଙ୍କ ଜୀବନ ପାଇଁ ଗୁରୁତର ବିପଦ ସୃଷ୍ଟି କରିଥାଏ। ସମସ୍ତ ଯାନଚାଳକଙ୍କୁ ଯାତାୟାତ ନିୟମ କଡ଼ାକଡ଼ି ଭାବେ ପାଳନ କରିବାକୁ ଓ ନିରାପଦ ଯାତ୍ରାକୁ ପ୍ରାଥମ୍ୟ ଦେବାକୁ ପୁଲିସ ପକ୍ଷରୁ ଅନୁରୋଧ କରାଯାଇଛି।

## ଛାତ୍ରଛାତ୍ରୀଙ୍କ ଶିଳ୍ପାନୁଷ୍ଠାନ ପରିଦର୍ଶନ

**ପୁରୀ,୨୦।୨(ସମିସ):** ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟର ଏମ୍‌ବିଏ ଓ ଏମ୍‌ଏଫ୍‌ସି ବିଭାଗ ଛାତ୍ରଛାତ୍ରୀମାନଙ୍କର ଶିଳ୍ପାନୁଷ୍ଠାନ ପରିଦର୍ଶନ କାର୍ଯ୍ୟକ୍ରମ ଗୁରୁବାରଠାରୁ ଆରମ୍ଭ ହୋଇଛି। ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ଏହି କାର୍ଯ୍ୟକ୍ରମ ଅନୁଯାୟୀ ଛାତ୍ରଛାତ୍ରୀମାନେ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାସ୍ଥିତ ରାଷ୍ଟ୍ରୀୟଇସ୍ପାତ ନିଗମ ଲିମିଟେଡ୍ ଓ ଭାରତ ହେଭି ଇଲେକ୍ଟ୍ରିକାଲ୍‌ସ ଲିମିଟେଡ୍ ଇତ୍ୟାଦି ଶିଳ୍ପାନୁଷ୍ଠାନ ପରିଦର୍ଶନ କରିବା ସହିତ ନିକଟବର୍ତ୍ତୀ ଐତିହାସିକ ଓ ଦର୍ଶନୀୟ ସ୍ଥାନ ପରିଭ୍ରମଣ କରିବାର ସୁଯୋଗ ଲାଭ କରିବେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ମ୍ୟାନେଜମେଣ୍ଟ ଛାତ୍ରଛାତ୍ରୀମାନେ, ଶିଳ୍ପାନୁଷ୍ଠାନମାନଙ୍କର ମାନବ ସମ୍ବଳ ପରିଚାଳନା, ବ୍ୟାବସାୟିକ ଓ ବିତ୍ତୀୟ ପରିଚାଳନା ଏବଂ ସିଏସ୍‌ଆର ଅଧୀନରେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଜ୍ଞାନ ଆହରଣ କରିପାରିବେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ଚିତ୍ତରଞ୍ଜନ ଦ୍ୱିବେଦୀଙ୍କ ପ୍ରେରଣା ଓ ଏମ୍‌ବିଏ ବିଭାଗର ମୁଖ୍ୟ ଡ. ସତ୍ୟ ପ୍ରକାଶ ମିଶ୍ରଙ୍କ ପ୍ରତ୍ୟକ୍ଷ ସହଯୋଗିତାରେ ବିଭାଗୀୟ ଅଧ୍ୟାପକ ପ୍ୟାରୀମୋହନ ଜେନା ଓ ଅଧ୍ୟାପିକା ସୌମ୍ୟା ମହାନ୍ତି ଛାତ୍ରଛାତ୍ରୀମାନଙ୍କ ସାଙ୍ଗରେ ରହି ଏହି ଶିଳ୍ପାନୁଷ୍ଠାନ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

## ଦେଶୀ ମଦ ପ୍ରସ୍ତୁତି ବେଳେ ଚଢ଼ଉ; ମହିଳା ଗିରଫ

**ପୁରୀ,୨୦।୨(ସମିସ):** ଦେଶୀ ମଦ ପ୍ରସ୍ତୁତି ବେଳେ ଚଢ଼ଉ କରି ଜଣେ ମହିଳାଙ୍କୁ ଗିରଫ କରିଛି ସମୁଦ୍ରକୂଳ ଥାନା ପୁଲିସ। ଅଭିଯୁକ୍ତ ହେଲେ ବାଲିନାଳିଆ ସାହି ଝାରକଟା ସାହିର ଏସ୍.ମଞ୍ଜୁ (୫୦)। ପୁଲିସ ସୂଚନା ଅନୁଯାୟୀ, ଶୁକ୍ରବାର ସମୁଦ୍ରକୂଳ ଥାନା ପୁଲିସ ପାଟ୍ରୋଲିଂ କରୁଥିଲା। ବାଲିନୋଳିଆ ସାହିରେ ଜଣେ ମହିଳା ଦେଶୀ ମଦ ପ୍ରସ୍ତୁତ କରୁଥିବା ଖବର ପାଇ ପାଟ୍ରୋଲିଂ ଟିମ୍ ସେଠାରେ ପହଞ୍ଚିଥିଲେ। ଏସ୍.ମଞ୍ଜୁ ତାଙ୍କ ଘର ସମ୍ମୁଖ ଏକ କୁଡ଼ିଆ ଭିତରେ ଦେଶୀ ମଦ ପ୍ରସ୍ତୁତ କରୁଥିବା ଦେଖିଥିଲେ। ଯାଞ୍ଚ ବେଳେ ୨ଟି ପ୍ଲାଷ୍ଟିକ୍ ଜାର୍‌କିନ୍‌ରେ ୫ ଲିଟର ଲେଖାଏଁ ଏବଂ ଗୋଟିଏ ଆଲୁମିନିୟମ୍ ପାତ୍ରରେ ୧୦ ଲିଟର ଏହିପରି ୨୦ ଲିଟର ଦେଶୀ ମଦ ଜବତ କରିଥିଲେ। ଏଥିସହ ଗୋଟିଏ ଗ୍ୟାସ୍ ଚୁଲା, ସିଲିଣ୍ଡର, ରେଗୁଲେଟର, ପାଇପ୍, ଗୋଟିଏ ବାଲ୍‌ଟି ଜବତ କରିଥିଲେ। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଏସ୍.ମଞ୍ଜୁଙ୍କୁ କୋର୍ଟ ଚାଲାଣ କରିଛି ପୁଲିସ।

### ବିଶ୍ୱ ସାମାଜିକ ନ୍ୟାୟ ଦିବସ ପାଳିତ

## 'ବରିଷ୍ଠ ନାଗରିକ ସମାଜର ସମ୍ବଳ'

**ପୁରୀ,୨୦।୨(ସମିସ):** ବରିଷ୍ଠ ନାଗରିକମାନଙ୍କ ଅନୁଭବ, ଅଭିଜ୍ଞତା ଓ ସଂସ୍କାର ସମାଜର ମାର୍ଗଦର୍ଶିକା। ସେମାନେ ସମାଜ ପାଇଁ ବୋଝ ନୁହନ୍ତି ବରଂ ସମ୍ବଳ ବୋଲି କହିଛନ୍ତି ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ। ଶୁକ୍ରବାର ଜିଲ୍ଲା ସଂସ୍କୃତି ଭବନଠାରେ ବିଶ୍ୱ ସାମାଜିକ ନ୍ୟାୟ ଦିବସ ଉପଲକ୍ଷେ ବରିଷ୍ଠ ନାଗରିକମାନଙ୍କ ଲାଗି ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ସେଠୀ ପୁରାଣ, ଇତିହାସ ଓ ସାମାଜିକ ବାର୍ତ୍ତାର ବିଭିନ୍ନ ଉଦାହରଣ ଦେଇ ବରିଷ୍ଠମାନେ କିପରି ରାଜ୍ୟ, ରାଷ୍ଟ୍ର ଓ ସମାଜ ପାଇଁ ଜଣେ ଜଣେ ସମ୍ପତ୍ତି ଭଳି ତାହାକୁ ଉଲ୍ଲେଖ କରିଥିଲେ। ସମ୍ପ୍ରତି ସାମାଜିକ ସଂସ୍କାରରେ ଅବକ୍ଷୟ ଯୋଗୁଁ ବରିଷ୍ଠମାନେ କେଉଁଠି ନା କେଉଁଠି ଅବହେଳାର ଶିକାର ହେଉଥିବାର ସୂଚନା ମିଳୁଛି। କାର୍ଯ୍ୟାନୁଷ୍ଠାନ ଲାଗି ଏ ସମ୍ପର୍କରେ ଆଇନରେ ମଧ ପ୍ରାବଧାନ ରହିଛି। ତେଣୁ ବ୍ୟାପକ ସଚେତନତା ମାଧ୍ୟମରେ ବରିଷ୍ଠମାନଙ୍କୁ ଉପଯୁକ୍ତ ସମ୍ମାନ ଦେବାର ପ୍ରକ୍ରିୟାରେ ସାମିଲ୍ ହେବାକୁ ସେ ଅନୁରୋଧ କରିଥିଲେ।

ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ପ୍ରତିନିଧି ଡା. ଉତ୍ପଳ କୁମାର ନନ୍ଦୀ, ଜିଲ୍ଲା ବରିଷ୍ଠ ନାଗରିକ କମିଟି ସଦସ୍ୟ ହରିଶଙ୍କର ମିଶ୍ର, ସଦସ୍ୟା ସବିତା ମିଶ୍ର, ଜିଲ୍ଲା ଇ- ଗଭର୍ଣ୍ଣାନ୍ସ ପରିଚାଳକ ପୀୟୂଷ ଚକ୍ରବର୍ତ୍ତୀ, ଆରକ୍ଷୀ ନିରୀକ୍ଷକ ପବିତ୍ର କୁମାର ମହାରଣା ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକଙ୍କ ସୁରକ୍ଷା ଓ ନିରାପତ୍ତା, ବରିଷ୍ଠ ନାଗରିକ ଭରଣପୋଷଣ ଓ କଲ୍ୟାଣ ଆଇନ, ସାଇବର ଠକେଇରୁ ବର୍ତ୍ତିବା ପାଇଁ ବିବିଧ ସତର୍କତା ଅବଲମ୍ବନ, ସୁସ୍ଥ ରହିବା ପାଇଁ ବିବିଧ ଉପାୟ ଓ ସେମାନଙ୍କ ଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନମିତା ଚାନ୍ଦ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବ୍ୟାଙ୍କ ଏବଂ ବୀମା ସେକ୍ଟର ତରଫରୁ ଆଶିଷ ପଟ୍ଟନାୟକ ଓ କେଲୁ ଶ୍ୟାମ ବ୍ୟାଙ୍କରେ ସୁରକ୍ଷିତ ନେଣଦେଣ, ଆର୍ଥିକ ସାକ୍ଷରତା ସମ୍ପର୍କରେ ଅବଗତ କରାଇଥିଲେ। ପୁରୀ ଜିଲ୍ଲାର ବିଭିନ୍ନ ବ୍ଲକ୍ ତଥା ସହରାଞ୍ଚଳରୁ ବରିଷ୍ଠ ନାଗରିକମାନେ ଉକ୍ତ ସଚେତନତା ଶିବିରରେ ଯୋଗଦେଇଥିଲେ। ଦି ବେଲ୍‌ର ମୁଖ୍ୟ ସିଦ୍ଧାର୍ଥ ରାୟ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ପ୍ରାତଃ ୭ଟାରେ ଏକ ଯୋଗ କାର୍ଯ୍ୟକ୍ରମ ସଂସ୍କୃତି ଭବନଠାରେ ଆୟୋଜିତ କରାଯାଇଥିଲା। ତତ୍‌ପରେ ବରିଷ୍ଠ ନାଗରିକଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ପୁରୀରୁ ବରିଷ୍ଠ ଡାକ୍ତରମାନେ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଆବଶ୍ୟକୀୟ ଔଷଧ ବିତରଣ କରିଥିଲେ।

## ଜଗନ୍ନାଥବଲ୍ଲଭ ମଠ ଟ୍ରଷ୍ଟ ବୋର୍ଡର ପ୍ରଥମ ବୈଠକ



**ପୁରୀ,୨୦।୨(ସମିସ):** ଶ୍ରୀବିଷ୍ଣୁ ସ୍ୱାମୀ ସମ୍ପ୍ରଦାୟ ଅନ୍ତର୍ଭୁକ୍ତ ପ୍ରସିଦ୍ଧ ଶ୍ରୀଜଗନ୍ନାଥ ବଲ୍ଲଭ ମଠ ଟ୍ରଷ୍ଟ ବୋର୍ଡର ପ୍ରଥମ ବୈଠକ ସ୍ୱାମୀ ଶୁଭାନନ୍ଦ ପୁରୀ ମହାରାଜଙ୍କ ଅଧ୍ୟକ୍ଷତାରେ ମଠ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀକ୍ଷେତ୍ରର ଏହି ଐତିହ୍ୟ ସମ୍ପନ୍ନ ମଠର ପ୍ରାଚୀନ ଟ୍ରଷ୍ଟ ବୋର୍ଡର ବୈଠକରେ ଇଣ୍ଟରିମ୍ ମ୍ୟାନେଜିଂ ଟ୍ରଷ୍ଟି ଭାବେ ମହନ୍ତ ଶୁଭାନନ୍ଦ ପୁରୀଙ୍କୁ ମନୋନୀତ କରାଯାଇଛି। ଇଣ୍ଟରିମ୍ ଟ୍ରଷ୍ଟ ବୋର୍ଡର ସମସ୍ତ ସଦସ୍ୟ ସବିଶେଷ ଆଲୋଚନା ପୂର୍ବକ ମଠ ଠାକୁରଙ୍କ ସେବାପୂଜା, ପର୍ବପର୍ବାଣୀ ନୀତି ଓ ମହାପ୍ରଭୁଙ୍କ ଆମୋଦ ଉଦ୍ୟାନ ଭାବେ ପରିଚିତ ବିଭିନ୍ନ ଯାନିଯାତ୍ରା ଉତ୍ସବାଦିର ସୁପରିଚାଳନାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି।

ସେହିପରି ମଠ ସମ୍ପତ୍ତିର ସୁରକ୍ଷା, ସାଧାରଣ ପରିଚାଳନା ତଥା ମଠ ଐତିହ୍ୟର ପ୍ରଚାରପ୍ରସାର ଦିଗରେ ଟ୍ରଷ୍ଟ ପକ୍ଷରୁ ଉଦ୍ୟମ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ପୁରୀ ତହସିଲ୍‌ଦାର ଅଭିଷେକ ଦାଶ, ଟାଉନ୍ ଥାନାର ଭାରପ୍ରାପ୍ତ ଅଧିକାରୀ ଗୋକୁଳ ରଞ୍ଜନ ଦାଶ, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ଭାସ୍କର ମିଶ୍ର, ରାଧାବଲ୍ଲଭ ମଠର ମହନ୍ତ ରାମକୃଷ୍ଣ ଦାସ, ବଳରାମ କୋଟ ମଠ ମହନ୍ତ ରଘୁବୀର ଦାସ ଓ ମଣିରାମ ମଠର ଅଭିରାମ ଦାସଜୀ ଉପସ୍ଥିତ ଥିଲେ।

## ୨୨ରେ ବିଏଫ୍ ୦୭ କ୍ଲାସିକ୍ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା




**ପୁରୀ,୨୦।୨(ସମିସ):** ପୁରୀର ଅଗ୍ରଣୀ ଜିମ୍ ଅନୁଷ୍ଠାନ ଭବାନୀ ଫିଟ୍‌ନେସ ୦୭ ପକ୍ଷରୁ ଆସନ୍ତା ୨୨ ତାରିଖରେ ପୌର ସଦନଠାରେ ରାଜ୍ୟସ୍ତରୀୟ ବିଏଫ୍ ୦୭ କ୍ଲାସିକ୍ ଚାପ୍ଟର-୩ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୧୫୦ରୁ ୨୦୦ ପ୍ରତିଯୋଗୀ ଏହି ରାଜ୍ୟସ୍ତରୀୟ ବଡି ବିଲ୍ଡିଂ ଏବଂ ଫିଟ୍‌ନେସ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଆବେଦନ କରିଛନ୍ତି ବୋଲି ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଭବାନୀ ଫିଟ୍‌ନେସର ପ୍ରତିଷ୍ଠାତା ଭବାନୀ ଶଙ୍କର ଏହି ପ୍ରତିଯୋଗିତାର ରୂପରେଖ ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ, ଏଥିରେ ବଡି ବିଲ୍ଡିଂ, ଡେନିମ୍ ଜିନ୍ସ, ମେନ୍ସ ଫିଜିକ୍ ଓ ମହିଳାମାନଙ୍କ ପାଇଁ ଓମେନ୍ ଗ୍ଲାମର୍ ଏବଂ ଓମେନ୍ ସ୍ପୋର୍ଟ୍ସ ମଡେଲ୍ ବର୍ଗ ରହିଛି। ବଡି ବିଲ୍ଡିଂରେ ଓଜନ ଅନୁଯାୟୀ ୫ଟି ବର୍ଗ, ଡେନିମ୍ ଜିନ୍ସରେ ଉଚ୍ଚତା ଅନୁଯାୟୀ ୨ଟି ବର୍ଗ, ମେନ୍ସରେ ଉଚ୍ଚତା ଅନୁଯାୟୀ ୨ଟି ବର୍ଗ, ଓମେନ୍ ଗ୍ଲାମର୍‌ରେ ଗୋଟିଏ ବର୍ଗ ଏବଂ ଓମେନ୍ ସ୍ପୋର୍ଟ୍ସ ମଡେଲ୍‌ରେ ଗୋଟିଏ ବର୍ଗ ଏହିପରି ସମୁଦାୟ ୧୧ଟି ବର୍ଗ ରହିଛି। ବଡି ବିଲ୍ଡିରେ ଚାମ୍ପିଅନ ଅଫ୍ ଚାମ୍ପିଅନ୍ସଙ୍କୁ ୩୧ ହଜାର ଟଙ୍କା, ମେନ୍ସ ଫିଜିକ୍‌ରେ ଚାମ୍ପିଅନଙ୍କୁ ୧୫ ହଜାର ଟଙ୍କା, ଡେନିମ୍ ଜିନ୍ସରେ ଚାମ୍ପିଅନଙ୍କୁ ୧୧ ହଜାର ଟଙ୍କା ସହିତ ଟ୍ରଫି, ମେଡାଲ୍ ଓ ପ୍ରମାଣପତ୍ର ପ୍ରଦାନ କରାଯିବ। ସେହିପରି ୧୧ଟି ବର୍ଗରେ ପ୍ରତ୍ୟେକ ବର୍ଗର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ବିଜେତାମାନଙ୍କୁ ଯଥାକ୍ରମେ ୫୧୦୦ ଟଙ୍କା, ୩୧୦୦ଟଙ୍କା ଓ ୨୧୦୦ ଟଙ୍କା ଅର୍ଥରାଶି ସହିତ ଟ୍ରଫି, ମେଡାଲ୍ ଓ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ଭବାନୀ କହିଛନ୍ତି। ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ବହୁ ରାଜନେତା ଓ ପ୍ରଶାସନିକ ଅଧିକାରୀମାନେ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ରାଜେଶ କୁମାର ମହାନ୍ତି, ମଧୁସୂଦନ ମିଶ୍ର, ଆଦର୍ଶ କୁମାର ପ୍ରଧାନ, ଚନ୍ଦନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ପୁରୀରେ ମେରୀ ଚା'ର ବିତରକ ସମ୍ମିଳନୀ



**ପୁରୀ,୨୦।୨(ସମିସ):** ଲୋକପ୍ରିୟ ଚା' ବ୍ରାଣ୍ଡ ମେରୀ ଚା'ର ଏକ ବିତରକ ସମ୍ମିଳନୀ ସ୍ଥାନୀୟ ହୋଟେଲ ଏମ୍ପାୟାରରେ ଅନୁଷ୍ଠିତ ହୋଇଯାଇଛି। ବାଲାଜୀ ଆଗ୍ରୋ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ସମଗ୍ର ଭାରତ ବର୍ଷରୁ ପ୍ରାୟ ୭୦୦ ବିତରକ ଅଂଶଗ୍ରହଣ କରିଥିଲେ। ୧୯୮୮ ମସିହାରେ ପ୍ରତିଷ୍ଠିତ ଏବଂ କୋଲକାତାରେ ମୁଖ୍ୟାଳୟ ଥିବା ଏହି କମ୍ପାନୀର ବର୍ତ୍ତମାନର ଅଧ୍ୟକ୍ଷ ନନ୍ଦ କିଶୋର ଅଗ୍ରୱାଲ ବିତରକମାନଙ୍କୁ ସମ୍ବୋଧନ କରିଥିଲେ। ସର୍ବୋତ୍ତମ ଗୁଣବତ୍ତା ଚା' ପ୍ରଦାନ କରିବା ପାଇଁ ବ୍ରାଣ୍ଡର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। କମ୍ପାନୀ ସବୁବେଳେ ଗ୍ରାହକଙ୍କ ଚାହିଦାକୁ ପ୍ରାଧାନ୍ୟ ଦେଇଥାଏ। ସେଥିପାଇଁ ଆସାମରେ କମ୍ପାନୀର ନିଜସ୍ୱ ୫ଟି ଚା' ବଗିଚା, ନେପାଳ ଏବଂ ସିଲିଗୁଡ଼ିରେ ଚା' ପ୍ରକ୍ରିୟାକରଣ କାରଖାନା ମଧ ରହିଛି। ୫୦ରୁ ଅଧିକ ଦେଶକୁ କମ୍ପାନୀ ଚା' ରପ୍ତାନୀ କରୁଥିବାବେଳେ ବାଲାଜୀ ଆଗ୍ରୋ ପ୍ରାଇଭେଟ୍ ଲିମିଟେଡ୍ ଘରୋଇ ଏବଂ ଅନ୍ତର୍ଜାତୀୟ ବଜାରରେ ଏହାର ପାଦଚିହ୍ନ ବିସ୍ତାର କରିଚାଲିଛି। ଯାହା ବିଶ୍ୱ ଚା' ଶିଳ୍ପରେ ସ୍ଥିର ଏବଂ ନିରନ୍ତର ଅଭିବୃଦ୍ଧିକୁ ପ୍ରତିପାଦିତ କରୁଛି ବୋଲି ଅଧ୍ୟକ୍ଷ ଶ୍ରୀ ଅଗ୍ରୱାଲ ସୂଚନା ଦେଇଥିଲେ। ଏହି ଅବସରରେ ବିକ୍ରି କ୍ଷେତ୍ରରେ ଭଲ ପ୍ରଦର୍ଶନ କରିଥିବା ବିତରକମାନଙ୍କୁ କମ୍ପାନୀ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଜେନେରାଲ ମ୍ୟାନେଜର ଅରୁଣ କୁମାର ସିଂ, ବିକ୍ରମ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

### ଗ୍ରୀଷ୍ମ ପ୍ରବାହ ପରିଚାଳନା ବୈଠକ

## ସୁଚାରୁ ରୂପେ ଦାୟିତ୍ୱ ପାଳନ ପାଇଁ ନିର୍ଦ୍ଦେଶ

**ପୁରୀ,୨୦।୨(ସମିସ):** ଗ୍ରୀଷ୍ମ ପ୍ରବାହ ସମ୍ପର୍କରେ ଲୋକମାନଙ୍କୁ ସଚେତନ ସହ ବିଭିନ୍ନ ବିଭାଗ ସେମାନଙ୍କ ପରିଚାଳନାକୁ ସୁଦୃଢ଼ କରିବା ଜରୁରୀ। ଯାହା ଫଳରେ ଏହି ଗ୍ରୀଷ୍ମ ପ୍ରବାହ କ୍ଷୟକ୍ଷତିକୁ ରୋକାଯାଇପାରିବ ବୋଲି କହିଛନ୍ତି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା। ଶୁକ୍ରବାର ସଦ୍‌ଭାବନ ସଭାଗୃହ ପରିସରରେ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କମିଟିର ପୁରୀ ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଶ୍ରୀ ପରିଡ଼ା ପ୍ରାକୃତିକ ବିପର୍ଯ୍ୟୟକୁ ରୋକାଯାଇ ପାରିବ ନାହିଁ। କିନ୍ତୁ ପୂର୍ବ ପ୍ରସ୍ତୁତି ଦ୍ୱାରା ଧନ ଜୀବନ ହାନୀ ଓ କ୍ଷୟକ୍ଷତିକୁ ହ୍ରାସ କରିପାରିବା। ତେଣୁ ବୈଠକର ନିର୍ଯ୍ୟାସ ଅନୁସାରେ ସମସ୍ତ ବିଭାଗ ସେମାନଙ୍କ ଦାୟିତ୍ୱକୁ ସୁଚାରୁ ରୂପେ ନିର୍ବାହ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ପରେ ବିଷଦ୍ ଆଲୋଚନା କରାଯାଇ କାର୍ଯ୍ୟ ଚୂଡ଼ାନ୍ତ କରାଯାଇଥିଲା।

ବ୍ଲକ୍, ତହସିଲ୍, ଜିଲ୍ଲାସ୍ତର ସହ ସମସ୍ତ ବିଭାଗ ସେମାନଙ୍କ କଣ୍ଟ୍ରୋଲ ରୁମ୍ ବା ନିୟନ୍ତ୍ରଣ କକ୍ଷକୁ ନିରନ୍ତର ଭାବେ ତୁରନ୍ତ କାର୍ଯ୍ୟକ୍ଷମ କରିବା, ୱାଟ୍‌କୋ ତରଫରୁ ସହରାଞ୍ଚଳରେ ପାନୀୟ ଜଳ ଯୋଗାଣକୁ ଅଧିକ କ୍ରିୟାଶୀଳ କରିବା, ଆବଶ୍ୟକତା ଅନୁସାରେ ଜଳ ଯୋଗାଇବା, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ପାନୀୟ ଜଳ ଉତ୍ସଗୁଡ଼ିକୁ ନିୟମିତ ବିଶୋଧନ ସହ ଅଧିକ ଟ୍ୟାଙ୍କର ମାଧ୍ୟମରେ ପାନୀୟ ଜଳ ଯୋଗାଣ, ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଜନଗହଳିପୂର୍ଣ୍ଣ ସ୍ଥାନରେ ବିଡିଓ, ପୌର ଓ ଏନ୍‌ଏସିର ନିର୍ବାହୀ ଅଧିକାରୀମାନେ ଜଳଛତ୍ରର ବ୍ୟବସ୍ଥା କରିବା, ଶ୍ରମିକମାନଙ୍କୁ ପୂର୍ବାହ୍ଣ ୧୧ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ କାମ ନ କରାଇବା, ସେମାନଙ୍କ କାର୍ଯ୍ୟ କ୍ଷେତ୍ରରେ ଛାଇ ବ୍ୟବସ୍ଥା, ପାନୀୟ ଜଳ, ସେମାନଙ୍କୁ ସଚେତନତା ବ୍ୟବସ୍ଥା, ଶିକ୍ଷାନୁଷ୍ଠାନଗୁଡ଼ିକ ସରକାରୀ ମାର୍ଗଦର୍ଶିକା ଅନୁସାରେ ପରିଚାଳନା ପାଇଁ ନିଷ୍ପତ୍ତି ହୋଇଛି। ସେହିପରି ସମସ୍ତ ଚିକିତ୍ସାଳୟରେ ଏସି, କୁଲର, ବରଫ, ପ୍ରଚୁର ଓଆର୍‌ଏସ୍ ବ୍ୟବସ୍ଥା, ବେସରକାରୀ ହସ୍ପିଟାଲମାନଙ୍କୁ ସଚେତନ କରାଇବା, ହିଟ୍ ୱେଭ୍‌ରେ ମୃତ୍ୟୁ ଅଭିଯୋଗରେ ପୋଷ୍ଟମର୍ଟମ ସହ ଯୁଗ୍ମ ତଦନ୍ତ, ଗ୍ରୀଷ୍ମ ସମୟରେ ଲୋକମାନଙ୍କୁ କ'ଣ କରିବା କ'ଣ ନ କରିବା ସମ୍ପର୍କରେ ସଚେତନ କରାଇବା, ଜନପ୍ରତିନିଧି, ସ୍ୱେଚ୍ଛାସେବୀମାନଙ୍କୁ ସଚେତନ ଓ ସେମାନଙ୍କ ସହଯୋଗ ନେବା, ନିରବଚ୍ଛିନ୍ନ ବିଦ୍ୟୁତ୍ ଓ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପଶୁ ସମ୍ପଦମାନଙ୍କ ପାଇଁ ପାନୀୟ ଜଳ ଓ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବା, ଶ୍ରୀମନ୍ଦିର ଆସୁଥିବା ଶ୍ରଦ୍ଧାଳୁମାନଙ୍କ ପାଇଁ ଛାଇ, ମ୍ୟାଟ୍ ଓ ଜଳ ସିଞ୍ଚନ ବ୍ୟବସ୍ଥା, ସ୍ୱାସ୍ଥ୍ୟ, ପାନୀୟ ଜଳ ସହ ଓଆର୍‌ଏସ୍ ବ୍ୟବସ୍ଥା, ବିଭିନ୍ନ ଆବାସିକ ଶିକ୍ଷାନୁଷ୍ଠାନରେ ପାନୀୟ ଜଳ ଓ ସ୍ୱାସ୍ଥ୍ୟରକ୍ଷା ବ୍ୟବସ୍ଥା, ପର୍ଯ୍ୟଟନସ୍ଥଳୀମାନଙ୍କରେ ଅନୁରୂପ ସହାୟତା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇ ସମସ୍ତ ବିଭାଗ ତତ୍ପରତାର ସହ ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟସୂଚୀ ଅନୁସାରେ ବୈଠକ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଡ. ଶରତ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଅତିରିକ୍ତ ଏସ୍‌ପି ଦେବୀ ପ୍ରତାପ, ପିକେଡିଏ ସେକ୍ରେଟାରୀ ଦିଲ୍ଲୀପ କୁମାର ମହାରଣା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଜିଲ୍ଲାସ୍ତରୀୟଅଧିକାରୀ, ବିଡିଓ, ତହସିଲ୍‌ଦାର ଓ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜରୁରୀ ବିଭାଗର ଡେପୁଟି କଲେକ୍ଟର ଅନୁଶ୍ରବ ଗନ୍ତାୟତ, ଜିଲ୍ଲା ପ୍ରୋଜେକ୍ଟ ଅଫିସର ସୁକାନ୍ତ କୁମାର ଦାଶ ଓ ଅନ୍ୟାନ୍ୟ କର୍ମଚାରୀ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

### ଭଦ୍ରକ-ଧାମରା ରେଳପଥରେ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ଦାବି

# ରେଳ ସଂଗ୍ରାମ ସମିତି ପକ୍ଷରୁ ୮ ଘଣ୍ଟିଆ ରେଳରୋକ

ଭଦ୍ରକ,୨୦।୨(ସମିସ)

ବିଭିନ୍ନ ଦାବିରେ ଶୁକ୍ରବାର ଭଦ୍ରକ-ଧାମରା ରେଳ ସଂଗ୍ରାମ ସମିତି ପକ୍ଷରୁ ଭଦ୍ରକ-ଧାମରା ରେଳପଥର ଜନ୍ତୁଆଳି ଛକଠାରେ ୮ ଘଣ୍ଟିଆ ରେଳରୋକ ଆନ୍ଦୋଳନ ସଂଗଠିତ କରାଯାଇଛି। ଭଦ୍ରକ-ଧାମରା ରେଳପଥରେ ସରକାରୀ ଯାତ୍ରୀବାହୀ ଟ୍ରେନ୍ ଚଳାଇବା, ଭଦ୍ରକ-ଧାମରା ରେଳପଥର ଶତପ୍ରତିଶତ ଅଂଶ ସରକାରୀ ମାଲିକାନାକୁ ଫେରାଇ ଆଣିବା, ଧାମରା ବନ୍ଦରର ମାଲିକାନା ଆଦାନୀ କମ୍ପାନୀ ହାତରୁ ବାହାରକରି ସରକାରଙ୍କ ହାତକୁ ଆଣିବା, ଧାମରା ବନ୍ଦରରେ ଭଦ୍ରକ ଜିଲ୍ଲାର ଯୁବକଯୁବତୀଙ୍କୁ ସରକାର ନିଯୁକ୍ତି ଦେବା ପାଇଁ ଦାବି କରାଯାଇଛି।




୨୦୦୫ରୁ ଭଦ୍ରକ-ଧାମରା ରେଳପଥ ପାଇଁ ତତ୍କାଳୀନ ରାଜ୍ୟ ସରକାର ଜମି ଅଧିଗ୍ରହଣ କରି ଡିପିସିଏଲ୍‌କୁ ରେଳପଥ ନିର୍ମାଣ ପାଇଁ ଓ ରେଳପଥରେ ମାଲ୍ ପରିବହନ ପାଇଁ ସୁଯୋଗ ଦେଇଥିଲେ। ବନ୍ଦର ଉଦ୍‌ଘାଟନ ଉତ୍ସବରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଧାମରା- ଭଦ୍ରକ ରେଳପଥରେ ଯାତ୍ରୀବାହୀ ରେଳ ଚଳାଚଳ କରିବା ପ୍ରତିଶ୍ରୁତି ଦେଇଥିବାବେଳେ ୨୦୨୫ ପରେ ଧାମରା ବନ୍ଦରର ଶତପ୍ରତିଶତ ମାଲିକାନା ରାଜ୍ୟ ସରକାରଙ୍କ ହାତକୁ ଫେରିଆସିବ ବୋଲି ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ଧାମରା ବନ୍ଦରକୁ ୨୦୨୫ ପର୍ଯ୍ୟନ୍ତ ଲିଜ୍ ସୂତ୍ରରେ ନେଇଥିବା ଗୌତମ ଆଦାନୀ ୨୦୨୪ରେ ରାଜ୍ୟର ସରକାର ପରିବର୍ତ୍ତନ ପରେ "ଧାମରା ବନ୍ଦର'ର ନାମକୁ ଲିଭାଇ କାଗଜପତ୍ରରେ ତଞ୍ଚକତା କରି "ଆଦାନୀ ବନ୍ଦର' ବୋଲି ଲେଖି ମାଲିକାନାକୁ ଶତପ୍ରତିଶତ ନେଇଯିବାକୁ ଅପଚେଷ୍ଟା କରାଯାଇଛି। ଏହି ଘଟଣାକୁ ଭଦ୍ରକ-ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ତୀବ୍ର ନିନ୍ଦା କରାଯିବା ସହ ଧାମରା ବନ୍ଦରର ମାଲିକାନା, ଭଦ୍ରକ-ଧାମରା ରେଳପଥର ମାଲିକାନା ସମ୍ପର୍କରେ ରାଜ୍ୟ ଓ କେନ୍ଦ୍ର ସରକାର ସ୍ପଷ୍ଟ କରିବା ସହ ଭଦ୍ରକ-ଧାମରା ରେଳପଥର ବିଭିନ୍ନ ଷ୍ଟେସନରେ ଆଦାନୀ ନାମକୁ ଲିଭାଇ ଧାମରା ନାମ ଲେଖିବାକୁ ସଂଗ୍ରାମ ସମିତି ଦାବି କରିଛି। ଏହା ସହ ଧାମରା ବନ୍ଦରକୁ ସମ୍ପୂର୍ଣ୍ଣ ସରକାରୀକରଣ କରିବାକୁ ସଂଗ୍ରାମ ସମିତି ଦାବି କରିଛି। ଧାମରା ବନ୍ଦରରେ ପଣ୍ୟ କାରବାରର କୌଣସି ସରକାରୀ ହିସାବ ରହୁ ନ ଥିବାରୁ ସଂଗ୍ରାମ ସମିତି ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯିବା ସହ ଧାମରା ବନ୍ଦର ମଧ୍ୟ ଦେଇ ବିଦେଶକୁ ରପ୍ତାନୀ ହେଉଥିବା ଓ ବିଦେଶରୁ ଆମଦାନୀ ହେଉଥିବା ସମସ୍ତ ଖଣିଜ ପଦାର୍ଥ ଓ ପଣ୍ୟ ହିସାବର ତଦନ୍ତ ସିଏଜି କରିବାକୁ ସଂଗ୍ରାମ ସମିତି ଦାବି କରିଛି। ଧାମରା ବନ୍ଦର ଓ ଭଦ୍ରକ-ଧାମରା ରେଳପଥରେ ଆଦାନୀ କମ୍ପାନୀର ଏକଚାଟିଆ ଆଧିପତ୍ୟକୁ ବିରୋଧ କରି ଶୁକ୍ରବାର ସଂଗ୍ରାମ ସମିତି ପକ୍ଷରୁ ୮ ଘଣ୍ଟିଆ ରେଳରୋକ ଆନ୍ଦୋଳନର ଡକରା ଦିଆଯିବା ଫଳରେ ଆଦାନୀ କମ୍ପାନୀର ବହୁ ସଂଖ୍ୟକ ମାଲ୍‌ବାହୀ ଟ୍ରେନ୍ ଅଟକ ହୋଇ ରହିଥିଲା। ଏହି ଆନ୍ଦୋଳନରେ ଭଦ୍ରକ-ଧାମରା ରେଳ ସଂଗ୍ରାମ ସମିତି ସଭାପତି ଆଇନଜୀବୀ ବିକାଶ ନାଥ, ସଂଗ୍ରାମ ସମିତି ସମ୍ପାଦକ ହାକିମ୍ ଦାସ, ସଂଗ୍ରାମ ସମିତି ଉପଦେଷ୍ଟା ବରିଷ୍ଠ ଆଇନଜୀବୀ ଦିବ୍ୟସିଂହ ନାୟକ, ଅନ୍ୟତମ ଉପଦେଷ୍ଟା ଯାଜପୁର ଜିଲ୍ଲା ପରିଷଦ ୬ନଂ ଜୋନ୍‌ର ସଭ୍ୟା ବିଜେଡି ନେତ୍ରୀ ମାମିନା ମଲ୍ଲିକ୍, କୃଷକ ନେତା ଗିରିଧାରୀ ନାଥ, ମଳୟ ଭୋଇ, ବିଷ୍ଣୁ ଦାଶ, ଗୌରାଙ୍ଗ ଯେନା, ଦିଗମ୍ବର ଦାସ, ଅଞ୍ଜନ ଦାସ, ଇଂ. କାହ୍ନୁକିଶୋର ସାହୁ, ନରହରି ସାମଲ, ବାମଦେବ ମଲ୍ଲିକ୍, କାର୍ତ୍ତିକ ନାଥ, ପ୍ରତାପ ସାମଲ, ଆଲୋକ ନାଥ, ଅଜୟ ଦାସ, ଶଙ୍କର୍ଷଣ ବିଶ୍ୱାଳ, ଶରତ ମଲ୍ଲିକ୍, ପଦ୍ମନାଭ ସେଠୀ ପ୍ରମୁଖ ଯୋଗଦେଇ ସଂଗ୍ରାମ ସମିତିର ଦାବିକୁ ସରକାର ଯଥାଶୀଘ୍ର ପୂରଣ କରିବା ଦିଗରେ ପଦକ୍ଷେପ ନେବାକୁ ଦାବି କରିଥିଲେ।

## ସପିଙ୍ଗ୍ ମଲ୍‌ର ସେଲ୍ସ ଗାର୍ଲଙ୍କ ମୃତ୍ୟୁ; ମ୍ୟାନେଜର ଅଟକ



ବାସୁଦେବପୁର,୨୦।୨(ସମିସ): ଭଦ୍ରକ ଜିଲ୍ଲା ବାସୁଦେବପୁର ସହରରେ ଏକ ସପିଙ୍ଗ୍ ମଲ୍‌ର ସେଲ୍ସ ଗାର୍ଲ କାମିନୀ କାଞ୍ଚନ ଧଳଙ୍କର ସନ୍ଦେହଜନକ ମୃତ୍ୟୁ ହୋଇଛି। କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ତାଙ୍କର ମୃତ୍ୟୁ ଘଟିଥିବାବେଳେ କାମିନୀଙ୍କ ମୃତ୍ୟୁ ପାଇଁ ମଲ୍‌ର ମ୍ୟାନେଜର ରାହୁଲ ନାୟକ ଦାୟୀ ବୋଲି ତାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ପ୍ରେସ୍ କ୍ଲବ୍ ମାର୍ଗରେ ଥିବା ଉକ୍ତ ସପିଙ୍ଗ୍ ମଲ୍ ମ୍ୟାନେଜରଙ୍କୁ ଗୁରୁବାର ବିଳମ୍ବିତ ରାତିରେ ପୁଲିସ ଧରି ଆଣି ଥାନାରେ ଅଟକ ରଖିଥିବା ଜଣାପଡ଼ିଛି।

କାମିନୀଙ୍କ ବାପା ସୁରେନ୍ଦ୍ରଙ୍କ ଅଭିଯୋଗ ଅନୁସାରେ, ତାଙ୍କ ଝିଅକୁ ରାହୁଲ ଗତ ଜାନୁଆରୀ ୩୧ରେ ପିକ୍‌ନିକ୍‌ରେ ବାଲେଶ୍ୱର, ରେମୁଣା, ଚାନ୍ଦିପୁର ଆଦି ଅଞ୍ଚଳକୁ ବୁଲାଇ ନେଇଥିଲେ। ସେହି ସମୟରେ ତାଙ୍କ ଝିଅକୁ ମୃଦୁ ପାନୀୟ କିମ୍ବା ଖାଇବାରେ ସ୍ଲୋ ପଏଜନ୍ ଦିଆଯାଇଥିଲା। ପିକ୍‌ନିକ୍‌ରୁ ଫେରିବା ପରଦିନଠାରୁ ତାଙ୍କ ଝିଅ ଅସୁସ୍ଥ ହେବା ଆରମ୍ଭ ହୋଇଥିଲା। ପରେ ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ବାସୁଦେବପୁର ଡାକ୍ତରଖାନା ଓ ପରେ କଟକର ଟାଙ୍ଗୀ ନିକଟସ୍ଥ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପିକ୍‌ନିକ୍ ଯିବାର କିଛିମାସ ପୂର୍ବରୁ ତାଙ୍କ ଝିଅକୁ ରାହୁଲ ଏକତରଫା ପ୍ରେମ କରି ବ୍ଲାକ୍ ମେଲିଂ କରୁଥିଲେ ବୋଲି ସୁରେନ୍ଦ୍ର ଏତଲାରେ ମଧ୍ୟ ଉଲ୍ଲେଖ କରିଛନ୍ତି। ଏନେଇ ଏକ ମାମଲା ରୁଜୁ କରାଯାଇ ମ୍ୟାନେଜର ରାହୁଲଙ୍କୁ ଅଟକ ରଖି ପଚରାଉଚରା କରୁଛି ପୁଲିସ। ଘଟଣାର ତଦନ୍ତ ପ୍ରକ୍ରିୟା ଜାରି ରହିଛି ବୋଲି ଆଇଆଇସି ନୀରଜ କୁମାର ସାମଲ କହିଛନ୍ତି।

## ଜିଲ୍ଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷଙ୍କ ଗାନ୍ଧୀ ବାଳାଶ୍ରମ ପରିଦର୍ଶନ



ଭଦ୍ରକ,୨୦।୨(ସମିସ): ଗରଦପୁରସ୍ଥିତ ଗାନ୍ଧୀ ଓଡ଼ିଶା ବାଳାଶ୍ରମକୁ ଭଦ୍ରକ ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ସୁବ୍ରତ ବିଶ୍ୱାଳ, ବରିଷ୍ଠ ସଦସ୍ୟ ପ୍ରଦୀପ୍ତ କୁମାର କର, ମମତା ରାୟ, ଲଳିତା ସାହୁ ଏବଂ ଡାଟାଏଣ୍ଟ୍ରି ଅପେରଟର ମନୋଜ ସାହୁ ପରିଦର୍ଶନ କରିଛନ୍ତି। ବାଳାଶ୍ରମ ତରଫରୁ ଶିଶୁ ମଙ୍ଗଳ ସମିତିର ସଦସ୍ୟସଦସ୍ୟାଙ୍କୁ ସ୍ୱାଗତ କରାଯାଇଥିଲା। ବାଳାଶ୍ରମର ସମ୍ପାଦକ ଅଶୋକ କୁମାର ଦାସ ବାଳାଶ୍ରମ ସମ୍ପର୍କରେ ସୂଚନା ଦେବା ସହ ବାଳାଶ୍ରମ ପରିଚାଳନା କ୍ଷେତ୍ରରେ ଉପୁଜୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଏଠାରେ ଅବସ୍ଥାନ କରୁଥିବା ଅନ୍ତେବାସୀମାନଙ୍କର ସର୍ବାଙ୍ଗିଣ ବିକାଶ ଦିଗରେ ସମସ୍ତ କର୍ମଚାରୀଙ୍କୁ ଅଧିକ ଯତ୍ନବାନ ହେବା ପାଇଁ ଅଧ୍ୟକ୍ଷ ପରାମର୍ଶ ଦେଇଥିଲେ। ବାଳାଶ୍ରମର ମାଟ୍ରିକ୍ ପରୀକ୍ଷାର୍ଥୀମାନଙ୍କୁ ସଫଳତା ନିମନ୍ତେ ଅଧ୍ୟକ୍ଷଙ୍କ ସମେତ ସଦସ୍ୟମାନେ ଶୁଭେଚ୍ଛା ଜଣାଇଥିଲେ। ବାଳାଶ୍ରମର ଅନ୍ତେବାସୀମାନଙ୍କୁ ଦକ୍ଷତା ବିକାଶ ପାଠ୍ୟକ୍ରମରେ ସାମିଲ୍ କରିବା ପାଇଁ ବରିଷ୍ଠ ସଦସ୍ୟ ଶ୍ରୀ କର ପରାମର୍ଶ ଦେଇଥିଲେ। ବାଳାଶ୍ରମ ତରଫରୁ ଅନ୍ତେବାସୀମାନଙ୍କୁ ଯୋଗାଇ ଦିଆଯାଉଥିବା ବ୍ୟବସ୍ଥାଗୁଡ଼ିକୁ ବୁଲି ଦେଖିବା ସହ ଗାନ୍ଧୀ ସ୍ମୃତି ମନ୍ଦିର, ସଙ୍ଗୀତ ଷ୍ଟୁଡିଓ, ପିଲାମାନଙ୍କ ଦ୍ୱାରା ପ୍ରସ୍ତୁତ ବଗିଚା ଦେଖି ଆନନ୍ଦିତ ହୋଇଥିଲେ।

## ପାଣି ଟାଙ୍କି ଅଚଳ; ପୈଠ ହେଉଛି ବିଦ୍ୟୁତ୍ ବିଲ୍

ଦୋଳସାହି,୨୦।୨(ସମିସ): ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତି ପଞ୍ଚାୟତରେ ନିର୍ମାଣ ହୋଇଥିବା ଦୁଇରୁ ତିନିଟି ପାଣି ଟାଙ୍କି ରହିଛି। ତେବେ ଏସବୁ ମଧ୍ୟରୁ ଅଧିକାଂଶ ପାଣି ଟାଙ୍କିରୁ ଜଳ ଯୋଗାଣ ହେଉ ନ ଥିଲାବେଳେ ଏହି ଅଚଳ ପାଣି ଟାଙ୍କିରେ ବିଦ୍ୟୁତ୍ ସଂଯୋଗ ହୋଇଥିବା ସହ ବିଦ୍ୟୁତ୍ ବିଲ୍ ପ୍ରଦାନ କରାଯାଉଥିବା ନେଇ ସୂଚନା ମିଳିଛି।



ସୂଚନାଯୋଗ୍ୟ, ତିହିଡ଼ି ବ୍ଲକ୍‌ରେ ୩୧ ପଞ୍ଚାୟତରେ ସରକାରଙ୍କ ପକ୍ଷରୁ ପିଇବା ପାଣି ଯୋଗାଇଦେବା ପାଇଁ ପ୍ରତି ପଞ୍ଚାୟତରେ କୋଟି କୋଟି ଟଙ୍କା ବ୍ୟୟବରାଦ ହୋଇ ନିର୍ମିତ ହୋଇଛି ପାଣି ଟାଙ୍କି। ତେବେ ପାଣି ଟାଙ୍କିରୁ ଜଳ ଯୋଗାଣ ହେଉ ନ ଥିଲାବେଳେ ଏଠାରେ ବିଦ୍ୟୁତ୍ ସଂଯୋଗ ହୋଇଥିବାବେଳେ ବିଦ୍ୟୁତ୍ ବିଲ୍ ପଞ୍ଚାୟତ ପାଣ୍ଠିରୁ ପୈଠ କରାଯାଉଥିବା ସାଧାରଣରେ ଅଭିଯୋଗ ହୋଇଛି। ଗୁଆମାଳ ପଞ୍ଚାୟତରେ ଥିବା ତିନୋଟି ପାଣି ଟାଙ୍କି ଅଚଳ ଅବସ୍ଥାରେ ପଡ଼ିଥିବାବେଳେ ଏହି ପାଣି ଟାଙ୍କିରେ ବିଦ୍ୟୁତ୍ ସଂଯୋଗ ହୋଇଥିବା ନେଇ ବିଦ୍ୟୁତ୍ ବିଲ୍ ପଞ୍ଚାୟତ ପାଣ୍ଠିରୁ ଖର୍ଚ୍ଚ ହେଉଛି। ଏ ସମ୍ପର୍କରେ ଗୁଆମାଳ ପଞ୍ଚାୟତ ଅଧିକାରୀ ଅରୁଣ ପଣ୍ଡାଙ୍କୁ ପଚାରିବାରୁ ବିଦ୍ୟୁତ୍ ବିଲ୍ ପଞ୍ଚାୟତ ପାଣ୍ଠିରୁ ପ୍ରଦାନ କରାଯାଉଥିବା କହିଛନ୍ତି। ସେହିପରି ଗୁଆମାଳ ପଞ୍ଚାୟତରେ ପିଇବା ପାଣିର ଅଭାବ ନ ଥିବା ବେଳେ ପାଣି ଟାଙ୍କି ନିର୍ମାଣ କରି ସରକାରୀ କାର୍ଯ୍ୟ ନିମ୍ନମାନର କରାଇ ସରକାରୀ ଅର୍ଥ ଆତ୍ମସାତ୍ କରାଯାଇଥିବା ସାଧାରଣରେ ଆଲୋଚନା ହେଉଛି।

### ଚାଇଲ୍ଡ ହେଲ୍ପ ଲାଇନ୍ ପକ୍ଷରୁ ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

## ଉତ୍ତମ ପରାମର୍ଶ ଦ୍ୱାରା ଶିଶୁର ମାନସିକ ପରିବର୍ତ୍ତନ କରାଯାଇ ପାରିବ

ଭଦ୍ରକ,୨୦।୨(ସମିସ): ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଚାଇଲ୍ଡ ହେଲ୍ପ ଲାଇନ୍ ପକ୍ଷରୁ ଭଦ୍ରକ ବ୍ଲକ୍ ସଭାଗୃହ ପରିସରରେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଓ ଶିଶୁ ଗୃହ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ଅଂଶଗ୍ରହଣରେ ଏକ ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚାଇଲ୍ଡ ହେଲ୍ପ ଲାଇନ୍‌ର ପ୍ରକଳ୍ପ ସଂଯୋଜିକା ଶୁଭଶ୍ରୀ ପଡ଼ିଆରୀଙ୍କ ମଞ୍ଚ ସଞ୍ଚାଳନରେ ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ସୁବ୍ରତ ବିଶ୍ୱାଳ ମୁଖ୍ୟ ଅତିଥି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ସମ୍ମାନିତ ଅତିଥି, ମୁଖ୍ୟବକ୍ତା ତଥା ବିଷୟ ବିଶାରଦ ରୂପେ ଶିଶୁ ସୁରକ୍ଷା ବିଭାଗର ଆଇନ ଅଧିକାରୀ ସୁବ୍ରତ ଦାସ, ପ୍ରଗତି ଯୁବକ ସଂଘର ନିର୍ଦ୍ଦେଶକ ଦେବବ୍ରତ ଦାସ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ଅତିଥି ତଥା ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ନିଜ ବକ୍ତବ୍ୟରେ ସମସ୍ତଙ୍କ ସହଯୋଗରେ ତୃଣମୂଳସ୍ତରରୁ ଶିଶୁ ସୁରକ୍ଷାକୁ ବଳବତ୍ତର କରିବା ପାଇଁ ପରାମର୍ଶ ଦେଇଥିଲେ। ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ମହାନ୍ତି ପିଲାମାନଙ୍କୁ ଦକ୍ଷତା କୌଶଳରେ ନିୟୋଜିତ କରିବା ପାଇଁ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଶ୍ରୀ ଦାସ ଶିଶୁମାନଙ୍କ ଅଧିକାର ଓ ସୁରକ୍ଷା ପାଇଁ ପ୍ରତ୍ୟେକ ପରିବାରରେ ପିଲାମାନଙ୍କୁ ସୁରକ୍ଷିତ ରଖିବା ପ୍ରାଥମିକ ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି କହିଥିଲେ। ଶିଶୁକୁ ଉତ୍ତମ ପରାମର୍ଶ ସେବା ମାଧ୍ୟମରେ ତା'ର ମାନସିକ ପରିବର୍ତ୍ତନ କରାଯାଇପାରିବ ବୋଲି ମତ ପ୍ରଦାନ କରିଥିଲେ। ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ପିଲାମାନଙ୍କୁ ସୁରକ୍ଷିତ ଶିଶୁ ପାଇଁ (୧୦୯୮) ନିଃଶୁଳ୍କ ନମ୍ବର ବ୍ୟବହାର ପାଇଁ ସମସ୍ତ ଅଂଶୀଦାରଙ୍କୁ ପରାମର୍ଶ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ଶିଶୁ ଅନୁଷ୍ଠାନର କର୍ମକର୍ତ୍ତା ଅଂଶ ଗ୍ରହଣ କରିଥିଲେ। ଚାଇଲ୍ଡ ଲାଇନ୍‌ର ଟିମ୍ ସଦସ୍ୟ ଲକ୍ଷ୍ମୀକାନ୍ତ ସେଠୀ, ଚନ୍ଦ୍ରକାନ୍ତ ଗୋଚ୍ଛାୟତ, ପରାମର୍ଶଦାତା ଲକ୍ଷ୍ମଣ ଜେନା, ପରିଦର୍ଶକ ଦିଗ୍‌ବିଜୟ ମହାନ୍ତି, ଟିମ୍ ମେମ୍ବର କାହ୍ନୁ ମଲ୍ଲିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।




### ମିଲରଙ୍କ ମନମାନୀ ଯୋଗୁଁ ମଣ୍ଡିରେ ଗଡୁଛି ହଜାର ହଜାର ବସ୍ତା ଧାନ

## ଶୀତ କାକରରେ ଜଗି ବସିଛନ୍ତି ଚାଷୀ

ବାସୁଦେବପୁର,୨୦।୨(ସମିସ): ମିଲରଙ୍କ ମନମାନୀ ଯୋଗୁଁ ବାସୁଦେବପୁର ବ୍ଲକ୍‌ର ବିନାୟକପୁର ମଣ୍ଡିର ଗଡୁଛି ହଜାର ହଜାର ଧାନ ବସ୍ତା। ଟୋକନ୍ କଟିଯିବା ଭୟରେ ଚାଷୀ ମୁଣ୍ଡରେ ପଡ଼ିଛି ଚଡ଼କ। କେତେବେଳେ ପ୍ରାକୃତିକ ବିପର୍ଯ୍ୟୟ ତ ପୁଣି କେତେବେଳେ ସାରର କୃତ୍ରିମ ଅଭାବ। ପୁଣି କେତେବେଳେ ନକଲି ସାରର ଭୟ ତ ପୁଣି ରୋଗପୋକ ମୁଣ୍ଡ ବ୍ୟଥାର କାରଣ ପାଲଟିଛି। ଚାଷୀ ଖରା ବର୍ଷା ଶୀତକୁ ଖାତିର୍ ନ କରି କ୍ଷେତରେ ଫଳାଇଲା ସୁନାର ଫସଲ। ମାସ ମାସ ପରେ ଡେରିରେ ଖୋଲିଲା ମଣ୍ଡି। ସରକାର କହିଲେ କଟ୍‌ନୀଛଟ୍‌ନୀ ନାହିଁ। ବାସୁଦେବପୁର ବ୍ଲକ୍‌ର ଧାନ କିଣାରେ ୮ରୁ ୧୦ ପ୍ରତିଶତ କଟ୍‌ନୀଛଟ୍‌ନୀ ଚାଲିଛି। ତଥାପି ଉଠୁନାହିଁ ଧାନ ବସ୍ତା। ଫଳରେ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।



ବାସୁଦେବପୁର ବ୍ଲକ୍‌ର ବିନାୟକପୁର ସେବା ସମବାୟ ସମିତିରେ ୬୪୭ ଚାଷୀଙ୍କ ପଞ୍ଜୀକରଣ ହୋଇଛି। ସୋସାଇଟିର ୯୮୪୫ କ୍ୱିଣ୍ଟାଲ ଧାନ କ୍ରୟ ପାଇଁ ଧାର୍ଯ୍ୟ କରାଯାଇଛି। ୧୩ ହଜାର ୬୨୬ କ୍ୱିଣ୍ଟାଲ ଟାର୍ଗେଟ ରହିଥିଲା। ବୁଧବାର ସୁଦ୍ଧା ୩୦୯ ଜଣ ଚାଷୀଙ୍କଠାରୁ ୮୬୫୭ କ୍ୱିଣ୍ଟାଲ କିଣାଯାଇଛି। ବିନାୟକପୁର ସୋସାଇଟିରୁ ଭଦ୍ରକ କ୍ଷେତ୍ରପାଳ ମିଲର୍ସ, ଦୁର୍ଗା ରାଇସ୍ ମିଲ୍, ସିମ୍ବଲ ଆଗ୍ରୋ ରାଇସ୍ ମିଲ୍‌କୁ ପ୍ରଦାନ କରାଯାଇଛି। କ୍ଷେତ୍ରପାଳ ରାଇସ୍ ମିଲ୍ ୧୮ ଦିନ ପରେ ଗୁରୁବାର ଗୋଟିଏ ଗାଡ଼ିର ୨୯୯ ବସ୍ତା ଧାନ ନେଇଛି ବୋଲି ସୋସାଇଟିର ସଭାପତି ବ୍ରଜକିଶୋର ବାରିକ କହିଛନ୍ତି। ମଣ୍ଡିରେ ହଜାର ହଜାର ବସ୍ତା ଧାନ ପଡ଼ିରହିଛି। ମିଲରଙ୍କ ମନମାନୀ ଯୋଗୁଁ ଧାନ ଉଠାଇବାରେ ବିଳମ୍ବ ହେଉଛି। ଦୁଇ ମାସ ଧରି ଅପେକ୍ଷା କରି ବସିଥିବା ଚାଷୀଙ୍କ ଟୋକନ୍ କଟିଯିବା ଭୟରେ ଚାଷୀଙ୍କ ଅସନ୍ତୋଷର କାରଣ ହୋଇଛି। ବାସୁଦେବପୁର ବ୍ଲକ୍‌ର ୩୬ଟି ପଞ୍ଚାୟତ ଓ ପୌରପାଳିକାର ୨୩ଟି ୱାର୍ଡରେ ରହିଛି ୨୨ଟି ସେବା ସମବାୟ ସମିତି। ବାସୁଦେବପୁର ୫ଟି ମଣ୍ଡି ଦାୟିତ୍ୱ ସ୍ୱୟଂ ସହାୟକ ଗୋଷ୍ଠୀକୁ ପ୍ରଦାନ କରାଯାଇଛି। ପାଗର ପରିବର୍ତ୍ତନ ଯୋଗୁଁ ଅସନ୍ତୋଷର କାରଣ ହୋଇଛି। ଶହଶହ ଚାଷୀ ଧାନ ପକାଇ ଗୋରୁଗାଈ ଖାଇଯିବା ଭୟରେ ଦିନରାତି ଜଗି ବସିଛନ୍ତି। ଚାଷୀଙ୍କୁ ଉପେକ୍ଷା କରି ବେପାରୀଙ୍କ ଧାନ ଉଠାଇବାକୁ ପ୍ରାଧାନ୍ୟ ଦେଉଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି।

## ବାଲି ଓ ମାଟି ବୋଝେଇ ଟ୍ରାକ୍ଟର ଜବତ



ବାରିକପୁର,୨୦।୨(ସମିସ): ଭଣ୍ଡାରିପୋଖରୀ ଥାନା ଅଞ୍ଚଳରେ ଦିନକୁ ଦିନ ବେଆଇନ ବାଲି ଓ ମାଟି ଚୋରି ବୃଦ୍ଧି ପାଉଛି। ଚୋରା ଚାଲାଣକୁ ରୋକିବା ପାଇଁ ଥାନା ସମେତ ତହସିଲ୍ ଓ ଖଣି ବିଭାଗକୁ ସରକାରୀ ଭାବେ ଦାୟିତ୍ୱ ଦିଆଯାଇଛି। ପରିତାପର ବିଷୟ ୩ଟି ବିଭାଗ ଏହା ଉପରେ କିଛି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାଁନ୍ତି। ଫଳରେ ପ୍ରତ୍ୟେକ ଦିନ ବେଆଇନ ବାଲି ସହିତ ଏବେ ମାଟି ପରିବହନ ଲାଗି ରହିଛି। କେତେବେଳେ କେମିତି ଗଣମାଧ୍ୟମ ଚାପରେ କିଛି ଗାଡ଼ି ଧରାହେଉଥିଲେ ମଧ୍ୟ ଚୋରା ଚାଲାଣ କିନ୍ତୁ ଜାରି ରହିଛି। ସୂଚନା ମୁତାବକ, ଗତ ଗୁରୁବାର ମଣିନାଥପୁର ପଟୁ ଏକ ଟ୍ରାକ୍ଟର ବାଲି ବୋଝେଇ କରି ଭଣ୍ଡାରିପୋଖରୀ ଅଭିମୁଖେ ଆସୁଥିବାବେଳେ ପୁଲିସ ଏହାକୁ ଧରିଛି। ସେହିପରି ବାଲି ପୋଖରୀ ଅଞ୍ଚଳରୁ ମଧ୍ୟ ୨ଟି ବେଆଇନ ମାଟି ବୋଝେଇ ଟ୍ରାକ୍ଟରକୁ ଖଣି ବିଭାଗ ଜବତ କରି ଥାନା ହେପାଜତରେ ରଖିଛି। ନିର୍ଭରଯୋଗ୍ୟ ସୂତ୍ରରୁ ମିଳିଥିବା ତଥ୍ୟ ଅନୁସାରେ, ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଓ ପୁଲିସ ବିଭାଗର କିଛି ତଳିଆ କର୍ମଚାରୀଙ୍କୁ ହାତ କରି ମାଫିଆମାନେ ଏଭଳି ବେପାରକୁ ବର୍ଷ ତମାମ ଜାରି ରଖୁଛନ୍ତି।

### ● ଧୂଷୁରୀ ଥାନାରେ ୮ ମେଳଣ କମିଟି ବୈଠକ

## ଶୋଭାଯାତ୍ରାରେ ବାଜିବନି ଡିଜେ



ଭଦ୍ରକ,୨୦।୨(ସମିସ): ଧୂଷୁରୀ ଥାନା ପରିସରରେ ବିଭିନ୍ନ ମେଳଣ କମିଟି ପକ୍ଷରୁ ଧାମନଗର ଏସ୍‌ଡିପିଓ ଅନିରୁଦ୍ଧ ମୁଦୁଲିଙ୍କ ନେତୃତ୍ୱରେ ଓ ଧୂଷୁରୀ ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେଙ୍କ ଉପସ୍ଥିତିରେ ଆଗକୁ ଆସୁଥିବା ମେଳଣ ପାଇଁ ଏକ ଶାନ୍ତି କମିଟି ବୈଠକ ଆହୁତ କରାଯାଇଥିଲା। ଉକ୍ତ ବୈଠକରେ ଧୂଷୁରୀ ଥାନାଞ୍ଚଳର ପ୍ରାୟ ୮ଟି ମେଳଣ କମିଟିର ସଭାପତି ଓ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ସମସ୍ତ କମିଟି ସଦସ୍ୟ ସର୍ବସମ୍ମତି କ୍ରମେ ଆସନ୍ତା ମେଳଣରେ ଡିଜେ ବାଜିବ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି।

ସୂଚନାଯୋଗ୍ୟ, ଗତ ଗୁରୁବାର ସନ୍ଧ୍ୟାରେ ଧୂଷୁରୀ ଥାନାରେ ମେଳଣ କମିଟି-ସହିଦନଗର ପଦା ମେଳଣ କମିଟି, ମଡ଼ାଗଡ଼ିଆ ମେଳଣ କମିଟି ଲୁଣିଆ, ବୟାଂଡିହି ମେଳଣ କମିଟି, କୋରୁଆ ମେଳଣ କମିଟି, ସୂର୍ଯ୍ୟପୁର ମେଳଣ କମିଟି, ଅର୍ଜୁନପୁର ମେଳଣ କମିଟି, ପାଳସାହି ମେଳଣ କମିଟି ଓ ଶ୍ରୀଶ୍ରୀ ବାସୁଦେବଧାମ ମେଳଣ କମିଟି, ଅର୍ଜୁନପୁରଙ୍କର ସମସ୍ତ କମିଟି ସଦସ୍ୟ, ଠାକୁରବାଡ଼ିଆମାନେ ଉପସ୍ଥିତ ଥିଲେ। ଅନୁଷ୍ଠିତ ବୈଠକରେ ଚଳିତ ବର୍ଷ ମେଳଣ/ଦୋଳଯାତ୍ରା କିପରି ଶାନ୍ତିଶୃଙ୍ଖଳା ସହିତ ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁସାରେ ପାଳନ କରିବାକୁ ନିଷ୍ପତି ହୋଇଥିଲା। ମେଳଣରେ ଅଂଶ ଗ୍ରହଣ କରୁଥିବା ଠାକୁରବାଡ଼ିଆ-ଶୋଭାଯାତ୍ରାକାରୀମାନେ କୌଣସି ପରିସ୍ଥିତିରେ ଡିଜେ ବ୍ୟବହାର କରିବେ ନାହିଁ, ପ୍ରତ୍ୟେକ ଶୋଭାଯାତ୍ରାକାରୀ ଉପଯୁକ୍ତ ଅଧିକାରୀଙ୍କଠାରୁ ଅନୁମତି ଆଣି ଅଳ୍ପ ସାଉଣ୍ଡରେ ମାଇକ୍ ବ୍ୟବହାର କରିବେ, ସମସ୍ତ ମେଳଣ କମିଟି, ମେଳଣ ପରିସରଭୁକ୍ତ ଅଞ୍ଚଳରେ ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା କରିବେ, ପ୍ରତ୍ୟେକ କମିଟି ସଭାପତି, ସମ୍ପାଦକଙ୍କ ସହିତ ୧୦ ଜଣ ଲେଖାଏଁ ସ୍ୱେଚ୍ଛାସେବୀ ବାଛିବେ ଯେଉଁମାନେ କି ପୁଲିସ ସହିତ ରହି ବିଭିନ୍ନ କାର୍ଯ୍ୟରେ ସାହାଯ୍ୟ କରିବେ ଓ ସେମାନଙ୍କର ନାମ, ଠିକଣା ଓ ମୋବାଇଲ ନମ୍ବର କମିଟି ଦେବେ, ଦୋଳ ମେଳଣ ବିମାନ ଯିବା ବାଟରେ ତଥା ଆଖପାଖରେ କୌଣସି ଦୋକାନ ବଜାର, ମୀନାବଜାର ଓ ଷ୍ଟଲ୍ ବସିବ ନାହିଁ ଆଦି ନିଷ୍ପତ୍ତି ହୋଇଥିଲା। ଏହି ବୈଠକରେ ମେଳଣ କମିଟି ସଭାପତି ଚକ୍ରଧର ମିଶ୍ର, ପ୍ରତାପ ମହାନ୍ତି, ଦିବାକର ବେହେରା, ବ୍ରଜକିଶୋର ଗୋସ୍ୱାମୀ, ତପନ ରାଉତ, ନିରାକାର ମଲ୍ଲିକ, ଅନିଲ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# କାର୍ଯ୍ୟକ୍ଷମ ହେଉନି ସ୍ୱାସ୍ଥ୍ୟ ଉପକେନ୍ଦ୍ର

ବାରିକପୁର,୨୦।୨(ସମିସ)



ଭଣ୍ଡାରିପୋଖରୀ ବ୍ଲକ୍ ମାଳଦା ହାଇସ୍କୁଲ ନିକଟସ୍ଥ ପଡ଼ିଆରେ ନିର୍ମିତ ହୋଇଥିବା ସ୍ୱାସ୍ଥ୍ୟ ଉପକେନ୍ଦ୍ରଟି ଏଯାଏଁ କାର୍ଯ୍ୟକ୍ଷମ ହେଉନାହିଁ। ମାଳଦା ଅଞ୍ଚଳଟି ଏକ ବନ୍ୟା ପ୍ରଭାବିତ ସ୍ଥାନ ହୋଇଥିବାବେଳେ ବର୍ଷା ଦିନେ ଲୋକେ ପ୍ରାଥମିକ ସ୍ୱାସ୍ଥ୍ୟ ସେବାରୁ ପ୍ରାୟତଃ ବଞ୍ଚିତ ହେଉଥିଲେ। ବନ୍ୟା ସମୟରେ ସାମାନ୍ୟ ଜ୍ୱର ଥଣ୍ଡା ହେଲେ ଲୋକମାନେ ବହୁ କଷ୍ଟରେ ଭଣ୍ଡାରିପୋଖରୀ କିମ୍ବା ଯାଜପୁର ଯାଉଥିଲେ। ଜରୁରୀକାଳୀନ ସେବା ଯୋଗାଇଦେବା ପାଇଁ ଏଠାରେ ଏକ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରତିଷ୍ଠା ପାଇଁ ବାରମ୍ବାର ଦାବି ହେଉଥିଲା। ତଦନୁଯାୟୀ, ୨୦୨୩/୨୪ ଆର୍ଥିକ ବର୍ଷରେ ମାଳଦାଠାରେ ଏକ ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ ପାଇଁ ଅର୍ଥ ବ୍ୟୟ ବରାଦ ହୋଇଥିଲା। ଏଥିପାଇଁ ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ପ୍ରାୟ ୩୦ ଲକ୍ଷ ଟଙ୍କା ବ୍ୟୟ ହୋଇଥିଲା। ଇତିମଧ୍ୟରେ ବ୍ଲକ୍ ପ୍ରଶାସନ ଜରିଆରେ ସ୍ୱାସ୍ଥ୍ୟ କେନ୍ଦ୍ରଟିର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଦୁଃଖର ବିଷୟ ନିର୍ମାଣ କାର୍ଯ୍ୟ ଶେଷ ହେବାକୁ ୬ ମାସ ବିତିଯାଇଥିଲେ ମଧ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ଏଯାଏଁ ରୋଗୀ ସେବା ଆରମ୍ଭ ହୋଇନାହିଁ। ପୂର୍ବ ଭଳି ରୋଗୀମାନେ ଏଣେତେଣେ ଯାଉଛନ୍ତି। ଉପକେନ୍ଦ୍ରର ପୂର୍ଣ୍ଣାଙ୍ଗ କାର୍ଯ୍ୟ ପରେ ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଓ ଅନ୍ୟାନ୍ୟ ଅଧିକାରୀମାନଙ୍କୁ ଅବଗତ କରାଯାଇଛି। ବିଶେଷ କରି ସ୍ୱାସ୍ଥ୍ୟ ବିଭାଗ ଏଯାଏଁ ସ୍ୱାସ୍ଥ୍ୟ କେନ୍ଦ୍ରଟିକୁ ନିଜ ହେପାଜତକୁ ନେଉନାହିଁ। ଫଳରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ନିର୍ମିତ ହୋଇଥିବା ଡାକ୍ତରଖାନା ଲୋକଙ୍କ ସେବାରେ ଲାଗୁନାହିଁ। ଯାହାକୁ ନେଇ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

### ସେମାନଙ୍କ ମତରେ...



▶ ଆମ ଅଞ୍ଚଳରେ ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ ପାଇଁ ଦାବି ହେଉଥିଲା। ଏବେ ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ ସରିଥିଲେ ସୁଦ୍ଧା ଏଠାକୁ କେହି ଡାକ୍ତର କିମ୍ବା ନର୍ସ ଆସୁନାହାନ୍ତି। ଏଠାରେ କେବେ ରୋଗୀ ସେବା ଆରମ୍ଭ ହେବ ତାହା ଆମେ ଜାଣି ପାରୁନାହୁଁ।

ରାମଚନ୍ଦ୍ର ମହାନ୍ତି, ଅବସରପ୍ରାପ୍ତ ଶିକ୍ଷକ



▶ ସ୍ୱାସ୍ଥ୍ୟ କେନ୍ଦ୍ରଟିର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ବ୍ଲକ୍ ପ୍ରଶାସନ ଦାୟିତ୍ୱ ହସ୍ତାନ୍ତର ପାଇଁ ସୁପାରିସ୍ କରିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ମୁଖ୍ୟ ରାସ୍ତାଠାରୁ ମେଡିକାଲକୁ ସଂଯୋଗ ରାସ୍ତା ନିର୍ମାଣ ହୋଇନାହିଁ। ତେଣୁ ସ୍ୱାସ୍ଥ୍ୟ କେନ୍ଦ୍ର କାର୍ଯ୍ୟକ୍ଷମ ହେବାରେ ବିଳମ୍ବ ହେଉଛି।

ଡା. ସରୋଜ ରାଉଳ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ, ଭଣ୍ଡାରିପୋଖରୀ



▶ ଡାକ୍ତରଖାନା ନିର୍ମାଣ ସରିଥିଲେ ମଧ୍ୟ ଆମେ କିନ୍ତୁ ସେବା ପାଉନାହୁଁ। ସ୍ୱାସ୍ଥ୍ୟ କେନ୍ଦ୍ରଟି ବାହାରକୁ ଚକ୍‌ଚକ୍ କରୁଥିଲେ ମଧ୍ୟ ଭିତରେ କିନ୍ତୁ ବୁଢ଼ିଆଣୀ ବସା କଲାଣି। କେନ୍ଦ୍ରଟି କାର୍ଯ୍ୟକ୍ଷମ ନ ହେଲେ ଆଉ କିଛି ଦିନ ପରେ ଜରାଜୀର୍ଣ୍ଣ ପାଲଟିଯିବ।

ଧରଣୀଧର ଦାସ, ସ୍ଥାନୀୟ ବାସିନ୍ଦା

# ସ୍ଥାୟୀ ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଢେଙ୍କାନାଳ,୨୦ ।୨(ସମିସ)



ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ ସଭାଗୃହ ଠାରେ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାର ସ୍ଥାୟୀ ବିକାଶ ଲକ୍ଷ୍ୟର ସଫଳ ରୂପାୟନ ପାଇଁ ଏକ ଜିଲ୍ଲା ସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ ଅଧ୍ୟକ୍ଷତା କରିଥିଲେ। ସାମଗ୍ରିକ ବିକାଶ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ୧୭ଟି ଦିଗ ଉପରେ ସଫଳତା ହାସଲ ନିମନ୍ତେ ସମସ୍ତ ବିଭାଗୀୟ ଅଧିକାରୀ, ନିର୍ବାଚିତ ପ୍ରତିନିଧି ଓ ଜନ ସାଧାରଣଙ୍କ ସହଯୋଗ ଓ ନିଷ୍ଠାପର ଉଦ୍ୟମ ପାଇଁ ଆହ୍ୱାନ ଦେଇଥିଲେ। ଯୋଜନା ଓ ପର୍ଯ୍ୟବେକ୍ଷଣର ଉପ ନିର୍ଦ୍ଦେଶକ ରାଜ ବଲ୍ଲଭ କର ସ୍ୱାଗତ ଭାଷଣ ଦେଇ ମାନବ ସମାଜର କଲ୍ୟାଣ ପାଇଁ କାର୍ଯ୍ୟକାରୀ ହେଉଥିବା ୧୭ଟି ଯୋଜନା ମଧ୍ୟରୁ ବିଶ୍ୱର ବିଭିନ୍ନ ଦେଶରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରାଯାଇପାରିଛି ବୋଲି ପ୍ରକାଶ କରିଥିଲେ। ଶ୍ରୀ ଶ୍ରୀ ୟୁନିଭରସିଟିର ପ୍ରଫେସର ସତ୍ୟଜିତ ଆର୍ଯ୍ୟ ରିସୋର୍ସ ପର୍ସନ ବିଶେଷଜ୍ଞ ଭାବେ ଯୋଗ ଦେଇ ୨୦୩୦ସୁଦ୍ଧା ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ଦିଗରେ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ। ମାନବ ସମାଜର ବିକାଶ ପାଇଁ କାର୍ଯ୍ୟକାରୀ ହେଉଥିବା ସମସ୍ତ ପ୍ରକାରର ଦାରିଦ୍ର୍ୟ ଦୂରୀକରଣ, କ୍ଷୁଧା ଦୂର କରିବା,ଖାଦ୍ୟ ସୁରକ୍ଷା ତଥା ପୁଷ୍ଟିକର ଖାଦ୍ୟ ପାଇଁ କୃଷିକୁ ପ୍ରୋତ୍ସାହିତ କରିବା, ପ୍ରତ୍ୟେକଙ୍କ ପାଇଁ ସୁସ୍ଥ ଓ ନିରାମୟ ଜୀବନ ସୁନିଶ୍ଚିତ କରିବା, ସମସ୍ତ ମହିଳା ଓ ବାଳିକାମାନଙ୍କର ସଶକ୍ତି କରଣ ତଥା ଲିଙ୍ଗଗତ ସମାନତା ହାସଲ କରିବା, ଜଳ ଓ ପରିମଳ ବ୍ୟବସ୍ଥା, ସମସ୍ତଙ୍କୁ ସୁଲଭ ମୂଲ୍ୟରେ ନିର୍ଭରଯୋଗ୍ୟ, ଦୀର୍ଘସ୍ଥାୟୀ ଓ ଆଧୁନିକ ଶକ୍ତି ଯୋଗାଇବା, ଅର୍ଥନୈତିକ ବିକାଶ ସହିତ ସମ୍ମାନପୂର୍ଣ୍ଣ ଉତ୍ପାଦନକ୍ଷମ ନିଯୁକ୍ତି ସୁଯୋଗ, ଦୀର୍ଘସ୍ଥାୟୀ ଶିଳ୍ପାୟନ ଏବଂ ନୂତନ ଉଦ୍ଭାବନ, ଦେଶ ଭିତରେ ଓ ଦେଶ ଦେଶ ମଧ୍ୟରେ ଥିବା ଅସମାନତାକୁ ହ୍ରାସ କରିବା। ସମସ୍ତ ସହର ଓ ଜନବସତି ଗୁଡିକୁ ସନ୍ତୁଳିତ ଓ ସୁରକ୍ଷିତ ରଖିବା, ସମସ୍ତ ସମ୍ବଳର ଦାୟୀତ୍ୱପୂର୍ଣ୍ଣ ବ୍ୟବହାର, ଜଳବାୟୁର ସୁରକ୍ଷା ପାଇଁ ଜରୁରୀକାଳୀନ ପଦକ୍ଷେପ ଗ୍ରହଣ, ସାମୁଦ୍ରିକ ସମ୍ବଳ ଗୁଡିକର ସଂରକ୍ଷଣ ଓ ଉପଯୁକ୍ତ ବ୍ୟବହାର, ମୃତ୍ତିକା ଓ ଜୈବ ବିବିଧତାର କ୍ଷୟକୁ ରୋକିବା, ଜଙ୍ଗଲ ବୃଦ୍ଧି କରିବା, ଶାନ୍ତିପୂର୍ଣ୍ଣ ଓ ସମ୍ମିଳିତ ସମାଜ ଗଠନ, ସମସ୍ତଙ୍କୁ ନ୍ୟାୟ ପ୍ରଦାନ କରିବା ସହିତ ଦୀର୍ଘସ୍ଥାୟୀ ବିକାଶ ନିମନ୍ତେ ବିଶ୍ୱସ୍ତରୀୟ ସହଭାଗିତାକୁ ମଜବୁତ କରି କାର୍ଯ୍ୟକ୍ରମ ଗୁଡ଼ିକର ସଫଳ ରୂପାୟନ ପାଇଁ ଉପାୟ ଗୁଡିକୁ ସୁଦୃଢ କରିବା ସମ୍ପର୍କରେ ସେ ଆଲୋକପାତ କରିଥିଲେ। ଯୋଜନା ଓ ପର୍ଯ୍ୟବେକ୍ଷଣର ସହକାରୀ ନିର୍ଦ୍ଦେଶକ ମନୋଜ କୁମାର ନାୟକ ଏହି ୧୭ଟି ଯୋଜନାର କାର୍ଯ୍ୟକାରୀତା ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ସଭ୍ୟ ସଭ୍ୟା, ସମସ୍ତ ବିଡିଓ ଏବଂ ତହସିଲଦାର, ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନେ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତି ରଞ୍ଜନ ସେଠୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବାପାଙ୍କ ସ୍ମୃତିରେ ଗୋ-ଦାନ କଲେ ଥାନା ଅଧିକାରିଣୀ

ଗଁଦିଆ,୨୦ ।୨(ସମିସ): ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ବ୍ଲକ ଅର୍ନ୍ତଗତ କାନପୁରା ଗାଁର ଦିପ୍ତିମୟୀ ବିଶ୍ୱାଳ। ବାପା କେଦାରନାଥ ବିଶ୍ୱାଳଙ୍କ ଅମର ଆତ୍ମାର ସଦଗତି ପାଇଁ ଗୋ ଦାନ କରିଛନ୍ତି। ନିଜର ସମସ୍ତ ଗାଇଗୋରୁ ଗୁଡିକୁ ସେ ଗଁଦିଆ ବ୍ଲକ ଲେଥକା ପଞ୍ଚାୟତ ଓରନ୍ଦା ସ୍ଥିତ ବ୍ରଜଭୂମି ଗୋଶାଳାକୁ ଦାନ କରିଛନ୍ତି। ଦିପ୍ତିମୟୀ ବର୍ତ୍ତମାନ ଛେଣ୍ଡିପଦାରେ ଥାନା ଅଧିକାରିଣୀ ଭାବେ କାର୍ଯ୍ୟରତ ଅଛନ୍ତି। ପ୍ରାୟ ୨୭ ବର୍ଷ ଧରି ବାପା କେଦାରନାଥ ଗାଇ ଗୋରୁଙ୍କ ଯତ୍ନ ଓ ଦାୟିତ୍ୱ ବହନ କରୁଥିଲେ। ନିକଟରେ ତାଙ୍କ ମୃତ୍ୟୁକୁ ନେଇ ପରିବାର ଲୋକେ ଭାଙ୍ଗି ପଡ଼ିଥିଲେ। ଏପରିକି ଗାଇଗୋରୁଙ୍କ ସେବା କରିବା ପାଇଁ ଏକ ବଡ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ସେ ବ୍ରଜଭୂମି ଗୋଶାଳା ସହିତ ତୃପ୍ତି ପାଠାଗାର ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସାହୁ ଜରିଆରେ ଯୋଗାଯୋଗ କରି ଗାଇ ଗୁଡିକୁ ପୂଜାର୍ଚ୍ଚନା କରି ଏକ ଗାଡିରେ ବିଦାୟ ଦେଇଥିଲେ। ଏପରିକି ମାଆ ସୁଲୋଚନା ଗାଇ ଗୁଡିକୁ ବିଦାୟ ଦେବା ବେଳେ ଭାବ ବିହ୍ୱଳ ହୋଇ ପଡ଼ିଥିଲେ।



ଏହି ଗୋଦାନ କାର୍ଯ୍ୟକ୍ରମରେ ବିଶ୍ୱହିନ୍ଦୁ ପରିଷଦ ରାଜ୍ୟ ଧର୍ମାଚାର୍ଯ୍ୟ ସହ ପ୍ରମୁଖ ମଳୟ କୁମାର ତ୍ରିପାଠୀ,ରବି ନାରାୟଣ ପାତ୍ର, ସୁଧାକର ସାହୁ, ଦିପକ ବିଶ୍ୱାଳ, ବିଶ୍ୱ ସନାତନ ଧର୍ମ ସେବା ଟ୍ରଷ୍ଟ,ଗୋଶାଳା କର୍ମକର୍ତ୍ତା ବିଭୁତି ମହାନ୍ତି, ମୁଖ୍ୟ ପରିଚାଳକ ବାବାଜୀ ସ୍ୱାଇଁ ସହଯୋଗ କରିଥିଲେ। ତୃପ୍ତି ପାଠାଗାର କର୍ମକର୍ତା ପୂର୍ଣ୍ଣଚନ୍ଦ୍ର ସାହୁ,ହୃଷିକେଶ ବିହାରୀ,ପ୍ରତାପ କୁମାର ନାୟକ କାନପୁରାରୁ ଓରନ୍ଦା ଗୋଶାଳା ପର୍ଯ୍ୟନ୍ତ ଗୋମାତାଙ୍କ ଦାଇତ୍ୱ ନେଇଥିଲେ।

## ଛତ୍ରପତି ଶିବାଜୀଙ୍କ ଜୟନ୍ତୀ ପାଳିତ



ଢେଙ୍କାନାଳ,୨୦ ।୨(ସମିସ): ସ୍ଥାନୀୟ ଗୁରୁଦେବଜୀ ଫାଉଣ୍ଡେସନ ପକ୍ଷରୁ ମହିଷାପାଟ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ହିନ୍ଦୁ ହୃଦୟ ସମ୍ରାଟ ମହାବୀର ଛତ୍ରପତି ଶିବାଜୀ ମହାରାଜଙ୍କ ତ୍ୟାଗ, ବୀରତ୍ୱ ଏବଂ ସଂଘର୍ଷର ଗାଥାକୁ ନେଇ ଶିବାଜୀ ମହାରାଜଙ୍କ ଜନ୍ମ ଜୟନ୍ତୀ ତଥା ଶିବ ଜୟନ୍ତୀ ଉପଲକ୍ଷେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଧର୍ମ ରକ୍ଷା, ରାଷ୍ଟ୍ର ରକ୍ଷା ଏବଂ ଅଖଣ୍ଡ ଭାରତରେ ହିନ୍ଦୁ ସାମ୍ରାଜ୍ୟ ବିସ୍ତାର ପାଇଁ ଯେଉଁଭଳି ଛତ୍ରପତି ଶିବାଜୀ ନିଜର ଅଦମ୍ୟ ସାହସ, ତ୍ୟାଗ, ସମର୍ପଣ ଭାବନା ରଖିଥିଲେ। ତାହା ଛାତ୍ର ଯୁବ ସମାଜ ପ୍ରେରଣା ନେବା ଆବଶ୍ୟକ ବୋଲି ମଞ୍ଚାସୀନ ଅତିଥିମାନେ ମତପ୍ରକାଶ କରିଥିଲେ। ପ୍ରଥମେ ଆବାହକ ଇଂ ସୌମ୍ୟବ୍ରତ ସାହୁ ଏହି ଜୟନ୍ତୀ ପାଳନର ଲକ୍ଷ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିବା ସହ ଶିବାଜୀ ମହାରାଜାଙ୍କ ବିରତ୍ୱ ଓ ସାହସ ବିଷୟରେ ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଯୁବ ସାମ୍ବାଦିକ ବିକାଶ ଚନ୍ଦ୍ର ପଣ୍ଡା, ମହାଦେବ ବାହିନୀର ସଦସ୍ୟ ଚନ୍ଦନ ସାହୁ, ମନୋରଞ୍ଜନ ଜେନା, ସଦର ଓଏଭିର ଅଧ୍ୟକ୍ଷ ମନମୋହନ ସାହୁ ପ୍ରମୁଖ ଯୋଗଦାନ କରି ଶିବାଜୀ ମହାରାଜାଙ୍କ ସମ୍ପର୍କରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଆଲୋଚନା ଚକ୍ରରେ ଉପସ୍ଥିତ ଥିବା ବହୁ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଶିବାଜୀଙ୍କ ସଂଘର୍ଷପୂର୍ଣ ଜୀବନୀକୁ ନେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଗୁରୁଦେବଜୀ ଫାଉଣ୍ଡେସନର ଅଧ୍ୟକ୍ଷ ଇଂ ସୌମ୍ୟବ୍ରତ ସାହୁ ପରିଚାଳନା କରିଥିବା ବେଳେ ଇନ୍ଦ୍ରଜିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## କେନ୍ଦୁପତ୍ର କର୍ମଚାରୀ ସଂଘର ଆନ୍ଦୋଳନ



କାମାକ୍ଷାନଗର,୨୦ ।୨(ସମିସ): ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଡାକରାରେ ୧୭ ଦଫା ଦାବିନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି କାମାକ୍ଷାନଗର ଓ ପରଜଙ୍ଗ କେନ୍ଦୁପତ୍ର ରେଞ୍ଜର କର୍ମଚାରୀ ମାନେ।ଉଭୟ ରେଞ୍ଜର କର୍ମଚାରୀ ମାନେ କାମାକ୍ଷାନଗର ଜିରିଡାମାଳି ଠାରେ ଥିବା ପରଜଙ୍ଗ ରେଞ୍ଜ କାର୍ଯ୍ୟାଳୟ ଓ କାମାକ୍ଷାନଗର ରେଞ୍ଜ କାର୍ଯ୍ୟାଳୟ ଆଗରେ କରୁଛନ୍ତି ଆନ୍ଦୋଳନ।ତୋଳାଳୀ ମାନଙ୍କର କେରି ଦର ବୃଦ୍ଧି, ସିଜିନାଲ କର୍ମଚାରୀ ମାନଙ୍କର ମଜୁରୀ ବୃଦ୍ଧି, ବନ୍ଧେଇ ଶ୍ରମିକଙ୍କ ଦର ବୃଦ୍ଧି, କେନ୍ଦୁପତ୍ର ଫଡ଼ି ଉଚ୍ଛେଦ ବନ୍ଦ କରିବା,ପ୍ରସ୍ତାବିତ ୫/୬ଟି ଡିଭିଜନରେ ପରୋକ୍ଷ ଘରୋଇକରଣ ବନ୍ଦ କରାଯିବା,କେନ୍ଦୁପତ୍ରରେ ଜିଏସଟି ହ୍ରାସ ପରେ ବିକ୍ରି ମୂଲ୍ୟ ବୃଦ୍ଧି ପାଇଁ ସମୀକ୍ଷା କରାଯାଉ,ବୋନସ ପ୍ରଦାନ ଶତକଡା ହିସାବରେ ଗତବର୍ଷଠାରୁ ଅଧିକ ବୃଦ୍ଧି କରାଯାଉ,ମୃତକ ପରିବାରଙ୍କ ମୃତ୍ୟୁ କାଳୀନ ସହାୟତା ୨ ଲକ୍ଷରୁ ୪ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଉ,ବିଭିନ୍ନ ଡିଭିଜନରେ ଖାଲି ପଡ଼ିଥିବା ସିଜିନାଲ କର୍ମଚାରୀଙ୍କ ସ୍ଥାନ ପ୍ରମୋସନ ଭିତ୍ତିରେ ପୁରଣ କରିବା ଭଳି ୧୭ ଦଫା ଦାବିରେ କରୁଛନ୍ତି ଆନ୍ଦୋଳନ। ୨ଦିନ ଧରି ଚାଲିବ ଏହି ଆନ୍ଦୋଳନ ଦାବି ପୂରଣ ନହେଲେ ଆନ୍ଦୋଳନ ତୀବ୍ରତର କରିବାକୁ ଦେଇଛନ୍ତି ଚେତାବନୀ। ଏଠାରେ ପରଜଙ୍ଗ ରେଞ୍ଜର ରେଞ୍ଜ ସମ୍ପାଦକ ରଞ୍ଜନ ନାଏକ,ଡିଭିଜନ କୋଷାଧ୍ୟକ୍ଷ ହରିଶ୍ଚନ୍ଦ୍ର ବିଶ୍ୱାଳ, ଭୀମସେନ ସାହୁ, ସୁରେଶ ଚନ୍ଦ୍ର ବିଶ୍ୱାଳ, କାମାକ୍ଷାନଗର ରେଞ୍ଜ ହେଡ ଚେକର ମକରଧ୍ୱଜ ସାହୁ,ନରେଶ ମହନ୍ତ, ଧ୍ୱଳେଶ୍ୱର ପ୍ରଧାନ, ଅମ୍ବୁଜ ସାହୁ, ଅଞ୍ଜଳି ସିଂ, ବିନତି ମହାନ୍ତ, ସବିତା ଦେହୁରୀ, ଧନେଶ୍ୱର ନାୟକ, ପ୍ରଶାନ୍ତ ପ୍ରଧାନ, ଦୟାନିଧି ବିଶ୍ୱାଳ, ନବକିଶୋର ବେହେରା, ପ୍ରକାଶ ଚନ୍ଦ୍ର ସାହୁଙ୍କ ସମେତ ଶତାଧିକ କର୍ମଚାରୀ କରିଛନ୍ତି ଆନ୍ଦୋଳନ।

ଢେଙ୍କାନାଳ: ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡ ଅନ୍ତର୍ଗତ କେନ୍ଦୁପତ୍ର ଗୋଦାମ ରଞ୍ଜାଗୋଳ ଠାରେ ୧୭ଦଫା ଦାବି ନେଇ କେନ୍ଦୁପତ୍ର ତୋଳାଳୀମାନେ ଗଣଧାରଣା ଦେଇଛନ୍ତି। କେନ୍ଦୁପତ୍ର ତୋଳାଳୀ ମାନଙ୍କର କେନ୍ଦୁପତ୍ର କେରି ପ୍ରତି ଦର ବୃଦ୍ଧି କରାଯିବା, କେନ୍ଦୁପତ୍ର ଫଡି ଉଚ୍ଛେଦ ବନ୍ଦ କରିବା, ବନ୍ଧେଇ ଶ୍ରମିକମାନଙ୍କ ପାଇଁ ବଣ୍ଡଲ ପ୍ରତି ଦର ବୃଦ୍ଧି କରିବା ଓ ବିଭିନ୍ନ ଡିଭିଜନରେ ଖାଲି ପଡ଼ିଥିବା ସିଜିନାଲ କର୍ମଚାରୀଙ୍କ ସ୍ଥାନ ପ୍ରମୋଶନ ଭିତ୍ତିରେ ପୂରଣ କରିବା ଆଦି ୧୭ଗୋଟି ଦାବିନେଇ କେନ୍ଦୁପତ୍ର କର୍ମଚାରୀ ସଂଘ ହିନ୍ଦୋଳ ପକ୍ଷରୁ କେନ୍ଦୁପତ୍ର ଗୋଦାମ ରଞ୍ଜାଗୋଳ ଗଣଧାରଣା ହେବ ବୋଲି ଜଣାପଡ଼ିଛି। ଏହି ଗଣଧାରଣାରେ ରଞ୍ଜାଗୋଳ ରେଞ୍ଜ ସମ୍ପାଦକ ଅଖିଳ ସାମଲଙ୍କ ସହ ଅନ୍ୟକର୍ମଚାରୀ ଗଣଧାରଣାରେ ସାମିଲ୍ ହୋଇ ଦାବିଗୁଡ଼ିକ ପୂରଣ ନିମନ୍ତେ ସ୍ଲୋଗାନ କକମାନ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ



ଠାରେ ଗଣଧାରଣା ଦିଆଯାଇଛି। ୧୭ ଦଫା ସମ୍ବଳିତ ଦାବୀ ପୂରଣରେ ସରକାରୀ ଅବହେଳା ପ୍ରତିବାଦ ସହ ଦାବୀ ପୂରଣ ପାଇଁ ଫେବୃଆରୀ ୨୦ ଓ ୨୧ ତାରିଖରେ ଉଦ୍ଦେଶ୍ୟରେ ୧୭ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ଦାୟିତ୍ୱରେ ଥିବା କେନ୍ଦୁପତ୍ର ରେଞ୍ଜର ନିର୍ମଳ ଚନ୍ଦ୍ର ବିଶ୍ୱାଳଙ୍କୁ ପ୍ରଦାନ କରିଥିଲେ।

## ସାଧବନଗରେ ଅଷ୍ଟପ୍ରହର ନାମଯଜ୍ଞ



ଭୁବନ,୨୦ ।୨(ସମିସ): ଭୁବନ ଏନ୍ଏସି ୱାର୍ଡ ନମ୍ବର-୧୧ ସାଧବ ନଗର ଲକ୍ଷ୍ମୀଛକରେ ଅଷ୍ଟପ୍ରହର ନାମଯଜ୍ଞ ଅବସରରେ ସଙ୍କୀର୍ତ୍ତନ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସାଧବନଗର ମୁରବୀ ବନବିହାରୀ ପୃଷ୍ଟି, ସଙ୍କୀର୍ତ୍ତନ ଆଖଡ଼ା ମୁରବୀ ଦୁର୍ଯ୍ୟୋଧନ ସାହୁ, ଜଗବନ୍ଧୁ ପୃଷ୍ଟି, ସୁରେନ୍ଦ୍ର କୁମାର ପୃଷ୍ଟି, ଚକ୍ରଧର ସାହୁ, ବେଣୁଧର ସାହୁ, ସରୋଜ କୁମାର ପୃଷ୍ଟି ସମେତ ସାହି ବାସିନ୍ଦାଙ୍କ ଆୟୋଜନ କ୍ରମେ ସଙ୍କୀର୍ତ୍ତନ ଗୁରୁ ହୃଦାନନ୍ଦ ବେହେରା, ରାମଚନ୍ଦ୍ର ରାଉତଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହେଇଥିଲା। ନଗର ସଙ୍କୀର୍ତ୍ତନ ମଣ୍ଡଳୀ ସଭାପତି କୋଦଣ୍ଡଧର ପାତ୍ର, ସମ୍ପାଦକ ପଞ୍ଚାନନ ରାଉତ, କୋଷାଧ୍ୟକ୍ଷ ରାମଚନ୍ଦ୍ର ରାଉତ, ସଂଯୋଜକ ଚକ୍ରଧର ସାହୁ, କୃଷ୍ଣଚନ୍ଦ୍ର ସାହୁ, କ୍ଷେତ୍ରବାସୀ ପୃଷ୍ଟିଙ୍କ ସମେତ ୨୨ଟି ସଙ୍କୀର୍ତ୍ତନ ଦଳ ଏକତ୍ରିତ ହେଇଥିଲେ। ସାଧବନଗର ମୁରବୀ ପୂର୍ଣ୍ଣଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ହୃଦ୍‌ଘାତରେ ଯୁବ ବ୍ୟବସାୟୀଙ୍କ ମୃତ୍ୟୁ

ପରଜଙ୍ଗ,୨୦ ।୨(ସମିସ): ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ ବଜାର ରେ ଦୀର୍ଘ ବର୍ଷ ହେବ ବ୍ୟବସାୟ କରୁଥିବା ପରଜଙ୍ଗ ଗ୍ରାମର ଯୁବ ବ୍ୟବସାୟୀ ନିର୍ମଳ ସାମଲ ୪୮ ଙ୍କର ଶୁକ୍ରବାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ହୃଦ୍‌ଘାତରେ ଅକାଳ ବିୟୋଗ ଘଟିଛି। ସୂଚନା ମତାବକ ମୃତ ବ୍ୟବସାୟୀ ଜଣକ କିଡିନି ରୋଗ ରେ ପୀଡିତ ହୋଇ ଡାଇଲେସିଶି ହେଉଥିଲେ। ଶୁକ୍ରବାର ଭୋର କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟ




ରେ ଡାୟିଲେସିଶି ହେଉଥିବା ସମୟରେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସିତ ଅବସ୍ଥାରେ ରକ୍ତଚାପ କମିଯାଇଥିଲା। ଫଳରେ ହୃଦୁଘାତରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତାଙ୍କର ଛୋଟ ଛୋଟ ଦୁଇଟି ପୁଅ ଝିଅ ଅଛନ୍ତି। ତାଙ୍କ ବିୟୋଗରେ ପରଜଙ୍ଗ ବଜାର ର ସମସ୍ତ ଦୋକାନ ବନ୍ଦ ରହିବା ସହ ବହୁ ମାନ୍ୟ ଗଣ ବ୍ୟକ୍ତି ତାଙ୍କ ନିଜ ବାସଭବନ ରେ ଶେଷ ଦର୍ଶନ କରିଥିଲେ।

## ଆଶ୍ରମ ବିଦ୍ୟାଳୟର ୬୫ତମ ବାର୍ଷିକ ଉତ୍ସବ

ଢେଙ୍କାନାଳ,୨୦ ।୨(ସମିସ): ଫସାଇଲୋ ଆଶ୍ରମ ବିଦ୍ୟାଳୟର ୬୫ତମ ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଅଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମୁନା ବେହେରାଙ୍କ ସଭାପତିତ୍ୱରେ ଉତ୍ସବଟି ପରିଚାଳିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସଦର ବ୍ଲକ୍‌ର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅୟସକାନ୍ତ ଦାସ, ମୁଖ୍ୟବକ୍ତା ଭାବେ ମଙ୍ଗଳପୁର କ୍ଲଷ୍ଟରର ସିଆରସିସି ପ୍ରିୟବ୍ରତ ସାହୁ ସମ୍ମାନିତ ଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ପ୍ରତିନିଧି ଧ୍ରୁବ ଚରଣ ରାଉତ। ସମ୍ମାନୀତ ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ମହାପାତ୍ର ଓ ଭାଲିଆବୋଲ ଗ୍ରାମ ପଞ୍ଚାୟତରେ ଯୁବ ସରପଞ୍ଚ ପ୍ରତାପ କୁମାର ବେହେରା ତଥା ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଆରତ ପଧାନ ଯୋଗଦେଇଥିଲେ। ଏହାସହ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ରଶ୍ମିରେଖା ମିଶ୍ର ଓ ସହକାରୀ ଶିକ୍ଷୟିତ୍ରୀ ମାନିନୀ ଦାସ ସଭାକାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ମୁଖ୍ୟଅତିଥି ଶ୍ରୀ ଦାସ ଛାତ୍ରଛାତ୍ରୀମାନଙ୍କର ସାମଗ୍ରୀକ ବିକାଶ ଦିଗରେ ନାଚ, ଖେଳକୁଦର ପ୍ରମୁଖ ଭୂମିକା ରହିଛି। ଉତ୍ତମ ଚରିତ୍ର ଗଠନ ଓ ବିଭିନ୍ନ ପ୍ରତିବନ୍ଧକର କିପରି ସାମ୍ନା କରି ଆଗକୁ ବଢିବ ସେଥିପାଇଁ ପ୍ରେରଣା ଦେଇଥିଲେ। ମୁଖ୍ୟବକ୍ତା ପ୍ରିୟବ୍ରତ ସାହୁ ଶିକ୍ଷା, କ୍ରୀଡା, ନୃତ୍ୟ ସଙ୍ଗୀତ ଆଦି ସହପାଠ୍ୟ କାର୍ଯ୍ୟକ୍ରମରେ ଭାଗନେବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିବା ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ମହାପାତ୍ର ଜୀବନ ଦର୍ଶନ ଓ ଶୃଙ୍ଖଳା ଜ୍ଞାନ ଉପରେ ମତ ରଖିଥିଲେ। ସ୍ଥାନୀୟ ସରପଞ୍ଚ ବେହେରା ସଂସ୍କାର ଓ ଶିକ୍ଷା, ଚରିତ୍ର ଗଠନ ଛାତ୍ର ଜୀବନର ବ୍ରତ ହେବା ଉଚିତ ବୋଲି ଦୃଢ ମତବୋଷଣ କରିଥିଲେ। ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ବିଭିନ୍ନ ଛାତ୍ରଛାତ୍ରୀମାନଙ୍କୁ ନିମନ୍ତ୍ରିତ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ପୁରସ୍କାର ବଣ୍ଟନ କରାଯାଇଥିଲା। ପରିଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇ ଆଜିର କାର୍ଯ୍ୟକ୍ରମକୁ ସମାପ୍ତ କରାଯାଇଥିଲା। ପ୍ରଧାନଶିକ୍ଷକ ଶ୍ରୀ ବେହେରା ବିବରଣୀ ପଠନ କରିଥିବାବେଳେ ବରିଷ୍ଠ ଶିକ୍ଷୟିତ୍ରୀ ଶ୍ରୀମତୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



## ନୂଆ କୋରିଆଁରେ ଅଷ୍ଟପ୍ରହର ନାମଯଜ୍ଞ

ଢେଙ୍କାନାଳ,୨୦ ।୨(ସମିସ): ଢେଙ୍କାନାଳ ଉପକଣ୍ଠ ନୂଆ କୋରିଆଁ ଗ୍ରାମରେ ୭୨ତମ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଅଛି। କଳସଯାତ୍ରା କରାଯାଇ କୁଞ୍ଜରେ ରାଧାକୃଷ୍ଣଙ୍କୁ ସ୍ଥାପନ କରାଯାଇଥିଲା। ଏହି ଅବସରରେ ଅଖଣ୍ଡଦୀପ ସ୍ଥାପନ ଓ ଅଧିବାସ ପୂଜା ଆରମ୍ଭ କରାଯାଇଥିଲା। ଶୁକ୍ରବାର ସକାଳ ୬ ଘଟିକାଠାରୁ ନାମ ଆରମ୍ଭ ହୋଇ ଆସନ୍ତାକାଲି ସକାଳ ୬ ଘଟିକା ପର୍ଯ୍ୟନ୍ତ ଚାଲୁ ରହିବ। ଆଖପାଖ ଅଂଚଳର ପ୍ରାୟ ୧୦ ଦଳ କୀର୍ତନ ମଣ୍ଡଳୀ ଯୋଗଦାନ କରି ସଂକୀର୍ତନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଇଣ୍ଡିଆନ୍ ପୋଟାସ୍ ଲିଃର ସାଧାରଣ ପରିଚାଳକ ବିକାଶ କୁମାର ଚୌଧୁରୀ ଯୋଗଦାନ କରି ପ୍ରଭୁଙ୍କର କୃପାଲାଭ କରିଥିଲେ। ଆସନ୍ତାକାଲି ନଗରକୀର୍ତନ ଓ ପ୍ରସାଦସେବନ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମକୁ ନୂଆକୋରିଆଁ ଗ୍ରାମବାସୀମାନେ ଭକ୍ତିର ସହିତ ଯୋଗଦାନ କରି ସହଯୋଗ କରିଥିଲେ।

## ତଳବେରଣା କ୍ରିକେଟ ଟୁର୍ଣ୍ଣାମେଣ୍ଟ; ଗଇଲୋ ଚାମ୍ପିଅନ

ପରଜଙ୍ଗ,୨୦ ।୨(ସମିସ): ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ ବ୍ଲକ ଅର୍ନ୍ତଗତ ସାଆନ୍ଦା ପଞ୍ଚାୟତ ତଳବେରଣା କ୍ରିକେଟ ଟିମ୍ ଅନୁକୁଲ୍ୟ ରେ ଗତ ୧୨ ତାରିଖଠାରୁ ତଳବେରେଣା ମା କାଳୀ ପଡ଼ିଆରେ ଚାଲିଥିବା ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଦିନ ଉଦଯାପିତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟ ରେ ମୋଟ ୮ ଟି ଟିମ ଅଂଶ ଗ୍ରହଣ କରିଥିଲେ। ଶୁକ୍ରବାର ଫାଇନାଲ ମ୍ୟାଚ ରେ ଗଇଲୋ ସହିତ ଶିଆରିମାଳିଆ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଶିଆରିମାଳିଆ ଟିମ୍ ଟସ୍ ଜିତି ପ୍ରଥମେ ଗଇଲୋକୁ ବ୍ୟାଟିଂ କରିବାକୁ ନିମନ୍ତ୍ରଣ କରିଥିଲା। ଗଇଲୋ ପ୍ରଥମେ ବ୍ୟାଟିଂଙ୍ଗ୍ କରି ନିର୍ଦ୍ଧାରିତ ୧୦ ଓଭର ରେ ୫ ୱିକେଟ ହରେଇ ୧୩୧ ରନ ସଂଗ୍ରହ କରିଥିଲେ। ଜବାବରେ ୧୩୨ ରନ ଲକ୍ଷ କୁ ନେଇ ଶିଆରିମାଳିଆ ୧୦ ଓଭର ରେ ୬ ୱିକେଟ ହରେଇ ୧୦୩ ରନ ସଂଗ୍ରହ କରିପାରିଥିଲା। ଫଳରେ ଗଇଲୋ ଟିମି ଚମ୍ପିଆନ ହୋଇଥିଲା। ଏହି ଉଦଯାପନୀ କ୍ରୀଡାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଜୟନ୍ତୀ ଦାସ, ସମ୍ମାନୀତ ଅତିଥି ଭାବେ ରମେଶ ମିଶ୍ର ଓ ସାମାଜିକ କର୍ମୀ ଆଶିଷ ପଣ୍ଡା, ଭାଜପା କର୍ମୀ ରଙ୍ଗାଧର ପାଣି, ମୋନୋହର ଦାସ ପ୍ରମୁଖ ଯୋଗ ଦେଇ ଚମ୍ପିୟାନ ଟିମ କୁ ଟ୍ରଫି ସହ ଅର୍ଥ ରାଶି ଏବଂ ରନରସ ଅପ ଟିମି କୁ ଟ୍ରଫି ସହ ଅର୍ଥ ରାଶି ପ୍ରଦାନ କରିଥିଲେ। ଆମ୍ପାୟାରେ ଭାବେ ଗୌତମ ପ୍ରଧାନ ଓ ଶୁଭଙ୍କର ବେହେରା କାର୍ଯ୍ୟ ତୁଲାଇ ଥିବା ବେଳେ ସୋମନାଥ ପଣ୍ଡା ଧାରା ବିବରଣୀ ପ୍ରଦାନ କରିଥିଲେ। ସ୍କୋରର ଭାବେ ଲିପୁ ବେହେରା କାର୍ଯ୍ୟ ତୁଲାଇଥିଲେ।



## ଯୁବ ସଙ୍କଳ୍ପ ବିକାଶ ଅଭିଯାନ କାର୍ଯ୍ୟକ୍ରମ

ଖଜୁରିଆକଟା,୨୦ ।୨(ସମିସ): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ବିଧାନସଭା ଓଡାପଡା ବ୍ଲକ ଅନ୍ତର୍ଗତ ଗୁଡିଆକାଟେଣି ଛକ ନିକଟରେ ଯୁବ ସଙ୍କଳ୍ପ ବିକାଶ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଗୋପବନ୍ଧୁ କ୍ଲବ ଆନୁକୁଲ୍ୟରେ ମେରା ଯୁବ ଭାରତ ସହାୟତା ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶଶାଙ୍କ ଶେଖର ମହାପାତ୍ର ମୂଖ୍ୟ ଅତିଥି ରୂପେ ଯୋଗଦେଇ ଗ୍ରାମାଞ୍ଚଳରେ ଥିବା ବିଭିନ୍ନ କ୍ଲବ୍ ଯୁବକ ସଂଘ, ସ୍ୱୟଂ ସହାୟକ ଗୋଷ୍ଠୀ ର ସଦସ୍ୟ ମାନଙ୍କର କାର୍ଯ୍ୟକଳାପ ଉପରେ ଆଲୋକପାତ କରିବା ସହିତ ସରକାରଙ୍କ ନିକଟରେ ପଞ୍ଜିକରଣ କରିବାକୁ ପରାମର୍ଶ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୂଖ୍ୟ ବକ୍ତା ଭାବେ ନେତାଜୀ ଯୁବ ସମିତି ନିର୍ଦ୍ଦେଶକ ଭରତ ଚନ୍ଦ୍ର ବେହେରା, ଯୋଗ ଦେଇ ପଞ୍ଚାୟତ ରାଜ, ସୂଚନା ଅଧିକାର ଆଇନ, ସାମାଜିକ ସୁରକ୍ଷା ଉପରେ ଆଲୋଚନା କରିଥିଲେ। ଶେଷରେ ସୁପ୍ରଭା ମଞ୍ଜୁରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



## କଂଗ୍ରେସର ଅନୁସୂଚିତ ଜାତି ଓ ଜନଜାତି ଜାଗରଣ ସମାବେଶ

ଗଁଦିଆ,୨୦ ।୨(ସମିସ)




କଂଗ୍ରେସ ପକ୍ଷରୁ ଅନୁସୂଚିତ ଜାତି ଓ ଜନଜାତି ଜାଗରଣ ସମାବେଶ ଅନୁଷ୍ଠିତ ହୋଇଛି। ଗଁଦିଆ ବ୍ଲକ ସଭାପତି ଡ. ବନମାଳୀ ଦାସଙ୍କ ନେତୃତ୍ୱରେ ବାଇକ୍ ଶୋଭାଯାତ୍ରା କପିଳାସ ଛକରୁ ବାହାରିଥି। ଏଥିରେ ଢେଙ୍କାନାଳ ଜିଲ୍ଲା ସଭାପତି ଛବିରାଜ ବିଶ୍ୱାଳ ସାମିଲ ହୋଇଥିଲେ। ଶୋଭାଯାତ୍ରା ଶ୍ରୀରାମଚନ୍ଦ୍ରପୁରରେ ପହଞ୍ଚିବା ପରେ ଜିଲ୍ଲା ସଭାପତି ସେଠାରେ ନୂତନ ଦଳୀୟ କାର୍ଯ୍ୟାଳୟ ଉଦଘାଟନ କରିଥିଲେ। ପରେ ଶୋଭାଯାତ୍ରା ସମାବେଶ ସ୍ଥଳକୁ ଯାଇଥିଲା। ଦଳୀୟ କର୍ମୀମାନେ ହାତରେ ବିଭିନ୍ନ ପ୍ଲାକାର୍ଡ ଧରିବା ସହ ଦୁର୍ନୀତିଗ୍ରସ୍ତ ବିଜେପି ସରକାର ତୁରନ୍ତ ଗାଦିଛାଡ଼ ନାରା ଦେଇଥିଲେ। ଜିଲ୍ଲା ସଭାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ମୁଖ୍ୟଅତିଥି ଭାବେ ପିସିସି ସଭାପତି ଭକ୍ତଚରଣ ଦାସ ଯୋଗଦେଇ ଦେଶ ତଥା ରାଜ୍ୟରେ ଚାଲିଥିବା ଅପାରଗ ଡବଲ ଇଞ୍ଜିନ ସରକାର ଉପରେ ବର୍ଷିଥିଲେ। ଆମ ରାଜ୍ୟର ଜଣେ ଆଦିବାସୀ ମହିଳା ଆଜି ଦେଶର ସର୍ବୋଚ୍ଚ ଆସନ ରାଷ୍ଟ୍ରପତି ପଦବୀରେ ଅଛନ୍ତି। କିନ୍ତୁ ତାଙ୍କୁ ରାମମନ୍ଦିର ପ୍ରତିଷ୍ଠା ଉତ୍ସବ ହେଉ କିମ୍ବା ନୂତନ ସଂସଦ ଭବନ ଉଦଘାଟନ କାର୍ଯ୍ୟକ୍ରମରେ ସାମିଲ କରାଗଲାନାହିଁ। ଏହା ଆମ ପ୍ରତି ଘୋର ଅପମାନ ବୋଲି ସେ କହିଥିଲେ। ସେହିପରି ଆମ ରାଜ୍ୟର ମୁଖ୍ୟମନ୍ତ୍ରୀ ଜଣେ ଆଦିବାସୀ ହୋଇତିଲେ ମଧ୍ୟ କେନ୍ଦ୍ର ବିଜେପି ସରକାର ଆମକୁ ଲଣ୍ଠନ ଦେଖାଇ ଖଣିଖାଦାନ ଲୁଟ୍ କରି ଚାଲିଛି। ସମୟ ଆସିଛି ଆମେ ଏହି ସରକାରକୁ ହଟାଇ ଆମର ଦୁଃଖସୁଖର ସାଥୀ କଂଗ୍ରେସକୁ ଦିଲ୍ଲୀରୁ ଆରମ୍ଭ କରି ଭୁବନେଶ୍ୱରରେ ଶାସନକୁ ଫେରାଇ ଆଣିବାକୁ ସେ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ସାଂସଦ ନଗେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମାବେଶରେ ଜିଲ୍ଲାର ସମସ୍ତ ୮ ବ୍ଲକର ସଭାପତି ଉପସ୍ଥିତ ଥିଲେ। ବରିଷ୍ଠ ନେତା ପ୍ରେମଶଙ୍କର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସମାବେଶରେ ବ୍ଲକର ସମସ୍ତ ୨୯ ପଞ୍ଚାୟତରୁ ଶତାଧିକ ପୁରୁଷ ଓ ମହିଳା ଯୋଗଦେଇଥିଲେ।